

ପ୍ରେମଚନ୍ଦଙ୍କ ତେରଟି ଶିଶୁଗପ

ସଂକଳନ ଓ ସଂପାଦନ
ହରିକୃଷ୍ଣ ଦେବସରେ

ଅନୁବାଦ
ମହେଶ୍ୱର ମହାନ୍ତି

Digitized by srujanika@gmail.com

ନେହେରୁ ବାଳ ପୁସ୍ତକାଳୟ

ପ୍ରେମଚନ୍ଦଙ୍କ

ତେରଟି ଶିଶୁଗପ

ସଂକଳନ ଏବଂ ସଂପାଦନ
ହରିକୃଷ୍ଣ ଦେବସରେ

ଅନୁବାଦ
ମହେଶ୍ୱର ମହାନ୍ତି

ଚିତ୍ରାଙ୍କନ
ପାର୍ଥ ସେନଗୁପ୍ତା

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com

ISBN 81-237-4804-X

2006 (ଶକାବ୍ଦ 1928)

ମୂଳ ଓ ଅନୁବାଦ© ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Premchand Ki Terah Bal Kahaniyan (*Oriya*)

ଟ. 40.00

ନିର୍ଦ୍ଦେଶକ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

ଏ- 5, ଗ୍ରୀନ୍ ପାର୍କ, ନୂଆଦିଲ୍ଲୀ - 110016 କର୍ତ୍ତୃକ ପ୍ରକାଶିତ ।

Digitized by srujanika@gmail.com

ସୂଚୀପତ୍ର

ଭୂମିକା	vii
ମିଠୁ	1
ପାଗଳ ହାତୀ	5
ସିଂହ ଓ ବାଳକ	9
ଚୋରି	14
ଡାକବାଲା	25
ଡାବଲପୁଆ	41
ଦୁଇ ବଳଦଙ୍କ କାହାଣୀ	52
ପଞ୍ଚ ପରମେଶ୍ୱର	68
ଅବୋଧ ବନ୍ଧୁ	83
ବଡ଼ଭାଇ	90
ଗୋଟିଏ କୁକୁରର ଆତ୍ମକଥା	102
ପୌଷ ରାତି	149
ନିମକ ଦାରୋଗା	158

Digitized by srujanika@gmail.com

ଭୂମିକା

ହିନ୍ଦୀ ସାହିତ୍ୟରେ ଯେଉଁ ମହାନ କଥାକାରମାନେ ବଡ଼ମାନଙ୍କ ପାଇଁ ବିପୁଳ କଥାସମ୍ଭାର ସୃଷ୍ଟିକରିବା ସଙ୍ଗେସଙ୍ଗେ ପିଲାମାନଙ୍କ ପାଇଁ ମଧ୍ୟ କିଛି ଲେଖିଛନ୍ତି, ସେମାନଙ୍କ ମଧ୍ୟରେ ପ୍ରେମଚନ୍ଦ ହେଉଛନ୍ତି ଅନ୍ୟତମ । ତାଙ୍କ ସମୟରେ ଗୋଟିଏ ଦିଗରେ ସ୍ୱାଧୀନତା ସଂଗ୍ରାମ ପୂରା ଦମ୍‌ରେ ଚାଲିଥାଏ ଏବଂ ତତ୍ ସହିତ ଦେଶର ପ୍ରତ୍ୟେକ ଶିଶୁଠାରେ ଜାତୀୟ ଭାବନା ଜାଗ୍ରତ କରାଯାଉଥାଏ । ଅପର ପକ୍ଷରେ ଇଂରାଜୀ ଭାଷା ଏବଂ ଇଂରାଜୀ ସଂସ୍କୃତିର ପ୍ରଭାବ ଏଭଳି ବ୍ୟାପିଯାଇଥାଏ ଯେ ଭାରତୀୟ ସମାଜ ଏକ ବିଚିତ୍ର ସ୍ଥିତିରେ ପଡ଼ିଯାଇଥାଏ । ଗୋଟିଏ ପକ୍ଷରେ ସ୍ୱଦେଶୀ ଭାବନା ସହିତ ଆମର ନୈତିକ ମୂଲ୍ୟବୋଧ ତଥା ପାରମ୍ପରିକ ସଭ୍ୟତା ଓ ସଂସ୍କୃତିର ସୁରକ୍ଷା ପ୍ରଶ୍ନ ଜଡ଼ିତ ଥିବାବେଳେ ଅପର ପକ୍ଷରେ ଭାରତୀୟମାନଙ୍କ ମନରେ ବିଶ୍ୱରେ ଘଟିଯାଉଥିବା ବିଜ୍ଞାନର ପ୍ରଗତି ଏବଂ ନୂତନ ନୂତନ ଅନ୍ୱେଷଣ ଦିଗରେ ଏକ ଜାଗରଣ ଆସିଯାଇଥାଏ । ପାଶ୍ଚାତ୍ୟ ସଂସ୍କୃତିର ବିରୋଧ ଏବଂ ସ୍ୱଦେଶୀ ଭାବନାର ଜାଗରଣ ଆମ ସ୍ୱାଧୀନତା ଆନ୍ଦୋଳନର ଧ୍ୱନି ପାଲଟି ଯାଇଥାଏ । ମହାତ୍ମାଗାନ୍ଧିଙ୍କ ବ୍ୟକ୍ତିତ୍ୱର ପ୍ରଭାବ, ଖଦିର ପ୍ରସାର ଓ ବିଦେଶୀ ବସ୍ତ୍ର ପୋଡ଼ି, ଏସବୁ ସେ କାଳରେ ଚର୍ଚ୍ଚାର ବିଷୟ ଥିଲା । ଭାରତୀୟ ଏବଂ ପାଶ୍ଚାତ୍ୟ ମୂଲ୍ୟବୋଧର ସଂଘର୍ଷ ଭାରତୀୟ ସମାଜ ପାଇଁ ଏକ ବିଚିତ୍ର ସମସ୍ୟା ସୃଷ୍ଟିକରିଥିଲା । ପିଲାମାନଙ୍କ ପାଇଁ ସେତେବେଳେ ଯେଉଁ ସବୁ ପତ୍ରିକା ପ୍ରକାଶ ପାଉଥିଲା, ଯଥା – 'ବାଲସଖା' ଓ 'ବାନର' ଇତ୍ୟାଦି ସେଗୁଡ଼ିକ ଗୋଟିଏ ମଝିମଝିଆ ରାସ୍ତା ବାହାରକରି ପିଲାମାନଙ୍କୁ ଏଭଳି କିଛି ରଚନା ପଢ଼ିବାକୁ ଦେଉଥିଲେ, ଯେଉଁଗୁଡ଼ିକ ସେମାନଙ୍କଠାରେ ବୁନିୟାଦୀ ମୂଲ୍ୟବୋଧର ସୁରକ୍ଷା ସଙ୍ଗେସଙ୍ଗେ ପିଲାମାନଙ୍କୁ ସମସାମୟିକ କାଳର ବିଚାରଧାରା ପ୍ରତି ମଧ୍ୟ ସଚେତନ କରି ରଖୁଥିଲା । ସେ ସମୟରେ ହିନ୍ଦୀରେ ଅନେକ ବରିଷ୍ଠ କବି ଏବଂ ଲେଖକ ପିଲାମାନଙ୍କ ପାଇଁ ଲେଖନୀ ଚାଳନା କରୁଥିଲେ ଏବଂ ସେମାନଙ୍କୁ ରାଷ୍ଟ୍ରୀୟ ଭାବନା, ସ୍ୱଦେଶୀ ଏବଂ ଭାରତୀୟ ନୈତିକ ମୂଲ୍ୟବୋଧ ଇତ୍ୟାଦିର ବାର୍ତ୍ତା ଦେବା ସଙ୍ଗେସଙ୍ଗେ ବିଜ୍ଞାନ ଓ ନୂତନ ଜଗତ ସହିତ ମଧ୍ୟ ପରିଚିତ କରାଉଥିଲେ । ପ୍ରେମଚନ୍ଦ ସେହି ସମୟରେ ପିଲାମାନଙ୍କ ପାଇଁ ଯାହା ସବୁ ଲେଖିଛନ୍ତି, ସେଗୁଡ଼ିକ ମଧ୍ୟ ସେକାଳର ପିଲାମାନଙ୍କଠାରେ ନୈତିକତା, ସାହସ, ସ୍ୱାଧୀନ

Digitized by srujanika@gmail.com

ବିଚାରବୋଧ, ଅଭିବ୍ୟକ୍ତି ଏବଂ ଆତ୍ମରକ୍ଷାର ଭାବନା ଜାଗ୍ରତ କଲାଭଳି ରଚନା ବୋଲି ବିଚାରସିଦ୍ଧ ହୋଇଅଛି ।

ପ୍ରେମଚନ୍ଦ ନିର୍ଦ୍ଦିଷ୍ଟଭାବେ ପିଲାମାନଙ୍କ ନିମନ୍ତେ ଯେଉଁସବୁ କାହାଣୀ ରଚନା କରିଛନ୍ତି, ସେଗୁଡ଼ିକ ସଂପର୍କରେ ଆଲୋଚନା କରିବାକୁ ଯିବା ପୂର୍ବରୁ ଏହା ପ୍ରଥମେ ଜାଣିବା ଉଚିତ ଯେ ପିଲାମାନଙ୍କ ସଂପର୍କରେ ସେତେବେଳେ ସେ କ'ଣ ଚିନ୍ତା କରୁଥିଲେ । ନିଶ୍ଚିତ ଭାବରେ ତାଙ୍କର ସେଇ ଚିନ୍ତାଧାରା ତାଙ୍କ ଶିଶୁକାହାଣୀ ଗୁଡ଼ିକରେ ପ୍ରତିଫଳିତ ହୋଇଛି । ପ୍ରେମଚନ୍ଦ 1930 ମସିହାରେ ହଂସ ପତ୍ରିକାରେ ଏକ ସଂପାଦକୀୟ ଲେଖିଥିଲେ, ଯାହାର ଶୀର୍ଷକ ଥିଲା 'ଶିଶୁମାନଙ୍କୁ ସ୍ୱାଧୀନ କର ।' ସେହି ଲେଖାରେ ସେ ଶିଶୁମାନଙ୍କ ପ୍ରତି ତାଙ୍କର ସମକାଳୀନ ବିଚାରଧାରା ସଂପର୍କରେ ଉଲ୍ଲେଖ କରିଥିଲେ । ସେ ଲେଖିଥିଲେ, 'ପିଲାଙ୍କୁ ମୁଖ୍ୟତଃ ଏଭଳି ଶିକ୍ଷା ଦିଆଯିବା ଉଚିତ, ଯେପରିକି ସେ ଜୀବନରେ ନିଜର ସୁରକ୍ଷା ନିଜେ କରିପାରିବ । ପିଲାମାନଙ୍କ ମଧ୍ୟରେ ଏଭଳି ବିଚାରବୋଧ ରହିବା ଉଚିତ୍ ସେମାନେ ଯେପରି ପ୍ରତ୍ୟେକ କାମର ଦୋଷଗୁଣ ଅନ୍ତର୍ଦୃଷ୍ଟିରେ ଦେଖାପାରିବେ ।' ପ୍ରେମଚନ୍ଦ ପିଲାମାନଙ୍କୁ ପରିବାରରେ ଶୃଙ୍ଖଳିତ ଏବଂ ବାଧ୍ୟ ରୂପେ ତ ଦେଖିବାକୁ ଚାହୁଁଥିଲେ; କିନ୍ତୁ ସେ ଏକଥା ପସନ୍ଦ କରୁନଥିଲେ ଯେ ପିତାମାତା ଜଣେ ଡିକ୍ଟେଟର ଭଳି ନିଜ ହାତରେ ସେମାନଙ୍କ ରିମୋଟ କଣ୍ଟ୍ରୋଲ ରଖିବେ । ସେ ଭାବୁଥିଲେ, ପିତାମାତାଙ୍କ ରିମୋଟ କଣ୍ଟ୍ରୋଲରେ ପରିଚାଳିତ ପିଲାମାନଙ୍କର ନା ହୁଏ ବିକାଶ, ନା ମିଳେ ଜୀବନରେ ସଫଳତା । ପିଲାମାନଙ୍କର ମୌଳିକ ବିଚାରକୁ ସମ୍ମାନ ଦିଆଯିବା ଉଚିତ ଏବଂ ସେମାନେ ଜୀବନରେ କିଛି କରିବାକୁ ଅବସର ପାଇବା ଉଚିତ୍ ।

ପ୍ରେମଚନ୍ଦ ନିଜର ଏହି ବିଚାର-ଭୂମି ଉପରେ ଶିଶୁକାହାଣୀ ରଚନା କରିଛନ୍ତି । 'ଜଙ୍ଗଲ କୀ କହାନିୟାଁ' ନାମକ ତାଙ୍କର ଗୋଟିଏ ପୁସ୍ତକରେ ଏଭଳି କିଛି କାହାଣୀ ଅଛି, ଯେଉଁଗୁଡ଼ିକ ନିର୍ଦ୍ଦିଷ୍ଟଭାବେ ଶିଶୁମାନଙ୍କ ଉଦ୍ଦେଶ୍ୟରେ ଅଭିପ୍ରେତ । ସେଥିରୁ ତିନୋଟି କାହାଣୀ ଏଇ ସଂକଳନରେ ନିଆଯାଇଛି । ଆଉ ଗୋଟିଏ ଦୀର୍ଘ ଅଥଚ ମାର୍ମିକ କାହାଣୀ 'କୁତ୍ତେକୀ କହାନୀ' ମଧ୍ୟ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ । ଏହି ସଂକଳନର ଶେଷଭାଗରେ ଯେଉଁ କେତୋଟି କାହାଣୀ ଦିଆଯାଇଛି, ସେଗୁଡ଼ିକ ତାଙ୍କ କଥାସଂଗ୍ରହ 'ମାନ ସରୋବର'ରେ ସଂକଳିତ ହୋଇଛି । ସେଗୁଡ଼ିକୁ ଏଇ ସଂକଳନରେ ନେବାର ବିଶେଷ କାରଣ ଏହି ଯେ ସେହି କାହାଣୀଗୁଡ଼ିକ ସହିତ ପିଲାମାନଙ୍କର ବର୍ଷବର୍ଷ ଧରି ସଂପର୍କ ରହିଆସିଛି । ପାଠ୍ୟପୁସ୍ତକରେ ତଥା ଅନ୍ୟତ୍ର ଏଇ କାହାଣୀଗୁଡ଼ିକୁ ବାଲ୍ୟକାଳରେ ପଢ଼ି କେତେ ପିଢ଼ିର ଶିଶୁ ବଡ଼ ହୋଇଛନ୍ତି ଏବଂ ଆଜି ମଧ୍ୟ ସେଇ କାହାଣୀର ଛାପ ସେମାନଙ୍କ ମନରେ ଅକ୍ଷୁଣ୍ଣ ରହିଛି ।

ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ପ୍ରେମଚନ୍ଦଙ୍କର ଅଧିକାଂଶ ଶିଶୁପାଠକ ତାହାଙ୍କ ଗପଗୁଡ଼ିକ ନିଜ ନିଜର ପାଠ୍ୟପୁସ୍ତକରେ ପଢ଼ିଛନ୍ତି ଓ

Digitized by srujanika@gmail.com

ମନେରଖିଛନ୍ତି । ପରବର୍ତ୍ତୀ କାଳରେ ପଠନରୁଚି ଥିବା ପାଠକମାନେ ବଡ଼ହୋଇ ତାଙ୍କ ରଚନାଗୁଡ଼ିକ ପାଠକରିଛନ୍ତି । ଏହି ସଂକଳନରେ ଥିବା କାହାଣୀଗୁଡ଼ିକ ହେଉଛି ସେହି କାହାଣୀ ଯାହା ସାହାଯ୍ୟରେ ପ୍ରେମଚନ୍ଦ ଶିଶୁମାନଙ୍କୁ କେତେ ପିଢ଼ି ଧରି ମାନବିକ ସମ୍ବେଦନ ତଥା ନ୍ୟାୟ ଅନ୍ୟାୟ, ନୈତିକତା ଓ ସାମାଜିକ ଆଚାର ବ୍ୟବହାର ସହିତ ଜଡ଼ିତ ମୂଲ୍ୟବୋଧ ଏବଂ ସାମାଜିକ ସୌହାର୍ଦ୍ଦ୍ୟର ମହତ୍ତ୍ୱ ଇତ୍ୟାଦି ସମ୍ପର୍କୀୟ ବାର୍ତ୍ତା ପ୍ରଦାନ କରିଛନ୍ତି । ଏଥିରେ ଥିବା ଦୁଇ ବଳଦଙ୍କ କାହାଣୀ ଓ ଗୋଟିଏ କୁକୁରର ଆତ୍ମକଥା ହେଉଛି ସେଇ ଶ୍ରେଣୀୟ କାହାଣୀ, ଯେଉଁଥିରେ ସେ ପଶୁମାନଙ୍କ ତୁଣ୍ଡରେ ଭାଷା ଦେଇ ଏବଂ ସେମାନଙ୍କୁ ମାନବୀୟ ଚରିତ୍ରରୂପେ ପ୍ରସ୍ତୁତକରି ଶିଶୁପାଠକମାନଙ୍କ ମନରେ ପ୍ରାଣୀଜଗତ ପ୍ରତି ସମ୍ବେଦନା ଏବଂ ସହାନୁଭୂତି ଉଦ୍ରେକ କରିବାର ପ୍ରୟାସ କରିଛନ୍ତି । 'ଡାବଲପୁଅ' 'ଚୋରି', 'ଡାକବାଲା' ଓ 'ଅବୋଧ ବନ୍ଧୁ' ଭଳି କେତୋଟି କାହାଣୀରେ ଶିଶୁମାନଙ୍କର ସ୍ୱାଭାବିକ କ୍ରିୟାକଳାପ, ଖେଳ ତଥା ଅଭ୍ୟାସ ବ୍ୟତୀତ ଶିଶୁମନର ସହଜ ଅଭିବ୍ୟକ୍ତି ପ୍ରକାଶିତ ହୋଇଛି । ସେଇ ହେଉଛି ପ୍ରକୃତ ଶିଶୁସାହିତ୍ୟ, ଯାହାକୁ ପିଲାମାନେ ପଢ଼ିବେ, ଆଦର କରିବେ ଏବଂ ତାକୁ ଆପଣାର କରିନେବେ । ସେଥିରେ ଲେଖକ ବଡ଼ ବା ସାନ ତାହା ସେମାନେ ଦେଖନ୍ତି ନାହିଁ । ଏହା ମଧ ଦେଖନ୍ତି ନାହିଁ ଯେ ସେଇ କାହାଣୀ କେଉଁ ବୟସର ପାଠକମାନଙ୍କ ପାଇଁ ଲେଖାଯାଇଛି । ବିଶ୍ୱର ଅନେକ କାଳଜୟୀ କୃତି, ଯେଉଁଗୁଡ଼ିକ କି ତାହାର ଲେଖକମାନେ ବୟସ୍କ ପାଠକମାନଙ୍କ ନିମନ୍ତେ ଲେଖିଥିଲେ, ସେଗୁଡ଼ିକ ଆଜି ବିଶ୍ୱ ଶିଶୁସାହିତ୍ୟ କ୍ଷେତ୍ରରେ କାଳଜୟୀ (କ୍ଲାସିକ) କୃତିରେ ପରିଣତ ହୋଇଛି । ସେଇ ଅବସ୍ଥା ପ୍ରେମଚନ୍ଦଙ୍କ ସୁନିର୍ବାଚିତ କାହାଣୀଗୁଡ଼ିକ କ୍ଷେତ୍ରରେ ଘଟିଛି, ଯାହାକୁ ଶିଶୁମାନେ ବର୍ଷବର୍ଷ ଧରି କେତେ ପିଢ଼ି ଧରି ପାଠକରି ବଡ଼ ହୋଇଛନ୍ତି ଏବଂ ଆଜି ମଧ ସେଗୁଡ଼ିକ ଲୋକମାନଙ୍କ ସ୍ମୃତିରେ ଜୀବିତ ଅଛି । ଏଇଥିପାଇଁ ସେହି କାହାଣୀଗୁଡ଼ିକ ଭାରତୀୟ ଶିଶୁସାହିତ୍ୟ କ୍ଷେତ୍ରରେ କାଳଜୟୀ କୃତି ପାଲଟି ଯାଇଛି ଏବଂ ସେଗୁଡ଼ିକକୁ ଏହି ସଂକଳନରେ ନେବାର ଯଥାର୍ଥତା ଅଛି ।

ପ୍ରେମଚନ୍ଦଙ୍କ କାହାଣୀଗୁଡ଼ିକର ଭାଷା-ଶୈଳୀ ଖୁବ୍ ସରଳ ଏବଂ ବୋଧଗମ୍ୟ । ସେଗୁଡ଼ିକୁ ହିନ୍ଦୀଭାଷାର ଜଣେ ସାଧାରଣ ପାଠକ ମଧ ପଢ଼ି ରସାସ୍ୱାଦନ କରିଥାଏ; ତଥାପି ଯେଉଁଠି ଯେଉଁଠି କୌଣସି ଶବ୍ଦର ଅର୍ଥ ଆଜିକାଲିର ଶିଶୁ-ପାଠକମାନଙ୍କର ବୋଧଗମ୍ୟ ହେବନାହିଁ ବୋଲି ଅନୁମାନ କରାଯାଇଛି, ସେଠାରେ ସେହି ଶବ୍ଦଗୁଡ଼ିକର ଅର୍ଥ ପାଦଟୀକାରେ ଦିଆଯାଇଛି ।

ଆଶା କରାଯାଏ, ଭାରତୀୟ ଶିଶୁସମାଜ ଏହି ପୁସ୍ତକ ମାଧ୍ୟମରେ ପ୍ରେମଚନ୍ଦଙ୍କ ଶିଶୁଗଳ୍ପ ସହିତ ପରିଚିତ ହୋଇପାରିବେ । ସେଥିପାଇଁ ନେସନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆଙ୍କୁ ଧନ୍ୟବାଦ ।

- ହରିକୃଷ୍ଣ ଦେବସରେ

Digitized by srujanika@gmail.com

ମିଠୁ

ତୁମେମାନେ ମାଙ୍କଡ଼ନାଚ ଢେର ଦେଖିଥିବ । କେଳାର ଇଙ୍ଗିତ ଅନୁସାରେ ସେ କେତେ ପ୍ରକାର ଅଭିନୟ କରେ । ଅଭିନୟ ସହିତ ତାର ଦୁଷ୍ଟାମି ମଧ୍ୟ ତୁମେ ଦେଖିଥିବ । ତୁମେ ଦେଖିଥିବ, ସେ କେମିତି ଘରୁ ଲୁଗାପଟା ନେଇ ପଳାଇଯାଏ; କିନ୍ତୁ ଆଜି ମୁଁ ତୁମକୁ ଏମିତି ଗୋଟିଏ ଘଟଣା କହିବି, ଯେଉଁଥିରୁ ଜାଣିପାରିବ ଯେ ମାଙ୍କଡ଼ ମଣିଷପିଲାଙ୍କ ସହିତ ମଧ୍ୟ କିପରି ବନ୍ଧୁତା କରିପାରେ ।

କିଛିଦିନ ତଳେ ଲକ୍ଷ୍ନୌକୁ ଗୋଟିଏ ସର୍କସ କମ୍ପାନୀ ଆସିଥିଲା । ତା' ପାଖରେ ସିଂହ, ଭାଲୁ, ଚିତା ଇତ୍ୟାଦି କେତେ ପ୍ରକାର ଜୀବଜନ୍ତୁ ଥିଲେ । ତା' ଛଡ଼ା ମିଠୁ ନାମରେ ଗୋଟିଏ ମାଙ୍କଡ଼ ମଧ୍ୟ ଥିଲା । ପ୍ରତିଦିନ ଦଳଦଳ ହୋଇ ପିଲା ସେଇ ଜନ୍ତୁମାନଙ୍କୁ ଦେଖିବାକୁ ଯାଉଥିଲେ । ମିଠୁ ହିଁ ସେମାନଙ୍କୁ ସବୁଠାରୁ ବେଶି ଭଲ ଲାଗୁଥିଲା । ସେଇ ପିଲାମାନଙ୍କ ଭିତରେ ଗୋପାଳ ନାମରେ ବାଳକଟିଏ ଥିଲା । ସେ ପ୍ରତିଦିନ ଆସେ ଓ ମିଠୁ ପାଖରେ ଘଣ୍ଟାଘଣ୍ଟା ଧରି ଚୁପ୍‌ଚାପ୍ ବସିରହେ । ସିଂହ, ଭାଲୁ, ଚିତା ଇତ୍ୟାଦିଙ୍କୁ ଦେଖିବାରେ ତାର କିଛି ଆଗ୍ରହ ନଥିଲା । ସେ ଘରୁ ଚଣା, ମଟର, କଦଳୀ ଇତ୍ୟାଦି ଆଣି ମିଠୁକୁ ଖୁଆଏ । ମିଠୁ ମଧ୍ୟ ଗୋପାଳକୁ ଏମିତି ମାନିଯାଇଥାଏ ଯେ ଗୋପାଳ ନ ଖୁଆଇଲେ ସେ କିଛି ଖାଏନାହିଁ । ଏମିତି ଭାବରେ ଦୁହିଁଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା ସୃଷ୍ଟି ହୋଇଯାଇଥିଲା ।

ଦିନେ ଗୋପାଳ ଶୁଣିଲା ଯେ ସର୍କସ କମ୍ପାନୀ ସେଠାରୁ ଉଠି ଆଉ ଗୋଟିଏ ସହରକୁ ଚାଲିଯିବ । ଏକଥା ଶୁଣି ତା ମନରେ ବହୁତ ଦୁଃଖହେଲା । ସେ କାନ୍ଦିକାନ୍ଦି ତା' ମାଆଙ୍କ ପାଖକୁ ଚାଲିଗଲା ଏବଂ କହିଲା, "ମାଆ, ମୋତେ ଆଠଣା* ପଇସା ଦିଅ । ମୁଁ ଯାଇ ମିଠୁକୁ କିଣିଆଣିବି । ନହେଲେ ସେ କୁଆଡ଼େ ନାଇଁ କୁଆଡ଼େ ଚାଲିଯିବ । ମୁଁ ତାକୁ ଆଉ କେମିତି ଦେଖିବି ? ସେ ବି ମୋତେ ନଦେଖି କାନ୍ଦିବ ।"

ମାଆ ବୁଝାଇଲେ, "ପୁଅ, ମାଙ୍କଡ଼ କାହାକୁ ଭଲପାଏନାହିଁ । ସେ ଗୋଟାଏ ବଡ଼ ସଇତାନ । ଏଠିକି ଆସିଲେ ସମସ୍ତଙ୍କୁ କାମୁଡ଼ିବ । ମିଛଟାରେ ମୋତେ ଦି'ପଦ ଶୁଣିବାକୁ ପଡ଼ିବ ।"

---

* ବର୍ତ୍ତମାନର ପଚାଶ ପଇସି ମୁଦ୍ରା ।

Digitized by srujanika@gmail.com

Digitized by srujanika@gmail.com

ହେଲେ ମାଆଙ୍କ ବୁଝାସୁଝାରେ କିଛି ଫଳ ହେଲାନାହିଁ । ସେ କାନ୍ଦିବାକୁ ଲାଗିଲା । ଶେଷରେ ମାଆ ବାଧହୋଇ ତାକୁ ଆଠଣିଟିଏ ବାହାରକରି ଦେଲେ ।

ଆଠଣିଟି ପାଇ ଗୋପାଳ ଖୁସିରେ ଡେଇଁବାକୁ ଲାଗିଲା । ସେ ସେଥିରେ ମାଟି ଟିକିଏ ଘଷି ତାକୁ ଚକଚକ କରିଦେଲା । ତା'ପରେ ମିଠୁକୁ କିଣିବା ପାଇଁ ଚାଲିଲା; ହେଲେ ମିଠୁକୁ ସେଠାରେ ସେ ଦେଖିବାକୁ ପାଇଲା ନାହିଁ । ଗୋପାଳର ମନଟା ଦୁଃଖରେ ଭରିଗଲା । ମିଠୁ କୁଆଡ଼େ ପଳାଇଯାଇନାହିଁ ତ ? ମାଲିକକୁ ଆଠଣିଟି ଦେଖାଇ ଗୋପାଳ କହିଲା, ‘‘କ'ଣ ସାହେବ, ମିଠୁକୁ ମୋତେ ବିକିବ ?’’

ଗୋପାଳ ପ୍ରତିଦିନ ମିଠୁ ସହିତ ଖେଳିବାର ଏବଂ ମିଠୁକୁ ଖେଳାଉଥିବାର ମାଲିକ ଦେଖିଥିଲେ । ସେ ହସିକରି କହିଲେ, ‘‘ଆରଥର ଆସିଲେ ମିଠୁକୁ ତୁମକୁ ଦେଇଦେବି ।’’

ଗୋପାଳ ସେଠାରୁ ନିରାଶହୋଇ ଚାଲିଆସିଲା ଏବଂ ମିଠୁକୁ ଏଣେତେଣେ ଖୋଜିବାରେ ଲାଗିଗଲା । ଖୋଜାଖୋଜିରେ ସେ ଏମିତି ଭୋଳ ହୋଇଯାଇଥିଲା ଯେ ଅନ୍ୟ କୌଣସି କଥାରେ ତାର ଧ୍ୟାନ ନଥିଲା । ତାକୁ ଜଣାନାହିଁ, ଚାଲିଚାଲି ସେ କେତେବେଳେ ଆସି ଚିତାବାଘର ପିଞ୍ଜରା ପାଖରେ ପହଞ୍ଚିଯାଇଛି । ଚିତାବାଘଟା ଚୁପ୍‌ଚାପ୍ ପିଞ୍ଜରା ଭିତରେ ଶୋଇଥିଲା । ସେ ଗୋପାଳକୁ ଦେଖିବା କ୍ଷଣି ଖପ୍‌କରି ତା ପଞ୍ଝା ବାହାରକରି ତାକୁ ଧରି ପକାଇବାକୁ ଚେଷ୍ଟାକଲା । ଗୋପାଳ ତ ଅନ୍ୟ ଆଡ଼େ ଚାହିଁଥିଲା । ତାକୁ କ'ଣ ଜଣାଅଛି ଯେ ଚିତାର ପଞ୍ଝା କେତେବେଳେ ତା'ର ହାତଯାଏ ଲମ୍ବି ଆସିଲାଣି ! ଚିତାର ପଞ୍ଝା ଗୋପାଳର ହାତକୁ ଠିକ୍ ଟାଣିନେବାକୁ ଯାଉଛି, ଏତିକିବେଳେ ମିଠୁ କେଉଁଠି ଥିଲା କେଜାଣି ତା ପଞ୍ଝା ଉପରକୁ କୁଦିପଡ଼ିଲା ଏବଂ ପୁଳାଏ କାମୁଡ଼ିଦେଲା । ଚିତା ସାଙ୍ଗେସାଙ୍ଗେ ତାର ଆର ପଞ୍ଝା ବାହାରକରି ମିଠୁକୁ ଏଭଳି ଖଣ୍ଡିଆଖାବରା କରିଦେଲା ଯେ ସେ ସେଇଠି ପଡ଼ିଗଲା ଏବଂ ଖୁବ୍ ଜୋରରେ ଚିତ୍କାର କରିବାକୁ ଲାଗିଲା ।

ମିଠୁର ଏଭଳି ଅବସ୍ଥା ଦେଖି ଗୋପାଳ ବି କାନ୍ଦିବାକୁ ଲାଗିଲା । ଦୁଇଜଣଙ୍କ କାନ୍ଦଣା ଶୁଣି ଲୋକେ ଦୌଡ଼ିଆସିଲେ । ଦେଖିଲେ ମିଠୁ ବେହୋସ ହୋଇ ପଡ଼ିଛି ଏବଂ ଗୋପାଳ କାନ୍ଦୁଛି । ମିଠୁର ଖଣ୍ଡିଆ ଜାଗାକୁ ତୁରନ୍ତ ଧୋଇ ସଫାକରାଗଲା ଏବଂ ସେଥିରେ ମଲମ ଲଗାଇ ଦିଆଗଲା । କିଛି ସମୟ ପରେ ତାର ଚେତା ଆସିଲା । ସେ ଗୋପାଳ ଆଡ଼କୁ ସ୍ନେହପୂର୍ଣ୍ଣ ଆଖିରେ ଚାହିଁବାକୁ ଲାଗିଲା । ସତେ ଯେମିତି ସେ କହୁଥିଲା, ‘‘ଆଉ କାହିଁକି କାନ୍ଦୁଛ ? ମୁଁ ତ ଭଲ ହୋଇଗଲିଣି ।’’

କିଛିଦିନ ପର୍ଯ୍ୟନ୍ତ ମିଠୁ ଦେହରେ ମଲମପଟି ବନ୍ଧାହୋଇ ରହିଲା ଏବଂ ଶେଷରେ ସେ ବିଲ୍‌କୁଲ୍ ଭଲ ହୋଇଗଲା । ଗୋପାଳ ଏବେ ପ୍ରତିଦିନ ଆସେ ଏବଂ ତାକୁ ରୁଟି ଖୁଆଏ ।

Digitized by srujanika@gmail.com

ଶେଷରେ ସର୍କସ କମ୍ପାନୀ ସେଠାରୁ ଚାଲିଯିବାର ଦିନ ଆସିଗଲା । ଗୋପାଳ ଖୁବ୍ ଦୁଃଖରେ ଥିଲା । ସେ ମିଠୁର ପିଞ୍ଜରା ପାଖରେ ଠିଆହୋଇ ଲୁହଭରା ଆଖିରେ ତାକୁ ଚାହିଁ ରହିଥିଲା । ଏତିକିବେଳେ ମାଲିକ ଆସି କହିଲେ, ‘‘ତୁମେ ମିଠୁକୁ ପାଇଗଲେ ତାକୁ ନେଇ କଅଣ କରିବ ?’’

ଗୋପାଳ କହିଲା, ‘‘ମୁଁ ତାକୁ ସାଙ୍ଗରେ ନେଇଯିବି, ତା ସାଙ୍ଗରେ ଖେଳିବି, ମୋ ଥାଳିରେ ଖୁଆଇବି, ଆଉ କ’ଣ ?’’

ମାଲିକ କହିଲେ, ‘‘ଭଲ କଥା, ମୁଁ ତୁମଠାରୁ ଆଠଣା ନ ନେଇ ମିଠୁକୁ ସେମିତି ତୁମ ହାତରେ ବିକିଦେଉଛି ।’’

ଗୋପାଳକୁ ସତେ ଯେମିତି ଗୋଟିଏ ରାଜ୍ୟ ମିଳିଗଲା । ସେ ମିଠୁକୁ କୋଳକୁ ନେଇଗଲା; କିନ୍ତୁ ମିଠୁ କୋଳରେ ନରହି ତଳକୁ କୁଦିପଡ଼ିଲା ଏବଂ ତା ପଛେପଛେ ଚାଲିଲା ।

ଦୁହେଁ ନାଚିକୁଦି ଯାଇ ଘରେ ପହଞ୍ଚିଗଲେ ।

Digitized by srujanika@gmail.com

ପାଗଳ ହାତୀ

ମୋତି ରାଜାସାହେବଙ୍କର ଖୋଦ୍ ସବାରହାତୀ ଥିଲା । ସେ ଅବଶ୍ୟ ଖୁବ୍ ଶାନ୍ତଶିଷ୍ଟ ଏବଂ ବୁଦ୍ଧିମାନ ଥିଲା; ମାତ୍ର ବେଳେବେଳେ ତା' ମୁଣ୍ଡଟା ଏମିତି ବିଗିଡ଼ି ଯାଉଥିଲା ଯେ ସେ ଆଉ ନିଜ ଆୟତ୍ତରେ ରହୁନଥିଲା । ସେ ଅବସ୍ଥାରେ ତା'ର କୌଣସି ବିଚାରବୁଦ୍ଧି ମଧ୍ୟ ରହୁନଥିଲା । ମାହୁନ୍ତର ଆକଟ ମଧ୍ୟ ସେ ମାନୁନଥିଲା ।

ଥରେ ଏଇଭଳି ପାଗଳାମି କରି ସେ ତାର ମାହୁନ୍ତକୁ ମାରିଦେଲା । ଏକଥା ଜାଣି ରାଜାସାହେବ ବହୁତ ରାଗିଗଲେ । ମୋତିର ପଦବୀ ଛଡ଼ାଇ ନିଆଗଲା । ରାଜାସାହେବଙ୍କ ସବାରିପଣିଆରୁ ମଧ୍ୟ ତାକୁ ବରଖାସ୍ତ କରାଗଲା । କୁଲିଙ୍କ ଭଳି ତାକୁ ଏଣିକି କାଠ ବୋହିବାକୁ ପଡ଼ିଲା, ପଥର ବୋହିବାକୁ ପଡ଼ିଲା ଏବଂ ସଂଧ୍ୟା ବେଳକୁ ତାକୁ ନେଇ ଅଶ୍ୱତ୍ଥଗଛ ମୂଳେ ମୋଟା ଦଉଡ଼ିରେ ବାନ୍ଧିଦିଆଗଲା । ତା'ର ଦାନା ମଧ୍ୟ ବନ୍ଦ ହୋଇଗଲା । ତା' ଆଗରେ ଶୁଖିଲା ତାଳପତ୍ର ଦି'ଟା ପକାଇ ଦିଆଗଲା । ସେ ସେଇତକ ଚୋବେଇ ଭୋକ ମେଣ୍ଟାଇବାକୁ ଲାଗିଲା । ସେ ତା'ର ବର୍ତ୍ତମାନର ଦୁର୍ଦ୍ଦଶା ସହିତ ପିଛିଲା ଦିନର କଥାଗୁଡ଼ିକୁ ତୁଳନା କଲାବେଳେ ମନ ତା'ର ଅସ୍ଥିର ହୋଇଉଠେ । ସେ ଭାବେ 'କାହିଁ ମୁଁ ଦିନେ ଥିଲେ ରାଜାଙ୍କର ସବୁଠାରୁ ପ୍ରିୟ ହାତୀ, କାହିଁ ଆଜି ଗୋଟିଏ ମାମୁଲି ମୂଲିଆ !' ଏଇକଥା ଭାବି ସେ ଖୁବ୍ ଜୋରରେ ଗର୍ଜନ କରେ ଏବଂ ଡିଆଁଡେଇଁ କରେ । ଶେଷରେ ଦିନେ ତା'ଦେହରେ ଏତେ ବଳ ଆସିଲା ଯେ ସେ ଲୁହାର ଜଞ୍ଜିରକୁ ଛିଣ୍ଡେଇଦେଲା ଏବଂ ଜଙ୍ଗଲକୁ ପଳାଇଗଲା ।

କିଛି ଦୂରରେ ଗୋଟିଏ ନଈ ଥିଲା । ମୋତି ପ୍ରଥମେ ସେଇ ନଈକୁ ଯାଇ ସେଠାରେ ଭଲଭାବରେ ଗାଧୋଇଲା । ଗାଧୋଇସାରି ସେଠାରୁ ଜଙ୍ଗଲ ଆଡ଼େ ଚାଲିଲା । ଏଣେ ରାଜାଘରର ଲୋକେ ତାକୁ ଧରିବା ପାଇଁ ଧାଇଁଲେ; ହେଲେ ଡରରେ କେହି ତା' ପାଖକୁ ଯାଇପାରିଲେ ନାହିଁ । ଜଙ୍ଗଲର ପଶୁ ଜଙ୍ଗଲ ଭିତରକୁ ହିଁ ଚାଲିଗଲା ।

ଜଙ୍ଗଲରେ ପହଞ୍ଚି ମୋତି ତା'ର ସାଙ୍ଗମାନଙ୍କୁ ଖୋଜିଲା । ସେ ଆଉ କିଛି ବାଟ ଆଗକୁ ଯାଇଛି, ଜଙ୍ଗଲର ହାତୀମାନେ ଯେମିତି ଦେଖିଲେ ଯେ ତା' ବେକରେ ଦଉଡ଼ି ଅଛି ଏବଂ ପାଦରେ ଜଞ୍ଜିର ଲାଗିଛି, ସେମାନେ ମୁହଁ ବୁଲାଇ ଚାଲିଗଲେ । ତାକୁ

Digitized by srujanika@gmail.com

Digitized by srujanika@gmail.com

ପଦେହେଲେ କିଛି କହିଲେ ନାହିଁ । ସେମାନେ ବୋଧେ ତାକୁ କହୁଥିଲେ, "ତୁ ତ ଗୋଲାମ ଥିଲୁ, ଏବେ ନିମକ ହାରାମ ହୋଇଗଲୁ । ଏ ଜଙ୍ଗଲରେ ତୋର ସ୍ଥାନ ନାହିଁ ।" ସେମାନେ ଦୃଷ୍ଟିରୁ ଅଦୃଶ୍ୟ ନହେଲା ପର୍ଯ୍ୟନ୍ତ ମୋତି ସେଇଠି ଠିଆହୋଇ ତାଙ୍କୁ ଚାହିଁରହିଲା । ପୁଣି କଅଣ ଭାବିଲା କେଜାଣି ରାଜମହଲ ଆଡ଼େ ଚାଲିଲା । ସେ ରାସ୍ତାରେ ଯାଉଛି, ଦେଖିଲା ରାଜାସାହେବ ଶିକାରୀମାନଙ୍କ ସହିତ ଘୋଡ଼ାରେ ବସି ଆସୁଛନ୍ତି । ସେ ତୁରନ୍ତ ଗୋଟିଏ ବଡ଼ ପଥର ଉହାଡ଼ରେ ଯାଇ ଲୁଚିଗଲା । ଟାଣ ଖରା ହେଉଥାଏ । ରାଜାସାହେବ ଟିକିଏ ବିଶ୍ରାମ ନେବାପାଇଁ ଘୋଡ଼ାରୁ ଓହ୍ଲାଇଲେ ହଠାତ୍ ମୋତି ପଥର ଉହାଡ଼ରୁ ବାହାରି ପଡ଼ିଲା ଏବଂ ଗର୍ଜନକରି ରାଜାସାହେବଙ୍କ ଆଡ଼କୁ ମାଡ଼ିଆସିଲା । ରାଜା ଘାବୁରିକରି ଧାଇଁଲେ ଏବଂ ଗୋଟିଏ ଛୋଟ ଚାଳଘର ଭିତରେ ପଶିଗଲେ । କିଛି ସମୟ ପରେ ମୋତି ବି ସେଠାରେ ଯାଇ ପହଞ୍ଚିଲା । ରାଜା ଚାଳଘର ଭିତରେ ଲୁଚିଯାଉଥିବାର ସେ ଦେଖି ଦେଇଥିଲା । ଆଗେ ସେ ତାର ଶୁଣ୍ଢରେ କୁଡ଼ିଆର ଛପରକୁ ଟେକି ଫୋପାଡ଼ିଦେଲା । ତା' ପରେ ତାକୁ ପାଦରେ ଦଳିଚକଟି ଛିନଛତର କରିଦେଲା ।

କୁଡ଼ିଆ ଭିତରେ ଭୟରେ ରାଜାଙ୍କର ଅବସ୍ଥା ସେତେବେଳକୁ ଶୋଚନୀୟ । ଜୀବନ ରକ୍ଷାକରିବାର କୌଣସି ଆଶା ନଥିଲା । ଶେଷରେ ଯେତେବେଳେ ତାଙ୍କୁ ଆଉ କିଛି ବୁଦ୍ଧିବାଟ ଦେଖାଗଲା ନାହିଁ, ସେ ଜୀବନକୁ ପାଣି ଛଡ଼ାଇ ପଛପଟ କାନ୍ଥ ଉପରେ ଚଢ଼ି ଆରପଟେ ଡେଇଁ ପଳାଇଗଲେ । ମୋତି ଦୁଆରମୁହଁରେ ଠିଆହୋଇ ଛପରକୁ ପାଦରେ ଦଳୁଥିଲା ଏବଂ କାନ୍ଥକୁ କେମିତି ଟାଳିବ, ସେଇକଥା ଭାବୁଥିଲା । ଶେଷରେ ସେ ଧକ୍କାଦେଇ କାନ୍ଥକୁ ଟାଳିଦେଲା । ସାମାନ୍ୟ ମାଟିକାନ୍ଥ ମୋତି ଭଳି ଗୋଟିଏ ପାଗଳ ହାତୀର ଧକ୍କା କେତେ ସମ୍ଭାଳିବ ? ହେଲେ ରାଜାଙ୍କୁ ଯେତେବେଳେ ସେ ଭିତରେ ପାଇଲାନାହିଁ, ଘରର ଅନ୍ୟ ସବୁ କାନ୍ଥକୁ ଟଳାଇ ଦେଇ ଜଙ୍ଗଲଆଡ଼େ ଚାଲିଗଲା ।

ଉଆସକୁ ଫେରି ରାଜା ଢେଙ୍କୁରା ଦିଆଇ ଜଣାଇଦେଲେ ଯେ ଯିଏ ମୋତିକୁ ଜୀବନ୍ତ ଧରିଆଣି ଦେବ, ତାକୁ ଏକହଜାର ଟଙ୍କା ପୁରସ୍କାର ଦିଆଯିବ । ପୁରସ୍କାର ଲୋଭରେ ଅନେକ ଲୋକ ମୋତିକୁ ଧରିବାପାଇଁ ଜଙ୍ଗଲକୁ ବାହାରି ପଡ଼ିଲେ; ହେଲେ ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ଫେରିଲେ ନାହିଁ ।

ମୋତିର ମାହୁନ୍ତର ଗୋଟିଏ ପୁଅ ଥିଲା । ତା'ର ନାଁ ମୁରଲୀ । ତାକୁ ସେତେବେଳକୁ ମୋଟେ ଆଠ-ନଅ ବର୍ଷ ବୟସ ହୋଇଥାଏ । ରାଜାସାହେବ ଦୟା ପରବଶ ହୋଇ ତାକୁ ଏବଂ ତା'ର ମାଆକୁ ଖୋରାକ-ପୋଷାକ ବାବଦରେ କିଛି ଖର୍ଚ୍ଚ ଦେଉଥାଆନ୍ତି । ମୁରଲୀ ପିଲା ହେଲେ କ'ଣ ହେବ, ତା'ର ଖୁବ୍ ସାହସ ଥିଲା । ସେ ମୋତିକୁ ଧରିଆଣିବା ପାଇଁ ଅଣ୍ଟାଭିଡ଼ି ବାହାରିପଡ଼ିଲା । ମାଆ କିନ୍ତୁ ତାକୁ ବହୁତ ବୁଝାଇଲେ, ଲୋକମାନେ ମଧ ତାକୁ ବାରଣକଲେ; କିନ୍ତୁ ସେ କାହାରି କଥା ଶୁଣିଲା ନାହିଁ, ଜଙ୍ଗଲକୁ ଚାଲିଗଲା ।

Digitized by srujanika@gmail.com

ଜଙ୍ଗଲରେ ମୁରଲୀ ଗୋଟିଏ ଗଛ ଉପରେ ଚଢ଼ିଯାଇ ସତର୍କ ଭାବରେ ଚାରିଆଡ଼କୁ ଦୃଷ୍ଟି ପକାଇଲା । ସେ ଦେଖିଲା ମୋତି ମୁଣ୍ଡ ନୁଆଁଇ ସେଇ ଗଛ ଆଡ଼କୁ ଆସୁଛି । ତା' ଚାଲିରୁ ଜଣାପଡୁଥିଲା ଯେ ତାର ମୁଣ୍ଡ ଠିକ୍ ଅଛି ।

ମୋତି ଯେମିତି ସେ ଗଛତଳକୁ ଆସିଛି, ମୁରଲୀ ଗଛ ଉପରୁ ତୁ-ତୁ କରି ଡାକିଲା, 'ମୋତି !'

ମୋତି ସେଇ ସ୍ୱରକୁ ଆଗରୁ ଜାଣିଥିଲା । ସେ ସେଠାରେ ଅଟକିଗଲା ଏବଂ ମୁହଁ ଉଠାଇ ଉପରକୁ ଚାହିଁଲା । ମୁରଲୀକୁ ଦେଖୁଦେଖୁ ସେ ଚିହ୍ନିପକାଇଲା । ଇଏ ହେଉଛି ସେଇ ମୁରଲୀ ଯାହାକୁ ସେ ଶୁଣ୍ଢରେ ଟେକିନେଇ ମୁଣ୍ଡରେ ବସାଉଥିଲା । 'ମୁଁ ହିଁ ତା ବାପକୁ ମାରିଦେଇଛି', ଏଇକଥା ଭାବି ସେଇ ପିଲାଟି ଉପରେ ତା'ର ଦୟା ଆସିଲା । ସେ ଖୁସିରେ ଶୁଣ୍ଢ ହଲାଇବାକୁ ଲାଗିଲା ।

ମୁରଲୀ ମୋତିର ମନକଥା ଜାଣିପାରିଲା । ସେ ଗଛରୁ ତଳକୁ ଓହ୍ଲାଇ ଆସିଲା ଓ ତା'ର ଶୁଣ୍ଢକୁ ଥାପୁଡ଼େଇବାକୁ ଲାଗିଲା । ତା' ପରେ ତାକୁ ବସିବାକୁ ଇଶାରା ଦେଲା । ମୋତି ବସିଲା ନାହିଁ, ବରଂ ମୁରଲୀକୁ ଶୁଣ୍ଢରେ ଟେକିନେଇ ନିଜ ମୁଣ୍ଡ ଉପରେ ବସାଇଦେଲା ଏବଂ ରାଜମହଲ ଆଡ଼େ ଚାଲିଲା ।

ମୁରଲୀ ଯେତେବେଳେ ମୋତିକି ନେଇ ରାଜମହଲ ଫାଟକ ପାଖରେ ପହଞ୍ଚିଗଲା, ତାକୁ ଦେଖି ସବୁଲୋକ ଆଶ୍ଚର୍ଯ୍ୟ ହୋଇଗଲେ; ତଥାପି ମୋତି ପାଖକୁ ଯିବାକୁ କାହାର ସାହସ ନଥିଲା । ମୁରଲୀ ପାଟିକରି କହିଲା, ''ଡର ନାହିଁ, ମୋତି ବିଲକୁଲ୍ ଶାନ୍ତ ହୋଇଯାଇଛି । ଏବେ ସେ କାହାରି କିଛି କରିବନାହିଁ ।''

ରାଜା ମଧ ଡରିଡରି ମୋତି ପାଖକୁ ଆସିଲେ । ସେ ଆଶ୍ଚର୍ଯ୍ୟ ହୋଇଗଲେ ଯେ ସେଇ ପାଗଳ ମୋତି ଏବେ କିପରି ଗାଈଟିଏ ଭଳି ଶାନ୍ତଶିଷ୍ଟ ହୋଇଯାଇଛି !

ସେ ମୁରଲୀକୁ ଏକହଜାର ଟଙ୍କା ପୁରସ୍କାର ଦେଲେ, ତା ସହିତ ତାକୁ ନିଜର ମାହୁନ୍ତ ପଦରେ ନିଯୁକ୍ତକଲେ । ମୋତି ପୁଣି ଥରେ ରାଜାସାହେବଙ୍କର ସବୁଠାରୁ ପ୍ରିୟ ହାତୀ ହୋଇଗଲା ।

Digitized by srujanika@gmail.com

ସିଂହ ଓ ବାଳକ

ପିଲାମାନେ, ତୁମେ ହୁଏତ ସମସ୍ତେ ସିଂହ ଦେଖି ନଥିବ; କିନ୍ତୁ ତାର ନାଆଁ ନିଶ୍ଚେ ଶୁଣିଥିବ, ତାର ଚିତ୍ର ଦେଖିଥିବ ଏବଂ ତା ବିଷୟରେ ବହିରେ ପଢ଼ିଥିବ । ସିଂହ ପ୍ରାୟତଃ ଜଙ୍ଗଲ ଓ ନଇକୂଳିଆ ନିମ୍ନଭୂମିରେ ରହେ । ବେଳେବେଳେ ସେ ଜଙ୍ଗଲରୁ ବାହାରି ଆଖାପାଖ ଗାଆଁ ଭିତରକୁ ଚାଲିଆସେ ଏବଂ ମଣିଷ, ଗୋରୁ ଗାଈଙ୍କୁ ଉଠାଇନିଏ । କେବେକେବେ ଜଙ୍ଗଲକୁ ଚରିବାକୁ ଯାଇଥିବା ପ୍ରାଣୀମାନଙ୍କୁ ମାରି ଖାଇଦିଏ ।

କିଛିଦିନ ତଳର କଥା । ଗୋଟିଏ ଗାଈଆଳପିଲା ଗାଈବଳଦଙ୍କୁ ନେଇ ଜଙ୍ଗଲକୁ ଯାଇଥିଲା । ସେମାନଙ୍କୁ ସେ ଜଙ୍ଗଲରେ ଚରିବାପାଇଁ ଛାଡ଼ିଦେଇ ନିଜେ ଯାଇ ଝରଣା କୂଳରେ ବନ୍ଶୀ ପକାଇ ମାଛଧରିଲା । ଯେମିତି ସଞ୍ଜ ହୋଇଆସିଲା, ସେ ତା'ର ଗାଈଗୋରୁଙ୍କୁ ଏକାଠିକଲା; ମାତ୍ର ଗୋଟିଏ ଗାଈର ପତ୍ତା ନଥିଲା । ସେ ଏଣେତେଣେ ଧାଁ-ଦଉଡ଼ କଲା; କିନ୍ତୁ ଗାଈର କିଛି ଚିହ୍ନବର୍ଣ୍ଣ ପାଇଲାନାହିଁ । ବିଚରା ଖୁବ୍ ହଡ଼ବଡ଼େଇଗଲା । ଭାବିଲା, 'ମାଲିକ ଆଜି ମୋର ଜୀବନ ରଖିବେ ନାହିଁ ।' ଏତେବେଳେ ଆଉ ଖୋଜିବାକୁ ବେଳ ନଥିଲା, କାରଣ ଗୋରୁମାନେ ଏଣେତେଣେ ପଳାଇ ଯାଉଥିଲେ । ସେଥିପାଇଁ ସେ ସେମାନଙ୍କୁ ନେଇ ଘରକୁ ଚାଲିଗଲା ଏବଂ ଗୁହାଳରେ ବାନ୍ଧିଦେଇ, କାହାକୁ କିଛି ନକହି ଗାଈଟିକୁ ଖୋଜିବାପାଇଁ ବାହାରିଗଲା । ସେଇ ଛୋଟ ପିଲାଟିର ସାହସ ଦେଖ । ଅନ୍ଧାର ମାଡ଼ି ଆସୁଥାଏ । ଚାରିଆଡ଼ ଶୂନଶାନ, ଜଙ୍ଗଲ ଭାଉଁ-ଭାଉଁ କରୁଥାଏ । ବିଲୁଆ ବୋବାଇବାର ଶବ୍ଦ ଶୁଭୁଥାଏ; । ହେଲେ ସେ ନିର୍ଭୟରେ ଜଙ୍ଗଲ ଭିତରେ ଚାଲିଥାଏ ।

କିଛି ସମୟ ଧରି ସେ ଗାଈକୁ ଖୋଜିବାରେ ଲାଗିଲା; କିନ୍ତୁ ଯେତେବେଳେ ବିଲକୁଲ୍ ଅନ୍ଧାର ହୋଇଗଲା, ତାକୁ ଖୁବ୍ ଡର ଲାଗିଲା । ଜଙ୍ଗଲରେ ତ କେଡ଼େକେଡ଼େ ଲୋକ ଡରିଯାଆନ୍ତି । ଏଇ ଛୋଟପିଲାଟି କଥା କଅଣ ? ମାତ୍ର ସେ ଯିବ କୁଆଡ଼େ ? ସେ ଯେତେବେଳେ ଆଉ କିଛି ଭାବି ପାରିଲାନାହିଁ, ଗୋଟିଏ ଗଛ ଉପରେ ଚଢ଼ିଗଲା ଏବଂ ସେଇ ଗଛ ଉପରେ ହିଁ ରାତିଟା କଟାଇବାକୁ ସ୍ଥିରକଲା । ସେ ମନେମନେ ଦୃଢ଼ ନିଷ୍ପତ୍ତିକଲା ଯେ ଗାଈକୁ ନନେଇ ଘରକୁ ଫେରିବନାହିଁ । ସେ ତ ସାରାଦିନ ହାଲିଆ ହୋଇ

Digitized by srujanika@gmail.com

Digitized by srujanika@gmail.com

ପଡ଼ିଥିଲା, ତାକୁ ଶୀଘ୍ର ନିଦ ଆସିଗଲା । ନିଦ ତ ଆଉ ଖଟପଲଙ୍କ କି ଶେଯ ତକିଆକୁ ଅପେକ୍ଷା କରେନାହିଁ ।

ହଠାତ୍ ଗଛଟା ଏତେ ଜୋରରେ ହଲିବାକୁ ଲାଗିଲା ଯେ ମୁରଲୀର ନିଦ ଭାଙ୍ଗିଗଲା । ସେ ଗଛରୁ ପଡୁପଡୁ ରହିଗଲା । ଭାବିଲା, ଗଛ କିଏ ହଲାଉଛି ? ଆଖି ମଳିକରି ତଳକୁ ଯେମିତି ଚାହିଁଛି, ତା' ରୋମ ଟାଙ୍କୁରି ଉଠିଲା । ସେ ଦେଖିଲା, ଗଛମୂଳେ ଗୋଟାଏ ସିଂହ ଠିଆହୋଇ ଲୋଭିଲା ଆଖିରେ ତା ଆଡ଼କୁ ଚାହିଁଛି । ତା' ଦେହରୁ ରକ୍ତ ଶୁଖିଗଲା । ସେ ଦୁଇ ହାତରେ ଗଛକୁ ଯାବୁଡ଼ି ଧରିଲା । ତାର ନିଦ କୁଆଡ଼େ ଉଭେଇଗଲା ।

କେତେ ଘଣ୍ଟା ବିତିଗଲା । ସିଂହ କିନ୍ତୁ ସେଠାରୁ ପାଦେ ବି ଟଳିଲାନାହିଁ । ସେ ବାରମ୍ବାର ଗର୍ଜନ କରୁଥାଏ ଏବଂ ଉପରକୁ କୁଦାମାରି ପିଲାଟିକୁ ଧରିବାକୁ ଚେଷ୍ଟା କରୁଥାଏ । ବେଳେବେଳେ ସେ ଏତେ ପାଖକୁ ଆସିଯାଉଥାଏ ଯେ ପିଲାଟି ଜୋରରେ ଚିତ୍କାର କରି ଉଠୁଥାଏ ।

ରାତିଟା ଯେମିତି ସେମିତି କଟିଲା । ସକାଳ ହେଲା । ପିଲାର ମନରେ କିଛି ଭରସା ଆସିଲା ଯେ ହୁଏତ ସିଂହଟା ଏଥର ତାକୁ ଛାଡ଼ି ଚାଲିଯିବ; କିନ୍ତୁ ସିଂହ ସେଠାରୁ ଟିକିଏ ହେଲେ ଘୁଞ୍ଚିବାର ନାଆଁ ଧରୁ ନଥାଏ । ସାରାଦିନ ସେ ସେମିତି ଗଛତଳେ ବସିରହିଲା । ଆଖି ଆଗରେ ଶିକାର ଦେଖି ସେ ଛାଡ଼ିକରି ଯାଉଛି କେଉଁଠି ? ଗଛ ଉପରେ ବସିବସି ପିଲାର ଦେହ ବଥେଇଲା । ଭୋକ ଯୋଗୁ ଅବସ୍ଥା ସାଂଘାତିକ; କିନ୍ତୁ ସିଂହ ସେଠାରୁ ପାଦେ ବି ଘୁଞ୍ଚୁ ନଥାଏ । ସେଠାରୁ ଅଳ୍ପ ଦୂରରେ ଗୋଟିଏ ଛୋଟ ଝରଣା ଥାଏ । ସିଂହ ମଝିରେ ମଝିରେ ସେଇ ଆଡ଼କୁ ଚାହୁଁଥାଏ । ପିଲାଟି ଭାବିଲା, ସିଂହକୁ ବୋଧେ ଶୋଷକରୁଛି । ସେ ମନରେ ଗୋଟିଏ ଆଶାବାନ୍ଧିଲା ଯେ ସିଂହ ଯେତେବେଳେ ପାଣି ପିଇବାକୁ ଯିବ, ଠିକ୍ ସେତିକିବେଳେ ସେ ସେଠାରୁ ଖସି ପଳାଇଯିବ । ଶେଷରେ ସିଂହ ଝରଣା କୂଳକୁ ଗଲା । ପିଲାଟି ଗଛ ଉପରୁ ଓହ୍ଲାଇବାକୁ ଉପାୟ ପାଞ୍ଚୁଛି, ଏତିକିବେଳେ ସିଂହ ପାଣି ପିଇ ଫେରିଆସିଲା । ସେ ବୋଧେ ପିଲାର ମତଲବ ବୁଝିପାରିଥିଲା । ସେ ଆସୁ ଆସୁ ଏତେ ଜୋରରେ ଗର୍ଜନକଲା ଏବଂ ଏଭଳି ଜୋରରେ କୁଦାମାରିଲା ଯେ ପିଲାର ହାତଗୋଡ଼ ଥରିବାକୁ ଲାଗିଲା । ମନେହେଲା ସେ ଯେମିତି ତଳକୁ ଖସିପଡ଼ିବ । ତାକୁ ଲାଗିଲା ତାର ହାତପାଦ ଯେମିତି ପେଟରେ ପଶିଯାଉଛି । ଏମିତି ଏମିତି ସେଦିନଟା ବି କଟିଗଲା । ଯେମିତି ଯେମିତି ରାତି ହେଉଥାଏ, ସିଂହର ଭୋକ ବି ସେମିତି ବଢୁଥାଏ । ତାକୁ ବୋଧେ ଏଇକଥା ଭାବି ରାଗ ଲାଗୁଥାଏ ଯେ, ଆଗରେ ଖାଦ୍ୟ ଥୁଆହୋଇଛି; ଅଥଚ ସେ ଦୁଇଦିନ ହେଲା ଉପାସରେ ବସିଛି । ଆଜି ବି କ'ଣ ତାକୁ ଏକାଦଶୀ ପାଳିବାକୁ ହେବ ? ସେଦିନ ରାତିଟା ବି ସେମିତି ଚାହିଁଚାହିଁ କଟିଗଲା ।

Digitized by srujanika@gmail.com

ତୃତୀୟ ଦିନ ଆସିଲା । ପ୍ରବଳ ଭୋକରେ ପିଲାର ଆଖିରୁ ଜୁଳୁଜୁଳିଆ ବାହାରିଗଲା ଭଳି ଲାଗୁଥାଏ । ଗଛ ଡାଳରେ ବସିରହିବା ବଡ଼ ମୁସ୍କିଲ ଜଣାଯାଉଥାଏ । ବେଳେବେଳେ ତା'ର ମନହେଉଥାଏ 'ସିଂହ ମୋତେ ଧରିନେଉ ଏବଂ ଖାଇଦେଉ ।' ସେ ହାତଯୋଡ଼ି ଭଗବାନଙ୍କୁ ପ୍ରାର୍ଥନାକଲା, ''ହେ ଭଗବାନ, ତୁମେ କ'ଣ ଏଇ ଗରିବ ଉପରେ ଦୟା କରିବନାହିଁ ?''

ସିଂହ ମଧ୍ୟ ସେତେବେଳକୁ ହାଲିଆ ହୋଇଗଲାଣି । ବସିବସି ତାକୁ ବିରକ୍ତ ଲାଗିଲାଣି । ସେ ମନେମନେ ଭାବୁଥାଏ, କୌଣସି ପ୍ରକାରେ ଶିକାରଟା ଜଲ୍‌ଦି ମିଳିଯାଆନ୍ତା କି ? ପିଲାଟି ଏଣେତେଣେ ଚାରିଆଡ଼କୁ ଢେର ଆଖି ପକାଇଲା । ହୁଏତ କେହି ଜଣେ ଦୃଷ୍ଟିରେ ପଡ଼ିଯିବ; କିନ୍ତୁ କେହି ତା'ର ନଜରରେ ଆସିଲେ ନାହିଁ । ଏଥର ସେ ଖୁବ୍ ବଡ଼ପାଟିରେ କାନ୍ଦିବାକୁ ଲାଗିଲା; ମାତ୍ର ସେଭଳି ଜାଗାରେ ତା'ର କାନ୍ଦଣା ଶୁଣୁଛି ବା କିଏ ?

ଶେଷରେ ତାକୁ ଗୋଟିଏ ଉପାୟ ଦେଖାଗଲା । ସେ ଗଛର ଖୁବ୍ ଅଗ ଡାଳକୁ ଚଢ଼ିଗଲା ଓ ନିଜର ପିନ୍ଧାଲୁଗା ଖୋଲିକରି ପବନରେ ଉଡ଼ାଇବାକୁ ଲାଗିଲା । ହୁଏତ କୌଣସି ଶିକାରୀର ଦୃଷ୍ଟି ପଡ଼ିଯିବ । ହଠାତ୍ ସେ ଖୁସିରେ ଉଛୁଳି ଉଠିଲା । ତା'ର ସବୁ ଭୋକଶୋଷ ଓ ଦୁର୍ବଳତା କୁଆଡ଼େ ଉଭେଇଗଲା । ଝରଣା ନିକଟରେ ଠିଆହୋଇ କେତେଜଣ ମଣିଷ ପତାକା ଭଳି ଉଡୁଥିବା ତା'ର ଧୋତିକୁ ଦେଖୁଥିଲେ । ସେମାନଙ୍କୁ ବୋଧେ ଆଶ୍ଚର୍ଯ୍ୟ ଲାଗୁଥିଲା ଯେ ଜଙ୍ଗଲ ଭିତରେ ଗୋଟାଏ ଗଛ ଉପରକୁ ପତାକା ଆସିଲା କେଉଁଠୁ ? ପିଲାଟି ସେଇ ଲୋକମାନଙ୍କୁ ଗଣିଲା, 'ଏକ-ଦୁଇ-ତିନ୍ ଚାର୍ ।'

ଯେଉଁ ଗଛ ଉପରେ ପିଲାଟି ବସିଥିଲା ସେଇ ଗଛତଳ ଭୂମି ଟିକିଏ ଖାଲୁଆ ଥିଲା । ସେ ଭାବିଲା, ଯଦିବା ସେଇ ଲୋକମାନେ ତାକୁ ଦେଖିପାରନ୍ତି, ତେବେ ସେମାନେ କେମିତି ଜାଣିବେ ଯେ ଗୋଟାଏ ତିନିଦିନର ଭୋକିଲା ସିଂହ ଗଛତଳେ ଜଗିବସିଛି ! ମୁଁ ଯଦି ସେମାନଙ୍କୁ ସତର୍କ କରି ନଦିଏ ତେବେ ଏଇ ଦୁଷ୍ଟ ସିଂହ କାହାକୁ ନା କାହାକୁ ଖାଇଦେବ । ଏଇଆ ଭାବି ସେ ତା'ର ସବୁ ଶକ୍ତି ଖଟାଇ ଚିତ୍କାର କରିବାକୁ ଲାଗିଲା । ତା'ର ପାଟି ଶୁଣି ଲୋକମାନେ ଟିକିଏ ରହିଗଲେ ଏବଂ ନିଜନିଜ ବନ୍ଧୁକ ଉଠାଇ ତା ଆଡ଼କୁ ନିରେଖିକରି ଚାହିଁଲେ ।

ପିଲାଟି ବଡ଼ପାଟିରେ ଚିତ୍କାରକରି କହିଲା, ''ହୁସିଆର ରୁହ, ହୁସିଆର ରୁହ । ଏଇ ଗଛତଳେ ଗୋଟାଏ ସିଂହ ବସିଛି ।''

ସିଂହ ନାଆଁ ଶୁଣି ସେମାନେ ସତର୍କ ହୋଇଗଲେ । ଚଟାପଟ୍ ବନ୍ଧୁକରେ ଗୁଳି ଭର୍ତ୍ତିକରି ସାବଧାନତାର ସହ ଆଗେଇଲେ ।

ତଳେ କଅଣ ଘଟୁଛି ସେକଥା କ'ଣ ସିଂହକୁ ଜଣାଅଛି ? ସେ ତ ନିଜର ଶିକାରକୁ ଏକା ଧ୍ୟାନରେ ଚାହିଁବସିଛି । ହଠାତ୍ ପାଦଶବ୍ଦ ଶୁଣି ସେ ଚମକିଉଠିଲା ଏବଂ ସେଇ ଚାରିଜଣ ଲୋକଙ୍କୁ ଗୋଟିଏ ଢିପ ଉହାଡ଼ରେ ଦେଖିଲା । ଆଉ କ'ଣ କହିବାର ଅଛି ?

Digitized by srujanika@gmail.com

ମନ ଜାଣି ଫଳ ମିଳିଗଲା । ଭୋକକୁ ଡର କାହିଁ ? ସେ ଏତେ ଜୋରରେ ଗର୍ଜନଛାଡ଼ିଲା ଯେ ସାରାଜଙ୍ଗଲଟା କମ୍ପିଗଲା ଏବଂ ସେ ସେଇ ଲୋକମାନଙ୍କ ଆଡ଼କୁ କୁଦାମାରିଲା; ହେଲେ ଲୋକମାନେ ତ ପ୍ରଥମରୁ ହିଁ ପ୍ରସ୍ତୁତ ଥିଲେ । ଚାରିଜଣଯାକ ଏକାବେଳକେ ଗୁଳି ଚଳାଇଲେ । ଗୁଡ୍ରୁମ-ଗୁଡ୍ରୁମ ଶବ୍ଦ ହେଲା । ଗଛରୁ ଚଢ଼େଇମାନେ ଡରରେ ଉଡ଼ିକରି ପଳାଇଗଲେ । ପିଲାଟି ତଳକୁ ଚାହିଁ ଦେଖିଲା, ସିଂହ ମାଟିରେ ଗଡୁଛି । ସେ ଆଉ ଥରେ ଉଠିଲା ପୁଣି ପଡ଼ିଗଲା । ଏଥର ଆଉ ହଲ୍ ନାହିଁ କି ଚଲ୍ ନାହିଁ ।

ପିଲାଟିର ଖୁସି କହିଲେ ନସରେ । ଭୋକଶୋଷର ଆଉ ନାଆଁ ନାହିଁ । ଚଟାପଟ୍ ସେ ଗଛରୁ ଓହ୍ଲାଇଆସି ଦେଖିଲା, ଆଗରେ ତା ମାଲିକ ଠିଆହୋଇଛନ୍ତି । ସେ କାନ୍ଦିକାନ୍ଦି ତାଙ୍କ ଗୋଡ଼ତଳେ ପଡ଼ିଗଲା । ମାଲିକ ତାକୁ ତଳୁ ଉଠାଇ ଛାତିରେ ଚାପିଧରିଲେ ଏବଂ କହିଲେ, ''ତୁ କ'ଣ ତିନିଦିନ ହେଲା ଏଇ ଗଛରେ ବସିଛୁ ?''

ପିଲାଟି କହିଲା, ''ହଁ, ଓହ୍ଲାଇ ଥାଆନ୍ତି କେମିତି ? ସିଂହଟା ପରା ତଳେ ଜଗିବସିଥିଲା ।''

ମାଲିକ କହିଲେ, ''ଆମେ ତ ଭାବିଥିଲୁ କୌଣସି ସିଂହ ତୋତେ ମାରି ଖାଇ ଦେଇଛି । ଆମେ ଚାରିଜଣ ଲୋକ ତିନିଦିନ ହେଲା ତୋତେ ଖୋଜୁଛୁ । ତୁ ଆମକୁ କିଛି ନକହି କୁଆଡ଼େ ଚାଲିଆସିଲୁ ?''

ପିଲା କହିଲା, ''ଗାଈ ହଜାଇ ଦେଇଥିଲି । ସେଥିପାଇଁ ଡରିଯାଇଥିଲି ।''

ମାଲିକ କହିଲେ, ''ଆରେ ପାଗଳ, ଗାଈ ତ ସେଇଦିନ ମନକୁମନ ଆସି ଯାଇଥିଲା ।''

ଭୋକ ଉପାସରେ ତା ଦେହରେ ବଳ ନଥିଲେ ମଧ୍ୟ ସେ ହସିପକାଇଲା ।

Digitized by srujanika@gmail.com

ଚୋରି

ହେ ମୋର ପିଲାଦିନ ! ତୋତେ ମୁଁ ଭୁଲିପାରୁନି । ସେଇ ଦଦରା ମାଟିଘର, ନଡ଼ାର ବିଛଣା । ସେଇ ଫୁଙ୍ଗୁଳା ଦେହ ଓ ନଙ୍ଗଳା ପାଦରେ ବିଲରେ ବୁଲିବା, ଆମ୍ବଗଛରେ ଚଢ଼ିବା ଇତ୍ୟାଦି ସବୁ ଆଖିଆଗରେ ନାଚିଯାଉଛି । ମୋଚି ତିଆରି ଦେଶୀ ଜୋତା ପିନ୍ଧି ସେତେବେଳେ ମୁଁ ଯେତେ ଖୁସି ହେଉଥିଲି ଏବେ ବଢ଼ିଆ ବଢ଼ିଆ ବୁଟ୍ ଜୋତା ପିନ୍ଧି ମଧ ସେତେ ଖୁସି ନୁହେଁ । ଗରମ ଗରମ ଆଖୁରସରେ ଯେଉଁ ମଜା ଥିଲା, ଏବେ ଗୋଲାପ ସର୍ବତରେ ମଧ ତାହା ନାହିଁ । ଚଣାଭଜା ଏବଂ କଞ୍ଚା କୋଳିରେ ଯେଉଁ ସୁଆଦ ଥିଲା, ଏବେ ଅଙ୍ଗୁର ଏବଂ କ୍ଷୀରମୋହନରେ ତାହା ନାହିଁ ।

ମୁଁ ମୋର ଦାଦାପୁଅ ଭାଇ ହଳଧର ସହିତ ଆର ଗାଆଁରେ ଥିବା ଜଣେ ମୌଲବୀ ସାହେବଙ୍କ ପାଖରେ ପଢ଼ିବାକୁ ଯାଉଥିଲି । ମୋର ବୟସ ସେତେବେଳେ ଥିଲା ମାତ୍ର ଆଠବର୍ଷ । ହଳଧର ଭାଇ ମୋଠଉଁ ଥିଲେ ଦି'ବର୍ଷ ବଡ଼ । (ସେ ବର୍ତ୍ତମାନ ସ୍ୱର୍ଗରେ ।) ଆମେ ଦୁହେଁ ବଡ଼ିସକାଳୁ ବାସିରୁଟି ଖାଇ ଦି'ପହର ଲାଗି ଯଅ ଓ ମଟରଭଜା ନେଇ ବାହାରିଯାଉ । ଦିନସାରା ସେଠାରେ ରହିବାକୁ ପଡୁଥିଲା । ମୌଲବୀ ସାହେବଙ୍କର ସେଠାରେ କୌଣସି ହାଜିରାଖାତା ନଥିଲା କିମ୍ବା ଅନୁପସ୍ଥିତି ପାଇଁ ଜୋରିମାନା ଦେବାକୁ ପଡୁନଥିଲା । ତା' ହେଲେ ଆଉ ଡର କ'ଣ ? ବେଳେବେଳେ ଆମେ ଥାନା ଆଗରେ ଠିଆହୋଇଥିବା ସିପାହୀମାନଙ୍କର ପରେଡ଼ ଦେଖି, କେତେବେଳେ ଭାଲୁ ଓ ମାଙ୍କଡ଼ ନଚାଉଥିବା କେଳା ପଛରେ ବୁଲିବୁଲି ଦିନ କଟାଇଦେଉ । କେବେ ରେଲଷ୍ଟେସନ ଆଡ଼େ ବାହାରିଯାଉ, ଗାଡ଼ିମାନଙ୍କର ଧାଡ଼ି ଦେଖୁ । ଗାଡ଼ିମାନଙ୍କର ଯିବାଆସିବା ସମୟ ଆମକୁ ଯେତେ ଜଣାଥିଲା, ବୋଧେ ଟାଇମ-ଟେବୁଲ ରଖୁଥିବା ଲୋକକୁ ସେତେ ଜଣାନଥିଲା । ରାସ୍ତାକଡ଼ରେ ସହରର ଜଣେ ମହାଜନ ବଗିଚା ତିଆରି କରୁଥିଲେ । ସେ ଗୋଟିଏ କୂଅ ଖୋଳୁଥିଲେ । ସେଇଟି ବି ଆମମାନଙ୍କ ପାଇଁ ଗୋଟିଏ ମଜାଦାର କଥା ଥିଲା । ବଗିଚାର ମାଳୀ ଖୁବ୍ ଆଦରରେ ଆମକୁ ନେଇ ତା କୁଡ଼ିଆରେ ବସାଉଥିଲା । ଆମେ ଜବରଦସ୍ତ ତା'ର କାମସବୁ କରିଦେଉଥିଲୁ । କୋଉଠି ବାଲ୍‌ଟି ନେଇ ଗଛରେ ପାଣି

Digitized by srujanika@gmail.com

Digitized by srujanika@gmail.com

ଦେଉଥିଲୁ, କେତେବେଳେ ଖୁରପି ନେଇ ଘାସ ଚାଞ୍ଛିଦେଉଥିଲୁ, କେତେବେଳେ କଇଁଚି ଧରି ବଢ଼ିଯାଇଥିବା ଲତାପତ୍ରକୁ କାଟି ସାଇଜକରି ଦେଉଥିଲୁ । ସେ କାମରେ କେତେ ଆନନ୍ଦ ଥିଲା ! ମାଳୀଟି ଶିଶୁ-ମନୋବିଜ୍ଞାନରେ ପଣ୍ଡିତ ଥିଲା । ଆମଠାରୁ କାମ ନେଉଥିଲା; ହେଲେ ଏମିତି ଭାବରେ ଯେ ମନେହେଉଥିଲା ସେ ଆମର ଉପକାର କରୁଛି । ସେ ସାରାଦିନରେ ଯେତେକାମ କରୁଥିଲା, ଆମେ ଘଣ୍ଟାକ ଭିତରେ ସେତିକି କାମ ଉଠାଇ ଦେଉଥିଲୁ । ଏବେ ସେ ମାଳୀ ନାହିଁ; କିନ୍ତୁ ବଗିଚାଟି ବେଶ୍ ସବୁଜ ସୁନ୍ଦର ହୋଇଛି । ଏବେ ସେଇବାଟ ଦେଇ ଯିବାବେଳେ ଇଚ୍ଛାହୁଏ, ସେଇ ଗଛଗୁଡ଼ିକୁ କୁଣ୍ଢାଇଧରି କାନ୍ଦନ୍ତି ଏବଂ କହନ୍ତି, ''ବନ୍ଧୁ, ତୁମେ ମୋତେ ଭୁଲିଯାଇଛ; ହେଲେ ମୁଁ ତୁମକୁ ଭୁଲିନାହିଁ । ମୋ ହୃଦୟରେ ତୁମ ସ୍ମୃତି ଆଜି ପର୍ଯ୍ୟନ୍ତ ସତେଜ ଅଛି । ଏତେ ସତେଜ ଯେ, ଠିକ୍ ଯେମିତି ତୁମର ପତ୍ରଗୁଡ଼ିକ । ନିଃସ୍ୱାର୍ଥ ପ୍ରେମର ତୁମେ ଗୋଟିଏ ଜୀବନ୍ତ ପ୍ରତିମୂର୍ତ୍ତି ।''

କେବେକେବେ ଆମେ ସପ୍ତାହେ ଯାଏ ଅନୁପସ୍ଥିତ ରହୁ; ମାତ୍ର ମୌଲବୀ ସାହେବଙ୍କ ପାଖରେ ଏଭଳି ବାହାନାକରୁ ଯେ ତାଙ୍କ ରାଗ କୁଆଡ଼େ ଥଣ୍ଡା ହୋଇଯାଏ । ଆଜି ଯଦି ସେଦିନ ଭଳି ଏତେ କଳ୍ପନାଶକ୍ତି ଥାଆନ୍ତା, ତେବେ ଏଭଳି ଉପନ୍ୟାସ ଲେଖନ୍ତି, ଲୋକେ ଆଶ୍ଚର୍ଯ୍ୟ ହୋଇଯାଆନ୍ତେ । ଏବେ ତ ଏମିତି ଅବସ୍ଥା ହୋଇଛି ଯେ ଢେର ମୁଣ୍ଡ ଖେଳାଇଲେ ବି କାହାଣୀଟିଏ ମୁଣ୍ଡକୁ ଢୁକୁନାହିଁ । ସେ ଯାହାହେଉ, ଆମ ମୌଲବୀ ଜଣେ ଦରଜୀ ଥିଲେ । ମୌଲବୀପଣିଆ ଖାଲି ସଉକରେ କରୁଥିଲେ । ଆମେ ଦୁଇଭାଇ ଆମ ଗାଆଁର ସାଧାରଣ ଲୋକଙ୍କ ଆଗରେ ତାଙ୍କ ବିଷୟରେ ବେଶ୍ ବଢ଼େଇକରି କହୁଥିଲୁ । କହିବାକୁ ଗଲେ ଆମେ ଥିଲୁ ମୌଲବୀ ସାହେବଙ୍କର ଭ୍ରାମ୍ୟମାଣ ଏଜେଣ୍ଟ । ଆମ ଉଦ୍ୟମରେ ମୌଲବୀ ସାହେବଙ୍କୁ ଯଦି କିଛି କାମ ମିଳିଯାଉଥିଲା, ତେବେ ଆମ ଖୁସିର ସୀମା ରହୁନଥିଲା । କୌଣସି ଦିନ ଯଦି କିଛି ଆଳ ଜୁଟୁନଥିଲା, ତେବେ ସେଦିନ ମୌଲବୀ ସାହେବଙ୍କ ପାଇଁ କିଛି ନା କିଛି ଗୋଟାଏ ଭେଟି ନେଇ ଯାଉଥିଲୁ । କେବେ ସେରେ ଅଧସେରେ* ଶିମ୍ବ କି ମଟରଛୁଇଁ ତୋଳି ନେଉଥିଲୁ, ଆଉ କେବେ ଦଶପାଞ୍ଚ ଖଣ୍ଡ ଆଖୁ, ଆଉ କେବେକେବେ ଯଅ କିମ୍ବା ଗହମର ଶାଗୁଆ ଶାଗୁଆ କେଣ୍ଡା ନେଇ ଯାଉଥିଲୁ । ସେଇ ସବୁ ଜିନିଷ ଦେଖିଦେଲେ ମୌଲବୀ ସାହେବଙ୍କ କ୍ରୋଧ ଶାନ୍ତ ହୋଇଯାଏ । ଯେବେ ଏସବୁ ଜିନିଷ ଜୁଟୁନଥିଲା, ତେବେ ଆମେ ଶାସ୍ତିରୁ ରକ୍ଷା-ପାଇବା ପାଇଁ ଆଉ କିଛି ଗୋଟାଏ ଉପାୟ ଚିନ୍ତାକରୁଥିଲୁ । ମୌଲବୀ ସାହେବଙ୍କର ପକ୍ଷୀସଉକ ଥିଲା । ତାଙ୍କ ପାଠଶାଳାରେ ଶ୍ୟାମା, ବୁଲବୁଲ ଆଦି କେତେ ଜାତିର

* ଆଜିକାଲିର କିଲୋଗ୍ରାମ ଭଳି ସେ କାଳରେ ପ୍ରଚଳିତ ଥିବା ଓଜନ ମାପ ।

Digitized by srujanika@gmail.com

ଚଢ଼େଇଙ୍କ ପିଞ୍ଜରା ଝୁଲୁଥାଏ । ଆମର ପାଠ ମନେରହୁ ନରହୁ, ଚଢ଼େଇମାନଙ୍କ କଥା କିନ୍ତୁ ମନେରହିଥାଏ । ଚଢ଼େଇମାନଙ୍କ ପାଇଁ ବେସନ ପେଷିବାରେ ଆମେ ଖୁବ୍ ଆଗ୍ରହ ପ୍ରକାଶ କରୁଥିଲୁ । ମୌଲବୀ ସାହେବ ସବୁ ପିଲାଙ୍କୁ ପୋକଜୋକ ସଂଗ୍ରହ-କରି ଆଣିବାପାଇଁ ତାଗିଦ କରିଥାଆନ୍ତି । ସେଇ ଚଢ଼େଇମାନଙ୍କର ପୋକଜୋକରେ ବିଶେଷ ରୁଚି ଥାଏ । ବେଳେବେଳେ ଆମ ବିପଦ ସେଇ ପୋକଜୋକଙ୍କ ମୁଣ୍ଡରେ କଟିଯାଉଥିଲା । ଆମେ ସେମାନଙ୍କୁ ବଳି ପକାଇ ମୌଲବୀ ସାହେବଙ୍କର ରୁଦ୍ର ରୂପକୁ ଶାନ୍ତକରି ଦେଉଥିଲୁ ।

ଦିନେ ସକାଳେ ଆମେ ଦୁଇଭାଇ ପୋଖରୀରେ ମୁହଁ ଧୋଇବାକୁ ଯାଇଛୁ, ହଳଧର ଭାଇ ଗୋଟାଏ କ'ଣ ଧଳା ଜିନିଷ ମୁଠାରେ ଧରି ଦେଖାଇଲେ । ମୁଁ ଖପ୍ କରି ତାଙ୍କ ମୁଠା ଖୋଲିଦେବାରୁ ଦେଖିଲି ଟଙ୍କାଟିଏ । ଆଶ୍ଚର୍ଯ୍ୟରେ ପଚାରିଲି, "ଏ ଟଙ୍କା ତୁମେ କେଉଁଠୁ ଆଣିଲ ?"

ହଳଧର ଭାଇ କହିଲେ, "ମା ଥାକଉପରେ ରଖିଥିଲା, ମୁଁ ଚଉକି ଉପରେ ଚଢ଼ି ଘେନିଆସିଲି ।"

ଘରେ ତ କୌଣସି ଆଲମାରି ବା ସିନ୍ଦୁକ ନଥିଲା । ଟଙ୍କାପଇସା ଗୋଟିଏ ଉଚ୍ଚ ଥାକଉପରେ ରଖି ଦିଆଯାଉଥିଲା । ଦିନକ ଆଗରୁ ଦାଦା ଝୋଟ ବିକିଥିଲେ । ସେ ଟଙ୍କା ଜମିଦାରଙ୍କୁ ଦେବାପାଇଁ ରଖିଥିଲେ । ହଳଧରଙ୍କୁ କେଜାଣି କେମିତି ତାର ଟେର୍ ମିଳିଗଲା । ଘରର ସବୁଲୋକ ଯେତେବେଳେ ନିଜନିଜର କାମଧନ୍ଦାରେ ଲାଗିଥିଲେ, ସେ ଖଟଉପରେ ଚଢ଼ିଯାଇ ସେଥିରୁ ଟଙ୍କାଟିଏ ନେଇଆସିଲେ ।

ସେ ପର୍ଯ୍ୟନ୍ତ ମୁଁ କେବେ ଟଙ୍କା ଛୁଇଁ ନଥିଲି । ସେଇ ଟଙ୍କାଟି ଦେଖି ମନରେ ଯେଉଁ ଭୟ ଓ ଆନନ୍ଦର ଲହରି ଖେଳିଗଲା ତାହା ଆଜିଯାଏ ମନେଅଛି । ଆମ ପାଇଁ ଟଙ୍କା ଗୋଟିଏ ଅପୂର୍ବ ଜିନିଷ ଥିଲା । ମୌଲବୀ ସାହେବଙ୍କୁ ଆମଘରୁ ମାସକୁ ମୋଟେ ବାରଣା* ପଇସା ମିଳୁଥିଲା । ମାସ ଶେଷରେ ଦାଦା ନିଜେ ଯାଇ ପଇସା ଦେଇ ଆସୁଥିଲେ । ଆମ ମନର ଗର୍ବକୁ ସେତେବେଳେ କିଏ କଳିପାରିବ ? ମାତ୍ର ମାତ୍ର ଭୟ ଆମ ସବୁ ଆନନ୍ଦକୁ ପାଣି ଫଟାଇ ଦେଉଥାଏ । କାରଣ ଘରେ ଟଙ୍କାତ କିଛି ଅମୁହାଁ ନଥିଲା । ଚୋରି ଧରାପଡ଼ିଯିବାର ଖୁବ୍ ସମ୍ଭାବନା ଥିଲା । ଦାଦାଙ୍କର କେତେ ରାଗ ସେ ବିଷୟରେ ମୋର ନହେଲେ ମଧ୍ୟ ହଳଧରଙ୍କର ପ୍ରତ୍ୟକ୍ଷ ଅନୁଭୂତି ହୋଇ ସାରିଥିଲା । ତାଙ୍କଠାରୁ ଅଧିକ ସାଧାସିଦା ଲୋକ ଦୁନିଆରେ କେହି ନ ଥିଲେ । ଦାଦା ଯଦି ତାଙ୍କ ସୁରକ୍ଷାଚିନ୍ତା ନିଜ ମୁଣ୍ଡରେ ରଖି ନଥାନ୍ତେ, ତେବେ ତାଙ୍କୁ

* ବାରଅଣା ହେଉଛି ବର୍ତ୍ତମାନର 75 ପଇସା । ଆଗେ ଟଙ୍କାକ 64 ପଇସା ବା ଷୋଳଅଣା ଥିଲା ।

Digitized by srujanika@gmail.com

କେହି ନେଇ ବଜାରରେ ବିକ୍ରିକରି ଦେଇଥାଆନ୍ତା; ହେଲେ ଦାଦାଙ୍କର ଯେତେବେଳେ ରାଗ ଉଠେ ସେତେବେଳେ ତାଙ୍କୁ ଆଉ କିଛି ଦେଖାଯାଏ ନାହିଁ । ଅନ୍ୟ କାହା କଥା ଛାଡ଼୍, ନିଜେ ଖୁଡ଼ୀ ମଧ ତାଙ୍କ ସାମନାକୁ ଆସିବାକୁ ଡରନ୍ତି ।

ଆମେ ଦୁଇଜଣ ସେ ବିଷୟରେ କେତେ ମିନିଟ ଯାଏ ବିଚାରକଲୁ । ଶେଷରେ ଏଇକଥା ସ୍ଥିରହେଲା ଯେ ଆସିଥିବା ଲକ୍ଷ୍ମୀଙ୍କୁ ଫେରାଇଦେବା ଠିକ୍ ହେବନାହିଁ । ପ୍ରଥମ କଥା ଆମ ଉପରେ କାହାରି ସନ୍ଦେହ ହେବନାହିଁ । ଯଦିବା କାହାର ସନ୍ଦେହ ହୁଏ, ତେବେ ଆମେ ସଫାସଫା ମନାକରିଦେବୁ । କହିବୁ, 'ଆମେ ଟଙ୍କା ନେଇ କ'ଣ କରିବୁ ?' ଭଲକରି ଟିକେ ଚିନ୍ତାକରିଥିଲେ, ଏ ବିଚାରଟା ଅବଶ୍ୟ ଓଲଟି ଯାଇଥାଆନ୍ତା । ଭବିଷ୍ୟତରେ ଯେଉଁ ବୀଭତ୍ସକାଣ୍ଡ ଘଟିଲା ତାହା ଆଉ ଘଟି ନଥାନ୍ତା; ହେଲେ ସେତେବେଳେ ଧୀରସ୍ଥିର ଭାବରେ ଚିନ୍ତା କରିବାର ଶକ୍ତି ଆମର ନଥିଲା ।

ମୁହଁହାତ ଧୋଇ ଦୁହେଁ ଘରକୁ ଆସିଲୁ ଏବଂ ଡରିଡରି ଘରେ ପଶିଲୁ । ଭାବିଲୁ, ଏତିକିବେଳେ ଘରେ ଯଦି ଟଙ୍କା ଖୋଜାଖୋଜି ହେବାର ଦୁର୍ଯୋଗ ଆସେ ତେବେ ଭଗବାନ ହିଁ ଭରସା; କିନ୍ତୁ ସମସ୍ତେ ନିଜନିଜର କାମରେ ବ୍ୟସ୍ତ ଥିଲେ । ଆମକୁ କେହି କିଛି କହିଲେନାହିଁ । ଆମେ ଜଳଖିଆ ଖାଇଲୁନାହିଁ, ଚଣା ଓ ବୁଟଭଜା ମଧ ନେଲୁନାହିଁ । କାଖରେ ବହି ଜାକି ପାଠଶାଳାକୁ ବାହାରିଗଲୁ ।

ବର୍ଷାଦିନ ଥାଏ । ଆକାଶରେ ମେଘ ଡାଙ୍କିଥାଏ । ଆମେ ଦୁଇଜଣ ମନଖୁସିରେ ପାଠଶାଳା ଆଡ଼େ ଚାଲିଥାଉ । ଏତେ ଖୁସି ଯେ ଆଜି ମୁଁ କାଉନ୍‌ସିଲର ମନ୍ତ୍ରୀପଦ ପାଇ ମଧ ସେତେ ଖୁସି ନୁହେଁ । ମନରେ ହଜାରେ ପ୍ରକାର ଯୋଜନା । ହଜାରେ ପ୍ରକାର ଆକାଶ କୁସୁମ ତୋଳୁଥାଉ । ଭାଗ୍ୟ ଜୋର ଥିବାରୁ ଏମିତି ଏକ ସୁଯୋଗ ମିଳିଛି । ଜୀବନରେ ବୋଧେ ଏମିତି ସୁଯୋଗ ଆସେ । ଟଙ୍କାଟାକୁ ଆମେ ଏମିତି ବାଗରେ ଖର୍ଚ୍ଚକରିବାକୁ ଚାହୁଁଥାଉ ଯେ ତାହା ଯେମିତି ବେଶିଦିନ ଯିବ । ସେକାଳରେ ପାଞ୍ଚଅଣାରେ ବଢ଼ିଆ ମିଠେଇ ସେରେ ମିଳୁଥିଲା ଏବଂ ଅଧସେରେ ମିଠେଇରେ ପେଟ ଭର୍ତ୍ତି ହୋଇଯାଇଥାଆନ୍ତା; କିନ୍ତୁ ଆମେ ଭାବିଲୁ ମିଠେଇ ଖାଇଲେ ତ ଆଜି ଗୋଟିଏ ଦିନରେ ସବୁ ପଇସା ଖତମ ହୋଇଯିବ । କିଛି ଗୋଟାଏ ଶସ୍ତା ଜିନିଷ ଖାଇବା ଉଚିତ, ଯେଉଁଥିରେ ମଜା ହେବ, ପେଟ ପୂରିବ ଏବଂ କମ୍ ପଇସା ଖର୍ଚ୍ଚହେବ । ଶେଷରେ ପିଜୁଳି ଉପରେ ଆମ ଆଖିପଡ଼ିଲା । ଦୁହେଁ ଏକମତ ହୋଇଗଲୁ । ଦି' ପଇସାର ପିଜୁଳିରେ ପକେଟ୍ ଭର୍ତ୍ତି ହୋଇଗଲା । ଯେତେବେଳେ ହଳଧର ଭାଇ ପିଜୁଳିବାଲା ହାତରେ ଟଙ୍କାଟି ରଖିଦେଲେ, ସେ ସନ୍ଦେହଭରା ଆଖିରେ ଆମକୁ ଚାହିଁ ପଚାରିଲା, ''ପିଲାଏ, ଟଙ୍କା କେଉଁଠୁ ଆଣିଲ ? ଚୋରିକରି ଆଣିନା ତ ?''

Digitized by srujanika@gmail.com

ଆମ ପାଖରେ ଉତ୍ତର ତିଆରିହୋଇ ରହିଥିଲା । ବେଶି ନହେଲେ ମଧ୍ୟ ଆମେ ସେତେବେଳକୁ ଦୁଇତିନିଖଣ୍ଡ ବହି ପଢ଼ିସାରିଥିଲୁ । ପାଠର କିଛିକିଛି ଉପକାର ମିଳୁଥିଲା । ମୁଁ ଚଟାପଟ୍ କହିଲି, ''ମୌଲବୀ ସାହେବଙ୍କୁ ପଇସା ଦେବାର ଅଛି । ଘରେ ପଇସା ନଥିଲା, ତେଣୁ ଦାଦା ଏ ଟଙ୍କା ଦେଇଛନ୍ତି ।''

ଏଇ ଉତ୍ତରରେ ପିଜୁଳିବାଲାର ସନ୍ଦେହ ଦୂର ହୋଇଗଲା । ଆମେ ଦୁହେଁ ଗୋଟିଏ ପୋଲ ଉପରେ ବସି ଢେର ପିଜୁଳି ଖାଇଲୁ । ଏବେ ସାଢ଼େ ପନ୍ଦରଅଣା ପଇସା ନେଇକରି କୁଆଡ଼େ ଯିବୁ ? ଗୋଟିକିଆ ଟଙ୍କାଟିକୁ ଲୁଚେଇ ରଖିବା କିଛି କଷ୍ଟକର ନଥିଲା; ହେଲେ ଏତେଗୁଡ଼ାଏ ଖୁଚୁରା ପଇସା କେଉଁଠି ଲୁଚାଇବୁ ? ନା ଅଣ୍ଟାରେ ନା ପକେଟରେ ଜାଗା ଅଛି । ନିଜ ପାଖରେ ରଖିଲେ ଚୋର ବୋଲି ଢେଙ୍ଗୁରା ବାଜିବ ।

ବହୁତ ଭାବିଚିନ୍ତି ଶେଷରେ ସ୍ଥିରକଲୁ ଯେ ବାରଅଣା ପଇସା ମୌଲବୀ ସାହେବଙ୍କୁ ଦେଇଦିଆଯିବ । ଅବଶିଷ୍ଟ ସାଢ଼େ ତିନିଅଣାରେ ମିଠେଇ ଖାଇଦେବା । ଏଇକଥା ସ୍ଥିରକରି ଆମେ ପାଠଶାଳାରେ ପହଞ୍ଚିଲୁ । ଆଜି ଆମେ ଅନେକଦିନ ପରେ ପାଠଶାଳା ଯାଉଛୁ । ମୌଲବୀ ସାହେବ ବିଗିଡ଼ିକରି କହିଲେ, ''ଏତେଦିନ ଯାଏ କେଉଁଠି ସବୁ ଥିଲ ?''

ମୁଁ କହିଲି, ''ମୌଲବୀ ସାହେବ, ଘରେ ଟିକିଏ ଅସୁବିଧା ଥିଲା ।'' ଏଇଆ କହି ବାରଅଣା ପଇସା ତାଙ୍କ ଆଗରେ ଥୋଇଦେଲି । ବାସ୍, ଏଥର ଆଉ କିଛି କହିବା ଦରକାର ନଥିଲା । ପଇସା ଦେଖିଦେଖି ମୌଲବୀ ସାହେବଙ୍କ ଓଠରେ ହସ ଖେଳିଗଲା । ମାସ ଶେଷହେବାକୁ ଆହୁରି କିଛିଦିନ ବାକି ଥାଏ । ସାଧାରଣତଃ ମାସ ସରିଗଲେ ଏବଂ ବାରବାର ତାଗିଦକଲେ ଯାଇ ପଇସା ମିଳେ । ଏବେ ଏତେ ଆଗତୁରା ପଇସା ପାଇ ଖୁସିହେବା କିଛି ଅସ୍ୱାଭାବିକ କଥା ନଥିଲା । ଆମେ ଅନ୍ୟ ପିଲାମାନଙ୍କ ଆଡ଼େ ବେଶ ଗର୍ବର ସହିତ ଅନାଇଲୁ । ମନେମନେ କହୁଥିଲୁ, 'ତୁମେ ସବୁ ମାଗିଲା ପରେ ବି ଦିଅନାହିଁ, ଆମେ କିନ୍ତୁ ଆଗତୁରା ଦେଇଦେଲୁ ।'

ଆମେ ପାଠ ପଢୁପଢୁ ମନେପଡ଼ିଲା ଯେ ଆଜି ପୋଖରୀ କୂଳରେ ମେଳା ଅଛି । ଉପରଓଳି ଛୁଟି ହୋଇଯିବ । ମୌଲବୀ ସାହେବ ମେଳାରେ ବୁଲ୍‌ବୁଲ୍ ଲଢ଼େଇବାକୁ ଯିବେ । ଏ ଖବର ଶୁଣିଲା କ୍ଷଣି ଆମ ଆନନ୍ଦର ସୀମା ରହିଲାନାହିଁ । ବାରଅଣା ତ ବ୍ୟାଙ୍କରେ ଜମାକରି ସାରିଛୁ, ସାଢେ ତିନିଅଣା ମେଳା ଦେଖିବାପାଇଁ ରହିଲା । ଖୁବ୍ ମଜା ହେବ, ମଜାରେ ରାବିଡ଼ି ଖାଇବୁ, ଗୁପ୍‌ଚୁପ୍ ଖାଇବୁ, ଦୋଳିରେ ଚଢ଼ିବୁ, ସଞ୍ଜବେଳେ ଯାଇ ଘରକୁ ଫେରିବୁ; ମାତ୍ର ମୌଲବୀ ସାହେବ ଗୋଟିଏ କଡ଼ା ସର୍ତ୍ତ ରଖିଦେଲେ ଯେ ସବୁପିଲା ଛୁଟି ପୂର୍ବରୁ ପାଠ ଆଦାୟ ଦେବେ । ଯିଏ ପାଠ

Digitized by srujanika@gmail.com

କହି ନପାରିବ, ତାକୁ ଛୁଟି ମିଳିବନାହିଁ । ପରିଣାମ ଏମିତି ହେଲା ଯେ ମୋତେ ତ ଛୁଟି ମିଳିଗଲା; ମାତ୍ର ହଳଧରଭାଇ ଅଟକି ରହିଲେ । ଆଉ ବହୁତ ପିଲା ପାଠ କହିଦେଇଥିଲେ । ସେମାନେ ସମସ୍ତେ ମେଳା ଦେଖିବାକୁ ଚାଲିଗଲେ । ମୁଁ ମଧ୍ୟ ସେମାନଙ୍କ ସହିତ ଗଲି । ପଇସା ମୋ ପାଖରେ ଥିଲା । ମୁଁ ତାଙ୍କୁ କହିଯାଇଥିଲି, ଯେ ପର୍ଯ୍ୟନ୍ତ ସେ ନଆସିଛନ୍ତି, ମୁଁ ଗୋଟିଏ ବି ପଇସା ଖର୍ଚ୍ଚ କରିବିନାହିଁ; କିନ୍ତୁ ମୁଁ କ'ଣ ଜାଣିଥିଲି ଯେ ଦୁର୍ଭାଗ୍ୟ ଆହୁରି କିଛି ପାଲା ଲଗାଇବ ?

ମେଳାରେ ପହଞ୍ଚିବାର ଘଣ୍ଟାଏ ବିତିଗଲା; ଅଥଚ ହଳଧରଙ୍କର ଦେଖା ନାହିଁ । ଏତେବେଳଯାଏ କ'ଣ ମୌଲବୀ ସାହେବ ଛୁଟି ଦେଇନାହାନ୍ତି ? ନା ସେ ରାସ୍ତା ଭୁଲିଗଲେ ? ମୁଁ ଏକାଧ୍ୟାନରେ ସଡ଼କଆଡ଼େ ଚାହିଁଥାଏ । ଏକୁଟିଆ ମେଳା ଦେଖିବାରେ ମନ ଲାଗୁନଥାଏ । ମନରେ ଦକ ଆସୁଥାଏ, ଚୋରିକଥା ଜଣାପଡ଼ି ଯାଇନାହିଁ ତ ! ଦାଦା ଆସି ହଳଧରଙ୍କୁ ଘରକୁ ଧରିନେଇ ନାହାନ୍ତି ତ ? ଶେଷରେ ଯେତେବେଳେ ସଞ୍ଜ ହୋଇଆସିଲା, ମୁଁ କିଛି ରାବିଡ଼ି ଖାଇଦେଲି ଏବଂ ହଳଧର ଭାଇଙ୍କ ଭାଗ ପଇସା ପକେଟରେ ରଖି ଧୀରେଧୀରେ ଘରକୁ ଚାଲିଲି । ବାଟରେ ଭାବିଲି ପାଠଶାଳା ବାଟଦେଇ ଯିବି । କାଳେ ହଳଧରଭାଇ ସେଠାରେ ଏ ଯାଏ ରହିଯାଇଥିବେ; କିନ୍ତୁ ସେଠାରେ ଦେଖିଲି ଶୂନଶାନ, କେହି କୁଆଡ଼େ ନାହାନ୍ତି । ହଁ, ଗୋଟାଏ ପିଲା ଖେଳୁଥିଲା । ସେ ମୋତେ ଦେଖୁଦେଖୁ ଅଟ୍ଟାକରି ବଡ଼ ପାଟିରେ କହିଲା, "ପିଲା, ଘରକୁ ଯା–, କେମିତି ମାଡ଼ଖାଇବୁ ଦେଖିବୁ । ତୋ ଦାଦା ଆସିଥିଲେ । ହଳଧରକୁ ମାରିମାରି ଘରକୁ ନେଇଗଲେ । ଆରେ ଏମିତି ଜୋରରେ ତାକୁ ଗୋଟାଏ ମୁଥିମାରିଲେ ଯେ ବିଚରା ହଳଧର ମୁହଁମାଡ଼ି ପଡ଼ିଗଲା । ଏଠୁ ତାକୁ ସେ ଘୋଷାରି ଘୋଷାରି ନେଇଗଲେ । ତୁମେ ମୌଲବୀ ସାହେବଙ୍କୁ ଯେଉଁ ଦରମା ଦେଇଥିଲ, ତୁମ ଦାଦା ତାକୁ ଫେରସ୍ତ ନେଇଗଲେ । ଏବେ ଗୋଟାଏ କ'ଣ ବାଟ କର, ନାହିଁତ ବେକାର ଗୁଡ଼ାଏ ମାଡ଼ ଖାଇବୁ ।"

ଏକଥା ଶୁଣି ମୋର ବୁଦ୍ଧି ହଜିଗଲା । ଦେହରୁ ରକ୍ତ ଶୁଖିଗଲା । ମୁଁ ଯେଉଁ କଥାକୁ ଡରୁଥିଲି, ସେଇଆ ହିଁ ଘଟିଲା । ପାଦଦୁଇଟା ମହଣେ ମହଣେ* ଭାରୀ ଲାଗିଲା । ଘରଆଡ଼କୁ ପାଦେ ବାଟ ଚାଲିବା ମୁସ୍କିଲ ଜଣାପଡ଼ିଲା । ଯେତେ ଦିଅଁ ଦେବତାଙ୍କ ନାଆଁ ମନେପଡ଼ିଲା, ସେ ସମସ୍ତଙ୍କୁ ଭୋଗ ଯାଚିଲି । କାହାକୁ ଲଡ୍ଡୁ, କାହାକୁ ପେଡ଼ା, କାହାକୁ ବତାସି । ଗାଆଁମୁଣ୍ଡରେ ପହଞ୍ଚି ବୁଢ଼ୀମଙ୍ଗଳାଙ୍କୁ ମଧ୍ୟ ସୁମରଣା କଲି । କାରଣ ଆମ ଅଞ୍ଚଳରେ ମଙ୍ଗଳାଙ୍କ ଇଚ୍ଛା ହିଁ ସବୁକିଛି ।

* ଆଗ କାଳର ଏହା ଗୋଟିଏ ଓଜନ ମାପ । ମହଣଟ ୪୦ ସେର ଓଜନ ସହିତ ସମାନ । ପୁରୁଣା ସେରେ ଓଜନ ଆଜିକାଲି ଏକ କିଲୋଗ୍ରାମରୁ କିଛି କମ୍ ।

Digitized by srujanika@gmail.com

ଏମିତି ସବୁକିଛି କଲି; କିନ୍ତୁ ଯେତେଯେତେ ଘର ପାଖେଇ ଆସିଲା, ଛାତି ସେତେ ପଡ଼ିଲା, ଉଠିଲା । ଖୁବ୍ ଜୋରରେ ମେଘ ଘୋଟି ଆସୁଥାଏ । ଜଣାପଡୁଥାଏ ଯେମିତି ଆକାଶ ଫାଟିପଡ଼ିବ । ଦେଖିଲି ଲୋକମାନେ ନିଜନିଜ କାମ ଛାଡ଼ି ପଳାଇ ଯାଉଛନ୍ତି । ଗୋରୁମାନେ ଲାଞ୍ଜ ଟେକି କୁଦାମାରି ଘରଆଡ଼େ ଦୌଡୁଛନ୍ତି । ଚଢ଼େଇମାନେ ନିଜ ବସାକୁ ଉଡ଼ିଯାଉଥାଆନ୍ତି । ମୁଁ କିନ୍ତୁ ସେମିତି ଧୀରେଧୀରେ ଚାଲିଥାଏ । ମୋ ପାଦରେ ଶକ୍ତି ନଥାଏ । ମନହେଉଥାଏ, ମୋତେ ଜ୍ୱର ହୋଇଯାଆନ୍ତା କି, ଦେହରେ କେଉଁଠି ଆଘାତ ଲାଗିଯାଆନ୍ତା କି ! କିନ୍ତୁ ମନ ଚାହିଁଲେ କ'ଣ କିଏ ଘୋଡ଼ା ଚଢ଼ିଲାଣି ? ଡାକିଲେ ମରଣ ଆସେ ନାହିଁ । ବେମାର କଥା ବା କହିବା କଅଣ ? ଏ ସବୁ କିଛି ହେଲାନାହିଁ । ଯେତେ ମଠେଇମଠେଇ ଚାଲିଲେ ବି ଘର ପାଖରେ ଆସି ପହଞ୍ଚିଗଲି ।

ଏବେ କଅଣ ହେବ ? ଆମ ଘର ସାମନାରେ ଗୋଟିଏ ବଡ଼ ତେନ୍ତୁଳିଗଛ ଥିଲା । ମୁଁ ଆସି ତାଆରି ପଛରେ ଲୁଚିଗଲି । ଭାବିଲି, ଅନ୍ଧାର ହୋଇଗଲେ ଚୁପ୍‌ଚାପ୍ ଘର ଭିତରେ ପଶିଯିବି ଏବଂ ବୋଉର ଶୋଇବାଘର ଖଟତଳେ ଯାଇ ବସିଯିବି । ଯେତେବେଳେ ସମସ୍ତେ ଶୋଇପଡ଼ିବେ ସେତେବେଳେ ବୋଉକୁ ସବୁ କଥା କହିବି । ବୋଉ କେବେ ମୋତେ ମାରେନାହିଁ । ମୁଁ ତା ଆଗରେ ମିଛରେ ମିଛରେ କାନ୍ଦିଲେ ତା ମନ ନିଶ୍ଚେ ତରଳିଯିବ । ରାତି ପାହିଗଲେ ଆଉ କିଏ ପଚାରେ ? ସକାଳକୁ ସମସ୍ତଙ୍କ ରାଗ ଥଣ୍ଡା ପଡ଼ିଯାଇଥିବ । ଏ ଯୋଜନା ଯଦି ଠିକ୍ କାମ ଦେବ ତେବେ ମୁଁ ନିଶ୍ଚିନ୍ତରେ ରକ୍ଷା ପାଇଯିବି; ହେଲେ କଅଣ ହେବ ? ଭଗବାନଙ୍କର ଇଚ୍ଛା କିନ୍ତୁ ଥିଲା ଅଲଗା ପ୍ରକାରର । ମୋତେ ଗୋଟିଏ ପିଲା ଦେଖିଦେଲା । ସେ ମୋ ନାଆଁରେ ସୁର ଧରି ସିଧା ଆମ ଘରକୁ ପଶିଗଲା । ମୋର ଆଉ କିଛି ଭରସା ରହିଲାନାହିଁ । କିଛି ଉପାୟ ନଦେଖି ମୁଁ ଘରେ ପାଦ ଦେଇଛି ତ ହଠାତ୍ ମୋ ମୁହଁରୁ ଏକ ଚିତ୍କାର ବାହାରି ପଡ଼ିଲା, ଯେମିତି ମାଡ଼ ଖାଇଥିବା କୁକୁର ତା ଆଡ଼କୁ କିଏ ଆସୁଥିବାର ଦେଖି ଚିତ୍କାର କରିଉଠେ । ଦାଣ୍ଡଘରେ ବାପା ବସିଥିଲେ । ବାପାଙ୍କର ଦେହ ବହୁତ ଖରାପ ଥାଏ । ସେ ଛୁଟି ନେଇ ଘରକୁ ଆସିଥାଆନ୍ତି । ତାଙ୍କର କଅଣ ହୋଇଥିଲା, ସେକଥା ମୁଁ କହିପାରିବି ନାହିଁ । ସେ କିନ୍ତୁ ମୁଗଡାଲି ଖାଉଥିଲେ ଏବଂ ସଞ୍ଜବେଳେ ଗୋଟାଏ ବୋତଲରୁ କାଚ ଗିଲାସରେ ଢାଳି କ'ଣ ପିଉଥିଲେ । ବୋଧହୁଏ କୌଣସି ନାମଜାଦା କବିରାଜ ବତାଇଥିବା ଔଷଧ ସେ ଖାଉଥିଲେ । ସେ ଔଷଧ ଖୁବ୍ କଡ଼ା ଥିଲା ଏବଂ ସେଥିରୁ ଦୁର୍ଗନ୍ଧ ବାହାରୁଥିଲା । ସେଗୁଡ଼ାକ ଥିଲା ଖରାପ ଔଷଧ; ତଥାପି ବାପା ସେ ଔଷଧ କାହିଁକି ଏଡ଼େ ମଜାରେ ପିଉଥିଲେ କେଜାଣି ! ଆମେ ଯେଉଁ ଔଷଧ ଖାଉ ତାକୁ ତ ଆଖି

Digitized by srujanika@gmail.com

ବୁଜି ଏକା ଢୋକରେ ଗିଳିଦେଉ; ହେଲେ ଏ ଔଷଧକୁ ବୋଧେ ରହିରହି ଧୀରେଧୀରେ ପିଇଲେ କାମ ଦିଏ । ବାପାଙ୍କ ପାଖରେ ଗାଆଁର ଆଉ ଦୁଇତିନି ଜଣ, ବେଳେବେଳେ ଚାରି ପାଞ୍ଚଜଣ ରୋଗୀ ମଧ୍ୟ ଜୁଟିଯାଆନ୍ତି ଏବଂ ଘଣ୍ଟାଘଣ୍ଟା ଧରି ଔଷଧ ପିଉଥାଆନ୍ତି । ଖାଇବାବେଳକୁ ଖୁବ୍ କଷ୍ଟରେ ଉଠିକରି ଯାଆନ୍ତି । ସେଦିନ ମଧ୍ୟ ବାପା ଏଇ ବେଳରେ ଔଷଧ ପିଉଥିଲେ । ଅନ୍ୟାନ୍ୟ ରୋଗୀମାନେ ତାଙ୍କୁ ଘେରି ରହିଥିଲେ । ମୋତେ ଦେଖୁ ଦେଖୁ ବାପା ଲାଲଲାଲ୍ ଆଖିକରି ପଚାରିଲେ, "ଏତେବେଳଯାଏ କୁଆଡ଼େ ଥିଲୁ ?"

ମୁଁ ଡରିଡରି କହିଲି, "କେଉଁଠି ନଥିଲି ତ !"

"ଏବେ ଚୋରି କରିବା ଶିଖିଲୁଣି ନା ? କହ, ତୁ ଟଙ୍କା ଚୋରାଇଥିଲୁ ନା ନାହିଁ ।"

ମୋ ପାଟିରୁ କଥା ବାହାରିଲା ନାହିଁ । ସାମନାରେ ବିପଦ ଝୁଲୁଛି । ଗୋଟିଏ ବି ଶବ୍ଦ କହିବାକୁ ଡର ଥିଲା ।

ବାପା ଖୁବ୍ ଜୋରରେ ଧମକଦେଇ କହିଲେ, "କିଛି କହୁନାହୁଁ କାହିଁକି ? ତୁ ଟଙ୍କା ଚୋରେଇଛୁ ନା ନାହିଁ ?"

ମୁଁ ସାହସ ବାନ୍ଧି କହିଲି, "ମୁଁ କେତେବେଳେ.........."

ମୁହଁରୁ ପୂରା କଥା ବାହାରିଛି କି ନାହିଁ, ବାପା ଗୋଟାଏ ବିକଟାଳ ମୁହଁ କରି ଦାନ୍ତ କଡ଼ମଡ଼ କରି ଧଡ଼କରି ଉଠିପଡ଼ିଲେ ଏବଂ ହାତ ଉଞ୍ଚାଇ ମୋ ଆଡ଼କୁ ମାଡ଼ି ଆସିଲେ । ମୁଁ ଚିରିଚିରି ବାଜି ଜୋରରେ କାନ୍ଦିବାକୁ ଲାଗିଲି । ମୁଁ ଏମିତି ଚିତ୍କାର କଲି ଯେ ବାପା ଟିକିଏ ଦବିଗଲେ । ତାଙ୍କ ହାତ ସେମିତି ଉଠିକରି ରହିଗଲା । ସେ ବୋଧେ ଭାବିଲେ ଏତିକିରେ ଯଦି ଏଇ ହାଲ, ଚାପୁଡ଼ା ବାଜିଲେ ପିଲାଟାର ବୋଧେ ଜୀବନ ରହିବନାହିଁ ।

ମୁଁ ଯେତେବେଳେ ଦେଖିଲି ମୋ କୌଶଳଟା ଠିକ୍ କାମ ଦେଇଛି, ମୁଁ ଆହୁରି ଜୋରରେ ଗଳା ଫଟାଇ କାନ୍ଦିବାକୁ ଲାଗିଲି । ଏ ଭିତରେ ପାଖରେ ଥିବା ଦି'ତିନିଜଣ ଲୋକ ବାପାଙ୍କୁ ଧରିପକାଇଲେ ଏବଂ ମୋତେ ପଳାଇଯିବାକୁ ଠାରି ଦେଲେ । ପିଲାମାନେ ଏଇ ଅବସରରେ ଖୁବ୍ ଜିଦି କରନ୍ତି ଏବଂ ଅଯଥା ମାଡ଼ ଖାଆନ୍ତି । ମୁଁ କିନ୍ତୁ ବୁଦ୍ଧିମାନ କାମ କଲି; ମାତ୍ର ଘର ଭିତରର ଦୃଶ୍ୟ ଥିଲା ଆହୁରି ଭୟଙ୍କର । ମୋ ରକ୍ତ ପାଣି ପାଟିଗଲା । ଦେଖିଲି ହଳଧରର ଦୁଇହାତ ଗୋଟିଏ ଖୁଣ୍ଟରେ ବନ୍ଧାହୋଇଛି । ଦେହସାରା ଧୂଳି ଜୁଡୁବୁଡୁ । ସେ ଏ ପର୍ଯ୍ୟନ୍ତ କଇଁକଇଁ ହୋଇ କାନ୍ଦୁଥାଆନ୍ତି । ସମ୍ଭବତଃ ସେ ଅଗଣାସାରା ଘୁଷୁରିଥିଲେ । ମନେହେଉଥିଲା ସାରା ଅଗଣାଟା ଯେମିତି ତାଙ୍କ ଲୁହରେ ଭାସୁଥିଲା । ଖୁଡ଼ୀ ହଳଧରକୁ ଖୁବ୍ ଧମକାଉ

Digitized by srujanika@gmail.com

ଥାଆନ୍ତି ଏବଂ ବୋଉ ବସି ମସଲା ବାଟୁଥାଏ । ପ୍ରଥମେ ଖୁଡ଼ୀଙ୍କର ମୋ ଉପରେ ଆଖି ପଡ଼ିଗଲା । ସେ କହିଲେ, ''ହେଇ ଏଇଟା ଆସିଗଲାଣି । କ'ଣ କିରେ ? ଟଙ୍କା ତୁ ଚୋରାଇଥିଲୁ ନା ଇଏ ?''

ମୁଁ ନିର୍ଭୟରେ କହିଦେଲି, ''ହଳଧର'' ।

ବୋଉ କହିଲା, ''ସେ ଯଦି ଟଙ୍କା ଚୋରେଇଥିଲା ତେବେ ତୁ ଘରକୁ ଆସି ଏକଥା କହିଦେଲୁନାହିଁ କାହିଁକି ?''

ଏବେ ଦେଖିଲି, ମିଛ ନକହିଲେ ରକ୍ଷାନାହିଁ । ମୁଁ ଜାଣେ, ମଣିଷର ଜୀବନ ଉପରେ ପଡ଼ିଲେ ମିଛ କହିବାରେ ଦୋଷ ନାହିଁ । ହଳଧରଭାଇ ମାଡ଼ ଖାଇବାରେ ଅଭ୍ୟସ୍ତ ଥିଲେ । ତାଙ୍କ ଉପରେ ଦି'ଚାରି ମୁଥି ବସିଗଲେ ତାଙ୍କର କିଛି ହେବନାହିଁ । ମୁଁ କିନ୍ତୁ କେବେ ମାଡ଼ ଖାଇନାହିଁ । ଦି' ଚାରି ମୁଥାରେ ମୋ କାମ ଖତମ ହୋଇଯିବ; ତଥାପି ହଳଧରଭାଇ ନିଜେ ଖସିଯିବା ପାଇଁ ମୋତେ ଫସେଇଦେବାକୁ ଚେଷ୍ଟା କରିଥିଲେ । ତା ନହେଲେ ଖୁଡ଼ୀ ମୋତେ ଏକଥା କାହିଁକି ପଚାରିଥାଆନ୍ତେ ଯେ ''ଟଙ୍କା ତୁ ଚୋରେଇଥିଲୁ ନା ହଳଧର ?''

କାହାରି ବିଚାରରେ ଏଭଳି ଅବସ୍ଥାରେ ମୋର ମିଛ କହିବା ପ୍ରଶଂସନୀୟ ନହେଲେ ମଧ୍ୟ କ୍ଷମଣୀୟ ଥିଲା । ମୁଁ ପଳାଇ ଯାଉଯାଉ କହିଲି, ''ହଳଧର କହିଥିଲେ ଯେ ମୁଁ ଯଦି କାହାକୁ କହିଦିଏ, ତେବେ ସେ ମୋତେ ମାରିପକାଇବେ ।''

ବୋଉ କହିଲା, ''ଦେଖିଲ, ସେଇକଥା ହେଲା ନା ? ମୁଁ ତ କହୁଥିଲି ଯେ ମୋ ପିଲାର ଏଭଳି ଅଭ୍ୟାସ ନାହିଁ । ସେ ତ ପଇସା କେବେ ଛୁଏଁ ବି ନାହିଁ । ମୋତେ କିନ୍ତୁ ସମସ୍ତେ ଓଲୁ ବୋଲି କହିଲେ ।''

ହଳଧର, ''ମୁଁ ତୋତେ କେତେବେଳେ କହିଲି ଯେ ତୁ କହିଦେଲେ ମାରିବି ବୋଲି ?''

''ହଁ, ସେଇ ପୋଖରୀକୂଳେ ।'' ମୁଁ କହିଲି ।

ହଳଧର, ''ବୋଉ, ବିଲକୁଲ ମିଛକଥା ।''

ଖୁଡ଼ୀ, ''ମିଛ ନୁହେଁ, ସତ । ତୁ ତ ଏକା ମିଛୁଆ, ଆଉ ସଂସାରରେ ସମସ୍ତେ ସତିଆ । ତୋ ନାଆଁଟା ଧରାପଡ଼ିଗଲା ନା । ତୋ ବାପା ଚାକିରୀକରି ବାହାରୁ ଟଙ୍କା ରୋଜଗାର କରି ଆଣୁଛନ୍ତି । ପାଞ୍ଚଜଣ ତାଙ୍କୁ ଭଲମଣିଷ ବୋଲି କହୁଛନ୍ତି । ତୁ ସେମିତି ସତିଆ ହେବା ଉଚିତ । ଏବେ ତ ତୁ ମିଛୁଆ ହୋଇଗଲୁ । ଯାହା ଭାଗ୍ୟରେ ମିଠେଇ ଲେଖାହୋଇଥିଲା, ସେ ମିଠେଇ ଖାଇଲା; ତୋ ଭାଗ୍ୟରେ ତ ଗୋଇଠା ଲେଖାହୋଇଥିଲା ।''

ଏଇକଥା କହି ଖୁଡ଼ୀ ହଳଧରଙ୍କୁ ଖୋଲିଦେଲେ ଏବଂ ତାଙ୍କ ହାତ ଧରି ଘର

Digitized by srujanika@gmail.com

ଭିତରକୁ ନେଇଗଲେ । ମୋ ବିଷୟରେ ବୋଉ ବେଶ୍ ଗେହ୍ଲାଳିଆ କଥାଗୁଡ଼ାଏ କହି ମୂଳକଥାଟାକୁ ବାଆଁରେଇଦେଲା । ନହେଲେ ମୋ ଉପରେ କେତେ ଯେ ମାଡ଼ ବସିଥାଆନ୍ତା ତା'ର ଠିକଣା ନଥିଲା ।

ମୁଁ ବୋଉ ପାଖରେ ବସି ମୋର ନିର୍ଦ୍ଦୋଷତା ବିଷୟରେ ଢେର ବଖାଣିଲି । ମୋର ସରଳମନା ବୋଉ ମୋତେ ଗୋଟିଏ ସତ୍ୟର ଅବତାର ବୋଲି ଭାବୁଥିଲା । ତା'ର ପୂରା ବିଶ୍ୱାସ ହୋଇଗଲା ଯେ ସବୁ ଦୋଷ ହେଉଛି ହଳଧରର । କିଛି ସମୟ ପରେ ମୁଁ ଚଣାଭଜା ଓ ଗୁଡ଼ ନେଇ ଘରୁ ବାହାରିଆସିଲି । ହଳଧରଭାଇ ମଧ ଠିକ୍ ସେତିକିବେଳେ ଚୁଡ଼ା ଖାଇଖାଇ ବାହାରକୁ ଆସିଲେ । ଆମେ ଦୁହେଁ ଏକାଠି ବାହାରକୁ ଗଲୁ ଏବଂ ନିଜନିଜର ପିଛିଲା ଘଟଣାସବୁ ଶୁଣାଇଲୁ । ମୋ କଥା ସୁଖମୟ ଥିବାବେଳେ ହଳଧରର କଥା ଥିଲା ଦୁଃଖମୟ; କିନ୍ତୁ ଶେଷରେ ଆମ ଦୁଇଜଣଙ୍କ ପାଖରେ ଗୋଟିଏ କଥା ଥିଲା, ତାହା ହେଉଛି ଚଣାଭଜା ଓ ଗୁଡ଼ ।



Digitized by srujanika@gmail.com

ଡାକବାଲା*

ଏକ

ମୋର ବାଲ୍ୟସ୍ମୃତିରୁ ଡାକବାଲା କଥାଟି କେବେହେଲେ ଲିଭିବନାହିଁ । ଆଜିକି ଚାଳିଶ ବର୍ଷ ବିତିଗଲାଣି । ଡାକବାଲାର ସେଇ ଚେହେରା ଏବେ ବି ଆଖି ଆଗରେ ନାଚିଯାଉଛି । ମୁଁ ସେତେବେଳେ ମୋ ବାପାଙ୍କ ସହିତ ଆଜମଗଡ଼ ଅଞ୍ଚଳରେ ଥାଏ । ଡାକବାଲାଟି ବେଶ୍ ହସକୁରା, ଖୁବ୍ ସାହସୀ ଓ ବଡ଼ ଦିଲଦାର ଥିଲା । ସେ ପ୍ରତିଦିନ ସଞ୍ଜରେ ଡାକବ୍ୟାଗ ନେଇକରି ଆସେ, ରାତିଟା ରହେ; ପୁଣି ସକାଳୁ ଡାକ ନେଇ ଚାଲିଯାଏ । ମୁଁ ସାରାଦିନ ଉତ୍କଣ୍ଠାର ସହିତ ତା ବାଟକୁ ଚାହିଁରହିଥାଏ । ଯେମିତି ଚାରିଟା ବାଜେ, ମୁଁ ଛାଟିପିଟି ହୋଇ ସଡ଼କ ଉପରେ ଆସି ଠିଆହୋଇଯାଏ । କିଛି ସମୟ ପରେ ଡାକବାଲା କାନ୍ଧରେ ବର୍ଚ୍ଛା ରଖି, ତା'ର ଘୁଙ୍ଗୁର ଝମଝମ କରି ଦୂରରୁ ଦୌଡ଼ିଦୌଡ଼ି ଆସୁଥିବାର ଦେଖାଯାଏ । ସେ ସାବନା ରଙ୍ଗର ବେଶ୍ ହୃଷ୍ଟପୁଷ୍ଟ ଡେଙ୍ଗା ଯୁବକଟିଏ । ତା ଦେହଟି ଏମିତି ଛାଞ୍ଚରେ ଢଳା ଯେ ଗୋଟିଏ କୁଶଳୀ କାରିଗର ମଧ ସେଥିରେ କିଛି ଦୋଷ ଦେଖାଇ ପାରିବନାହିଁ । ତାର ଛୋଟଛୋଟ ନିଶ ତା ଗୋଲଗାଲ ଚେହେରା ଉପରେ ବେଶ୍ ମାନେ । ମୋତେ ଦେଖିଲେ ସେ ଆହୁରି ଜୋରରେ ଦୌଡ଼ିବାକୁ ଲାଗେ । ତା ଘୁଙ୍ଗୁର ଆହୁରି ଜୋରରେ ଝମଝମ ହୋଇ ବାଜିବାକୁ ଲାଗେ । ମୋ ମନ ସେଇ ଅନୁସାରେ ବେଶିବେଶି ଖୁସିରେ ନାଚିଉଠେ । ଅତ୍ୟଧିକ ଖୁସିରେ ମୁଁ ବି ତା ପାଖକୁ ଦୌଡ଼ିଯାଏ ଏବଂ ମୁହୂର୍ତ୍ତକ ମଧରେ ତାର କାନ୍ଧ ମୋର ସିଂହାସନ ହୋଇଯାଏ । ସେଇ ସ୍ଥାନଟି ଥିଲା ମୋ ଅଭିଳାଷର ସ୍ୱର୍ଗ । ଡାକବାଲାର ବିଶାଳ କାନ୍ଧ ଉପରେ ବସି ମୋତେ ଯେତେ ଖୁସି ଲାଗୁଥିଲା, ସ୍ୱର୍ଗରେ

* ମୂଳ କାହାଣୀର ନାମ 'କାକାକୀ', ଯାହାର ଅର୍ଥ ହେଉଛି ଡାକ ହରକରା । ଆଗେ ରାସ୍ତାଘାଟ ସୁଗମ ନଥିବାରୁ ଏବଂ ଯାନବାହନର ସୁବିଧା ନଥିବାରୁ ଏଇ ଡାକ ହରକରାମାନେ ଡାକବ୍ୟାଗ କାନ୍ଧରେ ପକାଇ ଚାଲିଚାଲି ବା ଦୌଡ଼ିଦୌଡ଼ି ଗୋଟିଏ ଜାଗାରୁ ନେଇ ଆଉ ଗୋଟିଏ ଜାଗାରେ ପହଞ୍ଚାଇ ଦେଉଥିଲେ । ନିରାପତ୍ତା ନିମନ୍ତେ ସେମାନେ ହାତରେ ଠେଙ୍ଗାଟିଏ ଧରିଥାଆନ୍ତି । ତା ଅଗରେ ଗୋଟିଏ ବର୍ଚ୍ଛା ଲଗା-ଯାଇଥାଏ ଏବଂ ଘୁଙ୍ଗୁର ବନ୍ଧା ହୋଇଥାଏ ।

Digitized by srujanika@gmail.com

Digitized by srujanika@gmail.com

ଥିବା ଲୋକମାନଙ୍କୁ ମଧ୍ୟ ସେତିକି ଆନନ୍ଦ ମିଳୁନଥିବ । ଡାକବାଲା ମୋତେ କାନ୍ଧରେ ବସାଇ ଦୌଡ଼ିବାବେଳେ ସଂସାର ମୋ ଆଖିରେ ତୁଚ୍ଛ ଦେଖାଯାଏ । ସେତେବେଳେ ମୋତେ ଏମିତି ଲାଗେ ଯେ ସତେ ଯେମିତି ମୁଁ ମନପବନ ଘୋଡ଼ାରେ ବସି ଉଡୁଛି ।

ଡାକବାଲା ଡାକଘରେ ଆସି ପହଞ୍ଚିବା ପରେ ଯାଇ ତା ଦେହରୁ ଟିକେ ଝାଳ ମରେ; କିନ୍ତୁ ଆରାମ କରିବାର ଅଭ୍ୟାସ ତାର ନଥିଲା । ଡାକମୁଣି ରଖିଦେଇ ସେ ମୋତେ ସାଙ୍ଗରେ ନେଇ କୌଣସି ଗୋଟିଏ ପଡ଼ିଆକୁ ଚାଲିଯାଏ । କେତେବେଳେ ସେ ମୋ ସାଙ୍ଗରେ ଖେଳେ, କେତେବେଳେ ଭୋଜପୁରୀ ଗୀତ ଗାଇ ଶୁଣାଏ ଆଉ କେତେବେଳେ ପୁଣି ଗପ କହେ । ଚୋରି, ଡକାୟତି, ମାରପିଟ ଏବଂ ଭୂତପ୍ରେତ ବିଷୟରେ ତାର ଶହଶହ ଗପ ମନେଥାଏ । ମୁଁ ଏସବୁ ଗପ ଶୁଣି ଆନନ୍ଦ ଓ ବିସ୍ମୟରେ ବୁଡ଼ିଯାଏ । ତା କାହାଣୀରେ ଚୋର ଓ ଡାକୁମାନେ ହେଉଛନ୍ତି ଖାଣ୍ଟି ଯୋଦ୍ଧା, ଯେଉଁମାନେ ଧନୀମାନଙ୍କୁ ଲୁଟକରି ଗରିବମାନଙ୍କ ମଧ୍ୟରେ ବାଣ୍ଟନ୍ତି । ସେମାନଙ୍କ ପ୍ରତି ମୋର ଘୃଣା ବଦଳରେ ଶ୍ରଦ୍ଧା ଜାତହୁଏ ।

ଦୁଇ

ଦିନେ ଡାକବାଲା ଡାକମୁଣି ନେଇ ଆସିବାରେ ଡେରି ହୋଇଗଲା । ସଞ୍ଜ ହୋଇ ଗଲାଣି; ତଥାପି ତା'ର ଦେଖାନାହିଁ । ମୁଁ ଅନ୍ୟମନସ୍କ ଭାବରେ ସଡ଼କ ଉପରେ ଠିଆହୋଇ ବହୁ ଦୂରକୁ ଏକ ଧ୍ୟାନରେ ଚାହିଁ ରହିଥାଏ; କିନ୍ତୁ ସେଇ ପରିଚିତ ମୁହଁଟି ଦେଖାଯାଉ ନଥାଏ । କାନ ଡେରି ରହିଥାଏ; ମାତ୍ର ସେଇ ଆନନ୍ଦଦାୟକ ଝୁମଝୁମ ଶବ୍ଦ ଶୁଭୁ ନଥାଏ । ସଞ୍ଜ ଆଲୁଅ ଭଳି ମୋ ମନ ମଧ୍ୟ ମଉଳି ଯାଉଥାଏ । ସେଆଡୁ କେହି ଆସୁଥିବାର ଦେଖିଲେ ପଚାରେ, "ଭାଇ, ଡାକବାଲା ଆସୁଛି କି ?" ହେଲେ ମୋ କଥା କେହି ଶୁଣନ୍ତିନାହିଁ । କେବଳ ମୁଣ୍ଡ ହଲାଇ ଚାଲିଯାଆନ୍ତି ।

ହଠାତ୍ ମୋ କାନରେ ଝମଝମ ଶବ୍ଦ ବାଜିଗଲା । ଅନ୍ଧାର ହୋଇଗଲେ ମୋତେ ଚାରିଆଡ଼େ ଖାଲି ଭୂତ ଦେଖାଯାଆନ୍ତି । ଏମିତିକି ବୋଉ କୋଠରିର ଥାକ ଉପରେ ଥିବା ମିଠେଇ ବି ଅନ୍ଧାର ହୋଇଗଲେ ମୁଁ ଛାଡ଼ିଦିଏ; କିନ୍ତୁ ଝମଝମ ଶବ୍ଦ ଶୁଣିବା ମାତ୍ରେ ମୁଁ ସେଇଆଡ଼େ ଜୋରରେ ଦୌଡ଼ିବାକୁ ଲାଗିଲି । ହଁ, ଡାକବାଲା ଆସୁଥିଲା; କିନ୍ତୁ ତାକୁ ଦେଖିବା କ୍ଷଣି ମୋର ବ୍ୟାକୁଳତା ରାଗରେ ପରିଣତ ହୋଇଗଲା । ମୁଁ ତାକୁ ମାରିବାକୁ ଲାଗିଲି । ତା'ପରେ ଖସିକରି ଯାଇ ଦୂରରେ ଠିଆହେଲି ।

ଡାକବାଲା ହସିକରି କହିଲା, "ମାରିବ ଯଦି ମୁଁ ଆଜି ଗୋଟିଏ ଜିନିଷ ଆଣିଛି, ଦେବିନାହିଁ ।"

Digitized by srujanika@gmail.com

ମୁଁ ଜୋରରେ କହିଲି, ''ଯାଅ, ନ ଦିଅ । ଦେଲେ ବି ମୁଁ ନେବିନାହିଁ କହୁଛି ।''

ଡାକବାଲା, ''ଖାଲି ଦେଖିଦେଲେ ତୁମେ ଦୌଡ଼ିଆସି ତାକୁ କୁଣ୍ଢେଇ ପକାଇବ ।''

ମୋ ମନ ବଦଳିଗଲା । ମୁଁ କହିଲି, ''ଆଚ୍ଛା ଦେଖାଅ ତ !''

ଡାକବାଲା କହିଲା, ''ତେବେ ମୋ କାନ୍ଧରେ ଆସି ବସିଯାଅ ତ । ମୁଁ ପଳାଇଯିବି । ଆଜି ବହୁତ ଡେରି ହୋଇଗଲାଣି । ବାବୁଜୀ ତେଣେ ବିରକ୍ତ ହେଉଥିବେ ।''

ମୁଁ ଅଡ଼ିବସିଲି, ''ଆଗେ ଦେଖାଅନା ।''

ମୋର ଜୟ ହେଲା । ଡାକବାଲାର ଯଦି ଡେରିହେବାର ଭୟ ନଥା'ନ୍ତା ଏବଂ ସେ ଆଉ ଗୋଟିଏ ମିନିଟ ଅଟକିଯାଇ ପାରିଥାଆନ୍ତା, ତେବେ କଥାଟା ଓଲଟି ଯାଇଥାଆନ୍ତା । ସେ ମୋତେ ଏମିତି ଗୋଟିଏ ଜିନିଷ ଦେଖାଇଲା, ଯାହାକୁ ସେ ଗୋଟିଏ ହାତରେ ଛାତିରେ ଜାବୁଡ଼ି ଧରିଥିଲା । ତା'ର ମୁହଁ ଲମ୍ବା । ଆଖି ଦୁଇଟି ଚମକୁଥିଲା ।

ମୁଁ ଦୌଡ଼ିଯାଇ ଡାକବାଲା ହାତରୁ ତାକୁ ନେଇଆସିଲି । ସେଇଟି ଥିଲା ଗୋଟିଏ ହରିଣଛୁଆ । ଆଃ, ମୋ ଖୁସିକୁ ଏଥର ଦେଖେ କିଏ ? ପରବର୍ତ୍ତୀ କାଳରେ କେତେ କଠିନ ପରୀକ୍ଷାରେ ମୁଁ ଉତ୍ତୀର୍ଣ୍ଣ ହୋଇଛି, ଭଲଭଲ ପଦବୀ ପାଇଛି । 'ରାୟବାହାଦୁର' ମଧ୍ୟ ହୋଇଛି; କିନ୍ତୁ ସେଦିନର ସେଇ ଖୁସି ଆଉ କେବେ ପାଇନାହିଁ । ମୁଁ ତାକୁ କୋଳରେ ଧରିଲି । ତା'ର କଅଁଳିଆ ଦେହର ସ୍ପର୍ଶ ଲାଭକରି ଘରଆଡ଼କୁ ଧାଇଁଲି । ଡାକବାଲାର ସେଦିନ ଆସିବାରେ କାହିଁକି ଡେରିହେଲା ସେକଥା ଭୁଲିଗଲି ।

ମୁଁ ପଚାରିଲି, ''ଡାକବାଲା, ତୁମେ ଏଇଟି କେଉଁଠୁ ପାଇଲ ?''

ଡାକବାଲା, ''ଭାଇ, ଏଠଉଁ କିଛି ଦୂରରେ ଗୋଟିଏ ଛୋଟ ଜଙ୍ଗଲ ଅଛି । ସେଠାରେ ବହୁତ ହରିଣ ଅଛନ୍ତି । ମୋର ଇଚ୍ଛା ହେଉଥିଲା, ଗୋଟିଏ ହରିଣଛୁଆ ମିଳିଯାଆନ୍ତା କି, ମୁଁ ସେଇଟି ଆଣି ତୁମକୁ ଦିଅନ୍ତି । ଆଜି ଏଇ ଛୁଆ ହରିଣଟିକୁ ସେଇ ପଲ ଭିତରେ ଦେଖିଲି । ମୁଁ ସେଇ ପଲ ଆଡ଼କୁ ଧାଇଁବାରୁ ସେମାନେ ସମସ୍ତେ ଦୌଡ଼ିଲେ । ତାଙ୍କ ସାଥୀରେ ଏଇ ଛୁଆଟି ବି ଦୌଡ଼ିଲା; କିନ୍ତୁ ମୁଁ ତାର ପିଛା ଛାଡ଼ିଲିନାହିଁ । ଅନ୍ୟ ହରିଣମାନେ ବହୁତ ଦୂରକୁ ପଳାଇ ଯାଇଥିଲେ । ଏଇଟି କିନ୍ତୁ ପଛରେ ରହିଯାଇଥିଲା । ମୁଁ ତାକୁ ଧରିପକାଇଲି । ସେଇଥିପାଇଁ ଏତେ ଡେରି ହେଲା ।''

ଏମିତି କଥାବାର୍ତ୍ତା ହୋଇ ଆମେ ଯାଇ ଡାକଘରେ ପହଞ୍ଚିଲୁ । ବାପା ମୋ ଆଡ଼େ ଚାହିଁଲେ ନାହିଁ । ହରିଣଛୁଆକୁ ବି ଚାହିଁଲେ ନାହିଁ । ଡାକବାଲା ଉପରେ ତାଙ୍କ

Digitized by srujanika@gmail.com

ଦୃଷ୍ଟି ପଡ଼ିଲା । ସେ ରାଗ ଜରଜର ହୋଇ କହିଲେ, ''କୋଉଠି ଆଜି ଏତେ ଡେରି କଲୁ ? ଏତେ ଡେରିରେ ଡାକବ୍ୟାଗ ନେଇକରି ଆସିଲୁ, ତାକୁ ନେଇ ମୁଁ ଏବେ କ'ଣ କରିବି ? ଡାକ ତ ଚାଲିଗଲାଣି । କହ ତୁ କାହିଁକି ଏତେ ଡେରିକଲୁ ?''

ଡାକବାଲା ପାଟିରୁ କିଛି କଥା ବାହାରିଲାନାହିଁ ।

ବାପା କହିଲେ, ''ତୋର ବୋଧେ ଚାକିରି କରିବାର ଇଚ୍ଛା ନାହିଁ । ପେଟ ଭରିଗଲା ତ ମୋଟା ହୋଇଗଲୁ । ଯେତେବେଳେ ଭୋକରେ ମରିବାକୁ ଲାଗିବୁ ସେତେବେଳେ ଯାଇ ଆଖି ଖୋଲିବ ।''

ଡାକବାଲା ଚୁପ୍‌ଚାପ୍ ଠିଆହୋଇଥିଲା । ବାପାଙ୍କର ରାଗ ଆହୁରି ବଢ଼ିଗଲା । ସେ କହିଲେ, ''ହଉ, ମୁଣି ରଖିଦେ' । ଏଥର ନିଜ ବାଟ ନିଜେ ଦେଖି । ହୁଁଃ, ଏତେବେଳେ ଡାକନେଇ ଆସୁଛୁ ! ତୋର କ'ଣ ବିଗିଡ଼ିଯିବ ? ଯେଉଁଠି ସେଇଠି ମଜୁରୀ ଲାଗିଯିବୁ । ମୁଣ୍ଡ ତ ମୋର କଟିଯିବ । କୈଫିୟତ ତ ମୋଠଉଁ ତଲବ ହେବ ।''

ଡାକବାଲା କାନ୍ଦକାନ୍ଦ ହୋଇ କହିଲା, ''ଆଜ୍ଞା, ଆଉ କେବେ ଡେରି ହେବନାହିଁ ।''

ବାପା, ''ଆଜି କାହିଁକି ଡେରିହେଲା ତା'ର ଆଗେ ଜବାବ ଦେ' ।''

ଡାକବାଲା ପାଖରେ ତା'ର କୌଣସି ଜବାବ ନଥିଲା । ଆଶ୍ଚର୍ଯ୍ୟର କଥା, ମୋ ପାଟି ମଧ୍ୟ ସେତେବେଳେ ଖୋଲିଲାନାହିଁ ।

ବାପା ଖୁବ୍ ରାଗୀଲୋକ ଥିଲେ । ତାଙ୍କୁ ବହୁତ କାମ କରିବାକୁ ପଡୁଥିଲା । ସେଥିପାଇଁ କଥା କଥାରେ ସେ ରାଗି ଉଠୁଥିଲେ । ମୁଁ ତ ତାଙ୍କ ସାମନାକୁ କେବେ ଯାଏନାହିଁ । ସେ ବି ମୋତେ କେବେ ଭଲ ପାଉ ନଥିଲେ । ଘରକୁ କେବଳ ଘଣ୍ଟାଏ ଲେଖାଁ ଦୁଇଥର ଖାଇବାକୁ ଆସନ୍ତି । ବାକି ସାରାଦିନ ଅଫିସରେ ଲେଖାଲେଖି କରୁଥାଆନ୍ତି । ସେ ତାଙ୍କର ଜଣେ ସହକାରୀ ପାଇଁ ବାରମ୍ବାର ଉପର ଅଫିସରଙ୍କୁ ଅନୁରୋଧ କରିଥିଲେ ମଧ୍ୟ କିଛି ଫଳ ହୋଇନଥିଲା । ଏମିତିକି ଛୁଟିଦିନରେ ମଧ୍ୟ ବାପା ଅଫିସରେ ବସି କାମ କରୁଥିଲେ । ତାଙ୍କ ରାଗ ଶାନ୍ତି କରିବାର ବାଟ କେବଳ ମାଆ ଜାଣିଥିଲେ; କିନ୍ତୁ ସେ ଡାକଘରକୁ କେମିତି ଆସିବେ ? ବିଚରା ଡାକବାଲାଟିକୁ ମୋ ଆଖି ଆଗରେ ତଡ଼ିଦିଆଗଲା । ତା'ର ପଗଡ଼ି, ପୋଷାକ, ବ୍ୟାଜ୍ ଓ ବର୍ଚ୍ଛା କାଢ଼ି ନିଆଗଲା ଏବଂ ଡାକଘରୁ ବାହାରିଯିବାର ନାଦିରଶାହୀ ହୁକୁମ *ଶୁଣାଇ ଦିଆଗଲା ! ଆହା, ସେତେବେଳେ ମୋର ଏମିତି ମନହେଉଥାଏ ଯେ ମୋ ପାଖରେ ଯଦି ସୁନାର ଲଙ୍କା ଥାଆନ୍ତା, ତେବେ ତାକୁ ସେଇ ଡାକବାଲା ହାତରେ ଦେଇ

* ନାଦିରଶାହଙ୍କ ହୁକୁମ କେବେ ଟଳେନାହିଁ । ନାଦିରଶାହ ପାରସ୍ୟର ଜଣେ ଏକଛତ୍ରବାଦୀ ନିଷ୍ଠୁର ଶାସକ ଥିଲେ, ଯିଏ କି ସନ 1734 ରେ ଦିଲ୍ଲୀର ବାଦଶାହ ମହମ୍ମଦ ଶାହଙ୍କୁ ହରାଇ ନଗରରେ ଉତ୍ସବ ପାଳିଥିଲେ ।

Digitized by srujanika@gmail.com

ଦେଇଥାଆନ୍ତି ଏବଂ ବାପାଙ୍କୁ ଦେଖାଇ ଦେଇଥାଆନ୍ତି ଯେ ଆପଣ ତାକୁ ଚାକିରୀରୁ ତଡ଼ିଦେଲେ ମଧ୍ୟ ତାର ରୁମ ବଙ୍କା ହୋଇଯାଇନାହିଁ । ଗୋଟିଏ ଯୋଦ୍ଧାର ନିଜ ତରବାରିକୁ ନେଇ ଯେମିତି ଗର୍ବ ଥାଏ, ଗୋଟିଏ ଡାକବାଲାର ସେମିତି ତାର ବ୍ୟାଜ୍‌କୁ ନେଇ ଗର୍ବ ଥାଏ । ଡାକବାଲା ଯେମିତି ତାର ବ୍ୟାଜ୍ ଖୋଲିବାକୁ ଲାଗିଲା, ମୁଁ ଦେଖିଲି ତା ହାତ ଥରିବାକୁ ଲାଗିଲା ଏବଂ ଆଖିରୁ ଲୁହ ଝରିଆସିଲା । ଏଇ ସବୁ ଅଘଟଣର ମୂଳ କାରଣ ଥିଲା ସେଇ ସୁକୁମାର ଜୀବଟି, ଯିଏ କି ମୋ ଛାତିରେ ମୁହଁ ଲୁଚାଇ ଏମିତି ନିଶ୍ଚିନ୍ତରେ ଥିଲା ଯେ ସେ ଯେମିତି ଅନୁଭବ କରୁଥିଲା ତା' ମାଆ କୋଳରେ ବସିଛି । ଡାକବାଲା ଯେମିତି ଚାଲିଗଲା ମୁଁ ତା ପଛେପଛେ ଗଲି । ଆମ ଘର ଦୁଆରମୁହଁକୁ ଆସି ସେ ମୋତେ କହିଲା, "ଭାଇ, ସନ୍ଧ୍ୟା ହୋଇଗଲାଣି । ଏବେ ଘରକୁ ଯାଅ ।"

ମୁଁ ଚୁପ୍‌ଚାପ୍ ଠିଆହୋଇ ମୋର ସବୁ ଶକ୍ତି ଖଟାଇ ଆଖିର ଲୁହକୁ ଚପାଇ ରଖିଥିଲି । ଡାକବାଲା ପୁଣି କହିଲା, "ଭାଇ, ମୁଁ ବାହାରକୁ କୁଆଡ଼େ ପଳେଇବି, ପୁଣି କେବେ ଆସିଲେ ତୁମକୁ କାନ୍ଧରେ ବସାଇ ନଚାଇବି । ବାବୁଜୀ ସିନା ମୋ ଚାକିରୀ ନେଇଗଲେ; କିନ୍ତୁ ମୋତେ କଅଣ ସେ ଏତିକି ସୁଯୋଗ ଦେବେନାହିଁ ? ତୁମକୁ ଛାଡ଼ି ମୁଁ କୁଆଡ଼େ ଯିବିନାହିଁ । ଯାଇ ମାଆଙ୍କୁ କହିଦିଅ , ଡାକବାଲା ଯାଉଛି । ସେ ଯଦି କେବେ କଅଣ କହିଥାଏ, ତେବେ ତାକୁ କ୍ଷମା କରିଦେବେ ।"

ମୁଁ ଦୌଡ଼ିଦୌଡ଼ି ଘର ଭିତରକୁ ଗଲି । ମାଆଙ୍କୁ କିଛି କହିବା ବଦଳରେ ଖାଲି ଭୋ-ଭୋକରି କାନ୍ଦିବାକୁ ଲାଗିଲି । ମାଆ ରୋଷେଇଘରୁ ବାହାରିଆସି ପଚାରିଲେ, "କ'ଣ ହେଲା ? କିଏ ମାରିଲା ? ବାପା କ'ଣ କିଛି କହିଲେ କି ? ଆଚ୍ଛା ରହ, ଆଜି ଘରକୁ ଆସିଲେ ମୁଁ ତାଙ୍କୁ ପଚାରିବି । ଯେତେବେଳେ ଦେଖିବ, ମୋ ପିଲାଟାକୁ ମାରଧର କରୁଛନ୍ତି । ଚୁପ୍ ରହ ଧନ । ତୁ ଆଉ ତାଙ୍କ ପାଖକୁ କେବେ ଯିବୁନାହିଁ ।"

ମୁଁ ବଡ଼ କଷ୍ଟରେ କାନ୍ଦ ବନ୍ଦକରି କହିଲି, "ଡାକବାଲା............"

ମାଆ ବୁଝିଗଲେ, ଡାକବାଲା ମାରିଛି । କହିଲେ, "ଆଚ୍ଛା, ଆସୁ ସେ ଡାକବାଲା । ତାକୁ ଠିଆଠିଆ ବିଦା କରିଦେବି । ଗୋଟାଏ ହରକରା ହୋଇ ମୋ ରାଜାକୁ ମାରିଲା ! ଆଜି ତାର ପଗଡ଼ି, ପୋଷାକ, ବ୍ୟାଜ୍, ବର୍ଚ୍ଛା ସବୁ ଛଡ଼େଇ ନେଉଛି । ବାଃ –"

ମୁଁ ଚଞ୍ଚଳ କହିପକାଇଲି, "ନାଇଁ ନାଇଁ, ଡାକବାଲା ମୋତେ ମାରିନାହିଁ । ବାପା ତାକୁ ଚାକିରୀରୁ ତଡ଼ିଦେଇଛନ୍ତି । ତା'ର ପଗଡ଼ି, ପୋଷାକ ଇତ୍ୟାଦି ସବୁ ଫେରାଇ ନେଇଛନ୍ତି ।"

Digitized by srujanika@gmail.com

ମାଆ କହିଲେ, “ ତୋ ବାପା କିଛି ଭଲକଥା କଲେନାହିଁ । ସେ ବିଚରା ତା କାମରେ ଏତେ ନିଷ୍ଠାପର ଥିଲା, ତାକୁ ପୁଣି ତଡ଼ିଦେଲେ କାହିଁକି ?”

ମୁଁ କହିଲି, “ଆଜି ତାର ଡେରି ହୋଇଯାଇଥିଲା ।”

ଏଇଆ କହି ମୁଁ ହରିଣଛୁଆକୁ କୋଳରୁ ଓହ୍ଲାଇଦେଲି । ଘରୁ ସେ କୁଆଡ଼େ ପଳାଇଯିବାର ବାଟ ନଥିଲା । ଏ ଯାଏଁ ମାଆଙ୍କର ନଜର ତା ଉପରେ ପଡ଼ି ନଥିଲା । ସେ ଡିଆଁଡେଇଁ କରିବାର ଦେଖି ମାଆ ହଠାତ୍ ଚମକିପଡ଼ି ମୋ ହାତକୁ ଖପ୍‌କରି ଧରିନେଲେ । କାଳେ ସେଇ ଭୟଙ୍କର ଜୀବଟା ମୋତେ କାମୁଡ଼ି ପକାଇବ । ମୁଁ ସୁଁ-ସୁଁ କରି କାନ୍ଦୁଥିଲି । ମାଆ ଏଭଳି ଘାବୁରିବା ଦେଖି ମୁଁ ଫେଁ-ଫେଁ କରି ହସିପକାଇଲି ।

ମାଆ,“ଆରେ ଆରେ, ଏତ ଗୋଟାଏ ହରିଣଛୁଆ । କୋଉଠୁ ପାଇଲୁ ?”

ମୁଁ ହରିଣଛୁଆର ସବୁ ଇତିହାସ ଏବଂ ତା’ର ଭୟଙ୍କର ପରିଣତି ସବୁ ଶେଷ ପର୍ଯ୍ୟନ୍ତ ବର୍ଣ୍ଣନାକଲି, “ମାଆ, ଇଏ ଏତେ ଜୋରରେ ଦୌଡ଼ି ପଳାଉଥିଲା ଯେ ଆଉ କିଏ ହୋଇଥିଲେ ତାକୁ ଧରିପାରି ନଥାନ୍ତା । ପବନ ବେଗରେ ସାଇଁ-ସାଇଁ କରି ଧାଉଁଥିଲା । ଡାକବାଲା ପାଞ୍ଚ-ଛଅ ଘଣ୍ଟା ଧରି ତା ପଛରେ ଦୌଡ଼ିଲା । ତା’ପରେ ଯାଇ ଛୁଆଟା ଧରାପଡ଼ିଲା । ମାଆ, ଡାକବାଲା ଭଳି ଦୁନିଆରେ ଆଉ କେହି ଦୌଡ଼ି ପାରିବେନାହିଁ । ସେଇଥିପାଇଁ ତ ତା’ର ଏତେ ଡେରି ହୋଇଗଲା । ଏଇ କଥାରୁ ବାପା ତାକୁ ଚାକିରୀରୁ ବାହାର କରିଦେଲେ । ତା ପଗଡ଼ି, ପୋଷାକ, ବର୍ଚ୍ଛା ଇତ୍ୟାଦି ସବୁ ଛଡ଼ାଇନେଲେ । ଏବେ ବିଚରା କ’ଣ କରିବ ? ଭୋକରେ ମରିଯିବ ।”

ମାଆ ପଚାରିଲେ, “କୁଆଡ଼େ ଗଲା ଡାକବାଲା ? ତାକୁ ଟିକିଏ ଡାକ୍ ତ ।”

ମୁଁ କହିଲି, “ସେ ତ ବାହାରେ ଠିଆହୋଇଛି । କହୁଥିଲା, ମାଆଙ୍କୁ କହିଦେବ, ମୋର ଯାହା ଦୋଷଥିବ, କ୍ଷମା କରିଦେବେ ।”

ଏ ପର୍ଯ୍ୟନ୍ତ ମାଆ ମୋ କଥାକୁ ଥଟ୍ଟା ବୋଲି ଭାବୁଥିଲେ । ସେ ବୋଧେ ଭାବୁଥିଲେ ଯେ ବାପା ଡାକବାଲାକୁ ଗାଳି ଦେଇଛନ୍ତି; ହେଲେ ମୋର ଶେଷବାକ୍ୟ ଶୁଣି ତାଙ୍କ ମନରେ ସନ୍ଦେହ ହେଲା । ସତରେ କ’ଣ ତାକୁ ବରଖାସ୍ତ କରି ଦିଆଯାଇଛି ! ମୁଁ ବାହାରକୁ ଆସି ‘ଡାକବାଲା, ଡାକବାଲା’ ବୋଲି ଡାକିବାକୁ ଲାଗିଲି; ହେଲେ ତାର ପତ୍ତା ନଥିଲା । ମୁଁ ବାରମ୍ବାର ଡାକ ଛାଡ଼ିଲି; ମାତ୍ର ସେ ସେଠାରେ ଆଉ ନଥିଲା ।

Digitized by srujanika@gmail.com

ମୁଁ ଅବଶ୍ୟ ଖୁଆପିଆ କଲି । ପିଲାମାନେ ଦୁଃଖ ଥିଲେ ବି ଖାଇବା ଛାଡ଼ନ୍ତି ନାହିଁ; ତା ଛଡ଼ା ସାମନାରେ ରାବିଡ଼ି ଦେଖିଲେ; ମାତ୍ର ବହୁ ରାତି ପର୍ଯ୍ୟନ୍ତ ବିଛଣାରେ ପଡ଼ିରହି ତା କଥା ଭାବୁଥିଲି । ମୋ ପାଖରେ ଯଦି ଟଙ୍କା ଥାଆନ୍ତା ତେବେ ଡାକବାଲାକୁ ଲକ୍ଷେଟଙ୍କା ଦେଇ ଦେଇଥାଆନ୍ତି, ଆଉ କହିଥାଆନ୍ତି, 'ବାପାଙ୍କୁ କେବେ କହିବୁନାହିଁ ।' ବିଚରା ଭୋକରେ ଗଡ଼ିଯିବ । ଦେଖିବା, କାଲି ଆସୁଛି କି ନାହିଁ । ଏବେ ଆସିଲେ ଆଉ କ'ଣ କରିବ ? ଆସିବ ବୋଲି ତ କହିଛି । ମୁଁ ତାକୁ କାଲି ମୋ ସାଙ୍ଗରେ ଖୁଆଇବି ।

ମୁଁ ମନେମନେ ଏମିତି ଆକାଶ କୁସୁମ ତୋଳୁ ତୋଳୁ କେତେବେଳେ ନିଦ ଆସିଗଲା ।

ତିନି

ପରଦିନ ମୁଁ ଦିନସାରା ହରିଣଛୁଆର ଚର୍ଚ୍ଚାରେ ବ୍ୟସ୍ତ ରହିଲି । ପ୍ରଥମେ ତା'ର ନାମକରଣ କରାଗଲା । ତା'ର ନାଆଁ ରଖାଗଲା 'ମୁନ୍ନୁ' । ମୁଁ ମୋର ସବୁ ସାଙ୍ଗଙ୍କୁ ତା ସହିତ ପରିଚିତ କରାଇଦେଲି । କେଇଦିନ ଭିତରେ ସେ ମୋତେ ଏମିତି ମାନିଗଲା ଯେ ମୋ ପଛେପଛେ ଦୌଡ଼ିଲା । ଏଥି ମଧ୍ୟରେ ମୁଁ ତାକୁ ମୋ ଜୀବନରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦେଇଦେଲି । ଭବିଷ୍ୟତରେ ଏକ ବିଶାଳ ଭବନ ତିଆରିକଲେ, ସେଥିରେ ତା' ପାଇଁ ଗୋଟିଏ ସ୍ୱତନ୍ତ୍ର କୋଠରି ନିର୍ମାଣ କରିବି ବୋଲି ସ୍ଥିରକଲି । ଖାଲି ସେତିକି ନୁହେଁ, ମନେମନେ ତା ପାଇଁ ଖଟ ଓ ବୁଲିବାକୁ ଘୋଡ଼ାଗାଡ଼ିର ମଧ୍ୟ ଆୟୋଜନ କରିଦେଲି ।

କିନ୍ତୁ ସଂଜ ହେବା ମାତ୍ରେ ମୁଁ ସବୁକାମ ଛାଡ଼ିଦେଇ ସଡ଼କ ଉପରେ ଯାଇ ଠିଆହୋଇଯାଏ ଏବଂ ଡାକବାଲାର ବାଟକୁ ଚାହିଁରହେ । ମୁଁ ଜାଣିଥିଲି ଯେ ଡାକବାଲାକୁ ଚାକିରୀରୁ ବିଦାକରି ଦିଆଯାଇଛି । ଏବେ ତା'ର ଆଉ ଆସିବା ଦରକାର ନାହିଁ; ତଥାପି କାହିଁକି କେଜାଣି ମୋତେ ଲାଗୁଥିଲା ଯେ ସେ ଆସିବ । ହଠାତ୍ ମୋର ମନେପଡ଼ିଗଲା ଯେ ସେ ତ ଭୋକରେ ଥିବ । ମୁଁ ସାଙ୍ଗେସାଙ୍ଗେ ଘରକୁ ଚାଲିଆସିଲି । ମାଆ ସଞ୍ଜବତି ଦେଉଥିଲେ । ମୁଁ ଚୁପ୍‌ଚାପ୍ ଗୋଟିଏ ପାଛିଆରେ କିଛି ଅଟା ବାହାରକଲି । ଅଟା ହାତରେ ଲାଗିଲା । ଡାଲାରୁ ବିଞ୍ଚିହୋଇଯାଇଥିବା ଅଟାର ଗୋଟାଏ ଦାଗ ରଖି ଚାଲିଆସିଲି । ତାକୁ ନେଇ ସଡ଼କ ଉପରେ ଠିଆହୋଇଛି ତ ଦେଖିଲି ଡାକବାଲା ଆସୁଛି । ତା ପାଖରେ ବର୍ଚ୍ଛା ଥିଲା, କମରରେ ପଟି ଥିଲା, ମୁଣ୍ଡରେ ପଗଡ଼ି ମଧ୍ୟ ଭିଡ଼ା ହୋଇଥିଲା । ବର୍ଚ୍ଛାରେ ଡାକମୁଣି ବନ୍ଧା ହୋଇଥିଲା । ମୁଁ ଦୌଡ଼ିଯାଇ ତା ଅଣ୍ଟାକୁ କୁଣ୍ଢାଇ ପକାଇଲି ଏବଂ ଆଶ୍ଚର୍ଯ୍ୟ ହୋଇ ପଚାରିଲି, ''ତୁମକୁ ଏ ପଗଡ଼ି, ବର୍ଚ୍ଛା ଓ କମରପଟି କେଉଁଠୁ ମିଳିଲା ?''

Digitized by srujanika@gmail.com

ଡାକବାଲା ମୋତେ ଟେକିନେଇ କାନ୍ଧରେ ବସାଇଦେଇ କହିଲା, "ସେ ପୋଷାକ କେଉଁ କାମର ଥିଲା ଭାଇ ? ସେ ତ ଗୋଲାମୀର ପୋଷାକ ଥିଲା । ଇଏ ହେଉଛି ପୁରୁଣା ଖୁସିର ପୋଷାକ, ପ୍ରଥମେ ମୁଁ ଥିଲି ସରକାରଙ୍କ ଚାକର, ଏବେ ହେଉଛି ତୁମର ଚାକର ।"

ଏଇ କଥା କହୁକହୁ ସେଠାରେ ମୁଁ ରଖିଥିବା ପାଛିଆ ଉପରେ ତା ନଜର ପଡ଼ିଗଲା । ସେ କହିଲା, "ଭାଇ, ଏ ଅଟା କଅଣ ?"

ମୁଁ ଟିକିଏ ସଂକୁଚିତ ହୋଇ କହିଲି, "ତୁମରି ପାଇଁ ଆଣିଛି । ତୁମେ ଭୋକିଲା ଥିବ । ଆଜି କଅଣ ଖାଇଛ ?"

ମୁଁ ତ ତା କାନ୍ଧ ଉପରେ ବସିଥିଲି । ତେଣୁ ତା'ର ଆଖିକୁ ଦେଖିପାରୁ ନ ଥିଲି; ମାତ୍ର ତା ସ୍ୱରରୁ ଜାଣିପାରିଲି ତା' କଣ୍ଠରୋଧ ହୋଇଆସୁଛି ।

ଡାକବାଲା କହିଲା, "ଭାଇ, ମୁଁ କ'ଣ ଶୁଖିଲାରୁଟି ଖାଇବି ? ଡାଲି, ଘିଅ, ଲୁଣ କିଛି ତ ନାହିଁ ?"

ମୁଁ ମୋର ଭୁଲ ପାଇଁ ଲଜ୍ଜିତହେଲି । ସତକଥା ତ, ବିଚରା ଶୁଖିଲାରୁଟି କେମିତି ଖାଇବ ? ହେଲେ ଡାଲି, ଘିଅ, ଲୁଣ କେମିତି ଆଣିବି ? ଏବେ ତ ମାଆ ରୋଷେଇଘରେ ଥିବେ । କୌଣସି ପ୍ରକାରେ ସିନା ଅଟା ନେଇ ଚାଲିଆସିଲି । (ଏତେବେଳଯାଏ ମୋତେ ଜଣା ନଥିଲା ଯେ ମୋ ଚୋରି ଧରାପଡ଼ିଯାଇଛି । ଅଟାର ଯେଉଁ ଦାଗ ପଡ଼ିଥିଲା, ସେଇ ଧରାଇଦେଇଛି ।) ଏବେ ଏ ତିନି ତିନିଟା ଜିନିଷ କେମିତି ଆଣିବି ? ମାଆଙ୍କୁ ମାଗିଲେ ସେ କେବେ ଦେବେନାହିଁ । ଗୋଟିଏ ଗୋଟିଏ ପଇସା ପାଇଁ ସେ ଘଣ୍ଟାଘଣ୍ଟା ଧରି କନ୍ଦାନ୍ତି । ଏତେଗୁଡ଼ାଏ ଜିନିଷ ସେ କେମିତି ଦେବେ ?

ହଠାତ୍ ଗୋଟାଏ କଥା ମୋର ମନେପଡ଼ିଗଲା । ମୁଁ ମୋର ବସ୍ତାନି ଭିତରେ କେତେ ଅଣା ପଇସା ରଖିଥିଲି । ପଇସା ଜମେଇ ରଖିବାରେ ମୋର ଭାରି ଆନନ୍ଦ । ମୁଁ ଜାଣେନାହିଁ, ସେ ଅଭ୍ୟାସ ଏବେ କାହିଁକି ବଦଳିଯାଇଛି । ସେ ଅଭ୍ୟାସ ଯଦି ଏବେ ଥାଆନ୍ତା ତେବେ ଅଭାବ ରହନ୍ତା ନାହିଁ । ବାପା ମୋତେ କେବେହେଲେ ଭଲ ପାଉ ନଥିଲେ; କିନ୍ତୁ ଢେର ପଇସା ଦେଉଥିଲେ । ସମ୍ଭବତଃ ନିଜ କାମରେ ବ୍ୟସ୍ତ ରହୁଥିବା କାରଣରୁ ମୋ ଠାରୁ ରକ୍ଷାପାଇବା ପାଇଁ ଏଇ କୌଶଳଟା ଖୁବ୍ ସହଜ ବୋଲି ସେ ଧରିନେଇଥିଲେ । ନହେଲେ ମୁଁ କନ୍ଦାକଟା କରି ଜିଦି ଧରିବାର ଭୟ ଥିଲା । ଏଇ ଜଞ୍ଜାଳକୁ ସେ ଇମିତି ଏଡ଼େଇ ଦେଉଥିଲେ । ମାଆଙ୍କ ସ୍ୱଭାବ କିନ୍ତୁ ଥିଲା ଏହାର ଓଲଟା । ମୁଁ କାନ୍ଦିଲେ ଓ ଗଡ଼ିଲେ ମଧ୍ୟ ତାଙ୍କ କାମ ଅଟକୁ ନଥିଲା । ମା ମୋତେ ଅବଶ୍ୟ ବହୁତ ଭଲ ପାଉଥିଲେ; କିନ୍ତୁ ପଇସା ନାଆଁ ଶୁଣିଲେ ତାଙ୍କ

Digitized by srujanika@gmail.com

ଚେହେରା ବଦଳିଯାଉଥିଲା । ମୋ ପାଖରେ ବହି ନଥିଲା । ହଁ ଗୋଟିଏ ବସ୍ତାନି ଥିଲା, ଯେଉଁଥିରେ ଡାକଘରର ଦୁଇଚାରିଟା ଫର୍ମ ବହିଭଳି ଭାଙ୍ଗି ସେଥିରେ ସଜାଡ଼ିକରି ରଖିଥିଲି । ମୁଁ ଭାବିଲି, ଡାଲି, ଲୁଣ ଓ ଘିଅ ପାଇଁ ସେତେକ ପଇସା କ'ଣ ଯଥେଷ୍ଟ ହେବନାହିଁ ? ମୋ ହାତକୁ ତ ପଇସା ଆସେନାହିଁ । ଏଇକଥା ସ୍ଥିରକରି ମୁଁ କହିଲି, "ଏବେ ମୋତେ ଓହ୍ଲାଇ ଦିଅ । ମୁଁ ଡାଲି, ଲୁଣ ଆଣିଦେବି; କିନ୍ତୁ ତୁମେ ସବୁଦିନେ ଆସିବ ନା ?"

ଡାକବାଲା, "ଭାଇ, ସବୁଦିନେ ଯଦି ଖାଇବାକୁ ଦେବ, ତେବେ ଆସିବି ନାହିଁ କାହିଁକି ?"

ମୁଁ କହିଲି, "ମୁଁ ସବୁଦିନେ ଖାଇବାକୁ ଦେବି ।"

ଡାକବାଲା କହିଲା, "ତା ହେଲେ ମୁଁ ସବୁଦିନେ ଆସିବି ।"

ମୁଁ ତଳକୁ ଓହ୍ଲାଇଲି ଏବଂ ଦୌଡ଼ିଦୌଡ଼ି ଯାଇ ମୋର ସବୁ ପାଣ୍ଠି ଉଠାଇ ଆଣିଲି । ମୋ ପାଖରେ ଯଦି କୋହିନୂର ହୀରା ଥାଆନ୍ତା, ତେବେ ଡାକବାଲା ସବୁଦିନେ ଆସିବା ପାଇଁ ତାକୁ ସେତକ ଦେଇଦେବାକୁ କୁଣ୍ଠିତ ହୋଇନଥାନ୍ତି ।

ଡାକବାଲା ଆଶ୍ଚର୍ଯ୍ୟ ହୋଇ କହିଲା, "ଏ ପଇସା କୋଉଠୁ ଆଣିଲ ଭାଇ ?"

ମୁଁ ଗର୍ବର ସହିତ କହିଲି, "ଏ ପଇସା ମୋର ।"

ଡାକବାଲା, "ତୁମ ମାଆ ତୁମକୁ ମାରିବେ । କହିବେ ଡାକବାଲା ତୁମକୁ ଫୁସୁଲେଇ ନେଇଯାଇଛି । ଭାଇ, ଏ ପଇସାରେ ମିଠେଇ କିଣିନେବ । ମୁଁ ଭୋକରେ କେବେ ମରିବିନାହିଁ । ମୋର ଦୁଇଟି ହାତ ଅଛି । ମୁଁ କାହିଁକି ଭୋକରେ ମରିବି ?"

ମୁଁ ଯେତେ କହିଲି 'ପଇସା ମୋର' ବୋଲି, ଡାକବାଲା ନେଲାନାଇଁ । ଅନେକବେଳଯାଏ ସେ ମୋତେ ଏଣେତେଣେ ବୁଲାଇଲା, ଗୀତ ଶୁଣାଇଲା, ତା ପରେ ମୋତେ ଘରେ ଛାଡ଼ିଦେଇ ଚାଲିଗଲା । ଆମ ଘର ଦୁଆରମୁହଁରେ ଅଟା ପାଛିଆ ଥୋଇଦେଇ ଗଲା ।

ମୁଁ ଘରେ ଗୋଡ଼ ଦେଇଛି କି ନାହିଁ ମାଆ ଧମକେଇ କରି କହିଲେ, "ହଇରେ ଚୋର, ତୁ ଅଟା କାହାକୁ ଦେବାକୁ ନେଇଛୁ ? ଏବେ ଚୋରି କରିବା ଶିଖିଲୁଣି ନା ? ଠିକ୍ ଠିକ୍ କହ, ଅଟା ନେଇ କାହାକୁ ଦେଲୁ ? ନାହିଁତ ପିଠିରୁ ଛାଲ ଉତାରିଦେବି ।"

ମୋର ହଲକ ଶୁଖିଗଲା । ମାଆ ରାଗରେ ବାଘୁଣୀ ଭଳି ହେଉଥିଲେ । ଡରି ଡରି କହିଲି, "କାହାକୁ ଦେଇ ନାହିଁ ।"

ମାଆ, "ତୁ ଅଟା ବାହାର କରିନଥିଲୁ ? ଦେଖ୍ ତ ଅଗଣାସାରା କେମିତି ଅଟା ବିଞ୍ଚିହୋଇ ପଡ଼ିଛି ।"

Digitized by srujanika@gmail.com

ମୁଁ ଚୁପ୍‌ଚାପ୍ ଠିଆ ହୋଇଥାଏ । ସେ ସେମିତି ଧମକାଉଥାଆନ୍ତି, ଚୁ-ଚୁ ବି କରୁଥାଆନ୍ତି; କିନ୍ତୁ ମୋ ତୁଣ୍ଡ ଖୋଲୁ ନଥାଏ । ଆଉ କ'ଣ ଅଧିକ ବିପଦ ପଡ଼ିବ ବୋଲି ଭାବି, ଦେହରୁ ଜୀବନ ଛାଡ଼ିଗଲା ଭଳି ଲାଗୁଥାଏ । ଏତକ ବି କହିବାକୁ ସାହସ ହେଉ ନଥାଏ ଯେ କାହିଁକି ରାଗୁଛ ? ଅଟା ତ ଦୁଆରମୁହଁରେ ଅଛି; ହେଲେ ମୁଁ ତାକୁ ଉଠାଇକରି ଆଣିପାରୁ ନଥାଏ । ମୋ ଦେହରୁ ସବୁ ଶକ୍ତି ଲୋପ ହୋଇଯାଇଥାଏ । ଏପରିକି ପାଦ ଉଠାଇବାକୁ ବି ଶକ୍ତି ନଥାଏ ।

ହଠାତ୍ ଡାକବାଲା ଡାକଛାଡ଼ିଲା, "ବୋହୂମା, ଅଟା ଦୁଆରମୁହଁରେ ଅଛି, ଭାଇ ମୋତେ ଦେବା ପାଇଁ ଆଣିଥିଲେ ।"

ଏକଥା ଶୁଣି ମାଆ ଦୁଆରମୁହଁ ଆଡ଼କୁ ଚାଲିଗଲେ । ଡାକବାଲାକୁ ସେ ଲାଜ କରନ୍ତିନାହିଁ । ଡାକବାଲା ସହିତ ସେ କିଛି କଥାବାର୍ତ୍ତା ହେଲେ କି ନାହିଁ ଜଣା ନାହିଁ; କିନ୍ତୁ ସେ ଖାଲିପାଛିଆ ଧରି ଘରକୁ ଫେରିଲେ । ପୁଣି ଘର ଭିତରକୁ ଯାଇ ସିନ୍ଦୁକରୁ କଅଣ ବାହାରକଲେ ଏବଂ ଦାଣ୍ଡଦୁଆରକୁ ଗଲେ । ମୁଁ ଦେଖିଲି ତାଙ୍କ ମୁଠା ବନ୍ଦ ଥିଲା । ମୁଁ ସେଠାରେ ଆଉ ରହିଲିନାହିଁ । ମୁଁ ମଧ୍ୟ ମାଆଙ୍କ ପଛେପଛେ ଗଲି । ମାଆ ଦାଣ୍ଡଦୁଆରକୁ ଯାଇ କେତେଥର ଡାକିଲେ; ମାତ୍ର ଡାକବାଲା ଚାଲିଯାଇଥିଲା ।

ମୁଁ ଧୀର ସ୍ୱରରେ କହିଲି, "ମୁଁ ଯାଇ ତାକୁ ଖୋଜିଆଣିବି ମାଆ ?"

ମାଆ କବାଟ ବନ୍ଦ କରୁକରୁ କହିଲେ, "ତୁ ଅନ୍ଧାରରେ କୁଆଡ଼େ ଯିବୁ ? ଏଇଠିତ ସେ ଠିଆ ହୋଇଥିଲା । ମୁଁ ତାକୁ କହିଲି, 'ଏଇଠି ଥାଆ, ମୁଁ ଆସୁଛି' । ମୋ ଆସିବା ଯାଏ ସେ ଅପେକ୍ଷା ନକରି କୁଆଡ଼େ ଖସିଗଲା । ଭାରି ଲାଜକୁଳାଟାଏ । ଅଟା ତ ନେଉନଥିଲା । ମୁଁ ଜବରଦସ୍ତ ତା ଗାମୁଛାରେ ବାନ୍ଧିଦେଲି । ତା ପ୍ରତି ମୋର ଭାରି ଦୟା ହେଉଛି । ବିଚରାର ଘରେ କଅଣ ଖାଇବାକୁ ଅଛି କି ନାହିଁ । ଟଙ୍କା ଆଣିଥିଲି ତାକୁ ଦେବି ବୋଲି । କେଜାଣି କୁଆଡ଼େ ଚାଲିଗଲା ?"

ଏବେ ମୋର ଟିକିଏ ସାହସ ହେଲା । ମୁଁ ମୋର ଚୋରିକଥା ସବୁ କହିଦେଲି । (ପିଲାଙ୍କ ସହିତ ବୁଦ୍ଧିମାନ ପିଲାଭଳି ହୋଇ ବାପ ମାଆ ତାଙ୍କ ଉପରେ ଯେତେ ପ୍ରଭାବ ପକାଇ ପାରନ୍ତି, ଯେତେ ଶିକ୍ଷା ଦେଇପାରନ୍ତି, ବୁଢ଼ା ହୋଇଗଲେ ସେତିକି କରିପାରନ୍ତି ନାହିଁ ।)

ମାଆ କହିଲେ, "ତୁ କିଆଁ ମୋତେ ପଚାରିଲୁ ନାହିଁ ? ମୁଁ କ'ଣ ଡାକବାଲାକୁ କିଛି ଅଟା ଦେଇନଥାନ୍ତି ?"

ମୁଁ ଏହାର ଉତ୍ତର ଦେଲିନାହିଁ । ମନେମନେ କହିଲି, ଏବେ ଡାକବାଲା ଉପରେ ତୁମର ଦୟା ଆସିଗଲା । ଯାହା ମନହେଲା ଦେଇଦେଲ; ହେଲେ ମୁଁ ମାଗିଥିଲେ ମୋତେ ମାରିବାକୁ ଗୋଡ଼ାଇଥାଆନ୍ତ । ହଁ, ଏକଥା ଭାବି ମନରେ ଖୁସି

Digitized by srujanika@gmail.com

ଲାଗିଲା ଯେ ଡାକବାଲା ଏଣିକି ଆଉ ଭୋକରେ ମରିବନାହିଁ । ମାଆ ତାକୁ ପ୍ରତିଦିନ ଖାଇବାକୁ ଦେବେ ଏବଂ ସେ ପ୍ରତିଦିନ ମୋତେ କାନ୍ଧରେ ବସାଇ ବୁଲାଇବ ।

ତା'ପର ଦିନ ମୁଁ ଦିନସାରା ମୁନ୍ନୁ ସହିତ ଖେଳିଲି । ସଞ୍ଜବେଳକୁ ସଡ଼କ ଉପରେ ଯାଇ ଠିଆହୋଇଗଲି; ହେଲେ ଅନ୍ଧାର ହୋଇଯାଇଥିଲା । ଡାକବାଲାର ଚିହ୍ନବର୍ଣ୍ଣ ନଥିଲା । ସଞ୍ଜ ଦିଆଗଲା । ରାସ୍ତା ଶୂନଶାନ ହୋଇଗଲା; ମାତ୍ର ଡାକବାଲା ଆସିଲା ନାହିଁ ।

ମୁଁ କାନ୍ଦିକାନ୍ଦି ଘରକୁ ଆସିଲି । ମାଆ ପଚାରିଲେ, ‘‘କାଇଁକି କାନ୍ଦୁଛୁରେ ପୁଅ, ଡାକବାଲା କ'ଣ ଆସିଲା ନାହିଁ ?’’

ମୁଁ ଆହୁରି ଜୋରରେ କାନ୍ଦିବାକୁ ଲାଗିଲି । ମାଆ ମୋତେ କୋଳେଇ ନେଲେ । ମୋତେ ଲାଗିଲା ତାଙ୍କର ମଧ କଣ୍ଠରୋଧ ହୋଇଆସିଲା । ସେ କହିଲେ, ‘‘ପୁଅ, ତୁନି ହ' । ମୁଁ କାଲି ଆଉ କେଉଁ ହରକରାକୁ ପଠାଇ ତାକୁ ଡାକିଆଣିବି ।’’

ମୁଁ କାନ୍ଦିକାନ୍ଦି ଶୋଇପଡ଼ିଲି । ସକାଳୁ ଯେମିତି ନିଦ ଭାଙ୍ଗିଲା, ମାଆଙ୍କୁ କହିଲି, ‘‘ଡାକବାଲାକୁ ଡାକିଆଣ ।’’

ମାଆ କହିଲେ, ‘‘ଲୋକ ଯାଇଛିରେ ପୁଅ । ଡାକବାଲା ଆସୁଥିବ ।’’

ମୁଁ ଖୁସିରେ ଖେଳିବାରେ ଲାଗିଗଲି । ମୁଁ ଜାଣିଥିଲି ଯେ ମାଆ ଯାହା କହନ୍ତି, ଅବଶ୍ୟ ତାକୁ କରନ୍ତି । ସେ ସକାଳୁ ସକାଳୁ ଜଣେ ହରକରାକୁ ପଠାଇ ଦେଇଥିଲେ । ଦଶଟାବେଳକୁ ମୁଁ ଯେତେବେଳେ ମୁନ୍ନୁକୁ ନେଇ ଘରକୁ ଆସିଲି ଜାଣିବାକୁ ପାଇଲି, ଡାକବାଲା ତା ଘରେ ନାହିଁ । ସେଦିନ ରାତିରେ ସେ ତା ଘରକୁ ଯାଇନାହିଁ । ତା ସ୍ତ୍ରୀ କାନ୍ଦୁଥିଲା, ସେ କୁଆଡ଼େ ଚାଲିଯାଇଛି । ତା'ର ଭୟ ହେଉଥିଲା, ସେ ବୋଧେ କୁଆଡ଼େ ପଳାଇଗଲା ।

(ପିଲାଙ୍କର ହୃଦୟ କେତେ କୋମଳ ସେକଥା ଅନ୍ୟ କେହି ଅନୁମାନ କରିପାରିବ ନାହିଁ । ତାଙ୍କଠାରେ ନିଜ ମନର ଭାବ ପ୍ରକାଶ କରିବା ପାଇଁ ଶବ୍ଦ ନ ଥାଏ । ଏକଥା ବି ସେମାନେ ଜାଣିନଥାନ୍ତି ଯେ କେଉଁ କଥାଟି ତାଙ୍କୁ ବିକଳ କରୁଛି ଓ କେଉଁ କଣ୍ଟା ତାଙ୍କ ହୃଦୟରେ ବିଦ୍ଧ ହୋଇଛି । କାହିଁକି ତାଙ୍କୁ ବାରମ୍ବାର କାନ୍ଦ ମାଡ଼େ, କାହିଁକି ସେମାନେ ମନମାରି ବସିଥାଆନ୍ତି ଏବଂ କାହିଁକି ସେମାନଙ୍କର ଖେଳରେ ମନ ଲାଗେନାହିଁ ।)

ମୋର ସେଇ ଦଶା ହୋଇଥିଲା । କେତେବେଳେ ଘର ଭିତରକୁ ଆସୁଥାଏ, କେତେବେଳେ ବାହାରକୁ ଯାଉଥାଏ । କେତେବେଳେ ପୁଣି ସଡ଼କ ଉପରକୁ ଚାଲିଯାଉଥାଏ । ଆଖି କେବଳ ଡାକବାଲାକୁ ହିଁ ଖୋଜୁଥାଏ । ସେ କୁଆଡ଼େ ଗଲା ? କୁଆଡ଼େ ପଳାଇଗଲା ନାହିଁ ତ !

Digitized by srujanika@gmail.com

ଉପରଓଳି ମୁଁ ସଡ଼କ ଉପରେ ଅନ୍ୟମନସ୍କ ଭାବେ ଠିଆହୋଇଥାଏ । ହଠାତ୍ ଗୋଟାଏ ଗଳି ଭିତରେ ମୁଁ ଡାକବାଲାକୁ ଦେଖିପକାଇଲି । ହଁ– ସେ ଡାକବାଲା । ମୁଁ ବଡ଼ ପାଟିରେ ଡାକିଡାକି ତା ଆଡ଼କୁ ଧାଇଁଲି ; ମାତ୍ର ତାର ଆଉ ପତ୍ତା ନଥିଲା । କେଜାଣି କେଉଁଠି ସେ ଅଦୃଶ୍ୟ ହୋଇଯାଇଥିଲା । ମୁଁ ଗଳିର ଏ ମୁଣ୍ଡରୁ ସେ ମୁଣ୍ଡଯାଏ ଖୋଜିଲି; ମାତ୍ର ତାର ଗନ୍ଧ ବି ପାଇଲିନାହିଁ ।

ଘରକୁ ଯାଇ ଏ ସବୁକଥା ମାଆଙ୍କୁ କହିଲି । ସେ ଏକଥା ଶୁଣି ଚିନ୍ତିତ ହୋଇ ପଡ଼ିଲେ ।

ଏହା ପରେ ଦୁଇତିନି ଦିନ ପର୍ଯ୍ୟନ୍ତ ଡାକବାଲାର ଆଉ ଦେଖା ସାକ୍ଷାତ ନାହିଁ । ମୁଁ ବି ତାକୁ ଏଣିକି ଧୀରେଧୀରେ ଭୁଲିଯିବାକୁ ଲାଗିଲି । ଏମିତି ଦଶବାର ଦିନ ବିତିଗଲା । ଦି' ପ୍ରହର ବେଳ । ବାପା ଖାଉଥିଲେ । ମୁଁ ମୁନ୍ନୁ ଗୋଡ଼ରେ ଘୁଙ୍ଗୁର ବାନ୍ଧୁଥାଏ । ଗୋଟିଏ ସ୍ତ୍ରୀଲୋକ ମୁଣ୍ଡରେ ଓଢ଼ଣା ଟାଣି ଆସିଲା ଏବଂ ଆମ ଘର ଅଗଣାରେ ଠିଆହୋଇଗଲା । ତା'ର ଲୁଗା ମଇଳା ଓ ଚିରା; କିନ୍ତୁ ସେ ଗୋରୀ ଓ ସୁନ୍ଦରୀ ଥିଲା । ସେ ମୋତେ ପଚାରିଲା "ଭାଇ, ବୋହୂମା' କାହାନ୍ତି ?"

ମୁଁ ତା ପାଖକୁ ଯାଇ ତା ମୁହଁକୁ ଚାହିଁ କହିଲି, "ତୁମେ କିଏ ? କି ଜିନିଷ ବିକ୍ରିକର ?"

"ମୁଁ କିଛି ବିକାବିକି କରେନାହିଁ । ତୁମ ପାଇଁ ଏ କଇଁବେଣ୍ଟ ଆଣିଛି । ତୁମକୁ ତ କଇଁବେଣ୍ଟ ବହୁତ ଭଲ ଲାଗେ ।"

ମୁଁ ତା ହାତରେ ଝୁଲୁଥିବା ପୁଡ଼ାଟିକୁ ଖୁବ୍ ଆଗ୍ରହରେ ଚାହିଁ ପଚାରିଲି, "କୋଉଠୁ ଆଣିଲ ? ଦେଖେଁ ।"

"ତୁମ ହରକରା ପଠାଇଛନ୍ତି ଭାଇ ।"

ମୁଁ ଖୁସିରେ ଡିଆଁମାରି କହିଲି, "ଡାକବାଲା ?"

ସ୍ତ୍ରୀଲୋକଟି ମୁଣ୍ଡ ହଲାଇ 'ହଁ' କହିଲା ଏବଂ ପୁଡ଼ା ଖୋଲିବାକୁ ଲାଗିଲା । ସେତେବେଳକୁ ମାଆ ରୋଷେଇଘରୁ ଆସି ଯାଇଥିଲେ । ସେ ମାଆଙ୍କର ପାଦ ଛୁଇଁଲା । ମାଆ ପଚାରିଲେ, "ତୁ କ'ଣ ଡାକବାଲାର ସ୍ତ୍ରୀ ?"

ସ୍ତ୍ରୀଲୋକଟି ମୁଣ୍ଡ ଟୁଙ୍ଗାରିଲା ।

ମାଆ, " ଡାକବାଲା ଏବେ କଅଣ କରୁଛି ?"

ସ୍ତ୍ରୀଲୋକଟି କାନ୍ଦିକାନ୍ଦି କହିଲା, "ବୋହୂମା', ଯେଉଁଦିନ ସେ ଆପଣଙ୍କ ପାଖରୁ ଅଟା ନେଇକରି ଗଲେ, ସେଇଦିନଠାରୁ ସେ ବେମାର । ଖାଲି 'ଭାଇ, ଭାଇ' ବାଉଳି ହେଉଛନ୍ତି । ତାଙ୍କ ମନରେ ତ ଭାଇ ବସାବାନ୍ଧି ଦେଇଛନ୍ତି । ବିଳିବିଳେଇ କରି 'ଭାଇ, ଭାଇ' ଡାକି ଦୁଆରମୁହଁକୁ ଦୌଡୁଛନ୍ତି । କେଜାଣି ତାଙ୍କର

Digitized by srujanika@gmail.com

କ'ଣ ହୋଇଯାଇଛି ? ବୋହୂମା', ଦିନେ ମୋତେ କିଛି ନକହି ଘରୁ ଚାଲିଗଲେ ଏବଂ ଗୋଟିଏ ଗଳିରେ ଲୁଚିକରି ଭାଇଙ୍କୁ ଦେଖିଲେ । ଯେମିତି ଭାଇ ତାଙ୍କୁ ଦେଖି ପକାଇଛନ୍ତି, ସେ ପଳାଇଲେ । ତୁମ ପାଖକୁ ଆସିବାକୁ ସେ ଲାଜ କରୁଛନ୍ତି ।''

ମୁଁ କହିଲି, ''ହଁ ହଁ ମାଆ, ମୁଁ ସେଦିନ ତୁମକୁ କହିଥିଲି ନା !''

ମାଆ,''ଘରେ କ'ଣ କିଛି ଖାଇବାକୁ ଅଛି ?''

ସ୍ତ୍ରୀଲୋକଟି କହିଲା, ''ହଁ, ବୋହୂମା', ତୁମ କଲ୍ୟାଣରୁ ଖାଇବା ପିଇବାରେ କିଛି ଦୁଃଖ ନାହିଁ । ଆଜି ସକାଳୁ ଉଠି ସେ ପୋଖରୀ ଆଡ଼କୁ ଗଲେ । କେତେ କହିଲି ବାହାରକୁ ଯାଅନାହିଁ ବୋଲି । ଥଣ୍ଡା ଧରିଯିବ; ହେଲେ ମାନିଲେ ନାହିଁ । ଜ୍ୱର ଯୋଗୁଁ ଦୁର୍ବଳତା ବଶତଃ ପାଦ ଟଳଟଳ ହେଉଥାଏ । ସେଇ ଅବସ୍ଥାରେ ପୋଖରୀରେ ପଶି କଇଁବେଣ୍ଟ ତୋଳିଲେ । ତା'ପରେ ଆସି ମୋତେ କହିଲେ, ନେଇଯାଅ, ଭାଇଙ୍କୁ ଦେଇ ଆସ । ତାଙ୍କୁ କଇଁବେଣ୍ଟ ବହୁତ ଭଲ ଲାଗେ । ତାଙ୍କର ଭଲମନ୍ଦ ପଚାରି ଆସିବ ।''

ମୁଁ ପୁଡ଼ାରୁ କଇଁବେଣ୍ଟ ବାହାରକରି ମଜାରେ ଚାଖୁଥିଲି । ମାଆ ଆଖି ଦେଖାଇଲେ; ହେଲେ ଅପେକ୍ଷା କରିବାକୁ ବେଳ କାହିଁ ?''

ମାଆ କହିଲେ, ''କହିଦେବୁ ସବୁ ଭଲ ।''

ମୁଁ କହିଲି, ''ଏକଥା ବି କହିଦେବ ଯେ ଭାଇ ତାଙ୍କୁ ଡାକିଛନ୍ତି । ନ ଆସିବେ ତ ମୁଁ ଆଉ ତାଙ୍କୁ କଥା କହିବିନାହିଁ । ହଁ– ''

ବାପା ଖାଇବା ଶେଷକରି ବାହାରି ଆସୁଥିଲେ । ତଉଲିଆରେ ହାତମୁହଁ ପୋଛୁପୋଛୁ କହିଲେ, ''ଆଉ ଏକଥା ମଧ୍ୟ କହିଦେବ ଯେ ସାହେବ ତାଙ୍କୁ ପୁଣି କାମରେ ମୁକରିର କରିଦେଇଛନ୍ତି । ଜଲ୍‌ଦି ଆସିବ, ନାହିଁ ତ ଆଉ କାହାକୁ ସେ ରଖିଦେବେ ।''

ସ୍ତ୍ରୀଲୋକଟି ନିଜର ଲୁଗା ସଜାଡ଼ି ଚାଲିଗଲା । ମାଆ ତାକୁ ବହୁତ ଡାକିଲେ; କିନ୍ତୁ ସେ ରହିଲାନାହିଁ । ମାଆ ବୋଧେ ତାକୁ କିଛି ସଞ୍ଚା* ଦେବାକୁ ଚାହୁଁଥିଲେ ।

ମାଆ ବାପାଙ୍କୁ ପଚାରିଲେ, ''ସତରେ କ'ଣ ସେ ଚାକିରୀରେ ମୁକରିର ହୋଇଯାଇଛି ?''

ବାପା, ''ଆଉ କ'ଣ ତାକୁ ମିଛରେ ଡାକୁଛି ? ମୁଁ ତ ପାଞ୍ଚଦିନ ହେଲା ମଞ୍ଜୁରି ରିପୋର୍ଟ ଦେଇଦେଇଛି ।''

ମାଆ,'' ବହୁତ ଭଲ କଲ ।''

ବାପା,''ଏଇ ହେଉଛି ତା ରୋଗର ଔଷଧ ।''

---

* ଅଟା, ଡାଲି, ଚାଉଳ, ପରିବା ଇତ୍ୟାଦି ରାନ୍ଧିବା ଜିନିଷ ।

Digitized by srujanika@gmail.com

ଚାରି

ସକାଳୁ ଉଠି ଦେଖିଲି ଡାକବାଲା ବାଡ଼ି ଖଣ୍ଡିଏ ଧରି ଚାଲିଚାଲି ଆସୁଛି । ସେ ଖୁବ୍ ଦୁର୍ବଳ ହୋଇଯାଇଥିଲା । ଯେମିତି ଜଣାପଡୁଥିଲା ବୁଢ଼ା ହୋଇଯାଇଛି । ସବୁଜ ସୁନ୍ଦର ଗଛଟିଏ ଯେମିତି ଶୁଖି ଥୁଣ୍ଟା ହୋଇଯାଇଛି । ମୁଁ ତା ପାଖକୁ ଦୌଡ଼ିଯାଇ ତା ଅଣ୍ଟାକୁ ଜାବୁଡ଼ି ଧରିଲି । ସେ ମୋ ମୁହଁରେ ଚୁମା ଦେଇ ମୋତେ ତଳୁ ଟେକିନେଇ କାନ୍ଧରେ ବସାଇବାକୁ ଚେଷ୍ଟାକଲା; ହେଲେ ପାରିଲା ନାହିଁ । ତା' ପରେ ସେ ତଳେ ଟିକିଏ ଆଣ୍ଠୋଇ ପଡ଼ିଲା । ମୁଁ ତା ପିଠିରେ ସବାର ହୋଇଗଲି । ତା'ପରେ ଉଠି ଦୁହେଁ ଡାକଘର ଆଡ଼େ ଚାଲିଲୁ । ସେତେବେଳେ ମୋ ଆନନ୍ଦର ସୀମା ନଥାଏ । ଡାକବାଲା ବୋଧେ ମୋଠଉଁ ଆହୁରି ବେଶି ଖୁସିଥିଲା ।

ବାପା କହିଲେ, ‘‘ଡାକବାଲା, ତୁମେ ଚାକିରୀରେ ମୁକରିର ହୋଇଯାଇଛ । ଏଣିକି ଆଉ କେବେ ଡେରି କରିବନାହିଁ ।’’

ଡାକବାଲା କାନ୍ଦିକାନ୍ଦି ବାପାଙ୍କ ଗୋଡ଼ତଳେ ପଡ଼ିଗଲା; ମାତ୍ର ମୋ ଭାଗ୍ୟରେ ଦୁଇଟିଯାକ ସୁଖ ଲେଖା ନଥିଲା । ମୁନ୍ନୁ ମିଳିଲା, ଡାକବାଲା ଚାଲିଗଲା । ଏବେ ଡାକବାଲା ଆସିଲା, ମୁନ୍ନୁ ହାତରୁ ଚାଲିଗଲା । ଏମିତି ଭାବରେ ଚାଲିଗଲା ଯେ ଆଜିଯାଏ ସେ ଦୁଃଖ ମନରୁ ଲିଭିନାହିଁ । ମୁନ୍ନୁ ମୋରି ଥାଳିରେ ଖାଉଥିଲା । ମୁଁ ନ ଖାଇବା ଯାଏ ସେ ଖାଉନଥିଲା । ତାକୁ ଭାତ ବହୁତ ଭଲ ଲାଗୁଥିଲା । ସେଥିରେ ଯଦି ଟିକେ ଘିଅ ନପଡ଼ିଛି, ତେବେ ତାର ସନ୍ତୋଷ ନାହିଁ । ସେ ମୋ ପାଖରେ ଶୋଉଥିଲା ଏବଂ ମୋ ସାଙ୍ଗରେ ଉଠୁଥିଲା । ସଫାସୁତୁରାକୁ ସେ ଏତେ ପସନ୍ଦ କରୁଥିଲା ଯେ ମଳମୂତ୍ର ତ୍ୟାଗ କରିବା ନିମନ୍ତେ ସେ ବାହାର ପଡ଼ିଆକୁ ଚାଲିଯାଉଥିଲା । କୁକୁରଙ୍କ ଉପରେ ସେ ଖୁବ୍ ବିରକ୍ତ ହେଉଥିଲା । କୁକୁରଙ୍କୁ ସେ ଘରେ ପୂରାଇ ଦେଉନଥିଲା । କୁକୁରଙ୍କୁ ଦେଖିବା ମାତ୍ରେ ଖାଇବା ପାଖରୁ ଉଠି ଦୌଡୁଥିଲା ଏବଂ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ତଡ଼ି ଦେଉଥିଲା ।

ଡାକବାଲାକୁ ମୁଁ ଯେତେବେଳେ ଡାକଘରେ ଛାଡ଼ିକରି ଖାଇବା ପାଇଁ ଘରକୁ ଆସିଲି ମୁନ୍ନୁ ବି ଆସି ପାଖରେ ବସିଲା । ମୁଁ ଦୁଇଚାରି ଗୁଣ୍ଡା ପାଟିକି ନେଇଛି କି ନାହିଁ, ଗୋଟାଏ ଖୁବ୍ ବଡ଼ ଭାଲୁଆ କୁକୁର ଅଗଣାରେ ଦେଖାଦେଲା । ମୁନ୍ନୁ ତାକୁ ଦେଖୁଦେଖୁ ଧାଇଁଗଲା । ଜଣକର ପୋଷାକୁକୁର ଆଉ ଜଣଙ୍କ ଘରକୁ ଗଲେ ମୂଷା ହୋଇଯାଏ । କୁକୁରଟା ତାକୁ ଦେଖି ଦୌଡ଼ି ପଳାଇଲା । ମୁନ୍ନୁ ଏବେ ଫେରି ଆସିବା ଉଚିତ ଥିଲା; କିନ୍ତୁ ତା ପାଇଁ ସେ କୁକୁର ଥିଲା ଯମଦୂତ । ତାକୁ ଘରୁ ତଡ଼ିଦେବା ପରେ ମଧ୍ୟ ମୁନ୍ନୁର ମନରେ ଶାନ୍ତି ନଥିଲା । ସେ ତାକୁ ବାହାର ପଡ଼ିଆରେ ମଧ୍ୟ

Digitized by srujanika@gmail.com

ଗୋଡ଼ାଇଲା । ମୁନ୍ନୁକୁ ଜଣା ନଥିଲା ଯେ ସେଠାରେ ତାର କିଛି କାଟ୍‌ତି ନଥିଲା । ସେ ଯେଉଁ ଜାଗାରେ ଯାଇ ପହଞ୍ଚିଯାଇଥିଲା, ସେଠାରେ ତାର ଯେତିକି ଅଧିକାର ଥିଲା, ଭାଲୁଆ କୁକୁରର ମଧ୍ୟ ସେତିକି ଅଧିକାର ଥିଲା । ମୁନ୍ନୁ କୁକୁରକୁ ତଡ଼ିତଡ଼ି ନେଉଥିବାବେଳେ ଆପଣାର ଶକ୍ତି ଉପରେ ତା'ର ଟିକିଏ ଗର୍ବ ହୋଇଯାଇଥିଲା । ସେ ବୁଝିପାରୁ ନଥିଲା ଯେ ଘରେ ତା ପଛରେ ଘର ମାଲିକର ଭୟ କାମ କରୁଥିଲା । କୁକୁରଟା ସେଇ ପଡ଼ିଆରେ ପହଞ୍ଚିବା ମାତ୍ରେ ପଟ୍‌କରି ଓଲଟିପଡ଼ି ମୁନ୍ନୁର ବେକକୁ ଖୁବ୍ ଜୋର୍‌ରେ କାମୁଡ଼ି ଧରିଲା । ବିଚରା ମୁନ୍ନୁର ତୁଣ୍ଡରୁ ଶବ୍ଦଟିଏ ବି ବାହାରିବାକୁ ନଥିଲା । ପଡ଼ୋଶୀମାନେ ହୋ-ହଲ୍ଲା କରିବାରୁ ମୁଁ ଦୌଡ଼ିଗଲି । ଦେଖିଲି ମୁନ୍ନୁ ମରିକରି ପଡ଼ିଛି, କୁକୁରର ପତ୍ତା ନାହିଁ ।

Digitized by srujanika@gmail.com

ଡାବଲପୁଆ *

ଏକ

ଆମମାନଙ୍କର ଇଂରେଜ ବନ୍ଧୁମାନେ ମାନନ୍ତୁ ବା ନମାନନ୍ତୁ, ମୁଁ କହିବି ଯେ ଡାବଲପୁଆ ହେଉଛି ସବୁଖେଳ ଭିତରେ ରାଜା । ଏବେ ବି କେବେ କେଉଁଠି ପିଲାମାନେ 'ଡାବଲପୁଆ' ଖେଳୁଥିବାର ଦେଖିଲେ ମନଟା ବିକଳ ହୋଇଉଠେ । ଇଚ୍ଛାହୁଏ, ସେମାନଙ୍କ ସହିତ ଯାଇ ଟିକିଏ ଖେଳନ୍ତି । ଏ ଖେଳ ପାଇଁ ପଡ଼ିଆର ଦରକାର ନାହିଁ, କୋର୍ଟର ଦରକାର ନାହିଁ, ନେଟ କି ବଲ୍‌ର ମଧ ଦରକାର ନାହିଁ । କୌଣସି ଏକ ଗଛରୁ ଖଣ୍ଡେ ଡାଳ କାଟିଦେଲେ ପୁଆଟିଏ ତିଆରି ହୋଇଗଲା । ଦି'ଜଣ ଏକାଠି ହୋଇଗଲେ ଖେଳ ଆରମ୍ଭ ହୋଇଗଲା ।

ବିଲାତିଖେଳର ଏ ହେଉଛି ଏକ ବଡ଼ ଦୋଷ ଯେ ତାର ସରଞ୍ଜାମଗୁଡ଼ିକ ଖୁବ ମହଙ୍ଗା । ଅତି କମରେ ଯଦି ଟଙ୍କା ଶହେଟି ଖର୍ଚ୍ଚ ନକଲ, ତେବେ ଖେଳାଳିରେ ଗଣାହେବ ନାହିଁ । ଏ ଖେଳରେ କିନ୍ତୁ ପୁଆବାଡ଼ି ଅଛି ତ ଫଟା ପାହୁଲାଏ ବି ଖର୍ଚ୍ଚ ନକରି ଖେଳ ବେଶ୍ ଜମିବ; ହେଲେ କଅଣ ହେବ, ଆମେ ବିଲାତି ଜିନିଷ ପାଇଁ ଏଭଳି ପାଗଳ ଯେ ଆମ ନିଜ ଜିନିଷ ପ୍ରତି ଆମର ଅରୁଚି ହୋଇଗଲାଣି । ଆମ ସ୍କୁଲମାନଙ୍କରେ ପ୍ରତି ପିଲାଠାରୁ ବାର୍ଷିକ କେବଳ ଖେଳ ବାବଦରେ ତିନି ଚାରିଟଙ୍କା ଫିସ୍ ଆକାରରେ ଆଦାୟ କରାଯାଉଛି । କାହାରି ମୁଣ୍ଡରେ ଏକଥା ଢୁକୁନି ଯେ ଆମେ ଆମ ଭାରତୀୟ ଖେଳ ଖେଳିବା, ଯାହା ବିନାଖର୍ଚ୍ଚରେ ଖେଳାଯାଇ ପାରିବ । ବିଲାତିଖେଳ ସେଇମାନଙ୍କ ପାଇଁ, ଯେଉଁମାନଙ୍କ ପାଖରେ ଧନ ଅଛି । ଗରିବ ପିଲାଙ୍କ ଉପରେ ଏଇ ବିଳାସକୁ କାହିଁକି ଲଦିଦିଆଯାଉଛି ? ଠିକ୍ ଅଛି, ଡାବଲପୁଆରେ ଅବଶ୍ୟ ଆଖି ଫୁଟିଯିବାର ଭୟ ଅଛି; ହେଲେ କ୍ରିକେଟ ଖେଳରେ କ'ଣ ମୁଣ୍ଡ ଫାଟିଯିବାର, କାନମୁଣ୍ଡା କଣା ହୋଇଯିବାର ଓ ଗୋଡ଼ ଭାଙ୍ଗିଯିବାର

---

* ଦୁଇଖଣ୍ଡ କାଠି ସାହାଯ୍ୟରେ ଖେଳାଯାଏ । ସାନ ଖଣ୍ଡିକ ପୁଆ, ବଡ଼ଖଣ୍ଡିକ ବାଡ଼ି । ଏହାକୁ ପୁଆବାଡ଼ି, ଗୁଟିଡାଣ୍ଡୁ ବା ଗୁଲିଡାଙ୍ଗ ବୋଲି ମଧ କୁହାଯାଏ । ହିନ୍ଦୀରେ ଏହା ଗୁଲ୍ଲି-ଡଣ୍ଡା ।

Digitized by srujanika@gmail.com

Digitized by srujanika@gmail.com

ଭୟ ନାହିଁ ? ମୋ ମୁଣ୍ଡରେ ଯଦି ଆଜିଯାଏ ପୁଆର ଖଣ୍ଡିଆଦାଗ ଅଛି, ତେବେ ମୋର ଏମିତି କେତେକ ସାଙ୍ଗ ଅଛନ୍ତି, ଯେଉଁମାନେ ଗୋଡ଼ ଭାଙ୍ଗି ଆଶାବାଡ଼ି ଧରି ଚାଲୁଛନ୍ତି । ଏଇଟା ହେଉଛି ନିଜନିଜର ରୁଚି । ସବୁଖେଳ ମଧ୍ୟରେ ମୋତେ ଡାବଲପୁଆ ହିଁ ବେଶି ଭଲଲାଗେ । ଏବେ ପିଲାଦିନର ମଧୁର ସ୍ମୃତି ଭିତରେ ଡାବଲପୁଆର ସ୍ମୃତି ସବୁଠାରୁ ମିଠା ।

ସେତେବେଳେ ସକାଳୁ ସକାଳୁ ଘରୁ ବାହାରିଯାଉ, ଗଛରେ ଚଢ଼ି ଡାଳ କାଟି ପୁଆବାଡ଼ି ତିଆରିକରୁ । ସେ ଉତ୍ସାହ, ସେ ଆନନ୍ଦ, ଖେଳାଳିମାନଙ୍କର ଭିଡ଼, ଡାବଲପୁଆ ପିଟିବା ଓ ଗୋଟାଇବା, ସେ ଲଢ଼େଇ-ଝଗଡ଼ା, ସେଇ ସରଳ ସ୍ୱଭାବ, ଯେଉଁଥିରେ ଛୁଆଁ-ଅଛୁଆଁ, ଧନୀ-ଗରିବର ଭେଦଭାବ ଇତ୍ୟାଦି ବିଲକୁଲ ନଥାଏ, ସେଥିରେ ନିଜର ବଡ଼ପଣିଆର ଦେଖାଣିଆ ଭାବ, କିମ୍ବା ରାଗରୁଷା ବି ନଥାଏ / ସେଇ ଦିନଗୁଡ଼ିକ ଭୁଲିଯିବି ଯେତେବେଳେ...... । ଘରଲୋକ ସମସ୍ତେ ବିରକ୍ତ ହେଉଥିବେ, ବାପା ଚୌକି ଉପରେ ବସି ରୁଟି ଉପରେ ରାଗ ସୁଝାଉଥିବେ, ମାଆଙ୍କର ଦଉଡ଼ କେବଳ ଦାଣ୍ଡଦୁଆର ପର୍ଯ୍ୟନ୍ତ; କିନ୍ତୁ ତାଙ୍କ ବିଚାରରେ ମୋ ଅନ୍ଧକାରମୟ ଭବିଷ୍ୟତ ଭଙ୍ଗା ଡଙ୍ଗା ଭଳି ଉବୁଟୁବୁ ହେଉଥାଏ; ଅଥଚ ମୁଁ ତେଣେ ଡାବଲପୁଆ ପିଟିବାରେ ମସଗୁଲ । ଗାଧୋଇବାର କି ଖାଇବାର ନାଆଁ ଧରିବାର ନାହିଁ । ପୁଆବାଡ଼ି ଅଛି ତ ସବୁ ଅଛି । କାରଣ ତା ଭିତରେ ଅଛି ଦୁନିଆଯାକର ସବୁ ମିଠେଇର ସୁଆଦ ଓ ଖେଳର ମଜା ।

ମୋ ସାଙ୍ଗମାନଙ୍କ ଭିତରେ ଗୟା ନାମରେ ଗୋଟିଏ ପିଲା ଥିଲା । ମୋଠାରୁ ସେ ବୟସରେ ଦୁଇତିନି ବର୍ଷ ବଡ଼ ହେବ । ପତଳା ଓ ଲମ୍ବା ଚେହେରା । ମାଙ୍କଡ଼ ଭଳି ଲମ୍ବାଲମ୍ବା ଓ ସରୁ ଆଙ୍ଗୁଠି । ମାଙ୍କଡ଼ ଭଳି ଚଗଲାମି, ସେଇ ଦୁଷ୍ଟାମି । ପୁଆ ଯେମିତି ସେମିତି ହେଉ, ସେ ମାଡ଼ିବସିବ ଯେମିତି ଝିଟିପିଟି ପୋକ ଉପରେ ମାଡ଼ିବସେ ।

ଦିନେ ମୁଁ ଆଉ ଗୟା ଦି'ଜଣ ଖେଳୁଥିଲୁ । ମୁଁ ପିଟୁଥିଲି, ସେ ଗୋଟାଉଥିଲା । ଏ ଗୋଟିଏ ବିଚିତ୍ର କଥା ଯେ ମୁଁ ସାରାଦିନ ପିଟିବାରେ ମସଗୁଲ ରହିପାରେ; ହେଲେ ମିନିଟକ ପାଇଁ ମଧ୍ୟ ଗୋଟେଇବା କାମ ମୋତେ ଭଲ ଲାଗେନାହିଁ । ମୁଁ ଏଥିରୁ ରକ୍ଷାପାଇବା ପାଇଁ ସବୁ ପ୍ରକାର ଚାଲ ଖେଳିଲି, ଯେଉଁଗୁଡ଼ିକ ଅବଶ୍ୟ ନିୟମ ବିରୁଦ୍ଧ; ମାତ୍ର କ୍ଷମଣୀୟ । ସେ କିନ୍ତୁ ତା'ର ପାଳି ଆଦାୟ ନକରି ମୋତେ ଛାଡ଼ିଲାନାହିଁ ।

ମୁଁ ଘରକୁ ପଳାଇବାକୁ ବାହାରିଲି । ଅନୁନୟ ବିନୟର କିଛି ଫଳ ହେଲା ନାହିଁ । ଗୟା ଦୌଡ଼ିଦୌଡ଼ି ଯାଇ ମୋତେ ମାଡ଼ିବସିଲା ଏବଂ ପାହାରେ ପିଟିଦେଇ

Digitized by srujanika@gmail.com

କହିଲା, "ମୋ ପାଳି ଦେଇକରି ଯାଆ । ଭାରି ବାହାଦୁର ସାଜି ତ ପିଟିଲୁ, ଏବେ ମୋ ବେଳକୁ ପଳାଇଯାଉଛୁ କାହିଁକି ?"

"ତୁ ତେବେ କ'ଣ ଦିନସାରା ପିଟିବୁ ବୋଲି ମୁଁ ଦିନସାରା ଗୋଟାଇବି ?"

"ହଁ, ତୋତେ ଦିନସାରା ଗୋଟାଇବାକୁ ପଡ଼ିବ ।"

"ଖାଇବାକୁ ଯିବିନାହିଁ କି ପିଇବାକୁ ବି ଯିବିନାହିଁ ?"

"ନା, ମୋ ପାଳି ମୋତେ ନଦେଇ ତୁ କୁଆଡ଼େ ଯାଇପାରିବୁ ନାହିଁ ।"

"ମୁଁ କ'ଣ ତୋ ଚାକର ?"

"ହଁ ମୋ ଚାକର ।"

"ମୁଁ ଘରକୁ ଯାଉଛି, ଦେଖିବି ତୁ ମୋର କ'ଣ କରିବୁ ।"

"ଘରକୁ କେମିତି ଯିବୁ ? କ'ଣ ଥଟ୍ଟା ପଡ଼ିଛି ? ପାଳି ଦେଇଛି, ପାଳି ନେବି ।"

"ଆଚ୍ଛା, କାଲି ମୁଁ ତୋତେ ପିଜୁଳି ଖୁଆଇଥିଲି । ମୋ ପିଜୁଳି ମୋତେ ଫେରାଇ ଦେ' ।"

"ସେ ତ ପେଟକୁ ଗଲାଣି ।"

"ବାହାରକର ପେଟରୁ । ତୁ କାହିଁକି ମୋ ପିଜୁଳି ଖାଇଲୁ ?"

"ପିଜୁଳି ତ ତୁ ଦେଲୁ, ମୁଁ ଖାଇଲି । ତୋତେ ତ ମୁଁ ମାଗିବାକୁ ଯାଇ ନ ଥିଲି ।"

"ତୁ ଯଦି ମୋ ପିଜୁଳି ନ ଦେବୁ, ତେବେ ମୁଁ ତୋତେ ପାଳି ଦେବି ନାଇଁ ।"

ମୁଁ ଭାବୁଥିଲି ନ୍ୟାୟ ମୋ ପଟରେ ଅଛି । ଅବଶ୍ୟ କୌଣସି ସ୍ୱାର୍ଥ ଆଶାରେ ମୁଁ ତାକୁ ପିଜୁଳି ଖୁଆଇଥିଲି । କିଏ ବିନା ସ୍ୱାର୍ଥରେ କାହା ସାଙ୍ଗରେ ସଂପର୍କ ଯୋଡ଼ିଲାଣି ? ଭିକ୍ଷା ବି ସ୍ୱାର୍ଥ ପାଇଁ ଦିଆଯାଏ । ଯଦି ଗୟା ପିଜୁଳି ଖାଇଲା, ତେବେ ମୋଠଉଁ ପାଳି ଦାବିକରିବାର କି ଅଧିକାର ଅଛି ? ଲାଞ୍ଚ ଦେଇକରି ତ ଲୋକ ରକ୍ତ ହଜମ କରିଯାଉଛନ୍ତି । ସେ ମୋ ପିଜୁଳି ଏମିତି ହଜମ କରିଯିବ ? ପିଜୁଳି ପଇସାରେ ପାଞ୍ଚଟା ଥିଲା । ଯାହାକି ଗୟାର ବାପା ଢାତକରେ ବି ନଥିବ । ଏଇଟା ବିଲକୁଲ ଅନ୍ୟାୟ ।

ଗୟା ମୋତେ ତା ଆଡ଼କୁ ଝିଙ୍କିଦେଇ କହିଲା, "ମୋ ପାଳି ଦେଇକରି ଯାଆ । ପିଜୁଳି ଫିଜୁଳି ମୁଁ କିଛି ଜାଣେନାହିଁ ।"

ମୋର ବଳ ଥିଲା ନ୍ୟାୟ । ସେ କିନ୍ତୁ ଅନ୍ୟାୟ ଉପରେ ଅଡ଼ି ବସିଥିଲା । ମୁଁ ହାତ ଛଡ଼ାଇଆଣି ଦୌଡ଼ି ପଳାଇବାକୁ ଚାହୁଁଥିଲି । ସେ ମୋତେ କିନ୍ତୁ ଯିବାକୁ ଦେଉ

Digitized by srujanika@gmail.com

ନଥିଲା । ମୁଁ ତାକୁ ଗାଳିଦେଲି । ସେ ମୋତେ ତାଠଉଁ ଆହୁରି କଡ଼ା ଭାଷାରେ ଗାଳିଦେଲା । ଖାଲି ଗାଳି ନୁହେଁ, ଗୋଟାଏ ଚାପୁଡ଼ା ମଧ ବସେଇଦେଲା । ମୁଁ ତାକୁ ଦାନ୍ତରେ କାମୁଡ଼ିଦେଲି । ସେ ମୋ ପିଠିକି ପାହାରେ ପକାଇଲା । ମୁଁ କାନ୍ଦିବାକୁ ଲାଗିଲି । ଗୟା ମୋର ଏଇ ଅସ୍ତ୍ରର ଆଉ ମୁକାବିଲା କରିପାରିଲା ନାହିଁ ।

ମୁଁ ସାଙ୍ଗେସାଙ୍ଗେ ଆଖିରୁ ଲୁହ ପୋଛି ପକାଇଲି, ମାଡ଼କଷ୍ଟ ଭୁଲିଗଲି ଏବଂ ହସିହସି ଯାଇ ଘରେ ପହଞ୍ଚିଲି । ମୁଁ ହେଉଛି ଜଣେ ଥାନା ଅଫିସରଙ୍କ ପୁଅ; ଅଥଚ ଜଣେ ମାମୁଲି ଗରିବପିଲା ହାତରେ ମାଡ଼ ଖାଇଲି ! ଏକଥା ମୋତେ ଭାରି ଅପମାନଜନକ ବୋଧହେଲା; କିନ୍ତୁ ଘରେ କାହାରି ଆଗରେ କିଛି ଅଭିଯୋଗ କଲିନାହିଁ ।

ଦୁଇ

ଏହାର କିଛିଦିନ ପରେ ବାପାଙ୍କର ସେଠାରୁ ବଦଳି ହୋଇଗଲା । ନୂଆଜାଗା ଦେଖିବାର ଆନନ୍ଦରେ ମୁଁ ଏତେ ଉଚ୍ଛୁଳିଉଠିଲି ଯେ ସାଙ୍ଗମାନଙ୍କଠାରୁ ଦୂରେଇ ଯିବାର ଦୁଃଖ ମୋତେ ରହିଲାନାହିଁ । ବାପା କିନ୍ତୁ ଦୁଃଖ କରୁଥିଲେ । ଏ ଜାଗାରେ ରୋଜଗାର ଭଲ ଥିଲା । ମାଆ ମଧ ଦୁଃଖ କରୁଥିଲେ । କାରଣ ଏଠାରେ ସବୁ ଜିନିଷ ଶସ୍ତା ଥିଲା । ପଡ଼ାର ସ୍ତ୍ରୀଲୋକମାନଙ୍କ ସହିତ ତାଙ୍କର ପାରିବାରିକ ସଂପର୍କ ହୋଇଯାଇଥିଲା; ମାତ୍ର ମୋର କିନ୍ତୁ ଖୁସିରେ ଗୋଡ଼ ତଳେ ଲାଗୁନଥାଏ । ସାଙ୍ଗମାନଙ୍କ ପାଖରେ ମୁଁ ଖୁବ୍ ଉଡ଼ାଣିଆ କରି କଥା କହୁଥାଏ । ସେଠାରେ ଏମିତି ସବୁ ଘର ଅଛି ଯେଉଁଗୁଡ଼ିକ ଏତେ ଉଚ୍ଚା ଯେ ଆକାଶକୁ ମୁଣ୍ଡ ଛୁଉଁଛି, ସେଠାରେ ଇଂରାଜୀ ସ୍କୁଲର କୌଣସି ଶିକ୍ଷକ ଯଦି କୌଣସି ପିଲାଙ୍କୁ ପିଟନ୍ତି, ତେବେ ତାଙ୍କୁ ଜେଲ ଯିବାକୁ ହୁଏ । ମୋର ସାଙ୍ଗମାନଙ୍କର ଆଶ୍ଚର୍ଯ୍ୟଚକିତ ଆଖିରୁ ଜାଣିହୋଇ ଯାଉଥାଏ ଯେ ମୁଁ ସେମାନଙ୍କ ଦୃଷ୍ଟିରେ କେତେ ଉପରକୁ ଉଠିଯାଇଛି । ପିଲାମାନଙ୍କ ଭିତରେ ମିଥ୍ୟାକୁ ସତ୍ୟ କରିଦେବାର ଯେଉଁ ଶକ୍ତି ଥାଏ, ତାହାରି ଦ୍ୱାରା ମୁଁ ସତ୍ୟକୁ ମିଥ୍ୟା କରିଦେଲି । ସେମାନେ କ'ଣ ବା ବୁଝିବେ ? ସେଇ ବିଚରାମାନଙ୍କର ମୋ ପ୍ରତି କେତେ ଈର୍ଷା ହେଉଥିଲା ? ମନେହେଉଥିଲା, ସତେ ଯେମିତି ସେମାନେ କହୁଥିଲେ, ''ଭାଇ, ତୁମେ ଖୁବ୍ ଭାଗ୍ୟବାନ, ଯାଅ । ଏଇ ଅନୁନ୍ନତ ଗାଆଁରେ ଆମ ଜନ୍ମ, ପୁଣି ଏଇଠି ମରଣ ।''

ଯା ଭିତରେ କୋଡ଼ିଏ ବର୍ଷ ବିତିଯାଇଥିଲା । ମୁଁ ଇଞ୍ଜିନିୟରିଂ ପାଶ୍ କରି ଚାକିରୀ କଲି ଏବଂ ସେଇ ଜିଲ୍ଲାରେ ଟୁର୍ କରୁକରୁ ଥରେ ସେଇ ସହରରେ ଯାଇ ପହଞ୍ଚିଲି ଏବଂ ଡାକବଙ୍ଗଳାରେ ରହିଲି । ସେ ଜାଗାଟିକୁ ଦେଖୁଦେଖୁ ମନରେ

Digitized by srujanika@gmail.com

ପିଲାଦିନର ସେଇ ମଧୁର ସ୍ମୃତିଗୁଡ଼ିକ ଏମିତି ଚେଇଁଉଠିଲା ଯେ ମୁଁ ଉଠିପଡ଼ିଲି ଏବଂ ସହର ଭିତରେ ଟିକେ ବୁଲିଆସିବାକୁ ବାହାରିଗଲି । ଆଖି ଦୁଇଟା ଏକ ତୃଷାର୍ତ୍ତ ପଥିକ ଭଳି ପିଲାଦିନର ସେଇ କ୍ରୀଡ଼ାସ୍ଥଳକୁ ଦେଖିବାକୁ ବ୍ୟାକୁଳ ହୋଇଉଠୁଥାଏ; କିନ୍ତୁ ସ୍ଥାନଟିର ସେଇ ପରିଚିତ ନାଆଁଟି ବ୍ୟତୀତ ଆଉ କେହି ପରିଚିତ ନଥିଲେ । ଆଗରୁ ଯେଉଁଠି ଖଣ୍ଡିଆଡିହ ଥିଲା, ସେଠାରେ ଏବେ ପକ୍କାଘର ଠିଆହୋଇଛି, ଯେଉଁଠି ପୁରୁଣା ବରଗଛଟିଏ ଥିଲା, ସେଠାରେ ଏବେ ଗୋଟିଏ ସୁନ୍ଦର ବଗିଚା ତିଆରି ହୋଇଛି । ଜାଗାଟିର ରୂପ ବଦଳି ଯାଇଥିଲା । ସେଇ ଜାଗାର ନାଆଁ ଏବଂ ଅବସ୍ଥିତି ଜାଣିନଥିଲେ ମୁଁ ତାକୁ ଚିହ୍ନିପାରି ନଥାନ୍ତି । ବାଲ୍ୟକାଳର ସଞ୍ଚିତ ସେଇ ଅଭୁଲା ସ୍ମୃତି ବାହୁ ଖୋଲି ସେଇ ପୁରୁଣା ସାଙ୍ଗମାନଙ୍କୁ ଆଲିଙ୍ଗନ କରିବାକୁ ଅଧୀର ହୋଇ ଉଠୁଥାଏ; ହେଲେ ସେ ଦୁନିଆ ବଦଳି ଯାଇଥିଲା । ମନହେଉଥିଲା ସେଇ ଧୂଳିରେ ଗଡ଼ିଯାଇ କାନ୍ଦନ୍ତି ଏବଂ କହନ୍ତି, ‘‘ତୁମେ ମୋତେ ଭୁଲିଯାଇଛ; ମାତ୍ର ମୁଁ ଏବେ ବି ତୁମର ସେଇ ପୁରୁଣା ଛବି ଦେଖିବାକୁ ଚାହେଁ ।’’

ଅକସ୍ମାତ ଗୋଟାଏ ଖୋଲା ଜାଗାରେ ଦୁଇତିନୋଟି ପିଲା ଡାବଲପୁଆ ଖେଳୁଥିବାର ଦେଖିଲି । କ୍ଷଣକ ପାଇଁ ମୁଁ ଆତ୍ମବିସ୍ମୃତ ହୋଇଗଲି । ମୁଁ ଯେ ଜଣେ ଉଚ୍ଚ ଅଫିସର, ସାହେବୀ ଥାଟ ଏବଂ ସାହେବୀ କ୍ଷମତା ଓ ଅଧିକାରର ଆବରଣ ଭିତରେ ଅଛି, ଏକଥା ଭୁଲିଗଲି ।

ଗୋଟିଏ ପିଲାକୁ ଯାଇ ପଚାରିଲି, ‘‘ଆରେ ପିଲା, ଏଠି ଗୟା ନାଆଁରେ କିଏ ଲୋକ ଅଛିକି ?’’

ଗୋଟିଏ ପିଲା ତାର ଡାବଲପୁଆକୁ ଗୋଟେଇ ଧରି ସଂକୁଚିତ ସ୍ୱରରେ କହିଲା, ‘‘କୋଉ ଗୟା ? ଗୟା ହରିଜନ ?’’

ମୁଁ କହିଲି, ‘‘ହଁ-ହଁ, ସେଇ । ଗୟା ନାଆଁରେ ଯଦି କେହି ଥିବ, ତେବେ ସେଇ ହେବ ।’’

‘‘ହଁ-ହଁ ଅଛି ତ !’’

‘‘ତାକୁ ଟିକିଏ ଡାକିଆଣି ପାରିବ ?’’

ପିଲାଟି ଦୌଡ଼ିଦୌଡ଼ି ଗଲା । ମୁହୂର୍ତ୍ତକ ଭିତରେ ଗୋଟିଏ ପାଞ୍ଚହାତ ଲମ୍ବ ଅଘାସୁରିଆ କାଳିଆ ଲୋକକୁ ସାଙ୍ଗରେ ଧରି ଆସୁଥିବାର ଦେଖାଗଲା । ମୁଁ ଦୂରରୁ ତାକୁ ଚିହ୍ନିପାରିଲି । ମୁଁ ଭାବୁଥିଲି ଦୌଡ଼ିଯାଇ ତାକୁ କୁଣ୍ଢାଇ ପକାଇବି; କିନ୍ତୁ କ'ଣ ଭାବି ରହିଗଲି । ପଚାରିଲି, ‘‘ଗୟା, ମୋତେ ଚିହ୍ନିପାରୁଛ ତ ?’’

ଗୟା ମୁଣ୍ଡ ନୁଆଁଇ ନମସ୍କାର କଲା । କହିଲା, ‘‘ହଁ ମାଲିକ, ଚିହ୍ନିବି ନାଇଁ କାହିଁକି ? ଆପଣ ଭଲରେ ଅଛନ୍ତି ତ ?’’

‘‘ବହୁତ ଭଲରେ ଅଛି, ତୁମେ କେମିତି ଅଛ ?’’

Digitized by srujanika@gmail.com

"ଡେପୁଟୀ ସାହେବଙ୍କ ଘୋଡ଼ାସଇସ କାମ କରୁଛି ।"

"ମତି, ମୋହନ, ଦୁର୍ଗା – ଏମାନେ ସବୁ କେଉଁଠି ? ତାଙ୍କର କିଛି ଖବର ରଖିଛ ?"

"ମତି ତ ମରିଗଲା । ଦୁର୍ଗା ଓ ମୋହନ ଡାକବାଲା । ଆପଣ ?"

"ମୁଁ ତ ଏଇ ଜିଲ୍ଲାର ଇଞ୍ଜିନିୟର ।"

"ଆପଣ ତ ପିଲାଦିନରୁ ଖୁବ୍ ବୁଦ୍ଧିମାନ ଥିଲେ ।"

"ଏବେ ଡାବଲପୁଆ ଖେଳୁଛ ?"

ଗୟା ମୋ ଆଡ଼କୁ ପ୍ରଶ୍ନଭରା ଆଖିରେ ଚାହିଁଲା । କହିଲା, "ଏବେ ଆଉ ଡାବଲପୁଆ ଖେଳିବାକୁ ବେଳ କାଇଁ ? ପେଟ ଧନ୍ଦାରୁ ତ ଫୁରୁସତ୍ ମିଳୁନାହିଁ ।"

"ଆସ, ଆଜି ଆମେ ଦୁହେଁ ଡାବଲପୁଆ ଖେଳିବା । ତୁମେ ପିଟିବ, ମୁଁ ଗୋଟେଇବି । ତୁମର ଗୋଟିଏ ପାଳି ମୋ ଉପରେ ଅଛି । ସେ ପାଳିଟା ଆଜି ଆଦାୟ କରିନିଅ ।"

ଗୟା ବଡ଼ କଷ୍ଟରେ ରାଜିହେଲା । ସେ ଥିଲା ଟଙ୍କାକର ମୂଲିଆ । ମୁଁ ଗୋଟିଏ ବଡ଼ ଅଫିସର । ଆମେ ଦୁହେଁ କ'ଣ ଏବେ ସମସ୍କନ୍ଧ ? ବିଚରା ପଛଉଥିଲା; ହେଲେ ମୁଁ ବି କମ୍ ପଛଉ ନଥିଲି । ଏଇଥିପାଇଁ ନୁହେଁ ଯେ ମୁଁ ଗୟା ସହିତ ଖେଳିବାକୁ ଯାଉଛି; ବରଂ ଏଇଥିପାଇଁ ଯେ ଲୋକେ ଆମ ଖେଳକୁ କୌତୁକ ମନେକରି ମଜାରେ ଆସି ଭିଡ଼ ଜମେଇବେ । ଲୋକ ଗହଳିରେ କି ଆନନ୍ଦ ରହିବ ? ଶେଷରେ ସ୍ଥିରହେଲା ଯେ ଜନବସତିଠାରୁ ଦୂରକୁ ଯାଇ ଗୋଟିଏ ନିଛାଟିଆ ଜାଗାରେ ଖେଳିବୁ । ସେଠାରେ କିଏ ବା ଦେଖିବାକୁ ଥିବ ? ମଜାରେ ଖେଳିବା ଓ ପିଲାଦିନର ସେଇ ମିଠେଇର ସୁଆଦ ବେଶ୍ ଉପଭୋଗ କରିନେବା ।

ମୁଁ ଗୟାକୁ ସାଙ୍ଗରେ ନେଇ ଡାକବଙ୍ଗଳାକୁ ଆସିଲି ଓ ଦୁହେଁ ମଟରରେ ବସି ପଡ଼ିଆକୁ ଚାଲିଲୁ । ସାଙ୍ଗରେ ଗୋଟିଏ କୁରାଢ଼ି ବି ନେଇଗଲୁ । ମୁଁ ଟିକିଏ ଗମ୍ଭୀର ଭାବ ଧାରଣ କରିଥାଏ । ହେଲେ ଗୟା ଏ ପର୍ଯ୍ୟନ୍ତ ତାକୁ ଥଟ୍ଟା ବୋଲି ଭାବୁଥାଏ । ତା ମନରେ ସେଭଳି କିଛି ଆଗ୍ରହ ବା ଉତ୍ସାହର ଚିହ୍ନ ନଥିଲା । ସମ୍ଭବତଃ ଆମ ଦୁଇଜଣଙ୍କ ଭିତରେ ୟା ମଧ୍ୟରେ ଯେଉଁ ତଫାତ୍ ହୋଇଯାଇଥିଲା, ସେଇକଥା ସେ ଭାବୁଥିଲା ।

ମୁଁ ପଚାରିଲି, "ସତ କୁହ ଗୟା, ମୁଁ କେବେ ତୁମର ମନେପଡ଼େ ?"

ଗୟା ଟିକିଏ ସଂକୁଚିତ ହୋଇ କହିଲା, "ମୁଁ ଆପଣଙ୍କୁ ସବୁବେଳେ ମନେପକାଏ ହଜୁର । ମୋର କି ଯୋଗ୍ୟତା ଅଛି ? ମୋ ଭାଗ୍ୟରେ ଆପଣଙ୍କ ସହିତ କିଛିଦିନ ଏକାଠି ଖେଳିବାର ଯୋଗ ଥିଲା । ମୁଁ କୋଉ ଲୋକରେ ଗଣା ?"

Digitized by srujanika@gmail.com

ମୁଁ କହିଲି, ''ମୋର କିନ୍ତୁ ତୁମେ ସବୁବେଳେ ମନେପଡ଼। ତୁମର ସେଇ ବାଡ଼ି, ଯେଉଁଥିରେ ଥରେ କଷିକରି ମୋତେ ପାହାରେ ଦେଇଥିଲ, ମନେଅଛି ?''

ଗୟା ଅନୁତାପ କରି କହିଲା, ''ସେ ସବୁ ପିଲାଳିଆ କଥା ଥିଲା ହଜୁର। ସେସବୁ ଏବେ ଆଉ ମନେପକାଅ ନାହିଁ।''

''ବାଃ, ସେ ହେଉଛି ମୋ ପିଲାଦିନର ସବୁଠାରୁ ମଧୁର ସ୍ମୃତି। ତୁମ ସେଇ ବାଡ଼ିରେ ଯେଉଁ ମିଠା ଥିଲା, ତାହା ଏବେକାର ଆଦର ସମ୍ମାନରେ ନାହିଁ କି ଧନରେ ନାହିଁ। ସେଥିରେ ଏଭଳି ମିଠା ଥିଲା, ଯାହା ଭାବିଦେଲେ ଆଜି ବି ମନକୁ ମିଠା କରିଦେଉଛି।''

ଏଥି ଭିତରେ ଆମେ ଗାଆଁଠାରୁ ଦୁଇତିନି ମାଇଲ ବାଟ ଚାଲିଆସିଥିଲୁ। ଚାରିଆଡ଼ ନିଛାଟିଆ। ପଶ୍ଚିମ ଦିଗରେ କୋଣେ ପର୍ଯ୍ୟନ୍ତ 'ଭୀମ ତାଲ' ଯୋଡ଼ ବ୍ୟାପିଛି, ଯେଉଁଠି କି ଆମେ ବେଳେବେଳେ ଆସି ପଦ୍ମଫୁଲ ତୋଳୁଥିଲୁ ଏବଂ ସେଥିରେ ଝୁମୁକା ତିଆରିକରି କାନରେ ଝୁଲାଉଥିଲୁ।

ଜ୍ୟେଷ୍ଠମାସର କେଶର ରଙ୍ଗର ସଞ୍ଜ ନଇଁ ଆସୁଥାଏ। ମୁଁ ଖେପାମାରି ଗୋଟିଏ ଗଛ ଉପରେ ଚଢ଼ିଗଲି ଏବଂ ଖଣ୍ଡେ ଡାଳ କାଟିଆଣିଲି। ଚଟାପଟ ପୁଆ ଓ ବାଡ଼ି ତିଆରି ହୋଇଗଲା। ଖେଳ ଆରମ୍ଭହେଲା। ମୁଁ ଗାତରେ ପୁଆ ରଖି ମାରିଲି। ପୁଆ ଗୟାର ପାଖ ଦେଇ ଚାଲିଗଲା। ସେ ଏମିତି ହାତ ଉଠାଇଲା, ମନେହେଲା ଯେମିତି ମାଛ ଧରୁଛି। ପୁଆ ଯାଇ ତା ପଛପଟେ ପଡ଼ିଲା। ଆଶ୍ଚର୍ଯ୍ୟ ! ଏ ହେଉଛି ସେଇ ଗୟା, ଯାହା ହାତରେ ପୁଆ ବଳେବଳେ ଆସି ଧରାଦିଏ। ସେଇଟି ଡାହାଣରେ ଥାଉ କି ବାଆଁରେ ଥାଉ, ପୁଆ ଯାଇ ତା ହାତରେ ହିଁ ଲାଗିବ। ସେ ଯେମିତି ପୁଆକୁ ବଶୀକରଣ ମନ୍ତ୍ର କରିଛି। ପୁଆ ନୂଆ ହେଉକି ପୁରୁଣା ହେଉ ଛୋଟ ହେଉ କି ବଡ଼ ହେଉ, ବା ମୁନିଆ ହେଉବା ଚେପଟା ହେଉ, ଯେ କୌଣସି ଆକାରର ହେଉ ନିଶ୍ଚେ ତା ହାତରେ ଧରାପଡ଼ିବ। ଯେମିତିକି ତା ହାତରେ ଚୁମ୍ବକ ଅଛି, ସବୁ ପୁଆକୁ ସେ ଟାଣିନିଏ; ମାତ୍ର ଆଜି କିନ୍ତୁ ତାର ସେ ଆଗ୍ରହ ନଥିଲା। ମୁଁ ପୁଣି ପିଟିବା ଆରମ୍ଭକଲି। ମୁଁ କେତେ ପ୍ରକାର ଧପଉଥିଲି। ଅଭ୍ୟାସ ନଥିବା ଦୋଷକୁ ଧପେଇବାରେ ଘୋଡ଼ାଉଥିଲି। ହାରିଗଲା ପରେ ମଧ ବାଡ଼ି ଛାଡୁ ନଥିଲି, ଯଦିଓ ଖେଳର ନିୟମ ଅନୁସାରେ ଗୟାର ପାଳି ଆସିବା କଥା। ପୁଆ ଉପରେ ଭୁଲ ମାଡ଼ ବାଜୁଥିଲା। ପୁଆ ଯାଇ କିଛି ଦୂରରେ ପଡୁଥିଲା ଏବଂ ମୁଁ ଚଟାପଟ ଧାଇଁଯାଇ ତାକୁ ଗୋଟାଇ ଆଣି ଆଉ ଥରେ ପିଟୁଥିଲି। ଗୟା ଏ ସବୁ ବେକାଇଦାକୁ ଦେଖୁଥାଏ; କିନ୍ତୁ କିଛି କହୁ ନଥାଏ। ସେ ଯେମିତି ଖେଳର ସବୁ କାଇଦା କଟକଣାକୁ ଭୁଲିଯାଇଥାଏ। ତା'ର ଲକ୍ଷ୍ୟ କେତେ ନିର୍ଭୁଲ ଥିଲା ! ତା'ହାତରୁ ପୁଆ ଖସିଲା ମାନେ, ବାଡ଼ିରେ ଆସି ଠକ୍‌କରି ବାଜିବ। ତା'ହାତରୁ ଛୁଟିଲେ ପୁଆର କାମ

Digitized by srujanika@gmail.com

ହେଉଛି ବାଡ଼ିରେ ବାଜିବା । ଆଜି କିନ୍ତୁ ପୁଅ ବାଡ଼ିରେ ମୋଟେ ବାଜୁ ନଥିଲା । କେବେ ଡାହାଣରେ, କେବେ ବାଆଁରେ, କେବେ ଆଗରେ କେବେ ପଛରେ ଚାଲିଯାଉଥିଲା ।

ଅଧଘଣ୍ଟାଏ ଧରି ଏମିତି ପିଟିବା ପରେ ପୁଅ ଆସି ଥରେ ମୋ ବାଡ଼ିରେ ବାଜିଗଲା । ମୁଁ ଧପେଇଲି, "ପୁଅ ବାଡ଼ିରେ ଲାଗିନାହିଁ । ଏକଦମ ପାଖରେ ଚାଲିଗଲା; କିନ୍ତୁ ବାଜିଲା ନାହିଁ ।"

ଗୟା ଏଥିରେ କୌଣସି ପ୍ରକାର ଅସନ୍ତୋଷ ପ୍ରକାଶ କଲାନାହିଁ । କହିଲା, "ବାଜି ନଥିବ ।"

"ବାଡ଼ିରେ ବାଜିଥିଲେ ମୁଁ କ'ଣ ମିଛରେ କହିଥାଆନ୍ତି ?"

"ନାଇଁ ଭାଇ, ତୁମେ କାହିଁକି ମିଛ କହିବ ?"

ପିଲାଦିନେ କ'ଣ ଏମିତି ସାହସ ଥିଲା ଯେ ମୁଁ ଧପେଇଥାଆନ୍ତି ଆଉ ମୋ ଜୀବନ ରହିଥାଆନ୍ତା ? ଏଇ ଗୟା ମୋ ତଣ୍ଟି ଉପରେ ଚଢ଼ି ଯାଇଥାଆନ୍ତା; କିନ୍ତୁ ମୁଁ ଆଜି କେଡ଼େ ସହଜରେ ତାକୁ ଧପେଇ ଚାଲିଛି ! ଗଧଟାଏ ନା କଅଣ ! ସବୁକଥା ଭୁଲିଗଲାଣି !

ହଠାତ୍ ପୁଅଟା ପୁଣି ଆସି ବାଡ଼ିରେ ଠକ୍‌କରି ବାଜିଲା । ଏଥର ଏତେ ଜୋରରେ ବାଜିଲା ଯେ ଯେମିତି ବନ୍ଧୁକ ଫୁଟିଲା । ଏଭଳି ପ୍ରମାଣ ଆଗରେ କିଛି ଧପାଧପି କରିବାକୁ ମୋର ସାହସ କୁଳେଇଲା ନାହିଁ । ତେବେ ଆଉ ଥରେ କାହିଁକି ମିଛ କହିବାକୁ ଚେଷ୍ଟା ନକରିବି, କ୍ଷତି କଅଣ ? ମାନିଗଲା ତ ବଢ଼ିଆ, ନାହିଁ ତ ଦି'ଚାରି ପାଳି ଦୌଡ଼ିବାକୁ ପଡ଼ିବ । ଅନ୍ଧାର ହେଲାଣି ବୋଲି କହି ଶୀଘ୍ର ଖସିଯିବି । ତା ହେଲେ ଆଉ କିଏ ପାଳି ଦାବିକରିବାକୁ ଆସିବ ?

ଗୟା ବିଜୟ ଉଲ୍ଲାସରେ କହିଲା, "ବାଜିଛି, ବାଜିଛି । ଠକ୍‌କରି ଶୁଭିଲା ।"

ମୁଁ ନଜାଣିଲା ଭଳିଆ ହୋଇ କହିଲି, "ବାଜିବା ତୁମେ ଦେଖିଛ ? ମୁଁ ତ ଦେଖି ନାହିଁ ।"

"ଠକ୍ କରି ଶୁଭିଲା ହଜୁର ।"

"..... ଇଟାରେ ହୁଏତ ବାଜିଥିବ ।"

ମୋତେ ଆଶ୍ଚର୍ଯ୍ୟ ଲାଗୁଛି, ମୋ ମୁହଁରୁ ଏମିତି କଥା ସେତେବେଳେ କେମିତି ବାହାରିଲା । ଏଭଳି ସତକୁ ମିଛ କହିବା ଯାହା, ଦିନକୁ ରାତି କହିବା ସେଇଆ । ଆମେ ଦୁହେଁ ଦେଖିଛୁ, ବାଡ଼ିରେ ପୁଅ ଜୋରରେ ବାଜିଛି; ଅଥଚ ଗୟା ମୋ କଥାକୁ ମାନିଗଲା ।

ସେ କହିଲା, "ହଁ ହଁ, କୌଣସି ଇଟାରେ ବାଜିଥିବ । ବାଡ଼ିରେ ବାଜିଥିଲେ ଏତେ ଜୋରରେ ଶବ୍ଦ ହୋଇନଥାନ୍ତା ।"

ମୁଁ ପୁଣି ପିଟିବା ଆରମ୍ଭକଲି; କିନ୍ତୁ ଆଖି ଆଗରେ ଏମିତି ଭୁରୁଡୁ କରିବା ପରେ ଗୟାର ସରଳତା ଉପରେ ମୋର ଦୟା ହେଲା । ସେଥିପାଇଁ ଏଥର ତୃତୀୟ

Digitized by srujanika@gmail.com

ଥର ପାଇଁ ଯଦି ବାଡ଼ିରେ ପୁଆ ବାଜିବ, ତେବେ ମୁଁ ଖୁବ୍ ଉଦାର ଭାବରେ ତାକୁ ବାଜି ଛାଡ଼ିଦେବା ସ୍ଥିରକଲି ।

ଗୟା କହିଲା, ''ଏବେ ତ ଅନ୍ଧାର ହୋଇଗଲାଣି, କାଲିକି ଥାଉ ।''

ମୁଁ ଭାବିଲି, କାଲିକି ତ ବହୁତ ସମୟ ମିଳିବ । ଜଣାନାହିଁ, ସେ କେତେ ସମୟ ଧରି ପିଟିବ । ସେଥିପାଇଁ ଆଜି ତାର ଏକ ସମାଧାନ କରିନେବା ଠିକ୍ ହେବ ।

ମୁଁ କହିଲି, ''ନାହିଁ ନାହିଁ, ଏବେ ଢେର ଆଲୁଅ ଅଛି । ତୁମେ ତୁମର ବାଜି ନିଅ ।''

''ପୁଆ ଦେଖାଯିବ ନାହିଁ ।''

''କିଛି ଚିନ୍ତା ନାହିଁ ।''

ଗୟା ପିଟିବା ଆରମ୍ଭକଲା; କିନ୍ତୁ ତା'ର ଆଉ ପୂର୍ବର ସେ ଅଭ୍ୟାସ ନ ଥିଲା । ସେ ମୋଟେ ଦୁଇଥର ପିଟିବାକୁ ଇଚ୍ଛାକଲା; ମାତ୍ର ଦୁଇଥର ଯାକ ହାରିଗଲା । ମିନିଟକ ମଧ୍ୟରେ ସେ ତା'ର ବାଜି ହରାଇ ବସିଲା । ମୁଁ ମୋ ହୃଦୟର ବିଶାଳତାର ପରିଚୟ ଦେବାକୁ ଯାଇ କହିଲି, ''ଆଉ ଥରେ ଖେଳ । ତୁମେ ତ ପ୍ରଥମ ବାଜିରେ ଆଉଟ ହୋଇଗଲ ।''

''ନାହିଁ ଭାଇ, ଏବେ ଅନ୍ଧାର ହୋଇଗଲାଣି ।''

''ଦେଖୁଛି ତୁମର ଅଭ୍ୟାସ ଛାଡ଼ିଗଲାଣି । ତୁମେ କ'ଣ ଆଉ ଖେଳୁନ ?''

''ଖେଳିବାକୁ ସମୟ କେଉଁଠି ମିଳୁଛି ଭାଇ ?''

ଆମେ ଦୁହେଁ ଯାଇ ମଟରରେ ବସିଲୁ । ଆଲୁଅ ଜଳାଇ ବସ୍ତିରେ ପହଞ୍ଚିଲୁ । ଗୟା ଯାଉଯାଉ ବାଟରେ କହିଲା, ''କାଲି ଏଠାରେ ଡାବଲପୁଆ ଖେଳ ହେବ । ସବୁ ପୁରୁଣା ଖେଳାଳିମାନେ ଖେଳିବାକୁ ଆସିବେ । ତୁମେ ଆସୁନ ! ଯଦି ତୁମର ବେଳ ହେବ, କହିଲେ ସବୁ ଖେଳାଳିଙ୍କୁ ଡାକିବି ।''

ମୁଁ ଉପର ଓଳିକୁ ସମୟ ଦେଲି ଏବଂ ତା ପରଦିନ ମ୍ୟାଚ ଦେଖିବାକୁ ଗଲି । ଦଶଜଣ ଲେଖାଏଁ ଦଳ ହୋଇଥିଲେ । ସେମାନଙ୍କ ଭିତରେ କେତେଜଣ ମୋର ପିଲାଦିନର ସାଥୀ ଥିଲେ । ଅଧିକାଂଶ ଥିଲେ ଯୁବକ ଯେଉଁମାନଙ୍କୁ ମୁଁ ଚିହ୍ନିପାରିଲି ନାହିଁ ।

ଖେଳ ଆରମ୍ଭହେଲା । ମୁଁ ମଟରରେ ବସି ମଜା ଦେଖୁଥାଏ । ଆଜି ଗୟାର ଖେଳ, ତା'ର କୃତିତ୍ୱ ଦେଖି ଆଶ୍ଚର୍ଯ୍ୟ ହୋଇଗଲି । ସେ ଯେତେବେଳେ ପିଟୁଥିଲା, ପୁଆ ଯେମିତି ଯାଇ ଆକାଶ ମାର୍ଗରେ ଉଡୁଥିଲା । ଗତକାଲି ଭଳି ତା'ର ସଂକୋଚ, ତା'ର ଆଗପଛ ଭାବ, ସେଇ ଅନିଚ୍ଛା, ଆଜି କିଛି ନଥିଲା । ପିଲାଦିନେ ଯେଉଁ ଭାବ ଥିଲା, ଆଜି ତାହା ପ୍ରୌଢ଼ତାପ୍ରାପ୍ତ ହୋଇଯାଇଛି । କାଲି ଯଦି ସେ ମୋତେ ଏମିତି ଉଡ଼ାଇଥାଆନ୍ତା, ତେବେ ମୁଁ କାନ୍ଦିପକାଇ ଥାଆନ୍ତି । ତା ବାଡ଼ିର ପାହାର ଖାଇ ପୁଆ

Digitized by srujanika@gmail.com

ଯାଇ ଦୁଇଶହ ଗଜ ଦୂରରେ ଉଠୁଥିଲା । ପୁଅା ଧରୁଥିବା ଜଣେ ଯୁବକ କ'ଣ ଟିକିଏ ଗୋଳମାଳିଆ କରିଦେଲା । ତା ମତରେ ସେ ପୁଅାକୁ ତେଇଁକରି ଧରି ପକାଇଥିଲା; ହେଲେ ଗୟାର କହିବାର ଥିଲା ଯେ ପୁଅାଟା ମାଟିରେ ପଡ଼ି ପୁଣି ଚମକି ଯାଇଥିଲା ।

ଏଇ କଥାରେ ଦୁଇଜଣଙ୍କ ଭିତରେ ଜିଦାଜିଦି ଲାଗିଗଲା । ଯୁବକ ଦବିଗଲା । ଗୟାର ରାଗ ତମତମ ଚେହେରା ଦେଖି ସେ ଡରିଗଲା । ସେ ଯଦି ଦବିଯାଇ ନ ଥାନ୍ତା ତେବେ ଜରୁର ମାରପିଟ ହୋଇଥାଆନ୍ତା ।

ମୁଁ ଖେଳରେ ନଥିଲି; ମାତ୍ର ଅନ୍ୟମାନଙ୍କର ଖେଳ ଦେଖି ମୋର ପିଲାଦିନର ସେହି ଆନନ୍ଦ ଜାତ ହେଉଥିଲା, ଯେତେବେଳେ ଆମେ ସବୁକିଛି ଭୁଲି ଖେଳରେ ପାଗଳ ହୋଇଉଠୁଥିଲୁ ।

ଏବେ ମୁଁ ଜାଣିପାରିଲି ଯେ ଗୟା କାଲି ମୋ ସାଙ୍ଗରେ ଖେଳୁନଥିଲା, ଖାଲି ଖେଳିବାର ଅଭିନୟ କରୁଥିଲା । ସେ ମୋତେ ତା'ର ଦୟାର ପାତ୍ର ବୋଲି ଭାବୁଥିଲା । ମୁଁ ଭୁରୁଡୁ କଲି, ମିଛ କହିଲି; ସେଥିରେ ତା'ର ଟିକିଏ ହେଲେ ରାଗ ନ ଥିଲା । କାରଣ ସେ ତ ନିଜେ ଖେଳୁ ନଥିଲା, ମୋତେ ଖେଳାଉଥିଲା, ମୋର ମନରକ୍ଷା କରୁଥିଲା । ସେ ମୋତେ ଦଉଡ଼ାଇ ଦଉଡ଼ାଇ ଦରମରା କରିବାକୁ ଚାହୁଁ ନଥିଲା । ମୁଁ ଏବେ ଅଫିସର, ମୋର ଏଇ ଅଫିସରପଣିଆ ତା ମୋ ଭିତରେ ଗୋଟାଏ ପାଚିରୀ ଠିଆକରିଥିଲା । ମୁଁ ଏବେ ତା'ର ଆଦର ସମ୍ମାନ ପାଇପାରେ; କିନ୍ତୁ ତାର ସାହଚର୍ଯ୍ୟ ପାଇ ନପାରେ । ପିଲା ଥିଲି, ତା'ର ସମକକ୍ଷ ଥିଲି । ଏବେ ଏଇ ପଦବୀ ପାଇ ତା'ର ଦୟାର ପାତ୍ର ହୋଇଗଲି । ସେ ମୋତେ ତା'ର ସମକକ୍ଷ ଭାବୁ ନଥିଲା । ସେ ବଡ଼ ହୋଇଯାଇଛି; ମୁଁ ଛୋଟ ହୋଇଯାଇଛି ।

Digitized by srujanika@gmail.com

ଦୁଇ ବଳଦଙ୍କ କାହାଣୀ

ଏକ

ପଶୁଙ୍କ ଭିତରେ ଗଧକୁ ସବୁଠାରୁ ନିର୍ବୁଦ୍ଧିଆ ବୋଲି କୁହାଯାଏ । ଆମେ ଯେତେବେଳେ କୌଣସି ଲୋକକୁ ନିହାତି ଗୋଟାଏ ବୋକା ବୋଲି କହିବାକୁ ଚାହୁଁ, ତାକୁ ସେତେବେଳେ କହୁ 'ଗଧ' ।.ଗଧ ପ୍ରକୃତରେ ବୋକା ନା ତା'ର ସରଳତା, ତା'ର ନିରାପଦ ସହିଷ୍ଣୁତା ତାକୁ ଏଇ ପଦବୀ ଦେଇଛି, ଏକଥା ଠିକ୍‌କରି କହିହେବ ନାହିଁ । ଗାଈ ତାର ଶିଙ୍ଗରେ ଭୁଷିଦିଏ, ଛୁଆ ଜନ୍ମକରିଥିବା ଗାଈ ତ ସିଂହୀ ରୂପ ଧାରଣ କରିଥାଏ । କୁକୁର ଗୋଟିଏ ଦୁର୍ବଳ ପ୍ରାଣୀ ହେଲେ ମଧ୍ୟ କେବେକେବେ ତାର ମଧ୍ୟ ରାଗ ହୁଏ; ହେଲେ ଗଧ କେବେ ରାଗିବାର କେହି ଦେଖିନାହିଁ କି ଶୁଣିନାହିଁ । ଯେତେଥର ବିଚରାକୁ ପିଟ, ଯେତେ ଖରାପ ପଚାସଢ଼ା ଘାସ ତା ଆଗରେ ପକାଅ, ତା ମୁହଁରେ ଅସନ୍ତୋଷର ଚିହ୍ନ କେବେ ଦେଖିବ ନାହିଁ । ଆମେ ତାକୁ କେବେ ଖୁସିହେବାର ଦେଖିନୁ । ତା' ଚେହେରାରେ ଏକ ବିଷାଦଭାବ ସ୍ଥାୟୀ ରୂପେ ଲାଗିରହିଥାଏ । ସୁଖ ଦୁଃଖ, ହାନି ଲାଭ କୌଣସି ଅବସ୍ଥାରେ ତା'ର ପରିବର୍ତ୍ତନ ହେବାର ଦେଖାଯାଏ ନାହିଁ । ମୁନିଋଷିଙ୍କର ଯେତେ ଗୁଣ, ସେ ସବୁର ପରାକାଷ୍ଠା ଗଧଠାରେ ଅଛି । ମଣିଷ ତାକୁ ବୋକା ବୋଲି କହେ । ସଦ୍‌ଗୁଣର ଏଭଳି ଅନାଦର ଆଉ କେଉଁଠି ଦେଖାଯାଇ ନାହିଁ । ସରଳତା କେବେ ସଂସାର ପାଇଁ ଉପଯୁକ୍ତ ବୋଲି ମନେହୁଏ ନାହିଁ ।

ଗଧର ଆଉ ଗୋଟିଏ ଛୋଟ ଭାଇ ମଧ୍ୟ ଅଛି । ସେ ଅବଶ୍ୟ ତା ଠାରୁ ଟିକେ କମ୍ । ସେ ହେଉଛି ବଳଦ । ଯେଉଁ ଅର୍ଥରେ ଆମେ 'ଗଧ' ଶବ୍ଦର ପ୍ରୟୋଗ କରୁ ଠିକ୍ ସେଇ ଏକା ଅର୍ଥରେ ଆମେ 'ବଳଦଟାଏ' ବୋଲି ମଧ୍ୟ କହିଥାଉଁ । କିଛି ଲୋକ ପ୍ରାୟତଃ ବଳଦକୁ ବୋକାଙ୍କ ମଧ୍ୟରେ ଶିରୋମଣି ବୋଲି କହିବେ; କିନ୍ତୁ ମୁଁ ସେଭଳି ଭାବେ ନାହିଁ । ବଳଦ କେବେକେବେ ମାରେ । ବେଳେବେଳେ ମାରଣା ବଳଦ ମଧ୍ୟ ଦେଖିବାକୁ ମିଳନ୍ତି । ସେ ବିଭିନ୍ନ ଉପାୟରେ ନିଜର ଅସନ୍ତୋଷ ପ୍ରକାଶ କରିଥାଏ । ଅତଏବ ତାର ସ୍ଥାନ ଗଧଠାରୁ ତଳେ ।

Digitized by srujanika@gmail.com

Digitized by srujanika@gmail.com

ଝୁରି କାଛୀର ଦୁଇଟି ବଳଦର ନାଆଁ ଥିଲା ହୀରା ଓ ମୋତି । ଦୁହେଁ ଥିଲେ ପଶ୍ଚିମା ଜାତିର । ଦେଖିବାକୁ ଯେମିତି ସୁନ୍ଦର, କାମକୁ ସେମିତି ଚୌରସ । ଶରୀର ବେଶ୍ ଉଚା । ବହୁଦିନ ଧରି ଏକାଠି ଥିବାରୁ ଦୁହିଁଙ୍କ ମଧ୍ୟରେ ଭାଇଚାରା ହୋଇଯାଇଥିଲା । ଦୁହେଁ ପାଖାପାଖି ମୁହାଁମୁହିଁ ହୋଇ ଜଣେ ଆଉ ଜଣକ ସହିତ ମୂକଭାଷାରେ ଭାବ ବିନିମୟ କରୁଥିଲେ । ଜଣେ ଜଣକର ମନକଥା କେମିତି ଯେ ବୁଝିଯାଉଥିଲା, ଆମେ ସେକଥା କହିପାରିବା ନାହିଁ । ଅବଶ୍ୟ ସେମାନଙ୍କଠାରେ ଗୋଟାଏ ଗୋପନ ଶକ୍ତି ଥିଲା, ଯେଉଁଥିରୁ କି ନିଜକୁ ଶ୍ରେଷ୍ଠଜୀବ ବୋଲି ଦାବିକରୁଥିବା ମନୁଷ୍ୟ ବଞ୍ଚିତ । ଜଣେ ଆରଜଣକୁ ଚାଟିକରି, ଶୁଙ୍ଘିକରି ନିଜର ସ୍ନେହ ପ୍ରକାଶକରେ । ବେଳେବେଳେ ଦିହେଁ ଶିଙ୍ଗକୁ ଶିଙ୍ଗ ଲଢ଼ାନ୍ତି । ଯୁଦ୍ଧକରିବା ପାଇଁ ନୁହେଁ, କେବଳ ଖୁସିରେ । ଆତ୍ମୀୟତା କାରଣରୁ ଦୁହିଁଙ୍କ ଭିତରେ ଘନିଷ୍ଠତା ଥିବାରୁ ଶିଙ୍ଗଲଢ଼େଇ ଖେଳ ଆରମ୍ଭ ହୋଇଯାଏ । ତା ନହେଲେ ବନ୍ଧୁତା କିଛି ଊଣା ପଡ଼ିଯାଏ, କିଛି ହାଲୁକା ହୋଇଯାଏ, ଯାହା ଉପରେ ଅଧିକ ବିଶ୍ୱାସ କରାଯାଇପାରେ ନାହିଁ ।

ଯେତେବେଳେ ଏଇ ଦୁଇବନ୍ଧୁଙ୍କୁ ହଳ କିମ୍ୱା ଶଗଡ଼ରେ ଯୋଚି ଦିଆଯାଏ, ସେମାନେ କାନ୍ଧ ହଲାଇ ହଲାଇ ଚାଲୁଥାଆନ୍ତି । ସେତେବେଳେ ପ୍ରତ୍ୟେକଙ୍କର ଏଇ ଚେଷ୍ଟା ଥାଏ, ଯେମିତି ଅଧିକରୁ ଅଧିକ ବୋଝ ତା ନିଜ କାନ୍ଧରେ ରହିବ । ଦି'ପହର କି ସନ୍ଧ୍ୟାରେ ଯେମିତି ସେମାନଙ୍କୁ ଖୋଲି ଦିଆଯାଏ, ଜଣେ ଆଉ ଜଣକୁ ଚାଟିକରି ନିଜର କ୍ଳାନ୍ତି ମେଣ୍ଟାଏ । କୁଣ୍ଡରେ କୁଣ୍ଡା ଚୋକଡ଼ ଢାଳିଦିଆଯିବା ପରେ ଦିହେଁ ଏକାବେଳକେ ଉଠିପଡ଼ନ୍ତି, ଏକାଠି କୁଣ୍ଡରେ ମୁହଁ ବୁଡ଼ାନ୍ତି, ଏକାଠି ଖାଆନ୍ତି । ଜଣେ ମୁହଁ ଉଠାଇନେଲେ ଆଉ ଜଣେ ବି ମୁହଁ ଉଠାଇନିଏ ।

ଯୋଗକୁ ଥରେ ଝୁରି ସେଇ ଯୋଡ଼ିଙ୍କୁ ତା'ର ଶ୍ୱଶୁରଘରକୁ ପଠାଇଦେଲା । ବଳଦଙ୍କୁ କାହିଁକି ପଠାଯାଉଛି ସେମାନେ କଅଣ ଜାଣନ୍ତି ? ସେମାନେ ଭାବିଲେ ମାଲିକ ତାଙ୍କୁ ବିକ୍ରିକରିଦେଲା । ଏମିତି ବିକ୍ରି ହୋଇଯିବାଟା ତାଙ୍କୁ ଭଲ ଲାଗିଲା କି ଖରାପ ଲାଗିଲା ସେକଥା କିଏ ଜାଣେ ? ମାତ୍ର ଝୁରିର ଶଳା ଗୟା ବଳଦ ଦୁଇଟାଙ୍କୁ ଘରପର୍ଯ୍ୟନ୍ତ ନେବାଯାଏ ନାକେଦମ ହୋଇଗଲା । ପଛରୁ ଠେଲିଲେ ସେମାନେ ବାଆଁକୁ ନହେଲେ ଡାହାଣକୁ ପଳାନ୍ତି, ପଘା ଧରି ଆଗକୁ ଟାଣିଲେ, ସେମାନେ ପଛକୁ ଭିଡ଼ିହୁଅନ୍ତି । ପିଟିଲେ ଦୁହେଁ ଶିଙ୍ଗ ତଳକୁ କରି ମୁରାଟନ୍ତି । ଭଗବାନ ତାଙ୍କୁ ଯଦି କଥା କହିବାର ଶକ୍ତି ଦେଇଥାଆନ୍ତେ, ତେବେ ସେମାନେ ଝୁରିକୁ ପଚାରି ଥାଆନ୍ତେ, 'ତୁମେ ଆମ ଗରିବ ଦୁଇଟାଙ୍କୁ କାହିଁକି ତଡ଼ିଦେଉଛ ? ଆମେ ତ ତୁମ ସେବାରେ କେବେ ହେଳା କରିନାହୁଁ । ଏତେ ପରିଶ୍ରମ କରିବା ପରେ ଯଦି କାମ ନ

Digitized by srujanika@gmail.com

ଉଠେ ତେବେ ତୁମେ ଆହୁରି ଖଟାଅ । ଆମେ ତ ତୁମରି ଚାକିରୀରେ ଥାଇ ମରିଯିବାକୁ ରାଜି ଥିଲୁ । ଖିଆପିଆରେ ଆମେ କେବେ ଆପତ୍ତି କରିନାହୁଁ । ତୁମେ ଯାହାକିଛି ଖାଇବାକୁ ଦେଇଛ, ସବୁ ଆମେ ମୁଣ୍ଡ ନୁଆଁଇ ଖାଇଛୁ । ତା ସତ୍ତ୍ୱେ ତୁମେ ଆମକୁ ଏଇ ନିଷ୍ଠୁର ହାତରେ କାହିଁକି ବିକିଦେଉଛ ?'

ସଞ୍ଜ ସୁଦ୍ଧା ବଳଦ ଦୁଇଟି ଯାଇ ତାଙ୍କ ନୂଆ ଜାଗାରେ ପହଞ୍ଚିଗଲେ । ଦିନସାରା ଭୋକିଲା ଥିଲେ; କିନ୍ତୁ ଯେତେବେଳେ ତାଙ୍କ ଆଗରେ କୁଣ୍ଡ ଥୋଇ ଦିଆଗଲା, ଜଣେ ହେଲେ କେହି ସେଥିରେ ମୁହଁ ବୁଡ଼ାଇଲେ ନାହିଁ । ମନରେ ତାଙ୍କର ବହୁତ ଦୁଃଖ ହେଉଥିଲା । ଯାହାକୁ ଆଜିଯାଏ ସେ ନିଜର ଘର ବୋଲି ବୁଝିଥିଲେ, ତାହା ଆଜି ତୁଟିଗଲା । ଏଇ ନୂଆ ଘର, ନୂଆ ଗାଆଁ, ନୂଆ ଲୋକ, ସମସ୍ତେ ପର ଲାଗୁଥିଲେ ।

ଦୁହେଁ ଆପଣାର ମୂକ ଭାଷାରେ ଆଲୋଚନା କଲେ । ଜଣେ ଆରଜଣକୁ କଣେଇ କରି ଚାହିଁଲା ଓ ତା ପରେ ଦୁହେଁ ଶୋଇଗଲେ । ଗାଆଁରେ ଯେତେବେଳେ ସମସ୍ତେ ଶୋଇଗଲେ, ଦିହେଁ ଝିଙ୍କିକରି ପଘା ଛିଣ୍ଡାଇଦେଲେ ଏବଂ ଘରମୁହାଁ ଧାଇଁଲେ । ପଘା ବହୁତ ମଜବୁତ ଥିଲା । କେହି ଭାବି ନଥିଲା ଯେ କୌଣସି ବଳଦ ତାକୁ ଛିଣ୍ଡାଇ ପାରିବ; ହେଲେ ଏ ବେଳରେ ଦି' ଜଣଙ୍କ ଦେହରେ ଦି'ଗୁଣ ଶକ୍ତି ଆସିଯାଇଥିଲା । ଏକା ଝିଙ୍କାରେ ତାହା ଛିଣ୍ଡିଗଲା ।

ଝୁରି ସକାଳୁ ଉଠି ଦେଖିଲା ଯେ ବଳଦ ଦୁଇଟି ଆସି ଖାଇବା ଜାଗାରେ ଠିଆହୋଇଛନ୍ତି । ଦିହିଙ୍କ ବେକରେ ଛିଣ୍ଡା ପଘା ଝୁଲୁଛି । ଆଣ୍ଠୁଯାଏ ଗୋଡ଼ରେ କାଦୁଅ ଭର୍ତ୍ତି, ଦିହିଁଙ୍କ ଆଖିରେ ବିଦ୍ରୋହ ସୂଚକ ସ୍ନେହ ଝଟକୁଛି ।

ଝୁରି ବଳଦଙ୍କୁ ଦେଖି ସ୍ନେହରେ ଗଦ୍‌ଗଦ ହୋଇଉଠିଲା । ଦୌଡ଼ିଯାଇ ତାଙ୍କୁ କୁଣ୍ଢାଇ ପକାଇଲା । ସେଇ ସ୍ନେହପୂର୍ଣ୍ଣ ଆଲିଙ୍ଗନ ଓ ଚୁମ୍ବନର ଦୃଶ୍ୟ ଖୁବ୍ ସୁନ୍ଦର ଥିଲା ।

ଘରର ଏବଂ ଗାଆଁର ପିଲାମାନେ ଜମା ହୋଇଗଲେ ଏବଂ ତାଳିମାରି ତାଙ୍କୁ ସ୍ୱାଗତକଲେ । ଗାଆଁର ଇତିହାସରେ ଏଭଳି ଘଟଣା ଅଭୂତପୂର୍ବ ନହେଲେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଥିଲା । ପିଲାମାନେ ସ୍ଥିରକଲେ, ଏଇ ଦୁଇ ପଶୁବୀରଙ୍କୁ ଅଭିନନ୍ଦନ ପତ୍ର ଦିଆଯିବା ଉଚିତ । କିଏ ନିଜ ଘରୁ ରୁଟି ଆଣିଲା ତ, କିଏ ଗୁଡ଼, କିଏ ଚୋକଡ଼ ଆଉ କିଏ ଭୁଷି ।

ଜଣେ ପିଲା କହିଲା, ''ଏମିତି ବଳଦ କାହାରି ଘରେ ନଥିବେ ।''

ଆଉ ଜଣେ ଏହାକୁ ସମର୍ଥନକରି କହିଲା, ''ଏତେଦୂରରୁ ଦିହେଁ ଏକାଏକା ଚାଲି ଆସିଲେ ।''

ତୃତୀୟ ଜଣକ କହିଲା, '' ବଳଦ ନୁହନ୍ତି, ପୂର୍ବଜନ୍ମରେ ଏ ଦୁହେଁ ମଣିଷ ଥିଲେ ।''

Digitized by srujanika@gmail.com

ଏହାର ପ୍ରତିବାଦ କରିବାକୁ କାହାର ସାହସ ହେଲାନାହିଁ ।

ଝୁରିର ସ୍ତ୍ରୀ ବଳଦଙ୍କୁ ଦୁଆରମୁହଁରେ ଦେଖି ରାଗରେ ଜଳିଉଠିଲା । କହିଲା, "କେମିତିଆ ନିମକ ହାରାମ ବଳଦ ! ଦିନଟାଏ ବି ସେଠାରେ କାମ କଲେନାହିଁ; ପଳେଇ ଆସିଲେ !"

ନିଜ ବଳଦଙ୍କ ପ୍ରତି ଏଭଳି ଆକ୍ଷେପ ଝୁରି ସହିପାରିଲା ନାହିଁ । କହିଲା, "ନିମକ ହାରାମ କାହିଁକି ହେବେ ? ତାଙ୍କୁ ଯଦି ଦାନା ଚୋକଡ଼ ଠିକ୍‌ଭାବେ ଦେଇ ନଥିବେ, ସେ କ'ଣ କରିବେ ?"

ସ୍ତ୍ରୀ ଚଡ଼ା ଗଳାରେ କହିଲା, "ତମେ ଖାଲି ବଳଦଙ୍କୁ ଖୁଆଇବା ଜାଣିଛ, ଆଉ ସମସ୍ତେ ପାଣି ପିଆଉଛନ୍ତି ।"

ଝୁରି ରାଗିଗଲା । କହିଲା, "ଖାଇବାକୁ ଦେଇଥାଆନ୍ତେ ତ ସେ ପଳାଇ ଆସିଥାଆନ୍ତେ କାହିଁକି ?"

ସ୍ତ୍ରୀ ରାଗିକରି କହିଲା, "ଏଇଥିପାଇଁ ପଳାଇ ଆସିଲେ ଯେ ସେ ଲୋକେ ତୁମରି ଭଳିଆ ବୁଦ୍ଧୁ ନୁହନ୍ତି । ବଳଦଙ୍କୁ ଖାଲି ଆଉଁସିବେ । ଖାଇବାକୁ ଦେବ ତ ରଗଡ଼ିକରି କାମ ଉଠାଇବ । ଏ ଦି'ଟା ହେଉଛନ୍ତି କାମଚୋର, ସେଇଥିପାଇଁ ପଳାଇ ଆସିଲେ । ଏବେ ଦେଖିବି, କିଏ ତାଙ୍କୁ ନଡ଼ା ଚୋକଡ଼ ଦେବ । ଶୁଖିଲା ଭୁଶି ଛଡ଼ା ଆଉ କିଛି ଦେବିନାହିଁ । ଖାଆନ୍ତୁ ନହେଲେ ମରନ୍ତୁ ।

ସେଇଆ ହିଁ ହେଲା । ଚାକରକୁ କଡ଼ା ତାଗିଦ କରି ଦିଆଗଲା ଯେ ବଳଦଙ୍କୁ ଖାଲି ଶୁଖିଲା ନଡ଼ା ବ୍ୟତୀତ ଆଉ କିଛି ଦିଆଯିବନାହିଁ ।

ବଳଦମାନେ କୁଣ୍ଡରେ ମୁହଁ ପୂରାଇ ଦେଖିଲେ ଖାଲି ଶୁଖିଲା ନଡ଼ା । ନା ଅଛି ସେଥିରେ ଚିକ୍‌କଣ ନା ଅଛି ରସ । କଅଣ ଖାଇବେ ? ଆଶାଭରା ଆଖିରେ ଖାଲି ଦୁଆରଆଡ଼େ ଅନେଇ ରହିଲେ । ଝୁରି ଚାକରକୁ କହିଲା, "କିଛି ପେଜ ତୋରାଣି ଢାଳିଦେଉନୁ ?"

"ମାଲିକାଣୀ ମୋତେ ମାରିପକାଇବେ ।"

"ଆରେ, ଲୁଚେଇକରି ଦେ' ।"

"ନାଇଁ ଆଜ୍ଞା, ପଛକୁ ତୁମେ ବି ସେମିତି କହିବ ।"

ଦୁଇ

ପରଦିନ ଝୁରିର ଶଳା ଆସିଲା ଏବଂ ବଳଦ ଦୁଇଟିଙ୍କୁ ପୁଣି ନେଇଗଲା । ଏଥର ତାଙ୍କୁ ନେଇ ଗାଡ଼ିରେ ଯୋଚିଲା ।

Digitized by srujanika@gmail.com

ମୋତି ଦୁଇଚାରି ଥର ଗାଡ଼ିକୁ ସଡ଼କ ତଳ ଖାଲକୁ ଗଡ଼ାଇ ଦେବାକୁ ଚେଷ୍ଟା କଲା; ମାତ୍ର ହୀରା ସମ୍ଭାଳି ନେଲା । କାରଣ ସେ ଥିଲା ଅଧିକ ସହନଶୀଳ ।

ସନ୍ଧ୍ୟାରେ ଘରକୁ ଫେରିବା ପରେ ଝୁରିର ଶଳା ତାଙ୍କୁ ମୋଟା ଦଉଡ଼ିରେ ବାନ୍ଧିଦେଲା ଏବଂ ଗତକାଲିର ଦୁଷ୍ଟାମିର ମଜା ଚଖେଇଲା । ପୁଣି ସେଇ ଶୁଖିଲା ନଡ଼ା ପୁଳାଏ ପକାଇଦେଲା । ତା ନିଜର ଦୁଇ ବଳଦଙ୍କୁ ପେଜ, ତୋରାଣି, ଚୁନି ଇତ୍ୟାଦି ସବୁ ଦେଲା ।

ବଳଦ ଦୁଇଟିଙ୍କର ଆଜିଯାଏ ଏଭଳି ଅପମାନ କେବେ ହୋଇନଥିଲା । ଝୁରି ତାଙ୍କ ଦେହରେ କେବେ ଟିପ ବି ଛୁଆଁଇ ନଥିଲା । ଖାଲି ତା ଟାକରା ଫୁଟାରେ ସେମାନେ ପବନରେ ଉଡୁଥିଲେ । ଏଠାରେ ଆସି ତାଙ୍କୁ ମାଡ଼ ଖାଇବାକୁ ପଡ଼ିଲା । ସମ୍ମାନହାନିର ଦୁଃଖ ତ ଥିଲା, ତା ଉପରେ ପୁଣି ମିଳିଲା ଶୁଖିଲା ନଡ଼ା ।

ଖାଇବାକୁଣ୍ଡ ଆଡ଼େ ସେମାନେ ଚାହିଁଲେ ବି ନାହିଁ ।

ତା ପରଦିନ ଗୟା ବଳଦଙ୍କୁ ନେଇ ହଳରେ ଯୋଚିଲା; ମାତ୍ର ସେ ଦୁହେଁ ଯେମିତି ଶପଥ କରିଥିଲେ ପାଦେହେଲେ ବି ନ ଉଠିବାକୁ । ସେ ପିଟିପିଟି ଥକିଗଲା; ହେଲେ ସେ ଦୁହେଁ ପାଦେ ବି ଟଳିଲେନାହିଁ । ସେଇ ନିର୍ଦ୍ଦୟ ଲୋକଟା ଯେତେବେଳେ ହୀରାର ନାକଦଣ୍ଡା ଉପରେ ପାଞ୍ଚଣରେ କଷିକରି ପାହାରେ ପିଟିଦେଲା, ମୋତିର ରାଗ ଆଉ ସେତେବେଳେ ସମ୍ଭାଳି ହେଲାନାହିଁ । ସେ ହଳକୁ ନେଇ ଦୌଡ଼ିଲା । ଲଙ୍ଗଳ, ଦଉଡ଼ି, ଯୁଆଳି, ଯୋତ ସବୁ ଭାଙ୍ଗିତୁଟି ଏକାକାର ହୋଇଗଲା । ତାଙ୍କ ବେକରେ ଯଦି ଲମ୍ବା ଦଉଡ଼ି ନଥାନ୍ତା, ତେବେ ତାଙ୍କୁ ଧରିବା ସହଜ ହୋଇ ନଥାନ୍ତା ।

ହୀରା ମୂକ ଭାଷାରେ କହିଲା, ‘‘ଭାଇ, ପଳାଇକରି କିଛି ଲାଭ ନାହିଁ ।’’

ମୋତି କହିଲା, ‘‘ସେ ତ ଏବେ ତୁମ ଜୀବନ ନେଇଯାଇଥିଲା ।’’

‘‘ଏବେ ତ ଆହୁରି ବେଶି ମାଡ଼ ଖାଇବାକୁ ପଡ଼ିବ ।’’

‘‘ପଡୁ । ବଳଦ ଜନମ ଯେତେବେଳେ ନେଇଥାଏଁ, ମାଡ଼ରୁ କେଉଁଠି ତ୍ରାହି ଅଛି ?’’

ଗୟା ଆଉ ଦୁଇଟି ଲୋକଙ୍କ ସହିତ ପଛରୁ ଦଉଡ଼ି ଦଉଡ଼ି ଆସୁଥିଲା । ଦୁଇଜଣଙ୍କ ହାତରେ ବାଡ଼ି ଥିଲା ।

ମୋତି କହିଲା, ‘‘କହିବ ତ ଗୋଟାଏ ମଜା ଦେଖାଇଦେବି । ବାଡ଼ି ନେଇକରି ଆସୁଛି !’’

ହୀରା ବୁଝାଇଲା, ‘‘ନାଇଁ ଭାଇ, ଟିକେ ଚୁପ୍ ରହ ।’’

‘‘ମୋତେ ମାରିବେ ତ ଦେଖିବ, ମୁଁ ଗୋଟାଏ ଦିଇଟାକୁ ଗଡ଼େଇଦେବି ।’’

Digitized by srujanika@gmail.com

''ନାହିଁ, ନାହିଁ, ଆମ ଜାତିର ତାହା ଧର୍ମ ନୁହେଁ ।''

ମୋତି ମନର ରାଗ ମନରେ ମାରି ରହିଗଲା । ଏତିକିବେଳେ ଗୟା ଆସି ପହଞ୍ଚିଗଲା ଏବଂ ଦୁଇଜଣଙ୍କୁ ଧରି ନେଇଗଲା । ରକ୍ଷା ହୋଇଗଲା; ସେ ପିଟାପିଟି କଲାନାହିଁ । ନାହିଁ ତ ମୋତି ମଧ ସୁଝେଇ ଦେଇଥାଆନ୍ତା । ତାର ମୁରାଟ ଦେଖି ଗୟା ଏବଂ ତାର ସହକାରୀ ସ୍ଥିର କରିନେଲେ ଯେ ଏ ସମୟଟା ସମ୍ଭାଳିନେବା ଭଲ ।

ଆଜି ବି ସେମିତି ଦୁହିଁଙ୍କ ଆଗରେ ଶୁଖିଲା ନଡ଼ା ପୁଳାଏ ପକାଇ ଦିଆଗଲା । ଦି'ଜଣଯାକ ସେମିତି ଚୁପ୍‌ଚାପ ଠିଆହୋଇ ରହିଲେ । ଘରଲୋକେ ସମସ୍ତେ ଖିଆପିଆ କଲେ । ଏତିକିବେଳେ ଘରୁ ଛୋଟ ଝିଅଟିଏ ଦୁଇଖଣ୍ଡ ରୁଟି ଧରି ଆସିଲା ଏବଂ ଦି'ଜଣଙ୍କ ପାଟିରେ ଦେଇ ଚାଲିଗଲା । ସେଇ ଖଣ୍ଡିଏ ଲେଖା ରୁଟିରେ କ'ଣ ତାଙ୍କ ଭୋକ ମେଣ୍ଟିବ; ହେଲେ ତାଙ୍କ ପ୍ରାଣକୁ ଭୋଜନ ମିଳିଗଲା ଜାଣ । ଏଠାରେ ମଧ ଜଣେ ଭଲଲୋକ ଅଛି ! ଝିଅଟି ଥିଲା ମାଆ-ଛେଉଣ୍ଡ । ତାର ମାଆ ମରି ଯାଇଥିଲେ । ସାବତମାଆ ତାକୁ ମାରଧର କରୁଥିଲା । ସେଇ କାରଣରୁ ବଳଦ ଦୁଇଟିଙ୍କ ସହିତ ତାର ଏକ ପ୍ରକାର ଆତ୍ମୀୟତା ଆସି ଯାଇଥିଲା ।

ଦି'ଜଣଯାକ ଦିନସାରା ହଳକୁ ଯାଆନ୍ତି, ପାଞ୍ଚଣମାଡ଼ ଖାଆନ୍ତି । ତେଢ଼ାଭିଡ଼ା କରନ୍ତି । ସନ୍ଧ୍ୟାକୁ ଗୁହାଳରେ ଆସି ବନ୍ଧାହୁଅନ୍ତି । ରାତିରେ ସେଇ ଝିଅଟି ରୁଟି ଦି'ଖଣ୍ଡ ଖୁଆଇଦେଇ ଯାଏ । ସ୍ନେହ ଓ ଆଦରର ଏଇ ହେଉଛି ମହିମା ଯେ ଦୁଇଟି ତୁଣ୍ଡ ଶୁଖିଲା ନଡ଼ା ପୁଳାଏ ଲେଖାଁ ଚୋବେଇ ମଧ ଦୁର୍ବଳ ହୋଇନଥିଲେ; ବରଂ ତାଙ୍କ ଆଖିରେ ଏବଂ ହୃଦୟ ଭିତରେ ଭରି ରହିଥିଲା ବିଦ୍ରୋହ ।

ମୋତି ଦିନେ ମୂକ ଭାଷାରେ କହିଲା, ''ଭାଇ, ଆଉ ସହି ହେବନାହିଁ ।''

''କ'ଣ କରିବାକୁ ଚାହୁଁଛ ଯେ ?''

''ମୁଁ ଚାହୁଛି ଗୋଟାଏ ଅଧେ ଶିଙ୍ଗରେ ଟେକି ଫୋପାଡ଼ିଦେବି ।''

''କିନ୍ତୁ ଜାଣିଛ, ସେଇ ଯେଉଁ ସ୍ନେହୀ ଝିଅଟି ପ୍ରତିଦିନ ଆସି ଆମକୁ ରୁଟି ଖୁଆଉଛି ସେ ହେଉଛି ଏଇ ଘରମାଲିକର ଝିଅ, ବିଚାରୀ ଅନାଥିନୀ ହୋଇଯିବ ।''

''ତା ହେଲେ ମାଲିକାଣୀକି ଟେକି ଫିଙ୍ଗିଦେବି । ସେଇତ ଏ ଝିଅଟିକୁ ମାରଧର କରୁଛି ।''

''କିନ୍ତୁ ସ୍ତ୍ରୀଲୋକ ଦେହରେ ଯେ ଶିଙ୍ଗ ଲଗାଇବା ମନା, ଏକଥା କ'ଣ ତୁମେ ଭୁଲିଯାଉଛ ?''

''ତୁମେ ତ କିଛି କରେଇ ଦେବନି । ତା ନହେଲେ କୁହ, ପଘା ଛିଣ୍ଡେଇ ପଳାଇବା ?''

''ହଁ, ଏକଥାରେ ମୁଁ ରାଜି; ହେଲେ ଏତେ ମୋଟା ଦଉଡ଼ି ଛିଣ୍ଡିବ କେମିତି ?''

Digitized by srujanika@gmail.com

"ତାର ଗୋଟାଏ ବାଟ ଅଛି । ପ୍ରଥମେ ଦଉଡ଼ିକୁ କିଛି ଚୋବେଇ ଦିଅ । ତା ପରେ ଏକା ଝିଙ୍କାକେ ଛିଣ୍ଡିଯିବ ।"

ସେଦିନ ରାତିରେ ଯେତେବେଳେ ଝିଅଟି ରୁଟି ଖୁଆଇ ଚାଲିଗଲା, ଦୁହେଁ ଦଉଡ଼ିକୁ ଚୋବେଇବାକୁ ଲାଗିଲେ; ମାତ୍ର ଏତେ ମୋଟା ଦଉଡ଼ିକୁ ଚୋବେଇ ପାରିଲେ ନାହିଁ । ବିଚରା ବାରମ୍ବାର ଚେଷ୍ଟାକରି ଥକିଗଲେ ।

ହଠାତ୍ ଘରର କବାଟ ଖୋଲିଗଲା ଏବଂ ସେଇ ଝିଅଟି ପଶିଆସିଲା । ଦୁହେଁ ବେକ ନୁଆଇଁ ତାର ହାତ ଚାଟିବାକୁ ଲାଗିଲେ । ଦୁହିଁଙ୍କର ଲାଙ୍ଗୁଡ଼ ଠିଆ ହୋଇଗଲା । ଝିଅଟି ତାଙ୍କ ମଥାକୁ ଆଉଁସିଦେଇ କହିଲା, "ପଘା ଖୋଲିଦେଉଛି, ଏବେ ଚୁପ୍‌ଚାପ୍ ପଳାଇଯାଅ । ନହେଲେ ଏ ଲୋକେ ତୁମ ଜୀବନ ନେଇଯିବେ । ଆଜି ଘରେ ଆଲୋଚନା ହେଉଥିଲା କାଲି ତୁମ ନାକରେ ଦଉଡ଼ି ଲଗାଇ ଦିଆଯିବ ।"

ଏଇଆ କହି ସେ ପଘା ଖୋଲିଦେଲା; କିନ୍ତୁ ଦୁଇଜଣଯାକ କୁଆଡ଼େ ନଯାଇ ସେମିତି ଠିଆହୋଇ ରହିଲେ ।

ମୋତି ତା ନିଜ ଭାଷାରେ ହୀରାକୁ କହିଲା, "ଏବେ ଯାଉନ କାହିଁକି ?"

ହୀରା କହିଲା, "ଯିବା ତ; କିନ୍ତୁ କାଲି ବିଚାରୀ ଏଇ ହତଭାଗିନୀ ଝିଅଟି ଉପରେ ବିପଦ ପଡ଼ିବ । ସମସ୍ତେ ତାକୁ ହିଁ ସନ୍ଦେହ କରିବେ ।"

ହଠାତ୍ ଝିଅଟି ପାଟିକଲା, "ପିଇସାଙ୍କ ଘରର ବଳଦ ଦୁହେଁ ପଳାଇ ଯାଉଛନ୍ତି । ବାପା, ବାପା, ଜଲଦି ଆସ ।"

ଗୟା ହଡ଼ବଡ଼େଇ ଯାଇ ଘରୁ ବାହାରି ଆସିଲା ଏବଂ ବଳଦ ଦିଇଟାଙ୍କୁ ଧରିବା ପାଇଁ ଧାଇଁଲା । ବଳଦ ଦୁହେଁ ଦୌଡ଼ି ପଳାଇବାକୁ ଲାଗିଲେ । ଗୟା ମଧ୍ୟ ତାଙ୍କ ପଛେପଛେ ଦୌଡ଼ିଲା । ସେମାନେ ଆହୁରି ଜୋରରେ ଦୌଡ଼ିଲେ । ଗୟା ପାଟିକଲା । ଗାଆଁରୁ କିଛି ଲୋକଙ୍କୁ ସାଙ୍ଗରେ ନେବା ପାଇଁ ଲେଉଟି ଆସିଲା । ଏବେ ଦୁଇବନ୍ଧୁଙ୍କୁ ପଳାଇଯିବା ପାଇଁ ମଉକା ମିଳିଗଲା । ସେମାନେ ସିଧାସିଧା ଦୌଡ଼ିଲେ । ଏଠାକାର ବାଟଘାଟ ତାଙ୍କୁ ଜଣା ନଥିଲା । ଯେଉଁ ଚିହ୍ନା ବାଟରେ ଆସିଥିଲେ ଏଠାରେ ତାର ପତ୍ତା ନଥିଲା । ନୂଆନୂଆ ଗାଆଁ ସବୁ ପଡ଼ିଲା । ଶେଷରେ ସେମାନେ ଗୋଟିଏ କିଆରି ପାଖରେ ଯାଇ ଠିଆହୋଇ ଭାବିବାକୁ ଲାଗିଲେ । ଏବେ କ'ଣ କରାଯିବ ?

ହୀରା କହିଲା, "ଜଣାପଡୁଛି, ଆମେ ବୋଧେ ବାଟ ଭୁଲିଗଲେ ।"

"ତୁମେ ତ ଏକମୁହାଁ ଧାଇଁଛ । ଲୋକଟାକୁ ସେଇଠି ମାରି ଗଡ଼ାଇଦେବା ଉଚିତ ଥିଲା ।"

Digitized by srujanika@gmail.com

"ତାକୁ ମାରି ଗଡ଼େଇ ଦେଇଥିଲେ ଦୁନିଆଁ କ'ଣ କହିଥାଆନ୍ତା ? ସେ ସିନା ତା ଧର୍ମ ଛାଡ଼ିଦେଲା, ୟା ବୋଲି ଆମେ କାହିଁକି ଆମ ଧର୍ମ ଛାଡ଼ିବା ?"

ଦୁହେଁ ଭୋକରେ ତହଲ ବିକଳ ହେଉଥାଆନ୍ତି । କ୍ଷେତରେ ମଟରଗଛ ଭର୍ତ୍ତିହୋଇଥାଏ । ଦୁହେଁ ଖୁସିରେ ଚରିବାକୁ ଲାଗିଲେ । ରହିରହି ଦୂରରୁ ଶବ୍ଦ ବାରୁଥାଆନ୍ତି । କେହି ଆସୁନାହିଁ ତ ! ଯେମିତି ପେଟ ପୂରିଗଲା ଦୁହେଁ ଟିକିଏ ଉଶ୍ୱାସ ଅନୁଭବ କଲେ । ଖୁସିରେ ସେମାନେ ଖୁବ୍ ଡେଇଁଲେ, କୁଦିଲେ । ପ୍ରଥମେ ଦୁହେଁ ହମ୍ବାଳିଲେ । ତା'ପରେ ଶିଙ୍ଗକୁ ଶିଙ୍ଗ ଲଗାଇ ଖୁସିରେ ଠେଲାଠେଲି ହେଲେ । ମୋତି ହୀରାକୁ କେଇ ପାଦ ପଛକୁ ଠେଲିନେଲା । ଏମିତିକି ସେ ଯାଇ ଗୋଟିଏ ଖାଲରେ ଗଳିପଡ଼ିଲା । ତାର ରାଗ ହୋଇଗଲା । ସେ ସାବଧାନରେ ଉଠିଆସିଲା ଏବଂ ମୋତି ଆଡ଼କୁ ମାଡ଼ିଗଲା । ମୋତି ଦେଖିଲା ଖେଳରେ ଖେଳରେ ଝଗଡ଼ା ହେବାକୁ ଯାଉଛି । ସେ ତେଣୁ ଗୋଟିଏ କଡ଼କୁ ଆଡ଼େଇ ହୋଇଗଲା ।

ତିନି

ଆରେ, ଇଏ କଅଣ ? ଗୋଟାଏ ଷଣ୍ଢ ହେଣ୍ଡାଳଛାଡ଼ି ୟାଡ଼କୁ ଆସୁଛି । ହଁ, ଷଣ୍ଢ ତ !

ଷଣ୍ଢଟାଏ ଆସି ସାମନାରେ ପହଞ୍ଚିଗଲା । ଦୁଇବନ୍ଧୁ ତାକୁ ଝୁଙ୍କିକରି ଦେଖୁଥିଲେ । ଷଣ୍ଢଟା ଗୋଟାଏ ହାତୀ ଭଳି ଦିଶୁଥିଲା । ତା ସାଙ୍ଗରେ ଟକରଦେବା ମାନେ ଜୀବନକୁ ପାଣି ଛଡ଼େଇବା; କିନ୍ତୁ ତାକୁ ସାମନା ନକଲେ ଜୀବନ ରହିବା ଭଳି ମନେହେଉନି । ସେ ତ ତାଙ୍କରି ଆଡ଼କୁ ଆସୁଛି । କେଡ଼େ ଭୟଙ୍କର ଚେହେରା !

ମୋତି ମୂକ ଭାଷାରେ କହିଲା, "ଭାଇ, ମହରଗରୁ ଆସି କାନ୍ତାରରେ ପଡ଼ିଲେ । ଜୀବନ ରହିବ ତ ? କିଛି ଉପାୟ ଚିନ୍ତାକର ।"

ହୀରା ଚିନ୍ତିତ ସ୍ୱରରେ କହିଲା, "ସେ ତ ଗର୍ବରେ ଫାଟିପଡୁଛି । ଆମର ଅନୁନୟ ବିନୟ କିଛି ଶୁଣିବନାହିଁ ।"

"ତା ହେଲେ ଦୌଡ଼ି ପଳାଇବା ନାହିଁ କିଆଁ ?"

"ପଳାଇବା ହେଉଛି କାପୁରୁଷତା ।"

"ତା ହେଲେ ଏଇଠି ମର । ଏବେ ବାର ବାଜିଯିବ ।"

"ସେ ଯଦି ଆମ ପଛରେ ଦୌଡ଼ିବ ?"

"ତା ହେଲେ କିଛି ଗୋଟାଏ ଉପାୟ ଚିନ୍ତାକର ।"

"ଉପାୟ ହେଉଛି ଏଇ ଯେ, ଦୁହେଁ ମିଶି ଏକାବେଳକେ ତା ଉପରେ ଆକ୍ରମଣ କରିବା । ମୁଁ ସାମନାରୁ ଭୁଷିବ, ତୁମେ ପଛରୁ । ଦି'ଆଡୁ ମାଡ଼ ପଡ଼ିଲେ

Digitized by srujanika@gmail.com

ସେ ପଳେଇବ । ମୋ ଆଡ଼କୁ ଝପଟିବ ତ ତୁମେ କଡ଼ପଟିଆ ତା ପେଟରେ ଶିଙ୍ଗ ଭୁଷିବ । ଜୀବନ ଉପରେ ପଡ଼ିଛି, ଅନ୍ୟ ବାଟ ନାହିଁ ।''

ଦୁଇସାଙ୍ଗ ଜୀବନକୁ ପାଣିଛଡ଼ାଇ ତା ଉପରେ ଚଢ଼ଉକଲେ । ଷଣ୍ଢ ଏଭଳି ସଂଗଠିତ ଶତ୍ରୁଙ୍କ ସହିତ ଲଢ଼ିବାରେ ଅଭ୍ୟସ୍ତ ନଥିଲା । ସେ ତ କେବଳ ଗୋଟିଏ ମାତ୍ର ଶତ୍ରୁ ସହିତ ମଲ୍ଲଯୁଦ୍ଧ କରିବାରେ ଅଭ୍ୟସ୍ତ । ସେ ଯେମିତି ହୀରା ଉପରେ ଝପଟିଲା, ମୋତି ପଛରୁ ଆକ୍ରମଣକଲା । ଷଣ୍ଢ ତା ଆଡ଼କୁ ବୁଲିଲାବେଳକୁ ହୀରା ସେପଟୁ ଚଢ଼ଉକଲା । ଷଣ୍ଢ ଚାହୁଁଥିଲା ଯେ ସେ ଜଣଜଣ କରି ଗଡ଼ାଇଦେବ । ହେଲେ ସେ ଦୁହେଁ ଓସ୍ତାଦ୍ ଥିଲେ । ତାକୁ ସେ ଆଉ ଅବସର ଦେଲେନାହିଁ । ଥରେ ଷଣ୍ଢ ହେଣ୍ଡାଳ ଛାଡ଼ି ହୀରାର କାମ ବଢ଼େଇଦେବାକୁ ଚମକି ଆସିଲାବେଳକୁ ହୀରା ଦ୍ୱିତୀୟବାର ତାକୁ ଶିଙ୍ଗରେ ଭୁଷିଦେଲା । ଶେଷରେ ବିଚରା ଖଣ୍ଡିଆଖାବରା ହୋଇ ପଳାଇଗଲା । ଦୁଇସାଙ୍ଗ ତା ପଛରେ କିଛି ଦୂର ଗୋଡ଼େଇ ଗୋଡ଼େଇ ଗଲେ । ଏମିତି ହେଲା ଯେ ଷଣ୍ଢ ବିଚରା ବେଦମ ହୋଇ ତଳେ ପଡ଼ିଗଲା । ଏଥର ଦୁହେଁ ତାକୁ ଛାଡ଼ିଦେଲେ । ଦୁଇବନ୍ଧୁ ବିଜୟ ଗୌରବରେ ଝୁଲିଝୁଲି ଆଗକୁ ଚାଲିଲେ ।

ମୋତି ତାର ସାଙ୍କେତିକ ଭାଷାରେ କହିଲା, ''ମୋର ତ ଇଚ୍ଛା ହେଉଥିଲା, ପିଲାକୁ ଜୀବନରେ ମାରି ଦେଇଥାଆନ୍ତି ।''

ହୀରା ତାକୁ ଗାଳିଦେଇ କହିଲା, ''ତଳେ ପଡ଼ିଥିବା ଶତ୍ରୁ ଉପରେ ଶିଙ୍ଗ ଲଗାଇବା ଉଚିତ୍ ନୁହେଁ ।''

''ଯେ ସବୁ ଗୋଟାଏ ଛଳନା । ଶତ୍ରୁକୁ ଏମିତି ମାରିବା ଉଚିତ ଯେ ସେ ଯେମିତି ଆଉଥରେ ମୁଣ୍ଡ ନ ଟେକେ ।''

''ଏବେ ଘରେ କେମିତି ପହଞ୍ଚିବା ସେକଥା ଟିକିଏ ଚିନ୍ତାକର ।''

ସାମନାରେ ଗୋଟାଏ ମଟର କିଆରି ଥିଲା । ମୋତି ତା ଭିତରେ ପଶିଗଲା । ହୀରା ମନା କରୁଥିଲା; ମାତ୍ର ସେ କିଛି ଶୁଣିଲାନାହିଁ । ଏବେ ସେମାନେ ଦୁଇଚାରି ପୁଳା ଖାଇଛନ୍ତି କି ନାହିଁ, ଦୁଇଟି ଲୋକ ଠେଙ୍ଗା ଧରି ଦୌଡ଼ି ଆସିଲେ ଏବଂ ଦୁଇଜଣଙ୍କୁ ଘେରିଗଲେ । ହୀରା ଶୁଖିଲା ହିଡ଼ ଉପରେ ଥିଲା, ପଳାଇଗଲା । ମୋତି ପାଣି ମଡ଼ାହୋଇଥିବା କ୍ଷେତରେ ଥିଲା । ତା ଖୁରା କାଦୁଅରେ ଗଳିପଡ଼ିଲା । ସେ ପଳାଇ ଯାଇପାରିଲା ନାହିଁ । ଧରାପଡ଼ିଗଲା । ହୀରା ଦେଖିଲା ବନ୍ଧୁ ବିପଦରେ ପଡ଼ିଛି । ସେ ଲେଉଟି ଆସିଲା । ମରିବୁ ତ ଦୁହେଁ ମରିବୁ । କ୍ଷେତଜଗୁଆଳ ତାକୁ ବି ଧରିନେଲା ।

ପରଦିନ ସକାଳେ ଦୁଇବନ୍ଧୁଙ୍କୁ କାଞ୍ଜିଆ ହାଉସ* ରେ ବନ୍ଦକରି ରଖାଗଲା ।

* ଅନ୍ୟର ଫସଲ ନଷ୍ଟକରୁଥିବା ବୁଲା ଗାଈଗୋରୁ, ଛେଳିମେଣ୍ଢା ଇତ୍ୟାଦି ପଶୁଙ୍କୁ ଏଠାରେ ଅଟକ ରଖି ମାଲିକଙ୍କଠାରୁ ଜୋରିମାନା ଆଦାୟ କରାଯାଏ, ଅଥବା କେହି ଦାବିଦାର ନ ଆସିଲେ ତାଙ୍କୁ ନିଲାମ କରିଦିଆଯାଏ ।

Digitized by srujanika@gmail.com

ଚାରି

ଦୁଇବନ୍ଧୁଙ୍କ ଜୀବନରେ ପ୍ରଥମ ଥର ପାଇଁ ଏମିତି ଏକ ସମଦଶା ପଡ଼ିଲା, ଯାହା ଫଳରେ ସାରାଦିନଟା କଟିଗଲା; ଅଥଚ ଖାଇବା ପାଇଁ କୁଟାଖିଅଟାଏ ମଧ୍ୟ ମିଳିଲା ନାହିଁ। ସେମାନେ ବୁଝିପାରୁ ନଥିଲେ ଏ କି ପ୍ରକାର ମାଲିକ ! ଯାଠଉଁ ତ ବରଂ ଗୟା ଭଲ ଥିଲା। ଏଠାରେ କେତୋଟି ମଇଁଷି ଥିଲେ, କେତୋଟି ଛେଳି ଥିଲେ। ଆଉ କେତୋଟି ଘୋଡ଼ା ଓ ଗଧ ମଧ୍ୟ ଥିଲେ। ସମସ୍ତେ ମାଟି ଉପରେ ମଲା ଭଳିଆ ପଡ଼ି ରହିଥିଲେ। ସାରାଦିନ ଦୁଇବନ୍ଧୁ ଫାଟକ ଆଡ଼କୁ ଏକା ଧ୍ୟାନରେ ଚାହିଁ ରହିଥିଲେ; ହେଲେ କେହି ଖାଦ୍ୟ ନେଇକରି ଆସୁଥିବାର ଦେଖାଯାଉ ନଥିଲା। ଏଣିକି ଦୁହେଁ କାନ୍ଥର ଲୁଣିଆ ମାଟିକୁ ଚାଟିବାକୁ ଲାଗିଲେ। ଏଥିରେ କେଉଁ ତୃପ୍ତି ମିଳେ ?

ସେଦିନ ରାତିରେ ମଧ୍ୟ ଯେତେବେଳେ କିଛି ଖାଇବାକୁ ମିଳିଲାନାହିଁ, ହୀରା ମନରେ ବିଦ୍ରୋହର ନିଆଁ ଜଳିଉଠିବାକୁ ଲାଗିଲା। ସେ ମୋତିକୁ କହିଲା, "ଭାଇ, ଆଉ ରହିହେବ ନାହିଁ।"

ମୋତି ମୁଣ୍ଡ ହଲାଇ କହିଲା, "ମୋତେ ଜୀବନ ଛାଡ଼ିଗଲା ଭଳି ଲାଗୁଛି।"

"ଏତେ ଶୀଘ୍ର ସାହସ ହରାଅ ନାହିଁ ଭାଇ। ଏଠୁ କେମିତି ପଳାଇବା ତାର ବାଟ ବାହାର କରିବା ଉଚିତ।"

"ଚାଲ, ପାଚିରୀକୁ ଭାଙ୍ଗିଦେବା।"

"ମୋ ଦ୍ୱାରା ଏବେ କିଛି ହୋଇପାରିବ ନାହିଁ।"

"ଏଇଥି ପାଇଁ ଏତେ ଆଣ୍ଟ ଦେଖାଉଥିଲ ?"

"ସବୁ ଶକ୍ତି ଚାଲିଯାଇଛି।"

ପାଚିରୀ କଚା ଥିଲା। ହୀରା ତ ଟିକିଏ ବକୁଆ ଥିଲା। ସେ ତାର ମୁନିଆଁ ଶିଙ୍ଗରେ ପାଚିରୀକୁ ଜୋରରେ ଭୁଷିଲା। ପାଚିରୀରୁ ଖଣ୍ଡେ ମାଟି ଖସିପଡ଼ିଲା। ଏଥର ତାର ସାହସ ବଢ଼ିଗଲା। ସେ ପ୍ରତିଥର ଦୌଡ଼ିଦୌଡ଼ି ଯାଇ ପାଚିରୀକୁ ଭୁଷାମାରେ, ପ୍ରତିଥର ସେଥିରୁ ଖଣ୍ଡେ ଲେଖା ମାଟି ଖସିପଡ଼େ।

ଏତିକିବେଳେ କାଞ୍ଜିଆ ହାଉସର ଚୌକିଦାର ଲଣ୍ଠନ ଧରି ପଶୁମାନଙ୍କର ହାଜିରା ନେବାକୁ ଆସି ସେଠାରେ ପହଞ୍ଚିଲା। ହୀରାର ଉଦ୍ଦଣ୍ଡ ସ୍ୱଭାବ ଦେଖି ସେ ତାକୁ ଠେଙ୍ଗାରେ କେଇ ପାହାର ପିଟିଲା, ତା ପରେ ତାକୁ ଏକ ମୋଟା ଦଉଡ଼ିରେ ବାନ୍ଧିଦେଲା।

ମୋତି ସେମିତି ଭୂଇଁରେ ପଡ଼ିପଡ଼ି କହିଲା, "ଶେଷରେ ମାଡ଼ଗୁଡ଼ାଏ ଖାଇଲ। କଅଣ ଲାଭ ମିଳିଲା ?"

Digitized by srujanika@gmail.com

"ସବୁ ଶକ୍ତି ଖଟାଇ ତ ମୁଣ୍ଡରେ ଭୁଷିଲି।"

"ଏତେ ଜୋରରେ ଭୁଷି କି ଲାଭ ହେଲା ? ଶେଷରେ ବନ୍ଧନରେ ପଡ଼ିଲ।"

"ଯେତେ ବନ୍ଧନରେ ପଡ଼େ ପଛେ ସେମିତି ଜୋରରେ ଭୁଷିବି।"

"ଶେଷରେ ଜୀବନ ଯିବ।"

"କିଛି ଚିନ୍ତା ନାହିଁ। ଦିନେହେଲେ ତ ମରିବାକୁ ହେବ। ଭାବିଲ, ପାଚିରୀ ଯଦି ଖୋଲିଯାଏ, ତେବେ କେତେ ଜୀବନ ବଞ୍ଚିଯିବ ? ଏତେଗୁଡ଼ାଏ ଭାଇ ଏଠାରେ ବନ୍ଧନରେ ପଡ଼ିଛନ୍ତି । କାହାରି ଦେହରେ ଜୀବନ ନାହିଁ। ଆଉ ଦି' ଚାରି ଦିନ ଏଇ ଅବସ୍ଥା ରହିବ ତ ସମସ୍ତେ ମରିଯିବେ।"

"ହଁ, ଇଏ ଠିକ୍ କଥା। ଆଚ୍ଛା, ମୁଁ ବି ଯୋର ଖଟାଉଛି।"

ମୋତି ମଧ ପାଚିରୀର ସେଇ ସ୍ଥାନରେ ଶିଙ୍ଗ ଲଗାଇଲା। କିଛି ମାଟି ଖସିପଡ଼ିଲା। ଫଳରେ ତାର ସାହସ ବଢ଼ିଲା। ଏଥର ପାଚିରୀରେ ଏମିତି ଜୋରରେ ଶିଙ୍ଗ ଲଗାଇଲା ଯେ, ସତେ ଯେମିତି ତାର କୌଣସି ପ୍ରତିଦ୍ୱନ୍ଦ୍ୱୀ ସହିତ ଲଢୁଛି। ଶେଷରେ ପ୍ରାୟ ଦୁଇଘଣ୍ଟା ଧରି ଶକ୍ତି ପରୀକ୍ଷା ପରେ ପାଚିରୀ ଉପରୁ ପ୍ରାୟ ହାତେ ଲମ୍ବର ମାଟି ଖସିପଡ଼ିଲା। ସେ ଏଥର ଦି'ଗୁଣ ଶକ୍ତି ଖଟାଇ ଆଉ ଗୋଟିଏ ଧକ୍କା ଲଗାଇଲା ଯେ ଅଧେ ପାଚିରୀ ଭୁଶୁଡ଼ି ପଡ଼ିଲା।

ଯେମିତି ପାଚିରୀ ପଡ଼ିଯାଇଛି, ଅଧାମରା ହୋଇ ପଡ଼ିରହିଥିବା ପଶୁମାନେ ଧଡ଼୍ଧାଡ଼୍ ଉଠିପଡ଼ିଲେ। ତିନିଟା ଘୋଡ଼ା ଚଟାପଟ ଡେଇଁ ଚାଲିଗଲେ। ତା ପରେ ଛେଳିମାନେ ଓ ତା ପରେ ମଇଁଷିମାନେ ପଳାଇଗଲେ; ମାତ୍ର ଗଧମାନେ ଏ ପର୍ଯ୍ୟନ୍ତ ଯେଉଁଠି ସେଇଠି ଠିଆହୋଇ ରହିଥିଲେ ।

ହୀରା ପଚାରିଲା, "ତୁମେମାନେ ପଳାଇ ଯାଉନା କାହିଁକି ?"

ସେମାନଙ୍କ ଭିତରୁ ଗୋଟିଏ ଗଧ କହିଲା, "ଆଉ ଜଣେ ପୁଣି କିଏ ଧରିନେବ।"

"ହେଲେ କ୍ଷତି କ'ଣ ? ଏବେ ପଳାଇବାକୁ ତ ସୁଯୋଗ ମିଳିଛି।"

"ଆମକୁ ଡର ଲାଗୁଛି। ଆମେ ଏଇଠି ପଡ଼ିରହିବୁ।"

ରାତି ଅଧରୁ ଅଧିକ ହୋଇଥାଏ। ଦୁଇଟାଯାକ ଗଧ ସେମିତି ଠିଆହୋଇ ଭାବୁଥାଆନ୍ତି ପଳାଇବେ ନା ନାହିଁ। ତେଣେ ମୋତି ନିଜ ସାଙ୍ଗର ପଘା କାଟିବାରେ ଲାଗିଥାଏ। ସେ ଯେତେବେଳେ ପାରିଲାନାହିଁ, ହୀରା କହିଲା, "ତୁମେ ପଳାଇଯାଅ। ମୋତେ ଏଇଠି ପଡ଼ିରହିବାକୁ ଦିଅ। ହୁଏତ ଭବିଷ୍ୟତରେ ଆଉ କେଉଁଠି ଭେଟ ହୋଇଯାଇପାରେ।"

Digitized by srujanika@gmail.com

ମୋତି ଆଖିରୁ ଲୁହ ଗଡ଼ାଇ କହିଲା, "ତୁମେ କ'ଣ ମୋତେ ଏତେ ସ୍ୱାର୍ଥପର ବୋଲି ଭାବୁଛ ହୀରା ? ଆମେ ଦିହେଁ ଏତେଦିନ ଧରି ଏକାଠି ରହିଲେ । ଆଜି ତୁମେ ବିପଦରେ ପଡ଼ିଛ ବୋଲି ମୁଁ ତୁମକୁ ଛାଡ଼ି ଅଲଗା ହୋଇଯିବି ?"

ହୀରା କହିଲା, "ତା ନହେଲେ ତୁମେ ଆହୁରି ଗୁଡ଼ାଏ ମାଡ଼ ଖାଇବ । ଲୋକମାନେ କହିବେ ଯେ ଏ ସବୁ ହେଉଛି ତୁମରି କାରସାଦି ?"

ମୋତି ଗର୍ବର ସହିତ କହିଲା, "ଯେଉଁ ଅପରାଧ ପାଇଁ ତୁମ ବେକରେ ବନ୍ଧନ ପଡ଼ିଲା, ସେଥିପାଇଁ ମୋ ଉପରେ ଯଦି ମାଡ଼ ପଡ଼ିବ ତେବେ ସେଥିପାଇଁ ଭାବନା କାହିଁକି ? ଏତକ ତ ହେଲା ଯେ ନ'ଦଶଟି ପ୍ରାଣୀଙ୍କର ଜୀବନ ରହିଗଲା । ସେମାନେ ତ କଲ୍ୟାଣ କରିବେ ।"

ଏଇଆ କହି ମୋତି ଦୁଇଗଧଙ୍କୁ ଶିଙ୍ଗରେ ଠେଲିଠେଲି ବାଡ଼ ବାହାରକୁ ତଡ଼ି ଦେଲା ଏବଂ ତା ପରେ ଆସି ନିଜ ସାଙ୍ଗ ପାଖରେ ଶୋଇଗଲା ।

ଭୋର ହେଉହେଉ ମୁନ୍‌ସି ଏବଂ ଚୌକିଦାର ତଥା ଅନ୍ୟାନ୍ୟ କର୍ମଚାରୀମାନଙ୍କ ମଧ୍ୟରେ ଯେଉଁ ଗୋଟାଏ ହଇଚଇ ସୃଷ୍ଟି ହୋଇଗଲା, ସେକଥା କହିବାର ଆବଶ୍ୟକତା ନାହିଁ । ବାସ୍, କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ ମୋତି ଉପରେ ଢେର ଗୁଡ଼ାଏ ଉତ୍ତମ ମଧ୍ୟମ ହେଲା ଏବଂ ତାକୁ ମଧ୍ୟ ଗୋଟାଏ ମୋଟା ଦଉଡ଼ିରେ ବାନ୍ଧି ଦିଆଗଲା ।

ପାଞ୍ଚ

ପ୍ରାୟ ସପ୍ତାହେ ଯାଏ ଦୁଇବନ୍ଧୁ ସେଠାରେ ସେମିତି ବନ୍ଧାହୋଇ ରହିଲେ । କେହି ତାଙ୍କୁ ଘାସ ପତରଟାଏ ବି ଦେଲେନାହିଁ । ହଁ, ଥରୁଟିଏଲେଖାଁ ତାଙ୍କ ଆଗରେ ଖାଲି ପାଣି ଟୋପାଏ ଦେଖାଇ ଦିଆଯାଉଥାଏ । ସେତିକି ଥିଲା ତାଙ୍କର ଆହାର । ଦି'ଜଣଯାକ ଏତେ ଦୁର୍ବଳ ହୋଇଯାଇଥିଲେ ଯେ, ତାଙ୍କ ଦେହରେ ଉଠିକରି ଠିଆହେବାର ଶକ୍ତି ନଥିଲା । ତାଙ୍କ ପଞ୍ଜରାହାଡ଼ ସବୁ ବାହାରି ପଡ଼ିଥାଏ ।

ଦିନେ କାଞ୍ଜିଆ ହାଉସ ବାଡ଼ ପାଖରେ ନାଗରା ଦିଆଗଲା ଏବଂ ଦି'ପହର ବେଳକୁ ପଚାଶ ଷାଠିଏ ଲୋକ ଆସି ସେଠାରେ ରୁଣ୍ଡ ହୋଇଗଲେ । ଦୁଇବନ୍ଧୁଙ୍କୁ ବାହାରକୁ ଅଣାଗଲା । ତାଙ୍କର ଦେଖାଦେଖି ହେଲା । ଲୋକମାନେ ଆସି ତାଙ୍କ ଚେହେରା ଦେଖନ୍ତି ଓ ମନ ଫିକାକରି ଚାଲିଯାଆନ୍ତି । ଏମିତି ମଡ଼ିଆ ବଳଦଙ୍କୁ କିଏ ବା କାହିଁକି କିଣିବ ?

ହଠାତ୍ ଗୋଟାଏ ଦାଢ଼ିଆଲୋକ, ଯାହାର ଆଖି ଦୁଇଟା ଲାଲଲାଲ, ଚେହେରା ଅତ୍ୟନ୍ତ କର୍କଶ, ଆସି ପହଞ୍ଚିଲା ଏବଂ ଦୁଇବନ୍ଧୁଙ୍କ ପିଚାରେ ଆଙ୍ଗୁଠି ଦାବି,

Digitized by srujanika@gmail.com

ମୁନ୍‌ସିଙ୍କ ସହିତ କଥାବାର୍ତ୍ତା କରିବାକୁ ଲାଗିଲା । ଲୋକଟାର ଚେହେରା ଦେଖି ସାଙ୍ଗ ଦୁହେଁ ଭିତରେ ଭିତରେ ଭୟରେ କମ୍ପିବାକୁ ଲାଗିଲେ । ଇଏ କିଏ ଏବଂ ସେ କାହିଁକି ତାଙ୍କୁ ଏମିତି ଯାଞ୍ଚ କରୁଛି ? ଦୁହେଁ ଦୁହିଁଙ୍କୁ ଖୁବ୍ ଭୟାଳୁ ଦୃଷ୍ଟିରେ ଚାହିଁଲେ ଏବଂ ତା'ପରେ ତଳକୁ ମୁଣ୍ଡ ନୁଆଁଇଦେଲେ ।

ହୀରା କହିଲା, ''ଗୟାଘରୁ ବିନା କାରଣରେ ପଳାଇ ଆସିଲେ । ଏବେ ଆଉ ଜୀବନ ରହିବନାହିଁ ।'' ମୋତି ଅନିଚ୍ଛାର ସହ ଉତ୍ତର ଦେଲା, ''ଲୋକେ କହନ୍ତି, ଭଗବାନ କୁଆଡ଼େ ସମସ୍ତଙ୍କ ଉପରେ ଦୟା କରନ୍ତି । ଆମ ଉପରେ କାହିଁକି ତାଙ୍କର ଟିକିଏ ହେଲେ ଦୟା ହେଉନାହିଁ ?''

''ଭଗବାନଙ୍କ ନିକଟରେ ଆମର ମରିବା ବଞ୍ଚିବା ସମାନ । ଠିକ୍ ଅଛି, ଚାଲ ତାଙ୍କ ପାଖରେ ତ ଯାଇ କିଛିଦିନ ରହିଯିବା । ଭଗବାନ ଥରେ ସେଇ ଟିକି ଝିଅଟି ରୂପରେ ଆମକୁ ବଞ୍ଚାଇଥିଲେ । ଏବେ ଆଉ କଅଣ ଥରେ ବଞ୍ଚାଇବେ ନାହିଁ ?''

''ଦେଖ ଦେଖ, ସେ ଲୋକ ଛୁରି ଚଳାଇବ ।''

''ସେଥିପାଇଁ ଚିନ୍ତା କ'ଣ ? ମାଂସ, ଛାଲ, ଶିଙ୍ଗ, ହାଡ଼, ସବୁ ତ କିଛି ନା କିଛି କାମରେ ଲାଗିବ ।''

ନିଲାମ ହୋଇଯିବା ପରେ ଦୁଇସାଙ୍ଗ ସେଇ ଦାଢ଼ିଆଲୋକ ସାଙ୍ଗରେ ଚାଲିଲେ । ଦୁହିଁଙ୍କ ସର୍ବାଙ୍ଗ ଥରୁଥାଏ । ବିଚରା ଗୋଡ଼ ବି ଉଠାଇ ପାରୁନଥାନ୍ତି । ବାଧହୋଇ ଡରିମରି ଉଠିପଡ଼ି ଚାଲୁଥାଆନ୍ତି । କାରଣ ଟିକିଏ ଧିମେଇଗଲେ ଜୋର ଜୋର ପାହାର ବସୁଥାଏ ।

ବାଟରେ ଗୋଠେ ଗାଈ-ବଳଦ ଶାଗୁଆ ପଡ଼ିଆରେ ଚରୁଥାଆନ୍ତି । ସେମାନେ ସମସ୍ତେ ଖୁସି ଥାଆନ୍ତି, ଚିକ୍କଣିଆ ଦିଶୁଥାଆନ୍ତି, ବେଶ୍ ଚଞ୍ଚଳ ବି ଥାଆନ୍ତି । କେହି ଖୁସିରେ ଡେଉଁଥାଏ, କେହି ଶୋଇକରି ଖୁସିରେ ପାକୁଳି କରୁଥାଏ । ଆହା, କେଡ଼େ ସୁଖୀ ଜୀବନ ସେମାନଙ୍କର ! ହେଲେ କେଡ଼େ ସ୍ୱାର୍ଥପର ସେମାନେ ! ସେମାନଙ୍କର ଦୁଇଟି ଭାଇ ଯେ କଂସେଇ ହାତରେ ପଡ଼ି କି ଦୁଃଖରେ ଅଛନ୍ତି, ସେଥିପାଇଁ ତାଙ୍କର ଟିକିଏ ଚିନ୍ତାନାହିଁ ?

ହଠାତ୍ ସେମାନଙ୍କୁ ଜଣାଗଲା, ଏଇଟା ଯେମିତି ତାଙ୍କର ଚିହ୍ନା ରାସ୍ତା । ହଁ, ଏଇ ରାସ୍ତାରେ ଗୟା ସେମାନଙ୍କୁ ନେଇଥିଲା । ସେଇ କ୍ଷେତ, ସେଇ ବଗିଚା, ସେଇ ଗାଆଁ ସବୁ ଆସିଗଲା । ପ୍ରତି ମୁହୂର୍ତ୍ତରେ ତାଙ୍କ ଗତି ବଢ଼ିଯାଉଥାଏ । ସବୁ କ୍ଳାନ୍ତି, ସବୁ ଦୁର୍ବଳତା ଯେମିତି କୁଆଡ଼େ ଚାଲିଗଲା । ଆଃ, ଏଇତ ତାଙ୍କ କ୍ଷେତ ଆସିଗଲା ! ଏଇ କୂଅରୁ ପାଣି ଉଠାଇବା ପାଇଁ ସେମାନେ ଚରକି ଚଳାଇବାକୁ ଆସୁଥିଲେ ।

Digitized by srujanika@gmail.com

ମୋତି କହିଲା, ''ଆମ ଘର ପାଖେଇ ଆସିଲା ।''

ହୀରା କହିଲା, ''ଭଗବାନଙ୍କର ଦୟା ।''

''ମୁଁ ଏବେ ଘରକୁ ଦୌଡ଼ିକରି ପଳାଇବି ।''

''ଇଏ କୋଉ ଛାଡ଼ିବ ?''

''ମୁଁ ତାକୁ ମାରି ଗଡ଼େଇଦେବି ।''

''ନାହିଁ ନାହିଁ, ଦୌଡ଼ିକରି ଆଗେ ନିଜ ଜାଗାକୁ ଚାଲ । ତା ପରେ ସେଠାରୁ ଆଉ ପାଦେ ହେଲେ ଆଗକୁ ଘୁଞ୍ଚିବା ନାହିଁ ।''

ଦୁହେଁ ପାଗଳ ହୋଇ ବାଛୁରୀଙ୍କ ଭଳି ଖୁସିରେ ଡିଆଁମାରି ଘରମୁହାଁ ଧାଇଁଲେ । ''ଇଏ ଆମରି ଜାଗା ।'' ଦୁହେଁ ଦୌଡ଼ିଦୌଡ଼ି ଯାଇ ନିଜ ଜାଗାରେ ପହଞ୍ଚିଗଲେ ଏବଂ ସେଠାରେ ଠିଆହୋଇ ରହିଲେ । ଦାଢ଼ିବାଲା ତାଙ୍କ ପଛରେ ଦୌଡ଼ିଦୌଡ଼ି ଆସୁଥାଏ ।

ଝୁରି ଦୁଆଁରମୁହଁରେ ବସି ଖରା ପୋଉଁଥିଲା । ବଳଦଙ୍କୁ ଦେଖି ଦୌଡ଼ି ଆସିଲା ଏବଂ ଜଣଜଣ କରି ଦୁହିଁଙ୍କୁ କୁଣ୍ଢେଇ ପକାଇଲା । ଦୁଇସାଙ୍ଗଙ୍କ ଆଖିରୁ ଖୁସିରେ ଲୁହ ଝରିଆସିଲା । ଜଣେ ଝୁରିର ହାତ ଚାଟୁଥିଲା ।

ଦାଢ଼ିବାଲା ଯାଇ ବଳଦଙ୍କ ପଘାକୁ ମାଡ଼ିବସିଲା ।

ଝୁରି କହିଲା, ''ଏମାନେ ତ ମୋ ବଳଦ ।''

''ତୁମ ବଳଦ କେମିତି ? ମୁଁ ତ କାଞ୍ଜିଆ ହାଉସରୁ ନିଲାମରେ ଆଣିଛି ।''

''ମୁଁ ତ ଭାବୁଛି ତୁମେ ଚୋରେଇ ଆଣିଛ । ଚୁପ୍‌ଚାପ୍ ଏଠାରୁ ଚାଲିଯାଅ, ଇଏ ମୋ ବଳଦ । ମୁଁ ଯେତେବେଳେ ବିକିବି, ତୁମେ କିଣିବ । ମୋ ବଳଦଙ୍କୁ ନିଲାମ କରିବାର କାହାର ଅଧିକାର ଅଛି ?''

''ମୁଁ ଯାଇ ଥାନାରେ ରିପୋର୍ଟ ଦେବି ।''

''ଇଏ ମୋ ବଳଦ । ଏହାର ପ୍ରମାଣ ହେଉଛି ସେମାନେ ଆସି ମୋଅରି ଦୁଆରେ ଠିଆ ହୋଇଛନ୍ତି ।''

ଦାଢ଼ିବାଲା ରାଗରେ ଚିତ୍କାରକରି ବଳଦଙ୍କୁ ଜବରଦସ୍ତ ଧରିନେବାକୁ ଆଗେଇଲା । ଠିକ୍ ଏତିକିବେଳେ ମୋତି ଶିଙ୍ଗ ଲଗାଇଦେଲା । ଦାଢ଼ିବାଲା ପଛକୁ ହଟିଗଲା । ମୋତି ତା ପଛରେ ଗୋଡ଼ାଇଲା । ଦାଢ଼ିବାଲା ଭୟରେ ଦୌଡ଼ିବାକୁ ଲାଗିଲା । ମୋତି ବି ତା ପଛେପଛେ ଗୋଡ଼ାଇଲା । ଗାଆଁ ବାହାରକୁ ଚାଲିଗଲା ପରେ ସେ ଅଟକିଯାଇ ଲକ୍ଷ୍ୟକଲା, ଦାଢ଼ିବାଲା କୁଆଡ଼େ ଯାଉଛି । ଦାଢ଼ିବାଲା ଦୂରରେ ଠିଆହୋଇ ଧମକ ଦେଉଥିଲା, ଗାଳି ଦେଉଥିଲା, ପଥର ଫିଙ୍ଗୁଥିଲା । ମୋତି ବିଜୟୀବୀର ଭଳି ତାର ରାସ୍ତା ଓଗାଳି ଠିଆହୋଇଥିଲା । ଗାଆଁର ଲୋକମାନେ ଏ ମଜା ଦେଖି ହସୁଥିଲେ । ଶେଷରେ ଦାଢ଼ିବାଲା ହାର ମାନି ଚାଲିଗଲା ଏବଂ ମୋତି ବୀରଦର୍ପରେ ଫେରିଆସିଲା ।

Digitized by srujanika@gmail.com

ହୀରା କହିଲା, ‘‘ମୋର ଭୟ ହେଉଥିଲା ତୁମେ କାଳେ ରାଗ ବଶତଃ ତାକୁ ମାରିଦେବ ।’’

‘‘ସେ ଯଦି ମୋତେ ଧରିଥାଆନ୍ତା, ମୁଁ ତାକୁ ନମାରି ଛାଡ଼ିନଥାନ୍ତି ।’’

‘‘ସେ ଆଉ ଆସିବ ନାହିଁ ।’’

‘‘ଆସିବ ତ ଦୂରରୁ ମୁଁ ତା କଥା ବୁଝିବି । ଦେଖିବି ସେ ଆମକୁ କେମିତି ନେବ ?’’

‘‘ସେ ଯଦି ଗୁଳି ମାରିଦେବ ?’’

‘‘ମରିଯିବି ପଛକେ, ତା କାମରେ ଲାଗିବି ନାହିଁ ।’’

‘‘ଆମ ଜୀବନକୁ କେହି ଜୀବନ ବୋଲି ଭାବେ ନାହିଁ ।’’

‘‘ତାର କାରଣ ହେଉଛି, ଆମେ ଖୁବ୍ ସାଧାସିଧା ।’’

କିଛି ସମୟ ପରେ କୁଣ୍ଡରେ ପିଡ଼ିଆ, ଭୁଶି, ଚୋକଡ଼ ଏବଂ ଦାନା ଇତ୍ୟାଦି ଭରି ଦିଆଗଲା ଏବଂ ଦୁଇସାଙ୍ଗ ଖାଇବାରେ ଲାଗିଗଲେ । ଝୁରି ଠିଆହୋଇ ଦୁହିଁଙ୍କୁ ଆଉଁସୁଥିଲା ଏବଂ ପନ୍ଦର କୋଡ଼ିଏ ପିଲା ମଜା ଦେଖୁଥିଲେ । ସାରାଗାଆଁରେ ଗୋଟାଏ ଆନନ୍ଦ ଖେଳିଯାଇଥିଲା ।

ଏତିକିବେଳେ ମାଲିକାଣୀ ଆସି ଦୁଇ ବଳଦଙ୍କ ମଥାରେ ଚୁମା ଦେଲେ ।

Digitized by srujanika@gmail.com

ପଞ୍ଚ ପରମେଶ୍ୱର

ଏକ

ଜୁମ୍ମନ ଶେଖ୍ ଓ ଅଲଗୁ ଚୌଧୁରୀଙ୍କ ଭିତରେ ଘନିଷ୍ଠ ବନ୍ଧୁତା ଥିଲା । ଦିହେଁ ଭାଗ ହୋଇ ଜମି ଚାଷକରୁଥିଲେ । ଦେଣ-ନେଣରେ ବି ଦୁହିଁଙ୍କ ଭିତରେ ଭଲ ବୁଝାମଣା ଥିଲା । ଜୁମ୍ମନ ଯେତେବେଳେ ହଜ୍ କରିବାକୁ ଯାଇଥିଲା, ସେ ତା ଘରର ଦାୟିତ୍ୱ ଅଲଗୁ ଉପରେ ଛାଡ଼ିଦେଇ ଯାଇଥିଲା । ଅଲଗୁ ସେମିତି ଯଦି କୌଣସି କାମରେ ବାହାରକୁ ଯାଉଥିଲା, ସେ ଜୁମ୍ମନ ଦାୟିତ୍ୱରେ ନିଜ ଘର ଦାୟିତ୍ୱ ଛାଡ଼ିଦେଇ ଯାଉଥିଲା । ତାଙ୍କ ଭିତରେ ଖିଆପିଆର କିଛି ସମ୍ବନ୍ଧ ନଥିଲା କି ଧର୍ମର ମଧ୍ୟ କିଛି ସଂପର୍କ ନଥିଲା । ଖାଲି ଏତିକି କଥା ଦି'ଜଣଙ୍କର ମନ ମିଳିଥିଲା । ଏଇ ହେଉଛି ବନ୍ଧୁତାର ମୂଳମନ୍ତ୍ର ।

ଏ ବନ୍ଧୁତା ହେଉଛି ସେଇ କାଳର ଯେତେବେଳେ ଦିହେଁ ପିଲା ଥିଲେ ଏବଂ ଜୁମ୍ମନର ପୂଜ୍ୟପିତା ଜୁମରାତୀ ତାଙ୍କୁ ଏକାଠି ପାଠ ପଢ଼ାଉଥିଲେ । ଅଲଗୁ ଗୁରୁଙ୍କର ଢେର ସେବା କରିଥିଲା । ବାସନ ମାଜିବା, ପିଆଲା ସଫାକରିବା ଇତ୍ୟାଦି ଅନେକ କାମ । ତାଙ୍କ ହୁକାକୁ ମୁହୂର୍ତ୍ତେ ମଧ୍ୟ ବିଶ୍ରାମ ମିଳୁ ନଥିଲା । କାରଣ ପ୍ରତିଥର ଚିଲମ ଭରିବାରେ ଅଲଗୁକୁ ଅଧଘଣ୍ଟାଏ ପାଠପଢ଼ାରୁ ଛୁଟି ମିଳିଯାଉଥିଲା ।

ଅଲଗୁର ବାପା ଥିଲେ ପୁରୁଣାକାଳିଆ ଚିନ୍ତାଧାରାର ମଣିଷ । ପାଠପଢ଼ା ଅପେକ୍ଷା ଗୁରୁସେବାରେ ତାଙ୍କର ବେଶି ବିଶ୍ୱାସ ଥିଲା । ସେ କହନ୍ତି, ପାଠ ଖାଲି ପଢ଼ିଲେ ହୁଏ ନାହିଁ । ଯାହା କିଛି ହୁଏ, ସେ ସବୁ ଗୁରୁଙ୍କର ଆଶୀର୍ବାଦରୁ ହୁଏ । ଗୁରୁଙ୍କର କୃପାଦୃଷ୍ଟି ଆବଶ୍ୟକ । ଅତଏବ ଅଲଗୁ ଉପରେ ଯଦି ଜୁମରାତୀ ଶେଖ୍ଙ୍କର ଆଶୀର୍ବାଦର ବା ସତ୍‌ସଙ୍ଗର କିଛି ଫଳ ନହେଲା, ସେଥିପାଇଁ ଏଇଆ ଭାବି ସନ୍ତୁଷ୍ଟ ହେବାକୁ ପଡ଼ିବ ଯେ 'ପଢ଼ିବା ଦିଗରେ ମୁଁ ମୋର ପାରୁପର୍ଯ୍ୟନ୍ତ ଚେଷ୍ଟା କରିଛି; ହେଲେ ବିଦ୍ୟା ତ ମୋ ଭାଗ୍ୟରେ ନାହିଁ, ହେବ କେମିତି ?'

ହେଲେ ଖୋଦ୍ ଜୁମରାତୀ ଆଶୀର୍ବାଦ କଥାକୁ ସ୍ୱୀକାର କରୁନଥିଲେ । ନିଜ ବେତ ଉପରେ ତାଙ୍କର ଥିଲା ଅଧିକ ବିଶ୍ୱାସ । ଆଉ ସେହି ବେତର କରାମତିରୁ ଆଜି ଆଖପାଖ ଗାଆଁରେ ଜୁମ୍ମନଙ୍କର ପୂଜା ହେଉଛି । ଜୁମ୍ମନଙ୍କ ଦ୍ୱାରା ଲିଖିତ ବନ୍ଧକ

Digitized by srujanika@gmail.com

Digitized by srujanika@gmail.com

ଦଲିଲ ଇତ୍ୟାଦି ଉପରେ କଚେରୀର ମୋହରିରମାନେ କଲମ ଛୁଆଇଁ ପାରିବେ ନାହିଁ । ସେ ଅଞ୍ଚଳର ଡାକବାଲା ଓ କନେଷ୍ଟବଲଠାରୁ ଆରମ୍ଭକରି ତହସିଲର ଚପରାସୀ ପର୍ଯ୍ୟନ୍ତ ସମସ୍ତେ ତାଙ୍କ ଦୟାକୁ ଅପେକ୍ଷା କରିଥାଆନ୍ତି । ଅତଏବ ଅଲଗୁ ଚୌଧୁରୀଙ୍କର ସମ୍ମାନ ତାଙ୍କ ଧନସମ୍ପତ୍ତି କାରଣରୁ ହୋଇଥିବାବେଳେ ଜୁମ୍ମନ ଶେଖ୍ ନିଜର ଅମୂଲ୍ୟ ବିଦ୍ୟାଯୋଗୁ ସମସ୍ତଙ୍କର ଆଦରର ପାତ୍ର ହୋଇଥିଲେ ।

ଦୁଇ

ଜୁମ୍ମନ ଶେଖ୍‌ର ଗୋଟିଏ ବୁଢ଼ୀମାଉସୀ ଥିଲା । ତାର କିଛି ଜମିବାଡ଼ି ଥିଲା; କିନ୍ତୁ ତାର ନିଜର ବୋଲି କେହି ନଥିଲେ । ଜୁମ୍ମନ ତାକୁ ଲମ୍ବାଚୌଡ଼ା କଥା ଦେଇ ତାର ଜମିବାଡ଼ି ସବୁ ନିଜ ନାଆଁରେ ଲେଖାଇନେଲା । ଯେ ପର୍ଯ୍ୟନ୍ତ ଦାନପତ୍ର ରେଜିଷ୍ଟ୍ରୀ ହୋଇ ନଥିଲା, ସେ ଯାଏ ଜୁମ୍ମନ ମାଉସୀର ଖୁବ୍ ଆଦରଯତ୍ନ କରୁଥିଲା । ତାକୁ ଭଲଭଲ ଜିନିଷ ଖୁଆଉଥିଲା । ପୁରୀ ହାଲୁଆ ଅଜାଡ଼ି ଦେଉଥିଲା; ମାତ୍ର ରେଜିଷ୍ଟ୍ରୀ ମୋହର ଲାଗିଯିବା ପରେ ସେ ଆଦର ସୋହାଗ ଉପରେ ମଧ୍ୟ ମୋହର ଲାଗିଗଲା । ଜୁମ୍ମନର ସ୍ତ୍ରୀ କରିମନ ରୁଟି ଦି'ଖଣ୍ଡ ସହିତ ମାଉସୀକୁ ଖୁବ୍ କଡ଼ାକଡ଼ା କଥା ମଧ୍ୟ ଶୁଣାଇଲା । ଜୁମ୍ମନ ଶେଖ୍ ମଧ୍ୟ ନିଷ୍ଠୁର ହୋଇଗଲା । ଏବେ ବିଚାରୀ ବୁଢ଼ୀକୁ ପ୍ରତିଦିନ ଏଇଭଳି କିଛି କଥା ଶୁଣିବାକୁ ପଡ଼ିଲା –

'ବୁଢ଼ୀଟା କେତେଦିନ ବଞ୍ଚିବ କେଜାଣି, ବେକାରିଆ ପଡ଼ିଆଜମି ଦି'ତିନି ବିଘା ଦେଇଥିଲା ଯେ ତାର ସବୁମୂଲ୍ୟ ସେ ନେଇସାରିଲାଣି । ସୁଆଦିଆ ତରକାରି ନହେଲେ ତାର ହାତ ଉଠୁନି । ତା ପେଟରେ ଯେତିକି ଟଙ୍କା ପଶିଲାଣି, ସେତିକିରେ ତ ଗୋଟାଏ ଗାଆଁ କିଣାଯାଆନ୍ତାଣି ।'

ବୁଢ଼ୀମାଉସୀ କିଛିଦିନ ଯାଏ ଏମିତି କଥା ଶୁଣିଲା ଓ ତାକୁ ସହିଗଲା; କିନ୍ତୁ କଥାଗୁଡ଼ା ଯେତେବେଳେ ଅସହ୍ୟ ହେଲା ସେତେବେଳେ ଜୁମ୍ମନ ପାଖରେ ଯାଇ ଅଭିଯୋଗ କଲା । ଜୁମ୍ମନ ଏ ବ୍ୟାପାରରେ କାନ ଦେଲା ନାହିଁ । ବୁଢ଼ୀ ଏମିତି ଆଉ କିଛିଦିନ କାନ୍ଦିକାଟି କଟାଇଲା । ଶେଷରେ ଦିନେ ଜୁମ୍ମନକୁ କହିଲା, ''ପୁଅ, ତୋ ପାଖରେ ମୁଁ ଆଉ ଚଳିପାରିବି ନାହିଁ । ତୁ ମୋତେ ପଇସା ଦେଇ ଦେ'; ମୁଁ ମୋର ଅଲଗା ରୋଷେଇ କରି ଖାଇବି ।''

ଜୁମ୍ମନ ବେଖାତିର ଭାବେ ଉତ୍ତରଦେଲା, ''ଟଙ୍କା କ'ଣ ଏଠି ଫଳୁଛି ?''

ମାଉସୀ ନରମ ସ୍ୱରରେ କହିଲା, ''ମୋଟା ହେଉ କି ବଗଡ଼ା ହେଉ, ମୋର ପୁଣି ମୁଠାଏ ଦରକାର ନା ନାହିଁ ?''

Digitized by srujanika@gmail.com

ଜୁମ୍ମନ ଗମ୍ଭୀର ସ୍ୱରରେ କହିଲା, "ତୁ ବୋଧେ ଭାବୁଛୁ ଆଉ ମରିବୁ ନାହିଁ ?"

ମାଉସୀ ବିଗିଡ଼ିଗଲା, ପଞ୍ଚାୟତ ଡାକିବ ବୋଲି ଧମକଦେଲା । ଜାଲ ଆଡ଼କୁ ହରିଣ ଯାଉଥିବାର ଦେଖି ଶିକାରୀ ଯେମିତି ମନେମନେ ହସେ, ଜୁମ୍ମନ ଏକଥା ଶୁଣି ସେମିତି ହସିଲା । ସେ କହିଲା, "ହଁ, ହଁ, ଜରୁର ପଞ୍ଚାୟତ ଡାକ । ଯୁଆଡୁ ହେଉ ଗୋଟାଏ କ'ଣ ଫଇସଲା ହୋଇଯିବା ଉଚିତ । ମୋତେ ବି ଆଉ ଦିନରାତି ସବୁବେଳେ ଏମିତି ଗୋଟାଏ ଖିଟ୍‌ଖିଟ୍ ଭଲ ଲାଗୁନାହିଁ ।

ପଞ୍ଚାୟତରେ କାହାର ଜୟ ହେବ, ଏ ବିଷୟରେ ଜୁମ୍ମନର ପଇସାକର ସନ୍ଦେହ ନଥିଲା । ଆଖପାଖ ଗାଆଁରେ ଏମିତି କିଏ ଅଛି, ଯିଏ ତାର ଅନୁଗ୍ରହ ପାଖରେ ଋଣୀ ନୁହେଁ ? ଏମିତି ପୁଣି କିଏ ଅଛି, ଯିଏ ତା ସହିତ ବାଦ କରିବାକୁ ସାହସ କରିବ ? କାହାର ଏତେ ବଳ ଯେ ତା ସାମନାକୁ ଆସିବ ? ଆକାଶରୁ ତ ଦେବତାମାନେ ନିଶାପ କରିବାକୁ ଆସିବେ ନାହିଁ !

ତିନି

ଯା ପରେ କେତେଦିନ ଧରି ହାତରେ ବାଡ଼ିଖଣ୍ଡିଏ ଧରି ବୁଢ଼ୀ ଆଖପାଖ ଗାଆଁକୁ ଧାଁ-ଦଉଡ଼ କଲା । ଅଣ୍ଟା ଧନୁଭଳି ନଇଁଗଲାଣି । ପାଦେ ବି ଚାଲିବା କଷ୍ଟକର; ହେଲେ କଥାଟା ଏମିତି ଅବସ୍ଥାରେ ଆସି ପହଞ୍ଚିଛି ଯେ ତାର ଗୋଟାଏ ଫଇସଲା ଜରୁର ଥିଲା ।

ଏମିତି କମ୍ ଭଲଲୋକ ଥିବେ, ଯାହା ଆଗରେ ବୁଢ଼ୀ ଲୁହ ନ ଗଡ଼ାଇଛି । କେହିକେହି ଉପର ମନରେ ହୁଁ-ହାଁ କରି ବୁଢ଼ୀକୁ ବିଦା କରିଦେଲେ । ଆଉ କିଏ ଏଭଳି ଅନ୍ୟାୟ ପାଇଁ ଯୁଗକୁ ଗାଳିଦେବା ସଙ୍ଗେସଙ୍ଗେ ବୁଢ଼ୀକୁ ଆକ୍ଷେପ କରି କହିଲେ, "ଯମ ଆସି ଦାଣ୍ଡଦୁଆରେ ବସିଲାଣି, ଆଜି ମଲେ କାଲିକି ଦି'ଦିନ; ହେଲେ ଲୋଭ ଛାଡୁନି । ଏବେ ତୁମର କଅଣ ଲୋଡ଼ା ? ଯାହା ମିଳୁଛି ମୁଠାଏ ଖାଇ ଭଗବାନଙ୍କର ନାମ ନିଅ । ବିଲବାଡ଼ିରେ ତୁମର ଆଉ କି କାମ ?" ଏମିତି କିଛି ସଜ୍ଜନ ଥିଲେ, ଯେଉଁମାନଙ୍କୁ ହସିବାର ଭଲ ଖୋରାକ ମିଳିଗଲା । ଅଣ୍ଟା ନଇଁଗଲାଣି, ପାକୁଆ ପାଟି, ଝୋଟଭଳି ମୁଣ୍ଡ – ଏତେଗୁଡ଼ାଏ ଜିନିଷ ଯେଉଁଠି ଏକାଠି, ହସ ନମାଡ଼ିବ ବା କେମିତି ? ଏଭଳି କମ ନ୍ୟାୟପରାୟଣ, ଦୟାଳୁ ଓ ଦୀନବତ୍ସଳ ଲୋକ ଥିଲେ, ଯେଉଁମାନେ ଏଇ ନିରାଶ୍ରୟାର ଦୁଃଖ ସହାନୁଭୂତିର ସହ ଶୁଣିଲେ ଏବଂ ସାନ୍ତ୍ୱନା ଦେଲେ ।

Digitized by srujanika@gmail.com

ଚାରିଆଡ଼େ ବୁଲିବୁଲି ବୁଢ଼ୀ ବିଚାରୀ ଶେଷରେ ଆସି ଅଲଗୁ ଚୌଧୁରୀ ପାଖରେ ପହଞ୍ଚିଲା । ବାଡ଼ିଟି ତଳେ ଥୋଇଦେଇ ଆଗେ ଦମ୍ ନେଲା, ତା ପରେ କହିଲା, ''ପୁଅ, ତୁମେ ଟିକିଏ ପଞ୍ଚାୟତକୁ ଆସିବ ନାଇଁ ?''

ଅଲଗୁ କହିଲା, ''ମୋତେ ଡାକିଲେ କଅଣ ହେବ ? ଆଉ ସବୁ ଗାଆଁରୁ ତ ଭଦ୍ରଲୋକ ଆସିବେ ।''

ବୁଢ଼ୀ,''ସମସ୍ତଙ୍କ ଆଗରେ ତ କାନ୍ଦିକାନ୍ଦି ମୋ ଦୁଃଖ କହିଆସିଛି । ଏବେ ଆସିବା ନଆସିବା ତାଙ୍କ ହାତର କଥା ।''

ଅଲଗୁ, ''ସେମାନେ ଯଦି ଆସିବେ, ମୁଁ ଯିବି; ହେଲେ ପଞ୍ଚାୟତରେ ପାଟି ଖୋଲିବି ନାହିଁ ।''

ବୁଢ଼ୀ, ''କାହିଁକି ପୁଅ ?''

ଅଲଗୁ, ''ଏବେ ତାର କି ଉତ୍ତର ଦେବି ? ତୁମ ଖୁସି । ଜୁମ୍ମନ ମୋର ପୁରୁଣା ବନ୍ଧୁ । ତାକୁ ମୁଁ ଅସନ୍ତୁଷ୍ଟ କରିପାରିବି ନାହିଁ ।''

ବୁଢ଼ୀ, ''ପୁଅ, ସେ ଅସନ୍ତୁଷ୍ଟ ହେବ ବୋଲି କ'ଣ ତୁ ଉଚିତ କଥା କହିବୁ ନାହିଁ ?''

ଆମର ସୁପ୍ତ ଧର୍ମଜ୍ଞାନ ରୂପକ ସବୁ ସମ୍ପତ୍ତି ଲୁଟ ହୋଇଯାଉ ପଛକେ ସେଥିରେ କିଛି ଯାଏଆସେ ନାହିଁ; କିନ୍ତୁ ଲଢ଼େଇବେଳ ଆସିଗଲେ ତାହା ଚେଇଁଉଠେ । ସେତେବେଳେ କେହି ତାକୁ ଦବେଇଦେଇ ପାରେନାହିଁ । ଅଲଗୁ ଏଇ ପ୍ରଶ୍ନର କିଛି ଉତ୍ତର ଦେଇପାରିଲା ନାହିଁ; ମାତ୍ର ତା ହୃଦୟରେ ଏଇ ଶବ୍ଦଟି ପ୍ରତିଧ୍ୱନିତ ହେବାକୁ ଲାଗିଲା, ''ଅସନ୍ତୁଷ୍ଟ ହେବ ବୋଲି କ'ଣ ତୁ ଉଚିତ କଥା କହିବୁ ନାହିଁ ?''

ଚାରି

ସଞ୍ଜବେଳେ ଗୋଟିଏ ଗଛମୂଳେ ପଞ୍ଚାୟତ ବସିଲା । ଶେଖ୍ ଜୁମ୍ମନ ଆଗରୁ ଆସନ ବିଛେଇ ଦେଇଥିଲା । ସେ ପାନ, ଅଳେଇଚ, ହୁକା ଇତ୍ୟାଦି ସବୁ ସାମଗ୍ରୀ ଯୋଗାଡ଼ କରି ରଖିଥିଲା । ହଁ, ସେ ନିଜେ କିନ୍ତୁ ଅଲଗୁ ଚୌଧୁରୀଠାରୁ ଦୂରେଇ ବସିଥିଲା । ପଞ୍ଚାୟତକୁ ଯିଏ ଆସୁଥିଲା, ତାକୁ ସେ ବେଶ୍ ନମ୍ରଭାବରେ ନମସ୍କାରଟିଏ କରି ସ୍ୱାଗତ କରୁଥିଲା । ଯେମିତି ବେଳବୁଡ଼ିଗଲା ଓ ଗଛ ଉପରେ ଚଢ଼େଇମାନଙ୍କର କଳରାବଯୁକ୍ତ ପଞ୍ଚାୟତ ବସିଗଲା, ଠିକ୍ ସେତିକିବେଳେ ତଳେ ବି ପଞ୍ଚାୟତ ଆରମ୍ଭ ହୋଇଗଲା । ଆସନ ଉପରେ ଆଙ୍ଗୁଳେ ବି ଜାଗା ଫାଙ୍କା ରହିଲାନାହିଁ; ମାତ୍ର ଅଧିକାଂଶ ଥିଲେ ଦେଖଣାହାରି । ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନଙ୍କ ମଧ୍ୟରୁ କେବଳ

Digitized by srujanika@gmail.com

ସେଇମାନେ ଆସିଥିଲେ, ଯେଉଁମାନଙ୍କର ଜୁମ୍ମନ ଉପରେ କିଛି ପ୍ରତିଶୋଧ ନେବାର ଥିଲା । ଗୋଟିଏ କୋଣରେ ଜୁକୁଜୁକୁ ହୋଇ ନିଆଁ ଜଳୁଥାଏ । ବାରିକ ତା ପଛକୁ ତା ପଛକୁ ଚିଲମ ଭରି ଦେଉଥାଏ । ଏକଥା ଠିକ୍‌କରି କହିହେବ ନାହିଁ ଯେ ଉହ୍ଲେଇ ନିଆଁରୁ ବେଶି ଧୂଆଁ ବାହାରୁଥିଲା ନା ଚିଲମରୁ । ପିଲାଗୁଡ଼ାକ ଏଣେତେଣେ ଦୌଡ଼ା ଦୌଡ଼ି କରୁଥିଲେ, କେହି ଆପଣା ଆପଣା ଭିତରେ କଳି କରୁଥିଲେ, ଆଉ କିଏ କାନ୍ଦୁଥିଲା । ଚାରିଆଡ଼େ ହୋ-ହା ଚାଲିଥାଏ । ଗାଆଁର କୁକୁରମାନେ ଏଇ ଲୋକ ଗହଳି ଦେଖି ଗୋଟାଏ ଭୋଜିଭାତ ହେଉଛି ବୋଲି ଭାବି ମାଳମାଳ ହେଉଥାଆନ୍ତି ।

ପଞ୍ଚମାନେ ବସିଗଲା ପରେ ମାଉସୀବୁଢ଼ୀ ସେମାନଙ୍କୁ ପ୍ରାର୍ଥନାକରି କହିଲା, ‘‘ପଞ୍ଚମାନେ, ଆଜିକୁ ତିନିବର୍ଷ ହେଲା ମୁଁ ମୋର ସବୁ ଜମିବାଡ଼ି ମୋ ପୁତୁରା ନାଆଁରେ ଲେଖିଦେଇଛି, ଏକଥା ଆପଣମାନେ ଜାଣିଥିବେ । ଜୁମ୍ମନ ମୋତେ ସାରାଜୀବନ ଖୋରାକ ପୋଷାକ ଯୋଗାଇବ ବୋଲି ଜବାବ କରିଥିଲା । ଆଜିଯାଏ ଖାଲି କାନ୍ଦିକାନ୍ଦି ମୋର ଦିନ କଟିଲା । ଏବେ ଆଉ ଦିନରାତି କାନ୍ଦି ପାରିବିନାହିଁ । ନା ମୋତେ ମୁଠାଏ ପେଟପୂରା ଖାଇବାକୁ ମିଳୁଛି, ନା ଦେହକୁ ଖଣ୍ଡେ ଲୁଗା । ମୁଁ ଗୋଟିଏ ଅସହାୟା ବିଧବା । କୋଟ କଚେରୀ ଯାଇପାରିବି ନାହିଁ । ଆପଣମାନଙ୍କୁ ଛାଡ଼ି ଆଉ କାହାକୁ ଦୁଃଖ ଜଣାଇବି ? ଆପଣମାନେ ଯେଉଁ ବାଟ କାଢ଼ିବେ, ମୁଁ ସେଇ ବାଟରେ ଚାଲିବି । ମୋର ଯଦି କିଛି ଦୋଷ ଦେଖିବ, ତେବେ ମୋ ମୁହଁରେ ଥାପଡ଼ ମାର । ଜୁମ୍ମନର ଯଦି ଦୋଷ ଦେଖିବ, ତେବେ ତାକୁ ବୁଝାଅ, କାହିଁକି ସେ ଗୋଟିଏ ନିରାଶ୍ରୟାକୁ ଏମିତି ହଇରାଣ କରୁଛି । ପଞ୍ଚାୟତର ରାୟକୁ ମୁଁ ମୁଣ୍ଡପାତି ମାନିନେବି ।’’

ରାମଧନ ମିଶ୍ର, ଯାହାଙ୍କର କେତେକ କରଜଦାରଙ୍କୁ ଜୁମ୍ମନ ନିଜ ଗାଆଁରେ ନେଇ ରଖେଇ ଦେଇଥିଲା, ସେ କହିଲେ, ‘‘ଜୁମ୍ମନ ମିଆଁ, ତୁମେ କାହାକୁ ପଞ୍ଚାୟତ ମାନୁଛ ? ଏତିକିବେଳୁ ସେ କଥାଟା ସଫା କରିଦିଅ । ସେମାନେ ଯାହା କହିବେ ତୁମକୁ ତାହା ମାନିବାକୁ ପଡ଼ିବ ।’’

ଜୁମ୍ମନ୍ ଆଖିରେ ଯେଉଁମାନେ ପଡ଼ିଲେ ସେମାନଙ୍କ ସହିତ ତାହାର କୌଣସି ନା କୌଣସି କାରଣରୁ ବିରୋଧ ଥିଲା । ଜୁମ୍ମନ କହିଲା, ‘‘ପଞ୍ଚଙ୍କର ହୁକୁମ ହେଉଛି ଆଲ୍ଲାଙ୍କର ହୁକୁମ । ମାଉସୀ ଯାହାକୁ ମାନିବାର ମାନୁ, ମୋର ସେଥିରେ କିଛି ଆପତ୍ତି ନାହିଁ ।’’

ମାଉସୀ ଚିତ୍କାରକରି କହିଲା, ‘‘ଆରେ ଆଲ୍ଲାଙ୍କର ଚେଲା, ପଞ୍ଚମାନଙ୍କ ନାଆଁ କହୁନାହୁଁ କାହିଁକି, ମୁଁ ତ ପୁଣି ଜାଣିବା ଦରକାର ।’’

Digitized by srujanika@gmail.com

ଜୁମ୍ମନ ରାଗିଯାଇ କହିଲା, "ମୋ ତୁଣ୍ଡ ଏବେ ଖୋଲନା କହୁଛି । ତୋର ପାଳି ପଡ଼ିଛି, ତୋର ଯାହାକୁ ଇଚ୍ଛା ତାକୁ ମାନ ।"

ମାଉସୀ ଜୁମ୍ମନର ଆକ୍ଷେପ ବୁଝିଗଲା । ସେ କହିଲା, "ପୁଅ, ଖୋଦାଙ୍କ ପ୍ରତି ଟିକିଏ ଭୟ ରଖ । ପଞ୍ଚ କାହାର ମିତ୍ର ନୁହଁନ୍ତି କି କାହାର ଶତ୍ରୁ ନୁହନ୍ତି । କେମିତିଆ କଥା କହୁଛୁ ? ତୋର ଯଦି କାହାରି ଉପରେ ବିଶ୍ୱାସ ନାହିଁ, ସେ କଥା କହିଦେ' । ଅଲଗୁ ଚୌଧୁରୀଙ୍କୁ ତ ତୁ ମାନୁ । ମୁଁ ତାଙ୍କୁ ହିଁ ମୁଖ୍ୟ ଭାବରେ ମାନୁଛି ।"

ଏକଥା ଶୁଣି ଜୁମ୍ମନ ଖୁସିରେ ଫୁଲିଉଠିଲା; ହେଲେ ମନକଥା ମନରେ ରଖି କହିଲା, "ହଉ, ଚୌଧୁରୀ ହୁଅନ୍ତୁ । ମୋ ପାଇଁ ରାମଧନ ମିଶ୍ର ଯେମିତି, ଅଲଗୁ ମଧ ସେମିତି ।"

ଅଲଗୁ ଏସବୁ ଝାମେଲାରେ ପଶିବାକୁ ଚାହୁଁ ନଥିଲା, ସେ କରଛଡ଼ା ଦେବାକୁ ଲାଗିଲା । କହିଲା, "ମାଉସୀ, ତୁମେ ତ ଜାଣିଛ ଯେ ଜୁମ୍ମନ ସହିତ ମୋର ବନ୍ଧୁତା କେତେ ଘନିଷ୍ଠ ?"

ମାଉସୀ ଗମ୍ଭୀର ସ୍ୱରରେ କହିଲା, "ପୁଅ, ସାଙ୍ଗ ବୋଲି ତ କେହି ନିଜର ବିବେକକୁ ବିକିଦେବ ନାହିଁ । ପଞ୍ଚଙ୍କ ହୃଦୟରେ ଭଗବାନ ବସିଥାଆନ୍ତି । ତାଙ୍କ ତୁଣ୍ଡରୁ ଯାହା ବାହାରେ ତାହା ଭଗବାନଙ୍କଠଉଁ ଆସେ ।"

ଅଲଗୁ ଚୌଧୁରୀ ପଞ୍ଚାୟତର ମୁଖ୍ୟ ହେଲେ । ରାମଧନ ମିଶ୍ର ଓ ଜୁମ୍ମନର ଅନ୍ୟାନ୍ୟ ବିରୋଧୀମାନେ ବୁଢ଼ୀକୁ ମନେମନେ ଖୁବ୍ ଗାଳିଦେବାକୁ ଲାଗିଲେ ।

ଅଲଗୁ କହିଲା, "ଜୁମ୍ମନ ଶେଖ୍, ଆମେ ଦୁହେଁ ପୁରୁଣା ବନ୍ଧୁ । ମୋର କାମ ପଡ଼ିଲାବେଳେ ତୁମେ ସାହାଯ୍ୟ କରିଛ ଆଉ ତୁମର ଯେତେବେଳେ ଅସୁବିଧା ହୋଇଛି ମୁଁ ସାହାଯ୍ୟ କରିଛି; କିନ୍ତୁ ଏବେ ତୁମେ ଏବଂ ବୁଢ଼ୀ ମାଉସୀ – ଦୁହେଁ ହେଉଛ ଆମ ଦୃଷ୍ଟିରେ ସମାନ । ପଞ୍ଚାୟତ ଆଗରେ ତୁମର ଯାହା କହିବାର ଅଛି କୁହ ।"

ଜୁମ୍ମନର ପୂରା ବିଶ୍ୱାସ ଥିଲା ଯେ ଏବେ ବାଜିଟା ତାର । ଅଲଗୁ ଏ ସବୁ ଲୋକଦେଖାଣିଆ ଭାବରେ କହୁଛି । ତେଣୁ ସେ ଶାନ୍ତ ମନରେ କହିଲା, "ପଞ୍ଚ, ତିନିବର୍ଷ ହୋଇଗଲା ମାଉସୀ ତାର ସମସ୍ତ ଜମିବାଡ଼ି ମୋ ନାଆଁରେ ଦଲିଲପତ୍ର କରିଦେଇଛି । ମୁଁ ତାକୁ ବଞ୍ଚିଥିବା ଯାଏ ଖୋରାକ ପୋଷାକ ଯୋଗାଇବି ବୋଲି ଜବାବ ଦେଇଛି । ଭଗବାନ ସାକ୍ଷୀ ଅଛନ୍ତି, ମୁଁ ଆଜିଯାଏ ତାର କିଛି ଅସୁବିଧା କରିନାହିଁ । ମୁଁ ତାକୁ ମୋର ମାଆ ଭଳି ମାନିଆସିଛି । ତାର ସେବାଯତ୍ନ କରିବା ମୋର କର୍ତ୍ତବ୍ୟ ଅଟେ; ମାତ୍ର ସ୍ତ୍ରୀଲୋକମାନଙ୍କର ଗୋଟାଏ ଲକ୍ଷଣ, ସେମାନେ

Digitized by srujanika@gmail.com

ସବୁବେଳେ ଅସନ୍ତୁଷ୍ଟ । ଏଥିରେ ମୋର ତାରା କଅଣ ? ମାଉସୀ ଏବେ ଅଲଗା ହୋଇଯାଇ ମୋତେ ମାସିକିଆ ଖର୍ଚ୍ଚ ମାଗୁଛି । ଜମିବାଡ଼ି କେତେ, ତାହା ତ ପଞ୍ଚଙ୍କ ପାଖରେ ଅଜଣା ନୁହେଁ । ସେଥିରୁ ମୋର ଏତେ କିଛି ଆୟ ହେଉନାହିଁ ଯେ ମୁଁ ତାକୁ ମାସିକିଆ ଖର୍ଚ୍ଚ ଯୋଗାଇପାରିବି । ତା ଛଡ଼ା ଦତ୍ତପତ୍ରରେ ମାସିକିଆ ଖର୍ଚ୍ଚଦେବାର କୌଣସି ସର୍ତ୍ତ ଲେଖାନାହିଁ । ତା ହୋଇଥିଲେ, ମୁଁ ଭୁଲରେ ବି ଏ ଝାମେଲାରେ ପଶି ନଥାନ୍ତି । ବାସ, ମୋର ଏତିକି କହିବାର କଥା । ଏଣିକି ପଞ୍ଚଙ୍କ ହାତରେ କଥା । ସେ ଯାହା ଫଇସଲା କରିବେ ।''

ଅଲଗୁ ଚୌଧୁରୀର ସବୁବେଳେ କଚେରିରେ କାମ ପଡ଼େ । ତେଣୁ ସେ ପୂରା ଆଇନ କାନୁନ ଜାଣିବା ଲୋକ । ସେ ଜୁମ୍ମନଙ୍କୁ ଜେରା ଆରମ୍ଭକଲା । ଗୋଟିଏ ଗୋଟିଏ ପ୍ରଶ୍ନ ଜୁମ୍ମନର ଛାତିରେ ଯେମିତି ହାତୁଡ଼ି ପିଟିବା ଭଳି ଲାଗୁଥାଏ । ରାମଧନ ମିଶ୍ର ପ୍ରଶ୍ନଗୁଡ଼ିକ ଶୁଣି ମୁଗ୍ଧ ହୋଇଯାଉଥାଆନ୍ତି । ଜୁମ୍ମନ ଆଶ୍ଚର୍ଯ୍ୟ ହୋଇଯାଉଥିଲା ଯେ ଅଲଗୁର ଆଜି ଏ କ'ଣ ହୋଇଯାଇଛି ? ଏବେ ମୋଅରି ପାଖରେ ବସିଥିବାବେଳେ କେମିତି କଥାବାର୍ତ୍ତା କରୁଥିଲା । ସାଙ୍ଗେସାଙ୍ଗେ ଏମିତି ରୂପ ବଦଳିଗଲା ଯେ ମୋର ଚେର କାଟିବାରେ ଲାଗିଗଲା ! ଜଣାନାହିଁ ସେ କେଉଁ କାଳର ପ୍ରତିଶୋଧ ନେଉଛି । କ'ଣ ଏତେକାଳର ବନ୍ଧୁତା କିଛି କାମରେ ଆସିବନାହିଁ ?

ଜୁମ୍ମନ ଶେଖ୍ ଏଇଭଳି ଭାବିଚିନ୍ତି ହେଉଥିବାବେଳେ ଅଲଗୁ ରାୟ ଶୁଣାଇଲା, ''ଜୁମ୍ମନ ଶେଖ୍, ପଞ୍ଚାୟତ ଏହି ମାମଲାର ବିଚାରକଲା । ଏଇଟା ନୀତିସଙ୍ଗତ ମନେହେଉଛି ଯେ ମାଉସୀକୁ ମାସିକିଆ ଖର୍ଚ୍ଚ ଦିଆଯିବା ଉଚିତ । ଆମେ ଦେଖୁଛୁ ମାଉସୀର ଜମିରୁ ଯାହା ଆୟ ହେଉଛି, ସେଥିରୁ ତାକୁ ମାସିକିଆ ଖର୍ଚ୍ଚ ଦିଆଯାଇ ପାରିବ । ବାସ୍, ଏଇ ଆମର ଫଇସଲା । ଜୁମ୍ମନ ଯଦି ଖର୍ଚ୍ଚ ଦେବାକୁ ନାରାଜ ହୁଅନ୍ତି, ତେବେ ଦତ୍ତପତ୍ର ରଦ୍ଦହେଲା ବୋଲି ବୁଝାଯିବ ।''

ପାଞ୍ଚ

ଏଇ ଫଇସଲା ଶୁଣି ଜୁମ୍ମନ କାଠ ପାଲଟିଗଲା । ଯିଏ ନିଜର ମିତ୍ର, ସେ ପୁଣି ଶତ୍ରୁ ଭଳି ବ୍ୟବହାର କରି ତଣ୍ଟିରେ ଛୁରୀ ଦିଏ ! ଏଇଟାକୁ ସମୟର ଭେଳିକି ଛଡ଼ା ଆଉ କଅଣ କୁହାଯିବ ? ଯାହା ଉପରେ ପୂରା ଭରସା ଥିଲା, ବେଳପଡ଼ିବାରୁ ସେ ଧୋକା ଦେଲା ? ଏଇ ବେଳରେ ହିଁ କିଏ ଶତ୍ରୁ, କିଏ ମିତ୍ର, ତାହା ପରୀକ୍ଷା ହୋଇଯାଏ । ଏ ହେଉଛି କଳିଯୁଗର ବନ୍ଧୁତା । ଲୋକଗୁଡ଼ାକ ଯଦି ଏଭଳି କପଟିଆ ଧୋକାବାଜ ହୋଇ ନଥାନ୍ତେ ତେବେ ଦେଶରେ ଏତେ ପ୍ରକାର ବିପଦ କାହିଁକି ପଡୁଥାଆନ୍ତା ? ହଇଜା, ପ୍ଲେଗ ଭଳି ରୋଗ ହେଉଛି ମଣିଷର ଦୁଷ୍କର୍ମର ଦଣ୍ଡ ।

Digitized by srujanika@gmail.com

ମାତ୍ର ରାମଧନ ମିଶ୍ର ଏବଂ ଅନ୍ୟ ପଞ୍ଚମାନେ ଅଲଗୁ ଚୌଧୁରୀର ଏହି ନୀତିପରାୟଣତାକୁ ମନଖୋଲି ପ୍ରଶଂସା କରୁଥିଲେ । ସେମାନେ କହୁଥିଲେ, 'ଯାକୁ ହିଁ କହନ୍ତି ପଞ୍ଚାୟତ । କଳାକୁ କଳା ଓ ଧଳାକୁ ଧଳା ବୋଲି କହିଦେଲେ । ବନ୍ଧୁତା ବନ୍ଧୁତା ଜାଗାରେ; କିନ୍ତୁ ଧର୍ମକୁ ପାଳନ କରିବା ହେଉଛି ବଡ଼କଥା, ଏଭଳି ସତ୍ୟବାଦୀମାନଙ୍କ ଶକ୍ତି ଉପରେ ପୃଥିବୀ ତିଷ୍ଠି ରହିଛି । ନହେଲେ ସେ କେଉଁଦିନୁ ରସାତଳକୁ ଚାଲିଯାଆନ୍ତାଣି ।'

ଏଇ ଫଇସଲା ଅଲଗୁ ଏବଂ ଜୁମ୍ମନର ବନ୍ଧୁତାର ମୂଳଦୁଆ ଦୋହଲାଇ ଦେଲା । ଏବେ ସେ ଦୁହିଁଙ୍କ ଭିତରେ କଥାବାର୍ତ୍ତା ନାହିଁ । ଏତେଦିନର ପୁରୁଣା ବନ୍ଧୁତାରୂପୀ ବୃକ୍ଷଟି ସତ୍ୟର ସାମାନ୍ୟ ପବନ ଆଘାତକୁ ମଧ୍ୟ ସହିପାରିଲା ନାହିଁ । ସତରେ ସେଇଟି କେବଳ ବାଲି ଉପରେ ଠିଆ ହୋଇଥିଲା ।

ଏଣିକି ଦୁଇଜଣଙ୍କ ମଧ୍ୟରେ ଶିଷ୍ଟାଚାରର ଅଧିକ ପ୍ରୟୋଗ ହେବାକୁ ଲାଗିଲା । ଜଣେ ଆଉ ଜଣକର ଅଧିକ ସତ୍କାର କରିବାକୁ ଲାଗିଲା । ସେମାନେ ଏକାଠି ମିଳାମିଶା କରୁଥିଲେ ସତ କିନ୍ତୁ; ଏଇଭଳି, ଯେମିତି ତରବାରୀ ସହିତ ଢାଲ ।

ବନ୍ଧୁର କୁଟିଳତା ଜୁମ୍ମନର ମନକୁ ଦିନରାତି ଆଠପ୍ରହର ଛଟପଟ କରୁଥିଲା । ତା ମନରେ ସବୁବେଳେ ଏଇ ଗୋଟିଏ ଚିନ୍ତା ଥିଲା, ସେ କେମିତି ଏହାର ଗୋଟାଏ ପ୍ରତିଶୋଧ ନେବାର ସୁଯୋଗ ପାଇବ ।

ଛଅ

ଭଲକାମରେ ସଫଳତା ବହୁ ବିଳମ୍ବରେ ମିଳେ; ହେଲେ ମନ୍ଦକାମରେ ସେକଥା ନଥାଏ । ଜୁମ୍ମନକୁ ପ୍ରତିଶୋଧ ନେବାର ଅବସର ଖୁବ୍ ଶୀଘ୍ର ମିଳିଗଲା । ଗତବର୍ଷ ଅଲଗୁ ବଟେଶ୍ୱରଠାରୁ ହଳେ ଭଲ ବଳଦ କିଣିଥିଲା । ବଳଦ ପଶ୍ଚିମା ଜାତିର, ଦେଖିବାକୁ ଖୁବ୍ ସୁନ୍ଦର, ବଡ଼ବଡ଼ ଶିଙ୍ଗ । ମାସେକାଳ ଆଖପାଖ ଗାଆଁର ଲୋକେ ତାଙ୍କୁ ଦେଖିବାକୁ ଆସିଲେ । ଯୋଗକୁ ଜୁମ୍ମନର ପଞ୍ଚାୟତ ବସିବାର ମାସକ ପରେ ଯୋଡ଼ିରୁ ଗୋଟିଏ ବଳଦ ମରିଗଲା । ଜୁମ୍ମନ ତାର ଜଣେ ସାଙ୍ଗକୁ କହିଲା, ''ଏ ହେଉଛି ଦଗାବାଜିର ଶାସ୍ତି । ମଣିଷ ସିନା ସହିଯିବ; ହେଲେ ଭଗବାନ ତ ଭଲମନ୍ଦ ସବୁ ଦେଖୁଛନ୍ତି ।''

ଅଲଗୁର ସନ୍ଦେହ ହେଲା ଯେ ଜୁମ୍ମନ ନିଶ୍ଚେ ବଳଦକୁ ବିଷ ଦେଇଦେଇଛି । ଚୌଧୁରାଣୀ ଜୁମ୍ମନ ଉପରେ ହିଁ ଏଇ ଦୁର୍ଘଟଣା ପାଇଁ ଦୋଷାରୋପ କଲେ । ସେ କହିଲେ, ''ଜୁମ୍ମନ କିଛି ଗୋଟାଏ କରିଦେଇଛି ।'' ଚୌଧୁରାଣୀ ଏବଂ ଜୁମ୍ମନର ସ୍ତ୍ରୀ

Digitized by srujanika@gmail.com

କରିମନ ମଧ୍ୟରେ ଦିନେ ଏ ବିଷୟରେ ଖୁବ୍ ବାଦବିବାଦ ହେଲା । ଦୁଇ ଠାକୁରାଣୀ ଶବ୍ଦମାଳାର ସୁଅ ବୁହାଇଦେଲେ । ବ୍ୟଙ୍ଗ, ବକ୍ରୋକ୍ତି, ଅନ୍ୟୋକ୍ତି ଏବଂ ଉପମା ଆଦି ଅଳଙ୍କାରରେ କଥା ଚାଲିଲା । ଜୁମ୍ମନ କୌଣସି ପ୍ରକାରେ ପରିସ୍ଥିତିକୁ ଶାନ୍ତ କରାଇଲା । ସେ ନିଜ ସ୍ତ୍ରୀକୁ ଆକଟିଲା ସ୍ୱରରେ ବୁଝାବୁଝି କରି ରଣଭୂମିରୁ ହଟାଇ ନେଲା । ତେଣେ ଅଲଗୁ ଚୌଧୁରୀ ମଧ ନିଜ ସ୍ତ୍ରୀକୁ ବୁଝାବୁଝି କରିଦେଲା ।

ଏବେ ପଟିକିଆ ବଳଦ ଦ୍ୱାରା କି କାମ ହେବ ? ଅଲଗୁ ତା କଛରେ ଗୋଟିଏ ବଳଦ ଖୁବ୍ ଖୋଜାଖୋଜି କଲା; ମାତ୍ର କେଉଁଠି ପାଇଲା ନାହିଁ । ଶେଷରେ ସେ ଏଇଆ ସ୍ଥିରକଲା ଯେ ତାକୁ ବିକିଦେବା ଭଲ । ସେଇ ଗାଆଁରେ ସମଝୁ ସାହୁ ନାମରେ ଜଣେ ଲୋକ ଥିଲା । ସେ ଗୋଟିଏ ଏକବଳଦିଆ ଗାଡ଼ି ଚଳଉଥିଲା । ଗାଆଁରୁ ଗୁଡ଼, ଘିଅ ଲଦିକରି ବଜାରକୁ ନିଏ, ବଜାରରୁ ତେଲ, ଲୁଣ ଇତ୍ୟାଦି ଲଦି ଗାଆଁକୁ ଆଣି ବିକ୍ରିକରେ । ଏଇ ବଳଦଟିକୁ ଦେଖି ତାର ମନ ଲୋଭେଇଲା । ସେ ଭାବିଲା ଏଇଟି ହାତକୁ ଆସିବ ତ ସେ ଦିନ ଭିତରେ ନିଧଡ଼କ ତିନି ଖେପା କରିପାରିବ । ଆଜିକାଲି ତ ଗୋଟିଏ ଖେପାରେ ବଳଦ ଝାଉଁଳି ଯାଉଛନ୍ତି ।

ସମଝୁ ବଳଦକୁ ଦେଖିଲା, ଗାଡ଼ିରେ ଦୌଡ଼ାଇଲା । କିଛି ଦୋଷ ଅଛି କି ନାହିଁ ପରୀକ୍ଷା କଲା, ମୂଲଚାଲ କଲା । ଶେଷରେ ତାକୁ ଆଣି ଦାଣ୍ଡରେ ବାନ୍ଧିଦେଲା । ମାସକ ଭିତରେ ବଳଦର ଦାମ୍ ଦେଇଦେବ ବୋଲି ଚୁକ୍ତିକଲା । ଚୌଧୁରୀଙ୍କର ତ ଗରଜ ଥିଲା । କ୍ଷତି ପାଇଁ ତାଙ୍କର ଚିନ୍ତା ନଥିଲା ।

ସମଝୁ ସାହୁ ଯେମିତି ନୂଆ ବଳଦ ପାଇଛି ତାକୁ କାମରେ ରଗଡ଼େଇଲା । ସେ ଦିନ ଭିତରେ ତିନିତିନି-ଚାରିଚାରି ଖେପା କରିବାକୁ ଲାଗିଲା । ନା ଦାନା କଥା ଭାବିଲା, ନା ପାଣି କଥା । ଖେପା ଉଠିଲେ ହେଲା । ବଜାରକୁ ନେଇ ସେଠାରେ ଶୁଖିଲା ନଡ଼ା ପୁଳାଏ ପକାଇଦେଲା । ବିଚରା ପଶୁଟି ଟିକିଏ ଦମ୍ ମାରିଛି କି ନାହିଁ ପୁଣି ଶଗଡ଼ରେ ଯୋଚାହେଲା । ଅଲଗୁ ଚୌଧୁରୀର ଘରେ ଥିବାବେଳେ ସେ ବେଶ୍ ଶାନ୍ତିରେ ନିଶ୍ୱାସ ମାରୁଥିଲା । କେବେ କେମିତି ଟାଟିଗାଡ଼ିରେ ଯୋଚା ଯାଉଥିଲା । ସେତେବେଳେ ସେ ଖୁସିରେ ଡିଆଁମାରି କୋଶେଲେଖାଁ ବାଟ ଦୌଡ଼ିଯାଉଥିଲା । ସେଠାରେ ବଳଦବାପୁଡ଼ାକୁ ଭଲ ଦାନା, ପରିଷ୍କାର ପାଣି, ହରଡ଼ ବଟା, ପିଡ଼ିଆ, ନଡ଼ା, ତୋରାଣି ଇତ୍ୟାଦି କେତେକଥା ଖାଇବାକୁ ମିଳୁଥିଲା । ସଞ୍ଜେ ସକାଳେ ଲୋକଟିଏ ଆସି ତା ଦେହରେ ପାନିଆ ମାରି କୁଣ୍ଡାଇ ଦେଉଥିଲା । ସଫାସୁତୁରା କରୁଥିଲା, ପୋଛୁଥିଲା, ଆଉଁସି ଦେଉଥିଲା । କାହିଁ ଅଲଗୁ ଘରର ସୁଖଶାନ୍ତି, କାହିଁ ଏଠାରେ ଆଠପହର ଖଟଣି ! ମାସକ ଭିତରେ ସେ ଶୁଖି କଣ୍ଟା ହୋଇଗଲା । ଯୁଆଳି ଦେଖିବା ମାତ୍ରେ ତାର ରକ୍ତ ଶୁଖିଗଲା । ଦେହର ହାଡ଼ ବାହାରି ପଡ଼ିଲା; ତଥାପି ସେ ଥିଲା ସ୍ୱାଭିମାନୀ, ମାଡ଼ ସହିପାରୁ ନଥିଲା ।

Digitized by srujanika@gmail.com

ଦିନେ ଚତୁର୍ଥ ଖେପରେ ସାହୁଜୀ ଦି'ଗୁଣ ବୋଝ ଲଦିଦେଲେ । ଦିନଯାକ ଖଟିଖଟି ହାଲିଆ । ଗୋଡ଼ ଉଠୁନାହିଁ । ତା ଉପରେ ସାହୁଜୀଙ୍କର ପାଞ୍ଚଣ ମାଡ଼ । କ'ଣ କରିବ ? ବଳଦ ବିଚରା କଷ୍ଟେମଷ୍ଟେ ଭିଡ଼ିଲା । କିଛି ବାଟ ଯାଇଛି, ଇଚ୍ଛା ହେଲା ଟିକିଏ ଦମ୍ ନେବ; ମାତ୍ର ସାହୁଜୀ ଜଲଦି ଘରେ ପହଞ୍ଚିବାକୁ ତରତର ହେଉଥିଲେ । ଫଳରେ ଅତି ନିଷ୍ଠୁର ଭାବରେ ସେ ତାକୁ କେଇ ପାହାର କଷି ଦେଲେ । ବଳଦ ପୁଣି ଥରେ କାନ୍ଧ ଭିଡ଼ିଲା; କିନ୍ତୁ ଆଉ ପାରିଲାନାହିଁ । ସେ ଭୂଇଁରେ ଆଣ୍ଠେଇ ପଡ଼ିଲା । ଏମିତି ପଡ଼ିଲା ଯେ ଆଉ ଉଠିଲାନାହିଁ । ସାହୁଜୀ ବହୁତ ପିଟିଲେ, ତା ଗୋଡ଼କୁ ଧରି ଟାଣିଲେ, ନାକରେ କାଠ ଖେଞ୍ଚିଲେ; ମାତ୍ର ମଢ଼ କେଉଁଠି ଉଠିଲାଣି ? ଏଥର ସାହୁଜୀଙ୍କ ମନରେ ଆଶଙ୍କା ହେଲା । ସେ ବଳଦକୁ ଭଲକରି ଦେଖିଲେ । ତା'ପରେ ଯୁଆଳିରୁ ଫିଟାଇ ଅଲଗା କରିଦେଲେ । ଚିନ୍ତା ହେଲା ଗାଡ଼ି କେମିତି ଘରେ ପହଞ୍ଚିବ । ସେ ବହୁତ କନ୍ଦାକଟା କଲେ; କିନ୍ତୁ ଗାଉଁଲି ରାସ୍ତା । କଅଁଳା ପିଲାର ଆଖି ଭଳି ସଞ୍ଜ ହେଲେ ମୁଦି ହୋଇଯାଏ । କେହି ତାଙ୍କ ନଜରରେ ପଡ଼ିଲେନାହିଁ । ଆଖପାଖରେ କୌଣସି ଗାଆଁଗଣ୍ଡା ମଧ୍ୟ ନଥିଲା । ଆହୁରି ରାଗରେ ସେ ମଲା ବଳଦ ଉପରେ ଚାବୁକ ମାରିଲେ ଏବଂ ଗାଳିଦେବାକୁ ଲାଗିଲେ । 'ହତଭାଗା, ତୋର ମରିବାର ଥିଲା ତ ଘରେ ପହଞ୍ଚି ମରିଥାଆନ୍ତୁ । ମଝି ରାସ୍ତାରେ ମରୁଛି ! ଏବେ ଗାଡ଼ି କିଏ ଟାଣିବ ?'

ସାହୁଜୀ ରାଗରେ ଏମିତି ଗୁଡ଼ାଏ ବାଡ଼େଇ କଚାଡ଼ି ହେଲେ । ସେ କେଇବସ୍ତା ଗୁଡ଼ ଓ କେଇଟିଣ ଘିଅ ବିକିଥିଲେ । ଦୁଇଶ' ଅଢ଼େଇଶ' ଟଙ୍କା ତାଙ୍କ ଅଣ୍ଟାରେ ବନ୍ଧା ହୋଇଥିଲା । ତା' ଛଡ଼ା ଗାଡ଼ିରେ କେଇବସ୍ତା ଲୁଣ ଥିଲା । ତେଣୁ ସେ ସବୁକୁ ଛାଡ଼ି କୁଆଡ଼େ ଯାଇପାରୁ ନଥିଲେ । ଅନ୍ୟ ଉପାୟ ନଦେଖି ସେଇ ଗାଡ଼ି ଉପରେ ସେ ଶୋଇଗଲେ । ସାରାରାତି ସେଇଠି ଚେଇଁ ରହିବାକୁ ସ୍ଥିରକଲେ, ଚିଲମ ଟାଣିଲେ, ଗୀତ ଗାଇଲେ, ପୁଣି ହୁକା ଟାଣିଲେ । ଏମିତି ଏମିତି ସାହୁଜୀ ଅଧରାତି ପର୍ଯ୍ୟନ୍ତ ସମ୍ଭାଳିନେଲେ । ତାଙ୍କ ଜାଣିବାରେ ତ ସେ ଚେଇଁଥିଲେ; କିନ୍ତୁ ସିନ୍ଦୂରା ଫାଟିବା ବେଳକୁ ଯେମିତି ତାଙ୍କ ନିଦ ଭାଙ୍ଗିଲା, ସେ ଅଣ୍ଟା ଅଣ୍ଡାଳି ଦେଖିଲେ ଟଙ୍କାଥଳି ଉଭାନ । ଘାବୁରିକରି ଏଣେତେଣେ ଦେଖିଲେ । କେଇଟିଣ ତେଲ ବି ଉଭାନ । ବିଚରା ଦୁଃଖରେ ମୁଣ୍ଡ ବାଡ଼େଇବାକୁ ଲାଗିଲେ ଏବଂ ବେହୋସ ହୋଇଗଲେ । ସକାଳୁ ସକାଳୁ କାନ୍ଦିକାଟି ଯାଇ ଘରେ ପହଞ୍ଚିଲେ । ସାହୁଆଣୀ ଯେତେବେଳେ ଏଭଳି ଅଶୁଭ ଖବର ଶୁଣିଲେ ପ୍ରଥମେ ସେ କାନ୍ଦିଲେ । ତା ପରେ ଅଲଗୁ ଚୌଧୁରୀକୁ ଗାଳିମନ୍ଦ ଦେବାକୁ ଲାଗିଲେ । ହତଭାଗା ଏମିତି ଅଲକ୍ଷଣା ବଳଦଟାଏ ଦେଲା ଯେ ମୋର ସର୍ବସ୍ୱ ଲୁଟ ହୋଇଗଲା ।

Digitized by srujanika@gmail.com

ଏଇ ଘଟଣା ଘଟିବାର କେତେମାସ ଚାଲିଗଲା । ଅଲଗୁ ଯେତେବେଳେ ନିଜ ବଳଦର ଦାମ ମାଗିବାକୁ ଗଲା ସାହୁ ଓ ସାହୁଆଣୀ ତା ଉପରକୁ କାମୁଡ଼ା କୁକୁର ଭଳି ମାଡ଼ିଆସିଲେ ଏବଂ ଧଣ୍ଡଚଣ୍ଡ ଭାଷାରେ ତାକୁ ଗାଳିଦେବାକୁ ଲାଗିଲେ । "ବାଃ, ଆମର ଏଣେ ସର୍ବସ୍ୱ ଚାଲିଗଲା, ତେଣେ ଦାମ୍ କଥା ପଡ଼ିଛି । ଗୋଟାଏ ମଲା ବଳଦ ଦେଇଥିଲା । ଏବେ ଦାମ୍ ମାଗିବାକୁ ଚାଲିଆସିଲା । ଆମ ଆଖିରେ ଧୂଳି ଛାଟି ଗୋଟାଏ ସତ୍ୟାନାଶିଆ ବଳଦ ଦେଇଦେଲା । ମୋତେ କ'ଣ ଏଡ଼େ ନିର୍ବୁଦ୍ଧିଆ ମୂର୍ଖ ବୋଲି ଭାବିଲା; ମୁଁ ବି ବେପାରୀ ପିଲା । ଏମିତିଆ ବୁଦ୍ଧୁ ଆଉ କେଉଁଠି ଥିବେ । ଆଗେ ଯାଇ କୌଣସି ଗାଡ଼ିଆରେ ମୁହଁ ଧୋଇ ଆ', ତା ପରେ ନାମ ନେବୁ । ଏଥିରେ ଯଦି ରାଜି ନୁହଁ, ତେବେ ମୋ ବଳଦ ଫିଟାଇକରି ନେଇ ଯା, ମାସକ ବଦଳରେ ଦି' ମାସ କାମ କର । ଟଙ୍କା କଅଣ ନେବୁ ?"

ଅଲଗୁର କିଛି କମ୍ ଅଶୁଭ ଚିନ୍ତକ ନଥିଲେ । ଏମିତି ବେଳରେ ସେମାନେ ସମସ୍ତେ ଏକାଠି ହୋଇଗଲେ ଏବଂ ସାହୁଜୀଙ୍କୁ ବେଶ୍ ଉସୁକାଇଦେଲେ । ଏଭଳି ଫୋପଡ଼ା ଫିଙ୍ଗା କଥା ଶୁଣି ବିଚରା ଅଲଗୁ ନିଜ ମହତ ନିଜେ ଜଗି ଫେରିଆସେ; ହେଲେ ଦେଢ଼ଶହ ଟଙ୍କା ଏମିତି ପାଣିକି ଫୋପାଡ଼ିଦେବା ସହଜ କଥା ନଥିଲା । ଥରେ ସେ ବି ଗରମ ହୋଇଗଲା । ସମଝୁ ରାଗିଯାଇ ଠେଙ୍ଗା ଆଣିବାକୁ ଘର ଭିତରକୁ ଚାଲିଗଲା । ଏବେ ସାହୁଆଣୀ ମଇଦାନକୁ ଓହ୍ଲେଇ ଆସିଲେ । କଥା କଟାକଟି ହେଉହେଉ କ୍ରମେ ହାତାହାତି ହେବାଭଳି ପରିସ୍ଥିତି ସୃଷ୍ଟି ହୋଇଗଲା । ସାହୁଆଣୀ ଘର ଭିତରକୁ ପଶିଯାଇ କବାଟ ବନ୍ଦ କରିଦେଲେ । ପାଟିଗୋଳ ଶୁଣି ଗାଆଁର କେତେକ ଭଦ୍ରଲୋକ ଆସି ଜମା ହୋଇଗଲେ । ସେମାନେ ଉଭୟ ପକ୍ଷକୁ ବୁଝାବୁଝି କଲେ । ସେମାନେ ସମସ୍ତେ ପରାମର୍ଶ ଦେଲେ ଯେ ଏମିତି ମାଡ଼ଗୋଳରେ କିଛିକାମ ହେବନାହିଁ । ପଞ୍ଚାୟତ ଡାକି ନିଶାପ କର । ଯାହା ସେଠାରେ ନିଷ୍ପତ୍ତି ହେବ ତାକୁ ମାନିନିଅ ।

ସମଝୁ ରାଜି ହୋଇଗଲା । ଅଲଗୁ ମଧ୍ୟ ହଁ ଭରିଲା ।

ସାତ

ପଞ୍ଚାୟତ ଆୟୋଜନ ଚାଲିଲା । ଉଭୟ ପକ୍ଷ ନିଜନିଜର ଦଳ ଗଢ଼ିବା ଆରମ୍ଭ କରିଦେଲେ । ଘଟଣାର ତୃତୀୟଦିନ ସେଇ ଗଛତଳେ ପଞ୍ଚାୟତ ବସିଲା । ସେମିତି ସନ୍ଧ୍ୟା ସମୟ ଥିଲା । ବିଲରେ କାଉମାନେ ପଞ୍ଚାୟତ ବସାଇଥିଲେ । ସେମାନଙ୍କ ବିବାଦର ବିଷୟ ଥିଲା ଯେ ମଟରଦାନା ଉପରେ ତାଙ୍କର ଅଧିକାର ଅଛି କି ନାହିଁ । ଯେ ପର୍ଯ୍ୟନ୍ତ ଏଇ ପ୍ରଶ୍ନର ସମାଧାନ ନ ହୋଇଛି ସେ ପର୍ଯ୍ୟନ୍ତ ଜଗୁଆଳର

Digitized by srujanika@gmail.com

ଚିତ୍କାରରେ ସେମାନେ ଅସନ୍ତୋଷ ପ୍ରକାଶ କରିବା ଆବଶ୍ୟକ । ଗଛଡାଳରେ ବସିଥିବା ଶୁଆଦଳଙ୍କ ଆଗରେ ମଧ ଏଇ ପ୍ରଶ୍ନ ଠିଆହୋଇଥିଲା ଯେ ମନୁଷ୍ୟ ସେମାନଙ୍କୁ ନିର୍ଲ୍ଲଜ ବୋଲି କହିବାର କି ଅଧିକାର ଅଛି ଯେ ପର୍ଯ୍ୟନ୍ତ ସେ ନିଜେ ତାର ବନ୍ଧୁଙ୍କୁ ଠକିବାରେ ଲଜ୍ଜା ଅନୁଭବ ନକରିଛି ।

ପଞ୍ଚାୟତ ଯେମିତି ଆରମ୍ଭହେଲା, ରାମଧନ ମିଶ୍ର କହିଲେ, "ଏବେ ଡେରି କାହିଁକି ? ପଞ୍ଚ ବାଛିବା କାମ ଆଗେ ହୋଇଯିବା ଉଚିତ । କୁହ ଚୌଧୁରୀ, ତୁମେ କାହାକୁ କାହାକୁ ପଞ୍ଚାୟତ ମାନୁଛ ?"

ଅଲଗୁ ବିନୀତ ଭାବରେ କହିଲା, "ସମଝୁ ସାହୁ ଆଗେ ବାଛନ୍ତୁ ।"

ସମଝୁ ଠିଆ ହୋଇ ରାଗଗରଗର ହୋଇ କହିଲା, "ମୋ ତରଫରୁ ଜୁମ୍ମନ ଶେଖ୍ ।"

ଜୁମ୍ମନର ନାଆଁ ଶୁଣି ଅଲଗୁର ଛାତି ଦୁକୁଦୁକୁ ହେବାକୁ ଲାଗିଲା । ମନେହେଲା ତାକୁ ଯେମିତି ହଠାତ୍ କିଏ ଗୋଟାଏ ଚାପୁଡ଼ା ମାରିଦେଲା । ରାମଧନ ଥିଲେ ଅଲଗୁର ବନ୍ଧୁ, ସେ କଥାଟାକୁ ବୁଝିଗଲେ । ପଚାରିଲେ, "କ'ଣ ଚୌଧୁରୀ, ଏଥିରେ ତୁମର କିଛି ଆପତ୍ତି ନାହିଁ ତ ?"

ଅଲଗୁ ନିରାଶ ହୋଇ କହିଲା, "ନାହିଁ, ମୋର କିଛି ଆପତ୍ତି ନାହିଁ ।"

ନିଜର ଉତ୍ତରଦାୟିତ୍ୱ ଜ୍ଞାନ ବହୁ ସମୟରେ ଜଣକର ସଂକୀର୍ଣ୍ଣ ଚିନ୍ତାଧାରାକୁ ଦୂରକରି ଦେଇଥାଏ । ଏହି ଜ୍ଞାନଟି ଆମର ଏକ ବିଶ୍ୱସ୍ତ ପଥପ୍ରଦର୍ଶକ ପାଲଟି ଯାଇଥାଏ । ଯୁବକଟିଏ ଯୌବନାବସ୍ଥାରେ କେଡ଼େ ଉଦ୍ଦଣ୍ଡ ହୋଇଥାଏ । ପିତାମାତା ତା ପାଇଁ କେତେ ଚିନ୍ତିତ ନଥାନ୍ତି ! ସେମାନେ ତାକୁ କୁଳକଳଙ୍କ ବୋଲି ବୁଝିଥାଆନ୍ତି; ହେଲେ କିଛିଦିନ ପରେ ପରିବାରର ବୋଝ ଆସି ମୁଣ୍ଡ ଉପରେ ପଡ଼ିଲେ ସେଇ ଅବ୍ୟବସ୍ଥିତଚିତ୍ତ ଉନ୍ମତ୍ତ ଯୁବକଟି କେତେ ଧୈର୍ଯ୍ୟଶୀଳ ଓ କେଡ଼େ ଶାନ୍ତଚିତ୍ତ ହୋଇଯାଏ । ଏହା ମଧ ହେଉଛି ସେହି ଉତ୍ତରଦାୟିତ୍ୱ ଜ୍ଞାନର ଫଳ ।

ଜୁମ୍ମନ ଶେଖ୍‌ର ମନରେ ମଧ ପଞ୍ଚାୟତର ମୁଖ୍ୟ ଭଳି ଏକ ଉଚ୍ଚ ଆସନ ଗ୍ରହଣ କରିବା ପରେ ଦାୟିତ୍ୱଜ୍ଞାନ ଆସିଗଲା । ସେ ଭାବିଲା, 'ମୁଁ ଏବେ ନ୍ୟାୟ ଏବଂ ଧର୍ମର ସର୍ବୋଚ୍ଚ ଆସନରେ ବସିଛି । ମୋ ମୁହଁରୁ ଏଇ ଅବସରରେ ଯାହା ବାହାରିବ, ତାହା ଦେବବାଣୀ ଭଳି ଅଟେ ଏବଂ ସେଇ ଦେବବାଣୀରେ ମୋ ମନର ଦୁର୍ବଳତା କଦାପି ସ୍ଥାନ ପାଇବା ଉଚିତ ନୁହେଁ । ସତ୍ୟରୁ ମୁଁ ପାଦେ ହେଲେ ଟଳିବା ଉଚିତ ନୁହେଁ ।'

ପଞ୍ଚାୟତ ଉଭୟ ପକ୍ଷଙ୍କୁ ଜବାବ-ସୁଆଲ କରିବାକୁ ଆରମ୍ଭକଲେ । ବହୁ ସମୟ ପର୍ଯ୍ୟନ୍ତ ଦୁଇଦଳ ନିଜନିଜର ପକ୍ଷ ସମର୍ଥନ କରିବାରେ ଲାଗିଲେ । ଏକଥାରେ ଅବଶ୍ୟ ସମସ୍ତେ ସହମତ ଥିଲେ ଯେ ସମଝୁ ସାହୁ ବଳଦର ଦାମ

Digitized by srujanika@gmail.com

ଦେଇଦେବା ଉଚିତ; କିନ୍ତୁ ଦି'ଜଣ ଭଦ୍ରଲୋକ ଏଇ କାରଣରୁ କିଛି ରିହାତି ଚାହୁଁଥିଲେ ଯେ ବଳଦ ମରିଯାଇଥିବାରୁ ସମଝୁର ବହୁତ କ୍ଷତି ହୋଇଛି । ଏହାକୁ ବିରୋଧ କରି ଅନ୍ୟ ଦୁଇଜଣ ସଭ୍ୟ କହିଲେ ଯେ ବରଂ ମୂଲ୍ୟ ଅତିରିକ୍ତ ସମଝୁକୁ କିଛି ଶାସ୍ତି ଦିଆଯିବା ଉଚିତ ଯାହାଦ୍ୱାରା ଭବିଷ୍ୟତରେ ଆଉ କେହି ପଶୁଙ୍କ ପ୍ରତି ଏଭଳି ନିଷ୍ଠୁର ବ୍ୟବହାର କରିବାକୁ ସାହସ କରିବେନାହିଁ । ଶେଷରେ ଜୁମ୍ମନ ରାୟ ଶୁଣାଇଲା, "ଅଲଗୁ ଚୌଧୁରୀ ଏବଂ ସମଝୁ ସାହୁ ! ପଞ୍ଚାୟତ ତୁମ ମାମଲା ଉପରେ ଭଲଭାବେ ବିଚାରକଲେ । ସମଝୁର ଉଚିତ ହେଉଛି ଯେ ସେ ବଳଦର ପୂରା ଦାମ ଦେଇଦେବ । ସେ ଯେତେବେଳେ ବଳଦ ନେଇଥିଲା ସେତେବେଳେ ବଳଦର କୌଣସି ବେମାରି ନଥିଲା । ଯଦି ସେଇ ସମୟରେ ସେ ବଳଦର ଦାମ ଦେଇ ଦେଇଥାନ୍ତା ତେବେ ଆଜି ସମଝୁ ତାକୁ ଫେରସ୍ତ ନେବାକୁ କେବେ କହି ନ ଥାନ୍ତା । ବଳଦର ମୃତ୍ୟୁ କେବଳ ଏଇ କାରଣରୁ ହୋଇଛି ଯେ ତାକୁ କଠିନ ପରିଶ୍ରମ କରାଯାଇଛି ଏବଂ ତାର ଖିଆପିଆର କୌଣସି ଉତ୍ତମ ବ୍ୟବସ୍ଥା କରାଯାଇ ନାହିଁ ।"

ରାମଧନ ମିଶ୍ର କହିଲେ, "ସମଝୁ ବଳଦକୁ ଜାଣିଜାଣି ମାରିଦେଇଛି । ସେଥିପାଇଁ ସେ ଶାସ୍ତି ଗ୍ରହଣ କରିବା ଉଚିତ ।"

ଜୁମ୍ମନ କହିଲା, "ସେ ତ ଅଲଗା ପ୍ରଶ୍ନ । ତା ସହିତ ଆମର କୌଣସି ସଂପର୍କ ନାହିଁ ।"

ଝଗଡୁ ସାହୁ କହିଲେ, "ସମଝୁକୁ କିଛି ରିହାତି ଦିଆଯିବା ଉଚିତ ।"

ଜୁମ୍ମନ କହିଲା, "ସେକଥା ଅଲଗୁ ଚୌଧୁରୀଙ୍କ ଇଚ୍ଛା ଉପରେ ନିର୍ଭର କରେ । ସେ ଯଦି ରିହାତି ଦିଅନ୍ତି, ତେବେ ସେଇଟା ତାଙ୍କର ଭଲପଣିଆ ହେବ ।"

ଅଲଗୁ ଚୌଧୁରୀର ଆନନ୍ଦର ସୀମା ରହିଲା ନାହିଁ । ସେ ଉଠି ଠିଆହୋଇ ବଡ଼ ପାଟିରେ କହିଲା, "ପଞ୍ଚ ପରମେଶ୍ୱରଙ୍କର ଜୟ ।"

ଚତୁର୍ଦ୍ଦିଗରେ ପ୍ରତିଧ୍ୱନି ହେଲା, "ପଞ୍ଚ ପରମେଶ୍ୱରଙ୍କର ଜୟ ।"

ପ୍ରତ୍ୟେକ ଲୋକ ଜୁମ୍ମନର ନ୍ୟାୟବିଚାରକୁ ପ୍ରଶଂସା କରୁଥିଲେ ଏବଂ କହୁଥିଲେ, "ଏହାକୁ କହନ୍ତି ନ୍ୟାୟ । ଏହା ମଣିଷର କାମ ନୁହେଁ, ପଞ୍ଚଙ୍କଠାରେ ପରମେଶ୍ୱର ବିଦ୍ୟମାନ ଥାଆନ୍ତି । ଏ ହେଉଛି ତାଙ୍କରି ମହିମା । ପଞ୍ଚଙ୍କ ସମ୍ମୁଖରେ ନକଲିକୁ କିଏ ଅସଲି ବୋଲି କହିପାରିବ ?"

କିଛି ସମୟ ପରେ ଜୁମ୍ମନ ଅଲଗୁ ପାଖକୁ ଆସି ତାକୁ କୁଣ୍ଢାଇ ପକାଇ କହିଲା, "ଭାଇ, ତୁମେ ଯେଉଁଦିନ ମୋର ନିଶାପ କରିଥିଲ, ସେଇଦିନଠାରୁ ମୁଁ ତୁମର ପ୍ରାଣଘାତକ ଶତ୍ରୁ ହୋଇଯାଇଥିଲି; ହେଲେ ମୁଁ ଆଜି ଜାଣିଲି ଯେ

Digitized by srujanika@gmail.com

ପଞ୍ଚାୟତରେ ବସିବାବେଳେ କେହି କାହାର ଶତ୍ରୁ ନୁହେଁ କି ମିତ୍ର ନୁହେଁ। ତାଙ୍କୁ କେବଳ ନ୍ୟାୟ ବ୍ୟତୀତ ଆଉ କିଛି ଦେଖାଯାଏ ନାହିଁ। ଆଜି ମୋର ବିଶ୍ୱାସ ହୋଇଯାଇଛି ଯେ ପ୍ରକୃତରେ ପଞ୍ଚଙ୍କ ତୁଣ୍ଡରେ ହିଁ ଭଗବାନ ଥାଆନ୍ତି।''

ଅଲଗୁ କାନ୍ଦିବାକୁ ଲାଗିଲା। ସେଇ ଲୁହରେ ଦୁଇଜଣଙ୍କ ହୃଦୟର ସବୁ କାଳିମା ଧୋଇ ହୋଇଗଲା। ଝାଉଁଳି ଯାଇଥିବା ବନ୍ଧୁତାର ଲତାଟି ପୁଣି କଅଁଳି ଉଠିଲା।

Digitized by srujanika@gmail.com

ଅବୋଧ ବନ୍ଧୁ

ଏକ

କେଶବଙ୍କ ଘର ଛାତର କାର୍ଣ୍ଣିସରେ ଚଢ଼େଇଟିଏ ଅଣ୍ଡା ଦେଇଥିଲା । କେଶବ ଓ ତା ଭଉଣୀ ଶ୍ୟାମା ଅତି ଆଗ୍ରହର ସହିତ ଚଢ଼େଇର ଯିବାଆସିବା ଲକ୍ଷ୍ୟ କରୁଥିଲେ । ସକାଳୁ ଉଠି ଦୁହେଁ ଆଖି ମଳିମଳି ତା ଆଗରେ ପହଞ୍ଚିଯାଆନ୍ତି ଓ ଦେଖନ୍ତି, ପୁରୁଷ ଚଢ଼େଇ ଓ ମାଆ-ଚଢ଼େଇ ଦୁହେଁ ସେଠାରେ ବସିଛନ୍ତି । ସେମାନଙ୍କୁ ଦେଖି ପିଲା ଦୁଇଟିଙ୍କର ଏତେ ଆନନ୍ଦ ହୁଏ ଯେ ଦୁଧ ଓ ଜିଲିପିରେ ମଧ୍ୟ ସେତେ ଆନନ୍ଦ ନ ଥିବ । ଦି'ଜଣଙ୍କ ମନରେ କେତେ ପ୍ରକାର ପ୍ରଶ୍ନ ଉଠେ । ଅଣ୍ଡାଗୁଡ଼ିକ କେତେବଡ଼ ହେବ ଓ କି ରଙ୍ଗର ହେବ ? କେତୋଟି ହେବ ? ସେମାନେ କଅଣ ଖାଇବେ ? ସେଥିରୁ ଛୁଆ କେମିତି ବାହାରିବେ ? ଛୁଆଙ୍କ ପର କେମିତି ହେବ ? ବସା କେମିତି ହେବ ଇତ୍ୟାଦି । ହେଲେ ଏଇସବୁ ପ୍ରଶ୍ନର ଜବାବ ଦେବାକୁ କେହି ନଥିଲେ । ମାଆଙ୍କୁ ଘରଧନ୍ଦାରୁ ଫୁରୁସତ ମିଳୁଥାଏ ନା ବାପାଙ୍କୁ ତାଙ୍କ ପଢ଼ାଲେଖାରୁ । ପିଲା ଦୁଇଟି ନିଜନିଜ ମଧ୍ୟରେ ହିଁ ପ୍ରଶ୍ନ ଓ ତାର ଉତ୍ତର କରି ମନକୁ ମନ ସାନ୍ତ୍ୱନା ଦେଉଥାଆନ୍ତି ।

ଶ୍ୟାମା କହେ, ''ଭାଇ, ଛୁଆମାନେ ଅଣ୍ଡାରୁ ବାହାରି ଫୁର୍‌ରକରି ଉଡ଼ିଯିବେନି ?'' ।

କେଶବ ପଣ୍ଡିତଙ୍କ ଭଳି ଗର୍ବରେ କହେ, ''ନାଇଁରେ ପାଗଳୀ, ଆଗେ ପର କଅଁଳିବ । ବିନା ପରରେ ସେମାନେ ଉଡ଼ିବେ କେମିତି ?''

ଶ୍ୟାମା, ''ତା' ମାଆ ବିଚାରୀ ପିଲାଙ୍କୁ କ'ଣ ଆଣି ଖୁଆଇବ ?''

କେଶବ ଏଇ ଅଡୁଆ ପ୍ରଶ୍ନର ଉତ୍ତର କିଛି ଦେଇପାରେ ନାହିଁ ।

ଏମିତି ତିନିଚାରି ଦିନ ଗଲା । ପିଲା ଦୁଇଟିଙ୍କର କୌତୂହଳ ଦିନକୁଦିନ ବଢ଼ି ବଢ଼ି ଯାଉଥାଏ । ଅଣ୍ଡା ଦେଖିବାକୁ ସେମାନେ ଅଧୟ ହୋଇ ଉଠୁଥାଆନ୍ତି । ସେମାନେ ଅନୁମାନକଲେ ଯେ ଏବେ ନିଶ୍ଚେ ଛୁଆ ବାହାରିଥିବେ । ଛୁଆମାନେ କଅଣ ଖାଇବେ ଏଇ ଚିନ୍ତା ସେମାନଙ୍କୁ ଘାରିଲା । ଚଢ଼େଇ ବିଚରା ଏତେ ଦାନା କେଉଁଠୁ ପାଇବ ଯେ

Digitized by srujanika@gmail.com

Digitized by srujanika@gmail.com

ସେଥିରେ ସବୁଛୁଆଙ୍କର ପେଟ ପୂରିବ ? ବିଚରା ଛୁଆଗୁଡ଼ିକ ଭୋକରେ ଚେଁ-ଚାଁ କରି ମରିଯିବେ ।

ଏଇ ଅସୁବିଧା କଥା ମନେମନେ ଭାବି ଦୁହେଁ ବ୍ୟସ୍ତହୋଇ ପଡ଼ିଲେ । ଦିହେଁ ଠିକ୍‌କଲେ ଯେ କିଛି ଦାନା ନେଇ ଛାତ ଧାରରେ ରଖିଦିଆଯିବ । ଶ୍ୟାମା ଖୁସି ହୋଇ କହିଲା, ''ତା ହେଲେ ଚଢ଼େଇକୁ ଆଉ ଆହାର ଖୋଜିବା ପାଇଁ କୁଆଡ଼େ ଉଡ଼ିକରି ଯିବାକୁ ପଡ଼ିବନାହିଁ, ନା ?''

କେଶବ, ''ନା, ସେ ଆଉ କାହିଁକି ଯିବ ?''

ଶ୍ୟାମା, ''ଭାଇ, ଛୁଆଁଙ୍କୁ ଖରା କାଟିବ ନାଇଁ ?''

ଏ ଅସୁବିଧାଟି ପ୍ରତି କେଶବର ଏଯାଏ ଧ୍ୟାନ ନଥିଲା । ସେ କହିଲା, ''ହଁ, ହଁ, ତାକୁ ନିଶ୍ଚେ କଷ୍ଟହେବ । ବିଚରା ଶୋଷରେ ଛଟପଟ ହେବେ, ଉପରେ ଛାଇ କିଛି ନାହିଁ ନା ।''

ଶେଷରେ ଯା ମଧ ସ୍ଥିରହେଲା ଯେ ବସା ଉପରେ କନାର ଏକ ଛତା ତିଆରି କରାଯିବ । ଗିନାରେ କିଛି ପାଣି ଆଉ ଚାଉଳ ମଧ ରଖିଦେବାର ପ୍ରସ୍ତାବ ମଞ୍ଜୁର ହୋଇଗଲା ।

ପିଲାଦୁଇଟି ଖୁବ୍ ଆଗ୍ରହ ଓ ଉତ୍ସାହରେ କାମରେ ଲାଗିପଡ଼ିଲେ । ଶ୍ୟାମା ମାଆଙ୍କୁ ଲୁଚାଇ ମାଠିଆରୁ ଚାଉଳ ଆଣିଲା । କେଶବ ପଥୁରିରେ ଥିବା ତେଲକୁ ଚୁପଚାପ ତଳେ ଢାଳିଦେଇ ତାକୁ ସଫାସୁତୁରା କରି ସେଥିରେ ପାଣି ପୂରାଇଲା । ଏବେ ଚାନ୍ଦୁଆ ପାଇଁ କପଡ଼ା କାହୁଁ ଆସିବ ? ପୁଣି ବିନା ଛଡ଼ରେ କପଡ଼ା ରହିବ କେମିତି ଏବଂ ଛଡ଼ ପୁଣି ଠିଆହେବ କେମିତି ?

କେଶବ ଅନେକ ସମୟ ଯାଏ ଏଇ ଗୋଲକଧନ୍ଦାରେ ଘାଣ୍ଟିହେଲା । ଶେଷରେ ଏଇ ସମସ୍ୟାର ସେ ସମାଧାନ କରିଦେଲା । ଶ୍ୟାମାକୁ କହିଲା, ''ତୁ ଯାଇ ଅଳିଆକଡ଼ା ଟୋକେଇଟା ନେଇ ଆ' । ମାଆଙ୍କୁ ବିଲକୁଲ ଦେଖାଇବୁ ନାହିଁ ।''

ଶ୍ୟାମା, ''ସେ ତ ମଝିରୁ କଣା ହୋଇଯାଇଛି । ତା ଭିତରେ କ'ଣ ଖରା ଆସିବ ନାହିଁ ?''

କେଶବ ବିରକ୍ତହୋଇ କହିଲା, ''ତୁ ଆଗେ ଯାଇ ଟୋକେଇ ଆଣ୍ । ମୁଁ ତାର କଣା ବନ୍ଦକରିବାର କିଛି ବାଟ ବାହାର କରିବି ।''

ଶ୍ୟାମା ଦୌଡ଼ିଯାଇ ଟୋକେଇ ନେଇଆସିଲା । କେଶବ ତା କଣାରେ ପୁଳାଏ କାଗଜ ଗେଞ୍ଜିଦେଲା ଏବଂ ଟୋକେଇକୁ ଖଣ୍ଡେ ସରୁକାଠରେ ଟେକିଧରି କହିଲା, ''ଦେଖ୍, ବସା ଉପରେ ଯାକୁ ଏମିତି ଉହାଡ଼ କରିଦେବି । ତା ହେଲେ ଖରା କେମିତି ଆସିବ ?''

ଶ୍ୟାମା ମନେମନେ ଭାବିଲା, ଭାଇର କେତେ ବୁଦ୍ଧି !

Digitized by srujanika@gmail.com

ଦୁଇ

ଖରାଦିନ ଥିଲା । ବାପା ଅଫିସକୁ ଯାଇଥାଆନ୍ତି । ମାଆ ଦୁଇପିଲାଙ୍କୁ ଘରେ ଶୁଆଇ ନିଜେ ଶୋଇଯାଇଥାଆନ୍ତି; ମାତ୍ର ପିଲାଙ୍କ ଆଖିକି ଆଜି ନିଦ କୋଉଠୁ ଆସୁଛି ? ମାଆଙ୍କୁ ଭୁଲେଇବା ପାଇଁ ଦିହେଁ ମିଛରେ ଆଖି ବନ୍ଦକରି ଓ ଧୀରେଧୀରେ ନିଶ୍ୱାସ ନେଇ ସୁଯୋଗକୁ ଅପେକ୍ଷା କରିଥିଲେ । ଯେମିତି ଦେଖିଲେ ମାଆ ଭଲରେ ଶୋଇଗଲେଣି ଦିହେଁ ଚୁପ୍‌ଚାପ୍ ଉଠିପଡ଼ିଲେ ଏବଂ ଖୁବ୍ ଧୀରେ କବାଟର ଛିଟିକିଣି ଖୋଲି ବାହାରକୁ ବାହାରି ଆସିଲେ । ଅଣ୍ଡାର ଯତ୍ନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲା । କେଶବ ଘର ଭିତରୁ ଗୋଟିଏ ଷ୍ଟୁଲ ଉଠାଇ ଆଣିଲା । ସେଥିରେ କାମ ନହେବାରୁ ଗାଧୁଆଚୌକି ଆଣି ଷ୍ଟୁଲ ତଳେ ରଖିଦେଲା ଏବଂ ଡରିଡରି ତା ଉପରେ ଚଢ଼ିଲା । ଶ୍ୟାମା ଦୁଇ ହାତରେ ଷ୍ଟୁଲକୁ ଜାବୁଡ଼ି ଧରିଲା । ଷ୍ଟୁଲର ଚାରିଟାଯାକ ଗୋଡ଼ ସମାନ ନଥିବାରୁ ଯେଉଁପଟକୁ ଟିକିଏ ଓଜନ ବେଶି ହେଉଥାଏ, ସେ ପଟକୁ ହଲିଯାଉଥାଏ । ତାକୁ ସେତେବେଳେ କେତେ ଅସୁବିଧା ହେଉଥିଲା, ସେ କଥା ତା ମନ ଜାଣୁଥିଲା । ଦୁଇ ହାତରେ କାର୍ଣ୍ଣିସକୁ ସେ ମାଡ଼ିବସୁଥିଲା ଏବଂ ଚାପା ସ୍ୱରରେ ଶ୍ୟାମାକୁ ଧମକେଇ କହୁଥିଲା "ଭଲକରି ଧର୍, ନାହିଁତ ତଳକୁ ଓହ୍ଲେଇ ତୋତେ ଖୁବ୍ ପିଟିବି ।" ହେଲେ ବିଚାରୀ ଶ୍ୟାମାର ଦୃଷ୍ଟି ତ ଯାଇ କାର୍ଣ୍ଣିସ ଉପରେ । ବାରମ୍ବାର ତାର ଆଖି ସେଇ ଆଡ଼କୁ ଚାଲିଯାଉଥାଏ ଏବଂ ହାତ କୋହଳ ହୋଇଯାଉଥାଏ ।

କେଶବ ଯେମିତି କାର୍ଣ୍ଣିସ ଉପରେ ହାତ ରଖିଛି, ଚଢ଼େଇ ଦୁଇଟି ଉଡ଼ିଗଲେ । କେଶବ ଦେଖିଲା କାର୍ଣ୍ଣିସ ଉପରେ କିଛି ଘାସପତର ବିଛାହୋଇଛି ଏବଂ ତାଆରି ଉପରେ ତିନୋଟି ଅଣ୍ଡା ଥୁଆହୋଇଛି । ଗଛରେ ସେ ଯେଉଁ ପ୍ରକାର ବସା ଦେଖିଥିଲା, ଏ ବସା ସେ ପ୍ରକାର ନଥିଲା । ଶ୍ୟାମା ତଳେ ଥାଇ ପଚାରିଲା, "କେଇଟା ଛୁଆ ଭାଇ ?"

କେଶବ, "ଖାଲି ତିନୋଟି ଅଣ୍ଡା । ଏବେ ଛୁଆ ବାହାରିନାହାନ୍ତି ।"

ଶ୍ୟାମା, "ଭାଇ, ମୋତେ ଟିକିଏ ଦେଖେଇ ଦେ' । କେଡ଼େ କେଡ଼େ ବଡ଼ ?"

କେଶବ, "ଦେଖେଇଦେବି ଯେ ତୁ ଆଗେ ଯାଇ କିଛି ଛିଣ୍ଡାକନା ନେଇ ଆ' । ତଳେ ବିଛେଇଦେବି । ବିଚରା ଅଣ୍ଡାଗୁଡ଼ିକ ଶୁଖିଲା ଘାସ ଉପରେ ପଡ଼ିଛି ।"

ଶ୍ୟାମା ଦୌଡ଼ିଯାଇ ଗୋଟିଏ ପୁରୁଣା ଧୋତି ଚିରି ସେଥିରୁ କନା ଖଣ୍ଡେ ବାହାରକରି ନେଇଆସିଲା । କେଶବ ତଳକୁ ନଇଁକରି କପଡ଼ା ଖଣ୍ଡକ ନେଇଗଲା । ତାକୁ କେଇ ପରସ୍ତ ଭାଙ୍ଗି ଗୋଟିଏ ଗଦି ତିଆରିକଲା । ସେଇଟିକୁ ଘାସ ଉପରେ ବିଛେଇଦେଇ ଅଣ୍ଡା ତିନୋଟିକୁ ଧୀରେ କରି ଆଣି ତା ଉପରେ ରଖିଦେଲା ।

ଶ୍ୟାମା ପୁଣି କହିଲା, "ମୋତେ ଟିକିଏ ଦେଖେଇ ଦେ' ଭାଇ ।"

Digitized by srujanika@gmail.com

କେଶବ, ଦେଖାଇବି, ଆଗେ ସେ ଟୋକେଇଟା ମୋତେ ଦେ', ଉପରେ ଛାଇ କରିଦିଏ ।''

ଶ୍ୟାମା ତକୁ ଟୋକେଇ ବଢ଼େଇଦେଲା ଏବଂ କହିଲା, ''ଏବେ ତୁ ତଳକୁ ଓହ୍ଲେଇ ଆ', ମୁଁ ଟିକେ ଯାଇ ଦେଖିବି ।''

କେଶବ ଟୋକେଇକୁ ଗୋଟିଏ କାଠିରେ ଟେକିଧରି କହିଲା, ''ଯା, ଦାନା ଓ ପାଣିଗିନା ନେଇ ଆ' । ମୁଁ ତଳକୁ ଓହ୍ଲେଇଯିବା ପରେ ତୋତେ ଦେଖାଇଦେବି ।''

ଶ୍ୟାମା ପଥୁରି ଓ ଚାଉଳ ନେଇଆସିଲା । କେଶବ ଟୋକେଇ ତଳେ ଦୁଇଟିଯାକ ଜିନିଷ ରଖିଦେଲା ଏବଂ ଧୀରେଧୀରେ ଓହ୍ଲେଇ ଆସିଲା ।

ଶ୍ୟାମା କାକୁତି ମିନତି ହୋଇ କହିଲା, ''ଏବେ ମୋତେ ଟିକିଏ ଚଢ଼େଇ ଦେ' ଭାଇ ।''

କେଶବ ''ତୁ ପଡ଼ିଯିବୁ ।''

ଶ୍ୟାମା ''ମୁଁ ପଡ଼ିବି ନାଇଁ, ଭାଇ । ତୁ ତଳେ ଭଲକରି ଧରିଥିବୁ ।''

କେଶବ ''ଆରେ ନାଇଁ ଭାଇ, ତୁ ଯଦି ତଳେ ପଡ଼ିଯିବୁ ନା ମାଆ ମୋତେ ଆଉ ରଖିବନାହିଁ । କହିବ, ତାକୁ ତୁ' ଚଢ଼େଇଥିଲୁ । ଦେଖିଲେ କଅଣ କରିବୁ ? ଏବେ ଅଣ୍ଡାଗୁଡ଼ିକ ବେଶ୍ ଆରାମରେ ଅଛନ୍ତି । ସେଥିରୁ ଯେତେବେଳେ ଛୁଆ ବାହାରିବେ, ତାଙ୍କୁ ନେଇ ପାଳିବା ।''

ଚଢ଼େଇ ଦୁଇଟି ବାରମ୍ବାର ଛାତର କାର୍ଣ୍ଣିସ ପାଖକୁ ଆସୁଥାଆନ୍ତି; ମାତ୍ର ନ ବସି ପୁଣି ଉଡ଼ିଯାଉଥାଆନ୍ତି । କେଶବ ଭାବିଲା, ସେମାନେ ବୋଧେ ଆମକୁ ଡରି ବସୁନାହାନ୍ତି । ସେ ଷ୍ଟୁଲଟାକୁ ଉଠାଇନେଇ ଘର ଭିତରେ ରଖିଦେଲା ।

ଶ୍ୟାମା ଲୁହଛଳଛଳ ଆଖିରେ କହିଲା, ''ତୁ ମୋତେ ଦେଖେଇଲୁ ନାହିଁ, ମୁଁ ଯାଇ ମାଆଙ୍କୁ କହିଦେବି ।''

କେଶବ, ''ହଁ କହିଦେଉଛି, ମାଆଙ୍କୁ ଯଦି କହିବୁ ନା ତୋତେ ମାରି ମାରି......''

ଶ୍ୟାମା, ''ତୁ ତା'ହେଲେ ମୋତେ ଦେଖେଇଲୁ ନାହିଁ କାହିଁକି ?''

କେଶବ, ''ଆଉ ପଡ଼ିଯାଇଥାଆନ୍ତୁ ଯଦି, ମୁଣ୍ଡ ଫାଟି ଛତୁ ହୋଇ ଯାଇଥାଆନ୍ତା ।''

ଶ୍ୟାମା ''ହୋଇଥିଲେ ହୋଇଥାଆନ୍ତା, ଦେଖିବୁ ମୁଁ କହିଦେବି ।''

ଏତିକିବେଳେ ଘରର କବାଟ ଖୋଲିଲା । ମାଆ ଖରାଧାସରୁ ଆଖିକି ବଞ୍ଚାଇ କହିଲେ, ''ତୁମେ ଦିଇଟା କେତେବେଳୁ ବାହାରକୁ ପଳାଇ ଆସିଲଣି ? ତମକୁ କହିଥିଲି ନା ଖରାବେଳେ ବାହାରକୁ ବାହାରିବନାହିଁ । କବାଟ କିଏ ଖୋଲିଲା ?''

କବାଟ କେଶବ ଖୋଲିଥିଲା; କିନ୍ତୁ ଶ୍ୟାମା ମାଆଙ୍କୁ ଏକଥା କହିଲାନାହିଁ । ତାର

Digitized by srujanika@gmail.com

ଡର ହେଲା, ଭାଇ ତାଙ୍କୁ ପିଟିପକାଇବ । କେଶବର ଛାତି ଦୁକୁଦୁକୁ ହେଉଥିଲା; କାଳେ ଶ୍ୟାମା କହିଦେବ । ଅଣ୍ଡା ଦେଖାଇ ନଥିବାରୁ ତା ଉପରେ ତାର ବିଶ୍ୱାସ ନଥିଲା । ଶ୍ୟାମା ଖାଲି ଭାଇପାଇଁ ଚୁପ୍ ଥିଲା କି କାଳେ ଏଇ ଦୋଷରେ ସେ ନିଜେ ଭାଗୀ ହୋଇଯିବ ସେଥିପାଇଁ ଚୁପ୍ ଥିଲା, ସେ କଥା କହିହେବ ନାହିଁ । ବୋଧହୁଏ, ଦିଇଟିଯାକ କଥା ସତ ।

ମାଆ ଦି'ଜଣଙ୍କୁ ଧମକେଇ ପୁଣି ନେଇ ଘରେ ବନ୍ଦ କରିଦେଲେ ଏବଂ ଧୀରେଧୀରେ ତାଙ୍କୁ ପଙ୍ଖା କରିବାକୁ ଲାଗିଲେ । ଏବେ ମାତ୍ର ଦି'ଟା ବାଜିଥିଲା । ବାହାରେ ଗରମ ପବନ ବହୁଥିଲା । ଏଥର ପିଲା ଦୁଇଟିଙ୍କୁ ନିଦ ହୋଇଗଲା ।

ତିନି

ଚାରିଟାବେଳକୁ ଶ୍ୟାମାର ନିଦ ଚଟ୍‌କରି ଭାଙ୍ଗିଗଲା । କବାଟ ଖୋଲା ଥିଲା । ସେ ଦୌଡ଼ିକରି ଛାତର କାର୍ଣ୍ଣିସ ପାଖକୁ ଚାଲିଗଲା ଏବଂ ଉପରକୁ ଚାହିଁଲା । ଦେଖିଲା ଟୋକେଇର ପତ୍ତା ନାହିଁ । ତଳେ ଆଖିପଡ଼ିଗଲା । ସେ ପଛେଇ ପଛେଇ ଘର ଭିତରକୁ ଦୌଡ଼ିଯାଇ ବଡ଼ ପାଟିରେ କହିଲା, ‘‘ଭାଇ, ଅଣ୍ଡାଯାକ ସବୁ ତଳେ ପଡ଼ିଯାଇଛି । ଛୁଆମାନେ ସବୁ ଉଡ଼ିଯାଇଛନ୍ତି ।’’

କେଶବ ବ୍ୟସ୍ତହୋଇ ଉଠିପଡ଼ିଲା ଏବଂ ବାହାରକୁ ଦୌଡ଼ିଯାଇ ଦେଖିଲା ସତକୁସତ ଅଣ୍ଡା ତିନୋଟି ତଳେ ପଡ଼ି ଫାଟିଯାଇଛି ଏବଂ ସେଥିରୁ ଚୂନ ଭଳି ଧଳାଧଳା କଅଣ ବାହାରି ଆସିଛି । ପାଣିଗିନା ମଧ ତଳେ ଭାଙ୍ଗିକରି ପଡ଼ିଛି । ମୁହଁଟି ତାର ଶୁଖିଗଲା । ସେ ଡ଼ରଡର ଦୃଷ୍ଟିରେ ତଳକୁ ଚାହିଁଲା ।

ଶ୍ୟାମା କହିଲା, ‘‘ଛୁଆମାନେ କ'ଣ ଉଡ଼ିଗଲେ ଭାଇ ?’’

କେଶବ କରୁଣ ସ୍ୱରରେ କହିଲା, ‘‘ଅଣ୍ଡାଗୁଡ଼ିକ ପରା ଫାଟିଗଲା ।’’

‘‘ତା ହେଲେ ଛୁଆମାନେ ସବୁ କୁଆଡ଼େ ଗଲେ ?’’

କେଶବ, ‘‘ତୋ ମୁଣ୍ଡକୁ ଗଲେ । ଦେଖୁନୁ ଅଣ୍ଡା ଭିତରୁ କେମିତି ଚକ୍‌ଚକିଆ ପାଣି ବାହାରିଆସିଛି । ଦି'ଚାରି ଦିନ ପରେ ସେଇ ହିଁ ଛୁଆ ହୋଇ ଯାଇଥାଆନ୍ତେ ।’’

ମାଆ ହାତରେ ଗୋଟିଏ ବାଡ଼ି ଧରି ଆସି ପଚାରିଲେ, ‘‘ତୁମେ ଦିହେଁ ଏ ଖରାରେ ଆସି ଏଠାରେ କଅଣ କରୁଛ ?’’

ଶ୍ୟାମା କହିଲା, ‘‘ମାଆ, ଚଢ଼େଇର ଅଣ୍ଡାଯାକ ତଳେ ପଡ଼ି ଫାଟିଗଲା ।’’

ମାଆ ଆସି ଫାଟିଯାଇଥିବା ଅଣ୍ଡାଗୁଡ଼ିକୁ ଦେଖି ରାଗରେ କହିଲେ, ‘‘ତୁମେ ଦିହେଁ ଅଣ୍ଡାକୁ ବୋଧେ ଛୁଇଁଚ ।’’

ଏବେ ଭାଇ ପ୍ରତି ଶ୍ୟାମାର ଟିକିଏ ହେଲେ ଦରଦ ରହିଲାନାହିଁ । କାରଣ ସେ ବୋଧେ ଅଣ୍ଡାଗୁଡ଼ିକ ଏମିତି ରଖିଦେଇଥିଲା ଯେ ସେଗୁଡ଼ିକ ତଳକୁ ଗଡ଼ିପଡ଼ିଲା ।

Digitized by srujanika@gmail.com

ସେଥିପାଇଁ ତାକୁ ଶାସ୍ତି ମିଳିବା ଦରକାର । ସେ କହିଲା, ‘‘ଅଣ୍ଡାଗୁଡ଼ିକ ଭାଇ ଛୁଇଁଥିଲା ମାଆ ।’’

ମାଆ କେଶବକୁ ପଚାରିଲେ, ‘‘କାହିଁକିରେ ?’’

କେଶବ ଡରିମରି ଠିଆ ହୋଇଥିଲା ।

ମା, ‘‘ତୁ ସେଠାକୁ ଗଲୁ କେମିତି ?’’

ଶ୍ୟାମା, ‘‘ଚୌକି ଉପରେ ଷ୍ଟୁଲ ରଖିକରି ଚଢ଼ିଲା, ମାଆ ।’’

କେଶବ, ‘‘ତୁ ଷ୍ଟୁଲକୁ ଧରି ଠିଆ ହୋଇନଥିଲୁ ?’’

ଶ୍ୟାମା, ‘‘ ତୁ ତ କହିଲୁ ।’’

ମା, ‘‘ତୁ ଏତୁଟିଏ ହେଲୁଣି । ତୋତେ ଆଜିଯାଏ ଜଣାନାହିଁ ଯେ ଚଢ଼େଇ ଅଣ୍ଡାକୁ ଛୁଇଁଦେଲେ ତାହା ମାରା ହୋଇଯାଏ । ଚଢ଼େଇ ଆଉ ତାକୁ ଉଷୁମାଏ ନାହିଁ ।’’

ଶ୍ୟାମା ଡରିଡରି ପଚାରିଲା, ‘‘ତା ହେଲେ ଚଢ଼େଇ କ’ଣ ଅଣ୍ଡାକୁ ତଳେ ଫୋପାଡ଼ିଦେଲା ମାଆ ?’’

ମାଆ, ‘‘ଆଉ କ’ଣ କରିଥାଆନ୍ତା ? ଏ ପାପ କେଶବକୁ ଲାଗିବ । ହାୟ, ହାୟ, ତିନିତିନିଟା ପ୍ରାଣୀଙ୍କର ଜୀବନ ନେଇଗଲୁ ଦୁଷ୍ଟ ?’’

କେଶବ କାନ୍ଦୁଣୁ ମାନ୍ଦୁଣୁ ହୋଇ କହିଲା, ‘‘ମାଆ, ମୁଁ ତ ଖାଲି ଅଣ୍ଡାଗୁଡ଼ିକ ଗଦି ଉପରେ ରଖିଦେଇଥିଲି ।’’

ମାଆଙ୍କୁ ହସ ମାଡ଼ିଲା ।

ବହୁଦିନ ଯାଏ କେଶବ ନିଜ ଦୋଷପାଇଁ ଅନୁତାପ କରିବାକୁ ଲାଗିଲା । ଅଣ୍ଡାଗୁଡ଼ିକର ଯତ୍ନନେବା ନିଶାରେ ସେଗୁଡ଼ିକ ସତ୍ୟାନାଶ କରିଦେଲା । ଏଇକଥା ଭାବି ସେ କାନ୍ଦିପକାଉଥିଲା ।

ଚଢ଼େଇ ଦୁଇଟି ଆଉ କେବେ ସେଠାରେ ଦେଖାଦେଲେ ନାହିଁ ।



Digitized by srujanika@gmail.com

ବଡ଼ଭାଇ

ଏକ

ମୋ ବଡ଼ଭାଇ ମୋଠଉଁ ପାଞ୍ଚବର୍ଷ ବଡ଼ ଥିଲେ; କିନ୍ତୁ ସ୍କୁଲରେ ଥିଲେ ମାତ୍ର ତିନି ଶ୍ରେଣୀ ଉପରେ । ମୁଁ ଯେଉଁ ବୟସରେ ପଢ଼ା ଆରମ୍ଭ କରିଥିଲି, ସେ ବି ସେଇ ବୟସରେ ଆରମ୍ଭ କରିଥିଲେ; ହେଲେ ପାଠପଢ଼ା ଭଳି ଏକ ମହତ୍ତ୍ୱପୂର୍ଣ୍ଣ ବିଷୟରେ ସେ ତରବରିଆ ହେବାକୁ ମୋଟେ ପସନ୍ଦ କରୁନଥିଲେ । ସେ ମୂଳଦୁଆକୁ ଖୁବ୍ ମଜବୁତ କରି ଗଢ଼ିବାକୁ ଚାହୁଁଥିଲେ, ଯାହା ଉପରେ ଏକ ସୁନ୍ଦର କୋଠା ତିଆରି ହୋଇପାରିବ । ବର୍ଷକର ପାଠକୁ ସେ ଦୁଇବର୍ଷରେ ଶେଷ କରୁଥିଲେ । କେବେ କେବେ ତିନିବର୍ଷ ବି ଲାଗିଯାଉଥିଲା । ଯଦି ମୂଳଦୁଆ ଟାଣ ନହେବ, ତେବେ ଘର ମଜବୁତ ହେବ କେମିତି ?

ବୟସରେ ମୁଁ ଥିଲି ସାନ, ସେ ଥିଲେ ବଡ଼ । ମୋ ବୟସ ନଅବର୍ଷ ହୋଇଥିବାବେଳେ ତାଙ୍କ ବୟସ ହୋଇଥିଲା ଚଉଦ ବର୍ଷ । ମୋର ଦେଖାଶୁଣା କରିବା ଓ ମୋ ଉପରେ ମୁରବିପଣିଆ କରିବା ଥିଲା ତାଙ୍କର ଜନ୍ମଗତ ଅଧିକାର । ତାଙ୍କ ଆଦେଶକୁ ଆଇନ ବୋଲି ମାନିବି, ଏହା ହିଁ ଥିଲା ମୋର ଭଲପଣିଆ ।

ସେ ଖୁବ୍ ଅଧ୍ୟୟନଶୀଳ ସ୍ୱଭାବର ଥିଲେ । ସବୁବେଳେ ବହି ଖୋଲି ବସୁଥିଲେ । ବୋଧହୁଏ, ମୁଣ୍ଡକୁ ଟିକିଏ ଖାଲି ବିଶ୍ରାମ ଦେବାପାଇଁ କେବେକେବେ ଖାତାରେ ବା ବହିର ମାର୍ଜିନରେ ଚଢ଼େଇ, କୁକୁର ଅଥବା ବିଲେଇ ଇତ୍ୟାଦିଙ୍କର ଚିତ୍ର ଆଙ୍କୁଥିଲେ । ପୁଣି କେବେକେବେ କିଛି ଗୋଟିଏ ନାଆଁ ବା ଗୋଟିଏ ଶବ୍ଦ ବା ବାକ୍ୟକୁ ଦଶ କୋଡ଼ିଏ ଥର ଲେଖୁଥିଲେ । ପୁଣି କେବେକେବେ ଦି'ପଦିଆ ଗାଳିବ ଗୀତକୁ ସୁନ୍ଦର ଅକ୍ଷରରେ ବାରବାର ଖାତାରେ ନକଲ କରୁଥିଲେ । ବେଳେବେଳେ ଏମିତିଆ ଗୋଟିଏ ଗୋଟିଏ ଶବ୍ଦ ରଚନା କରୁଥିଲେ ଯେଉଁଥିରେ ନା ଥିଲା କୌଣସି ଅର୍ଥ ନା କୌଣସି ସାମଞ୍ଜସ୍ୟ । ଉଦାହରଣ ସ୍ୱରୂପ ଥରେ ତାଙ୍କ ଖାତାରେ ଏଇ ଢଙ୍ଗରେ କେତୋଟି ଶବ୍ଦ ଦେଖିଲି – 'ସ୍ପେଶାଲ, ଅମୀନା, ଭାଇମାନେ-ଭାଇମାନେ, ପ୍ରକୃତରେ, ଭାଇ-ଭାଇ, ରାଧେଶ୍ୟାମ, ଶ୍ରୀଯୁକ୍ତ ରାଧେଶ୍ୟାମ, ଏକଘଣ୍ଟା ପର୍ଯ୍ୟନ୍ତ'

Digitized by srujanika@gmail.com

Digitized by srujanika@gmail.com

ଇତ୍ୟାଦି । ଏହା ପରେ ଗୋଟିଏ ମଣିଷର ଚିତ୍ର ଅଙ୍କାଯାଇଥିଲା । ମୁଁ ବହୁ ଚେଷ୍ଟାକଲି ଏଇ ପହେଳିର କିଛି ଅର୍ଥ ବାହାର କରିବାକୁ; ହେଲେ ପାରିଲି ନାହିଁ । ତାଙ୍କୁ ମଧ୍ୟ ପଚାରିବାକୁ ସାହସ ହେଲାନାହିଁ । ସେ ଥିଲେ ନବମ ଶ୍ରେଣୀରେ, ମୁଁ ଥିଲି ପଞ୍ଚମ ଶ୍ରେଣୀରେ । ତାଙ୍କ ଲେଖାକୁ ବୁଝିବା ମୋ ପକ୍ଷରେ ଛୋଟ ମୁହଁରେ ବଡ଼କଥା ଥିଲା ।

ପଢ଼ାରେ ମୋର ମୋଟେ ମନ ଲାଗେନାହିଁ । ଘଣ୍ଟାଏ ସମୟ ବହି ଧରି ବସିବା ମୋ ପକ୍ଷେ ପାହାଡ଼ଭଳି ଥିଲା । ସୁବିଧା ପାଇଲେ ମୁଁ ହଷ୍ଟେଲରୁ ବାହାରିଯାଇ ପଡ଼ିଆକୁ ଚାଲିଯାଉଥିଲି । କେବେ ସେଠାରେ ଡେଲା ଫିଙ୍ଗେ, କାଗଜର ପ୍ରଜାପତି ଉଡ଼ାଏ । କେହି ଯଦି ସାଥୀ ମିଳିଗଲା, ତେବେ ଆଉ ପଚାରେ କିଏ ? କେବେ ପାଚିରୀ ଉପରେ ଚଢ଼ି ତଳକୁ ଡିଏଁ, କେବେ ଫାଟକ ଉପରେ ଚଢ଼ି ତାକୁ ଆଗକୁ ପଛକୁ ଘୂରାଇ ମଟରଗାଡ଼ି ଚଳାଇବାଭଳି କୌତୁକ ଅନୁଭବକରେ; କିନ୍ତୁ କୋଠରିକୁ ଆସିବା ମାତ୍ରେ ଭାଇଙ୍କର ସେଇ ରୌଦ୍ରରୂପ ଦେଖି ହଲକ ଶୁଖିଯାଏ । ତାଙ୍କର ପ୍ରଥମ ପ୍ରଶ୍ନ ହୁଏ, ''କୋଉଠି ଥିଲୁ ?'' ସବୁବେଳେ ଏଇ ପ୍ରଶ୍ନ ଏଇ ସ୍ୱରରେ ପଚରାଯାଏ । ତାର ଉତ୍ତର ମୋ ପାଖରେ କେବଳ ନୀରବତା । କାହିଁକି କେଜାଣି ମୁଁ କହିପାରେ ନାହିଁ ଯେ ବାହାରେ ଟିକିଏ ଖେଳୁଥିଲି । ମୋର ନୀରବତା କହିଦିଏ ଯେ ମୁଁ ମୋର ଦୋଷ ମାନୁଛି । ଭାଇଙ୍କଠାରୁ ରାଗ ସହିତ ଟିକିଏ ସ୍ନେହମିଶା ବ୍ୟବହାର ପାଇବା ଲାଗି ମୋ ପାଖରେ ଆଉ କିଛି ବାଟ ନ ଥାଏ । ଭାଇ କହନ୍ତି –

''ଏମିତି ଭାବରେ ଇଂରାଜୀପାଠ ପଢ଼ିବୁ ତ ଜୀବନସାରା ପଢୁଥିବୁ; ମାତ୍ର ଅକ୍ଷରଟାଏ ବି ଶିଖିପାରିବୁ ନାହିଁ । ଇଂରାଜୀ ପଢ଼ିବା କିଛି ଖେଳଘର କଥା ନୁହେଁ ଯେ, ଯିଏ ଚାହିଁବ, ସିଏ ପଢ଼ିପକାଇବ । ନହେଲେ ତ ରାମା ଶାମା ସମସ୍ତେ ଇଂରାଜୀ ପଢ଼ି ପଣ୍ଡିତ ହୋଇଯାଆନ୍ତେ । ରାତିଦିନ ଆଖି ମାଡ଼ିବାକୁ ଏବଂ କଠିନ ପରିଶ୍ରମ କରିବାକୁ ହେବ । ତା ହେଲେ ଯାଇ ଏ ବିଦ୍ୟା ହେବ । ହଁ ହେବ କ'ଣ ? ତାହା ନାମକୁ ମାତ୍ର । ବଡ଼ବଡ଼ ପଣ୍ଡିତମାନେ ମଧ୍ୟ ଶୁଦ୍ଧ ଇଂରାଜୀ ଲେଖିପାରନ୍ତି ନାହିଁ, କହିବା ତ ଦୂରର କଥା । ମୁଁ କହୁଛି, ତୁ କେଡ଼େ ଅପଦାର୍ଥ ଯେ ମୋତେ ଆଖି ଆଗରେ ଦେଖି ମଧ୍ୟ କିଛି ଶିଖୁନାହିଁ ? ମୁଁ କେତେ ପରିଶ୍ରମ କରୁଛି । ସେ କଥା ତୁ ନିଜ ଆଖିରେ ଦେଖୁଛୁ । ଯଦି ଦିଶୁନାହିଁ, ତେବେ ତୋ ଆଖିର ଦୋଷ, ତୋ ବୁଦ୍ଧିର ଦୋଷ । ଏତେ ମେଳା ମହୋତ୍ସବ ହେଉଛି, ମୁଁ ସେଠାକୁ ଯିବାର କେବେ ଦେଖିଛୁ ? ସବୁଦିନେ ହକି, କ୍ରିକେଟ ମ୍ୟାଚ ହେଉଛି । ମୁଁ ତାର ପାଖ ମାଡ଼େନି, ସବୁବେଳେ ପଢୁଥାଏ । ତେବେ ବି ଗୋଟିଏ ଗୋଟିଏ କ୍ଲାସରେ ଦି'ଦି'-ତିନିତିନି ବର୍ଷ ପଡ଼ିରହୁଛି । ତୁ କେମିତି ଆଶା କରୁଛୁ ଯେ ଏମିତି ଖେଳାବୁଲାରେ ସମୟ ବରବାଦ କରି ପାଶ କରିଯିବୁ ? ମୋତେ ତ ଦୁଇ-ତିନି ବର୍ଷ ଲାଗିଯାଉଛି । ତୁ ସାରାଜୀବନ

Digitized by srujanika@gmail.com

ଏଇ ଶ୍ରେଣୀରେ ପଢ଼ିଥିବୁ । ତୋର ଯଦି ଏମିତି ଜୀବନ ବରବାଦ କରିବାର ଅଛି, ତେବେ ଭଲହେବ, ଘରକୁ ଚାଲିଯାଆ ଏବଂ ମଜାରେ 'ଡାବଲପୁଆ' ଖେଳ । ବାପାଙ୍କ କଷ୍ଟଅର୍ଜିତ ଧନକୁ କାହିଁକି ବରବାଦ କରୁଛୁ ?''

ମୁଁ ଏଇଭଳି ତାଗିଦ ଶୁଣି କାନ୍ଦିପକାଏ । ଯାର ଆଉ ଉତ୍ତର କଅଣ ଥିଲା ? ଦୋଷ ତ ମୁଁ କରିଛି, ଗାଳି ଆଉ କିଏ ଶୁଣନ୍ତା ?

ଭାଇ ଉପଦେଶ ଦେବାରେ ଖୁବ୍ ଧୂରନ୍ଧର । ସେ ଏମିତିଗୁଡ଼ାଏ କଥା କହିବେ ଏବଂ ଏମିତି ସୂକ୍ତି-ବାଣ ଚଳାଇବେ ଯେ ମୋର ସବୁ ଆଗ୍ରହ, ଉତ୍ସାହ ଓ ସାହସ ଭାଙ୍ଗି ଚୂରମାର ହୋଇଯିବ । ଏତେଦୂର କଠିନ ପରିଶ୍ରମ କଲାଭଳି ଶକ୍ତି ମୋଠାରେ ନଥିଲା । ଏଇ ନୈରାଶ୍ୟ ବଶତଃ ମୁଁ ସେଇ ମୁହୂର୍ତ୍ତରେ ଭାବୁଥିଲି ଘରକୁ କିଆଁ ପଳେଇବି ନାହିଁ ? ଯେଉଁ କାମ ମୋ ଶକ୍ତିର ବାହାରେ, ସେଭଳି କାମରେ ହାତଦେଇ ଜୀବନଟା କାହିଁକି ନଷ୍ଟଭ୍ରଷ୍ଟ କରିଦେବି ? ମୁଁ ବରଂ ମୂର୍ଖ ରହିବି; ହେଲେ ଏତେ ପରିଶ୍ରମ !

ଏଇସବୁ କଥା ଭାବି ମୋ ମୁଣ୍ଡ ଘୂରେଇ ଦେଉଥିଲା; କିନ୍ତୁ ଘଣ୍ଟାଏ ଦି'ଘଣ୍ଟା ପରେ ନୈରାଶ୍ୟର ସେଇ କଳାବାଦଲ ଘୁଞ୍ଚିଯାଉଥିଲା । ମୁଁ ଶପଥ କରୁଥିଲି, ଏଣିକି ଖୁବ୍ ମନଧ୍ୟାନ ଦେଇ ପଢ଼ିବି । ଚଟାପଟ୍ ଗୋଟିଏ ଟାଇମ-ଟେବୁଲ ତିଆରି କରିଦିଏ । ଆଗେ ଗୋଟିଏ ନକ୍ସା ତିଆରି ନକରି, ସ୍କିମ ପ୍ରସ୍ତୁତ ନକରି କେମିତି କାମ ଆରମ୍ଭକରିବି ?

ଟାଇମ-ଟେବୁଲ ତିଆରି କଲାବେଳେ ଖେଳନିଶାଟା ବିଲକୁଲ ଚାଲିଯାଏ । ଖୁବ୍ ଭୋରରୁ ଉଠିବା, ଛଅଟାରେ ମୁହଁହାତ ଧୋଇବା, ଜଳଖିଆ ଖାଇବା, ତା ପରେ ପଢ଼ାରେ ବସିବା । ଛଅରୁ ଆଠଯାଏ ଇଂରାଜୀ, ଆଠରୁ ନଅ ଅଙ୍କ, ନଅରୁ ସାଢ଼େ ନଅ ଇତିହାସ, ତା ପରେ ଭୋଜନ ଏବଂ ସ୍କୁଲ । ସାଢ଼େ ତିନିଟାରେ ସ୍କୁଲରୁ ଫେରି ଅଧଘଣ୍ଟା ବିଶ୍ରାମ, ଚାରିଟାରୁ ପାଞ୍ଚଟା ଭୂଗୋଳ, ପାଞ୍ଚରୁ ଛ' ଗ୍ରାମାର, ଅଧଘଣ୍ଟାଏ ହଷ୍ଟେଲ ଆଗରେ ବୁଲାଚଲା, ସାଢ଼େ ଛ'ରୁ ସାତ ଯାଏ ଇଂରାଜୀ କମ୍ପୋଜିସନ ତା ପରେ ଖିଆସାରି ଆଠରୁ ନଅ ପର୍ଯ୍ୟନ୍ତ ଅନୁବାଦ, ନଅରୁ ଦଶ ପର୍ଯ୍ୟନ୍ତ ମାତୃଭାଷା, ଦଶରୁ ଏଗାର ପର୍ଯ୍ୟନ୍ତ ବିବିଧ ବିଷୟ, ତା ପରେ ବିଶ୍ରାମ ।

ହେଲେ ଟାଇମ-ଟେବୁଲ ତିଆରି କରିବା ଗୋଟିଏ କଥା, ତାକୁ କାର୍ଯ୍ୟକାରୀ କରିବା ଆଉ ଗୋଟିଏ କଥା । ପ୍ରଥମ ଦିନରୁ ହିଁ ସେଥିରେ ଅବହେଳା ଆରମ୍ଭ ହୋଇଗଲା । ଖେଳପଡ଼ିଆର ସେଇ ସୁନ୍ଦର ସବୁଜିମା, ଥିରିଥିରି ପବନ, ଫୁଟବଲ ଖେଳର ସେଇ ଧାଁ-ଦଉଡ଼, କବାଡ଼ିର ଜିଦି-ଜିଗର, ଭଲିବଲର ସେଇ ଫୁର୍ତ୍ତି, ମୋତେ ଅଜ୍ଞାତ ଓ ଅନିବାର୍ଯ୍ୟ ରୂପରେ ଟାଣିନେଉଥିଲା ଏବଂ ସେଠାକୁ ମୁଁ ଯିବାମାତ୍ରେ ସବୁ ଭୁଲିଯାଉଥିଲି । ସେଇ ଜୀବନଖିଆ ଟାଇମ-ଟେବୁଲ, ସେଇ

Digitized by srujanika@gmail.com

ଆଖିବିନ୍ଧା ବହି, କିଛି ମନେପଡ଼େ ନାହିଁ । ଫଳରେ ଭାଇଙ୍କର ଉପଦେଶ ଓ ଗାଳିମନ୍ଦ ପାଇଁ ଅବସର ମିଳିଯାଏ । ମୁଁ ତାଙ୍କ ଛାଇ ଦେଖିବା ମାତ୍ରେ ପଳାଇଯାଏ । ତାଙ୍କ ଦୃଷ୍ଟିଠଉଁ ଦୂରରେ ରହିବାକୁ ଚେଷ୍ଟାକରେ । କୋଠରିକୁ ଏମିତି ପାଦ ଚିପିଚିପି ଆସେ ଯେ ସେ ଜାଣିପାରନ୍ତି ନାହିଁ । ତାଙ୍କ ନଜର ଯଦି ମୋ ଉପରେ ପଡ଼ିଗଲା, ତେବେ ମୋ ପ୍ରାଣ ଗଲା । ସବୁବେଳେ ମୋ ମୁଣ୍ଡ ଉପରେ ଗୋଟାଏ ଧାରୁଆ ଖଣ୍ଡା ଝୁଲୁଥିବାଭଳି ଲାଗେ; ତଥାପି ଯେମିତି ମଣିଷ ମୃତ୍ୟୁ ଓ ବିପତ୍ତି ମଧ୍ୟରେ ଥାଇ ମଧ୍ୟ ମୋହ ଓ ମାୟାର ବନ୍ଧନରେ ବାନ୍ଧିହୋଇ ରହିଥାଏ, ମୁଁ ସେଇଭଳି ଧମକ ଚମକ ଓ ଗାଳିମନ୍ଦ ଖାଇ ମଧ୍ୟ ଖେଳକୁଦକୁ ତିରସ୍କାର କରିପାରୁ ନଥାଏ ।

ଦୁଇ

ବାର୍ଷିକ ପରୀକ୍ଷା ଫଳ ବାହାରିଲା । ଭାଇ ଫେଲ ହୋଇଗଲେ, ମୋର ପାଶ୍ ହୋଇଗଲା ଏବଂ ମୁଁ କ୍ଲାସରେ ପ୍ରଥମ ହେଲି । ତାଙ୍କ ମୋ ଭିତରେ ଏଣିକି ମାତ୍ର ଦୁଇ ବର୍ଷ ତଫାତ୍ ରହିଲା । ମନ ହେଉଥିଲା ଭାଇଙ୍କି ଟିକିଏ ଚିଡ଼େଇବି, "ଭାଇ, ଆପଣଙ୍କର ସେଇ ଘୋର ତପସ୍ୟା କୁଆଡ଼େ ଗଲା ? ମୋତେ ଦେଖନ୍ତୁ, ଆରାମରେ ଖେଳିଲି, ବୁଲିଲି, ପୁଣି ଶ୍ରେଣୀରେ ପ୍ରଥମ ହେଲି"; କିନ୍ତୁ ସେ ଏତେ ମନ ଦୁଃଖରେ ଥିଲେ ଯେ ତାଙ୍କ ଉପରେ ମୋର ଦୟାହେଲା । ତାଙ୍କ ଘାଆରେ ଲୁଣ ଦେବା ଲଜ୍ଜାକର ବୋଲି ମନେହେଲା । ହଁ, ଏବେ ମୋ ମନରେ ଟିକେ ଗର୍ବ ହୋଇଗଲା ଏବଂ ମୋର ଆତ୍ମସମ୍ମାନ ମଧ୍ୟ ବଢ଼ିଗଲା । ଭାଇଙ୍କର ମୋ ଉପରେ ଆଉ ସେ ତୋଡ଼ ରହିଲାନାହିଁ । ମନ ଖୁସିରେ ଖେଳକୁଦରେ ମାତିବାକୁ ଲାଗିଲି । ମନରେ ଟାଣ ଥାଏ, ଏଥର ଯଦି ସେ ଗାଳିମନ୍ଦ କରିବେ ତେବେ ସଫାସଫା କହିଦେବି, "ଆପଣ ନିଜ ଶରୀରକୁ କଷ୍ଟଦେଇ କି ଫଳ ପାଇଲେ ? ମୁଁ ତ ଖେଳିବୁଲି ଶ୍ରେଣୀରେ ପ୍ରଥମ ହେଲି ।" ତୁଣ୍ଡରେ ଏଭଳି ଟାଣକଥା କହିବାକୁ ସାହସ ନହେଲେ ମଧ୍ୟ ମୋ ରଙ୍ଗଢଙ୍ଗରୁ ସଫା ବାରିହେଉଥିଲା ଯେ ଭାଇଙ୍କ ପ୍ରତି ମୋର ଆଉ ସେ ଭୟ ନଥିଲା ।

ଏ କଥାଟାକୁ ଭାଇ ଅନୁମାନ କରିନେଲେ । ତାଙ୍କର ବୁଦ୍ଧି ବଡ଼ ତୀକ୍ଷ୍ଣ ଥିଲା । ଦିନେ ଯେତେବେଳେ ମୁଁ ସକାଳ ଓଳିଟାସାରା ଡାବଲପୁଆ ଖେଳିବାରେ କଟାଇ ଠିକ୍ ଖାଇବାବେଳକୁ ଆସି ପହଞ୍ଚିଲି, ଭାଇ ଖଡ଼୍ଗହସ୍ତ ହୋଇ ମୋ ଉପରକୁ ମାଡ଼ିଆସିଲେ । କହିଲେ, "ଦେଖୁଛି ତୁ ଏବର୍ଷ ପାଶ କରିଗଲୁ ଏବଂ ଶ୍ରେଣୀରେ ପ୍ରଥମ ହୋଇଗଲୁ ବୋଲି ତୋର ଦିମାକ୍ ବଢ଼ିଯାଇଛି । ହେଲେ ଭାଇ, କେଡ଼େକେଡ଼େ ଲୋକଙ୍କର ତ ଗର୍ବ ରହିନାହିଁ, ତୋ କଥା କ'ଣ ? ଇତିହାସରେ ତ ରାବଣର ଅବସ୍ଥା କ'ଣ ହେଲା ପଢ଼ିଥିବୁ । ତା ଚରିତ୍ରରୁ ତୁ କି ଶିକ୍ଷା ପାଇଲୁ ? ସବୁ

Digitized by srujanika@gmail.com

ପାଠ ପଢ଼ି ସାରିଦେଲୁ ନା ? ଖାଲି ପରୀକ୍ଷାରେ ପାଶ୍ କରିଯିବା କିଛି ଗୋଟାଏ ବଡ଼ କଥାନୁହେଁ । ଅସଲ କଥା ହେଉଛି ବୁଦ୍ଧିର ବିକାଶ । ଯାହା କିଛି ପଢ଼ିବ, ତାର ଅର୍ଥ ବୁଝିବା ଆବଶ୍ୟକ । ରାବଣ ପୃଥିବୀର ରାଜା ଥିଲା । ସେଭଳି ରାଜାଙ୍କୁ ଚକ୍ରବର୍ତ୍ତୀ କୁହାଯାଏ । ଆଜିକାଲି ଇଂରେଜ ସାମ୍ରାଜ୍ୟର ସୀମା ବିଶାଳ ଅଟେ; ମାତ୍ର ତାଙ୍କୁ ଚକ୍ରବର୍ତ୍ତୀ ବୋଲି କୁହାଯାଇ ପାରିବନାହିଁ । ପୃଥିବୀର ବହୁଦେଶ ତାଙ୍କ ଆଧିପତ୍ୟ ସ୍ୱୀକାର କରନ୍ତିନାହିଁ; ସେମାନେ ସମ୍ପୂର୍ଣ୍ଣ ସ୍ୱାଧୀନ । ରାବଣ ଥିଲା ଚକ୍ରବର୍ତ୍ତୀ ରାଜା । ସଂସାରର ସବୁରାଜା ତାକୁ କର ଦେଉଥିଲେ । ବଡ଼ବଡ଼ ରାଜା ତାର ଗୋଲାମି କରୁଥିଲେ । ଜଳଦେବତା ଓ ଅଗ୍ନିଦେବତା ତାର ଚାକର ଥିଲେ; ହେଲେ ତାର ଶେଷ ଅବସ୍ଥା କ'ଣ ହେଲା ? ନିଜର ଅହଂକାର ହିଁ ତାର ନାଆଁକୁ ନିଶ୍ଚିହ୍ନ କରିଦେଲା । ତାକୁ ଚଳେ ପାଣି ଦେବାକୁ କେହି ରହିଲେନାହିଁ । ମଣିଷ ଯେତେ ଇଚ୍ଛା କୁକର୍ମ କରିବାର କରୁ; ମାତ୍ର ଅହଂକାର ନକରୁ, ଦେଖେଇ ନହେଉ । ସେ ଅହଂକାର କଲା, ତିନିପାଞ୍ଚିରୁ ଗଲା । ସୈତାନର କଥା ପଢ଼ିଥିବୁ । ତାର ଗର୍ବ ଥିଲା ଯେ ତାଠାରୁ ବଳି ଦୁନିଆରେ ଆଉ ଭଗବାନଙ୍କର କେହି ବଡ଼ଭକ୍ତ ନାହାନ୍ତି । ଶେଷରେ ଏମିତି ହେଲା ଯେ ତାକୁ ସ୍ୱର୍ଗରୁ ନରକକୁ ଠେଲିଦିଆଗଲା । ରୋମର ବାଦଶାହ ଶାହାରୁମ ମଧ୍ୟ ଏମିତି ଥରେ ଅହଂକାର କରିଥିଲେ । ଶେଷରେ ଭିକ ମାଗିମାଗି ମଲେ ।

"ତୁ ତ ଏବେ ମାତ୍ର ଗୋଟିଏ କ୍ଲାସ ପାଶ୍ କରିଛୁ । ଆଜିଠୁଁ ତୋ ମନ ଏତେ ମୋଟ ହୋଇଗଲାଣି । ଆଗକୁ ତ ଆହୁରି ପାଠ ଅଛି ପଢ଼ିବାକୁ । ଏକଥା ମନେରଖ ଯେ ତୋର ପରିଶ୍ରମ ବଳରେ ଏ ପାଶ୍ ହୋଇନାହିଁ । ଅନ୍ଧାରଘରକୁ ଢେଲା ମାରୁ ମାରୁ ବାଜିଗଲା; ମାତ୍ର ଏମିତି ଢେଲା ଥରେ ବାଜେ; ସବୁବେଳେ ନୁହେଁ । ବେଳେବେଳେ ଡାବଲପୁଆ ଖେଳରେ ଏମିତି ଲାଖ ବାଜିଯାଏ । ଏହାଦ୍ୱାରା ଜଣେ କେହି ସଫଳ ଖେଳାଳି ହୋଇଯାଏ ନାହିଁ । ସେଇ ହେଉଛି ସଫଳ ଖେଳାଳି, ଯାହାର କୌଣସି ଲକ୍ଷ୍ୟ ବ୍ୟର୍ଥ ହୁଏନାହିଁ । ମୋ ଫେଲହେବା କଥାକୁ ଧରନା । ମୋ କ୍ଲାସକୁ ଆସିବୁ ତ ଦେଖିବୁ ଅକଲ ଗୁଡୁମ ହୋଇଯିବ । ଆଲଜେବ୍ରା ଓ ଜ୍ୟାମିତି ପଢ଼ିବୁ, ଲୁହାର ଚଣା ଚୋବେଇବା ଭଳି ଲାଗିବ, ଦାନ୍ତ ଝଡ଼ିଯିବ । ପୁଣି ଇଂଲଣ୍ଡର ଇତିହାସ ପଢ଼ିବାକୁ ପଡ଼ିବ । ରାଜାମାନଙ୍କର ନାଆଁ ମନେରଖିବା ସହଜ କଥା ନୁହେଁ । ଆଠଆଠ ଜଣ ହେନେରୀ ଗଲେଣି । କୋଉ ଘଟଣା କୋଉ ହେନେରିଙ୍କ ଅମଳରେ ଘଟିଥିଲା, ଏ ସବୁ ମନେରଖିବା କ'ଣ ଏଡ଼େ ସହଜ ବୋଲି ଭାବିଛୁ ! ହେନେରି ସପ୍ତମଙ୍କ ସ୍ଥାନରେ ଯଦି ଅଷ୍ଟମ ହେନେରି ବୋଲି ଲେଖିଦେଲୁ, ତେବେ ନମ୍ବର ଗୋଲ ହୋଇଯିବ । ଶୂନ୍ ବି ମିଳିବ ନାହିଁ, ଶୂନ୍ । କ'ଣ ଭାବୁଛୁ କି ? ଖାଲି ପରା ଡଜନେ ହେଉଛନ୍ତି ଜେମ୍ସ, ଆଉ ଡଜନେ ଉଇଲିୟମ, କୋଡ଼ିଏ ଜଣ

Digitized by srujanika@gmail.com

ଚାର୍ଲସ। ମୁଣ୍ଡ ଘୂରାଇଦେବ। ଆଖିକି କିଛି ଦିଶିବନାହିଁ। ସେଇ ହତଭାଗାମାନଙ୍କୁ କିଛି ନାଆଁ ଜୁଟେନାହିଁ। ସେଥିପାଇଁ ଗୋଟିଏ ନାଆଁ ପଛରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଲଗାଇ ଚାଲିଗଲେ। ମୋତେ ପଚାରିଲେ ମୁଁ ଦଶଲକ୍ଷ ନାଆଁ କହିଦେବି। ପୁଣି ଅଛି ଜ୍ୟାମିତି। ଭଗବାନ ଭରସା। କ ଖ ଗ ସ୍ଥାନରେ ଯଦି କ ଗ ଖ ଲେଖିଦେଲ ତେବେ ସବୁନମ୍ବର କଟିଯିବ। କେହି ସେଇ ନିର୍ଦ୍ଦୟ ପରୀକ୍ଷକଙ୍କୁ ପଚାରେ ନାହିଁ ଯେ କ ଖ ଗ ଓ କ ଗ ଖ ଭିତରେ ତଫାତ୍ କ'ଣ ? ଏଇ ଫାଲତୁକଥା ପାଇଁ ଛାତ୍ରମାନଙ୍କର ଜୀବନ ନେଉଛ ? ଡାଲି-ଭାତ-ରୁଟି ଖାଇଲା କି ଭାତ-ଡାଲି-ରୁଟି ଖାଇଲା ଏଥିରେ ତଫାତ କ'ଣ ? ମାତ୍ର ସେଇ ପରୀକ୍ଷକମାନଙ୍କର କ'ଣ ଯାଏ ? ସେମାନେ ତ ଏଇଥା ଦେଖନ୍ତି ଯେ, ଯାହା ବହିରେ ଲେଖାହୋଇଛି, ପିଲା ଅକ୍ଷରକୁ ଅକ୍ଷର ଘୋଷିପକାଉ। ଆଉ ସେଇ ଘୋଷାପାଠକୁ କୁହାଯାଇଛି ଶିକ୍ଷା। ସେଇ ମୁଣ୍ଡଗଣ୍ଡି ନଥିବା କଥାଗୁଡ଼ା ପଢ଼ିଲେ ଲାଭ କ'ଣ ? ଏଇ ରେଖା ଉପରେ ସେ ରେଖାକୁ ଲମ୍ବ ବାଗରେ ଟାଣିଦିଅ। ତାହା ହେଲେ ଲମ୍ବଠାରୁ ଆଧାର ଦୁଇଗୁଣ ହୋଇଯିବ। ପଚାରନ୍ତୁ, ଏହାର ପ୍ରୟୋଜନୀୟତା କ'ଣ ? ମୋ ବିଚାରରେ ଦୁଇଗୁଣ ନହୋଇ ଚାରିଗୁଣ ହୋଇଯାଉ, ନହେଲେ ଅଧା ବି ହେଉ, ପରବାୟ ନାହିଁ; କିନ୍ତୁ ପରୀକ୍ଷାରେ ପାଶ୍ କରିବାକୁ ହେବ ତ ଏଇସବୁ ବାଜେକଥାକୁ ମନେରଖିବାକୁ ପଡ଼ିବ।

"କୁହାଗଲା, 'ସମୟାନୁବର୍ତ୍ତିତା' ଉପରେ ଗୋଟିଏ ପ୍ରବନ୍ଧ ଲେଖ, ଯାହା ଚାରିପୃଷ୍ଠାରୁ କମ୍ ହେବନାହିଁ। ଏବେ ଆପଣ ଖାତା ଖୋଲିଲେ। ହାତରେ କଲମ ନେଇ ସେଇ ନାଆଁକୁ ଜପୁଥାଆନ୍ତୁ। କିଏ ନ ଜାଣିଛି ଯେ ସମୟାନୁବର୍ତ୍ତିତା ଗୋଟିଏ ଖୁବ୍ ଭଲକଥା। ଏହାଦ୍ୱାରା ମନୁଷ୍ୟ ଜୀବନରେ ସଂଯମ ଆସେ, ଅନ୍ୟମାନଙ୍କର ତା ଉପରେ ସ୍ନେହ ହୁଏ, ତାର ବ୍ୟବସାୟରେ ଉନ୍ନତି ଘଟେ; କିନ୍ତୁ ଏଇ ସାମାନ୍ୟ କଥା ଉପରେ ଚାରିପୃଷ୍ଠା କେମିତି ଲେଖିବ ? ଯେଉଁକଥାକୁ ଗୋଟିଏ ବାକ୍ୟରେ କୁହାଯାଇ ପାରିବ, ତାକୁ ଚାରିପୃଷ୍ଠାରେ ଲେଖିବା କି ଦରକାର ? ମୁଁ ତ ଏଇଟାକୁ ମୂର୍ଖତା ବୋଲି କହିବି। ଏହା ସମୟର ମିତବ୍ୟୟିତା ନୁହେଁ ବରଂ ତାର ଦୁରୁପଯୋଗ। ଅଯଥାରେ କୌଣସି କଥାକୁ ଲଦିଦିଆଯିବ। ମୁଁ ଚାହେଁ ମଣିଷର ଯାହା କିଛି କହିବାର ଅଛି, ଚଟାପଟ୍ କହିଦେଉ, ତା ବାଟରେ ଯାଉ; କିନ୍ତୁ ସେକଥା ନୁହେଁ । ଆପଣଙ୍କୁ ଚାରିପୃଷ୍ଠା ଅଲବତ ରାମ୍ପିବାକୁ ପଡ଼ିବ। ଆଉ ବି ପୃଷ୍ଠାଗୁଡ଼ିକ ପୂରା ଫୁଲସ୍କେପ ସାଇଜର୍ ହେବ। ଏଇଟା ଛାତ୍ରମାନଙ୍କ ଉପରେ ଅତ୍ୟାଚାର ନୁହେଁ ତ କ'ଣ ? ଅସଙ୍ଗତକଥା ଏହି ଯେ କୁହାଯିବ ସମୟାନୁବର୍ତ୍ତିତା ଉପରେ ସଂକ୍ଷେପରେ ଏକ ପ୍ରବନ୍ଧ ଲେଖ, ଯାହା ଚାରିପୃଷ୍ଠାରୁ କମ୍ ହେବନାହିଁ। ଠିକ୍ ଅଛି, ସଂକ୍ଷେପରେ ତ ଚାରିପୃଷ୍ଠା ହେଲା, ତା ନହେଲେ, ଯେମିତି ଶହେ ଦୁଇଶହ ପୃଷ୍ଠା ଲେଖା

Digitized by srujanika@gmail.com

ହୋଇଥାଆନ୍ତା । ଜୋରରେ ଦୌଡ଼, ଅଥଚ ଧୀରେ ଧୀରେ । କଥାଟା ଓଲଟା ହେଲା ନା ନାହିଁ ? ପିଲାଟାଏ ଏକଥା ବୁଝିପାରୁଛି; ଅଥଚ ସେଇ ଶିକ୍ଷକମାନଙ୍କର ଏତିକି ବିଚାର ନାହିଁ ? ସେଥିରେ ପୁଣି ସେମାନଙ୍କର ଗର୍ବ ଯେ 'ଆମେ ହେଉଛୁ ଶିକ୍ଷକ ।' ମୋ କ୍ଲାସକୁ ଯେତେବେଳେ ଆସିଯିବୁ ପିଲା, ହରଡ଼ଘଣାରେ ପଡ଼ିଯିବୁ । ସେତିକିବେଳେ ସଂସାରର ଭାଉ କେତେ ଜାଣିପାରିବୁ । ଏଇ କ୍ଲାସରେ ଏବେ ପ୍ରଥମ ହୋଇଗଲୁ ବୋଲି ତଳେ ପାଦ ଲାଗୁନାହିଁ । ସେଥିପାଇଁ କହୁଛି ମୋ କଥା ମାନ । ମୁଁ ଲକ୍ଷେଥର ଫେଲ ହୋଇଯାଇପାରେ; ମାତ୍ର ତୋଠଉଁ ବୟସରେ ବଡ଼ । ସଂସାରରେ ତୋଠଉଁ ମୋର ବେଶି ଅନୁଭୂତି । ଯାହାସବୁ କହୁଛି ତାକୁ କାନିରେ ଗଣ୍ଠିପକା, ନାହିଁ ତ ଅନୁତାପ କରୁଥିବୁ ।''

ସ୍କୁଲ ସମୟ ହୋଇଯାଇଥିଲା । ନହେଲେ ଭଗବାନ ଜାଣନ୍ତି, ଏ ଉପଦେଶମାଳା କେବେ ଶେଷ ହୋଇଥାଆନ୍ତା । ଭୋଜନରେ ଆଜି କିଛି ସ୍ୱାଦ ନ ଥିଲା । ଯଦି ପାଶକରି ଏତେ ଗାଳି, ତେବେ ଫେଲ ହୋଇଥିଲେ ବୋଧେ ସେ ମୋର ପ୍ରାଣ ନେଇଯାଇ ଥାଆନ୍ତେ । ଭାଇ ତାଙ୍କ ଶ୍ରେଣୀର ପାଠ ବିଷୟରେ ମୋ ଆଗରେ ଯେଉଁ ଏକ ଭୟଙ୍କର ଚିତ୍ର ଆଙ୍କିଲେ, ତାହା ମୋତେ ଆତଙ୍କିତ କରି ପକାଇଲା । ମୁଁ ଯେ ସ୍କୁଲ ଛାଡ଼ି ଘରକୁ ପଳାଇଗଲି ନାହିଁ, ଏହା ହିଁ ହେଉଛି ଆଶ୍ଚର୍ଯ୍ୟର କଥା; ହେଲେ ଏତେ ଗାଳିମନ୍ଦ ପରେ ମଧ୍ୟ ବହିପ୍ରତି ମୋର ଯେଉଁ ଅରୁଚି ଥିଲା, ସେମିତି ରହିଲା । ଖେଳକୁଦର କୌଣସି ସୁଯୋଗକୁ ମୁଁ ହାତରୁ ଛାଡୁ ନଥିଲି । ପଢୁଥିଲି; କିନ୍ତୁ ବହୁତ କମ୍ । ଏତିକି ଯେ ଦୈନିକ ଟାସ୍କ ପୂରା ହୋଇଗଲେ ଗଲା, କ୍ଲାସରେ ଯେମିତି ଅପ୍ରସ୍ତୁତ ହେବାକୁ ପଡ଼ିବନାହିଁ । ମୋ ନିଜ ଉପରେ ମୋର ଯେଉଁ ବିଶ୍ୱାସ ଥିଲା, ତାହା ଚାଲିଗଲା ଏବଂ ମୁଁ ଚୋରଙ୍କ ଭଳି ଜୀବନ କଟାଇବାକୁ ଲାଗିଲି ।

ତିନି

ପୁଣି ବାର୍ଷିକ ପରୀକ୍ଷା ଫଳ ବାହାରିଲା ଏବଂ ଏଥର ବି ଯୋଗକୁ ମୋର ପାଶ୍ ହୋଇଗଲା ଏବଂ ଭାଇ ଫେଲ ହୋଇଗଲେ । ମୁଁ ବେଶି ପରିଶ୍ରମ କରିନଥିଲି ଅଥଚ କେମିତି କେଜାଣି ଶ୍ରେଣୀରେ ପ୍ରଥମ ହେଲି । ମୁଁ ନିଜେ ଆଶ୍ଚର୍ଯ୍ୟ ହୋଇଗଲି । ଭାଇ କିନ୍ତୁ ପ୍ରାଣାନ୍ତକ ପରିଶ୍ରମ କରିଥିଲେ । କୋର୍ସର ପ୍ରତ୍ୟେକ ଶବ୍ଦକୁ ସେ ଗିଳିପକାଇଥିଲେ । ଏପଟେ ରାତି ଦଶଯାଏ, ଚାରିରୁ ଭୋର ଯାଏ, ପୁଣି ଛଅରୁ ସାଢ଼େ ନଅଟାରେ ସ୍କୁଲଯିବା ପର୍ଯ୍ୟନ୍ତ । ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଯାଇଥିଲା; ହେଲେ ବିଚରା ପୁଣି ଫେଲ ହୋଇଗଲେ । ମୋର ତାଙ୍କ ଉପରେ ଦୟା ଆସୁଥିଲା ।

Digitized by srujanika@gmail.com

ଫଳ ଶୁଣି ସେ କାନ୍ଦିପକାଇଲେ ଏବଂ ମୁଁ ମଧ୍ୟ କାନ୍ଦିବାକୁ ଲାଗିଲି । ମୋର ପାଶ କରିବାର ଖୁସି ଅଧେ ଚାଲିଗଲା । ମୁଁ ଯଦି ଫେଲହୋଇ ଯାଇଥାଆନ୍ତି ଭାଇଙ୍କୁ ଏତେ ଦୁଃଖ ହୋଇନଥାନ୍ତା; କିନ୍ତୁ ବିଧିର ବିଧାନକୁ ଅନ୍ୟଥା କରିବ କିଏ ?

ଏବେ ଭାଇ ଓ ମୋ ଭିତରେ ମାତ୍ର ଗୋଟିଏ ଶ୍ରେଣୀ ତଫାତ୍ ରହିଗଲା । ମୋ ମନରେ କେମିତି ଗୋଟାଏ କୁଟିଳ ଭାବନା ଚେଇଁଉଠିଲା ଯେ ଭାଇ ଯଦି ଆଉ ଗୋଟାଏ ବର୍ଷ ଫେଲ ହୋଇଯାଆନ୍ତେ, ତେବେ ମୁଁ ତାଙ୍କ ସହିତ ସମାନ ହୋଇଯାଆନ୍ତି । ତା'ହେଲେ ସେ ଆଉ କେଉଁ କାରଣରୁ ମୋତେ ଗାଳିମନ୍ଦ ଦିଅନ୍ତେ; କିନ୍ତୁ ମୁଁ ଏଭଳି ସଂକୀର୍ଣ୍ଣ ବିଚାରକୁ ଜୋରକରି ମନରୁ ତଡ଼ିଦେଲି । ଭାବିଲି, ଯାହା ହେଉ, ସେ ତ ମୋର ଭଲପାଇଁ ମୋତେ ଆକଟ କରୁଛନ୍ତି । ଏବେ ସିନା ସେଗୁଡ଼ାକ ପିତା ଲାଗୁଛି; ବୋଧହୁଏ ତାଙ୍କରି ଉପଦେଶ ଫଳରୁ ମୁଁ ଚଟାଚଟ ପାଶ କରିଯାଉଛି, ପୁଣି ଭଲ ନମ୍ବର ରଖି ।

ଏଣିକି ଭାଇ କିଛି ନରମ ପଡ଼ିଯାଇଥିଲେ । କେତେଥର ମୋତେ ତାଗିଦ କରିବାର ଅବସର ପାଇ ମଧ୍ୟ ସେ କରିନଥିଲେ । ସେ ବୋଧେ ଏବେ ବୁଝିଯାଇଥିଲେ ଯେ ମୋତେ ଆକଟ କରିବାର ଅଧିକାର ତାଙ୍କର ଆଉ ନାହିଁ । ଥିଲେ ମଧ୍ୟ ବହୁତ କମ୍ । ମୋର ମନମୁଖୀଭାବ ମଧ୍ୟ ବଢ଼ିଗଲା । ମୁଁ ତାଙ୍କ ସହିଷ୍ଣୁତାର ଅନୁଚିତ ଫାଇଦା ଉଠାଇବାରେ ଲାଗିଗଲି । ମୋର ଗୋଟାଏ ଏମିତି ଧାରଣା ହୋଇଗଲା ଯେ, ମୁଁ ପଢ଼େ ନପଢ଼େ, ମୋର ଭାଗ୍ୟ ଜୋର ଅଛି, ପାଶଟା ଥୁଆ । ଫଳରେ ଭାଇଙ୍କ ଡରରେ ଯାହାକିଛି ଅଳ୍ପ ବହୁତ ପଢୁଥିଲି, ତାହା ଛାଡ଼ିଦେଲି । ଏଣିକି ଗୁଡ଼ି ଉଡ଼ାଇବା ଭଳି ଏକ ନୂଆ ସଉକ ମନରେ ଗଜୁରିଲା । ଏବେ ସବୁସମୟ ଖାଲି ଗୁଡ଼ିଉଡ଼ାରେ ହିଁ କଟିଲା; ତଥାପି ଭାଇଙ୍କ ପ୍ରତି ମୋର ସମ୍ମାନ ଥାଏ ଏବଂ ତାଙ୍କୁ ଲୁଚିକରି ଗୁଡ଼ି ଉଡ଼ାଏ । ମାଞ୍ଜା ଦେବା, ସୂତା ବାନ୍ଧିବା, ଗୁଡ଼ିଉଡ଼ା ଟୁର୍ଣ୍ଣାମେଣ୍ଟରେ ଯୋଗଦେବା ପାଇଁ ପ୍ରସ୍ତୁତହେବା ଇତ୍ୟାଦି ସମସ୍ୟା ଚୁପଚାପ ସମାଧାନ ହୋଇଯାଉଥାଏ । ମୁଁ ଭାଇଙ୍କୁ ଏଭଳି ଧାରଣା ଦେବାକୁ ଚାହୁଁ ନ ଥିଲି ଯେ ମୋ ଆଖିରେ ତାଙ୍କ ସମ୍ମାନ ଊଣା ହୋଇଯାଇଛି ।

ଦିନେ ସଞ୍ଜବେଳେ ହଷ୍ଟେଲଠାରୁ ଦୂରରେ ଗୋଟିଏ ଗୁଡ଼ି ଧରିବାପାଇଁ ମୁଁ ଧଇଁସଇଁ ହୋଇ ଏକମୁହାଁ ଧାଇଁଥାଏ । ମୋର ଦୃଷ୍ଟି ଥାଏ ଆକାଶରେ ଏବଂ ମନ ଥାଏ ସେହି ଆକାଶଗାମୀ ପଥିକଟି ଉପରେ, ଯିଏ ଧୀରେଧୀରେ ତଳକୁ ଖସି ଆସୁଥାଏ । ମନେହେଉଥାଏ ସତେ ଯେମିତି କୌଣସି ଗୋଟିଏ ସ୍ୱର୍ଗଚ୍ୟୁତ ଆତ୍ମା ବିଷଣ୍ଣ ମନରେ ପୃଥିବୀକୁ ଓହ୍ଲାଇଆସୁଛି ନୂତନଜନ୍ମ ଗ୍ରହଣ କରିବାକୁ । ତାକୁ ସ୍ୱାଗତ କରିବାପାଇଁ ଝଟାବନ୍ଧା ବାଉଁଶ ହାତରେ ପିଲାମାନଙ୍କର ଏକ ପଲଟଣ ଧାଇଁ ଆସୁଥାଆନ୍ତି । ସେମାନଙ୍କର କାହାରି ଆଗପଛ ପ୍ରତି ଧ୍ୟାନ ନଥାଏ । ସମସ୍ତେ

Digitized by srujanika@gmail.com

ଯେମିତି ସେଇ ଗୁଡ଼ି ସହିତ ଆକାଶରେ ଉଡୁଥାଆନ୍ତି; ଯେଉଁଠି ସବୁ ଥିଲା ସମତଳ, ନଥିଲା ସେଠାରେ ମଟରଗାଡ଼ି, ନା ଟ୍ରାମ ନା ଘୋଡ଼ାଗାଡ଼ି ।

ହଠାତ୍ ଭାଇଙ୍କ ସହିତ ମୋର ଧକ୍କା ହୋଇଗଲା । ସେ ସମ୍ଭବତଃ ବଜାରରୁ ଫେରୁଥିଲେ । ସେ ସେଇଠି ମୋ ହାତକୁ ଧରିପକାଇଲେ । ଏବଂ ଅତି ଉଗ୍ର ଭାବରେ କହିଲେ, ''ଏଇ ସବୁ ବଜାରୀ ଟୋକାଙ୍କ ସାଙ୍ଗରେ ଅଧଲା* କର ଗୁଡ଼ିପାଇଁ ଧାଇଁଛୁ, ତୋତେ ଲାଜ ଲାଗୁନାହିଁ ? ତୋର ଟିକିଏ ଇଜ୍ଜତ ଜ୍ଞାନ ନାହିଁ ଯେ, ଏବେ ତୁ ଆଉ ତଳ ଶ୍ରେଣୀରେ ନାହୁଁ, ବରଂ ଅଷ୍ଟମ ଶ୍ରେଣୀକୁ ଆସିଗଲୁଣି । ମୋଠାରୁ ମାତ୍ର ଗୋଟିଏ ଶ୍ରେଣୀ ତଳେ । ଲୋକକୁ ତାର ନିଜ ପୋଜିସନ ସଂପର୍କରେ ଜ୍ଞାନ ରହିବା ଉଚିତ । ସମୟ ଥିଲା ଯେତେବେଳେ ଲୋକେ ଅଷ୍ଟମ ଶ୍ରେଣୀଯାଏ ପଢ଼ି ନାଏବ ତହସିଲଦାର ହୋଇଯାଉଥିଲେ । ମୁଁ କେତେ ମାଇନର ପାଶ ଛାତ୍ରଙ୍କୁ ଜାଣିଛି, ଯେଉଁମାନେ ଏବେ ପ୍ରଥମ ଶ୍ରେଣୀୟ ଡେପୁଟୀ ମାଜିଷ୍ଟ୍ରେଟ ବା ସୁପରିଣ୍ଟେଣ୍ଡେଣ୍ଟ ହୋଇଛନ୍ତି । କେତେକେତେ ଅଷ୍ଟମ ଶ୍ରେଣୀ ପାଶ୍‌ବାଲା ଆମର ନେତା ଓ ଖବରକାଗଜର ସଂପାଦକ ହୋଇଛନ୍ତି । ବଡ଼ବଡ଼ ଜ୍ଞାନୀଲୋକ ତାଙ୍କ ଅଧୀନରେ କାମ କରୁଛନ୍ତି । ଅଥଚ ତୁ ଅଷ୍ଟମ ଶ୍ରେଣୀରେ ପଢ଼ି ବଜାରୀ ପିଲାଙ୍କ ସାଙ୍ଗରେ ଗୁଡ଼ିଟାଏ ପାଇଁ ଦୌଡୁଛୁ ! ତୋର ଏଇ ନିର୍ବୁଦ୍ଧିଆପଣ ଦେଖି ମୋତେ ଦୁଃଖ ଲାଗୁଛି । ତୁ ଯେ ବୁଦ୍ଧିମାନ, ଏଥିରେ ସନ୍ଦେହ ନାହିଁ; ହେଲେ ସେ ବୁଦ୍ଧି କୋଉ କାମକୁ, ଯିଏ ନିଜର ଆତ୍ମସମ୍ମାନକୁ ହତ୍ୟା କରିଦିଏ । ତୁ ମନେମନେ ଭାବୁଥିବୁ, 'ମୁଁ ଭାଇଠାରୁ ମାତ୍ର ଗୋଟିଏ ଶ୍ରେଣୀ ତଳେ । ଏବେ ତାର ମୋତେ କିଛି କହିବାର ଅଧିକାର ନାହିଁ ।' ହେଲେ ଏଇଟା ତୋର ଭୁଲ ଧାରଣା । ମୁଁ ତୋଠଉଁ ପାଞ୍ଚବର୍ଷ ବଡ଼ । ତୁ ଆଜି ହୁଏତ ମୋ ଶ୍ରେଣୀକୁ ଆସିଯାଇପାରୁ, ଏଇଭଳି ପରୀକ୍ଷକ ଯଦି ଥାଆନ୍ତି, ତେବେ ଏଥିରେ ସନ୍ଦେହ ନାହିଁ ଯେ ଆସନ୍ତାବର୍ଷ ତୁ ମୋ ସମକକ୍ଷ ହୋଇଯିବୁ । ହୁଏତ ବର୍ଷକ ପରେ ମୋତେ ବି ଟପି ଆଗକୁ ଚାଲିଯିବୁ; କିନ୍ତୁ ତୋ ମୋ ଭିତରେ ଯେଉଁ ପାଞ୍ଚବର୍ଷ ତଫାତ୍ ଅଛି, ତାକୁ ତୁ କ'ଣ, ଭଗବାନ ବି ଟଳେଇ ପାରିବେ ନାହିଁ । ମୁଁ ତୋଠଉଁ ପାଞ୍ଚବର୍ଷ ବଡ଼, ସବୁଦିନେ ଏମିତି ବଡ଼ ଥିବି । ଏଇ ଦୁନିଆ ବିଷୟରେ ଏବଂ ଜୀବନ ବିଷୟରେ ମୋର ଯେଉଁ ଅନୁଭୂତି ଅଛି, ତୁ ତାର ସମକକ୍ଷ ହୋଇପାରିବୁ ନାହିଁ । ତୁ ଏମ.ଏ.,ଡି.ଲିଟ ହୁଅ ବା ଡି.ଫିଲ ହୁଅ, ଯାହା କିଛି ହୁଅ ଖାଲି ବହି ପଢ଼ିଲେ ଜ୍ଞାନ ହୁଏନାହିଁ, ଦୁନିଆକୁ ଦେଖିଲେ ହୁଏ । ଆମ ମାଆ କିଛି ପାଠ ପଢ଼ିନାହିଁ । ବାପା ମଧ୍ୟ ପଞ୍ଚମ ଷଷ୍ଠ ଶ୍ରେଣୀରୁ ଅଧିକ ଯାଇ ନାହାନ୍ତି । ଆମେ ଦୁହେଁ ଚାହିଁଲେ ଦୁନିଆଯାକର ବିଦ୍ୟା ପଢ଼ିପକାଇବା; କିନ୍ତୁ ବାପା

* ଆଗେ ଟଙ୍କାକ ଚଉଷଠି ପଇସା ଏବଂ ପଇସାକ ଦୁଇ ଅଧଲା ହିସାବ କରାଯାଉଥିଲା ।

Digitized by srujanika@gmail.com

ଓ ମାଆଙ୍କର ଆମକୁ ବୁଝାଇବା ଏବଂ ବାଟକୁ ଆଣିବାର ଅଧିକାର ଚିରକାଳ ରହିବ । ସେ ଖାଲି ଆମର ଜନ୍ମଦାତା ହୋଇଥିବା କାରଣରୁ ନୁହେଁ, ବରଂ ଏଇଥିପାଇଁ ଯେ ଦୁନିଆ ବିଷୟରେ ତାଙ୍କର ଅଧିକ ଜ୍ଞାନ ଓ ଅନୁଭୂତି ଅଛି ଏବଂ ଏମିତି ଥିବ । ଆମେରିକାର ଶାସନ ବ୍ୟବସ୍ଥା କିପରି, ଅଷ୍ଟମ ହେନେରୀ କେତୋଟି ବିବାହ କରିଥିଲେ, ଆକାଶରେ ନକ୍ଷତ୍ର ସଂଖ୍ୟା କେତେ, ଏକଥା ହୁଏତ ତାଙ୍କୁ ଜଣା ନଥିବ; ଅଥଚ ହଜାର ହଜାର ଏମିତି କଥା ଅଛି, ଯାହା ବିଷୟରେ ତୋଠାରୁ ଓ ମୋଠାରୁ ସେ ଅଧିକ ଜାଣନ୍ତି । ଭଗବାନ ନ କରନ୍ତୁ ମୁଁ ଯଦି ଆଜି ବେମାର ପଡ଼ିଯାଏ, ତେବେ ତୋ ହାତଗୋଡ଼ ଅଚଳ ହୋଇଯିବ । ବାପାଙ୍କୁ ଖାଲି ତାରଟାଏ କରିବା ବ୍ୟତୀତ ତୋତେ ଆଉ କିଛି ବୁଦ୍ଧି ଦେଖାଯିବ ନାହିଁ; ମାତ୍ର ତୋ ଜାଗାରେ ଯଦି ବାପା ଥିବେ, ତେବେ ସେ କାହାକୁ ତାର କରିବେନାହିଁ, ବିଚଳିତ ହେବେନାହିଁ, କି ଛାନିଆଁ ହୋଇପଡ଼ିବେ ନାହିଁ । ପ୍ରଥମେ ସେ ରୋଗ ଚିହ୍ନି ତାର ଚିକିତ୍ସା କରିବେ । ସେଥିରେ ସଫଳ ନହେଲେ କୌଣସି ଡାକ୍ତରଙ୍କୁ ଡାକିବେ । ରୋଗ ଗୋଟିଏ ଖୁବ୍ ବଡ଼କଥା । ଆମେ ଦିହେଁ ତ ଏକଥା ଜାଣୁନାହିଁ ଯେ ମାସକର ଖର୍ଚ୍ଚ କେମିତି ଚଳୁଛି ? ବାପା ଯାହାକିଛି ପଠାନ୍ତି ଆମେ ତାକୁ କୋଡ଼ିଏ ବାଇଶ ତାରିଖବେଳକୁ ଶେଷ କରିଦେଉ । ପୁଣି ପଇସା ପଇସା ବୋଲି ଅସମ୍ଭାଳ ହୋଇଯାଉ । ଜଳଖିଆ ବନ୍ଦ ହୋଇଯାଏ । ଧୋବା ଏବଂ ବାରିକକୁ ମୁହଁ ଲୁଚାଉ । ଆଜି ଆମେ ଦିହେଁ ଯେତିକି ଖର୍ଚ୍ଚ କରୁଛେ, ବାପା ତାର ଅଧାରେ ଜୀବନର ବେଶି ଭାଗ ବେଶ୍ ମାନସମ୍ମାନର ସହିତ କଟାଇଛନ୍ତି ଏବଂ ପରିବାର ପୋଷଣ କରିଛନ୍ତି, ଯେଉଁ ପରିବାରରେ ମୋଟ ନଅପ୍ରାଣୀ କୁଟୁମ୍ବ ଥିଲେ । ଆମ ହେଡ଼ମାଷ୍ଟର ସାହେବଙ୍କୁ ଦେଖ । ସେ ଏମ୍.ଏ. ପଢ଼ିଛନ୍ତି ନା ନାହିଁ ? ସେ ପୁଣି ଏଠାକାର ଏମ୍.ଏ. ନୁହେଁ, ଅକ୍ସଫୋର୍ଡ଼ର । ହଜାରେ ଟଙ୍କା ପାଉଛନ୍ତି; ମାତ୍ର ତାଙ୍କ ଘରର ବୁଝାସୁଝା କିଏ କରୁଛି ? ତାଙ୍କ ବୁଢ଼ୀମାଆ । ହେଡ଼ମାଷ୍ଟର ସାହେବଙ୍କ ଡିଗ୍ରୀ ଏଠାରେ ବେକାର ହୋଇଗଲା । ପ୍ରଥମେ ପ୍ରଥମେ ଘରର ବୁଝାସୁଝା ସେ ନିଜେ କରୁଥିଲେ, ଖର୍ଚ୍ଚ ତୁଲାଇ ହେଉ ନଥିଲା । ଧାର କରଜ କରୁଥିଲେ । ଯେଉଁଦିନଠାରୁ ତାଙ୍କ ମାଆ ନିଜେ ଘର ଚଳାଇବାର ଦାୟିତ୍ୱ ହାତକୁ ନେଲେଣି ସେଇଦିନଠାରୁ ଘରକୁ ଲକ୍ଷ୍ମୀ ଆସିଯାଇଛନ୍ତି ଜାଣ । ତେଣୁ ଭାଇ, ମନରୁ ଏ ଗର୍ବ ଫୋପାଡ଼ି ଦେ' ଯେ ତୁ ଏବେ ମୋର ପାଖାପାଖି ଆସିଗଲୁଣି । ତେଣୁ ସ୍ୱାଧୀନ ହୋଇଗଲୁ । ମୋ ଆଖି ଆଗରେ ତୁ ଅବାଟରେ ଯାଇପାରିବୁ ନାହିଁ । ତୁ ଯଦି ମୋ କଥା ନ ମାନିବୁ, ତେବେ (ଥାପଡ଼ ଦେଖାଇ) ୟାର ପ୍ରୟୋଗ ମଧ୍ୟ କରିପାରେ । ମୁଁ ଜାଣୁଛି, ମୋର ଏ କଥାଗୁଡ଼ାକ ତୋତେ ବିଷଭଳି ଲାଗୁଛି ....''

Digitized by srujanika@gmail.com

ମୁଁ ତାଙ୍କର ଏଇ ନୂଆଯୁକ୍ତି ପାଖରେ ନତମସ୍ତକ ହୋଇଗଲି । ମୁଁ ସତରେ ଆଜି ଜାଣିପାରିଲି ଯେ ମୁଁ କେଡ଼େ ଛୋଟ । ଭାଇଙ୍କ ପ୍ରତି ମୋ ମନରେ ଭକ୍ତି ଆସିଗଲା । ମୁଁ ଛଳଛଳ ଆଖିରେ କହିଲି, "କେବେ ନୁହେଁ । ଆପଣ ଯାହା କହୁଛନ୍ତି ସେସବୁ ବିଲକୁଲ ସତ ଏବଂ ଏସବୁ କହିବାର ଅଧିକାର ଆପଣଙ୍କର ଅଛି ।"

ଭାଇ ମୋତେ କୁଣ୍ଢାଇ ପକାଇଲେ ଏବଂ କହିଲେ, "ମୁଁ ଗୁଡ଼ି ଉଡ଼ାଇବାକୁ ମନା କରୁନାହିଁ । ମୋର ବି ମନହେଉଛି । ହେଲେ କ'ଣ କରିବି ? ନିଜେ ଯଦି ଅବାଟରେ ଯିବି, ତେବେ ତୋତେ ରକ୍ଷାକରିବ କିଏ ? ସେ ଦାୟିତ୍ୱ ତ ମୋ ମୁଣ୍ଡ ଉପରେ ।"

ଯୋଗକୁ ଠିକ୍ ଏତିକିବେଳେ ଗୋଟିଏ ଛିଣ୍ଡା ଗୁଡ଼ି ଆମ ମୁଣ୍ଡଉପର ଦେଇ ଚାଲିଗଲା । ତାର ସୂତା ତଳକୁ ଝୁଲୁଥିଲା । ଦଳେ ପିଲା ତା ପଛେପଛେ ଧାଇଁଥିଲେ । ଭାଇ ତ ଡେଙ୍ଗା । ସେ ଡେଇଁକରି ତା ସୂତାକୁ ହାତରେ ଧରିନେଲେ ଏବଂ ଏକମୁହାଁ ହଷ୍ଟେଲ ଆଡ଼କୁ ଦୌଡ଼ିଲେ । ମୁଁ ମଧ ତାଙ୍କ ପଛେପଛେ ଦୌଡ଼ିଲି ।



Digitized by srujanika@gmail.com

ଗୋଟିଏ କୁକୁରର ଆତ୍ମକଥା

ଏକ

ପିଲାଏ, ତୁମେ ରାଜା ଓ ବୀରମାନଙ୍କ ବିଷୟରେ ଅନେକ କାହାଣୀ ଶୁଣିଥିବ; ହେଲେ କୌଣସି କୁକୁରର ଜୀବନ କାହାଣୀ ଶୁଣି ନଥିବ । କୁକୁରଙ୍କ ଜୀବନରେ ଅବା ଏମିତି କ'ଣ ଅଛି ଯେ ସେକଥା କୁହାଯାଇପାରିବ ? ସେ କ'ଣ କେଉଁ ଦେବତାଙ୍କ ସହିତ ଲଢ଼େଇକରେ ନା ପରୀରାଇଜକୁ ବୁଲିଯାଇ ପାରେ, ନା ବଡ଼ ବଡ଼ ଯୁଦ୍ଧରେ ଲଢ଼ି ବିଜୟଲାଭ କରିପାରେ । ସେଥିପାଇଁ ମୋର ଭୟ ହେଉଛି, ତୁମେ କାଳେ ମୋର ଏ କାହାଣୀକୁ ଉଠାଇ ଫିଙ୍ଗିଦେବ; କିନ୍ତୁ ମୁଁ ତୁମକୁ ବିଶ୍ୱାସ ଦେଉଛି ଯେ ମୋ ଜୀବନରେ ଏମିତି ଅନେକ କଥା ଅଛି ଯାହା ବହୁ ବଡ଼ବଡ଼ ମଣିଷଙ୍କ ଜୀବନରେ ମଧ୍ୟ ଘଟି ନଥିବ । ସେଇଥିପାଇଁ ମୁଁ ଆଜି ମୋ ନିଜ କଥା ଶୁଣାଇବା ପାଇଁ ଇଚ୍ଛାକରିଛି । ତୁମେ କୁକୁରଙ୍କୁ ଯେମିତି ଦୂର୍‌ଦୂର୍ କର, ମୋର ଏଇ କାହାଣୀକୁ ସେମିତି ନାକ ଟେକିବ ନାହିଁ । ଏଥିରୁ ତୁମେ ଅନେକଗୁଡ଼ିଏ କଥା ପାଇବ, ସେଥିରୁ ଯେଉଁଗୁଡ଼ିକ ଭଲ ଲାଗିବ ତାକୁ ଗ୍ରହଣ କରିନେବା ଉଚିତ ।

ମୁଁ ଯେତେବେଳେ ଜନ୍ମହେଲି, ସେତେବେଳେ ମୋର ଆଖି ଓ କାନ ବନ୍ଦ ଥିଲା । ତେଣୁ କହିପାରିବି ନାହିଁ ଯେ ମୋ ପାଇଁ ଗାଉଣା-ବାଜଣା ହୋଇଥିଲା କି ନାହିଁ । ମୋତେ ବି କିଛି ଶୁଭିନାହିଁ । ହଁ, ଯେଉଁ ବିଛଣା ଉପରେ ମୁଁ ଶୋଇଥିଲି, ତାହା ତୂଳାଭଳି ନରମ ଥିଲା । ଟିକିଏ ବି ଥଣ୍ଡା ଲାଗୁନଥିଲା । ମୁଁ ମନେମନେ ଭାବୁଥିଲି ଯେ କୌଣସି ଏକ ବଡ଼ଘରେ ମୋର ଜନ୍ମ ହୋଇଛି; ମାତ୍ର ଯେତେବେଳେ ଆଖି ଖୋଲିଲି ଦେଖିଲି, ଗୋଟିଏ ଅଳିଆମଳିଆ ପାଉଁଶ ଗଦାରେ ନିଜ ମାଆର ଛାତିକୁ ଜାବୋଡ଼ିଧରି ପଡ଼ିଛି । ଆମେ ଥିଲୁ ଚାରିଭାଇ । ତିନୋଟି ଲାଲ ରଙ୍ଗର, ମୁଁ ଥିଲି କଳାରଙ୍ଗର । ସେଥିରେ ପୁଣି ସବୁଠୁଁ ସାନ ଏବଂ ସବୁଠୁଁ ଦୁର୍ବଳ ।

ମାଆ ଆମମାନଙ୍କ ପାଖରେ ଖୁବ୍ କମ୍ ସମୟ ରହୁଥିଲା । ଖାଦ୍ୟ ଅନ୍ୱେଷଣରେ ତାକୁ ଏଣେତେଣେ ଧାଇଁବାକୁ ପଡୁଥିଲା । ସେ ସାରାରାତି ଚେଇଁକରି

Digitized by srujanika@gmail.com

Digitized by srujanika@gmail.com

ଗାଆଁ ଜଗୁଥିଲା । କୌଣସି ଅଚିହ୍ନା ଲୋକର କ'ଣ ସାହସ ଥିଲା ସେ ଗାଆଁରେ ପାଦଦେବାକୁ ? ଅନ୍ୟ ଗାଆଁର କୁକୁରଙ୍କୁ ତ ସେ ଦୂରରୁ ଦେଖୁଦେଖୁ ତଡ଼ି ନେଉଥିଲା । କାହା ଫସଲ କିଆରିରେ ଯଦି କ୍ଷଣଟାଏ ପଶିଯାଉଥିଲା, ସେ ତାକୁ ଗୋଡ଼େଇ ଗୋଡ଼େଇ ନେଇ ଖଣ୍ଡେ ଦୂରରେ ଛାଡୁଥିଲା; ହେଲେ ଏତେ କାମ କଲା ପରେ ମଧ୍ୟ କେହି ତାକୁ ମୁଠାଏ ଖାଇବାକୁ ଦେଉ ନଥିଲେ । ବିଚାରୀ ଭୋକରେ ଆଉଟୁ ପାଉଟୁ ହେଉଥିଲା । ତା ଛଡ଼ା ଆମମାନଙ୍କର ଚିନ୍ତା ତାକୁ ଆହୁରି କଲବଲ କରୁଥିଲା । ସେଇଥିପାଇଁ ପେଟର କଷ୍ଟ ଯେତେବେଳେ ବଳିପଡୁଥିଲା ସେ ଲୁଚିକରି କାହା ଘରେ ପଶିଯାଉଥିଲା ଏବଂ ଯାହା କିଛି ଖାଇବା ଜିନିଷ ପାଉଥିଲା ଧରି ପଳାଇ ଆସୁଥିଲା । ତାକୁ ଦେଖିବା ମାତ୍ରେ ଲୋକେ ପିଟିବାକୁ ଗୋଡ଼ାଉଥିଲେ ଏବଂ ଘରର କବାଟ ବନ୍ଦକରି ଦେଉଥିଲେ ।

ଦିନେ ଖୁବ୍ ଥଣ୍ଡା ପଡ଼ିଥାଏ । ଆକାଶରେ ମେଘ ଘୋଟିଥାଏ ଏବଂ ପବନ ବହୁଥାଏ । ମୋର ଦୁଇଟି ଭାଇ ଥଣ୍ଡା ସହି ନପାରି ମରିଗଲେ । ଆମେ ମାତ୍ର ଦୁଇଜଣ ରହିଲୁ । ମାଆ ବହୁତ କାନ୍ଦିଲା; ହେଲେ କ'ଣ କରିବ ? ଗାଆଁବାଲାଙ୍କର ତଥାପି ତା ପ୍ରତି ଦୟା ହେଲାନାହିଁ । ମଣିଷଗୁଡ଼ାକ ଯେ ଏତେ ସ୍ୱାର୍ଥପର ଓ ନିଷ୍ଠୁର ତାହା ମୁଁ ସେଦିନ ପ୍ରଥମକରି ଦେଖିଲି ।

ଦିନେ ଗାଆଁରେ ଗୋଟିଏ ଉତ୍ସବ ହେଉଥାଏ । ଜଣେ ବ୍ୟବସାୟୀଙ୍କ ଘରେ ବ୍ରାହ୍ମଣଭୋଜନ ଥାଏ । ଶହଶହ ଲୋକ ଜମାହୋଇଥାଆନ୍ତି । ପୁରି ତିଆରି ହେଉଥାଏ । ମାଆ ବାରମ୍ବାର ସେଠାକୁ ଯାଉଥାଏ; ମାତ୍ର ମାର୍‌ମାର୍ ଦୂର୍‌ଦୂର୍ ଶୁଣି ପଳାଇ ଆସୁଥାଏ । କାହାରି ହେଲେ ଟିକିଏ ଦୟା ହେଉ ନଥାଏ, ତା ଆଡ଼କୁ ଖଣ୍ଡିଏ ପକାଇଦେବା ପାଇଁ । ଏତେ ଟିକିଏ ପକାଇ ଦେଇଥିଲେ କିଛି ଊଣା ହୋଇଯାଇ ନଥାନ୍ତା; ହେଲେ ଏକଥା ଅବା କିଏ ବୁଝାଇବ ? ଯେତେବେଳେ ସବୁ ଜିନିଷ ତିଆରି ସରିଗଲା, ଅଗଣାରେ ପତର ପକାଗଲା । ଲୋକମାନେ ନିଜ ନିଜର ଆସନ ଧରି ବସିଗଲେ ଏବଂ ପତରରେ ଖାଦ୍ୟ ପରିବେଷଣ କରାଗଲା । ଏତିକିବେଳେ ମାଆ ଯାଇ ସେଠାରେ ପହଞ୍ଚିଗଲା । ଆମେ ଦୁଇଭାଇ ମଧ୍ୟ ତା ସାଙ୍ଗରେ ଯାଇଥାଉ । ଠିକ୍ ଦୁଆରମୁହଁରେ ହିଁ ଜଣେ ଲୋକ ଦୂର୍‌ଦୂର୍ କହିଲା । ମାଆ କିନ୍ତୁ ସେଠାରୁ ଗଲାନାହିଁ । ସେ ଲାଞ୍ଜ ହଲାଇବାକୁ ଲାଗିଲା ଏବଂ ସେଇଠି ବସିଗଲା । ଲୋକଟି ଯେତେବେଳେ କିଛି ଗୋଟାଏ କାମରେ ଭିତରକୁ ଚାଲିଗଲା ମାଆ ପାଦ ଚାପିଚାପି ଯାଇ ବାରଣ୍ଡାରେ ପହଞ୍ଚିଗଲା । ତାକୁ ଦେଖିବା ମାତ୍ରେ ଚାରିଆଡ଼େ 'ଧେତ୍-ଧେତ୍' କରି ଏମିତି ହୋ-ହଲ୍ଲା ଆରମ୍ଭ ହୋଇଗଲା ଯେ ମାଆ ଘାବୁରିଗଲା । ଦି'-ତିନିଜଣ ଲୋକ ବାଡ଼ି ଧରି ଧାଇଁଆସିଲେ । ବାରଣ୍ଡାରୁ ଯଦି ଖସିଆସିବା ପାଇଁ ବାଟ ଥାଆନ୍ତା

Digitized by srujanika@gmail.com

ତେବେ ମାଆ ସେଠାରୁ ପଳାଇ ଆସିଥାଆନ୍ତା; କିନ୍ତୁ ସେଠାରେ ଲୋକ ଠେଙ୍ଗା ଧରି ଠିଆହୋଇଥିଲେ । ସେଥିପାଇଁ ମାଆ କ'ଣ କଲା ନା, ଅଗଣାରେ ବସିଥିବା ଲୋକମାନଙ୍କ ଭିତରେ ପଶି ନଳାବାଟେ ବାହାରକୁ ପଳାଇଆସିଲା ।

ଏଥର ଦେଖ ତାମସା । ମାଆ ବାହାରକୁ ପଳାଇଆସିବା ପରେପରେ ଭୋଜନରେ ବସିଥିବା ଲୋକମାନେ ସମସ୍ତେ ଉଠିପଡ଼ିଲେ । ଜାଣିଛ କାହିଁକି ? ମାଆ ସେବାଟେ ଚାଲିଆସିଥିବାରୁ ଭୋଜନ କୁଆଡ଼େ ମାରା ହୋଇଗଲା । ବିଚାର ପଡ଼ିଲା କଅଣ କରାଯିବ ? ବ୍ୟବସାୟୀଟି ବିଚରା ଭୋ-ଭୋ କରି କାନ୍ଦିବାକୁ ଲାଗିଲା । କେତେକ ଲୋକ କହୁଥିଲେ, ଏଥିରେ ଦୋଷ କଅଣ ? କୁକୁର ତ ପତରରେ ମୁହଁ ମାରିନାହିଁ । ଖାଲି ଟିକିଏ ଛୁଇଁଦେଲେ କଅଣ ହେଲା ? କିନ୍ତୁ ଯେଉଁମାନେ ଖୁବ୍ କୁଳୀନ ବ୍ରାହ୍ମଣ ଥିଲେ, ସେମାନଙ୍କ ମତରେ ଭୋଜନ ମାରାହେବା ପାଇଁ ପଙ୍ଗତ ଭିତରେ ଖାଲି କୁକୁର ଚାଲିଯିବା ଯଥେଷ୍ଟ ଅଟେ । ଶେଷରେ ସେଇ କୁଳୀନମାନଙ୍କର ହିଁ ଜୟ ହେଲା ଏବଂ ସବୁତକ ଭୋଜନ ସାମଗ୍ରୀ ଗରିବ ଲୋକମାନଙ୍କ ମଧ୍ୟରେ ବାଣ୍ଟିଦିଆଗଲା । ସେଦିନ ମାଆ ଖୁବ୍ ପେଟପୂରା କରି ଖାଇଲା । ଏଭଳି ସୁଖ ତାକୁ ଜୀବନରେ କେବେ ମିଳି ନଥିଲା ।

ମାତ୍ର ସେଇ ବିଚାରୀର ଭାଗ୍ୟରେ ସୁଖ ଲେଖା ନଥିଲା । ଖାଇସାରି ଟିକିଏ ଗଡ଼ପଡ଼ ହେଉଛି, ଏତିକିବେଳେ ବେପାରୀ ଜଣକ ଗୋଟାଏ ଠେଙ୍ଗା ଧରି ଆସି ପହଞ୍ଚିଗଲା ଏବଂ ତାକୁ ପିଟିବାକୁ ଲାଗିଲା । ପଳାଇଯିବାକୁ ମାଆ ବେଳ ପାଇଲା ନାହିଁ । ଖାଲି ଜୋର ଜୋରରେ ଚିତ୍କାର କରିବାକୁ ଲାଗିଲା । ତାର କାନ୍ଦଣା ଶୁଣି ପଥର ବି ତରଳିଯିବ; ମାତ୍ର ସେ ନିଷ୍ଠୁରର ଟିକିଏ ହେଲେ ଦୟା ହେଲାନାହିଁ । ମୁଁ ମନେମନେ ରାଗରେ ଜଳୁଥିଲି । ମୋର ଶକ୍ତି ଥାଆନ୍ତା କି ବେପାରୀର ସେଇ ନିଷ୍ଠୁରତାର ମଜା ଚଖେଇ ଦେଇଥାଆନ୍ତି; ମାତ୍ର ଛୁଆଟାଏ କ'ଣ କରିପାରିବ ? ମାଆର କାନ୍ଦଣା ଶୁଣି କିଛି ଲୋକ ସେଠାରେ ଆସି ଜମା ହୋଇଗଲେ ଏବଂ ବେପାରୀକୁ ବୁଝାଇବାକୁ ଲାଗିଲେ, "ଛାଡ଼ ଭାଇ, ଭୋକବେଳେ ମଣିଷର ତ ବୁଦ୍ଧି ହଜିଯାଏ । ଏ ତ ଯେତେହେଲେ ପଶୁ । କାହାର ଲାଭ, କାହାର କ୍ଷତି ତାକୁ କି ଜଣା ? ଏବେ ଯାହା ହେବାର ହେଲାଣି, ତାକୁ ପିଟିକରି କ'ଣ ପାଇବ ?"

ବେପାରୀର ମନକୁ ଏକଥାଟା ପାଇଗଲା । ଫଳରେ ମାଆର ଜୀବନ ରହିଗଲା ।

ସେଇଦିନ ସଞ୍ଜବେଳକୁ ବାଟୋଇଟିଏ ଆସି ସେଇ ଗାଆଁରେ ଅଟକିଗଲା । ସେ ଗୋଟିଏ ଗଛମୂଳେ କିଛି ଶୁଖିଲା ଗୋବରଗୁଣ୍ଡ ଜାଳି, ହାଣ୍ଡିରେ ଡାଲି ପକାଇ

Digitized by srujanika@gmail.com

ଅଟା ଚକଟିବାରେ ଲାଗିଲା । ଅଟା ଦଳିସାରି ହାଣ୍ଡି ଓହ୍ଲାଇଦେଲା ଏବଂ ପାଖ କୂଅରୁ ପାଣି ଆଣିବାକୁ ଗଲା । ଚକଟାଅଟା ପଥର ଉପରେ ଥୁଆହୋଇଥିଲା । ଏତିକିବେଳେ ମାଆ ବୁଲୁବୁଲୁ ସେଠାରେ ଯାଇ ହାବୁଡ଼ିଗଲା । ସେ ବୋଧହୁଏ ଭାବିଲା ଯେ ଅଟାର କେହି ମାଲିକ ନାହାନ୍ତି । ସେ ତାକୁ ଖାଇବାକୁ ଲାଗିଲା । ବାଟୋଇଟି ସେଇ କୂଅପାଖରୁ 'ହେ-ହେ' କରିବାକୁ ଲାଗିଲା; ହେଲେ ମାଆ ସେଆଡ଼େ ମୋଟେ ଚାହିଁଲାନାହିଁ । ବାଟୋଇ ବିଚରା ମୁଣ୍ଡରେ ହାତ ଦେଇ କାନ୍ଦିବାକୁ ଲାଗିଲା । ଆଜିକୁ ସେ ତିନିଦିନ ହେବ ଓପାସ, ହାଲିଆ । ସେଥିରେ ପୁଣି ଭଗବାନଙ୍କର ଏଇ ଖେଳ ! ଦୁଇତିନି ଜଣ ଲୋକ ତାକୁ ବୁଝାଇଲେ "ତୁମର ତ ମାତ୍ର ଚାରି-ଛଅ ଅଣା* ପଇସା କ୍ଷତିହେଲା, କାଲି ତ ସେ ହଜାରେ ଲୋକଙ୍କ ଦାନାରେ ଧୂଳି ଦେଇଦେଇଛି ।"

ବାଟୋଇ କହିଲା, "ମୁଁ କ'ଣ ଜାଣିଥିଲି ଯେ ଚଣ୍ଡାଳୁଣୀ କେଉଁଠି ଛକିକରି ବସିଛି ?"

ଚୌଧୁରୀ ବୁଢ଼ା କହିଲେ, "ଜଣାପଡୁଛି ଆଜି ତୁମ ଆହାର ତା ଭାଗ୍ୟରେ ଥିଲା । କଥାରେ ଅଛି, 'ଶାହ କୀ ମୁହର ଆନେ-ଆନେ ପର, ଖୁଦା କୀ ମୁହର ଦାନେ-ଦାନେ ପର ।' ଯାଅ, ଆଉ ଥରେ ତିଆରିକରି ଖାଅ ।"

ବାଟୋଇ ବିଚରା ପୁଣି ଥରେ ଚୁଲି ଲଗାଇଲା ଏବଂ ଖାଦ୍ୟ ତିଆରିକଲା । ଚୌଧୁରୀ ସେଇଠି ବସିରହିଲେ । ବାଟୋଇ ପଚାରିଲା, "ବାବୁ, ମୁଁ ଆପଣଙ୍କ କଥାର ରହସ୍ୟ କିଛି ବୁଝିପାରିଲି ନାହିଁ । ଟିକିଏ ବୁଝାଇ ଦିଅନ୍ତୁ ।"

ଚୌଧୁରୀ କହିଲେ, "ଫକୀର ଜଣେ ଏଇକଥା କହି ଦୁଆର ଦୁଆର ବୁଲି ଭିକ ମାଗୁଥିଲେ, 'ଶାହ କୀ ମୁହର ଆନେ-ଆନେ ପର, ଖୁଦା କୀ ମୁହର ଦାନେ ଦାନେ ପର ।' ଜଣେ ମଜାଦାର ଧନୀଲୋକ କହିଲେ, "ମହାଶୟ, ଏକଥା ତ ବୁଝିହେଉ ନାହିଁ । ମୁଦ୍ରା ଉପରେ ତ ରାଜାଙ୍କର ମୋହର ଥାଏ; ମାତ୍ର ଦାନା ଉପରେ ପୁଣି ଈଶ୍ୱରଙ୍କ ମୋହର କେମିତି ?"

ଫକୀର କହିଲେ,"ନାଇଁ ପୁଅ, ଭଗବାନ ଯାହାକୁ ଯେଉଁ ଦାନା ଦେବାକୁ ଚାହିଁବେ, ସେଇ କେବଳ ତାହା ପାଇବ । ଅନ୍ୟ କେହି ପାଇପାରିବେ ନାହିଁ । ଚାହିଁଲେ ଏ କଥାକୁ ପରୀକ୍ଷା କରିପାର ।"

ଧନୀଲୋକ କହିଲେ,"ମୁଁ ଏଇ ସାଙ୍ଗେସାଙ୍ଗେ ପରୀକ୍ଷା କରୁଛି । ଯଦି ଏ କଥା ସତ ହୁଏ, ତେବେ ମୁଁ ଆପଣଙ୍କର ଗୋଲାମ ହେବି ।"

ଧନୀଲୋକ ଗୋଟିଏ ଯୁଆର ଦାନା ହାତରେ ଧରି କହିଲେ,"ଦେଖନ୍ତୁ ମୁଁ

* ଆଗେ ଟଙ୍କାକ ଷୋଳଅଣା ହିସାବରେ ଚଳୁଥିଲା । ଆଜିକାଲିର ଛ'ପଇସା ଥିଲା ସେକାଳରେ ଅଣାଏ ସହିତ ସମାନ ।

Digitized by srujanika@gmail.com

ଯାକୁ ମୋ ପାଟିରେ ପକାଉଛି । ଯଦି ଭଗବାନଙ୍କର ଯା ଉପରେ ମୋହର ଅଛି, ତେବେ ସେ ଆଉ କାହାକୁ ଦେଇଦିଅନ୍ତୁ ।''

ଏଇଆ କହି ସେ ଦାନାଟିକୁ ନିଜ ପାଟିରେ ପକାଇବାକୁ ଉଦ୍ୟତ ହେଲେ; ମାତ୍ର ଦାନାଟି ପାଟିରେ ନ ପଡ଼ି ତଳେ ପଡ଼ିଗଲା ଏବଂ ଗୋଟିଏ ଚଢ଼େଇ ତାକୁ ଥଣ୍ଟରେ ନେଇଗଲା । ଧନୀଲୋକ ଏକଥା ଦେଖି ଥକ୍କାହୋଇ ରହିଗଲେ । ବେଶ୍, ଆପଣ ବି ମନେରଖନ୍ତୁ ଯେ କେହି କାହାକୁ ଖାଇବାକୁ ଦେଉନାହିଁ କି କେହି କାହାର ଖାଉନାହିଁ । ସମସ୍ତଙ୍କୁ ଖୁଆଇବାବାଲା ହେଉଛନ୍ତି ସେଇ ଭଗବାନ ।''

ଦୁଇ

ଆମେ ଦୁଇଭାଇ ଯେତେବେଳେ ଟିକିଏ ବଡ଼ ହୋଇଗଲୁ ଛୋଟଛୋଟ ପିଲାମାନେ ଆମକୁ ଖୁଆଇବାକୁ ଆରମ୍ଭକଲେ । ମୁଁ ଖୁବ୍ ସୁନ୍ଦର ଥିଲି । ମୋତେ ଜଣେ ପଣ୍ଡିତଙ୍କ ପୁଅ ଧରି ନେଇଗଲା । ମୋ ଭାଇକୁ ଗୋଟିଏ ଡଫାଲି* ର ପୁଅ ଧରି ନେଇଗଲା । ମୁଁ ପୋଷାହେଲି ପଣ୍ଡିତଙ୍କ ଘରେ, ମୋ ଭାଇ ରହିଲା ଡଫାଲିର ଘରେ । ତାକୁ ଡାକୁଥିଲେ 'ନାଲୁ' ମୋତେ ଡାକୁଥିଲେ 'କାଳୁ' ।

ଶୀତଦିନ ହୋଇଥାଏ । ପିଲାମାନେ ଯେତେବେଳେ ଖରାରେ ଯାଇ ରୁଣ୍ଡ ହୋଇଯାଆନ୍ତି ଆମକୁ କୋଳରେ ଧରି ନିଅନ୍ତି ଓ ଚୁମା ଦିଅନ୍ତି । କିଏ କହେ 'ମୋ ପୁଅ', କିଏ କହେ 'ଆମ ମୁନ୍ନା' । କେହି ପିଲା ମୋ କାନକୁ ଧରି ଉପରକୁ ଟେକିଧରି କହେ, ''ଦେଖିଲ ଭାଇ, ଏ ଚୋର ନା ସାଧୁ ?'' କାନକୁ କଷ୍ଟ ନହେଲା ଯାଏ ମୁଁ କିଛି କହେନାହିଁ । ଏଥର ସମସ୍ତେ ପାଟିକରନ୍ତି, ''ଫୋପାଡ଼, ଫୋପାଡ଼, ଚୋରଟାଏ ।'' ହେଲେ କାନକୁ କାଟିଲେ ମୁଁ ଯେତେବେଳେ ଚିତ୍କାରକରେ, ସେତେବେଳେ ସବୁ ପିଲା 'ସାଧୁ ସାଧୁ' କହି ହସିଉଠନ୍ତି । ଏମିତି ଖେଳ ପ୍ରାୟ ଶହେଥର ପର୍ଯ୍ୟନ୍ତ ଚାଲେ । କେହି ମୋର ଆଗ ଦୁଇଗୋଡ଼କୁ ଟେକିଧରି କହେ, 'ମୋ ମୁନ୍ନା ଦି' ଗୋଡ଼ରେ ଚାଲେ ।' ଏମିତି ଚଲେଇବା ଫଳରେ ମୋ ପାଦ ଦରଜ ହୋଇଯାଏ; ହେଲେ ମୋର ବା ଚାରା କ'ଣ ? ବେଳେବେଳେ ଛୋଟପିଲା ଓ ବଡ଼ପିଲା ସମସ୍ତେ ଟିକିପିଲାଙ୍କୁ ମୋ ପିଠିରେ ବସାଇଦେଇ କହନ୍ତି, 'ମୋ ଧନ ହାତୀ ଉପରେ ବସିଛି ।' ମୁଁ ବା ସେଇ ପିଲାଙ୍କର ବୋଝ କେମିତି ସହନ୍ତି ? ଚିତ୍କାର କଲାଫଳରେ ଜୀବନ ରହିଯାଏ । କେହିକେହି ପିଲା ମୋ ବେକରେ ଦଉଡ଼ି ବାନ୍ଧି ତାଙ୍କ ପଛରେ ଦୌଡ଼ାନ୍ତି । ମୁଁ ଭଲା ତାଙ୍କ ସାଙ୍ଗରେ କେମିତି ଦୌଡ଼ିପାରନ୍ତି ? କିନ୍ତୁ

* ଡଫଲି ନାମକ ଗୋଟିଏ ପ୍ରକାର ବାଜା ବଜାଉଥିବା ଲୋକ ।

Digitized by srujanika@gmail.com

ସେମାନେ ତାଙ୍କରି ଦମ୍‌ରେ ମୋତେ ଘୋଷାଡ଼ି ଘୋଷାଡ଼ି ନେଇଯାଆନ୍ତି । ମୋର ସାରାଦେହରେ ଯନ୍ତ୍ରଣା ହୁଏ; ମାତ୍ର ଏଇ ଗରିବକୁ ସାହାଯ୍ୟ କଲାବାଲା କିଏ ଥାଏ ସେଠାରେ ?

ବେଳେବେଳେ ପିଲାମାନେ ମୋତେ ନେଇ ପାଖରେ ଥିବା ଗଡ଼ିଆରେ ପକାଇ ଦିଅନ୍ତି ଓ ମୋ ପହଁରିବାର ମଜା ଦେଖନ୍ତି । ମୁଁ ବାହାରି ଆସିବାକୁ ଛଟପଟ ହେଉଥିବାବେଳେ ପିଲାମାନେ ହସିହସି କହନ୍ତି, "ଦେଖ, କାଲୁ କେମିତି ପହଁରୁଛି ।" ମୁଁ ସେତେବେଳେ 'ବୁଡ଼ିଯିବି, ବୁଡ଼ିଯିବି ' ହେଉଥାଏ । ଜୋର ଜୋରରେ ପାଦରେ ଆହୁଲା ମାରି କୌଣସି ପ୍ରକାରେ କୂଳକୁ ଆସିଯାଏ ଏବଂ ଶୀତରେ କମ୍ପିବାକୁ ଲାଗେ । ଖରା ବାଜି ଦେହ ଟିକିଏ ଉଷୁମ ହୋଇ ଆସିବାବେଳକୁ କେହି ଦୁଷ୍ଟପିଲା କହିଉଠେ, "ଏବେ ମୋ ପାଳି ।" ଏକଥା ଶୁଣୁଶୁଣୁ ମୋ ପିଣ୍ଡରୁ ପ୍ରାଣ ବାହାରିଯାଏ; ହେଲେ ଯିବି କୁଆଡ଼େ ? ପୁଣି କିଏ ଜଣେ ନେଇ ପାଣିରେ ଫିଙ୍ଗିଦିଏ । ସେତେବେଳେ ଯାହା ରାଗ ହୁଏ, ସେକଥା କଅଣ କହିବି ? ଭାବୁଥାଏ, କିଏ ଜଣେ ଯଦି ଏଇ ବଦମାସମାନଙ୍କୁ ମୋ ଭଳି ପାଣିରେ ବୁଡ଼ାନ୍ତା ତେବେ ସେ ଜାଣନ୍ତେ ।

ଆମ ଦି'ଜଣଙ୍କ ଭିତରୁ କେହି ଜଣେ ବି ଭଲରେ ନଥିଲେ । ଅବଶ୍ୟ ନାଲୁର ଦଶା ମୋଠଉଁ ଟିକିଏ ଭଲ ଥିଲା । ପଣ୍ଡିତଙ୍କ ଘରେ ମୋତେ ଶୁଖିଲା ଭୋଜନ ମୁଠାଏ ମିଳୁଥିଲା । ତା ବି ବହୁତ କମ୍ । ସେଥିପାଇଁ ଅନ୍ୟମାନଙ୍କ ଘର ଆଗରେ ମୋତେ ଚକ୍‌କର ମାରିବାକୁ ହେଉଥିଲା ।

ଡଫାଲି ବଡ଼ ମାଂସପ୍ରିୟ ଥିଲା । ପ୍ରାୟ ପ୍ରତିଦିନ ତାଙ୍କ ଘରେ ମାଂସ ତରକାରି ହୁଏ । ସେଥିପାଇଁ ନାଲୁକୁ ଢେର ଭୋଜନ ମିଳୁଥିଲା । ଆଉ କାହା ଦୁଆରକୁ ଯିବା ତାର ଦରକାର ହେଉ ନଥିଲା । ପେଟପୂରା ଖୋରାକ ମିଳୁଥିବାରୁ ଏବଂ ବେପରୁଆ ଥିବାରୁ ସେ ଦିନକୁ ଦିନ ବେଶ୍ ବଳବାନ ଓ ମୋଟାସୋଟା ହେବାକୁ ଲାଗିଲା । ଦିନେଦିନେ ମୁଁ ଭୋକରେ ଆଉଟୁ ପାଉଟୁ ହୋଇ ଡଫାଲିର ଘର ଆଗରେ ହାବୁଡ଼ି ଯାଉଥିଲି । ହୁଏତ ସେଠାରେ କିଛି ମିଳିଯିବ, ଏଇ ଆଶାରେ । ଭାବୁଥିଲି ଯେତେହେଲେ ନାଲୁ ତ ମୋ ରକ୍ତର ସଂପର୍କ । ତାକୁ ଟିକିଏ କାକୁତି ମିନତି ହେଲେ ନିଶ୍ଚେ କିଛି ନା କିଛି ମିଳିବ । ତାର ତ କିଛି କ୍ଷତି ହେବାର ନାହିଁ । ମୁଁ ତାଠଉଁ ଭାଗ ନେବାକୁ ଚାହୁଁ ନଥିଲି, ଖାଲି ତାର ଅଇଁଠା ଟିକିଏ ଚାହୁଁଥିଲି; ମାତ୍ର ସେ ମୋ ଛାଇ ଦେଖିବା ମାତ୍ରେ ଏମିତି ଗାଉଁ-ଗାଉଁ ହୋଇ ଝପଟି ଆସୁଥିଲା ଯେ, ମୁଁ ଯେମିତି ତାର ଶତ୍ରୁ । ସେ ମୋଠଉଁ ଥିଲା ବଳୁଆ । ସେଥିପାଇଁ ମୁଁ ତାର ସାମନା କରିପାରୁ ନଥିଲି । ସେ ତା ଦାନ୍ତରେ ମୋତେ ଖୁବ୍ କାମୁଡୁଥିଲା ଏବଂ ତଳେ

Digitized by srujanika@gmail.com

ପକାଇଦେଇ ପଞ୍ଝାରେ ରାମ୍ପୁଡ଼ି ପକାଉଥିଲା । ମୁଁ ଲାଙ୍ଗୁଡ଼ ଜାକି ଜୋରରେ ଚିତ୍କାରକଲେ ରକ୍ଷା ପାଇଯାଉଥିଲି । ତକୁ ଉଠି ଯେମିତି ପଳାଇବାକୁ ଚେଷ୍ଟାକରେ ଡଫାଲି କହେ, "ଏଇ, ପଣ୍ଡିତଙ୍କ ଡରୁଆ କୁକୁର ପଳାଇଲା, ପଳାଇଲା ।"

ଏକଥା ଶୁଣି ବହୁତ ମନକଷ୍ଟ ହୁଏ । ମୁଁ ପୁଣି ଯାଇ ନାଲୁ ଉପରେ ଝାମ୍ପିପଡ଼େ । ମୋର ଏଭଳି ସାହସ ଦେଖି ଦେଖଣାହାରୀ କହନ୍ତି, "ବାଃରେ କାଳୁ, ବାଃ । ସାବାସ୍" । ଏକଥା ଶୁଣି ଦେହରେ ଆହୁରି ଜୋର ଆସିଯାଏ; ହେଲେ ପରିଶେଷରେ ମୋତେ ପଳାଇ ଆସିବାକୁ ହୁଏ । ସେତେବେଳେ ସମସ୍ତେ ତାଳିମାରି ମୋତେ ହସିବାକୁ ଲାଗନ୍ତି । ରାଗ ଟିକିଏ ଥଣ୍ଡା ପଡ଼ିବାବେଳକୁ ଦେଖେ, ମୁଁ ରକ୍ତରେ ଜୁଡୁବୁଡୁ । ମାସକ ପରେ ଯାଇ ଘାଆ ଶୁଖେ । ଘାଆ ଶୁଖିଯିବା ପରେ ପୁଣି ମନହୁଏ, ଏଥର ଯାଇ ନାଲୁକୁ ଭଲକରି ପାନେ ଦେବି ଏବଂ ପଣ୍ଡିତଜୀଙ୍କୁ ବଦନାମରୁ ରକ୍ଷାକରିବି; ମାତ୍ର ନିଜର ଅବସ୍ଥା ଦେଖି ଚୁପ ରହେ ।

ଦିନେ ମୁଁ ଜୀବନକୁ ପାଣିଛଡ଼ାଇ ନାଲୁ ଉପରକୁ କୁଦିପଡ଼ିଲି । ସେ ବି ପୂରା ଦମ୍‌ରେ ମୋ ସାଙ୍ଗରେ ଲଢ଼ିଲା । ଯୋଗକୁ ପଣ୍ଡିତଜୀ ସେଠାରେ ଆସି ପହଞ୍ଚିଗଲେ । ତାଙ୍କୁ ଦେଖି ଲୋକମାନେ କହିଲେ, "କାଳୁଟା ନିହାତି ଗୋଟାଏ ଡରୁଆ କୁକୁର । ସେ ନାଲୁ ସାଙ୍ଗରେ କେବେ ବି ସରିହୋଇ ପାରିବନାହିଁ ।"

ମୁଁ ଦେଖିଲି ଏକଥା ଶୁଣି ପଣ୍ଡିତଜୀଙ୍କ ମୁହଁ କଳା ପଡ଼ିଗଲା । ତେଣୁ ମୁଁ ସ୍ଥିର କଲି, ଆଜି ଜୀବନ ରହୁ, ନହେଲେ ଯାଉ, ନାଲୁକୁ ଜରୁର ପାନେ ଦେବି । ଏମିତି ଜୋରରେ ଏବଂ ଏମିତି କାଇଦାରେ ତା ସାଙ୍ଗରେ ଲଢ଼ିଲି ଯେ ପିଲାର ଅବସ୍ଥା ଢିଲା ହୋଇଗଲା । ଦେଖଣାହାରୀମାନେ କହିଲେ, "ବାଃ, କାଳୁ ଆଜି ଗୋଟାଏ କାମ ଦେଖାଇଦେଲା । ଠିକ୍ ହୋଇଛି । ମାଲିକକୁ ପାଖରେ ଦେଖି ସମସ୍ତଙ୍କର ଏମିତି ପତିଆରା ବଢ଼ିଯାଏ । ସେଇଥିପାଇଁ ନାଲୁ ଡଫାଲିକୁ ପାଖରେ ଦେଖି ସବୁଥର କାଳୁକୁ ହଟେଇ ଦିଏ । ଆଜି ସେମିତି କାଳୁ ପଣ୍ଡିତଜୀଙ୍କୁ ଦେଖି ନାଲୁକୁ ଦବେଇ ଦେଲା ।"

ମୁଁ ଦେଖିଲି ପଣ୍ଡିତଜୀଙ୍କ ମନଟା ଖୁସି ହୋଇଗଲା । କାରଣ ମୁଁ ତାଙ୍କ ଇଜ୍ଜତ ରଖିଦେଲି । ଏଣିକି ସେ ମୋ ଖୋରାକ ଟିକିଏ ବଢ଼ାଇଦେଲେ । ତେଣେ ନାଲୁ ପ୍ରତି ଡଫାଲି ମଧ୍ୟ ଅଧିକ ଧ୍ୟାନ ଦେବାକୁ ଲାଗିଲା ।

ଦିନକର କଥା । ମାଆ ବୁଲୁବୁଲୁ ଡଫାଲିର ଦୁଆରମୁହଁରେ ଯାଇ ହାବୁଡ଼ିଗଲା । ନାଲୁ ସେତେବେଳେ ସେଠାରେ ନଥିଲା । ମାଆର ଧଡ଼ିଆ ଚେହେରା ଦେଖି ଡଫାଲି ଦୟା ପରବଶ ହୋଇ ତା ପାଖକୁ ରୁଟି ଖଣ୍ଡେ ଫୋପାଡ଼ିଦେଲା । ମାଆ ଯେମିତି ସେ ଖଣ୍ଡକ ଉଠାଇବାକୁ ଆଗେଇଛି ନାଲୁ କେଉଁଠି ଥିଲା, ସେଠାରେ

Digitized by srujanika@gmail.com

ଆସି ପହଞ୍ଚିଗଲା ଏବଂ ମାଆ ଉପରକୁ ଚମକି ଆସିଲା । ଯୋଗକୁ ମୁଁ ମଧ୍ୟ ସେଠାରେ ଯାଇ ପହଞ୍ଚିଗଲି । ଆଉ କ'ଣ ହେବ ? ମାଆ ନାଲୁଠାରୁ ନିଜକୁ ବଞ୍ଚାଇ ମୋ ସାଙ୍ଗରେ ଝଗଡ଼ା ଆରମ୍ଭ କରିଦେଲା । ମୁଁ ତ ତା ଉପରେ ଆକ୍ରମଣ କରିବାକୁ ଚାହୁଁ ନଥିଲି; ମାତ୍ର ସେ ପୂରା ଦମରେ ମୋ ଉପରେ ଚଢ଼ଉ ଆରମ୍ଭ କରିଦେଲା । ମୋତେ ସେତେବେଳେ ବହୁତ ହସ ମାଡୁଥାଏ । ପେଟ ଗୋଟାଏ କି ଜିନିଷ ! ତାଆରି ପାଇଁ ଲୋକେ ପର-ଆପଣା ଜାଣୁନାହାନ୍ତି । ତା ନହେଲେ ନିଜର ଜନ୍ମ-କଲା ମାଆ ଓ ଏକା ମାଆ ପେଟର ଭାଇ କେମିତି ଶତ୍ରୁ ହୋଇଯାଆନ୍ତେ ! ଇଏ ତ ଆମ ପଶୁମାନଙ୍କର କଥା । ମନୁଷ୍ୟଙ୍କ କଥା ଭଗବାନ ଜାଣନ୍ତି ।

ତିନି

ମୁଁ ରହୁଥିବା ପଣ୍ଡିତଙ୍କ ଘରେ ଢେର ଧାନଚାଉଳ ଥିଲା । କଚ୍ଚା ଘର । ମୂଷାମାନେ ଆଡ୍ଡା ଜମେଇଥିଲେ । ତାଙ୍କ ଉତ୍ପାତରେ ଘରଲୋକେ ନାକେଦମ୍ ହୋଇଯାଉଥିଲେ । ସେମାନେ ଚାହୁଁଥିଲେ, ଯନ୍ତା ବସାଇ ମୂଷାମାନଙ୍କୁ ନିର୍ମୂଳ କରିଦେବେ; କିନ୍ତୁ ପଣ୍ଡିତଜୀ ଏଇଥିପାଇଁ କଥାଟାକୁ ଏଡ଼ାଇ ଦେଉଥିଲେ ଯେ, ମୂଷା ହେଉଛି ଗଣେଶ ଠାକୁରଙ୍କ ବାହନ । ମୂଷାଙ୍କୁ କଷ୍ଟଦେବା ଉଚିତ ନୁହେଁ । ସେମାନେ ଖାଇଲେ କେତେ ବା ସରିବ ? ତାଙ୍କର ବିଶ୍ୱାସ, ମୂଷାମାନେ ଯେତେ ଶସ୍ୟ ନଷ୍ଟକରନ୍ତି ଶ୍ରୀ ଗଣେଶଙ୍କ ଦୟାରୁ ତାର ଚାରିଗୁଣ ଅମଳ ହୁଏ । ସେଥିପାଇଁ କେହି ଯନ୍ତା ବସାଇବାର ଦେଖିଲେ ସେ ହଜାରେ ପ୍ରକାର କଥା କହନ୍ତି ।

ପଣ୍ଡିତଙ୍କ ସୁନାମ ଲୋକଙ୍କ ଭିତରେ ବେଶ୍ ପ୍ରଚାର ହୋଇଗଲା । ଯଦି କୌଣସିଠାରେ ଠାକୁରଭକ୍ତି କଥା ଆଲୋଚନା ହୁଏ, ପଣ୍ଡିତଙ୍କ ନାମ ପ୍ରଥମେ ପଡ଼େ । କେଡ଼େ ଧାର୍ମିକ ଲୋକ ! ଏତେ କ୍ଷତି ସହିବା ପରେ ମଧ୍ୟ ମୂଷାଙ୍କୁ ମାରୁନାହାନ୍ତି ! ଲୋକମାନେ ତ ମଣିଷର ଜୀବନ ନେଇଯାଉଛନ୍ତି ।

ଯେତେଦିନ ଯାଏ ମୂଷା କେବଳ ଧାନଚାଉଳ ନଷ୍ଟକରିବା ଭିତରେ ଥିଲେ, ସେ ଯାଏ ପଣ୍ଡିତେ ନିଜ ପ୍ରତିଜ୍ଞାରେ ଅଟଳ ଥିଲେ ; କିନ୍ତୁ ଯେତେବେଳେ ଧାନ ଚାଉଳ ଛାଡ଼ି ଲୁଗାପଟା ଉପରେ ତାଙ୍କ ଅତ୍ୟାଚାର ଆରମ୍ଭ ହୋଇଗଲା, ସେତେବେଳେ ପଣ୍ଡିତଙ୍କ ସ୍ଥିତି ଟଳମଳ ହେବାକୁ ଲାଗିଲା । ଶୀତଦିନିଆ ପୋଷାକ କିଛି ସିନ୍ଧୁକ ଭିତରେ ଥିଲା, ଆଉ କିଛି ଅଲଗୁଣିରେ ଝୁଲୁଥିଲା । ଖରାଦିନେ ସେଥିପ୍ରତି କାହାରି ଦୃଷ୍ଟି ନଥିଲା । ବର୍ଷାଦିନେ ଯେତେବେଳେ ସେଗୁଡ଼ିକୁ ଖରାଦେବା ପାଇଁ ବାହାର କରାଗଲା, ଦେଖାଗଲା, ସବୁଲୁଗା କୁଟୁକୁଟା ହୋଇଯାଇଛି ।

Digitized by srujanika@gmail.com

ସେମାନେ କାଠ ସିନ୍ଦୁକକୁ ବି କାଟି ପକାଇଥିଲେ । ପଣ୍ଡିତଜୀଙ୍କ ରକ୍ତରେ ନିଆଁ ଲାଗିଗଲା । ମୂଷାମାନେ ଗୋଟିଏ ଗୋଟିଏ ଜିନିଷରେ ହଜାରେ କଣା କରି ଦେଇଥିଲେ । ଦୁଇଶହ ଅଢ଼େଇଶହ ଟଙ୍କା ପାଣିରେ ପଡ଼ିଲା । ଏବେ ପଣ୍ଡିତଜୀ ନିଷ୍ପତ୍ତିକଲେ ଯେ ଯେମିତି ହେଉ ମୂଷାବଂଶ ନିର୍ମୂଳକରି ଛାଡ଼ିବେ । ସେଇଦିନ ଗୋଟିଏ ବିଲେଇ ଆଣି ପାଳିଲେ ଏବଂ ଦୁଇ ତିନୋଟି ଯନ୍ତା ମଗାଇଲେ । ଆଉ ଏଥର ଚିନ୍ତା କ'ଣ ? ପ୍ରତିଦିନ ସେଥିରେ ମୂଷା ପଡ଼ିବାକୁ ଲାଗିଲେ । ମୋ ପାଇଁ ଖୁସିର ଖୋରାକ ମିଳିଗଲା । ଏମିତି ତ ମୁଁ ପୂରା ନିରାମିଷାଶୀ ପାଲଟି ଯାଇଥିଲି । କାରଣ ଖାଲି ଭାତ-ପାଣି ଖାଇବାକୁ ପଡୁଥିଲା । ମାଂସରେ ମୋଟେ ରୁଚି ନଥିଲା; ହେଲେ ଶିକାର କରିବାକୁ ମଜା ଲାଗୁଥିଲା । କାହିଁକି ମଜା ନ ଲାଗିବ ? ସେଇଟା ତ ମୋର ଖାନଦାନୀ କଥା ।

ପଣ୍ଡିତଜୀ ଯେମିତି ଯନ୍ତା ଖୋଲନ୍ତି, 'କାଲୁ, କାଲୁ' ବୋଲି ଡାକଛାଡ଼ନ୍ତି । ମୁଁ ଯେଉଁଠି ଥାଏ ଉଲ୍କା ଭଳି ଆସି ସେଠାରେ ପହଞ୍ଚିଯାଏ । ଏତିକିବେଳେ ମୁଁ ଯେଉଁ କୌତୁକ କରେ, ତାହା ଦେଖିବାର କଥା । ମୂଷାମାନଙ୍କୁ ଖେଳାଇ ଖେଳାଇ ମାରିଦିଏ; ମାତ୍ର ଖାଏ ନାହିଁ ।

କିନ୍ତୁ ମୋ ଭାଇ ନାଲୁ ସବୁଦିନେ ମାଂସ ଖାଏ । ସେ ବି ସେଇ ଶିକାରରେ ଆସି ସାମିଲ ହୋଇଯାଏ । କେବେକେବେ ମାଆ ବି ଆସି ଜୁଟିଯାଏ । ସେଦିନ ତାର ପେଟ ଭର୍ତ୍ତି ହୋଇଯାଏ । ସେଥିପାଇଁ ସେ ମୋତେ ମନେମନେ ଆଶୀର୍ବାଦ କରେ । ତାର ବୋଧହୁଏ ଆଗର ଛୁଆମାନଙ୍କ କଥା ମନେପଡ଼ିଯାଏ । ସେମାନେ ଯଦି ଆଜି ବଞ୍ଚିଥାଆନ୍ତେ, ତେବେ ଏହାର ସଦ୍‌ବ୍ୟବହାର କରିଥାଆନ୍ତେ । ଭାଇ ଭଳି ମୋର ଯଦି ଲୋଭ ଥାଆନ୍ତା, ତେବେ ମୁଁ ଦୁଇଟା ଗୋଟାଏ ମୂଷା ପେଟରେ ପକାଇ ଦେଇଥାଆନ୍ତି; କିନ୍ତୁ ମୁଁ ବାବା କାଳଭୈରବଙ୍କ ନାଆଁରେ ଶପଥକରି କହୁଛି ଯେ ଖାଇବା ତ ଦୂରର କଥା ନାକରେ ଶୁଙ୍ଘେନାହିଁ ମଧ୍ୟ ।

ମୂଷାମାନଙ୍କ ଜୀବନ ନେବାରେ ଆମ ମନରେ ଟିକିଏ ବି ଦୟା ଆସେ ନାହିଁ । ସେମାନଙ୍କର ଯେ ଜୀବନ ଅଛି, ସେକଥା ଟିକିଏ ବି ବିଚାର କରୁନାହିଁ । ଏବେ ମୁଁ ଜାଣୁଛି, ପିଲାମାନେ ମଜାକରିବା ପାଇଁ ଆମକୁ ଯେଉଁ କଷ୍ଟ ଦେଉଥିଲେ, ତାହା ସେମାନେ ନିର୍ଦ୍ଦୟତା ବଶତଃ କରୁ ନଥିଲେ । ମଜାବେଳେ ଏ ସବୁ କଥା ଉପରେ ଧ୍ୟାନ ଦିଆଯାଏ ନାହିଁ । ଆମେ ଯେତେବେଳେ ମୁହୂର୍ତ୍ତକ ମଧ୍ୟରେ ପଚାଶ ଯାଏ ମୂଷାଙ୍କ କାମ ବଢ଼େଇ ଦେଉଥିଲୁ, ସେତେବେଳେ ପଣ୍ଡିତଜୀ ବହୁତ ଖୁସି ହୋଇଯାଉଥିଲେ ।

Digitized by srujanika@gmail.com

ଚାରି

ପିଲାମାନେ ଗାଆଁର ଯେଉଁ ଗଡ଼ିଆରେ ମୋତେ ବାରମ୍ବାର ଫିଙ୍ଗିକରି ଖେଳୁଥିଲେ ସେଥିରେ ଆବାଳ-ବୃଦ୍ଧବନିତା ସମସ୍ତେ ଗାଧୁଆ ପାଧୁଆ କରନ୍ତି । ଗଡ଼ିଆଟି ବହୁତ ଗଭୀର ଥିଲା । ସେଥିପାଇଁ ବରଷକ ବାରମାସ ସେଥିରେ ପାଣି ଥାଏ । କଚ୍ଚା ହେଲେ ବି ତାର ପାଣି ନିର୍ମଳ । ପଣ୍ଡିତଙ୍କ ସ୍ତ୍ରୀ ତାଙ୍କ ଛୋଟ ପିଲାମାନଙ୍କୁ ସବୁବେଳେ ସତର୍କ କରାଇଦେଇ କହୁଥିଲେ "ଖବରଦାର, ଗଡ଼ିଆ କୂଳକୁ କେବେ ଯିବ ନାହିଁଟି । ଯିବ ତ ବୁଡ଼ିଯିବ ।" ପ୍ରାୟ ସବୁ ବାପାମାଆ ତାଙ୍କ ପିଲାଙ୍କୁ ଏଇ ଚେତାବନୀ ଦିଅନ୍ତି; ମାତ୍ର ପିଲାମାନେ କ'ଣ ଯାକୁ କେବେ ମାନନ୍ତି ? ବାପାମାଆଙ୍କ ଦୃଷ୍ଟି ଏଡ଼ାଇ ସେମାନେ ଗଡ଼ିଆ କୂଳକୁ ଚାଲିଯାଆନ୍ତି ଏବଂ କେତେ ପ୍ରକାର ଚଗଲାମି କରନ୍ତି । କିଏ ପାଣିକୁ ଗୋଡ଼ି ଫିଙ୍ଗେ, କିଏ ବେଙ୍ଗମାନଙ୍କୁ ଢେଲା ମାରେ । ବଡ଼ବଡ଼ ପିଲା ପାଣିକୁ କୁଦିପଡ଼ନ୍ତି ଓ ପହଁରିବା ଅଭ୍ୟାସ କରନ୍ତି ।

ଯାହା ଘଟିବାର ଥିବ, ତାକୁ କିଏ ଅଟକାଇ ପାରିବ ? ଗାଆଁର କିଛି ପିଲା ସେଦିନ ଗଡ଼ିଆରେ ପହଁରୁଥିଲେ । ପଣ୍ଡିତଜୀଙ୍କ ଟିକିପୁଅଟି ବିଚରା ସେଠାରେ ଯାଇ ପହଞ୍ଚିଗଲା । ପ୍ରଥମେ ସେ କୂଳରେ ଖେଳୁଥିଲା । ପରେ ତାର ଇଚ୍ଛାହେଲା, 'ମୁଁ ଟିକିଏ ପହଁରନ୍ତି ।' ଆଗକୁ ଟିକିଏ ଯେମିତି ମାଡ଼ିଯାଇଛି ତାର ଗୋଡ଼ ଖସିଗଲା ଏବଂ ସେ ପାଣିରେ ବୁଡ଼ିଯିବାକୁ ଲାଗିଲା । ଅନ୍ୟ ସବୁ ପିଲା ଘାବୁରିକରି ଚିତ୍କାର କରିବାକୁ ଲାଗିଲେ, "ପିଲାଟାଏ ବୁଡ଼ିଗଲା, ପିଲାଟାଏ ବୁଡ଼ିଗଲା ।" ମାତ୍ର ପାଣିରୁ ତାକୁ ବାହାରକରି ଆଣିବାର ସାହସ କାହାରି ହେଲାନାହିଁ । କେହି ସାହସୀ ଲୋକ ଥିଲେ ହୁଏତ ଚେଷ୍ଟା କରିଥାଆନ୍ତା; କିନ୍ତୁ ବୁଡ଼ିଯାଉଥିବା ଲୋକକୁ ଉଦ୍ଧାର କରିବାକୁ ସମସ୍ତେ ଡରନ୍ତି । କାରଣ ବୁଡ଼ିଯାଉଥିବା ଲୋକ ବଞ୍ଚାଇବା ଲୋକକୁ ଏମିତି ମାଡ଼ିବସେ ଯେ ଶେଷରେ ଦି'ଜଣଯାକ ବୁଡ଼ିଯାଆନ୍ତି । ସେଥିପାଇଁ ଏ କାମରେ ବହୁତ ହୁସିଆର ଲୋକର ସାହାଯ୍ୟ ଦରକାର । ସେଠାରେ ସେଇଆ ହିଁ ହେଲା । ଯୋଗକୁ ପଣ୍ଡିତଙ୍କ ବଡ଼ପୁଅ ଗାଧୋଇବାକୁ ଆସୁଥିଲା । ଭାଇ ବୁଡ଼ିଯାଉଥିବାର ଦେଖି ସେ ସାଙ୍ଗେସାଙ୍ଗେ ପାଣିକି ଡେଇଁପଡ଼ିଲା; ମାତ୍ର ସାନପିଲାଟି ବଡ଼ପିଲାକୁ ଏମିତି ଜୋରରେ ମାଡ଼ିବସିଲା ଯେ ଉଭୟେ ବୁଡ଼ିଯିବାକୁ ଲାଗିଲେ । ଦୁହେଁ ଚିତ୍କାରକଲେ । କଥାକୁ କଥା ଗାଆଁସାରା ହାଲ୍ଲା ହୋଇଗଲା, "ରାମ ଓ ଶାମ ଦିହେଁ ବୁଡ଼ିଯାଉଛନ୍ତି । ଯାଅ, ତାଙ୍କୁ ଉଦ୍ଧାରକର । ନାହିଁ ତ ଦି'ଜଣଯାକର ଜୀବନ ଯିବ ।"

ମୁହୂର୍ତ୍ତକ ମଧ୍ୟରେ ଗଡ଼ିଆ ନିକଟରେ ମରଦ ଓ ମାଇପିମାନଙ୍କର ଭିଡ଼ ଜମିଗଲା; କିନ୍ତୁ ପାଣିକି ଡେଇଁବାକୁ ସମସ୍ତେ ଆଗପଛ ହେଉଥିଲେ । ଏତିକିବେଳେ

Digitized by srujanika@gmail.com

ମୁଁ ଯାଇ ସେଠାରେ ପହଁଞ୍ଚିଗଲି । ସବୁକଥା ଚଟ୍‌କରି ବୁଝିଗଲି ଓ ତୁରନ୍ତ ତୀର ଭଳି ପାଣି ଭିତରେ ପଶିଗଲି । ସେତେବେଳକୁ ପିଲାଦୁଇଟି ପାଣି ଭିତରେ ପ୍ରାୟତଃ ବୁଡ଼ିଯାଇଥିଲେ । ଖାଲି ଟିକିଏ ଟିକିଏ ମୁଣ୍ଡର ବାଳ ଯାହା ଦିଶୁଥିଲା । ମୁଁ ଦାନ୍ତରେ ତାଙ୍କ ମୁଣ୍ଡବାଳକୁ ଧରିପକାଇଲି ଏବଂ ଆଖି ପିଛୁଳାକେ କୂଳକୁ ଟାଣିଟାଣି ନେଇ ଆସିଲି । ଲୋକମାନେ ମୋର ଏଭଳି ସାହସ ଦେଖି କାବା ହୋଇଗଲେ ।

ପଣ୍ଡିତଜୀ ସେତେବେଳକୁ କୌଣସି କାମରେ ବାହାରକୁ ଯାଇଥିଲେ । ଯୋଗକୁ ସେ ଠିକ୍ ସେଇବେଳେ ଫେରୁଥିଲେ । ଗଡ଼ିଆ କୂଳରେ ଲୋକମାନଙ୍କର ଭିଡ଼ ଦେଖି, କଥାଟା କିଛି ଜାଣି ନପାରି ସେଠାରେ ଆସି ହାବୁଡ଼ିଗଲେ । କ୍ଷଣକ ଭିତରେ ସବୁକଥା ତାଙ୍କୁ ମାଲୁମ ହୋଇଗଲା । ସେ ମୋତେ ଉଠାଇନେଇ ଛାତିରେ କୁଣ୍ଢାଇ ଧରିଲେ । ପଣ୍ଡିତଜୀ ଆସିବା ପୂର୍ବରୁ ଲୋକମାନେ ପିଲାଙ୍କ ପେଟରୁ ପାଣି ବାହାର କରି ଦେଇଥିଲେ । ସେ ଦୁହେଁ ସୁସ୍ଥ ହୋଇଯାଇଥିଲେ । ଏବେ ଗାଆଁସାରା ଖାଲି ମୋଅରି ପ୍ରଶଂସା, "ଏ କୁକୁର ପୂର୍ବଜନ୍ମରେ କୌଣସି ଦେବତା ଥିଲା, କୌଣସି ଦୋଷରୁ କୁକୁରଜନ୍ମ ପାଇଛି ।" ଆଉ କିଏ କହୁଥିଲା, "ସେ କଥା ନୁହେଁ; ୟା ଉପରେ ଭୈରବନାଥ ଅବତରିଛନ୍ତି । ଦେବତାମାନେ ଚାହିଁଲେ, କାହା ଉପରେ ଏମିତି ପ୍ରସନ୍ନ ହୋଇଯାଆନ୍ତି ।"

ସେଇଦିନଠାରୁ ପଣ୍ଡିତଜୀ ମୋତେ ଜୀବନରୁ ଅଧିକ ଭଲ ପାଇବାକୁ ଲାଗିଲେ । ଏବେ ଆଉ ମୋତେ ପେଟ ପାଇଁ ଅନ୍ୟ କାହା ଦୁଆରକୁ ଯିବା ଦରକାର ପଡ଼ିଲା ନାହିଁ ।

ଏଇ ଘଟଣାବେଳେ ନାଲୁ ବି ସେଠାରେ ଉପସ୍ଥିତ ଥିଲା । ତାର ମୂର୍ଖତା ଦେଖ, ମୁଁ ପିଲାଙ୍କୁ ପାଣିରୁ ବାହାରକରି ଆଣିବାବେଳେ ସେ କର୍କଶ ସ୍ୱରରେ ଖାଲି ଭାଉଁ-ଭାଉଁ ହେଉଥିଲା । ସେଥିପାଇଁ କେତେକ ଲୋକ ଢେଲାମାରି ତାକୁ ସେଠାରୁ ତଡ଼ିଦେଲେ । ଠିକ୍ ହେଲା । ଲୋକମାନେ ଏଣେ ବ୍ୟସ୍ତହୋଇ ପିଲା ଦିଇଟାଙ୍କର ଜୀବନ ବଞ୍ଚାଇବା ପାଇଁ ଚେଷ୍ଟା କରୁଥିବାବେଳେ ତେଣେ ସେ ବୃଥାରେ ଚିତ୍କାର କରୁଥିଲା । ଉଫାଲି ତାର ଏ ଆଚରଣ ଦେଖି ରାଗିଗଲା । ରାଗିବନି କେମିତି ଯେ ? ସେ ବି ଚାହୁଁଥିଲା ତା କୁକୁର ନାଁ କରୁ । ଖିଆପିଆରେ ତ ସେ ତାର କିଛି ଊଣା କରିନଥିଲା; ମାତ୍ର ନାଲୁ ପାଇଁ ସମସ୍ତଙ୍କ ମୁହଁରୁ ଦୂର-ଦୂର ଶବ୍ଦ ବାହାରୁଥିଲା । ସେଇଦିନଠାରୁ କାହିଁକି କେଜାଣି ଉଫାଲି ମୋତେ ଭଲ ପାଇବାକୁ ଲାଗିଲା । ଏଣିକି ଯେଉଁଠି ଦେଖେ, ମୋତେ ଉଠାଇ ନିଏ ଏବଂ ଘଣ୍ଟାଏ କାଳ ମୋ ବେକକୁ ସାଉଁଳେ । ତାକୁ ଧନ୍ୟବାଦ ଦେବାକୁ ମୋର ଇଚ୍ଛା ହୁଏ; କିନ୍ତୁ ଖାଲି ଟିକିଏ ଲାଞ୍ଜ ହଲାଇବା ବ୍ୟତୀତ ଆଉ କ'ଣ କରିପାରନ୍ତି ? ଏବେ ତାର ଦୃଷ୍ଟି ନାଲୁଠାରୁ ଫେରିବାକୁ

Digitized by srujanika@gmail.com

ଲାଗିଲା । ମୁଁ କିନ୍ତୁ ମୋ ଭାଇ ସହିତ ଶତ୍ରୁତା କରିବାକୁ ଚାହୁଁ ନଥିଲି । ନାଲୁ କିନ୍ତୁ ମୋର ଜୀବନ ଶତ୍ରୁ ହୋଇଗଲା । ଯେଉଁଠି ଦେଖିଲା, ମୋତେ ଗୋଡ଼େଇ ଆସିଲା । ସେ ବଳୁଆ ଥିଲା । ତେଣୁ ସବୁଥର ମୋତେ ହାର ମାନିବାକୁ ପଡ଼େ ।

ପାଞ୍ଚ

ଏଣିକି ପଣ୍ଡିତଜୀ ଯାହା କିଛି ଘରକୁ ଆଣନ୍ତି, ସେଥିରେ ତାଙ୍କ ନିଜ ପିଲାଙ୍କ ଭଳି ମୋର ବି ଭାଗ ରହେ । ମୁଁ ମଧ୍ୟ ବରାବର ପଣ୍ଡିତଙ୍କ ପାଖେପାଖେ ଥାଏ । ସେ କୌଣସି କାମରେ ବାହାରକୁ ଚାଲିଗଲେ, ମୋତେ ବହୁତ ଦୁଃଖ ଲାଗେ । ସେ ପୁଣି ଫେରିଆସିଲେ ମୁଁ ଲାଞ୍ଜ ହଲାଇ ଖୁସିରେ ନାଚିବାକୁ ଲାଗେ । ଏଇକଥା ଦେଖି ସେ ବୋଧେ ଖୁସି ହୋଇଯାଆନ୍ତି । କାରଣ ତାଙ୍କ ମୁହଁରୁ ଖୁସିର ଚିହ୍ନ ବାରିହୋଇଯାଏ ।

ଦିନେ ପଣ୍ଡିତଙ୍କ ମଟର କିଆରିରେ ଦଳେ ମେଣ୍ଢା ପଶିଗଲେ । ପଣ୍ଡିତଜୀ ଏହା ଦେଖି ମେଣ୍ଢାଜଗୁଆଳକୁ ଖୁବ୍ ଧମକଦେଲେ । କିଛିଦିନ ପରେ ସେ ପୁଣି ସେଇ ବଦମାସି କଲା । ଏଥର ପଣ୍ଡିତେ ତାକୁ ଖାଲି ଗାଳି ଦେଲେନାହିଁ, ଦୁଇତିନି ଥାପଡ଼ ମଧ୍ୟ ବସାଇଦେଲେ । ମୁଁ ଭାବିଲି ମେଣ୍ଢାଜଗୁଆଳ ଆଉ ଦିନେ ଏଭଳି ଭୁଲ କରିବ ନାହିଁ; ମାତ୍ର ଦୁଇତିନିଦିନ ପରେ ସେ ପୁଣି ପଣ୍ଡିତଙ୍କ କିଆରିରେ ମେଣ୍ଢା ପୂରାଇ ଦେଲା । ସେଦିନ ପଣ୍ଡିତଜୀଙ୍କର ଖୁବ୍ ରାଗ ହୋଇଗଲା । ସେ ତାକୁ ତଳେ ପକାଇ ଖୁବ୍ ବିଧା ଓ ଗୋଇଠା ଚଢ଼ାଇଲେ । ମୁଁ ବି ରାଗରେ ତାକୁ କାମୁଡ଼ି ଭିଣିପକାଇଲି ।

ସେଦିନ ତ ମେଣ୍ଢାଜଗୁଆଳ ଚାଲିଗଲା; ମାତ୍ର ତା ପରଦିନଠାରୁ ମୋତେ ଛକିଲା । ମୋତେ ପଣ୍ଡିତଙ୍କ ସାଙ୍ଗରେ ଦେଖିଲେ ଦାନ୍ତକାମୁଡ଼ି ରହିଯାଏ । ମୁଁ ବି ଜାଣି ଯାଇଥିଲି ଯେ ସେ ମୋତେ ଏକୁଟିଆ ପାଇଲେ ନିଶ୍ଚେ ପିଟିବ । ସେଥିପାଇଁ ମୁଁ ଭୁଲରେ ବି ପଣ୍ଡିତଜୀଙ୍କ ପାଖ ଛାଡୁନଥିଲି ।

ଏଣିକି ଆଉ ମେଣ୍ଢାଦଳ ପଣ୍ଡିତଙ୍କ କ୍ଷେତରେ କେବେ ପଶୁ ନଥିଲେ; କିନ୍ତୁ ମେଣ୍ଢାଜଗୁଆଳ ପ୍ରତିଶୋଧ ନେବାକୁ ତିଆର ହୋଇ ରହିଥିଲା ।

ଦିନକର କଥା । ପଣ୍ଡିତଙ୍କ ଆଖୁକିଆରି ଖୁବ୍ ବଢ଼ିଆ ହୋଇଥାଏ । ଗାଆଁବାଲା କହୁଥାଆନ୍ତି, ଏବର୍ଷ ପଣ୍ଡିତେ ବାଜି ମାରିନେବେ । ମେଣ୍ଢାଜଗୁଆଳ ଭାବିଲା, ସେଇ କ୍ଷେତରେ ନିଆଁ ଲଗାଇଦେଲେ, ଠିକ୍ ପ୍ରତିଶୋଧ ନିଆଯାଇ ପାରିବ । ଏଇକଥା ଭାବି ଅଧରାତି ବେଳକୁ ସେ କିଆରି ପାଖରେ ଯାଇ ପହଞ୍ଚିଯାଇଛି; କିନ୍ତୁ ବଚା ଏକଥା ଜାଣିନାହିଁ ଯେ ମୁଁ ସେଠାରେ ପହରା ଦେଉଛି । ସେ ଯେମିତି ନିଆଁ ହୁଳାଟାକୁ ଆଖୁକିଆରିକି ଫିଙ୍ଗିଦେଇ ପଳାଇଯିବାକୁ ବାହାରିଛି,

Digitized by srujanika@gmail.com

ମୁଁ ଝପଟିଯାଇ ତା ଗୋଡ଼କୁ ମାଡ଼ିବସିଲି। ସେ ଘାବୁରିକରି ତଳେ ପଡ଼ିଗଲା। ପଡ଼ିଯିବ ନାହିଁ କେମିତି, ଚୋରର କଲିଜା ବା କେତେ ! ହେଲେ ପାରିଲା ନାହିଁ। ଭାଗ୍ୟ ଭଲ, ଆଖୁକିଆରିଠାରୁ ଗାଆଁ ମାତ୍ର ଅଳ୍ପ ଦୂର। ଯେମିତି ନିଆଁ ଉଠିଛି, ଗାଆଁବାଲା ଚଟାପଟ୍ ଆସି ପହଞ୍ଚିଗଲେ। ମୁଁ ମେଣ୍ଟାଜଗୁଆଳର ଗୋଡ଼କୁ କାବୁଡ଼ି ଧରିଥିବାର ଦେଖି ସେମାନେ ଜାଣିଗଲେ ଯେ ଏ ହେଉଛି ତାହାରି ବଦମାସୀ। ଯିଏ ଆସେ ସେ ଆଗେ ମେଣ୍ଟାଜଗୁଆଳକୁ ଦି'ଟା ଚଢ଼ାଏ। ତା ପରେ ନିଆଁ ଲିଭାଇବାକୁ ଯାଏ। ସେଇ ବଦମାସ ଉପରେ ଏଭଳି ଉତ୍ତମ-ମଧ୍ୟମ ହେଲା ଯେ ସେ ବିଚରା ଦରମରା ହୋଇଗଲା। ଲୋକେ ଏତିକିରେ ସନ୍ତୁଷ୍ଟ ହେଲେନାହିଁ। ନିଷ୍ପତ୍ତି ହେଲା ଯେ ତାକୁ ଥାନାକୁ ନିଆଯିବ; କିନ୍ତୁ ପଣ୍ଡିତଜୀ ତାକୁ ସେମିତି ଛାଡ଼ିଦେଲେ। ଲୋକମାନଙ୍କୁ କହିଲେ, ''ଈଶ୍ୱର ନ ଚାହିଁଲେ ମଣିଷ କିଛି କରିପାରିବ ନାହିଁ। କଥା ଅଛି ପରା......

''ଯାହାକୁ ରଖିବେ ଅନନ୍ତ
କି କରି ପାରେ ବଳବନ୍ତ।''

ପଣ୍ଡିତଙ୍କର ଏଭଳି ବ୍ୟବହାର ଦେଖି ଗାଆଁଲୋକେ ଆଶ୍ଚର୍ଯ୍ୟ ହୋଇଗଲେ। କାହିଁକି ନା ଏଭଳି ପରିସ୍ଥିତିରେ ଅନ୍ୟ କେହି ହୋଇଥିଲେ ତାକୁ ଉଚିତ ଦଣ୍ଡ ନ ଦେଇ ଛାଡ଼ିନଥାନ୍ତା। ମୁଁ ତ କହୁଛି, ଆଖୁକିଆରିଟା ଯଦି ପୂରା ଜଳିଯାଇଥାଆନ୍ତା ଏବଂ ମେଣ୍ଟାଜଗୁଆଳି ଧରାପଡ଼ିଥାଆନ୍ତା ତେବେ ପଣ୍ଡିତଜୀ ତାକୁ କେବେ ଜୀଅନ୍ତା ଛାଡ଼ି ନଥାନ୍ତେ; ମାତ୍ର ଏଠାରେ ତ ଦୟା ଦେଖାଇହେବାର ଥିଲା, ତେଣୁ ସେ କ୍ଷମା କାହିଁକି କରିନଥାନ୍ତେ !

ସେଇଦିନଠାରୁ ପଣ୍ଡିତଜୀ ମୋତେ ଆହୁରି ଅଧିକ ଭଲ ପାଇବାକୁ ଲାଗିଲେ। ଗାଆଁସାରା ମୋର ପ୍ରଶଂସା ବ୍ୟାପିଗଲା। ସେଇ ନରପିଶାଚ କିନ୍ତୁ ମୋତେ ଶେଷକରିଦେବା ଚେଷ୍ଟାରେ ରହିଲା। ରାତିଦିନ ଖାଲି ମୋଅରି ସନ୍ଧାନରେ ରହିଲା; କିନ୍ତୁ ଈଶ୍ୱରଙ୍କ ଦୟାରୁ ମୋର ରୁମ ମଧ୍ୟ ସେ ବଙ୍କା କରିପାରିଲା ନାହିଁ।

ଶେଷରେ ତା ମୁଣ୍ଡରେ ଗୋଟିଏ ବୁଦ୍ଧି ତୁକିଲା। ସେ ନାଲୁକୁ ଖୁବ୍ ଖୁଆଇଲା, ପିଆଇଲା। ଆଗରୁ ତ ଡଫାଲି ନାଲୁକୁ ଘରୁ ତଡ଼ିଦେଇଥିଲା। କେବେ କେମିତି ବାହାର କୁକୁରଙ୍କ ଭଳି ତା ଆଡ଼କୁ ଖଣ୍ଡେ କଅଣ ପକାଇ ଦେଉଥିଲା। କଥା କଅଣ କି, ଥରେ ରାତିରେ ଜଣେ ପୁଲିସଲୋକ ଡଫାଲି ଘର ଦୁଆରକୁ ବିଟ୍‌ରେ ଆସିଥିଲା। ସେତିକିବେଳେ ନାଲୁ ତାକୁ କାମୁଡ଼ି ଦେଇଥିଲା। ପୁଲିସ ଲୋକ ଡଫାଲିକୁ ବହୁତ ହଇରାଣ କଲା। ସେଇଦିନଠାରୁ ନାଲୁ ଉପରେ ଡଫାଲିର ଘୃଣା ଆସିଯାଇଥିଲା। ମନଟା ତାର ଏତେ ଖରାପ ହୋଇଯାଇଥିଲା ଯେ ସେ ନାଲୁକୁ

Digitized by srujanika@gmail.com

ଦୁଆରମୁହଁରେ ରଖିଦେଉ ନଥିଲା; ମାତ୍ର ବହୁଦିନର ସଂପର୍କ ହେତୁ ତାକୁ କିଛି ନା କିଛି ଦେବାକୁ ପଡୁଥିଲା ।

ନାଲୁ ଖୁବ୍ ବଳୁଆ ଥିଲା; ମାତ୍ର ତାର ହିତାହିତ ଜ୍ଞାନ ବୋଲି କିଛି ନଥିଲା । ଯେତେବେଳେ ଇଚ୍ଛା ସେତେବେଳେ ବେତାଳିଆ ରାଗ ଛାଡ଼ିଦେଉଥିଲା । କହିବାକୁ ଗଲେ ତାର ଏତିକିମାତ୍ର ଯୋଗ୍ୟତା ଥିଲା ଯେ ତା ଦେହରେ ବହୁତ ବଳ ଥିଲା । ତା ଭୟରେ ଅନ୍ୟ ଗାଆଁର କୌଣସି କୁକୁର ଏଠାରେ ପଶିବାକୁ ସାହସ କରୁ ନଥିଲେ । ବିଲୁଆମାନଙ୍କର ତ ତାକୁ ଦେଖୁଦେଖୁ ରକ୍ତ ଶୁଖିଯାଉଥିଲା । ଆଗେ ଯେଉଁ ହରିଣ ଏବଂ ନୀଳଗାଈମାନେ ଫସଲ ନଷ୍ଟକରୁଥିଲେ, ସେମାନେ ଏବେ ଗାଆଁକୁ ଆସିବାର ନାଆଁ ମଧ ଧରୁ ନଥିଲେ । ଗାଆଁରେ ଗୋଟାଏ ମାଙ୍କଡ଼ ବଡ଼ ଉତ୍ପାତ କରୁଥିଲା । ପିଲାଙ୍କ ହାତରୁ ରୁଟି ଝିଙ୍କି ନେଉଥିଲା । ସ୍ତ୍ରୀଲୋକମାନଙ୍କର ବାଟ ଓଗାଳୁଥିଲା, ତାଙ୍କ ପାଖରେ ଯାହା ଥାଏ ତାକୁ ନ ନେଇ ଛାଡୁ ନଥିଲା । ରାସ୍ତାଘାଟରେ ଯିବା ଆସିବା ବଡ଼ କଷ୍ଟକର ହୋଇପଡ଼ିଥିଲା । ଗାଆଁଯାକର ଖପରଲି ସେ ଓଲଟାଇ ଦେଇଥିଲା । ନାଲୁ ତାକୁ ଥରେ ଏମିତି ଝଙ୍କାଏ ଦେଇଥିଲା ଯେ ସେଇଦିନଠାରୁ ପିଲା ଆଉ ମୁହଁ ଦେଖାଉନାହିଁ ।

ହଁ, ମେଣ୍ଢାଜଗୁଆଳ ଏଇ ଉଦ୍ଦେଶ୍ୟରେ ନାଲୁକୁ ଖାଇବାକୁ ପିଇବାକୁ ଦେଉଥିଲା ଯେ ସେ ଯେମିତି ମୋଠାରୁ ପ୍ରତିଶୋଧ ନେବ; କିନ୍ତୁ ନାଲୁ ସିଆଣା ହୋଇଯାଇଥିଲା । ଯିଏ ଦୈନିକ ମାଛ ମାଂସରେ ଅଭ୍ୟସ୍ତ ହୋଇଯାଇଥିଲା, ସେ ଭଲା ଶୁଖିଲା ଛତୁଟିକିଏରେ କେମିତି ବାନ୍ଧିହୋଇ ରହନ୍ତା ? ସେ ଜଗୁଆଳକୁ ଲୁଚାଇ ଲୁଚାଇ ମେଣ୍ଢାମାନଙ୍କୁ ହଡ଼ପ କରିଦେଉଥିଲା । ଏଇ କାରଣରୁ ଦିନେ ମେଣ୍ଢାବାଲା ତାକୁ ବାନ୍ଧିକରି ଖୁବ୍ ଗୁଡ଼ାଏ ପିଟିଲା । ସେଇଦିନୁ ନାଲୁ ସେଠାରୁ ପଳାଇଗଲା । ଏବେ ସେ କାହାରି ନୁହେଁ । ତଫାଲିର କୁକୁର ବୋଲି ତ ତାକୁ ଲୋକେ କହୁଥିଲେ; କିନ୍ତୁ ତଫାଲି ସହିତ ତାର କିଛି ସମ୍ପର୍କ ନଥିଲା ।

ଏବେ ମେଷପାଳକ ନିଷ୍ପତ୍ତି କଲା, ତା ନିଜ ଜୀବନ ରହୁ ବା ଯାଉ ଯେମିତି ହେଉ ମୋତେ କିନ୍ତୁ ଜୀବନରେ ମାରିଦେବ । ଦିନେ ହତଭାଗା ତା ଜୀବନକୁ ବାଜି ଲଗାଇ ମୋ ଉପରେ ଆକ୍ରମଣ ଆରମ୍ଭ କରିଦେଲା । କଥା ହେଉଛି, ପଣ୍ଡିତଜୀ ମନ୍ଦିରରେ ବସି ପୂଜା କରୁଥିଲେ । ମୁଁ ତଳେ ବସି ଆଖି ମିଟିମିଟି କରୁଥିଲି । ପଣ୍ଡିତଜୀ ଆଖିବୁଜି ମହାଦେବଙ୍କୁ ଧ୍ୟାନ କରୁଥିଲେ । ମେଷପାଳକ ସବୁ ଶକ୍ତି ଖଟାଇ ଠେଙ୍ଗାରେ ମୋ ପିଠିରେ ପାହାରେ ଜମେଇଦେଲା । ପାହାରଟା ଏତେ ଜୋରରେ ବାଜିଲା ଯେ ମୋ ମୁହଁରୁ ଗୋଟାଏ ଚିତ୍କାର ବାହାରିପଡ଼ିଲା । ତା ପରେ ମୁଁ ଜାଣିନାହିଁ, ମୁଁ କେଉଁଠି । ଯେତେବେଳେ ଚେତା ଆସିଲା, ମୁଁ ଦେଖିଲି ମୁଁ

Digitized by srujanika@gmail.com

ପଶୁଡାକ୍ତରଖାନାରେ ଅଛି । କିଛିଦିନ ପରେ ଭଲ ହୋଇ ଡାକ୍ତରଖାନାରୁ ଫେରିଲି । ଜୀବନ ଛାଡ଼ିଗଲା ଭଳି ଲାଗୁଥାଏ । ପରେ ପଣ୍ଡିତଙ୍କଠାରୁ ଜାଣିଲି ଯେ ମୋ ଚିତ୍କାର ଶୁଣି ସେ ପୂଜା ଛାଡ଼ି ପଦାକୁ ବାହାରି ଆସିଲେ ଏବଂ ଦେଖିଲେ ମେଷପାଳକ ଆଉ ପାହାରେ ଦେବାକୁ ବାହାରିଛି । ଦୌଡ଼ିଯାଇ ସେ ତାକୁ ଧରିନେଲେ ଏବଂ ତାଆରି ବାଡ଼ିରେ ତାକୁ ଖୁବ୍ ପିଟିଲେ । ତା ପରେ ତାକୁ କୋର୍ଟକୁ ଚାଲାଣ କରି ଛ'ମାସ ଜେଲଦଣ୍ଡ କରାଇଦେଲେ । ଜେଲରେ ତାର ଯେଉଁ ଦୁର୍ଗତି ବା ସୁଗତି ହୋଇଥିବ, ସେ କଥା କେବଳ ଅନୁଭବୀ କହିବ । ଏସବୁ ଘଟଣା ପଣ୍ଡିତଜୀ ତାଙ୍କର ଜଣେ ସାଙ୍ଗଙ୍କୁ କହୁଥିବାର ମୁଁ ଶୁଣିଥିଲି । ସେଇଦିନଠାରୁ ପଣ୍ଡିତଙ୍କୁ ନେଇ ମୋର ଖୁବ୍ ଗର୍ବ ହେଲା । ମୋର ବିଶ୍ୱାସ ଥିଲା ଯେ ପଣ୍ଡିତଜୀ ଥିଲେ ମୋର କିଛି ଅସୁବିଧା ହେବନାହିଁ । ଥରେଥରେ ମୁଁ ଭାବୁଥିଲି ଯେ ମୁଁ ମଣିଷଟାଏ କାହିଁକି ନ ହେଲି ?

ମୋ ମାଆର ଅବସ୍ଥା ତେଣେ ଦିନକୁଦିନ ଖରାପ ହୋଇଯାଉଥାଏ । ଭୋକ, ଚିନ୍ତା ଏବଂ ମାଡ଼ - ଏ ସବୁଗୁଡ଼ିକ କାରଣ ଏକାଠି ହୋଇ ତାକୁ ପାଗଳ କରି ଦେଉଥାଆନ୍ତି । ଗୋଟିଏ ଭଙ୍ଗାଘରେ ଏକୁଟିଆ ପଡ଼ିଥାଏ । ମୁଁ ତାକୁ ଥରେ ଦେଖିବାକୁ ଯାଇଥିଲି, ମୋ ଉପରକୁ ସେ ଏତେ ଜୋରରେ ଝପଟିଆସିଲା ଯେ ମୁଁ ଯଦି ପଳାଇ ଆସିନଥାନ୍ତି, ତେବେ ସେ ମୋତେ କାମୁଡ଼ି ଖାଇଦେଇଥାଆନ୍ତା । ସେବାଟେ ଲୋକଙ୍କର ଯିବାଆସିବା ବନ୍ଦ ହୋଇଗଲା । ଯୋଗକୁ ମେଷପାଳକ ସେଇଦିନ ଜେଲରୁ ଖଲାସହୋଇ ଆସିଥାଏ । ହଠାତ୍ ସେଇ ବାଟରେ ମାଆକୁ ହାବୁଡ଼ିଗଲା । ସେ ନିଜକୁ ଯେତେ ରକ୍ଷାକରିବାକୁ ଚେଷ୍ଟାକଲେ ମଧ୍ୟ ମାଆ ତାକୁ କାମୁଡ଼ିଦେଲା । ମାଆର ଦାନ୍ତରେ ଏତେ ବିଷ ଥିଲା ଯେ ଦୁଇତିନି ଦିନ ପରେ ମେଷପାଳକ ମରିଗଲା । ଯେତେବଡ଼ ଶତ୍ରୁ ହେଉ ପଛକେ କାହାର ମୃତ୍ୟୁରେ ଖୁସି ହେବା ଭଲ ନୁହେଁ; କିନ୍ତୁ ମୁଁ ଖୁସିରେ ଡେଇଁବାକୁ ଲାଗିଲି । ଏବେ ମୋର ଆଉ କେହି ଶତ୍ରୁ ନଥିଲେ ।

ହେଲେ ଏଇ ଘଟଣା ମୋତେ ଯେତିକି ହସାଇଲା ପୁଣି ସେତିକି କନ୍ଦାଇଲା । କାରଣ ଦୁଇତିନି ଦିନ ପରେ ପୁଲିସ ଆସି ମୋ ମାଆକୁ ଗୁଳିକରି ମାରିଦେଲା । ମୁଁ ଅନେକ ଦିନ ଯାଏ କାନ୍ଦିଲି । ଦୁନିଆରେ ଏମିତି କିଏ ଅଛି ଯାହାର ମାଆ ମରିଗଲେ ମର୍ମାନ୍ତିକ ଦୁଃଖ ଅନୁଭବ ନକରିବ ?

ଏବେ ନାଲୁ ଛଡ଼ା ମୋର ଆଉ ନିଜର ହୋଇ କେହି ନଥିଲେ । ମୁଁ ବେଳେବେଳେ ଭାବେ ଆମ ଦୁଇଜଣଙ୍କର ଶେଷଅବସ୍ଥା କ'ଣ ହେବ କେଜାଣି ? ଯଦିଓ ଖିଆପିଆରେ ମୁଁ ସୁଖରେ ଥିଲି ଓ ନାଲୁ ଦୁଃଖରେ ଥିଲା, ମନରେ ଏତିକି ସନ୍ତୋଷ ଥିଲା ଯେ ଯେତେହେଲେ ତ ସେ ମୋ ଭାଇ । କେବେ ତାର ଭାଗ୍ୟ

Digitized by srujanika@gmail.com

ଫେରିବ କେଜାଣି ! ପ୍ରଥମେ ପ୍ରଥମେ ସେ ଖୁବ୍ ସୁଖ ଭୋଗିଲା, ମୁଁ ଦୁଃଖ ସହିଲି । ଏବେ ମୁଁ ସୁଖରେ ଅଛି, ସେ ଅଛି ଦୁଃଖରେ । କାହାରି ଦିନ ସବୁଦିନେ ସମାନ ଯାଏନାହିଁ ।

ଯଦି କେବେ ନାଲୁ ପଣ୍ଡିତଜୀଙ୍କ ଦୁଆରକୁ ଆସେ, ମୁଁ ଆଉ ଚିଡ଼େ ନାହିଁ । ତାର ଭୟ ହେଉଥିଲା, ମୁଁ କାଳେ ପ୍ରତିଶୋଧ ନେବି; ମାତ୍ର ମୁଁ ସେଠାରୁ ଆଡ଼େଇ ହୋଇ ଯାଉଥିଲି । ଭାବୁଥିଲି ସେ ନିଶ୍ଚିନ୍ତହୋଇ ଖାଉ । କେବେକେବେ ମୋତେ ଯଦି ଅଧିକ ଖାଦ୍ୟ ମିଳିଯାଏ, ତେବେ ମୁଁ ତାକୁ ପାଟିରେ ଧରି ନାଲୁ ପାଖରେ ପହଞ୍ଚାଇ ଦିଏ । ସେ ଅବଶ୍ୟ ବାହାରେ ଖୁସି ଦେଖାଯାଉଥିଲା; ମାତ୍ର ଭିତରେ ଜଳୁଥିଲା ।

ଛଅ

ଅନ୍ଧାରରାତି ହୋଇଥାଏ । ସେଦିନ ପଣ୍ଡିତଜୀଙ୍କ ଘରର ସବୁଲୋକ ତାଙ୍କର କୌଣସି ବନ୍ଧୁଘରକୁ ଯାଇଥାଆନ୍ତି । ଘରେ କେବଳ ପଣ୍ଡିତଜୀ ଏବଂ ମୁଁ ଥାଉ । ପଣ୍ଡିତଜୀ ନିଦରେ ଶୋଇ ଘୁଙ୍ଗୁଡ଼ି ମାରୁଥାଆନ୍ତି; ମାତ୍ର ମୋତେ ନିଦ କାହିଁ ? ବାରବାର ଘର ଚାରିପଟରେ ଚକ୍କର ମାରୁଥାଏ । ଚୋରମାନେ ଜାଣିଲେ ଆଜି ଶୂନଶାନ । ସେମାନେ ଘରର ଚାକରଠଉଁ ସବୁ ଭେଦ ଆଗରୁ ଜାଣି ଯାଇଥାଆନ୍ତି । ମୁଁ ଶବ୍ଦ ବାରି ପଛପଟକୁ ଯାଇ ଦେଖିଲି, ଗୋଟିଏ କବାଟ ଖୋଲା ଅଛି ଏବଂ କିଛି ଲୋକ ସତର୍କ ଭାବରେ ଏଣିକି ତେଣିକି ଚାହିଁ ଚୁପ୍‌ଚୁପ୍ କ'ଣ କଥାବାର୍ତ୍ତା ହେଉଛନ୍ତି । ମୁଁ ଅବଶ୍ୟ ସେମାନଙ୍କ କଥା ଶୁଣିପାରୁ ନଥିଲି, କାହିଁକି ନା ସେମାନେ ଟିକିଏ ଦୂରରେ ଥିଲେ । କିଛି ସମୟ ପରେ ଦେଖିଲି କେହିଜଣେ ଘର ଭିତରୁ ଥାଳି, ଲୋଟା, ସିନ୍ଦୁକ ଇତ୍ୟାଦି କାଢ଼ିନେଇ ବାହାରେ ଥିବା ଲୋକଙ୍କୁ ଦେଇ ଦେଉଛି ।

ଏବେ ସବୁ ଘଟଣା ମୁଁ ବୁଝିଗଲି । ମୁଁ ଖୁବ୍ ଜୋରରେ ଭୁକିବାକୁ ଲାଗିଲି । ଏକଥା ଦେଖି ଚୋରମାନେ ମୋ ଉପରକୁ ଢେଲା ଫିଙ୍ଗିବାକୁ ଲାଗିଲେ; କିନ୍ତୁ ଢେଲାକୁ ମୋର ଭୟ ନଥିଲା । ମାଲିକର ଘର ଲୁଟହେଉଛି ଯାକୁ କେମିତି ସହନ୍ତି ? ଦୌଡ଼ିଦୌଡ଼ି ପଣ୍ଡିତଙ୍କ ପାଖକୁ ଚାଲିଗଲି । ସେ ମୋତେ ଦୁଇତିନି ଗୋଇଠା ଲଗାଇଦେଲେ; ତଥାପି ମୁଁ ଛାଡ଼ିଲିନାହିଁ । ପୁଣି ଚଦର ଟାଣିଲି ଓ ଜୋର ଜୋରରେ ଭୁକିଲି । ଏଥର ପଣ୍ଡିତଙ୍କ ନିଦ ଭାଙ୍ଗିଲା । ମୁଁ ତାଙ୍କୁ କେମିତି ବୁଝାଇବି ଯେ, 'ତୁମ ଘରୁ ଚୋରି ହେଉଛି ।' ମୁଁ ବାରମ୍ବାର ଘରର ପଛପଟକୁ ଦୌଡୁଥାଏ, ପୁଣି ତାଙ୍କ ସାମନାକୁ ଆସି ଜୋରରେ ଭୁକୁଥାଏ । ମୋର ଉଦ୍ଦେଶ୍ୟ ଥିଲା ପଣ୍ଡିତେ ପଛପଟକୁ ଯାଆନ୍ତୁ, ଦେଖନ୍ତୁ ଯେ ତାଙ୍କ ଘରେ ଡକାୟତି ହେଉଛି ଏବଂ ରକ୍ଷାକରିବାକୁ

Digitized by srujanika@gmail.com

ଚେଷ୍ଟାକରନ୍ତୁ । ମୋ ହାବୁଡ଼ରୁ ଚୋରମାନେ ଜିନିଷ ନେଇ ପଳାଇଯିବାର ସାହସ ନଥିଲା । ମୁଁ ତାଙ୍କ ବାଟ ଓଗାଳିଥିଲି । ଦ୍ୱିତୀୟରେ ସକାଳ ହେବାକୁ ଆଉ ମାତ୍ର ଅଳ୍ପ ସମୟ ଥିଲା । ସେଥିପାଇଁ ସେମାନେ ସବୁ ଜିନିଷ ପାଖରେ ଥିବା ଏକ ପୋଖରୀ ଭିତରେ ବୁଡ଼ାଇ ଦେଉଥିଲେ । ତାଙ୍କର ବୋଧେ ଯୋଜନା ଥିଲା, ପରଦିନ ରାତିରେ ସେସବୁ ମାଲକୁ ବାହାରକରି ନେଇଯିବେ । ପୋଖରୀ ଭିତରେ ବା କିଏ ଖୋଜିବାକୁ ଯିବ ?

ମୋର ଖୁବ୍ ରାଗ ହେଉଥିଲା ଯେ ପଣ୍ଡିତଜୀଙ୍କର କ'ଣ ଆଜି ବୁଦ୍ଧି ଲୋପ ହୋଇ ଯାଇଛି ନା କ'ଣ ? ସେ ମୋ ଇଙ୍ଗିତ ବୁଝିପାରୁ ନାହାନ୍ତି କାହିଁକି ? ସୁଖର କଥା, ମାଲ ଏ ଯାଏ ବାହାରକୁ ଯାଇନଥିଲା । ଶେଷରେ ମୋ ମୁଣ୍ଡରେ ଗୋଟିଏ ବୁଦ୍ଧି ଜୁଟିଗଲା । ପଲଙ୍କ ତଳେ ପଣ୍ଡିତଙ୍କ ବାଡ଼ି ପଡ଼ିଥିଲା । ମୁଁ ତାକୁ ପାଟିରେ ଉଠାଇ ଆଣିଲି ଏବଂ ପଛପଟକୁ ଧାଇଁଲି । ଏବେ ପଣ୍ଡିତଜୀ ମୋର ଇଶାରା ବୁଝିଗଲେ । ତୁରନ୍ତ ବାଡ଼ି ଧରି ପଛପଟେ ଯାଇ ଯେମିତି ପହଞ୍ଚିଗଲେ ଦେଖିଲେ ଚୋରମାନେ ଜିନିଷପତ୍ର ସବୁ ଉଠାଇ ନେଉଛନ୍ତି । ସେ ଘାବରିଗଲେ । ତାଙ୍କ ପାଟିରୁ କେବଳ ଏତିକି ବାହାରି ପଡ଼ିଲା, "ଚୋର ! ଚୋର !!"

ଚୋର ନାଆଁ ଶୁଣି, "ଧର,ଧର..." ବୋଲି ଚାରିଆଡ଼େ ହୁରି ପଡ଼ିଗଲା । ନିମିଷକ ଭିତରେ ଗାଆଁର ସବୁଲୋକ ଠେଙ୍ଗାବାଡ଼ି ଧରି ଜମା ହୋଇଗଲେ; ମାତ୍ର ସେତେବେଳକୁ ଚୋରମାନଙ୍କର ପତ୍ତା ନଥିଲା । ଏବେ ଚିନ୍ତା ହେଲା, ଚୋରମାନେ କ'ଣ ସବୁ ନେଇଛନ୍ତି । ପଣ୍ଡିତଜୀଙ୍କର ସେତେବେଳକୁ ହୋସ୍ ନଥାଏ । ହୋସ୍ ହେବାରୁ ସେ ଘର ଭିତରକୁ ଯାଇ ଦେଖିଲେ ସବୁ ଜିନିଷ ଗାଏବ୍ ହୋଇଯାଇଛି । ମୁଣ୍ଡରେ ତାଙ୍କର ଯେମିତି ବଜ୍ର ପଡ଼ିଗଲା । ଲୋକମାନେ ତାଙ୍କୁ ଧରିନେଲେ ଓ ବୁଝାଇବାକୁ ଲାଗିଲେ; "ଭାଇ, ଏମିତି ଅଧୀର ହୁଅନାହିଁ । ଟଙ୍କା ପଇସା ହେଉଛି ହାତର ମଳି ଭଳି । ସିଏ ଚାଲିଗଲା ବୋଲି ଏତେ ଚିନ୍ତା କାହିଁକି ?" କିନ୍ତୁ ପଣ୍ଡିତଜୀ ବରାବର 'ହାୟ-ହାୟ' କରୁଥାଆନ୍ତି । ମୋ ଆଡ଼କୁ କେହି ଟିକିଏ ଚାହୁଁ ବି ନଥାନ୍ତି । ମୁଁ ଦୌଡ଼ିଦୌଡ଼ି ଗଡ଼ିଆ ପାଖକୁ ଯାଉଥାଏ, ପୁଣି ଫେରିଆସି ଜୋରରେ ଭୁକୁଥାଏ । ପୁଣି ଆସି ପଣ୍ଡିତଙ୍କ ପାଦରେ ମୁହଁ ଲଗାଇ ଲାଞ୍ଜ ହଲାଉଥାଏ । ପଣ୍ଡିତେ କିନ୍ତୁ ଗୋଡ଼ ଘୁଞ୍ଚାଇ ନେଉଥାଆନ୍ତି । ଗୋଡ଼ ଘୁଞ୍ଚାଇ ନେବାରେ ଦୁଃଖ ନଥିଲା, ସେ କିନ୍ତୁ ରାଗରେ ଗୋଇଠା ଲଗାଇ ଦେଉଥାଆନ୍ତି । ମୁଁ କିନ୍ତୁ ମୋ କାମ କରୁଥାଏ । ଦେଖାଯାଉ କେତେବେଳେ ମୋ ଇଙ୍ଗିତକୁ ଏମାନେ ବୁଝିବେ ?

ସବୁ ପ୍ରକାର ଲୋକ ସେଠାରେ ଉପସ୍ଥିତ ଥିଲେ । କିଛି ଲୋକ ପଣ୍ଡିତଜୀଙ୍କୁ ଆଶ୍ୱାସନା ଦେଉଥିଲେ । ଆଉ କିଛି ଲୋକ ଟାପରା କରୁଥିଲେ । କହୁଥିଲେ,

Digitized by srujanika@gmail.com

"ଏଇଥିପାଇଁ କୁହାଯାଇଛି ଯେ ନିଜ ରୋଜଗାରରୁ କିଛି ନା କିଛି ଅବଶ୍ୟ ଦାନ କରିବା ଉଚିତ । ଯେଉଁ ଲୋକ ସବୁଯାକ ପେଟକୁ ପକାଇଦେବାକୁ ଭାବେ, ତାର ଏଇ ଦଶା ହୁଏ ।" ଅମଲା ଜଣେ ପରାମର୍ଶ ଦେଇ କହିଲେ, "ପଣ୍ଡିତଜୀ, ପୁଲିସରେ ଏତଲା ଦିଅନ୍ତୁ, କିଛି ହେଲେ ଗୋଟାଏ ସନ୍ଧାନ ମିଳିଯିବ ।"

ଚୌଧୁରୀ କହିଲେ, "ଆଜ୍ଞା, ପୁଲିସର ଟଣାଓଟରା ଭାରି କଷ୍ଟଦାୟକ । ତା'ଛଡ଼ା ସେମାନେ ବି ଆସି କିଛି ଶୋଷିବେ । ମୁଁ ତ ମୋ ଜୀବନରେ ଶହେଥର ଏମିତି ଏତଲା ଦେଇଛି; ହେଲେ ଚୋରି ଜିନିଷ କିଛି ମିଳିନାହିଁ ।"

ପଣ୍ଡିତଜୀ କହିଲେ, "ହଁ ଚୌଧୁରୀଏ, ତୁମେ ଠିକ୍ କଥା କହୁଛ । ଭାଗ୍ୟରେ ନଥିବା ଜିନିଷ କେଉଁଠି ମିଳିଲାଣି !"

ଏଣେ ଏମିତି କଥାବାର୍ତ୍ତା ଚାଲିଥାଏ, ତେଣେ କିନ୍ତୁ ମୋ କାମ ଜାରି ଥାଏ । କିଛି ଲୋକ ମୋର ଏ ଅବସ୍ଥା ଦେଖି କହିଲେ, "ଦେଖ, ପଣ୍ଡିତଙ୍କ ସାଙ୍ଗରେ ଏ କୁକୁରଟାର ମଧ ମୁଣ୍ଡ ବିଗିଡ଼ି ଗଲାଣି । ପଣ୍ଡିତଜୀ ବୁଝିବା ଲୋକ, ତେଣୁ ସେ ଚୁପ ରହିଲେ; ହେଲେ ଏ ମୂର୍ଖଟା ଖାଲି ଭାଉଁ-ଭାଉଁ ହେଉଛି ।"

ଏକଥା ଶୁଣି ମୋତେ ହସ ମାଡ଼ିଲା । ମୂର୍ଖ ଏମାନେ ନା ମୁଁ ? ଘଣ୍ଟାଏ ହେଲା ମୁଁ ଭୁକୁଛି, କେହି ମୋ କଥା ବୁଝିପାରୁ ନାହାନ୍ତି; ଅଥଚ ନିଜକୁ ଖୁବ୍ ବୁଝିବାବାଲା ବୋଲି କହୁଛନ୍ତି । କ'ଣ ଆଉ କହିବି ? ମୁଁ ଯଦି ମଣିଷ ହୋଇଥାଆନ୍ତି, ତେବେ ଠିକ୍ ଦେଖାଇ ଦେଇଥାଆନ୍ତି ।

ହଠାତ୍ ମୋତେ ଗୋଟାଏ ବୁଦ୍ଧି ଦିଶିଗଲା । ମୁଁ ଭିଡ଼ କାଟି ପାଣି ଭିତରକୁ ଡେଇଁପଡ଼ିଲି ଓ ଏକଦମ ତଳକୁ ଚାଲିଗଲି । ଯୋଗକୁ ମୋ ମୁହଁରେ ଗୋଟିଏ ଥାଳି ବାଜିଗଲା । ମୁଁ ସେଇଟିକୁ କାମୁଡ଼ି ଧରି ଯେମିତି ବାହାରି ଆସିଛି ମୋ କଥା ସମସ୍ତେ ବୁଝିଗଲେ । ଆଉ କ'ଣ ? ଏଥର କିଛି ଲୋକ ପାଣିକୁ ଡେଇଁପଡ଼ିଲେ ଏବଂ କିଛି ସମୟ ମଧରେ ସବୁ ଜିନିଷ ଉଦ୍ଧାର ହୋଇଗଲା । ପଣ୍ଡିତଜୀ ଏତେ ଖୁସିହୋଇଗଲେ ଯେ ମୋତେ ବାରମ୍ବାର ତଳୁ ଉଠାଇନେଇ ଛାତିରେ ଜାକିବାକୁ ଲାଗିଲେ । ସମସ୍ତଙ୍କ ତୁଣ୍ଡରେ ଏଇ ଗୋଟିଏ କଥା, 'ଏଭଳି ବୁଦ୍ଧିମାନ କୁକୁର କ୍ୱଚିତ ଥିବେ । ପୂର୍ବଜନ୍ମରେ ଏ ନିଶ୍ଚେ ଗୋଟିଏ ଜ୍ଞାନୀ ପୁରୁଷ ଥିଲା । କୌଣସି ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ କୁକୁରଜନ୍ମ ପାଇଛି ।'

ଜଣେ ଭଦ୍ରଲୋକ କହିଲେ, "ଆଗକାଳରେ ପଶୁମାନେ ମଧ ମଣିଷ ଭଳି କଥା କହୁଥିଲେ ଏବଂ ମଣିଷର ଭାଷା ମଧ ବୁଝିପାରୁଥିଲେ ।

ଏକଥା ଶୁଣି ଚୌଧୁରୀ କହିଲେ, "ବିଲକୁଲ ସତକଥା ଭାଇ । ରାମାୟଣରେ ପରା ଲେଖାହୋଇଛି ଗୋଟିଏ କୁକୁର ଶ୍ରୀରାମଚନ୍ଦ୍ରଙ୍କୁ ନିଜକଥା ନିଜେ

Digitized by srujanika@gmail.com

କହିଥିଲା । ଦିନେ ରାମଚନ୍ଦ୍ରଙ୍କର ଦରବାର ଚାଲିଥାଏ, ଛୋଟ, ବଡ଼, ଧନୀ, ଗରିବ – ସମସ୍ତେ ମନ ଖୋଲି ନିଜ ନିଜର ଦୁଃଖ ଜଣାଉଥାଆନ୍ତି । ଏତିକିବେଳେ ଗୋଟିଏ କୁକୁର ଆସି ସେଠାରେ ପହଞ୍ଚିଗଲା ଏବଂ ହାତଯୋଡ଼ି ତାଙ୍କ ଆଗରେ ଠିଆହୋଇଗଲା ।

ଶ୍ରୀରାମଚନ୍ଦ୍ର ପଚାରିଲେ, "ତୋର କ'ଣ କହିବାର ଅଛି ?"

କୁକୁର କହିଲା, "ପ୍ରଭୁ, ଆଜି ମୋ ଜୀବନର ଶେଷଦିନ । ସେଥିପାଇଁ ଆପଣଙ୍କ ସମ୍ମୁଖରେ ଆପଣଙ୍କ ପ୍ରଜାମାନଙ୍କୁ ମୋର କିଛି ଅନୁଭୂତି କହି ଶୁଣାଇବା ଉଚିତ ମନେକରୁଛି । ଯାହାଦ୍ୱାରା ସେମାନେ ନିଜ ଜୀବନରେ ବହୁ ମନ୍ଦକର୍ମରୁ ନିବୃତ୍ତ ରହିବେ ।"

କୁକୁରମୁହଁରୁ ଏଭଳି ଜ୍ଞାନଗର୍ଭକ କଥା ଶୁଣି ସବୁଲୋକ ଆଶ୍ଚର୍ଯ୍ୟ ହୋଇଗଲେ । ଦରବାରରେ ନୀରବତା ଛାଇଗଲା ।

ରାମଚନ୍ଦ୍ର ମହାପ୍ରଭୁ କହିଲେ, "ତୁମର ଏଭଳି ବିଚାର ପ୍ରଶଂସାଯୋଗ୍ୟ । ଯଦି ସବୁଲୋକ ଏଇ ପ୍ରକାର ଜ୍ଞାନୋପଦେଶ ଦିଅନ୍ତେ, ତେବେ ମନୁଷ୍ୟର ଖୁବ୍ ଉପକାର ହୁଅନ୍ତା ! ଆଚ୍ଛା, ତୁମେ ଆଜି ମରିଯିବ ବୋଲି କେମିତି ଜାଣିଲ ?"

କୁକୁର କହିଲା, "ମହାରାଜ, ମୁଁ ଏକଥା କହିବାକୁ ଚାହୁଁ ନଥିଲି; କିନ୍ତୁ ଆପଣ ଯେତେବେଳେ ପଚାରିଲେଣି, ମୋତେ କହିବାକୁ ପଡ଼ିବ । ମୋର ଏଇ ବିଶ୍ୱାସ ଯେ, ଯିଏ ଯେମିତି କାମ କରେ ସେ ସେମିତି ଫଳ ଭୋଗକରେ । ଆପଣ ଦୟାକରି ଗୁଣ ନାମକ ବ୍ରାହ୍ମଣର ପୁଅକୁ ଡାକି ପଚାରନ୍ତୁ ଯେ ସେ କାହିଁକି ଆଜି ମୋ ଭଳି ଗୋଟିଏ ନିର୍ଦ୍ଦୋଷ ପ୍ରାଣୀକି ଠେଙ୍ଗାରେ ପିଟିଲା ? ଏବେ ଆପଣ ଅନୁମତି ଦେଲେ ମୁଁ ଟିକିଏ ବସିଯିବି ଏବଂ ବସିକରି କଥା କହିବି । କାରଣ ମୋ ଅଣ୍ଟା ଭାଙ୍ଗିଯାଇଛି । ସେଥିପାଇଁ ମୁଁ ଠିଆହୋଇ ପାରୁନାହିଁ । ମୋ ଦେହରେ ଏତେ ଜୋରରେ ମାଡ଼ ବାଜିଛି ଯେ, ମନେହେଉଛି ଆଜି ହିଁ ମୋ ଜୀବନ ଚାଲିଯିବ ।"

କିଛି ସମୟ ପରେ ସିପାହୀମାନେ ଅପରାଧୀକି ଧରିଆଣି ହାଜର କରିଦେଲେ । ତାକୁ ଯେତେବେଳେ ପଚରାଗଲା ଯେ 'ତୁମେ କୁକୁରକୁ କାହିଁକି ପିଟିଲ', ସେ ହାତଯୋଡ଼ି କହିଲା, "ଦୟାଳୁ ପ୍ରଭୁ, ମୁଁ ମୋ ବାଟରେ ଯାଉଥିଲି । ମଝିରାସ୍ତାରେ ଏ କୁକୁର ବସିଥିଲା । ଘୁଞ୍ଚିଯିବା ପାଇଁ ମୁଁ ତାକୁ କେତେଥର କହିଲି; ମାତ୍ର ସେ ଘୁଞ୍ଚିଲା ନାହିଁ । ଫଳରେ ମୋର ରାଗ ହୋଇଗଲା । ତେଣୁ ମୁଁ ତାକୁ ଗୋଟିଏ ବାଡ଼ିରେ ଶକ୍ତ ପାହାରେ ପିଟିଲି ।"

ରାମଚନ୍ଦ୍ର କହିଲେ, "କୁକୁର ଯଦି ରାସ୍ତା ମଝିରେ ବସିଥିଲା, ତୁମେ ବୁଲିକରି ଗଲନାହିଁ କାହିଁକି ?"

Digitized by srujanika@gmail.com

ଗୁଣ, "ପ୍ରଭୁ, ଏଇଟା ଅବଶ୍ୟ ମୋର ଭୁଲ ।"

ରାମଚନ୍ଦ୍ର, "ଯଦି ରାଗ ହେଲା ତେବେ ତାକୁ ଏତେ ଜୋରରେ କାହିଁକି ପିଟିଲ, ଯେଉଁଥିରେ ତା ଅଣ୍ଟା ଭାଙ୍ଗିଗଲା ?"

ଗୁଣ, "ମହାରାଜ, ମୁଁ ମୋର ଦୋଷ ସ୍ୱୀକାର କରୁଛି । ପ୍ରଭୁ ଯେଉଁ ଦଣ୍ଡ ଉଚିତ ମନେକରୁଛନ୍ତି ଦିଅନ୍ତୁ ।"

ରାମଚନ୍ଦ୍ର କୁକୁରକୁ ପଚାରିଲେ, "ତୁମେ ୟାକୁ କି ଦଣ୍ଡ ଦେବାକୁ ଚାହୁଁଛ ?"

କୁକୁର କହିଲା, "ବିଚାରରେ ଯାହା ଉଚିତ ହେବ, ସେଇ ଦଣ୍ଡ ଦିଆଯାଉ ।"

ରାମଚନ୍ଦ୍ର "ଏହାର ଫଇସଲା ମୁଁ ତୁମରି ଉପରେ ଛାଡ଼ିଦେଉଛି ।"

କୁକୁର "ତେବେ ଏହାକୁ ଗୋଟିଏ ହାତୀ ଉପରେ ବସାଇ ପଠାଇ ଦିଆଯାଉ ଏବଂ ନଗରରେ ଥିବା ରାଜମନ୍ଦିରର ମହନ୍ତ କରିଦିଆଯାଉ ।"

ଏକଥା ଶୁଣି ସବୁଲୋକ ଆଶ୍ଚର୍ଯ୍ୟ ହୋଇଗଲେ । ଏଇଟା ଦଣ୍ଡ ନା ପୁରସ୍କାର ? ନିଜେ ରାମଚନ୍ଦ୍ର ମଧ୍ୟ ଏହାର ରହସ୍ୟ ବୁଝିପାରିଲେ ନାହିଁ । ସେ ପଚାରିଲେ, "ଆଚ୍ଛା, ଇଏ ପୁଣି କେମିତି କଥା ? ଯିଏ ତୁମ ସାଥୀରେ ଏଭଳି ବ୍ୟବହାର କଲା, ତାକୁ ତୁମେ ଏଇ ପୁରସ୍କାର ଦେଉଛ ?"

କୁକୁର ,"ଭଗବାନ, ୟାକୁ ପୁରସ୍କାର ବୋଲି ଭାବନ୍ତୁ ନାହିଁ । ଏହା ଏକ ଭୟଙ୍କର ଦଣ୍ଡ । ଏଇ ବ୍ରାହ୍ମଣଯୁବକ ଯଦି ଭଲ ସ୍ୱଭାବର ହୋଇଥାଆନ୍ତା, ତେବେ ସେ ଦେବତା ହୋଇଯାଇଥାଆନ୍ତା; ମାତ୍ର ସେ ମହନ୍ତହେବା ଫଳରେ କୁକୁର ହୋଇଯିବ ।"

ରାମଚନ୍ଦ୍ର "କେମିତି ?"

କୁକୁର, "ସେଇକଥା ତ ମୋ ଜୀବନରେ ଘଟିଛି ଏବଂ ସେଇକଥା କହିବା ପାଇଁ ମୁଁ ଆପଣଙ୍କ ଦରବାରକୁ ଆସିଛି । ଏଥି ପୂର୍ବରୁ ମୁଁ ବ୍ରାହ୍ମଣ କୁଳରେ ଜନ୍ମ ହୋଇଥିଲି । ମୋ ବାପା ବି ଗୋଟିଏ ମନ୍ଦିରର ମହନ୍ତ ଥିଲେ । ଯେଉଁଦିନ ମାନ୍ୟଗଣ୍ୟ ଲୋକଙ୍କର ମନ୍ଦିରକୁ ଆସିବାର ଥାଏ, ସେଦିନ ଠାକୁରଙ୍କୁ ବେଶ୍ ସୁନ୍ଦର ଭାବରେ ସଜାଯାଏ; ମାତ୍ର ଯେଉଁଦିନ କେହି ଆସିବାର ନଥାଏ, ସେଦିନ ମନ୍ଦିରର ଦୁଆର ମଧ୍ୟ ଖୋଲେନାହିଁ । ଦିନେ ଏମିତି ଜଣେ ଧନୀଲୋକ ଠାକୁର ଦର୍ଶନ କରିବାକୁ ଆସିଥାଆନ୍ତି । ବାପା ନାନାପ୍ରକାର ମିଠେଇ ତିଆରିକରି ସେଦିନ ଠାକୁରଙ୍କୁ ଭୋଗ ଲଗାଇଥାଆନ୍ତି । ଯେତେବେଳେ ସେ ଘରକୁ ଆସିଲେ ମୁଁ କାନ୍ଦୁଥିଲି । ମାଆ କ୍ଷୀର ଏବଂ ଭାତ ଗରମ କରୁଥାଆନ୍ତି । ବାପାଙ୍କୁ ଦେଖିବା ମାତ୍ରେ ମୁଁ ଜିଦ୍ କଲି ଯେ

Digitized by srujanika@gmail.com

ତାଙ୍କରି ହାତରେ ଦୁଧଭାତ ଖାଇବି । ବାପା ମୋତେ ବହୁତ ଭଲ ପାଉଥିଲେ । ସେ ସାଙ୍ଗେସାଙ୍ଗେ ମୋତେ କୋଳକୁ ଉଠାଇନେଲେ ଏବଂ ତାଙ୍କରି ହାତରେ ଦୁଧଭାତ ଖୁଆଇବାକୁ ଲାଗିଲେ । ସେ ସେଇକ୍ଷଣି ଠାକୁର ପୂଜାକରି ଆସିଥିବାରୁ ତାଙ୍କ ନଖରେ ଘିଅ ଲାଗିଥିଲା । ଗରମ କ୍ଷୀରରେ ତାହା ତରଳିଯାଇ ସେଥିରେ ମିଶିଗଲା । ମୋତେ କ'ଣ ଜଣାଥିଲା ଯେ ସାମାନ୍ୟ ଟିକିଏ ଠାକୁରଙ୍କ ଘିଅ ଖାଇଦେଇଥିବାରୁ ମୋତେ ଏଡ଼େ କଠୋର ଦଣ୍ଡ ମିଳିବ ? ମୁଁ ବେଦ ପଢ଼ିଛି ଓ ପଢ଼ାଇଛି । ଯଜ୍ଞ କରିଛି ଏବଂ ଖୁବ୍ ନିଷ୍ଠାର ସହ ଆପଣା ଧର୍ମ ପାଳନକରିଛି । ଏସବୁ ସତ୍ତ୍ୱେ ଯେତେବେଳେ ଯାଇ ଯମରାଜାଙ୍କ ପାଖରେ ପହଞ୍ଚିଲି, ସେ ମୋତେ ଦେଖି କହିଲେ, ପ୍ରଥମତଃ ଏ ହେଉଛି ସେହି ପାଷଣ୍ଡ ମହନ୍ତର ପୁଅ । ଦ୍ୱିତୀୟତଃ ତାହାରି ଅର୍ଜିତ ଅନ୍ନ ଏ ଖାଇଛି । ତୃତୀୟରେ ଠାକୁରଙ୍କୁ ଲାଗି କରାଯାଇଥିବା ଘିଅକୁ ଅଇଁଠା କରିଦେଇଛି । ସେଥିପାଇଁ ତାକୁ କୁକୁରଜନ୍ମ ଦିଆଯିବ । ମୁଁ ଏକଥା ଶୁଣି ବହୁତ କାନ୍ଦିଲି; କିନ୍ତୁ କେହି ଶୁଣିଲେନାହିଁ । ମୁଁ ହେଉଛି ସେଇ କୁକୁର । ଏବେ ଆପଣମାନେ ବୁଝିପାରିବେ ଯେ ମୁଁ ପୁରସ୍କାର ଦେଇଛି ନା ଦଣ୍ଡ ।''

ଏତିକି କହି କୁକୁର ବେହୋସ ହୋଇ ତଳେ ପଡ଼ିଗଲା । ଏମିତି ପଡ଼ିଗଲା ଯେ ଆଉ ଉଠିଲାନାହିଁ ।

ସେତେବେଳକୁ ସକାଳ ହୋଇଯାଇଥିଲା । ସବୁଲୋକ ନିଜନିଜ ଘରକୁ ଚାଲିଗଲେ । କୁକୁରର ଏଇକଥା ଶୁଣି ମୋ ନିଜ ଦଶା ପାଇଁ ମୋତେ ବହୁତ ଦୁଃଖ ଲାଗିଲା । ସମୟ ଥିଲା ଯେତେବେଳେ ପଶୁମାନଙ୍କ ସହିତ ମଧ୍ୟ ନ୍ୟାୟ କରାଯାଉଥିଲା । ଏବେ ବେଳପଡ଼ିଛି, ପଶୁଜୀବନକୁ କୌଣସି ମୂଲ୍ୟ ଦିଆଯାଉ ନାହିଁ । ଏଥି ସହିତ ମୋତେ ଖୁସିଲାଗିଲା ଯେ ପଶୁ ହେଲେ ମଧ୍ୟ ମୁଁ ସେଇ ଧୂର୍ତ୍ତ ମହନ୍ତଠାରୁ ଭଲରେ ଅଛି ।

ପଣ୍ଡିତଜୀ ସେଇ ଦିନଠାରୁ ମୋତେ ଆହୁରି ବେଶି ସ୍ନେହ କରିବାକୁ ଲାଗିଲେ । କାହା ସହିତ ଦେଖାହୋଇଗଲେ ସେ ମୋଅରି ବିଷୟରେ ହିଁ ଆଲୋଚନା କରନ୍ତି । କହନ୍ତି, 'ଏ କୁକୁର ନୁହେଁ, ଏ ହେଉଛି ମୋର ପୂର୍ବଜନ୍ମର ସନ୍ତାନ ।'

ସାତ

ସେତିକିବେଳେ କେତେଟା ଜଙ୍ଗଲୀ ଘୁଷୁରି ଗାଆଁକୁ ପଶିଆସିଲେ । ତାଙ୍କ ଉତ୍ପାତରେ ଗାଆଁସାରା ହୁଲସ୍ଥୁଲ ହୋଇଗଲା । ଯେଉଁ କିଆରିରେ ସେମାନେ ପଶିଯାଆନ୍ତି, ତାକୁ ଛାରଖାର କରିପକାନ୍ତି । କାହାର ଏତେ ସାହସ ଯେ ତାଙ୍କର ମୁକାବିଲା କରିବ ?

Digitized by srujanika@gmail.com

ସଞ୍ଜ ହେଲାକ୍ଷଣି ରାସ୍ତାଘାଟ ବନ୍ଦ । ମୋର ଏମିତି ମନହେଉଥିଲା ଯେ ଦିନେ ଜୀବନକୁ ପାଣିଛଡ଼ାଇ ସେଇ ବଦମାସମାନଙ୍କ ଉପରେ ଝପଟିପଡ଼ିବି; ହେଲେ ଆଜିଯାଏ ମୋ ଅଣ୍ଟା ଭଲ ହୋଇନଥିଲା । ମୁଁ ଭଲା ସେଇ ଭୟଙ୍କର ଜନ୍ତୁଗୁଡ଼ାଙ୍କ ସହିତ କେମିତି ଲଢ଼ିଥାଆନ୍ତି ? ମୁଁ ନାଚାର ଥିଲି । ହଁ, ନାଲୁ ଖୁବ୍ ମୋଟା ଆଉ ଜୋରଦାର ଥିଲା, ତାର ଯଦି ସାହସ ଥାଆନ୍ତା, ତେବେ ସେ, ସେମାନଙ୍କ ଭିତରୁ ଗୋଟାଏ ଦିଇଟାଙ୍କୁ ମାରିଦେଇ ପାରିଥାନ୍ତା; କିନ୍ତୁ ସେଇଟା ଥିଲା ନିହାତି ଡରୁଆ । ଘୁଷୁରିଙ୍କୁ ଦେଖୁଦେଖୁ କୋଶେ ଦୂରରେ ଯାଇ ଉଠିବ । ସେ ଯେତେବେଳେ ଜାଣିବ ଯେ ଘୁଷୁରି ତା ଯାଏ ଆସି ପାରିବେନାହିଁ, ସେଇଠି ଥାଇ ସେ ଗଳା ଫଟାଇ ରଡ଼ିଛାଡ଼ିବ । ସବୁଠୁଁ ଦୁଃଖର କଥା ଯେ, ଗାଆଁରେ ଶହଶହ ଲୋକ ଥିଲେ; ଅଥଚ କାହାରି ଜଣକର ହେଲେ ସାହସ ନଥିଲା ତାଙ୍କ ସହିତ ମୁକାବିଲା କରିବାକୁ । କୁକୁରଙ୍କୁ ପିଟିବାବେଳକୁ ସମସ୍ତେ ସିଂହ; ହେଲେ ଘୁଷୁରିଙ୍କ ଆଗରେ ବିଲେଇ ।

ଶେଷରେ ଦିନେ ଲୋକମାନେ ଯାଇ ଥାନାରେ ଫେରାଦ ହେଲେ । ଥାନାର ସବୁଠାରୁ ବଡ଼ ଅଫିସର ଯିଏ ସିଏ ଥିଲେ ଜଣେ ଭଲ ଶିକାରୀ । ଖବର ପାଇ ସେ ଦିନେ କେତୋଟି କୁକୁରଙ୍କୁ ସାଙ୍ଗରେ ନେଇ ଗାଆଁରେ ପହଞ୍ଚିଲେ । ଗାଆଁର ଲୋକମାନେ ମଜା ଦେଖିବା ପାଇଁ ଆସି ଜମାହୋଇଗଲେ । ପଣ୍ଡିତଜୀ ମଧ ମୋତେ ସାଙ୍ଗରେ ନେଇ ସେଠାକୁ ଚାଲିଲେ । ତାଙ୍କ ପୁଅ ବି ଯିବାକୁ ବାହାରିଲା । ପଣ୍ଡିତେ କିନ୍ତୁ ତାକୁ ସାଙ୍ଗରେ ନେବାକୁ ମଙ୍ଗିଲେ ନାହିଁ । କହିଲେ, ''ସେଠାରେ କ'ଣ ମିଠେଇ ବଣ୍ଟାହେଉଛି ଯେ ତୁ ଯାଇ ଆଣିବୁ ? ଘୁଷୁରି ହାବୁଡ଼ରେ ପଡ଼ିଯିବୁ ତ ଜୀବନ ଚାଲିଯିବ । ମୁଁ ଗାଆଁର ମୁଖିଆ; ଅଥଚ ନିରୁପାୟ । ତୁ ଜାଣିଶୁଣି ନିଜ ଜୀବନକୁ କାହିଁକି ବିପନ୍ନ କରିବୁ ?''

ଏକଥା ଶୁଣି ପୁଅ ଡରିଗଲା । ଆଉ ସାଙ୍ଗରେ ଯିବାର ନାଆଁ ଧରିଲାନାହିଁ ।

ମୁଁ ସାହେବଙ୍କ ପାଖରେ ଯାଇ ଯେମିତି ପହଞ୍ଚିଲି, ତାଙ୍କ ସାଙ୍ଗରେ ଆସିଥିବା କୁକୁରମାନଙ୍କ ଉପରେ ମୋର ଦୃଷ୍ଟିପଡ଼ିଲା । ତାଙ୍କୁ ମୁଁ ଜୀବନରେ ପ୍ରଥମ କରି ଦେଖିଲି । ସେମାନେ ସମସ୍ତେ ଗୋଟିଏ ଗାଡ଼ି ଉପରେ ବସିଥିଲେ, ଯାହାକୁ ଲୋକେ ମଟର ବୋଲି କହୁଥିଲେ । ସେଇ କପାଳିଆ ଭାଇମାନଙ୍କୁ ଦେଖି ଗର୍ବରେ ମୋ ଛାତି ଫୁଲିଉଠିଲା । ମୋ ଜାତିରେ ପୁଣି ଏଭଳି ଅଛନ୍ତି, ଯେଉଁମାନେ ଏତେ ବଡ଼ବଡ଼ ଅଫିସରଙ୍କ ସହିତ ମଟରଗାଡ଼ିରେ ବସନ୍ତି ! ସେ ସମସ୍ତେ ପୁଣି କେଡ଼େ ସଫା ସୁତୁରା ! ଏଠିତ ବର୍ଷେ ହେଲାଣି ମୋତେ ଗାଧୋଇବାର ସୁଯୋଗ ଜୁଟିନାହିଁ । ଲୋମରେ ହଜାର ସଂଖ୍ୟାରେ ଉକୁଣି ଭର୍ତ୍ତି । ନିଜ ଭାଇମାନଙ୍କୁ ଦେଖି ମୋର ଆନନ୍ଦର ସୀମା ନଥିଲା; ମାତ୍ର ମୂର୍ଖ ନାଲୁ ତାଙ୍କୁ ଦେଖି ଏମିତି ଭାଉଁ—ଭାଉଁ

Digitized by srujanika@gmail.com

ହେଉଥିଲା ଯେ ମନେହେଉଥିଲା, ତାର ଯେମିତି ଆଉ କିଛି କାମ ନଥିଲା । ଗାଁଲୋକେ ତାକୁ ବାରମ୍ବାର ମନାକରୁଥିଲେ, ଧମକାଉଥିଲେ, ଢେଲା ମାରୁଥିଲେ; ତଥାପି ସେ ଚୁପ ହେଉ ନଥିଲା । କେଜାଣି ତା ମନରେ କ'ଣ ଥିଲା ? ସେ କ'ଣ ଏତିକି ବୁଝିପାରୁ ନଥିଲା ଯେ ଯେଉଁମାନେ ଆସିଥିଲେ, ସେମାନେ ଗାଆଁର କିଛି କ୍ଷତିକରିବାକୁ ଆସି ନଥିଲେ ! ତା ହୋଇଥିଲେ ଲୋକେ ତାଙ୍କୁ ପିଟିପିଟି ବିଦା କରିଦେଇ ଥାଆନ୍ତେ ! ସେ ଯେ ଗୋଟାଏ ମୂର୍ଖ, ଏକଥା ନକହି ଆଉ କ'ଣ କୁହାଯାଇଥାଆନ୍ତା ? ଆମ ଜାତିରେ ଏଇଟି ଗୋଟିଏ ବଡ଼ ଦୋଷ ମୁଁ ଦେଖିଛି ଯେ ଜଣେ ଆଉ ଜଣକୁ ଦେଖିଲେ ଏମିତି କାମୁଡ଼ି ଗୋଡ଼େଇବ ଯେ ମନେହେବ ସେ ଯେମିତି ତାର ଜୀବନ ଶତ୍ରୁ । ବେଳେବେଳେ ମୋର ସେଇ ଅସଭ୍ୟ ଭାଇମାନଙ୍କୁ ଦେଖିଲେ ପ୍ରବଳ ରାଗ ହୁଏ; ହେଲେ ମୁଁ ସଂଯତ ହୋଇ ରହିଯାଏ । ମୁଁ ଏମିତି କେତେ ପଶୁଙ୍କୁ ଦେଖିଛି, ଯେଉଁମାନେ ନିଜନିଜ ମଧ୍ୟରେ ଖୁସିରେ ମିଶନ୍ତି, ଏକାଠି ଶୁଅନ୍ତି, କିଛି ଉଁ-ଚୁଁ କରନ୍ତି ନାହିଁ । ମୋ ଜାତିରେ ଏଭଳି ଖରାପ ସ୍ୱଭାବ କେଉଁଠୁ ଆସିଲା, ମୁଁ ବୁଝିପାରେ ନାହିଁ । ଅନୁମାନ କରି କହିପାରେ ଯେ ଏଭଳି ମନ୍ଦ ସ୍ୱଭାବ ଆମେ ମଣିଷମାନଙ୍କଠଉଁ ଶିଖିଛୁ । ମଣିଷମାନଙ୍କ ଭିତରେ ଏ ଅଭ୍ୟାସ ଅଛି ଯେ ଭାଇ ସାଙ୍ଗରେ ଭାଇ ଲଢ଼ିବ, ବାପା ସାଙ୍ଗରେ ପୁଅ ଲଢ଼ିବ, ପୁଣି ଭଉଣୀ ସାଙ୍ଗରେ ଭାଇ ଲଢ଼ିବ । ଜଣେ ଭାଇ ଆଉ ଜଣକର ତଣ୍ଟି କାଟିଦେଉଛି, ପୁଅ ବାପର ଜୀବନ କଣ୍ଟକ ହୋଇଯାଉଛି, ବନ୍ଧୁ ବନ୍ଧୁର ଗଳା କାଟୁଛି, ଚାକର ମାଲିକକୁ ଧୋକା ଦେଉଛି । ଆମେ ତ ହେଉଛୁ ମଣିଷର ସେବକ, ଆମେ ତାଙ୍କରି ପାଖରେ ରହୁ । ତାଙ୍କ ଦେଖାଦେଖିରେ ଯଦି ସେ ଦୋଷ ଆମ ଭିତରକୁ ପଶିଆସିଲା, ସେଥିରେ ଆଶ୍ଚର୍ଯ୍ୟ ହେବାର କଅଣ ଅଛି ? ଅତି କମ୍‌ରେ ଆମମାନଙ୍କ ମଧ୍ୟରେ ଏତିକି ଗୁଣ ଅଛି ଯେ, ନିଜର ମାଲିକ ପାଇଁ ଆମେ ଜୀବନ ଦେବାକୁ ପ୍ରସ୍ତୁତ ଥାଉ । ତାଙ୍କ ଦେହରୁ ଝାଳ ବୁନ୍ଦାଏ ବହିଗଲେ ଆମେ ନିଜର ରକ୍ତ ବୁହାଇଦେଉ । ମଣିଷମାନଙ୍କ ଭିତରେ ତ ଏକଥା ନାହିଁ । ସେ ଯାହାହେଉ ସାହବଙ୍କ କୁକୁର ତ ପୁଣି କୁକୁର । ସେମାନେ କାହିଁକି ଭୁକନ୍ତି ନାହିଁ ? କାହିଁକି ସେମାନେ ଏତେ ଭଦ୍ର ଏବଂ ଗମ୍ଭୀର ? ତାର କାରଣ ଏଇ ଯେ, ଯାହା ସାଙ୍ଗରେ ସେମାନେ ରହନ୍ତି ତାଙ୍କ ଭିତରେ ଏତେ ବାଦବିବାଦ ନଥାଏ । ମୋତେ ତ ସେମାନେ ଦେବତା ଭଳି ଲାଗନ୍ତି । ତାଙ୍କ ମୁଖମଣ୍ଡଳରେ କି ଜ୍ୟୋତି ଥିଲା, କେତେ ଶାଳୀନତା ଥିଲା ?

ଘୁଷୁରିମାନଙ୍କର ଯେଉଁଠି ଆଡ୍ଡା ଥିଲା ସାହେବ ତାଙ୍କ କୁକୁରମାନଙ୍କୁ ନେଇ ସେଇଠାରେ ପହଞ୍ଚିଲେ । ପହଞ୍ଚିବା ପରେ ସେ ଆଗେ ହୁଇସିଲ ମାରିଲେ, ତା'ପରେ କୁକୁରମାନେ ତିଆର ହୋଇଗଲେ । ସେମାନଙ୍କ ଆଖି ଦପ୍‌ଦପ୍ କରିବାକୁ ଲାଗିଲା,

Digitized by srujanika@gmail.com

ଛାତି ଫୁଲିଉଠିଲା, ନାକପୁଡ଼ା ଖାଲି ଉଠିଲା ପଡ଼ିଲା । ସମସ୍ତେ ଯେମିତି ସାହେବଙ୍କ ଇଙ୍ଗିତ ପାଇଁ ଅସ୍ତବ୍ୟସ୍ତ ହେଉଥାଆନ୍ତି । ନିଜର ଉତ୍ସାହକୁ ସେମାନେ ଅଟକାଇ ରଖି ପାରୁନଥାନ୍ତି ।

ଘୁଷୁରିମାନେ ସମ୍ଭବତଃ ଜାଣିଯାଇଥିଲେ ଯେ ଆଜି କିଛି ଭଲ ଯୋଗ ନାହିଁ । ଜଣେ ହେଲେ କେହି ବାହାରକୁ ଆସିଲେ ନାହିଁ । ଗାଆଁଲୋକେ ଯେତେବେଳେ ଆଖୁକିଆରିରେ ପଶି ପାଟିକରିବାକୁ ଆରମ୍ଭ କଲେ, ଏତିକିବେଳେ ଗୋଟିଏ ଘୁଷୁରି ବାହାରି ଆସିଲା । ସେ ଏଭଳି ଲୋକଗହଳି ଦେଖି ଘାବୁରିଗଲା । ସେ ବୋଧେ ଖୋଜୁଥିଲା କୁଆଡ଼କୁ ପଳାଇଯିବାର କିଛି ବାଟ ଅଛିକି ନାହିଁ । ହଠାତ୍ ସାହେବଙ୍କ କୁକୁରମାନେ ତା ଉପରେ ଝାଁପିପଡ଼ିଲେ । ଦେଖୁଦେଖୁ ଘୁଷୁରିର କାମ ବଡ଼ିଗଲା । କୁକୁରମାନଙ୍କର ଏଭଳି ବାହାଦୁରି ଦେଖି ଲୋକେ ବାଃ-ବାଃ କରିବାକୁ ଲାଗିଲେ । ମୋ ମୁହଁରୁ ମଧ୍ୟ ବାହାରିପଡ଼ିଲା, "ସାବାସ ଭାଇମାନେ, ତୁମେମାନେ ହିଁ ପ୍ରକୃତ ବୀର ।"

ଏବେ ମୋ ମନରେ ମଧ୍ୟ ହୁଁକାର ଆସିଲା । ଭାବିଲି ଦିନେ ନା ଦିନେ ତ ମରିବାକୁ ହେବ । ଆଜି କିଛି ଗୋଟାଏ କରି ଦେଖାଇଦେବା ଉଚିତ । ନିଜନିଜ ଭିତରେ ଲଢ଼ି, ଲୋକମାନଙ୍କର ଠେଙ୍ଗାମାଡ଼ ଖାଇ ମରିବାରେ କି ବାହାଦୁରୀ ? ଯୁଦ୍ଧ କ୍ଷେତ୍ରରେ ମଲେ ନାଆଁ ରହିବ । ସାହେବଙ୍କ କୁକୁରମାନେ ଜାଣିବେ ଯେ ଏ ଗାଆଁରେ ମଧ୍ୟ କେହି ଜଣେ ବୀର ଅଛି ।

ଏତିକିବେଳେ ଆଉ ଗୋଟିଏ ଘୁଷୁରି ସାମନାରୁ ଆସୁଥିବାର ଦେଖାଗଲା । ବିଲାତି କୁକୁରମାନେ ସେଇଆଡ଼େ ଧାଇଁଲେ । ତାଙ୍କ ସାଙ୍ଗରେ ମୁଁ ବି ଧାଇଁଲି । ସେମାନେ ଚାହୁଁଥିଲେ ଆଗ ଯାଇ ଶିକାର ପାଖରେ ପହଞ୍ଚିବେ । ମୁଁ ବି ଚାହୁଁଥିଲି କେମିତି ଯାଇ ଆଗ ପହଞ୍ଚିଯିବି । ଆମେ ସମସ୍ତେ ପ୍ରାଣମୂର୍ଚ୍ଛା ଦୌଡ଼ିଲୁ । ଯୋଗକୁ ଘୁଷୁରି ଉପରେ ଆକ୍ରମଣ କରିବାର ପାଳି ପ୍ରଥମେ ମୋର ପଡ଼ିଗଲା । ଅନ୍ୟ କୁକୁରମାନେ ପଛରେ ରହିଗଲେ । ଯଦି ଘୁଷୁରି ଟାଣ ଦେଖାଇ ଠିଆହୋଇ ଯାଇଥାଆନ୍ତା, ତେବେ ମୋତେ ଦୌଡ଼ି ପଳାଇବାକୁ ହୋଇଥାଆନ୍ତା; ମାତ୍ର ସେ ଆମ ସମସ୍ତଙ୍କୁ ଦେଖି ଏଭଳି ହଡ଼ବଡ଼େଇ ଗଲା ଯେ ବାଟ ନପାଇ ସିଧାସିଧା ଦୌଡ଼ିଲା । ଆଉ କ'ଣ କହିବାର ଥିଲା ? ଆମେ ତା ପଛରୁ ଚଢ଼ଉ ଆରମ୍ଭ କରିଦେଲୁ । ସମସ୍ତେ ଏମିତି ବାଗରେ ତାକୁ ମାଡ଼ିବସିଲେ ଯେ ତା କାମ ସେଇଠି ଖତମ ହୋଇଗଲା । ଏବେ ଲୋକମାନେ ଜାଣିଲେ ଯେ ମୋର ମଧ୍ୟ ସାହସ ଅଛି । ସାହେବ ମଧ୍ୟ ମୋ ଉପରେ ଖୁସି ହୋଇଗଲେ । ସେ ମୋତେ ଡାକି ମୋ ମୁଣ୍ଡକୁ ଆଉଁସିଦେଲେ । ପଣ୍ଡିତଜୀ ସେତେବେଳେ ସାହେବଙ୍କ ପାଖରେ ଠିଆ ହୋଇଥିଲେ । ମୋର ଏଭଳି ଆଦର ସମ୍ମାନ ଦେଖି ସେ ଖୁସିହୋଇଗଲେ ।

Digitized by srujanika@gmail.com

ସାହେବ ପଚାରିଲେ, "ଆଚ୍ଛା, ଏଇଟି କାହାର କୁକୁର ?"

ପଣ୍ଡିତଜୀ ହାତ ଯୋଡ଼ି କହିଲେ, "ହଜୁର, ଏ ମୋ ପାଖରେ ରହେ ।"

ସାହେବ, "ଆପଣଙ୍କ କୁକୁର ଖୁବ୍ ସାହସୀ ।"

ପଣ୍ଡିତଜୀ କହିଲେ, "ସରକାରଙ୍କ କଲ୍ୟାଣରୁ ।"

କଥା ସରିନାହିଁ, ହଠାତ୍ ତୃତୀୟ ଘୁଷୁରି ବାହାରିଲା ଏବଂ ସେ ସାହେବଙ୍କ ଉପରକୁ ଚମକି ଆସିଲା । ସାହେବଙ୍କୁ କିଛି ବୁଦ୍ଧିବାଟ ଦିଶିଲାନାହିଁ । ଆଉ ମୁହୂର୍ତ୍ତେ ମାତ୍ର ଡେରି ହୋଇଥିଲେ, ଘୁଷୁରି ତାଙ୍କ ଜୀବନ ନେଇଯାଇଥାଆନ୍ତା, ତାଙ୍କ ହାତରେ ଅବଶ୍ୟ ବନ୍ଧୁକ ଥିଲା; ମାତ୍ର ସେ ଏଭଳି ହଡ଼ବଡ଼େଇ ଯାଇଥିଲେ ଯେ ତାକୁ ଫୁଟେଇ ପାରି ନଥିଲେ । ମୁଁ ଦେଖିଲି ଅବସ୍ଥା ଗୁରୁତର । ଅନ୍ୟ କୁକୁରମାନେ ଦୂରରେ ଥିଲେ । ମୁଁ ସେଠାରେ ଏକୁଟିଆ ଠିଆହୋଇଥିଲି, ଘୁଷୁରିଙ୍କ ସହିତ ମୁକାବିଲା କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ ଥିଲା; କିନ୍ତୁ ଯାହାହେଉ ପଛକେ ସାହେବଙ୍କର ଜୀବନ ରକ୍ଷାକରିବାକୁ ହେବ । ମୁଁ ପଛରୁ ଝାମ୍ପିପଡ଼ି ଘୁଷୁରିର ଗୋଡ଼କୁ ମାଡ଼ିବସିଲି । ସେ ପଛକୁ ବୁଲିବାବେଳକୁ ସାହେବ ନିଜକୁ ସମ୍ଭାଳିନେଲେ ଏବଂ ବନ୍ଧୁକ ଚଳାଇଲେ । ଘୁଷୁରି ତ ସେଇଠି ତଳେ ଗଡ଼ିଗଲା; ହେଲେ ମୋତେ ସାଙ୍ଘାତିକ ଭାବେ ଖଣ୍ଡିଆ ଖାବରା କରିଦେଲା । ଘଣ୍ଟାଏ ପର୍ଯ୍ୟନ୍ତ ମୋର ଚେତା ରହିଲାନାହିଁ । ଜାଣିପାରିଲି ନାହିଁ, ମୁଁ କେଉଁଠି ? ଚେତା ଆସିବାବେଳକୁ ଦେଖିଲି, ମୁଁ ତୂଳା ଗଦି ଉପରେ ଶୋଇଛି ଏବଂ ଦୁଇତିନି ଜଣ ଲୋକ ମୋ ଘାଆକୁ ଧୋଉଛନ୍ତି ।

ଆଠ

ସାହେବଙ୍କ ବଙ୍ଗଳାରେ ମୋତେ ଏମିତି ସବୁ ଖାଇବା ଜିନିଷ ମିଳିଲା ଯାହାକୁ ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି । ଆଗରୁ ଭାଗ୍ୟକୁ କେବେ କେମିତି ଖଣ୍ଡେ ହାଡ଼ ମିଳିଯାଉଥିଲା । ଏବେ କିନ୍ତୁ ଦୁଇଓଳି ତଟକା ମାଂସ ଖାଇବାକୁ ମିଳିଲା । କେବେ କେବେ ଦୁଧ ମଧ୍ୟ ମିଳିଯାଏ । ଖାନସମା ପ୍ରତିଦିନ ସାବୁନ ଲଗାଇ ମୋତେ ଗାଧୋଇ ଦିଏ । ପୂର୍ବରୁ ମୁଁ କେବେ ସାବୁନର ନାଆଁ ମଧ୍ୟ ଶୁଣି ନଥିଲି । କାରଣ ପଣ୍ଡିତଜୀଙ୍କ ଘରେ ସାବୁନ ଲଗାଇବାର ବିଧି ନଥିଲା । ଏବେ ଯେତେବେଳେ ସାହେବ ତାଙ୍କ ଚାକରକୁ କହନ୍ତି, 'କାଲୁକୁ ସୋପ୍ ଲଗାଇ ଗାଧୋଇ ଦେ', ସେ ଗୋଟିଏ ପିଣ୍ଡୁଳା ଭଳି ଜିନିଷ ଆଣି ମୋ ମଇଳା ଦେହରେ ପାଣି ଲଗାଇ ଘଷେ । ମୋ ଦେହରୁ ଧଳା ଧଳା ଫେଣ ବାହାରେ ଠିକ୍ ଯେମିତି ଦୁଧର ଫେଣ । ସେଇ ଫେଣରୁ ପୁଣି ଏମିତି ବାସନା ବାହାରେ ଯେ ମୋ ମନ ଖୁସିହୋଇଯାଏ । ସନ୍ଧ୍ୟାରେ ସାହେବ ମୋତେ

Digitized by srujanika@gmail.com

ମଟରରେ ବସାଇ ହାଓଆ ଖାଇବା ପାଇଁ ନେଇଯାଆନ୍ତି । ମେମ୍ ସାହେବ ବି ସାଙ୍ଗରେ ଯାଆନ୍ତି । ମୁଁ ତ ତାଙ୍କ କଥାବାର୍ତ୍ତା କିଛି ବୁଝିପାରେ ନାହିଁ; କିନ୍ତୁ ବାରମ୍ବାର 'କାଲୁ' ନାଆଁ ଶୁଣି ଜାଣିପାରେ ଯେ ମୋ ବିଷୟରେ ଆଲୋଚନା ହେଉଛି । ମେମ ସାହେବ ମଝିରେ ମଝିରେ ମୋତେ କୋଳକୁ ଉଠାଇ ନିଅନ୍ତି ଏବଂ ମୋ ମୁହଁରେ ଚୁମା ଦିଅନ୍ତି । ସେତେବେଳେ ମୋତେ କେତେ ଯେ ଖୁସିଲାଗେ ସେକଥା କହିହେବ ନାହିଁ । ମୁଁ ମଧ୍ୟ ଲାଞ୍ଜ ହଲାଏ ଏବଂ ତାଙ୍କ ବେକରେ ଲଟକିଯାଏ । ସେ ଯଦି ମୋ ଭାଷା ବୁଝିପାରୁଥାଆନ୍ତେ, ତେବେ ସେ ଜାଣନ୍ତେ ଯେ ଆମେ ସ୍ନେହର ଉତ୍ତର ଦେବାରେ ମନୁଷ୍ୟଠାରୁ କମ୍ ନୋହୁ ।

କିଛିଦିନ ପର୍ଯ୍ୟନ୍ତ ପଣ୍ଡିତଜୀଙ୍କ କଥା ମନେପଡ଼ି ବହୁତ ଦୁଃଖ ଲାଗିଲା । କ୍ରମେକ୍ରମେ ପିଛିଲା ଦିନର କଥା ସବୁ ଭୁଲିଯିବାକୁ ଲାଗିଲି । ସୁଖବେଳେ ଦୁଃଖ ଦିନର କଥା କିଏ ମନେପକାଏ ?

ଦିନେ ସଞ୍ଜବେଳେ ଆମେ ବୁଲିବାକୁ ଯାଉଥିଲୁ । ଦେଖିଲି, ପଣ୍ଡିତଜୀ ସିଆଡୁ ଚାଲିଚାଲି ଆସୁଛନ୍ତି । ପଣ୍ଡିତଙ୍କୁ ଦେଖିବା ମାତ୍ରେ ମୋର ପିଛିଲା ଦିନର କଥାଗୁଡ଼ିକ ସବୁ ମନେପଡ଼ିଗଲା । ମୋଟରରୁ ତଳକୁ ଡେଇଁପଡ଼ିଲି ଏବଂ ତାଙ୍କ ପାଦରେ ମୁହଁ ଲଗାଇ ଲାଞ୍ଜ ହଲାଇବାକୁ ଲାଗିଲି । ପଣ୍ଡିତଜୀ ମୋ ମୁଣ୍ଡରେ ହାତ ବୁଲାଉଥିବାବେଳେ ମୁଁ ଦେଖିଲି, ତାଙ୍କ ଆଖି ଛଳଛଳ ହୋଇଆସୁଛି । ତାଙ୍କ ମୁହଁଟି ମଳିନ ଦିଶୁଥିଲା । ଓଠ ଶୁଖିଯାଇଥିଲା ଏବଂ ପାଦରେ ମହଣେ ହେବ ଧୂଳି ଜମିଥିଲା । ତାଙ୍କ ଲୁଗାପଟା ମଇଳା ହୋଇଯାଇଥିଲା । ତାଙ୍କ ଉପରେ ମୋର ଦୟା ହେଉଥିଲା ।

ସାହେବ ପଚାରିଲେ, ''ୱେଲ ପଣ୍ଡିତ, ଭଲ ଅଛ ତ ?''

ପଣ୍ଡିତ, ''ସରକାରଙ୍କ ଦୟାରୁ ।''

ସାହେବ, ''କିଛି କାମ ଅଛି ?''

ପଣ୍ଡିତ, ''ହଜୁର, ମୋ କାଲୁକୁ ଟିକେ ଦେଖିବା ପାଇଁ ଆସିଥିଲି । ସରକାର କ'ଣ କହିବି, ଯେଉଁଦିନୁ ଏ ଚାଲିଆସିଲାଣି, ସେଇଦିନଠାରୁ ମୋର ଦୁର୍ଦ୍ଦିନ ଆସିଯାଇଛି । ମୁହୂର୍ତ୍ତକ ପାଇଁ ମଧ ମୁଁ ତା କଥା ଭୁଲିପାରୁନାହିଁ । ତା ଜାଗାଟି ଖାଲି ଦେଖି ମୁଁ କାନ୍ଦୁଛି । ସରକାର, ଏ ଥିଲା ମୋ ଘରର ରଖୁଆଳ । ମୋତେ ଦୟାକରନ୍ତୁ ।''

ସାହେବ, ''ତୁମେ ତେବେ କ'ଣ ଚାହୁଁଛ ?''

ପଣ୍ଡିତ, ''ମୋର ଏତିକି ମାତ୍ର ଦରକାର ଯେ ମୋ କାଲୁକୁ ମୋତେ ଦୟାକରି ଫେରାଇ ଦିଅନ୍ତୁ । ଭଗବାନ ଆପଣଙ୍କର ମଙ୍ଗଳ କରିବେ । ତାକୁ ଛାଡ଼ି ମୁଁ କେଉଁଠି ହେଲେ ରହିପାରିବି ନାହିଁ ।''

Digitized by srujanika@gmail.com

ସାହେବ, "ଓ ପଣ୍ଡିତେ, ତୁମେ ଭାରି ଛଳନା କରୁଛ । ମୁଁ ଏ କୁକୁର ତୁମକୁ ଦେଇପାରିବି ନାହିଁ । ତା ବଦଳରେ ବରଂ ମୋର ଗୋଟିଏ ବିଲାତି କୁକୁର ନେଇଯାଅ ।"

ମୁଁ ସେତେବେଳେ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଥିଲି ! ପଣ୍ଡିତଜୀଙ୍କର ସ୍ନେହ ଦେଖି ଇଚ୍ଛା ହେଉଥିଲା, ତାଙ୍କ ସାଙ୍ଗରେ ପଳାଇଯିବି; ହେଲେ ଏ ଜାଗାର ସୁଖ ସୌଭାଗ୍ୟ କଥା ଭାବି ମନ ପଛେଇ ଯାଉଥିଲା ।

ସାହେବ ମନାକରି ଦେବାରୁ ପଣ୍ଡିତଜୀ ନିରାଶ ହୋଇ କହିଲେ, "ସରକାରଙ୍କର ଯାହା ଇଚ୍ଛା । କାଲୁ ଯଦି ନଯିବ, ବିଲାତି କୁକୁର ନେଇ ମୁଁ କ'ଣ କରିବି ?" ଏଇଆ କହି ପଣ୍ଡିତେ କାନ୍ଦି ପକାଇଲେ ।

ମୁଁ ଏଇ ଅବସ୍ଥାରେ ସ୍ଥିର କରିନେଲି ଯେ ଏଠାରେ ରହିଲେ ମଧ୍ୟ ପଣ୍ଡିତଙ୍କ ଘର ଜଗିବା ପାଇଁ ପ୍ରତିଦିନ ଯିବି । ଏଠାରେ କ'ଣ କୁକୁରଙ୍କର ଅଭାବ ଅଛି ?

ସାହେବ କହିଲେ, "ମୁଁ ଜାଣେ, ତୁମେ ଏଇ କୁକୁରକୁ ଖୁବ୍ ଭଲ ପାଉଛ । ଏଇଟିକୁ ତୁମକୁ ଫେରାଇ ଦିଅନ୍ତି ଯେ, ଖୁବ୍ ନିକଟରେ ମୋ ଦେଶକୁ ମୋର ଯିବାର ଅଛି । ହଁ, ତୁମେ ଯାର ଯାହା ଦାମ୍ ମାଗିବ ମୁଁ ଦେଇପାରିବି ।"

ପଣ୍ଡିତଜୀ ଏହାର କିଛି ଉତ୍ତର ଦେଲେନାହିଁ । ସାହେବଙ୍କୁ ସଲାମ କରି ଫେରିଗଲେ । ହଠାତ୍ ତାଙ୍କର ଗୋଟାଏ କ'ଣ ମନେପଡ଼ିଗଲା । ସେ ଫେରି ଆସି କହିଲେ, "ସରକାର, ବିଲାତରୁ କେବେ ଫେରିବେ ?"

ସାହେବ, "ସେକଥା ଏବେ ଠିକ୍‌କରି କହି ପାରୁନାହିଁ; ହେଲେ ମୁଁ ଯେବେ ଯିବି ତୁମକୁ ଖବର ଦେବି ।"

ସାହେବ ଯଦି ମୋ ବିଲାତ ଯିବା କଥା କହି ନଥାନ୍ତେ, ତେବେ ମୁଁ ନିଶ୍ଚେ ପଣ୍ଡିତଙ୍କ ସାଙ୍ଗରେ ଚାଲି ଯାଇଥାଆନ୍ତି । ମୁଁ ତାଙ୍କ ଦୁଃଖ ଦେଖିପାରୁ ନଥିଲି । ପଣ୍ଡିତେ ଥରେ ମୋତେ ସ୍ନେହଭରା ଦୃଷ୍ଟିରେ ଚାହିଁଲେ । ତା'ପରେ ଚାଲିଗଲେ । ଏବେ ମୁଁ ଆଉ ସମ୍ଭାଳି ପାରିଲିନାହିଁ । ମେମ ସାହେବଙ୍କର ସ୍ନେହ, ବିଲାତ ଭ୍ରମଣ ଓ ବଢ଼ିଆ ବଢ଼ିଆ ଖାନା, ସବୁ କିଛି ମୋ ଆଖିରେ ତୁଚ୍ଛ ମନେହେଲା । ମନ କହିଲା, "ତୁ କେଡ଼େ ବେଇମାନ ! ଯିଏ ତୋତେ ପିଲାଟିଏବେଳୁ ପାଳିଲା ପୋଷିଲା, ବ୍ରାହ୍ମଣ ହୋଇ ମଧ୍ୟ ଯିଏ ତୋତେ କୋଳରେ ଧରି ଖେଳାଇଲା, ଯିଏ ଦିନେ ହେଲେ ବି ତୋତେ ପଦେ କଡ଼ାକଥା କହିନାହିଁ, ତାକୁ ଭୋଗବିଳାସ ପଛରେ ଛାଡ଼ିଦେଇ ଯାଉଛୁ ?"

ମୋତେ ଆଉ କିଛି ଦେଖାଗଲା ନାହିଁ । ମୁଁ କୁଦାମାରି ପଣ୍ଡିତଙ୍କ ପଛେପଛେ ଦୌଡ଼ିଲି; ମାତ୍ର କୋଡ଼ିଏ କଦମ ଯାଇଛି କି ନାହିଁ, ଖାନସମା ଆସି ମୋତେ ଧରି ନେଇଗଲା ଏବଂ ମୋ ବେକରେ ଜଞ୍ଜିର ଲଗାଇଦେଲା । ମୋର ସେତେବେଳେ

Digitized by srujanika@gmail.com

ଏତେ ରାଗ ହେଲା ଯେ ମୁଁ ଖାନସମାକୁ କାମୁଡ଼ିବାକୁ ଚମକିଗଲି; କିନ୍ତୁ ମୋ ବେକରେ ଜଞ୍ଜିର ଥିଲା । କ'ଣ ଆଉ କରିପାରିଥାଆନ୍ତି ? ଖାଲି ପଣ୍ଡିତଙ୍କ ଆଡ଼କୁ ନିରୁପାୟ ହୋଇ ଚାହିଁରହିଲି । ପଣ୍ଡିତଜୀ ମଧ୍ୟ ବାରମ୍ବାର ପଛକୁ ବୁଲିକରି ଚାହୁଁଥିଲେ । ଶେଷରେ ସେ ଆଖି ଆଗରୁ ଅଦୃଶ୍ୟ ହୋଇଗଲେ । ସେଦିନ ମୁଁ କିଛି ଖାଇଲି ନାହିଁ । ବାରମ୍ବାର ଖାଲି ପଣ୍ଡିତଜୀଙ୍କ କଥା ମନେପଡ଼ିଲା ।

ନଅ

ଏଠାରେ କିଛିଦିନ ରହିବା ପରେ ସତକୁ ସତ ସାହେବ ତାଙ୍କ ମେମ୍‌ଙ୍କ ସହିତ ନିଜ ଦେଶକୁ ଯିବାକୁ ବାହାରିଲେ । ମୋତେ ମଧ୍ୟ ତାଙ୍କ ସାଙ୍ଗରେ ନେଲେ । ବାଟରେ କ'ଣ କ'ଣ ଦେଖିଲି, କେଉଁଠି କେଉଁଠି ରହିଲି ଏବଂ କେଉଁଭଳି ଲୋକଙ୍କ ସହିତ ଭେଟ ହେଲା, ସେସବୁ କଥା କହିଲେ ବହୁତ ସମୟ ଲାଗିବ । ପ୍ରାୟ ମାସେ ପର୍ଯ୍ୟନ୍ତ ଜାହାଜରେ ରହିଲି । ସେଇଟି କାଠର ଗୋଟିଏ ଖୁବ୍ ଉଚ୍ଚା ଘର ଯେଉଁଟି ଭାସିଭାସି ଯାଉଥିଲା । ମୁଁ ଯେତେବେଳେ ପ୍ରଥମକରି ଜାହାଜରେ ଚଢ଼ିଲି, ମୋତେ ଖୁବ୍ ଡର ଲାଗିଲା । ଯେଉଁ ପର୍ଯ୍ୟନ୍ତ ଆଖି ଯାଉଥାଏ, ମୁଁ ଦେଖୁଥାଏ ଉପରେ ଖାଲି ନୀଳ ଆକାଶ, ତଳେ ନୀଳ ଜଳ ଏବଂ ତା ଉପରେ ଏହି କାଠଘରଟି । ମୋତେ ଲାଗୁଥିଲା, ଯେମିତି ଆକାଶରେ ଗୁଡ଼ିଟିଏ ଭାସିଭାସି ଯାଉଛି । କିଛିଦିନ ପରେ ଆମେ ଯାଇ ଏଭଳି ଏକ ରାଜ୍ୟରେ ପହଞ୍ଚିଲୁ ଯେଉଁଠି ଲୋକମାନେ ଲମ୍ବାଲମ୍ବା କୁରୁତା ପିନ୍ଧିଥିଲେ ଏବଂ ସ୍ତ୍ରୀଲୋକମାନେ ପାଦ ପର୍ଯ୍ୟନ୍ତ ଧୋବଫରଫର ଖୋଳରେ ପଶି ଚାଲି ଯାଉଥିଲେ । ଖାଲି ଆଖି ପାଖରେ ଟିକିଏ ଫାଙ୍କା ଥିଲା । ଜାହାଜରେ ବସିଥିବାବେଳେ ମୋର ବାରମ୍ବାର ନାଲୁ କଥା ମନେପଡୁଥାଏ । ସେ ଯଦି ମୋ ସାଙ୍ଗରେ ଥାଆନ୍ତା, ତେବେ କେଡ଼େ ମଜାରେ ସମୟ କଟିଥାଆନ୍ତା ! କିଏ ଜାଣେ ବିଚରାର କ'ଣ ହେଉଥିବ ? ତେବେ ଭଲ ହେଲା ଯେ ସେ ମୋ ସାଙ୍ଗରେ ନଥିଲା । କାରଣ ସେ ଏଠାରେ ମୁହୂର୍ତ୍ତେ ବି ବସିପାରି ନଥାନ୍ତା । ଜାହାଜରେ ଆମ ଅଞ୍ଚଳର କେହି ଜଣେ ହେଲେ ଲୋକ ଦେଖାଯାଉ ନଥିଲେ । ସମସ୍ତେ ଆମ ସାହେବଙ୍କ ଭଳି ଦିଶୁଥିଲେ ।

ଦିନକର କଥା ଶୁଣନ୍ତୁ । ରାତି ହୋଇଥାଏ, ମୁଁ ଜାହାଜର ଚଟାଣରେ ଶୋଇଥାଏ । ହଠାତ୍ ମୋତେ ମାଲୁମ ହେଲା କେହି ଗୀତ ଗାଉଛି । ସେଠାରେ କେହି ଲୋକ ନଥିଲେ । ମୁଁ ଚମକିକରି ଉଠିବସିଲି ଏବଂ ଏଣିକି ତେଣିକି ଆଖି ପକାଇଲି;

Digitized by srujanika@gmail.com

ହେଲେ କାହାକୁ ଦେଖିଲି ନାହିଁ । ମୁଁ ଆଉ ଚୁପ୍‌ହୋଇ ରହିପାରିଲି ନାହିଁ । ଜୋର ଜୋରରେ ଭୁକିବାକୁ ଲାଗିଲି । ମେମ ସାହେବ ଏବଂ ସାହେବ ଦୁହେଁ ମୋ ଭୁକିବା ଶୁଣି ଉଠିପଡ଼ିଲେ ଏବଂ ମୋତେ ଚୁପ୍ କରିବାକୁ ଚେଷ୍ଟାକଲେ । ତାଙ୍କୁ ଦେଖି ମୋ ଆଶଙ୍କା ତୁଟିଗଲା; ମାତ୍ର ଏବେ ବି ମୁଁ ବୁଝି ପାରୁନାହିଁ ଯେ ଗୀତ କିଏ ଗାଉଥିଲା ?

ଏମିତି ଆଉ ଦିନେ ଗୋଟିଏ ଘଟଣା ଘଟିଗଲା । ସବୁଦିନେ ଯେତେବେଳେ ସନ୍ଧ୍ୟା ହୋଇଯାଏ, ସବୁ କୋଠରିରେ ମନକୁ ମନ ଆଲୁଅ ଜଳିଉଠେ । କାନ୍ଥରେ ଗୋଟିଏ ଗୋଲାକାର ଡିବିରି ତିଆରି ହୋଇଥାଏ । ସେଇ ଡିବିରିରେ ଗୋଟିଏ ପିତଳ ବୋତାମ ଥାଏ । କେବେ ସାହେବ, କେବେ ମେମସାହେବ ସେଇ ବୋତାମକୁ ଛୁଇଁଦିଅନ୍ତି । ବାସ୍, କୋଠରି ଝଲମଲ କରିଉଠେ । ଏକଥା ଦେଖି ମୋତେ ବହୁତ ଆଶ୍ଚର୍ଯ୍ୟ ଲାଗେ । ମୁଁ ଭାବେ, ମୁଁ ବି ସେମିତି ଯଦି ଛୁଇଁଦେବି, ତେବେ କ'ଣ ଆଲୁଅ ହୋଇଯିବ ? ମୁଁ ଯଦି ଆଲୁଅ କରିଦେବି, ତେବେ ଲୋକମାନେ କେତେ ଖୁସି ନହେବେ ! କିନ୍ତୁ ବୋତାମଯାଏ ଯିବି କେମିତି ? ସେଇଟି ଖୁବ୍ ଉଚ୍ଚରେ ଥିଲା । ଶେଷରେ ଦିନେ ତାକୁ ଛୁଇଁବାର ଗୋଟାଏ କୌଶଳ ବାହାରକଲି । ମୁଁ ଦୁଇ ଗୋଡ଼ରେ ଚଉକିକୁ ଘୋଷାରି ଘୋଷାରି କାନ୍ଥପାଖକୁ ନେଇଗଲି ଏବଂ ଚଉକିର ଦୁଇହାତ ଉପରେ ଠିଆହୋଇ ଗୋଟିଏ ପାଦରେ ସେଇ ବୋତାମକୁ ଛୁଇଁଦେଲି । ଯେମିତି ଛୁଇଁଦେଇଛି ମୋତେ ମାଲୁମହେଲା ଯେମିତି ମୋ ପାଦରେ ଚାଇଁକରି ନିଆଁ ଚେଙ୍କ ଲାଗିଗଲା ଏବଂ ତାହା ସାରାଦେହରେ ଖେଳିଗଲା । ମୁଁ ଚଉକିରୁ ତଳେ ଗଡ଼ିପଡ଼ିଲି ଏବଂ ଚିତ୍କାରକରି ପଳାଇଗଲି । କିଛି ସମୟ ପରେ ଯେତେବେଳେ ମନ ଟିକିଏ ସ୍ଥିରହେଲା, ମୁଁ ଭାବିଲି ଯେ ଏଇ ବୋତାମରେ କିଛି ନା କିଛି ଗୋଟାଏ କୁହୁକ ଅଛି । ସାହେବ କି ମେମ୍‌ସାହେବ ଯଦି ଛୁଇଁବେ, ତେବେ ତାଙ୍କୁ ମଧ୍ୟ ଏମିତି ଚେଙ୍କ ଲାଗିବ । ମୁଁ ସ୍ଥିରକଲି, ତାଙ୍କୁ କୌଣସି ମତେ ଛୁଆଁଇ ଦେବିନାହିଁ । ଯେମିତି ସନ୍ଧ୍ୟାବେଳେ ଅନ୍ଧାର ହୋଇଗଲା ଏବଂ ସାହେବ ବୋତାମ ଆଡ଼କୁ ଆଗେଇଲେ, ମୁଁ ତାଙ୍କ ଆଗରେ ଠିଆ ହୋଇଗଲି । ସେ ମୋତେ ବାରମ୍ବାର ଠେଲିଦେଇ ବୋତାମ ପାଖକୁ ଯାଉଥାଆନ୍ତି ଏବଂ ମୁଁ ବି ବାରମ୍ବାର ତାଙ୍କ ରାସ୍ତା ଓଗାଳୁଥାଏ । ଶେଷରେ ସାହେବ ମୋତେ ଧରି ବାନ୍ଧିଦେଲେ ଏବଂ ବୋତାମ ଟିପିଦେଲେ । କୋଠରିରେ ଆଲୁଅ ହୋଇଗଲା । ତାଙ୍କୁ କିଛି ଆଘାତ ଲାଗିଲାନାହିଁ ।

କିଛିଦିନ ପରେ ଥରେ ହଠାତ୍ ଆକାଶରେ ବାଦଲ ଘୋଟିଆସିଲା ଏବଂ ତୋଫାନ ବହିବାକୁ ଲାଗିଲା । କିଛିସମୟ ପରେ ସାରାଆକାଶ ଲାଲ ହୋଇଗଲା । ତୋଫାନର ବେଗ ଏତେ ଜୋରରେ ବଢ଼ିଲା ଯେ ସମୁଦ୍ରର ଲହଡ଼ି ବାଉଁଶ ଉଚ୍ଚରେ

Digitized by srujanika@gmail.com

ଉଛୁଳିଲା । ଆମ ଜାହାଜ ଲହଡ଼ିରେ ଏଭଳି ଉଠୁଥାଏ ପଡୁଥାଏ ଯେ ମନେହେଉଥାଏ ଯେମିତି ଜଣେ ମଦୁଆ ଢଳିଢଳି ଚାଲିଛି । ମଦୁଆ ଯେମିତି କେତେବେଳେ ପଡ଼ିଯିବ ପଡ଼ିଯିବ ହେଉଥାଏ ଜାହାଜ ସେଇଭଳି ବେଳେବେଳେ ଏମିତି ଭାବରେ ଢଳିଯାଉଥାଏ ଯେ ଭୟ ହେଉଥାଏ ଏଇ ସାଙ୍ଗେସାଙ୍ଗେ ଓଲଟି ପଡ଼ିବ । ଲୋକମାନେ ଘାବୁରିକରି ଏଣେତେଣେ ଦୌଡ଼ାଦୌଡ଼ି କରୁଥାଆନ୍ତି । ଏତେ ଜୋରରେ ବିଜୁଳି ମାରୁଥାଏ ଯେ ମନେହେଉଥାଏ ଯେମିତି ଆମ ମୁଣ୍ଡ ଉପରେ ଆସି ପଡ଼ିଯିବ । ସେ ବଡ଼ ଭୟଙ୍କର ଦୃଶ୍ୟ । ଏମିତି ତୋଫାନ ମୋ ଜୀବନରେ ଥରେ ଆସିଥିଲା । ଶହଶହ ଘର ଭୁଶୁଡ଼ି ପଡ଼ିଲା, ହଜାର ହଜାର ପଶୁ ମରିଗଲେ । ଯେଉଁଠି ଦେଖିବ, ହଜାର ହଜାର ଗଛ ଉପୁଡ଼ି ପଡ଼ିଛି; ହେଲେ ସମୁଦ୍ର ଝଡ଼ ତା ଠଉଁ ଅଧିକ ପ୍ରଚଣ୍ଡ ଥିଲା । ଏ ପର୍ଯ୍ୟନ୍ତ ଜାହାଜରେ ଆଲୁଅ ଥିଲା । ହଠାତ୍ ସବୁ ଆଲୁଅ ଲିଭିଗଲା ଏବଂ ଚାରିଆଡ଼େ ଅନ୍ଧାର ଛାଇଗଲା ଠିକ୍ ଶ୍ରାବଣ-ଭାଦ୍ରବ ମାସର ଅନ୍ଧାରରାତି ଭଳି ।

ଚାରିଆଡ଼େ ହୋ-ହା ଚାଲିଥାଏ । କିଏ ଠାକୁରଙ୍କୁ ଡାକୁଥାଏ, ସ୍ତ୍ରୀ ଲୋକମାନେ ନିଜନିଜର ଛୁଆଙ୍କୁ ଛାତିରେ ଜାକିଧରି କାଠପିତୁଳା ଭଳି ଠିଆ ହୋଇଥାଆନ୍ତି । ସେଇ ଅନ୍ଧାର ଭିତରେ ସେମାନଙ୍କର ଏଇ ଦୁରବସ୍ଥା ମୋତେ ପରିଷ୍କାର ଦେଖାଯାଉଥାଏ । ଖୁବ୍ ଗୋଟାଏ ଭୟଙ୍କର ବିପଦ ମାଡ଼ିଆସୁଥାଏ ।

ହଠାତ୍ ଜାହାଜ କୌଣସି ଗୋଟାଏ ଜିନିଷରେ ବାଜିଗଲା ଏବଂ ଭୟଙ୍କର ଶବ୍ଦ ହେଲା । ଜାହାଜ ତଳକୁ ତଳକୁ ଦବିଦବି ଗଲା । ସାହେବ ଓ ମେମସାହେବ ଦୁହେଁ ଦୁହିଁଙ୍କୁ ଧରି କାନ୍ଦୁଥାଆନ୍ତି । ଏବେ ମୁଁ ବୁଝିଗଲି ଯେ ଜାହାଜ ପାଣିରେ ବୁଡ଼ିଯାଉଛି, ସବୁ ଲୋକ ଅଳ୍ପ ସମୟ ମଧ୍ୟରେ ସମୁଦ୍ର ତଳକୁ ଚାଲିଯିବେ । ଜାହାଜର ଛାତି ଉପରେ ସମୁଦ୍ର ଚଢ଼ିଯିବ । ସମ୍ଭବତଃ ସେ ଜାହାଜର ଅହଂକାରର ପ୍ରତିଶୋଧ ନେଉଥିଲା । ଜାହାଜର ଯଦି ଶୁଣିବା ପାଇଁ କାନ ଥାଆନ୍ତା, ତେବେ ମୁଁ କହନ୍ତି, 'ତୁମେ ତୁମର ବିଜୟ ପାଇଁ କେତେ ଗର୍ବ କରୁଥିଲ ? ଏବେ ଗର୍ବଟା କେମିତି ଖର୍ବ ହୋଇଗଲା ! ନିଜ ସହିତ ଏତେ ଲୋକଙ୍କର ଜୀବନକୁ ନେଇ ବୁଡ଼ିଗଲ !' ସାହେବ ଓ ମେମ୍‌ଙ୍କ ପାଇଁ ଦୁଃଖରେ ମୋ ଛାତି ଫାଟିଯାଉଥାଏ । କେମିତି ତାଙ୍କୁ ବଞ୍ଚାଇବି ? ଦି'ଜଣଙ୍କୁ ଯଦି ପିଠିରେ ବସାଇ ପାରନ୍ତି, ତେବେ ତାଙ୍କୁ ନେଇ ସମୁଦ୍ରକୁ ଡେଇଁପଡ଼ନ୍ତି । କୁଆଡ଼େ ତ ହେଲେ ଯାଇ ପହଞ୍ଚନ୍ତୁ । ସେଇ ପାହାଡ଼, ଯିଏ ଜାହାଜର ଗର୍ବ ଭାଙ୍ଗିଦେଲା, ତା ଉପରେ କ'ଣ ଆଶ୍ରୟ ମିଳିବ ନାହିଁ ? ମୁଁ କିନ୍ତୁ ସେ ଦୁଇଜଣଙ୍କୁ ଧରି ଉଠାଇ ପାରି ନଥାନ୍ତି । ମୁଁ ମୋ ମାଲିକଙ୍କୁ ସାହସ ଦେବାକୁ ଚାହୁଁଥିଲି । ତାଙ୍କ ପାଖକୁ ଯାଇ କୁଁ-କୁଁ ଶବ୍ଦ କରେ, ଲାଞ୍ଜ ହଲାଏ; ମାତ୍ର ହୋ-ହଲ୍ଲା ଭିତରେ ମୋ କଥା ସେ କିଛି ବୁଝିପାରୁନଥାନ୍ତି ।

Digitized by srujanika@gmail.com

ପ୍ରତି ମୁହୂର୍ତ୍ତରେ ଜାହାଜ ତଳକୁ ତଳକୁ ବୁଡ଼ିଯାଉଥାଏ । ସ୍ତ୍ରୀ ଓ ପିଲାମାନଙ୍କର ବିକଳ କାନ୍ଦଣା ଶୁଣି ମୋ ଛାତି ଫାଟିଯାଉଥାଏ । ପାଣି ଏତେ ଜୋରରେ ପଶି ଆସୁଥାଏ ଯେ ମନେହେଉଥାଏ ଯେପରି ସମୁଦ୍ର ଆକାଶ ଉପରକୁ ଚଢ଼ିଯାଇ ସେଠାରୁ ଗୁଳିବର୍ଷଣ କରୁଛି । ହେ ଭଗବାନ ! ଏ କ'ଣ ? ଜାହାଜ ସମୁଦ୍ର ତଳକୁ ଚାଲିଗଲା । ମୁଁ ପାଣିରେ ଭାସିଯାଉଥିଲି । ସାହେବ ଓ ମେମ୍‌ଙ୍କର କୌଣସି ପତ୍ତା ନଥିଲା । କୁଆଡ଼େ ନାଇଁ କୁଆଡ଼େ କିଏ ସବୁ ଭାସିଯାଉଥିଲେ । ମୁଁ ସେମିତି କେତେଦୂର ଭାସିଗଲି କହିପାରିବି ନାହିଁ । ସାହେବ ଓ ମେମ୍‌ଙ୍କ କଥା ମନେପଡ଼ି କାନ୍ଦ ମାଡୁଥାଏ । ଭାବୁଥାଏ, ଏଇବେଳେ ସେମାନଙ୍କୁ ପାଇଯାଆନ୍ତି କି ବଞ୍ଚାଇବାକୁ ଚେଷ୍ଟାକରନ୍ତି ।

ଶେଷରେ ଭଗବାନ ମୋର ଗୁହାରି ଶୁଣିଲେ । ବିଜୁଳି ମାରିଦେବାରୁ ଦେଖିଲି, ଜଣେ ପୁରୁଷ ଓ ଜଣେ ସ୍ତ୍ରୀଲୋକ ପରସ୍ପରକୁ ଜାବୋଡ଼ି ଧରି ଗୋଟିଏ ଦିଗକୁ ଭାସିଯାଉଛନ୍ତି । ମୁଁ ମୋର ସବୁ ଶକ୍ତି ଖଟାଇ ପହଁରି ପହଁରି ଯାଇ ତାଙ୍କ ପାଖରେ ପହଞ୍ଚିଗଲି । ଦେଖିଲି ସେ ହେଉଛନ୍ତି ମୋ ସାହେବ ଓ ମେମ୍ । ସେତେବେଳେ ମୋ ଦେହରେ ଏତେ ବଳ କେଉଁଠୁ ଆସିଲା କେଜାଣି ? ମୁଁ ତ ଏତେ ବଳୁଆ ନଥିଲି । ମୁଁ ସାହେବଙ୍କ ହାତକୁ ପାଟିରେ ଧରିନେଲି ଏବଂ ପବନର ଗତି ଅନୁସାରେ ଚାଲିଲି । ମନରେ ସ୍ଥିରକଲି, ଯେ ପର୍ଯ୍ୟନ୍ତ ଦମ୍ ଅଛି, ତାଙ୍କୁ ଛାଡ଼ିବି ନାହିଁ । ସାହେବ ଓ ମେମଙ୍କର ଚେତା ନଥିଲା; ହେଲେ ଜୀବନ ଥିଲା । ତାଙ୍କ ଦେହ ଉଷୁମ ଲାଗୁଥିଲା । ଠାକୁରଙ୍କୁ ଡାକୁଥିଲି କେମିତି ସକାଳ ହେବ । ଜାଣେନାହିଁ ରାତି କେତେ ବଡ଼ ଥିଲା । ସେଇ ଘୋର ଅନ୍ଧକାର ଭିତରେ କିଛି ଜଣାପଡୁ ନଥାଏ । ତୋଫାନରେ ଗୋଟିଏ ପତର ଭଳି ମୁଁ ଲହଡ଼ିରେ ଧକ୍କା ଖାଇଖାଇ ଚାଲିଥାଏ । କେତେବେଳେ ଖୁବ୍ ତଳେ, କେତେବେଳେ ଖୁବ୍ ଉପରେ, କେତେବେଳେ ଗୋଟିଏ ଠେଲାରେ ଦଶହାତ ଆଗରେ, ପୁଣି କେତେବେଳେ ଆଉ ଗୋଟିଏ ଠେଲାରେ ପଚାଶଗଜ ପଛରେ । ସେଭଳି ତୋଫାନ ଆଗରେ ମୁଁ ବା କ'ଣ କରିପାରନ୍ତି ? ମୋର ଶକ୍ତି ବା କେତେ ? ତା ଉପରେ ମୋର ଏଇ ଛୋଟ ଦେହରେ ଜୀବନ ଥିଲା ଭଳି ଲାଗୁ ନଥିଲା । ମୋର ଭୟ ହେଉଥିଲା, ମୁଁ ହୁଏତ କେଉଁଠି ବୁଡ଼ିଯିବି ।

ସେଇ ରାତିଟା ପାହାଡ଼ ଭଳି ଲାଗିଲା । ଏମିତି ଲାଗୁଥିଲା ଯେ ସୂର୍ଯ୍ୟ ଯାଇ ଡରରେ କେଉଁଠି ମୁହଁଲୁଚାଇ ପଡ଼ିଛନ୍ତି । ଦେହ ଏମିତି ବେଦମ ହୋଇଯାଉଥିଲା ଯେ ମନେହେଉଥିଲା ଆଉ ଜୀବନ ରହିବନାହିଁ । ଯଦି ସାହେବ ଓ ମେମଙ୍କ କଥା ମନରେ ନଥାନ୍ତା, ତେବେ ମୁଁ ନିଜକୁ ଲହଡ଼ିର ଦୟା ଉପରେ ଛାଡ଼ିଦେଇ ଥାଆନ୍ତି ଏବଂ ଲହଡ଼ି ମୋତେ ମିନିଟକ ମଧ୍ୟରେ ଗିଳିଦେଇ ଥାଆନ୍ତା । ସବୁଠାରୁ ବେଶି ଭୟ ଥିଲା

Digitized by srujanika@gmail.com

ଜଳଜନ୍ତୁଙ୍କୁ । ମୋର ଜୀବନ ଯିବା ଉପରେ । ପ୍ରତି ମୁହୂର୍ତ୍ତରେ ମନେହେଉଥିଲା, ଏଇ ମରିଯିବି, ଏଇ ମରିଯିବି ।

ଏଭଳି ଅବସ୍ଥା କେତେବେଳଯାଏ ରହିଲା କହିପାରିବି ନାହିଁ । ଅତି କମରେ ଚାରି-ପାଞ୍ଚ ଘଣ୍ଟା ହେବ ନିଶ୍ଚେ । ଶେଷରେ ପବନର ଗତି କମିବାକୁ ଲାଗିଲା, ଲହଡ଼ିର ମାଡ଼ ମଧ୍ୟ କିଛି କମ୍ ହେଲା । କିଛିକିଛି ଆଲୁଅ ଦେଖାଗଲା । ମୋର ସାହସ ବଢ଼ିଲା । ଆକାଶରୁ ବାଦଲ ମଧ୍ୟ ଧୀରେଧୀରେ ଘୁଞ୍ଚିଗଲେ । କିଛି ଦୂରରେ ଦେଖାଗଲେ ଦଳେ ମେଣ୍ଢା । ନିଶ୍ଚେ ଗୋଟିଏ ଟାପୁ ହେବ । ମୋ ମନ ଖୁସିରେ ନାଚିବାକୁ ଲାଗିଲା । ମୁଁ ସେଇ ମେଣ୍ଢାମାନଙ୍କ ଆଡ଼କୁ ଚାଲିଲି । ଏବେ ମୁଁ ଦେଖିଲି ଯେ ସାହେବ ଓ ମେମ ଦୁହେଁ ଗୋଟିଏ ରେଶମୀ ଚଦରରେ ବନ୍ଧା ହୋଇଛନ୍ତି । ଏ ପର୍ଯ୍ୟନ୍ତ ତାକୁ ସେମାନେ ଜାବୁଡ଼ି ଧରିଥିଲେ । ଦୂରରେ ହଠାତ୍ ମୋତେ ଗୋଟିଏ ଛୋଟ ଡଙ୍ଗା ଦେଖାଗଲା । ସେଥିରେ ଦୁଇତିନୋଟି ଭୟଙ୍କର କଳାରଙ୍ଗର ଜଙ୍ଗଲୀ ଚେହେରାର ମଣିଷ ବସିଥିଲେ । ତାଙ୍କ ଦେହର ରଙ୍ଗ କୋଇଲା ଭଳି କଳା । ମୁହଁକୁ ନାଲି ରଙ୍ଗରେ ରଙ୍ଗେଇଥିଲେ । ତାଙ୍କ ମୁଣ୍ଡରେ ପତ୍ର ତିଆରି ଲମ୍ୱାଲମ୍ୱା ଟୋପି ଥିଲା । ସେମାନେ ଅଣ୍ଟାରେ କେବଳ ଚମଡ଼ାର ଖଣ୍ଡିଏଲେଖା କୌପୀନ ପିନ୍ଧିଥିଲେ । ସେମାନଙ୍କ ପାଖରେ ଗୋଟିଏଲେଖାଁ ଠେଙ୍ଗା ଥିଲା । ମୁଁ ସେମାନଙ୍କୁ ଦେଖି ଡରିଗଲି ଏବଂ ସେଭଳି ସମୟରେ ମଧ୍ୟ ଭୁକିଉଠିଲି । ସେମାନେ ଆମକୁ ଦେଖିବା ମାତ୍ରେ ଆମ ଆଡ଼କୁ ଆଗେଇ ଆସିଲେ ଏବଂ ଆମ ତିନିଜଣଙ୍କୁ ନେଇ ତାଙ୍କ ଡଙ୍ଗିରେ ବସାଇଦେଲେ । ମୁଁ ଡରରେ କଳାକାଠ ପଡ଼ିଯାଇଥାଏ; ହେଲେ କରନ୍ତି କ'ଣ ? ଯଦି ଡଙ୍ଗିରେ ନ ବସୁଛି, ତେବେ ଘଣ୍ଟାଏ ଅଧଘଣ୍ଟା ମଧ୍ୟରେ ପାଣିରେ ବୁଡ଼ିମରୁଛି, କାରଣ ମୋ ହାତପାଦରେ ଆଉ ଶକ୍ତି ନଥିଲା । ଡଙ୍ଗାର ଗୋଟିଏ କୋଣରେ ଠିଆହୋଇ ଥରଥର ହୋଇ କମ୍ପିବାକୁ ଲାଗିଲି; ତଥାପି ଲାଞ୍ଜ ହଲାଉଥାଏ । ଉଦ୍ଦେଶ୍ୟ, ସେମାନେ ମୋତେ ଠେଙ୍ଗା ଭୁଷି ମାରି ନଦିଅନ୍ତୁ । ଏଭଳି ଭୟଙ୍କର କଳାଲୋକ ଆଗରୁ ମୁଁ କେବେ କେଉଁଠି ଦେଖି ନଥିଲି । ସେ ଲୋକମାନେ ଆମକୁ ଡଙ୍ଗାରେ ବସାଇ ଗଛ ଗହଳି ଆଡ଼କୁ ନେଇଗଲେ । ଭାବିଲି ସେଠାରେ ନିଶ୍ଚେ ଆଉ ଲୋକ ଥିବେ ।

କେତେଘଣ୍ଟା ପରେ ଡଙ୍ଗା ଯାଇ ସେଠାରେ ପହଞ୍ଚିଗଲା । ସମୁଦ୍ର କୂଳରେ ଗୋଟିଏ ଉଚ୍ଚା ପାହାଡ଼ । ତା ଉପରେ ଗଛ ଦେଖାଯାଉଥାଏ । ପାହାଡ଼ ତଳେ ଗୋଟିଏ ଜାଗାରେ ଡଙ୍ଗା ଅଟକିଲା । ସେମାନେ ସେଇଟିକୁ ଗୋଟିଏ ଗଛରେ ବାନ୍ଧିଦେଲେ ଓ ସାହେବ ଓ ମେମଙ୍କୁ ଓହ୍ଲାଇ ତଳକୁ ନେଇଗଲେ । ସେଇ ଲୋକମାନଙ୍କୁ ଦେଖି ତାଙ୍କରିଭଳି ଚେହେରାର କେତେଜଣ ସ୍ତ୍ରୀଲୋକ ବାହାରି

Digitized by srujanika@gmail.com

ଆସିଲେ । ସେମାନେ ସାହେବ ଓ ମେମଙ୍କୁ ଟେକିଟେକି ନେଇ ତାଙ୍କ ଗାଆଁକୁ ଚାଲିଲେ । ପାହାଡ଼ର କିଛି ଉଚ୍ଚରେ କେତୋଟି କୁଡ଼ିଆ ତିଆରି ହୋଇଥିଲା । ସେଇ ଥିଲା ତାଙ୍କ ଗାଆଁ । ଆମେ ଯେମିତି ଯାଇ ସେଠାରେ ପହଞ୍ଚିଛୁ, ଶହଶହ ଲୋକ ମୋତେ ଘେରିଗଲେ ଏବଂ ସାହେବ ଓ ମେମଙ୍କ କାନ୍ଧକୁ ଧରି ହଲାଇବାକୁ ଲାଗିଲେ । କେହି ତାଙ୍କ ନାକକୁ ଚିପିଲା, କେହି ତାଙ୍କ ଛାତିରେ ବସି ଅଣ୍ଟାରେ କୁଦିଲା । ମୁଁ ଛାନିଆ ହୋଇ ଚୁପ୍‌ଚାପ୍ ଠିଆହୋଇଥାଏ । ପାଟି ଖୋଲିବାକୁ ମୋର ସାହସ ନଥାଏ । ଭାବୁଥାଏ, ସେମାନେ ସାହେବ ଓ ମେମଙ୍କୁ ମାରିଦେଉନାହାନ୍ତି ତ ? ହେଲେ ଅଧଘଣ୍ଟା ଯାଏ ଏମିତି ହଲାହଲି କରିବା ପରେ ଦୁଇଜଣଙ୍କର ଚେତା ଆସିଲା । ସେମାନେ ଆଖି ଖୋଲିଲେ, ହାତଗୋଡ଼ ହଲାଇବାକୁ ଲାଗିଲେ; କିନ୍ତୁ ଏ ଯାଏ ଉଠିପାରୁ ନଥିଲେ । ମୁଁ ମୋର ଖୁସିକୁ ସମ୍ଭାଳି ପାରିଲିନାହିଁ । ତାଙ୍କ ପାଖକୁ ଆସି ଧୀରେଧୀରେ ଭୁକିବାକୁ ଲାଗିଲି । ସେଇ କାଳିଆ କାଳିଆ ଲୋକଗୁଡାକ ଏଥର ନାଚଗୀତ ଆରମ୍ଭ କରିଦେଲେ । ଜାଣେ ନାହିଁ ସେମାନେ କାହିଁକି ଏତେ ଖୁସି ହେଉଥିଲେ । ସେମାନଙ୍କ ନାଚ ମଧ୍ୟ ଥିଲା କେଡ଼େ ବେଢ଼ଙ୍ଗ ! ତାଙ୍କ ଡିଆଁଡେଇଁ ଦେଖି ମୋତେ ଖାଲି ହସମାଡ଼ିଲା ।

ମାତ୍ର ମୋର ସେଇ ଖୁସି ବେଶି ସମୟ ରହିଲା ନାହିଁ । ଦେଖିଲି, ସାହେବ ଓ ମେମ ଯେମିତି କଥା କହିବାକୁ ଆରମ୍ଭ କରିଛନ୍ତି ସେଇ କଳା ଲୋକଗୁଡ଼ାକ ତାଙ୍କୁ ନେଇ ଗୋଟାଏ ଘର ଭିତରେ ବନ୍ଦିକରି ରଖିଦେଲେ । ତାଙ୍କୁ ଯଦି ବନ୍ଦିକରି ରଖିବାର ଥିଲା ତେବେ ସମୁଦ୍ରରେ ବୁଡ଼ିଯିବାକୁ ଦେଲେନାହିଁ କାହିଁକି ? ଏଇ କେତେଦିନ ହେଲା ଆମେ ତିନିଜଣ ଦାନାଟିଏ ମଧ୍ୟ ଦେଖିବାକୁ ପାଇନଥିଲୁ । ଭୋକରେ ପେଟ ଜଳୁଥାଏ । ବିଚରା ସାହେବ ଏବଂ ମେମଙ୍କର ଅବସ୍ଥା ମଧ୍ୟ ସେଇଆ ହୋଇଥିବ । ଏମାନେ ତାଙ୍କୁ କିଛି ଖାଇବା ପିଇବାକୁ ଦେବେ ନା ସେଇ ଅନ୍ଧାରୁଆ ଘରେ ବନ୍ଦକରି ମାରିଦେବେ ? ମୋ ପାଇଁ ଅବଶ୍ୟ ସେଠାରେ ଖାଦ୍ୟ ଊଣା ନଥିଲା । ଏଣେତେଣେ ମାଂସର ଟୁକୁଡ଼ାସବୁ ପଡ଼ିଥିଲା । ଢେର ହାଡ଼ ବି ପଡ଼ିଥିଲା । ଜଙ୍ଗଲୀ ଲୋକେ ମାଂସ ହିଁ ଖାଆନ୍ତି । ମୁଁ ସେଠାରେ କୌଣସି ଫସଲ କିଆରି ଦେଖିଲି ନାହିଁ, ଗୋଟିଏ ଗଛତଳେ ମାଂସଖଣ୍ଡେ ପଡ଼ିଥିବାର ଦେଖି ମୋର ଲୋଭ ହେଲା ଖାଇବାକୁ; କିନ୍ତୁ ମନେପଡ଼ିଗଲା ସାହେବ ଓ ମେମ ତେଣେ ଭୋକରେ ପଡ଼ିଥିବେ; ଅଥଚ ମୁଁ ଏଣେ ପେଟ ଭରିବି । ଏହା କେବେ ଭଲକଥା ନୁହେଁ ।

ଧୀରେଧୀରେ ବେଳ ଗଡ଼ିବାକୁ ଲାଗିଲା । ସେଠାରେ ବେଶି ଗରମ ନ ଥିଲା । ସାହେବ ଯେଉଁଠି ବନ୍ଦି ଥିଲେ, ସେଇ କୁଡ଼ିଆ ଆଗରେ ଗୋଟିଏ ଗଛତଳେ

Digitized by srujanika@gmail.com

ବସି ମୁଁ ଲକ୍ଷ୍ୟ କରୁଥିଲି, ଏ ଲୋକେ ତାଙ୍କ ପ୍ରତି କି ବ୍ୟବହାର କରୁଛନ୍ତି । କିଛି ଖାଇବାକୁ ପିଇବାକୁ ଦେଉଛନ୍ତି ନା ନାହିଁ । ଦି' ପ୍ରହର ହେଲା, ତା'ପରେ ସଞ୍ଜ ହେଲା; ମାତ୍ର ଘର ଥରେ ବି ଖୋଲିବାର ଦେଖିଲିନାହିଁ । ଦୁଇଟା ଲୋକ ବରାବର ସେଇ କୁଡ଼ିଆ ଆଗରେ ବସି ଯେମିତି ପହରା ଦେଉଥିଲେ । ଧୀରେଧୀରେ ରାତି ହେଲା; ତଥାପି କଏଦିଖାନା ଖୋଲିଲା ନାହିଁ । ଏବେ ମୁଁ ମନେମନେ ସ୍ଥିରକଲି, ଯାହା ପଛେ ଘଟୁ, ଥରେ ସେଇ କୁଡ଼ିଆ ଭିତରକୁ ନିଶ୍ଚେ ଯିବି । ସେଠାରେ ଥିବା ପ୍ରାୟ ସବୁ କୁଡ଼ିଆରେ ମାଂସ ରଖାଯାଇଥିଲା । ମୁଁ ଚୁପ୍‌ଚାପ୍ ଗୋଟିଏ କୁଡ଼ିଆ ଭିତରେ ପଶିଗଲି ଏବଂ ଖଣ୍ଡେ ବଡ଼ ମାଂସ ଉଠାଇ ଆଣିଲି । ସେମାନେ ମାଂସ ଚୁଲି ଉପରେ ହାଣ୍ଡି ରଖି ରାନ୍ଧନ୍ତି ନାହିଁ । ନିଆଁରେ ଖାଲି ପୋଡ଼ିଦିଅନ୍ତି । ମୁଁ ପୋଡ଼ା ହୋଇଥିବା ଖଣ୍ଡେ ବଡ଼ ଫଡ଼ିଆ ଧରି ବାହାରି ଆସିଲି ଓ ତାକୁ ପତର ଭିତରେ ଲୁଚାଇଦେଲି । ଏବେ ସାହେବଙ୍କ କୁଡ଼ିଆ ଭିତରକୁ ଯିବି କେମିତି ? ସେ ଦୁଇଟି ଯମଦୂତ ଏବେ ଯାଏ ସେମିତି ବସି ରହିଥିଲେ । ଯେ ପର୍ଯ୍ୟନ୍ତ ସେ ଉଠିଯାଇ ନାହାନ୍ତି ବା ଶୋଇପଡ଼ି ନାହାନ୍ତି, ସେ ପର୍ଯ୍ୟନ୍ତ ଭିତରକୁ ଯିବା ମୁସ୍କିଲ ବ୍ୟାପାର । ଦୁଆର ପୁଣି ଖୋଲିବି କେମିତି ? ଦୁଆରମୁହଁରେ ଗୋଟାଏ ବଡ଼ ପଥର ଠିଆକରି ଦେଇଥିଲେ । ସେ ପଥରକୁ ମୁଁ କେମିତି ଘୁଞ୍ଚାଇବି ?

ଏଇ ଚିନ୍ତାରେ ବହୁ ସମୟ ପର୍ଯ୍ୟନ୍ତ ବସିରହିଲି । ସାରାଦେହଟା ଛେଚିକୁଟି ହେଉଥାଏ । ବାରମ୍ବାର ଆଖିପତା ମୁଦିହୋଇ ଆସୁଥାଏ । ପର କ୍ଷଣରେ ପୁଣି ଚମକି ପଡୁଥାଏ । ଏମିତି ଏମିତି ରାତିଅଧ ହେଲା । ବିଲୁଆମାନେ ଦ୍ୱିତୀୟ ପହର ବେଳକୁ ରଡ଼ିଛାଡ଼ିଲେ । ମୁଁ ଧୀରେଧୀରେ ପାଦ ଚାପିଚାପି କୁଡ଼ିଆ ଦୁଆରକୁ ଗଲି । ସେ ଦୁଇଟା ଯମଦୂତ ତଳେ ପଡ଼ିଥାଆନ୍ତି । ତାଙ୍କ ନାକରୁ ଜୋରରେ ନିଶ୍ୱାସ ବାହାରୁଥାଏ । ଦୂରରୁ ଜଣାପଡୁଥାଏ, ଯେମିତି ଦୁଇଟା ବିଲେଇ କଳି କରୁଛନ୍ତି । ମୁଁ ଜୀବନକୁ ପାଣିଛଡ଼ାଇ ସେଇ ପଥରକୁ ଘୁଞ୍ଚାଇବାକୁ ଚେଷ୍ଟାକଲି । ପଥରଟା ଖୁବ୍ ଓଜନିଆ ଥିଲା । ଯେତେ ଜୋର ଲଗାଇଲେ ମଧ୍ୟ ସେଇଟା ଟିକିଏ ହେଲେ ଘୁଞ୍ଚୁ ନଥାଏ । ଏଣେ ଡର ଲାଗୁଥାଏ । ଟିକିଏ ଶବ୍ଦ ହେଲେ ସେ ଦୁଇଟା ଲୋକ ଉଠିପଡ଼ିବେ ଏବଂ ମୋତେ ଆଉ ଜୀଅନ୍ତା ଛାଡ଼ିବେ ନାହିଁ । ମୁଁ ଚିନ୍ତାକରିବାକୁ ଲାଗିଲି । ଏତେବଡ଼ ଗୋଟେ ଓଜନିଆ ପଥରକୁ କେମିତି ହଟାଯାଇ ପାରିବ ? ଏ ପର୍ଯ୍ୟନ୍ତ ମୁଁ ତାକୁ ଟେକିବାକୁ ଚେଷ୍ଟାକରୁଥିଲି । ଏବେ ମୋତେ ଜଣାଗଲା, ପଥରଟାକୁ ବୋଧେ ଲମ୍ବା ଦିଗରେ ଠେଲିଲେ ତାହା ଖସିଯିବ । ମୁଁ ଯେମିତି ପୂରା ଦମରେ ଠେଲିଛି, ସତକୁ ସତ ପଥର ଖଣ୍ଡକ କିଛି ଆଗକୁ ଖସିଗଲା । ବେଶ୍, ଏଥର କାଇଦାଟା ମିଳିଗଲା । ଏମିତି କେତେଥର ଲାଗଲାଗ ଧକ୍କା ଦେବାରୁ

Digitized by srujanika@gmail.com

ପଥରଟା ଦୁଆରମୁହଁରୁ ଖସିଗଲା । ତାର ବାଆଁ ପାଖରେ ଏମିତି ଗୋଟାଏ କ'ଣ ଜିନିଷ ରଖାଯାଇଥିଲା, ଯାହା ଫଳରେ ସେଇଟି ବାଆଁକୁ କି ଡାହାଣକୁ କୁଆଡ଼କୁ ଘୁଞ୍ଚୁ ନଥିଲା; ମାତ୍ର ସିଧାସିଧା ଖସିଯାଉଥିଲା ।

ପଥରଟା ହଟିଯିବାରୁ ମୁଁ ଧୀରେଧୀରେ ଦୁଆର ଖୋଲିଦେଲି । ବାହାରକୁ ଯାଇ ମାଂସଖଣ୍ଡକ ନେଇଆସିଲି । କୁଡ଼ିଆ ଭିତରେ ପଶିଲି । ଦେଖିଲି, ସାହେବ ଓ ମେମ ତଳେ ଅଚେତ୍ ହୋଇ ପଡ଼ିଛନ୍ତି । ମୁଁ ତାଙ୍କ ପାଦ ଚାଟିଚାଟି ସେମାନଙ୍କୁ ଚେତ୍ କରାଇଲି । ଦୁହେଁ ଘାବୁରିକରି ଉଠି ବସିଲେ ଏବଂ ଭୟଭୀତ ହୋଇ ଗୋଟିଏ କୋଣକୁ ଚାଲିଗଲେ । ମୁଁ କୁଁ-କୁଁ କରିବାରୁ ସେ ଜାଣିପାରିଲେ ମୁଁ ହେଉଛି କାଳୁ । ଦୁହେଁ ମୋ ବେକକୁ କୁଣ୍ଢାଇ ଧରିଲେ ଏବଂ ମୋ ମୁଣ୍ଡକୁ ଥାପୁଡ଼େଇ ଦେଇ ଆଦର କରିବାକୁ ଲାଗିଲେ । ମୁଁ ମାଂସଖଣ୍ଡକ ସାହେବଙ୍କ ହାତରେ ରଖିଦେଲି । ସେ ତାର ବାସନା ବାରି ତାକୁ ଖାଇବାକୁ ଲାଗିଲେ । ମୋର ସେତେବେଳେ ଯେଉଁ ଆନନ୍ଦ ତାହା କଥାରେ କହିହେବ ନାହିଁ । ଦୁହେଁ ତାକୁ ଖାଉଥିଲେ ଏବଂ ବାରମ୍ବାର ମୋତେ ଆଦର କରୁଥିଲେ । ସେମାନେ ଖାଇସାରିବା ପରେ ବଳିପଡ଼ିଥିବା କିଛି ଅଂଶ ମୋତେ ଦେଇଦେଲେ । ମୁଁ ତାକୁ ସେଇଠି ଖାଇଲି । ଏବେ ପାଣି କେଉଁଠୁ ଆଣିବି ? ଖାଇବା ପରେ ପାଣି ପିଇବାର ଅଭ୍ୟାସ ଅବଶ୍ୟ ମୋର ନଥିଲା । ହେଲେ ମଣିଷମାନେ ତ ଖାଇବା ସମୟରେ ଅଳ୍ପ ବହୁତ କିଛି ପାଣି ପିଅନ୍ତି । ଏକଥା ମୋର ମନେପଡ଼ିଗଲା ।

ମୁଁ ବାହାରକୁ ଆସି ପାଣିର ତଲାଶ କଲି । ସେ ଜାଗାରେ କେବଳ ଏଇ ବନ୍ଦିଶାଳ ବ୍ୟତୀତ ଆଉ କାହାରି କୁଡ଼ିଆ ଦୁଆରେ କବାଟ ନଥିଲା । ସବୁଗୁଡ଼ିକ ଘର ମୁକୁଳା ଥିଲା । ଲୋକେ ଦୁଆରମୁହଁରେ ଶୋଇଥିଲେ । ମୁଁ ଗୋଟିଏ କୁଡ଼ିଆ ଭିତରେ ଚୁପ୍‌ଚାପ୍ ପଶିଗଲି ଏବଂ ପାଣିପାଇଁ ବାସନ ଖୋଜିବାରେ ଲାଗିଲି । ମାଟି ବା ଧାତୁର କୌଣସି ପାତ୍ର ସେଠାରେ ନଥିଲା । ପଶୁଙ୍କର ବଡ଼ବଡ଼ ଖପୁରୀରେ ପାଣି ରଖାଯାଇଥିଲା । ଛୋଟଛୋଟ ଖପୁରୀରେ ସେଥିରୁ ପାଣି ବାହାରକରି ଲୋକେ ପିଉଥିଲେ । ମୁଁ ମଧ୍ୟ ଗୋଟିଏ ଛୋଟ ଖପୁରୀରେ ପାଣି ଭର୍ତ୍ତିକଲି ଏବଂ ତାକୁ ଦାନ୍ତରେ ଧରି ସାହେବଙ୍କ ପାଖରେ ପହଞ୍ଚିଲି । ଦୁହେଁ ପାଣି ଦେଖି ତାକୁ ମାଡ଼ି ବସିଲେ ଏବଂ ଏକା ନିଶ୍ୱାସରେ ପିଇଦେଲେ । ମୁଁ ଖପୁରୀ ନେଇ ପୁଣି ଆସିଲି ଏବଂ ପାଣି ଭର୍ତ୍ତିକରି ନେଲି । ଏଇମିତି ପାଞ୍ଚ ଛଅଥର ଯିବା ଆସିବା ପରେ ମାଲିକଙ୍କ ଶୋଷ ମେଣ୍ଟିଲା । ଦୁଇଜଣଙ୍କୁ ଖୁଆଇ ପିଆଇ ଧୀରେଧୀରେ ବାହାରି ଆସିଲି ଏବଂ ଦୁଆର ବନ୍ଦକରି ପଥରଟା ଯେମିତି ଥିଲା ସେମିତି ରଖିଦେଲି । ମୁଁ ଚାହିଁଥିଲେ ମାଲିକଙ୍କୁ ବାହାରକରି ଆଣିଥାଆନ୍ତି; ହେଲେ ଯିବୁ କୁଆଡ଼େ ? ଅଜଣା ଦେଶରେ,

Digitized by srujanika@gmail.com

ପୁଣି ରାତି ସମୟରେ କୁଆଡ଼େ ଯାଇ ଅଣ୍ଡାଳିହେବୁ ? ସେଇ କାଳିଆ ଲୋକଗୁଡ଼ାକ ପୁଣି ଯଦି ଧରିନେବେ ତେବେ ଜୀବନ ନନେଇ ଛାଡ଼ିବେ ନାହିଁ । ସେଥିପାଇଁ ଯେ ପର୍ଯ୍ୟନ୍ତ ସେ ଦେଶକୁ ଭଲଭାବରେ ଦେଖି ଚାହିଁ, ପଳାଇଯିବାର ଉତ୍ତମ ବାଟ ବାହାର ନକରିଛି, ସେ ଦୁହେଁ ବରଂ ସେଇଠି ପଡ଼ିରହିବା ଭଲ ବୋଲି ଚିନ୍ତାକଲି ।

ଏଇଟା ମୋର ନିତିଦିନିଆ କାମ ହୋଇଗଲା । ମୁଁ ଦିନସାରା ଏଣେତେଣେ ବୁଲି ଦେଖାଦେଖି କରେ, ରାତିରେ ସାହେବଙ୍କୁ ଖୁଆଇ ପିଆଇ ନିଜେ ଶୋଇ ରହେ । ମୋତେ କେହି ଧରିପାରନ୍ତି ନାହିଁ କି ସନ୍ଦେହ ବି କରନ୍ତିନାହିଁ । ମୁଁ ଆଜିଯାଏ କେବେ ଚୋରି କରି ନଥିଲି; କିନ୍ତୁ ଏଇ ଚୋରିକୁ ମୁଁ ପାପ ବୋଲି ମନେକଲି ନାହିଁ । ମୁଁ ଯଦି ଏହା କରିନଥାନ୍ତି, ତେବେ ସାହେବ ଓ ମେମ ନିଶ୍ଚେ ଭୋକରେ ମରିଯାଇଥାଆନ୍ତେ ।

ସେଇ କାଳିଆ ଲୋକଗୁଡ଼ାକ ସାହେବଙ୍କୁ କାହିଁକି ଯେ ଏମିତି ବନ୍ଦିକରି ରଖିଥିଲେ, ତାହା ମୁଁ ବୁଝିପାରୁ ନଥିଲି । ସେମାନେ ସମ୍ଭବତଃ ଭାବୁଥିଲେ ଯେ ଏଇ ଲୋକ ଆମକୁ ଧରିବାକୁ ଆସିଛନ୍ତି କିମ୍ବା ଏହା ହୁଏତ ଭାବୁଥିଲେ ଯେ କେହି ନା କେହି ତ ତାଙ୍କୁ ଖୋଜିବାକୁ ଆସିବେ । ସେତେବେଳେ ତାଙ୍କଠାରୁ ସେମାନେ ଭଲ ଭଲ ଜିନିଷ ଆଦାୟ କରିବେ; କିନ୍ତୁ ତାଙ୍କ ଢଙ୍ଗଢାଙ୍ଗରୁ ଜଣାପଡୁଥିଲା ଯେ ସେମାନେ ଯେମିତି ସାହେବ ଓ ତାଙ୍କ ମେମଙ୍କୁ ଦେବତା ବୋଲି ଭାବୁଥିଲେ । ସେ ଝୁମ୍ପୁଡ଼ିଟି ତାଙ୍କ ପାଇଁ ଥିଲା ଦେବତାଙ୍କ ମନ୍ଦିର । କାରଣ ସକାଳୁ ସମସ୍ତେ ଯାଇ ସେ ଝୁମ୍ପୁଡ଼ି ଆଗରେ ନାଚୁଥିଲେ । ବୋଧହୁଏ ଏହା ଥିଲା ତାଙ୍କର ପୂଜା । ଆଉ ମଧ୍ୟ ସେମାନଙ୍କର ଧାରଣା ଥିଲା, ଦେବତାମାନଙ୍କର କିଛି ଖିଆପିଆର ଆବଶ୍ୟକତା ନାହିଁ ।

ଦଶ

ସେ ଦେଶରେ ଆମେ ପ୍ରାୟ ମାସେ ଯାଏ ରହିଲୁ । ଜଙ୍ଗଲୀ ଲୋକମାନେ ସାହେବଙ୍କୁ କେବେ ବି ବାହାରକୁ ଛାଡ଼ିଲେ ନାହିଁ, କଥାବାର୍ତ୍ତା ତ ଦୂରର କଥା । ସେମାନେ ଭାବୁଥିଲେ ଏଇ ଦେବତାଙ୍କୁ ଯଦି ବାହାରକୁ ଛାଡ଼ି ଦିଆଯାଏ, ତେବେ କିଏ କହିବ, ଦେଶକୁ ସେମାନେ କି ବିପଦରେ ପକାଇଦେବେ । ଦେବତାଙ୍କୁ ସେମାନେ କୌଣସି ଏକ ଭୟଙ୍କର ଜୀବ ବୋଲି ଭାବୁଥିଲେ, ଯେଉଁମାନେ ଅନିଷ୍ଟ ବ୍ୟତୀତ କିଛି ଉପକାର କରନ୍ତିନାହିଁ ।

ସେଇ ମାସକ ମଧ୍ୟରେ ମୁଁ ସେଇ ଦେଶର ସବୁଆଡ଼ ଭଲଭାବରେ ଯାଞ୍ଚ କରିନେଲି । ତାର ଗୋଟିଏ ପାଖରେ ସମୁଦ୍ର ଥିଲା, ପଶ୍ଚିମ ଦିଗରେ ଗୋଟିଏ ଖୁବ୍

Digitized by srujanika@gmail.com

ଉଚ୍ଚା ପାହାଡ଼ ଥିଲା । ତା ଉପରେ ବରଫ ଜମିରହିଥିଲା । ଦକ୍ଷିଣ ପାଖରେ ଥିଲା ଟାଙ୍ଗର ପଡ଼ିଆ । ଯେଉଁଠି ମାଇଲ ମାଇଲ ଧରି କେବଳ ଘାସ ବ୍ୟତୀତ ଆଉ କିଛି ନଥିଲା । ଏଠାରୁ ପଳାଇବୁ ତ ଯିବୁ କୁଆଡ଼େ ? ମୋତେ ବରାବର ଏଇ ଚିନ୍ତା ଘାରୁଥିଲା । ସମୁଦ୍ର କୂଳରେ ଜଙ୍ଗଲୀ ଲୋକେ ବରାବର ଯିବାଆସିବା କରୁଥିଲେ । ତେଣୁ ସେଠାକୁ ଗଲେ ଧରାପଡ଼ିଯିବାର ଭୟ ଥିଲା । ଉଚ୍ଚା ପାହାଡ଼ ଉପରେ ଚଢ଼ିବା ମଧ୍ୟ ଖୁବ୍ କଷ୍ଟକର ବ୍ୟାପାର ଥିଲା । ଆଉ ମଧ୍ୟ କିଏ ଜାଣେ, ତା ସେପାଖରେ କ'ଣ ଅଛି ? ତା ସେପାଖରେ ପହଞ୍ଚିବା ଅସମ୍ଭବ ମାଲୁମ ହେଉଥିଲା । ସେଇ ପଡ଼ିଆ ଆଡ଼କୁ ପଳାଇଯିବା ପାଇଁ ରାସ୍ତା ଥିଲା । ପଚାଶ ଶହେ କୋଶ ଯିବା ପରେ ହୁଏତ ଆଉ ଗୋଟାଏ ଦେଶ ମିଳିଯିବ, ଯାହାର ଲୋକମାନେ ହୁଏତ ଏଭଳି ଜଙ୍ଗଲୀ ହୋଇ ନଥିବେ, ମୁଁ ଏଇଭଳି ଏକ ଅନୁମାନ କରିନେଲି ।

ଦିନେ ଖୁବ୍ ଥଣ୍ଡା ପଡ଼ିଥାଏ । ଚାରିଆଡ଼େ କୁହୁଡ଼ି ଛାଇଯାଇଥାଏ । ସାହେବଙ୍କ କୁଡ଼ିଆ ଆଗରେ ଜଗିଥିବା ଦୁଇ ଜଗୁଆଳ ଥଣ୍ଡା ଯୋଗୁ ନିଜ ଝୁମ୍ପୁଡ଼ିରେ ଯାଇ ଶୋଇଯାଇଥାଆନ୍ତି । ପଡ଼ିଆ ପରିଷ୍କାର ଥାଏ । ମୁଁ ଭାବିଲି ଏଭଳି ସୁଯୋଗକୁ ହାତଛଡ଼ା କରିବା ଉଚିତ ନୁହେଁ । କାରଣ ଏମିତିଆ ସୁଯୋଗ ହୁଏତ ଆଉ ମିଳିବ ନାହିଁ । ଦେଖିଲି ଯେମିତି ସବୁଲୋକ ଶୋଇଗଲେ, ମୁଁ ପଥରକୁ ଠେଲିଠେଲି ଘୁଞ୍ଚାଇ ଦେଲି ଏବଂ କୁଡ଼ିଆର ଦୁଆର ଖୋଲି ସାହେବ ଓ ମେମଙ୍କୁ ବାହାରି ଆସିବାକୁ ଇଙ୍ଗିତ ଦେଲି । ସାହେବ ମୋ ଇଙ୍ଗିତ ଠିକ୍ ବୁଝିପାରିଲେ । ଦୁଇପ୍ରାଣୀ ତୁରନ୍ତ ବାହାରି ଆସିଲେ । ମୁଁ ଆଗେଆଗେ ଚାଲିଲି । ଦୁଇଦିନ ପାଇଁ ଖାଇବା ମୁଁ ଆଗରୁ ଆଣି ସାହେବଙ୍କୁ ଦେଇ ଦେଇଥିଲି । ସେ ବାବଦରେ ଚିନ୍ତା ନଥିଲା । ବାସ୍, କେବଳ ଏତିକି ଚିନ୍ତା ଥିଲା ଯେ ଆମକୁ ଏଠାରେ ନପାଇ ଏଇ ଜଙ୍ଗଲୀ ଲୋକେ ହୁଏତ ଆମର ପିଛାକରି ପାରନ୍ତି । ସେଥିପାଇଁ ରାତିକ ଭିତରେ ଆମେ ଯେତେଦୂର ସମ୍ଭବ ଚାଲିଯାଇ ପାରିବୁ, ସେତେ ଶୀଘ୍ର ଚାଲିଯିବା ଉଚିତ । ଚାରିଆଡ଼ ଅନ୍ଧାର । ମୁଁ ଅବଶ୍ୟ ବେଧଡ଼କ ଚାଲିଯାଉଥିଲି; କିନ୍ତୁ ସାହେବଙ୍କୁ ଖୁବ୍ କଷ୍ଟ ହେଉଥାଏ । ମେମ ସାହେବ ତ କିଛିବାଟ ଯାଇ ଖାଲି ବସିପଡୁଥାଆନ୍ତି । ସାହେବ ବହୁତ ବୁଝାସୁଝା କଲା ପରେ ପୁଣି ଉଠୁଥାଆନ୍ତି ।

ଥରେ ମେମସାହେବ ଖୁବ୍ ବିରକ୍ତ ହୋଇ ପଚାରିଲେ, ''ଏମିତି ଆମେ ଆଉ କେତେ ବାଟ ଚାଲିବା ?''

ସାହେବ, ''ଯେତେଦୂର ପାରିବା ।''

ମେମ, ''ଏଇଠି କିଆଁ ରହିଯିବା ନାହିଁ ? ସକାଳ ହେଲେ ଯାଆନ୍ତେ ।''

ସାହେବ, '' ସକାଳ ହେଲେ ଯଦି ଧରାପଡ଼ିଯିବା ?''

Digitized by srujanika@gmail.com

ମେମ ଆଉ କିଛି ଉତ୍ତର ଦେଲେନାହିଁ । ପୁଣି ଚାଲିଲେ; ମାତ୍ର ଗୁଣୁଗୁଣୁ ହୋଇ କହୁଥାଆନ୍ତି, ୟାଠଉଁ ବରଂ କଏଦି ଭଲ ଥିଲା । ଆମେ ତ ସେଠାରେ ଆରାମରେ ପଡ଼ିଥିଲେ । ଏଠାରେ ଆସି କେଉଁ ଜଙ୍ଗଲରେ ପଡ଼ିଲେ ଯେ ଶେଷରେ ଶୋଷରେ ହିଁ ପ୍ରାଣ ଯିବ । ଏଠାରେ ଗାଁ-ଗଣ୍ଡାର ଚିହ୍ନବର୍ଣ୍ଣ ନାହିଁ ।'

ଏଇ ଅବସ୍ଥାରେ ଆମେ ଅଧଘଣ୍ଟାଏ ଯାଏ ଚାଲିଛୁ କି ନାହିଁ, ପଛରୁ ବହୁତ ଗୁଡ଼ାଏ ଲୋକଙ୍କର ପାଟିତୁଣ୍ଡ ଶୁଭିଲା । ଜଣାପଡୁଥିଲା ଯେମିତି ଶହଶହ ଲୋକ ଆମରି ଆଡ଼କୁ ଦୌଡ଼ିକରି ଆସୁଛନ୍ତି । ମୁଁ ବୁଝିପାରିଲି, ଆମେ ପଳାଇ ଆସିବାର ଭେଦ ଜଣା ପଡ଼ିଯାଇଛି ଏବଂ ଲୋକମାନେ ଆମକୁ ଧରିବାକୁ ଆସୁଛନ୍ତି । ସାହେବ ମେମଙ୍କୁ କହିଲେ, ''ବୁଝିଲ, ଲାଗୁଛି ଯେମିତି ସେଇ ସୈତାନମାନେ ଆମକୁ ପୁଣି ଧରି ନେଇଯିବେ ।''

ମେମ, ''ହଁ ତ, ସେମିତି ଜଣାପଡୁଛି ।''

ସାହେବ, ''ବିଚରା କାଲୁ ଏତେବାଟ ଯାଏ ନେଇ ଆସିଲା । ଏବେ ଆମର କପାଳ ମନ୍ଦ । ସେ ବିଚରା କ'ଣ କରିବ ?''

ମେମ, ''ଚାଲ, ଆମେ ବି ଦୌଡ଼ିବା । ହୁଏତ କେଉଁଠି କିଛି ଗୋଟାଏ ଆଶ୍ରୟ ମିଳିଯିବ ।''

ଦୁହେଁ ଦୌଡ଼ିବାକୁ ଲାଗିଲେ । ଇଏ ହେଉଛନ୍ତି ସେଇ ମେମସାହେବ, ଯାହାଙ୍କ ପକ୍ଷେ କିଛିକ୍ଷଣ ଆଗରୁ ପାହୁଣ୍ଡେ ମାତ୍ର ଚାଲିବା ଅସମ୍ଭବ ହୋଇ ପଡୁଥିଲା । ସେ ଏବେ ପ୍ରାଣାନ୍ତକ ଦୌଡ଼ିବାକୁ ଲାଗିଲେ । ସାହସର ସତେ କେତେ ବଳ ! ସବୁଠାରୁ ବଡ଼କଥା ଥିଲା ଯେ ପୂର୍ବଦିଗ ଟିକିଏ ଫର୍ଚ୍ଚା ହୋଇଆସୁଥିଲା । ଆଉ ଟିକକରେ ସକାଳ ହେବ । ସେତିକିବେଳେ ଜଣାପଡ଼ିବ ଯେ ଆମେ ପ୍ରକୃତରେ କୁଆଡ଼େ ଯାଉଛୁ । ଏଇଆ ଭାବିଭାବି ଆମେ ଦୌଡୁଥିଲୁ ।

ଏମିତି ଅଧଘଣ୍ଟାଏ ଚାଲିଗଲା । ଏବେ ସିନ୍ଦୂରା ଫାଟିବାକୁ ଲାଗିଲା । ବାଟ କ୍ରମେ ପରିଷ୍କାର ଦେଖାଗଲା । ପିଛା କରୁଥିବା ଲୋକଗୁଡ଼ାକ ସେତେବେଳକୁ ଆମର ଖୁବ୍ ନିକଟକୁ ଆସିଯାଇଥିଲେ । ସେମାନଙ୍କ ପାଟିତୁଣ୍ଡ ସ୍ପଷ୍ଟ ଶୁଣାଯାଉଥାଏ । ଜମି ସମତଳ ଥିଲେ ହୁଏତ ସେମାନେ ଦେଖାଯାଉ ଥାଆନ୍ତେ । ସେମାନେ ସମସ୍ତେ ଆସି ଯଦି ଆମକୁ ଧରି ପକାଇବେ, ତେବେ ଆମେ କିମିତି ନିଜକୁ ରକ୍ଷାକରିବୁ ଏଇକଥା ଭାବିଭାବି ମୁଁ ଦୌଡୁଥାଏ ।

ହଠାତ୍ ଆମକୁ ଗୋଟିଏ ଗହିରିଆ ଗୁମ୍ଫା ଭଳି କ'ଣ ଜଣାପଡ଼ିଲା । ମୁଁ ଭାବିଲି, ଏଇ ଗୁମ୍ଫା ଭିତରେ ଆମେ ଲୁଚିଯିବୁ ଏବଂ ତା ମୁହଁକୁ ଘାସପତ୍ରରେ ଢାଙ୍କିଦେବୁ । ତା ହେଲେ ହୁଏତ ସେଇ କାଳିଆ ଲୋକଗୁଡ଼ାଙ୍କ ହାବୁଡ଼ରୁ ବଞ୍ଚିଯିବୁ ।

Digitized by srujanika@gmail.com

ନ ହେଲେ ଧରାପଡ଼ିଯିବୁ ତ ପୁଣି ସେଇ ଅନ୍ଧାରୁଆ କୋଠରିରେ ସଢ଼ିବୁ । ରକ୍ଷା ପାଇଗଲେ ଦିନକ ଭିତରେ କେଜାଣି କେତେଦୂର ଚାଲିଯିବୁ ।

ଏଇକଥା ଭାବି ମୁଁ ସେଇ ଗୁମ୍ଫା ଭିତରେ ପଶିଲି । ସାହେବ ଓ ମେମ ମୋ ଉଦ୍ଦେଶ୍ୟ ବୁଝିଗଲେ । ମୋ ପଛେପଛେ ସେ ଦୁହେଁ ମଧ୍ୟ ସେଇ ଗୁମ୍ଫା ଭିତରେ ପଶିଗଲେ । ତାଙ୍କ ଭୟ ଥିଲା, ଗୁମ୍ଫା ଭିତରେ କୌଣସି ବାଘ କି ସିଂହ ବସିନାହିଁ ତ ! ମୁଁ ଆଗରେ ଥିଲି । କିଛିଦୂର ଯାଇଛି, ଦେଖିଲି ଦି'ଇଟା ଦୀପଭଳି କଂଅଣ ଜଳୁଛି । ମୁଁ ଜୋରରେ ଗୋଟାଏ ଚିତ୍କାରକରି ପଛକୁ ହଟିଆସିଲି । ସତକୁ ସତ ସାମନାରେ ଗୋଟାଏ ସିଂହ ବସିଥିଲା । ଏବେ କ'ଣ କରିବି ? ମୋର ଯେମିତି ହୋସ ବୁଡ଼ିଗଲା । ମୁଁ ନା ଆଗକୁ ଯାଇପାରିଲି ନା ପଛକୁ । ପଥରମୂର୍ତ୍ତି ଭଳି ସେଇଠି ଠିଆହୋଇ ରହିଲି । ସାହେବ ଓ ମେମ ଦୁହେଁ ବେହୋସ ହୋଇ ତଳେ ପଡ଼ିଗଲେ । ମୁଁ ତ ହେଲେ ଠିଆହୋଇ ରହିଲି; ମାତ୍ର ସେ ଦି'ଜଣଙ୍କ ଦେହରେ ଯେମିତି ଜୀବନ ନଥିଲା । ଏବେ ମୋର ଚେତା ହେଲା ଓ ଡର ଚାଲିଗଲା । ସେ ଦୁଇଜଣଙ୍କୁ ଯାଇ ଶୁଙ୍ଘିଲି । ସେ ମରି ନଥିଲେ । ତାଙ୍କ ଦେହରେ ଜୀବନ ଥିଲା । ଭାବିଲି, ଏବେ କଅଣ କରିବି ? ଗୋଟାଏ ବିପଦରୁ ବଞ୍ଚିଗଲୁ, ଏଣେ ପୁଣି ଗୋଟାଏ ନୂଆ ବିପଦ ଆସିଗଲା । ହେଲେ ସିଂହଟା ଯେ କେବଳ ଗୋଟିଏ ଜାଗାରେ ଚୁପଚାପ ବସିଛି, ହଲଚଲ ବି ହେଉନାହିଁ, ଏହାର କାରଣ କ'ଣ ? ଝାମ୍ପିପଡ଼ିବା ତ ଦୂରର କଥା । ସେ କେବଳ ଚୁପ୍‌ଚାପ୍ ମୋ ଆଡ଼କୁ ଚାହିଁଥିଲା । ତା ଚାହାଣିରୁ ଜଣାପଡୁଥିଲା, ସେ ଯେମିତି ମୋତେ ଦେଖି ଡରିଯାଇଛି ।

ମୁଁ ଡରିଡରି ଆଉ ପାଦେ ଆଗେଇଲି; ତଥାପି ସିଂହ ତା ଜାଗାରୁ ଘୁଞ୍ଚିଲା ନାହିଁ । ଏବେ ମୋ କାନରେ ଧୀରେଧୀରେ ତା କୁଣ୍ଢେଇବାର ସ୍ୱର ବାଜିଲା । ମୁଁ ବୁଝିଗଲି ସେ ବେମାର ଅଛି । ଆଉ ଟିକିଏ ଯେମିତି ତା ପାଖକୁ ଯାଇଛି ସେ ଖୁବ୍ ବିକଳିଆ ସ୍ୱର କରି ତାର ଡାହାଣପାଖ ଆଗପାଦକୁ ଟେକିଲା । ସେଇଟି ଖୁବ୍ ଫୁଲିଯାଇଥିଲା । ଏବେ କଥାଟା ବୁଝାପଡ଼ିଲା । ସେଇ କାରଣରୁ ମହାଶୟ ଗୁମ ହୋଇ ବସିଥିଲେ । ବାରମ୍ବାର ଲାଙ୍ଗୁଡ଼ ପିଟୁଥିଲେ, ହାଇ ମାରୁଥିଲେ ଏବଂ ମୋ ଆଡ଼କୁ ଚାହିଁ କୁନ୍ଥଉଥିଲେ । ମୁଁ ଅନୁମାନ କଲି, ତା ପାଦରେ ନିଶ୍ଚେ କଣ୍ଟା ଫୁଟିଛି; ହେଲେ ମୁଁ କେମିତି ବାହାର କରିବି ? ପ୍ରଥମେ ଭାବିଲି ସେ ତ ଆମର କିଛି କରିପାରିବ ନାହିଁ, ତେଣୁ ସେ ସେଇଠି ପଡ଼ିଥାଉ । କାଳେ ତା ପାଦରୁ କଣ୍ଟା କାଢ଼ିଦେଲେ ତା ମନୋଭାବ ବଦଳିଯିବ ଏବଂ ଏକା ଝାମ୍ପକେ ଆମ ତିନିଜଣଙ୍କୁ ଖତମ କରିଦେବ; କିନ୍ତୁ ମୋର ଦୟା ହେଲା । ଆମେ ତ କେବେ କାହାରି ଉପକାରକୁ ଭୁଲିଯାଉନା । ଯେତେହେଲେ ଏ ତ ହେଉଛି ଆମରି ଜାତିର ପ୍ରାଣୀ ।

Digitized by srujanika@gmail.com

ଏଇଆ ଭାବି ସାହେବଙ୍କର ହୋସ ଆସିବା ଯାଏ ମୁଁ ଅପେକ୍ଷାକଲି । ଶେଷରେ କିଛି ସମୟ ପରେ ତାଙ୍କ ଆଖି ଖୋଲିଲା । ମୁଁ ଯାଇ ସିଂହ ପାଖରେ ବସିଥିବାର ଦେଖି ତାଙ୍କର କିଛି ପରିମାଣରେ ସାହସ ହେଲା । ସେ ସେଠାରୁ ପଳାଇ ଗଲେ ନାହିଁ । ସିଂହ ମଧ ତାଙ୍କୁ ଦେଖି ଲାଙ୍ଗୁଡ଼ ହଲାଇବାକୁ ଲାଗିଲା ଏବଂ ବାରମ୍ବାର ତାର ଫୁଲିଥିବା ପଞ୍ଝାକୁ ଟେକିବାକୁ ଲାଗିଲା । ସାହେବ ମଧ ବୁଝିଗଲେ ଯେ ସିଂହ ଛୋଟ଼ା ହୋଇଯାଇଛି । ସାହେବ ମେମଙ୍କୁ କେତେଥର ହଲାଇଲେ । ମେମଙ୍କର ଯେମିତି ଚେତା ଆସିଲା, ଦୁହେଁ ନିଜନିଜ ମଧରେ କେତେ ସମୟ କ'ଣ କଥାବାର୍ତ୍ତା ହେଲେ । ତା ପରେ ସାହେବ ସିଂହ ପାଖକୁ ଯାଇ ତାର ପଞ୍ଝା ଟେକିଲେ ଏବଂ ଧୀରେଧୀରେ କଣ୍ଟା କାଢ଼ିଦେଲେ । ସିଂହର ଯନ୍ତ୍ରଣା ଦୂର ହୋଇଗଲା । ସେ ସାହେବଙ୍କ ଗୋଡ଼ ପାଖରେ ମୁଣ୍ଡ ରଖି ଲାଞ୍ଜ ହଲାଇବାକୁ ଲାଗିଲା ।

ହଠାତ୍ ବାହାରେ ଲୋକମାନଙ୍କର ପାଟିତୁଣ୍ଡ ଶୁଣାଗଲା । ମୁଁ ଜାଣିଗଲି ଯେ ଜଙ୍ଗଲୀ ଲୋକମାନେ ଆମ ପିଚ୍ଛାକରି ସେଠାରେ ଆସି ପହଞ୍ଚିଯାଇଛନ୍ତି । ମୁଁ ଯାଇ ଦୁଆରମୁହଁରେ ଠିଆ ହୋଇଗଲି । ମରିବି ପଛେ କାହାକୁ ହେଲେ ଭିତରକୁ ଛାଡ଼ିବି ନାହିଁ । ମୁଁ ଠିକ୍ ଆସି ଦୁଆରମୁହଁରେ ପହଞ୍ଚିଛି, ଦେଖିଲି ଦଶବାର ଜଣ ଲୋକ ଲମ୍ବା ଲମ୍ବା ତେଣ୍ଟା ଧରି ମୁହଁରେ ନାଲିରଙ୍ଗ ବୋଳି ଆଗରେ ଆସି ଠିଆହୋଇଛନ୍ତି । ମୋତେ ସେମାନେ ଯେମିତି ଦେଖି ପକାଇଲେ, ଖୁସିରେ ତାଳିମାରିଲେ । ଏଇଥିପାଇଁ ସେମାନେ ଖୁସି ହେଉଥିଲେ ଯେ, ଏବେ ଆମେ ଧରାପଡ଼ିଛୁ; ତାଙ୍କଠାରୁ ବଞ୍ଚିକରି ଏଥର କୁଆଡ଼େ ଯିବୁ ? ଦୁଇତିନି ଜଣ ଲୋକ ଗୁମ୍ଫା ଭିତରେ ପଶିବାକୁ ଉଦ୍ୟମ କଲେ । ତାଙ୍କର ସେଇ ତେଣ୍ଟା ଏବଂ ଢାଲ ଆଗରେ ମୁଁ କ'ଣ କରିପାରନ୍ତି ? ଖାଲି ଠିଆହୋଇ ଭୁକୁଥିଲି ।

ଆରେ ! ଆକାଶ କ'ଣ ଛିଣ୍ଡିପଡ଼ିଲା ନା ଦୁଇଟା ପାହାଡ଼ ଲଢ଼େଇ ଆରମ୍ଭ କରିଦେଲେ ! ଏତେ ଜୋରରେ ଗର୍ଜନ ଶୁଭିଲା ଯେ ସାରା ଗୁମ୍ଫାଟା ଯେମିତି ଦୋହଲିଗଲା । ତାହା ଥିଲା ସିଂହର ଗର୍ଜନ । ଲୋକମାନଙ୍କୁ ଗୁମ୍ଫାମୁହଁରେ ଦେଖିବା ମାତ୍ରେ ସେ ଗୋଟାଏ କୁଦାମାରି ଦୁଆରମୁହଁରେ ଆସି ଠିଆହୋଇଗଲା । ଆଉ କିଛି କହିବାର ନଥିଲା । ସେଇ ଦୁଷ୍ଟ ଲୋକଗୁଡ଼ାଙ୍କ ମଧରେ ଧାଁ-ଦଉଡ଼ ଆରମ୍ଭ ହୋଇଗଲା । ତେଣ୍ଟା ଓ ଢାଲ ଫୋପାଡ଼ିଦେଇ ଜଣେ ଆଉ ଜଣକ ଉପରେ ପଡ଼ି ଦଳିଚକଟି ହୋଇ ପଳାଇଲେ; କିନ୍ତୁ ସିଂହ ସେମାନଙ୍କ ମଧରୁ ଗୋଟାଏ ଲୋକକୁ ମାଡ଼ିବସିଲା ଏବଂ ଆମରି ଆଗରେ ତାକୁ ଖାଇଦେଲା । ଏକଥା ଦେଖି ମୋ ରୋମମୂଳ ଟାଙ୍କୁରି ଉଠିଲା ଏବଂ ମେମସାହେବ ଭୟରେ ଆଖି ବୁଜିଦେଲେ । ମୁଁ ଭାବିଲି କୌଣସି ପ୍ରକାରେ ଏଠାରୁ ପଳାଇଲେ ରକ୍ଷା । ଏଇ ଭୟଙ୍କର ଜନ୍ତୁ ଉପରେ ବିଶ୍ବାସ କ'ଣ ? କେତେବେଳେ ତା ମନ ବଦଳିଯିବ ଏବଂ ଆମ ସମସ୍ତଙ୍କୁ ଟିକିଟିକି କରିଦେବ ।

Digitized by srujanika@gmail.com

କେତେଘଣ୍ଟା ଧରି ମୁଁ ତ ସେଠାରେ ଜବତ ହୋଇ ବସିଥିଲି । ମୁଁ ଯେତେବେଳେ ବାହାରକୁ ଆସି ଦେଖିଲି ଯେ ସେଇ ଲୋକଗୁଡ଼ାକ ମଧ୍ୟରୁ କାହାରି ଜଣକର ବି ପତ୍ତା ନାହିଁ; ସାହେବଙ୍କୁ ଇଶାରା ଦେଇ ପଳାଇଯିବାକୁ କହିଲି । ସାହେବ ଓ ମେମ ଦୁଇଜଣଯାକ ଡରିଡରି ଗୁମ୍ଫାରୁ ବାହାରିଲେ ଏବଂ ଆମେ ପୁଣି ସେଇ ଦିଗରେ ଚାଲିଲୁ । ସିଂହ ମଧ୍ୟ ମୁଣ୍ଡ ନୁଆଁଇ ଆମ ଆଗେଆଗେ ଏମିତି ଚାଲିଲା ଯେ ଯେମିତି ଗୋଟିଏ ସାଧାସିଧା ଗାଈ । ମୁଁ ଖାଲି ମନେମନେ ଭାବୁଥାଏ, ଏଇ ମହାଶୟ ଦୟାକରି ଆମ ବାଟରେ ଆମକୁ ଛାଡ଼ିଦିଅନ୍ତେ କି !

ସନ୍ଧ୍ୟା ହେଉହେଉ ଆମେ ଗୋଟିଏ ଜଙ୍ଗଲରେ ଯାଇ ପହଞ୍ଚିଲୁ । ଜଙ୍ଗଲଟା ଏତେ ଘଞ୍ଚ ଯେ ଆମେ କିଛି ଜାଣିପାରିଲୁ ନାହିଁ । ସିଂହ ପଛେପଛେ ଆମେ ଚାଲିଥାଉ । ହଠାତ୍ ସେ ଗୋଟାଏ କ'ଣ ଶବ୍ଦ ବାରି ଠିଆହୋଇଗଲା । ତା ପରେ ତା କାନକୁ ଠିଆକରିଦେଲା ଏବଂ ଧୀର ସ୍ୱରରେ ଗାଉଁ-ଗାଉଁ ହେବାକୁ ଲାଗିଲା । ହଠାତ୍ ସମ୍ମୁଖ ଭାଗରୁ ଆଉ ଗୋଟିଏ ସିଂହ ବାହାରିଆସିଲା । ମୋ ଦେହରୁ ତ ଏକ ପ୍ରକାର ଜୀବନ ଛାଡ଼ିଗଲା । ମେମ ଓ ସାହେବ ଦୁହେଁ ଗୋଟିଏ ଗଛ ଉହାଡ଼ରେ ଯାଇ ଲୁଚିଗଲେ; ହେଲେ ସେଇ ସୈତାନ ଆମ ସମସ୍ତଙ୍କୁ ଦେଖି ଦେଇଥିଲା । ସେ ଖୁବ୍ ଜୋରରେ ଗର୍ଜନକରି ସାହେବଙ୍କ ଆଡ଼କୁ ଯେମିତି ଝପଟିଆସିଲା, ଆମ ସିଂହ କୁଦିପଡ଼ି ତା ଉପରେ ଆକ୍ରମଣ ଆରମ୍ଭ କରିଦେଲା । ଦୁହିଁଙ୍କ ଭିତରେ ଲଢ଼େଇ ଆରମ୍ଭ ହୋଇଗଲା । ମୋ ଦେହରୁ ରକ୍ତ ଶୁଖିଯାଇଥାଏ । ସେ ଯଦି ଆମ ବନ୍ଧୁ-ସିଂହକୁ ମାରିଦିଏ ତେବେ ଆମର ଆଉ ରକ୍ଷାନାହିଁ । ମୁଁ ଚାହିଁଥିଲେ ପଳାଇଯାଇ ପାରିଥାଆନ୍ତି; ମାତ୍ର ସାହେବ ଓ ମେମଙ୍କୁ ଛାଡ଼ି ଯିବି କେମିତି । ଗଛଗୁଡ଼ିକ ଏଡ଼େ ସିଧା ଏବଂ ଘଞ୍ଚ ଥିଲା ଯେ ସେଥିରେ ଚଢ଼ିବା ମୁସ୍କିଲ ଥିଲା । ମୁଁ ମାନସିକ କରୁଥିଲି ଯେ ଆମ ସିଂହର ଜୟ ହେଉ । କେତେବେଳେ ସେ ଚାପି ଦେଉଥିଲା ତ କେତେବେଳେ ଏ । କେତେବେଳେ ପଞ୍ଝାରେ ଲଢୁଥିଲେ ତ କେତେବେଳେ ଦାନ୍ତରେ । ପଞ୍ଝାରେ ଲଢ଼ିବାବେଳେ ଦିହେଁ ଠିଆହୋଇ ଯାଉଥିଲେ । ତାଙ୍କ ଦେହ ମୁହଁରୁ ରକ୍ତ ଝରୁଥିଲା । ଦିହିଁଙ୍କ ଆଖିରୁ ଯେମିତି ନିଆଁ ବାହାରୁଥିଲା । ଦୁହେଁ ଗର୍ଜନ କରୁଥିଲେ । ଆମେ ନିଶ୍ୱାସ ବନ୍ଦକରି ଚୁପଚାପ ସେ ସବୁ ଦେଖୁଥିଲୁ ।

ଘଣ୍ଟାଏ କାଳ ଘମାଘୋଟ ଲଢ଼େଇ ଶେଷରେ ଆମ ମିତ୍ର-ସିଂହର ଜୟ ହେଲା । ସେ ଆର ସିଂହକୁ ଚିତ୍‌କରିଦେଲା ଏବଂ ତା ମୁନିଆ ନଖରେ ତା ପେଟକୁ ଚିରିପକାଇଲା । ଆମେ ତିନିଜଣ ଖୁସିରେ ନାଚିବାକୁ ଲାଗିଲୁ । ହେଲେ କଅଣ ହେବ, ଆମ ମିତ୍ର-ସିଂହର ଅବସ୍ଥା କିନ୍ତୁ ବାଆର ବାଜିଯାଇଥିଲା । ତାର ସାରା ଦେହ ଖଣ୍ଡିଆଖାବରା ହୋଇ ଭୟଙ୍କର ପୋଡ଼ାଜଳା କରୁଥିଲା । ସେ ସେଇଠି ଶୋଇଗଲା ।

Digitized by srujanika@gmail.com

ଆମେ ମଧ ସେଇଠି ରାତି କଟାଇଲୁ । ଖାଇବାକୁ କିଛି ମିଳିଲାନାହିଁ । ସାହେବ ଓ ମେମ ବାଟରେ କିଛି ଫଳ ଖାଇଥିଲେ; କିନ୍ତୁ ଫଳରେ ମୋର କି ଯାଏ ? ମୋର ତ ଶିକାର ଲୋଡ଼ା; ମାତ୍ର ଅନ୍ଧାରରେ କୌଣସି ଶିକାର କରିବା କଷ୍ଟକର ବ୍ୟାପାର ଥିଲା । ମୁଁ ଉପାସରେ ରହିଗଲି ।

ତା ପରଦିନ ଆମେ ଯାଇ ସମୁଦ୍ର କୂଳରେ ପହଞ୍ଚିଗଲୁ; କିନ୍ତୁ ଗୋଟିଏ ଅବଶୋଷ ରହିଗଲା । ମୁଁ ସମୁଦ୍ର କୂଳରେ କୌଣସି ଗୋଟିଏ ଶିକାର ସନ୍ଧାନରେ ଥିବାବେଳେ ଦେଖିଲି ଆମ ମିତ୍ର-ସିଂହ ଯେ କି ହାଲିଆ ହୋଇ ଗୋଟିଏ ପଥର ଉହାଡ଼ରେ ବସିରହିଥିଲା, ସେ ଖୁବ୍ ନିମ୍ନ ସ୍ୱରରେ ଯନ୍ତ୍ରଣାରେ ଚିତ୍କାର କରୁଥିଲା । ମୁଁ ତା ପାଖକୁ ଯାଇ ଦେଖିଲି, ତା ଆଖି ଦୁଇଟି ସ୍ଥିର ହୋଇଯାଇଛି । କିଛି ସମୟ ପରେ ସେଇଠି ତାର ଜୀବନ ଛାଡ଼ିଗଲା । ଗତକାଲିର ଲଢ଼େଇରେ ସେ ସାଂଘାତିକ ଭାବେ କ୍ଷତବିକ୍ଷତ ହୋଇଥିଲା । ମୁଁ ଅନେକ ସମୟ ପର୍ଯ୍ୟନ୍ତ ତାର ମଲାଦେହ ନିକଟରେ ବସି କାନ୍ଦିବାକୁ ଲାଗିଲି । ମେମ୍ ଏବଂ ସାହେବ ମଧ ଖୁବ୍ ଦୁଃଖ କଲେ । ଅବଶ୍ୟ ଆମେ ସମୁଦ୍ର କୂଳରେ ପହଞ୍ଚିଯାଇ ଥିବାର ଆନନ୍ଦ ଯୋଗୁଁ ସେ ଦୁଃଖ ଖୁବ୍ ଶୀଘ୍ର ଭୁଲିଗଲୁ ।

ମୁଁ ଏବେ ଶିକାର ତଲାଶରେ ଥିଲି । ଏତିକିବେଳେ ହଠାତ୍ କୌଣସି ଗୋଟିଏ ଜିନିଷର ଘର୍ର୍–ଘର୍ର୍ ଶବ୍ଦ ମୋ କାନରେ ବାଜିଲା । ଏଭଳି ଶବ୍ଦ ମୁଁ ଆଗରୁ କେବେ ଶୁଣିନଥିଲି । ଅବଶ୍ୟ ରେଳଗାଡ଼ିର ଶବ୍ଦ ଶୁଣିଥିଲି ଭକ୍–ଭକ୍–ଭକ୍ । ଏ ଶବ୍ଦ କିନ୍ତୁ ସମସ୍ତଙ୍କଠାରୁ ଥିଲା ଭିନ୍ନ । ଜଣାପଡୁଥିଲା ଯେମିତି ଆକାଶରେ ଗୋଟାଏ ପବନଚକି ବୁଲୁଛି । ସାହେବ ଓ ମେମ ଶବ୍ଦ ଶୁଣି ଆକାଶ ଆଡ଼କୁ ଚାହିଁବାକୁ ଲାଗିଲେ । ମୁଁ ମଧ ଉପରକୁ ଚାହିଁଲି । ସେଇଟି ଗୋଟାଏ ବଡ଼ ଚିଲ ଭଳି ଦିଶୁଥିଲା । ସାହେବ ତାଙ୍କ ଟୋପି ଖୋଲି ପବନରେ ଉଡ଼ାଇଲେ, ମେମ ସାହେବ ମଧ ତାଙ୍କ ରୁମାଲ ହଲାଇବାକୁ ଲାଗିଲେ । ଦୁହେଁ ତାଳିମାରି ନାଚୁଥିଲେ । ମୁଁ ବୁଝିପାରୁ ନଥିଲି ଯେ ଏ ଲୋକ କାହିଁକି ଏମିତି ଖୁସି ହେଉଛନ୍ତି ? ହେଲେ ଏ କ'ଣ ? ଆକାଶରେ ଉଡୁଥିବା ସେଇ ଚଢ଼େଇଟା ତଳକୁ ଖସିବାକୁ ଲାଗିଲା । ଇସ୍, କେଡ଼େ ବଡ଼ ଚଢ଼େଇ ! ମୁଁ କେବେ ଏଭଳି ବିରାଟକାୟ ଚଢ଼େଇ ଦେଖି ନଥିଲି । ଚିଡ଼ିଆଖାନାରେ ଓଟପକ୍ଷୀ ଦେଖିଥିଲି, ହେଲେ ୟା ଆଗରେ ସେ ଗୋଟିଏ ଛୋଟ ପାରା ।

ଦେଖୁଦେଖୁ ଚଢ଼େଇଟା ତଳକୁ ଖସିଆସିଲା ଏବଂ ତା ଭିତରୁ ଦୁଇଜଣ ଲୋକ ଓହ୍ଲାଇ ପଡ଼ିଲେ । ପରେ ମୁଁ ଜାଣିଲି ଯେ ଏ ମଧ ହେଉଛି ଗୋଟିଏ ପ୍ରକାର ଯାନ, ଯିଏ ମଣିଷଙ୍କୁ ବସାଇ ପବନରେ ଉଡ଼େ । ସେ ଦୁଇଜଣ ଲୋକ ଆମ ସାହେବ ଓ ମେମ୍‌ଙ୍କ ସହିତ ହାତ ମିଳାଇଲେ । କିଛି କଥାବାର୍ତ୍ତା ହେଲେ ଏବଂ ପୁଣି

Digitized by srujanika@gmail.com

ଯାଇ ସେଇ ଯାନରେ ବସିଲେ । ସାହେବ ଚଟ୍‌କରି ମୋତେ କୋଳକୁ ଉଠାଇ ନେଲେ ଏବଂ ମୋ ମୁହଁରେ ଚୁମା ଦେଇ ସେଇ ଯାନରେ ବସାଇଦେଲେ । ତା ପରେ ସାହେବ ଓ ମେମ ନିଜେ ଆସି ସେଥିରେ ବସିଗଲେ । ଡରରେ ମୋ ଦେହରୁ ରକ୍ତ ଶୁଖିଯାଇଥାଏ । ଆମେ କ'ଣ ପବନରେ ଉଡ଼ିବୁ ? ଯଦି କେଉଁଠି କଳ ବିଗିଡ଼ିଯାଏ, ତେବେ ଆମ ହାଡ଼ଗୋଡ଼ର ପତ୍ତା ରହିବ ନାହିଁ ? ହେଲେ ସାହେବ ବାରମ୍ବାର ମୋ ମୁଣ୍ଡକୁ ଥାପୁଡ଼େଇ ମୋତେ ସାହସ ଦେଉଥାଆନ୍ତି । ତା ପରେ ଚାରିଜଣଯାକ ମେଜ ଉପରେ ବସି ଖାଦ୍ୟ ଖାଇଲେ । ମୋତେ ମଧ୍ୟ ଖଣ୍ଡେ ମାଂସ ଦେଲେ । ମୁଁ ଖାଇବାରେ ଏଭଳି ମଜ୍ଜିଗଲି ଯେ ମୋ ମନରୁ ସବୁଭୟ ଚାଲିଗଲା । ଏତେ ଜୋରରେ ଶବ୍ଦ ହେଉଥାଏ ଯେ ମୋ କଲିଜା ଦୋହଲି ଯାଉଥାଏ । କଳଟା କେତେଥର ଏମିତି କଡ଼ ମୋଡ଼ିଲା ଯେ ମୋତେ ଲାଗିଲା ସେ ଓଲଟିବାକୁ ଚାହୁଁଛି । ମୁଁ ଚିତ୍କାର କରିବାକୁ ଲାଗିଲି । ସେ କିଛି ସମୟ ପରେ ନିଜକୁ ସମ୍ଭାଳିନେଲା । ଆମେ ଗୋଟିଏ ଦିନ ଗୋଟିଏ ରାତି ସେଇ ଯାନରେ ରହିଲୁ । ବେଳେବେଳେ ସେ ଏତେ ଉପରକୁ ଉଠିଯାଉଥାଏ ଯେ, ଜଣାପଡୁଥାଏ ସିଧା ଯାଇ ତାରାମାନଙ୍କ ସାଙ୍ଗରେ ଧକ୍କା ଲଗାଇଦେବ । ସାହେବ ଓ ମେମ ଦୁହେଁ ଶୋଇଯାଇଥିଲେ । ମୋତେ କେଉଁଠି ନିଦ ଲାଗୁଛି ? ମୁଁ ବାରମ୍ବାର ଖାଲି 'ଭଗବାନ, ଭଗବାନ' ହେଉଥାଏ । କେମିତି ଏ ବିପଦ ଯିବ ।

ପରଦିନ ସକାଳୁ ଖୁବ୍ ଜୋରରେ ତୋଫାନ ହେଲା । ଏଇ ଯନ୍ତ୍ରଟି ଭଉଁରିରେ ପଡ଼ିଥିବା ଡଙ୍ଗାଭଳି ଘାଉଁରିବାକୁ ଲାଗିଲା । ଏତେ ଜୋରରେ ବିଜୁଳି ଓ ଘଡ଼ଘଡ଼ି ମାରୁଥିଲା ଯେ ମନେହେଉଥିଲା ମୁଣ୍ଡଉପରେ ଅଜାଡ଼ିହୋଇ ପଡ଼ିବ । ବିଜୁଳି ଆଲୁଅରେ ଆଖି ଝଲସି ଯାଉଥାଏ । ଯନ୍ତ୍ର କେତେବେଳେ ଡାହାଣକୁ ଢଳୁଥାଏ ତ କେତେବେଳେ ବାଆଁକୁ, ବେଳେବେଳେ ତା ପଙ୍ଖା ଅଟକି ଯାଉଥାଏ । ମନେହେଉଥାଏ ଯନ୍ତ୍ରଟି ଯେମିତି ତଳକୁ ଖସିପଡୁଛି । ଚାରିଜଣଯାକ ଘାବୁରି ଯାଇଥାଆନ୍ତି ଏବଂ 'ଭଗବାନ ଭଗବାନ' ହେଉଥାଆନ୍ତି । ମେମସାହେବ ତ ଆଖିରେ ରୁମାଲ ଦେଇ ଖାଲି କାନ୍ଦୁଥାଆନ୍ତି । ମୁଁ ବି କିଛି କମ ଘାବୁରି ନଥିଲି; କିନ୍ତୁ ମେମ ସାହେବଙ୍କ କାନ୍ଦଣା ଦେଖି ମୋତେ ହସ ମାଡୁଥାଏ । ପଚାରିବାକୁ ଇଚ୍ଛା ହେଉଥାଏ, 'କାନ୍ଦିଲେ କ'ଣ ତୋଫାନ ଚାଲିଯିବ ?' ସେଇଟା କାନ୍ଦିବାର ବେଳ ନ ଥିଲା । ଛାତିକୁ ଟାଣ କରି ବିପଦର ସମ୍ମୁଖୀନ ହେବାର ଥିଲା; ହେଲେ ଏକଥା ତାଙ୍କୁ ବୁଝାଇବ କିଏ ?

ପ୍ରାୟ ଘଣ୍ଟାଏ ପରେ ଝଡ଼ ଶାନ୍ତ ହୋଇଗଲା ଏବଂ କଳଟା ସିଧା ଚାଲିବାକୁ ଲାଗିଲା । ଦି'ପହରବେଳକୁ ତାହା ଯାଇ ଗୋଟିଏ ବଡ଼ ପଡ଼ିଆ ମଝିରେ ଓହ୍ଲାଇଲା ।

Digitized by srujanika@gmail.com

ସେଠାରେ ଗୁଡ଼ାଏ ପତାକା ପୋତାହୋଇଥିଲା ଏବଂ ସେଇଭଳି ଆଉ କେତୋଟି ଯନ୍ତ୍ର ମଧ୍ୟ ଥୁଆହୋଇଥିଲା । ସାହେବ ମୋତେ କୋଳରେ ଧରି ତଳକୁ ଓହ୍ଲାଇଲେ ଏବଂ ଆମେ ସମସ୍ତେ ଗୋଟିଏ ମଟରଗାଡ଼ିରେ ବସି ଚାଲିଲୁ । ମୁଁ ଏବେ ଦେଖିଲି ଯେ ଆମେ ସାହେବଙ୍କ ବଙ୍ଗଳା ଆଡ଼କୁ ଯାଉଛୁ । ମୋର କେତେ ସାଙ୍ଗ ପୁରୁଣା ସଡ଼କ ଉପରେ ବୁଲୁଥିବାର ଆଖିରେ ପଡ଼ିଲା । ମୋର ଇଚ୍ଛା ହେଉଥିଲା, ତାଙ୍କ ପାଖକୁ ଯାଇ ସେମାନଙ୍କୁ କୁଣ୍ଢାଇବି, ସେମାନଙ୍କର ଭଲମନ୍ଦ ପଚାରିବି ଏବଂ ମୋର ଭ୍ରମଣ ବୃତ୍ତାନ୍ତ କହିବି; ହେଲେ ମଟରଟା ଜୋରରେ ପଳାଇ ଯାଉଥିଲା । ମୁହୂର୍ତ୍ତକ ମଧ୍ୟରେ ଆମେ ଯାଇ ବଙ୍ଗଳାରେ ପହଞ୍ଚିଗଲୁ ।

ମୁଁ ଏବେ ଟିକିଏ ଆଖି ମୁଦିଛି କି ନାହିଁ ଚାକର ଆସି ମୋତେ ଗାଧୋଇଦେବା ଆରମ୍ଭ କରିଦେଲା ଏବଂ ମୋତେ ନେଇ ସାହେବଙ୍କ ବୈଠକଖାନାର ଗୋଟିଏ ସୋଫା ଉପରେ ବସାଇଦେଲା । ମେମସାହେବ ଗୋଟିଏ ପ୍ଲେଟରେ ମୋ ପାଇଁ ଖାଦ୍ୟ ଆଣିଲେ ଏବଂ ନିଜ ହାତରେ ମୋତେ ଖୁଆଇଲେ । ସେ ସମୟରେ ମୋ ମନରେ ଯେଉଁ ଗର୍ବ ହେଲା, ସେକଥା କ'ଣ କହିବି ? ମନ ହେଉଥିଲା, ମୋ ଭାଇମାନେ ଆସି ଦେଖନ୍ତେ ଏବଂ ମୋ ପାଇଁ ଗର୍ବ କରନ୍ତେ । ମୁଁ କିଛି ସ୍ୱର୍ଗରୁ ଖସିପଡ଼ି ନଥିଲି । ମୁଁ ଆଜି ମଧ୍ୟ ସେଇ କାଲୁ, ସେଇ ଦୁର୍ବଳ, ସେଇ ଧଇଁଆ କାଲୁ । ଏହା ସତ୍ତ୍ୱେ ମୁଁ କେବେ ମୋ କର୍ତ୍ତବ୍ୟରେ ହେଳା କରିନାହିଁ; ସାଧୁତାକୁ ହାତରୁ କେବେ ଛାଡ଼ିନାହିଁ; ବନ୍ଧୁତାକୁ ସବୁବେଳେ ରକ୍ଷାକରିଛି ଏବଂ ଉପକାରକୁ କେବେ ଭୁଲିନାହିଁ । ବିପଦ ପଡ଼ିବାବେଳେ ଜୀବନକୁ ପାଣିଛଡ଼ାଇ ନିର୍ଭୀକ ଭାବରେ ତାର ମୁକାବିଲା କରିଛି । ଯାହାକୁ ସତ୍ୟ ବୋଲି ଭାବିଛି, ତାକୁ ରକ୍ଷାକରିବା ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ହୋଇଛି ଏବଂ ତାହାରି ଫଳ ସ୍ୱରୂପ ମୁଁ ଆଜି ଏତେ ସ୍ନେହ ଓ ଆଦରର ଅଧିକାରୀ ହୋଇପାରିଛି ।

ପରଦିନ ଦେଖିଲି ଯେ କୋଠରିର ଦୁଆରମୁହଁରେ ଗୋଟିଏ ପରଦା ଝୁଲାଇ ଦିଆଯାଇଛି ଏବଂ ସେଠାରେ ଜଣେ ଚପରାସୀକୁ ବସାଇ ଦିଆଯାଇଛି । ସହରର ବଡ଼ବଡ଼ ଲୋକେ ମୋତେ ଦେଖିବାକୁ ଆସୁଛନ୍ତି ଏବଂ ମୋ ଉପରେ ଫୁଲ ବର୍ଷା କରୁଛନ୍ତି । ଭଲଭଲ ଭଦ୍ରଲୋକ କୋଟପ୍ୟାଣ୍ଟ ପିନ୍ଧି, ଭଲଭଲ ସ୍ତ୍ରୀଲୋକ ଗାଉନ ଓ ହ୍ୟାଟରେ ନିଜକୁ ସଜାଇ, ପୁଣି ବଡ଼ବଡ଼ ଶେଠ, ସାହୁକାର ଓ ଘରୁଆ ଘରର ସ୍ତ୍ରୀଲୋକେ, ସ୍କୁଲ କଲେଜର ଛାତ୍ରବାହିନୀ ସମସ୍ତେ ଆସି ମୋତେ ଦେଖୁଛନ୍ତି ଏବଂ ମୋର ପ୍ରଶଂସା କରୁଛନ୍ତି । କେହି ଫୁଲ ଚଢ଼ାଉଛି, କେହି ଦଣ୍ଡବତ କରୁଛି, କେହି ହାତ ଯୋଡୁଛି । ସମ୍ଭବତଃ ସମସ୍ତେ ବୁଝିଥିଲେ ଯେ ମୁଁ ହେଉଛି କୌଣସି ଦେବତା ଏବଂ ଏଇ କୁକୁର ରୂପରେ ସଂସାରର ମଙ୍ଗଳ କରିବାକୁ ଆସିଛି । ସାହେବ

Digitized by srujanika@gmail.com

ଲୋକମାନେ ତ ଦେବତାର ଅର୍ଥ ବୁଝନ୍ତି ନାହିଁ; କିନ୍ତୁ ସେମାନେ ମୋତେ ଗୋଟିଏ ଅସାଧାରଣ, ଚମତ୍କାର ଜୀବ ବୋଲି ଭାବୁଥିଲେ । କେତେକ ସ୍ତ୍ରୀଲୋକ ଆସି ମୋର ପାଦ ବି ଛୁଇଁଲେ । ସେମାନଙ୍କର ମୂର୍ଖତା ଦେଖି ମୋତେ ହସ ଲାଗୁଥିଲା । ମଣିଷମାନଙ୍କ ମଧ୍ୟରେ ପୁଣି ଏଭଳି ଅନ୍ଧବିଶ୍ୱାସୀ ଅଛନ୍ତି ?

ଦିନଯାକ ତ ଏଇ ଲୀଳା ଚାଲିଲା; ହେଲେ ସଞ୍ଜକୁ ମୁଁ ମୋର ଜନ୍ମସ୍ଥାନ ଆଡ଼େ ପଳାଇଲି । ମାତ୍ର ଯେମିତି ଯାଇ ଘରପାଖରେ ପହଞ୍ଚିଛି, ଦଳେ ମୋର ଭାଇଆ ମୋ ଉପରେ ଝାମ୍ପିପଡ଼ିଲେ । ହତଭାଗାମାନେ ବୋଧେ ଭାବୁଥିଲେ, ମୁଁ ତାଙ୍କ ଭାଗ ଛଡ଼ାଇନେବାକୁ ଆସିଛି । ସେମାନେ ଜାଣି ନଥିଲେ ଯେ ମୁଁ ଏବେ ଆଉ ସେ କାଳୁ ନୁହେଁ । ମୋତେ ଏବେ ପୂଜା କରାଯାଉଛି । ମୁଁ ଲାଙ୍ଗୁଡ଼ ଜାକିଦେଲି ଏବଂ ଦାନ୍ତ ନିକୁଟି, ନାକପୁଡ଼ାକୁ ଟେକି ସେମାନଙ୍କଠାରୁ ପ୍ରାଣଭିକ୍ଷା କଲି; ମାତ୍ର ସେହି ବିଚାରହୀନମାନଙ୍କର ମୋ ଉପରେ ଟିକିଏ ବି ଦୟା ହେଲାନାହିଁ । ସତେ ଯେମିତି ସେମାନଙ୍କ ସହିତ ଆଗରୁ ମୋର କେବେ ଜଣାଶୁଣା ନଥିଲା । ମୁଁ ତ ସେମାନଙ୍କୁ ମୋ ଜୀବନର ଦୁଃଖସୁଖର କଥା ଶୁଣାଇ କିଛି ଉପଦେଶ ଦେବାକୁ ଆସିଥିଲି । ମୋତେ ଏଇ ପୁରସ୍କାର ମିଳିଲା !

ଠିକ୍ ଏତିକିବେଳେ ମୋର ପୁରୁଣା ମାଲିକ ପଣ୍ଡିତଜୀ ବାଡ଼ି ଧରି ସେଇବାଟେ ଆସୁଥିଲେ । ତାଙ୍କୁ ଦେଖି ମୋ ଦେହରେ ଯେମିତି ନୂତନ ଶକ୍ତି ଆସିଗଲା । ମୁଁ ଦୌଡ଼ିଯାଇ ପଣ୍ଡିତଙ୍କ ପାଖରେ ହାଜର ହୋଇଗଲି ଓ ଲାଙ୍ଗୁଡ଼ ହଲାଇଲି । ପଣ୍ଡିତଜୀ ମୋତେ ଦେଖୁଦେଖୁ ଚିହ୍ନି ପକାଇଲେ । ମୋ ମୁଣ୍ଡରେ ହାତ ରଖି ମୋତେ ଆଶୀର୍ବାଦ କଲେ ଏବଂ ଖୁସିହୋଇ କହିଲେ, "ତୁ ତ ଏବେ ଗୋଟିଏ ବଡ଼ ମହାତ୍ମା ହୋଇଯାଇଛୁରେ କାଳୁ । ଖବରକାଗଜରେ ତ ତୋର ଖୁବ୍ ପ୍ରଶଂସା ହେଉଛି । ତୁ ଏଇ ଗଧଗୁଡ଼ାଙ୍କ ହାବୁଡ଼ରେ କେମିତି ପଡ଼ିଲୁ ?"

ସେଇ ଦୁଷ୍ଟଗୁଡ଼ା, ଯିଏ ଏ ପର୍ଯ୍ୟନ୍ତ ମୋ ଉପରେ ଆକ୍ରମଣ କରିବାକୁ ତିଆର ଥିଲେ ପଣ୍ଡିତେ ତାଙ୍କୁ ବାଡ଼ି ଉଠାଇ ଧମକାଇଲେ । ବାଡ଼ି ଦେଖୁଦେଖୁ ସେମାନେ ମୂଷାଭଳି କିଏ କୁଆଡ଼େ ପଳାଇଗଲେ । ମୁଁ ପଣ୍ଡିତଙ୍କ ପଛେପଛେ ଚାଲିଲି ଏବଂ ମୋର ପିଲାଦିନର ସେଇ କ୍ରୀଡ଼ାଭୂମିରେ ଥରେ ଘେରାପକାଇ ପଣ୍ଡିତଙ୍କ ଘରକୁ ଆସିଲି । ବାରମ୍ବାର ନାଲୁ ଓ ମୋର ମାଆକଥା ମନେପଡୁଥାଏ । ତାଙ୍କ ବିନା ମୋର ଏ ଆଦର ସମ୍ମାନ ତୁଚ୍ଛ ଲାଗୁଥିଲା ।

ପଣ୍ଡିତଙ୍କ ଘରେ ମୁଁ ଯାଇ ପହଞ୍ଚୁ ପହଞ୍ଚୁ ପଣ୍ଡିତାଣୀ ଦଉଡ଼ି ଆସି ମୋ ଆଗରେ ହାତ ଯୋଡ଼ିଲେ । କିଛି ସମୟ ମଧ୍ୟରେ ମୋ ଆସିବା ଖବର ବସ୍ତିସାରା ପ୍ରଚାରିତ ହୋଇଗଲା । ଆଉ କ'ଣ ଥାଏ ? ଲୋକମାନେ ଛୁଟିଲେ ମୋତେ ଦର୍ଶନ

Digitized by srujanika@gmail.com

କରିବାକୁ । କେହିକେହି ମୋ ଉପରକୁ ଟଙ୍କା ଓ ପଇସା ଫୋପାଡ଼ିଲେ, ଭୋଗ ଲଗେଇଲେ । ମୁଁ ଯେତେବେଳେ ଦେଖିଲି ଭିଡ଼ କ୍ରମେ ବଢ଼ିବଢ଼ି ଯାଉଛି, ସେଠାରୁ ଉଠି ଠିଆହୋଇଗଲି ଏବଂ ସିଧା ବଙ୍ଗଳା ଆଡ଼କୁ ଦୌଡ଼ିଲି ।

ତା ପରେ କେତେ ପ୍ରଦର୍ଶନୀକୁ ଯାଇଛି, କେତେ ରାଜାଙ୍କର ଅତିଥି ହୋଇଛି । ଶୁଣିଛି, ମୋ ମୂଲ୍ୟ କୁଆଡ଼େ ଲକ୍ଷେଟଙ୍କା ଯାଏ ଯାଇଛି; କିନ୍ତୁ ସାହେବ ସାହେବାଣୀ କୌଣସି ମୂଲ୍ୟରେ ବି ମୋତେ ଛାଡ଼ିବାକୁ ରାଜି ନଥିଲେ । ମୋ ଖାତିର ଦିନକୁଦିନ ବଢ଼ିବାକୁ ଲାଗିଲା । ମୋତେ ପ୍ରତିଦିନ ଦୁଇଟି ଲୋକ ସଞ୍ଜେ ସକାଳେ ବୁଲାଇବାକୁ ନିଅନ୍ତି, ପ୍ରତିଦିନ ମୋତେ ନିୟମିତ ଗାଧୋଇ ଦିଆଯାଏ ଏବଂ ଖୁବ୍ ସୁଆଦିଆ ଓ ପୁଷ୍ଟିକର ଖାଦ୍ୟ ଦିଆଯାଏ । ମୁଁ ଆଉ ଏଣିକି ଏକୁଟିଆ କୁଆଡ଼େ ଯାଇପାରିଲି ନାହିଁ ।

କିନ୍ତୁ ଗୋଟିଏ କଥା, ଏଣିକି ଆଉ ସେ ମାନସମ୍ମାନ ମୋତେ ଖୁବ୍ ଅଡୁଆ ଲାଗିଲା । ମୋର ଏ ବଡ଼ପଣ ମୋତେ କଏଦୀ ଭଳି ଲାଗିଲା । ପୂର୍ବର ସେଇ ସ୍ୱାଧୀନତା ପାଇଁ ମନ ଛଟପଟ ହେଲା । ସେତେବେଳେ ମୁଁ ଚାରିଆଡ଼େ ମନଇଚ୍ଛା ବୁଲୁଥିଲି । ଲୋକେ କେମିତି କେଜାଣି ସାଧୁ ବନିଯାଇ ମାଗଣା ମିଳୁଥିବା ଧନକୁ ଉଡ଼ାଇ ଦିଅନ୍ତି; ମୋତେ ସେବା କରିବାର ଯେଉଁ ଆନନ୍ଦ ମିଳେ, ସେବା ପାଇବାରେ ସେ ଆନନ୍ଦ ମିଳେନାହିଁ । ଶହେଭାଗରୁ ଭାଗେ ବି ନୁହେଁ ।

Digitized by srujanika@gmail.com

ପୌଷ ରାତି

ଏକ

ହଲ୍‌କୁ ଆସି ତା ସ୍ତ୍ରୀକୁ କହିଲା, ''ସହନା ଆସିଛି । ଯାହା କିଛି ଟଙ୍କା ରଖିଛୁ ଆଣ । ତାକୁ ଦେଇଦେବି । କୌଣସି ପ୍ରକାରେ ଟିକିଏ ମୁକ୍ତି ମିଳିଯିବ ।''

ମୁନ୍ନି ଘର ଓଳଉଥିଲା । ପଛକୁ ବୁଲିପଡ଼ି କହିଲା, ''ତିନୋଟି ମାତ୍ର ଟଙ୍କା ଅଛି । ସେତକ ଯଦି ଦେଇଦେବ, ତେବେ କମ୍ବଳ ଆଣିବ କୋଉଠୁ ? ପୁଷ–ମାଘ ଦୁଇମାସ ବିଲରେ କେମିତି କଟାଇବ ? ତାକୁ କହିଦିଅ, ଫସଲ ଅମଳ ପରେ ଦେଇଦେବୁ । ଏବେ ନୁହେଁ ।''

ହଲ୍‌କୁ କିଛି ସମୟ ପାଇଁ କିଛି ଚିନ୍ତାକରି ପାରିଲାନାହିଁ । ମୁଣ୍ଡ ଉପରେ ପୁଷ । ସତକଥା, କମ୍ବଳ ବିନା ରାତିରେ ବିଲରେ ଶୋଇହେବ ନାହିଁ; ମାତ୍ର ସହନା କିଛି ମାନିବ ନାହିଁ । ଧମକ ଦେବ, ଗାଳିଗୁଲଜ କରିବ । ତେଣୁ ସେ ବରଂ ଶୀତରେ ମରିବ, ହେଲେ ବିପଦଟା ଟଳିଯାଉ । ଏଇକଥା ଭାବି ସେ ନିଜର ପୃଥୁଳ ଶରୀରକୁ ନେଇ (ଯାହା ତାର ନାମକୁ ଭୁଲ ପ୍ରମାଣିତ କରୁଥିଲା) ସ୍ତ୍ରୀ ନିକଟକୁ ଆସିଲା ଏବଂ ଖୁସାମତ କରି କହିଲା, ''ଆରେ ଦେ'ଦେ', ଏ ଜଞ୍ଜାଳ ତୁଟିଯାଉ । କମ୍ବଳ ପାଇଁ ବରଂ ଆଉ ଗୋଟାଏ କ'ଣ ବାଟ କରିବା ।''

ମୁନ୍ନି ତା ପାଖରୁ ଟିକିଏ ଦୂରକୁ ଘୁଞ୍ଚିଗଲା ଏବଂ ଆଖି ଛଳଛଳ କରି କହିଲା, ''ବାଟ କିଛି କରିଛ ? ଶୁଣେ ତ କି ବାଟ କରିଛ ? ତମକୁ କିଏ ଆସି କମ୍ବଳଟାଏ ଦାନକରି ଦେବ ? କେଜାଣି ଲୋ ମାଆ, ଆଉ କେତେ ଟଙ୍କା ବାକିଅଛି ଯେ ଯେତେ ଦେଲେ ବି ଆଜିଯାଏ ସୁଝା ପଡୁନାହିଁ । ମୁଁ କହୁଛି ତୁମେ ସେ ଚାଷ ଛାଡ଼ିଦେଉନ କାହିଁକି ? ମରିପଡ଼ି କାମ କର, ଅମଳବେଳକୁ କରଜ ସୁଝ । ଆମେ ଖାଲି କରଜ ସୁଝିବାକୁ ଜନ୍ମହୋଇଛୁ । ପେଟପାଇଁ ବରଂ କୋଉଠି ଯାଇ ମୂଲ ଖଟ । ଏଭଳି ଚାଷରୁ ଓହରିଆସ । ମୁଁ ଟଙ୍କା ଦେବିନାହିଁ, ଦେବିନାହିଁ ।''

Digitized by srujanika@gmail.com

Digitized by srujanika@gmail.com

ହଲ୍‌କୁ ବଡ଼ ଦୁଃଖରେ କହିଲା, ''ତା ହେଲେ କଅଣ ଗାଳି ଖାଇବି ?''

ମୁନ୍ନି ଖୁବ୍ ବିରକ୍ତ ହୋଇ କହିଲା, ''କାହିଁକି ଗାଳିଦେବ ? ଏ କ'ଣ ତାଙ୍କ ରାଜୁତି ?''

ମାତ୍ର ଏକଥା କହିଦେଇ ସେ ନରମି ଗଲା । ହଲ୍‌କୁର କଥାରେ ଯେଉଁ କଠୋର ସତ୍ୟ ଥିଲା, ଗୋଟିଏ ଭୟଙ୍କର ଜନ୍ତୁ ଭଳି ତାକୁ କଟମଟ କରି ଚାହୁଁଥିଲା । ସେ ଯାଇ କାନ୍ଥଠଣାରୁ ଟଙ୍କା ବାହାରକଲା ଏବଂ ତାକୁ ଆଣି ହଲ୍‌କୁର ହାତରେ ରଖିଦେଲା । କହିଲା, ''ମୁଁ କହୁଛି, ତୁମେ ସେ ଚାଷ ଛାଡ଼ିଦିଅ, ମଜୁରୀ ଲାଗିଲେ ତ ରୁଟିଖଣ୍ଡିଏ ଖାଇବାକୁ ଭଲରେ ମିଳିବ । କାହାର ତ ଆଉ ଆମ ଉପରେ ଧମକ ରହିବନାହିଁ । ଆଚ୍ଛା ଚାଷ ! ମୂଳ ମଜୁରୀ ଲାଗି ଆଣ । ତାକୁ ବି ପୁଣି ସେଇଥିରେ ଢାଳିଦିଅ । ତା ଉପରେ ପୁଣି ଜୁଲମ ।''

ହଲ୍‌କୁ ଟଙ୍କା ନେଇ ଏମିତି ଭାବରେ ବାହାରକୁ ଚାଲିଗଲା, ମନେହେଲା ଯେମିତି ସେ ନିଜର କଲିଜାକୁ ଫାଡ଼ିକରି ଦେବାକୁ ଯାଉଛି । ସେ ମଜୁରୀରୁ ଗୋଟିଏ ଗୋଟିଏ ପଇସା ସଞ୍ଚି ତିନୋଟି ଟଙ୍କା କମ୍ବଳ ପାଇଁ ଜମେଇଥିଲା । ସେତେକ ଆଜି ଚାଲିଗଲା ।

ଦାରିଦ୍ର୍ୟର ବୋଝରେ ତାର ପ୍ରତ୍ୟେକ ପାଦ ଯେମିତି ମାଟିରେ ଦବି ଯାଉଥିଲା ।

ଦୁଇ

ପୁଷମାସର ଅନ୍ଧାର ରାତି । ଆକାଶରେ ତାରାମାନେ ଯେମିତି ଶୀତରେ ଥୁରୁଥୁରୁ ହେଉଥାଆନ୍ତି । ହଲ୍‌କୁ ତା କ୍ଷେତପାଖରେ ଆଖୁପତରରେ ତିଆରି ଚାଳିଆଟିଏ ତଳେ ଗୋଟିଏ ବାଉଁଶ ଖଟିଆ ଉପରେ ତାର ସାଥୀ ଖଣ୍ଡିଏ ପୁରୁଣା ଚଦର ତଳେ ପଡ଼ି ଶୀତରେ କମ୍ପୁଥାଏ । ଖଟତଳେ ତାର ସାଙ୍ଗ କୁକୁର ଜବରା ପେଟ ପାଖରେ ମୁହଁ ଗୁଞ୍ଜି ଥଣ୍ଡାରେ କୁଁ-କୁଁ ହେଉଥାଏ । ଦୁଇଜଣଙ୍କ ମଧ୍ୟରୁ କାହାରି ଆଖିରେ ନିଦ ନ ଥାଏ ।

ହଲ୍‌କୁ ତାର ଆଣ୍ଠୁକୁ ବେକ ପାଖରେ ଜାକିଦେଇ କହିଲା, ''କିରେ ଜବରା, ଶୀତ ହେଉଛି ? ମୁଁ ତ କହୁଥିଲି, ଘରେ ନଡ଼ା ଉପରେ ଶୋଇଥା'; ଏଠିକି କ'ଣ ପାଇଁ ଆସିଲୁ ? ଏବେ ଖାଆ ଥଣ୍ଡା । ମୁଁ କ'ଣ କରିବି ? ତୁ ବୋଧେ ଭାବିଥିଲୁ ମୁଁ ଏଠିକି ହାଲୁଆ ପୁରି ଖାଇବାକୁ ଆସିଛି । ସେଇଥିପାଇଁ ଆଗେ ଆଗେ ଦୌଡ଼ିଲୁ । ଏବେ ନାମ ନେ' ।''

Digitized by srujanika@gmail.com

ଜବରା ସେଇଠି ପଡ଼ିରହି ଲାଞ୍ଜ ହଲାଇଲା ଓ ଆଉ ଟିକିଏ ଜୋରରେ କୁଁ-କୁଁ ହୋଇ, ହାଇମାରି ଚୁପ୍ ହୋଇଗଲା । ତାର କୁକୁର ବୁଦ୍ଧିରେ ସେ ବୋଧେ ଜାଣିପାରିଲା, ତା କୁଁ-କୁଁ ଶବ୍ଦରେ ମାଲିକକୁ ନିଦ ହେଉନାହିଁ ।

ହଲ୍କୁ ହାତ ବାହାରକରି ଜବରାର ଥଣ୍ଡା ପିଠିକୁ ଆଉଁସିଦେଇ କହିଲା, "କାଲିଠୁଁ ଆଉ ମୋ ସାଙ୍ଗରେ ଆସିବୁ ନାହିଁ । ନାହିଁତ ଥଣ୍ଡା ଧରିନେବ । ଏ ବଦମାସ ପଚ୍ଛିମା ପବନ କୋଉଠୁ କେଜାଣି ବରଫ ନେଇ ଆସୁଛି । ଯାଏଁ, ଆଉ ଥରେ ଚିଲମ ଭରେଁ । କୌଣସି ପ୍ରକାରେ ରାତିଟା କଟାଇବାକୁ ପଡ଼ିବ । ଆଠଥର ଚିଲମ ଟାଣିସାରିଲିଣି, ଏଇ ହେଉଛି ଚାଷର ଫଳ । ଏମିତି କେତେକ ଭାଗ୍ୟବାନ ଅଛନ୍ତି, ଯେଉଁମାନଙ୍କ ପାଖକୁ ଶୀତ ଯଦି ଯିବ, ଗରମ ସହି ନପାରି ଛାଟିପିଟି ହୋଇ ପଳାଇ ଆସିବ । ମୋଟାମୋଟା ଗଦି, ରେଜେଇ, କମ୍ବଳ ତାଙ୍କ ପାଖକୁ ଯିବାକୁ ଶୀତର ସାହସ ହେବ ? ସେମାନେ ହେଉଛନ୍ତି କପାଳିଆ । ଖଟିବୁ ଆମେ, ମଜା ନେବେ ସେମାନେ ।"

ହଲ୍କୁ ଉଠିଲା । ଗାତରୁ ଟିକିଏ ନିଆଁ ବାହାରକରି ଚିଲମରେ ଧରାଇଲା । ଜବରା ମଧ୍ୟ ଉଠି ବସିଲା । ହଲ୍କୁ ଚିଲମ ଟାଣୁଟାଣୁ କହିଲା, "ତୁ ଟିକେ ଚିଲମ ଟାଣିବୁ ? ଶୀତ ଯାଉ ନଯାଉ ମନ ଟିକିଏ ବଦଳିଯିବ ।"

ଜବରା ତା ମୁହଁକୁ ଖୁସିରେ ଉତ୍ସୁକତାର ସହ ଚାହିଁଲା ।

ହଲ୍କୁ, "ଆଜି କିଛି ଥଣ୍ଡା ଖାଇଥା' । କାଲିଠୁଁ ମୁଁ ଏଠି ନଡ଼ା ବିଛେଇ ଦେବି । ତୁ ତାଆରି ଭିତରେ ପଶିଯିବୁ, ତା ହେଲେ ଆଉ ଶୀତ ଲାଗିବନାହିଁ ।"

ଜବରା ନିଜର ଆଗ ପଞ୍ଝାକୁ ହଲ୍କୁର ଆଣ୍ଠୁ ଉପରେ ରଖିଦେଲା । ଏବେ ତା ମୁହଁ ପାଖକୁ ନିଜ ମୁହଁ ନେଇଗଲା । ତାର ଗରମ ନିଶ୍ୱାସ ହଲ୍କୁ ମୁହଁରେ ବାଜିଲା ।

ଚିଲମ ଟାଣି ହଲ୍କୁ ପୁଣି ଗଡ଼ପଡ଼ ହେଲା ଏବଂ ସ୍ଥିରକଲା, ଯାହା ପଛେ ହେଉ ସେ ଏବେ ଶୋଇଯିବ; ମାତ୍ର ନିମିଷେ ଯାଇନାହିଁ, ତା ଦେହ ଶୀତରେ କମ୍ପିବାକୁ ଲାଗିଲା । କେତେବେଳେ ଏ କଡ଼ ମୋଡ଼େ ପୁଣି କେତେବେଳେ ଆରକଡ଼; ହେଲେ ଶୀତଟା ଗୋଟାଏ ରାକ୍ଷସ ଭଳି ତା ଛାତିକୁ ମାଡ଼ିବସିଥାଏ ।

କୌଣସିମତେ ଯେତେବେଳେ ଆଉ ସମ୍ଭାଳି ହେଲାନାହିଁ ସେ ଜବରାକୁ ଧୀରେ ଉଠାଇ ଆଣିଲା ଏବଂ ତା ମୁଣ୍ଡରେ ହାତ ଥାପୁଡ଼େଇ ନିଜ କୋଳରେ ଶୁଆଇ ଦେଲା । କୁକୁର ଦେହରୁ ଦୁର୍ଗନ୍ଧ ବାହାରୁଥାଏ ; ତଥାପି ତାକୁ ନିଜ କୋଳରେ ଚାପିଧରି ଏମିତି ଆରାମ ଅନୁଭବକଲା ଯେ ଯେମିତି ମାସେହେଲା ତାକୁ ଏମିତି ସୁଖ ମିଳିନଥିଲା । ଜବରା ବୋଧେ ବୁଝୁଥିଲା ଯେ ସ୍ୱର୍ଗ ଏଇଠାରେ ଅଛି ଏବଂ

Digitized by srujanika@gmail.com

ହଲ୍କୁର ପବିତ୍ର ଆତ୍ମାରେ କୁକୁର ପ୍ରତି ଘୃଣାର ଗନ୍ଧ ନାହିଁ। ସେ ତାର କୌଣସି ଅନ୍ତରଙ୍ଗ ଭାଇ ବା ବନ୍ଧୁକୁ ଏତେ ନିବିଡ଼ତାର ସହ ଛାତିରେ ଲଗାଇ ନଥିବ। ସେ ନିଜ ଦାରିଦ୍ର୍ୟରେ ଏତେ ଆହତ ହୋଇନଥିଲା, ଯାହା ତାକୁ ଆଜି ଆଣି ଏଇ ଅବସ୍ଥାରେ ପହଞ୍ଚାଇଛି। ଏଇ ଅପୂର୍ବ ବନ୍ଧୁତା ଆଜି ଯେମିତି ତା ଆତ୍ମାର ସବୁ ଦ୍ୱାର ଖୋଲି ଦେଇଥିଲା ଏବଂ ତାର ପ୍ରତ୍ୟେକଟି କଣିକା ଆଲୋକରେ ଝଲମଲ କରୁଥିଲା।

ହଠାତ୍ ଜବରା କୌଣସି ଏକ ଜନ୍ତୁର ଶବ୍ଦ ବାରିପାରିଲା। ଆଜିର ଏଇ ବିଶେଷ ଆତ୍ମୀୟତା ତା'ଠାରେ ଗୋଟିଏ ନୂଆ ସ୍ଫୁର୍ତ୍ତି ସୃଷ୍ଟିକରିଥିଲା, ଯାହା ଶୀତକୁ ତୁଚ୍ଛ ମନେକରୁଥିଲା। ସେ ଧଡ଼ପଡ଼ ଉଠିପଡ଼ିଲା ଏବଂ ଚାଳିଆ ବାହାରକୁ ଆସି ଭୁକିବାକୁ ଲାଗିଲା। ହଲ୍କୁ ତାକୁ କେତେଥର ଚୁ-ଚୁ କରି ଡାକିଲା; ମାତ୍ର ସେ ଆସିଲାନାହିଁ। କ୍ଷେତ ଚାରିପାଖରେ ଦୌଡ଼ିଦୌଡ଼ି ଭୁକିଲା। ଟିକିଏ ପାଖକୁ ଆସିଯାଏ ତ ପୁଣି ଦୌଡ଼ିଯାଏ। କର୍ତ୍ତବ୍ୟବୋଧ ତା ହୃଦୟରେ ଉଚ୍ଛୁଳି ଉଠୁଥିଲା।

ତିନି

ଏମିତି ଘଣ୍ଟାଏକାଳ ଚାଲିଗଲା। ରାତିର କୋହଲା ପବନ ଶୀତକୁ ଆହୁରି ବଢ଼ାଇ ଦେଉଥାଏ। ହଲ୍କୁ ଉଠି ବସିଲା ଏବଂ ଦୁଇଆଣ୍ଠୁକୁ ଛାତିରେ ଜାକିଦେଇ ତା ଭିତରେ ମୁଣ୍ଡକୁ ଗୁଞ୍ଜିଦେଲା; ତଥାପି ଥଣ୍ଡା କମିଲାନାହିଁ। ଜଣାପଡୁଥିଲା ସବୁଯାକ ରକ୍ତ ଯେମିତି ଜମାଟ ବାନ୍ଧିଯାଇଛି। ଧମନୀରେ ରକ୍ତ ବଦଳରେ ଯେମିତି ବରଫ ବହୁଛି। ସେ ମୁଣ୍ଡ ଟେକି ଆକାଶକୁ ଚାହିଁଲା। ଏବେ ବହୁତ ରାତି ଅଛି। ଏ ଯାଏ ସପ୍ତର୍ଷି ଆକାଶରେ ଅଧା ବି ଉଠିନାହିଁ। ଉପରକୁ ଆସିଗଲେ ରାତି ପାହିବ। ଆଉ ପ୍ରାୟ ପ୍ରହରକ ଉପରେ ରାତି ବାକି ଅଛି।

ହଲ୍କୁର କ୍ଷେତଠାରୁ ଡାକେ ବାଟରେ ଗୋଟିଏ ଆମ୍ବବଗିଚା ଥିଲା। ପତ୍ରଝଡ଼ା ଆରମ୍ଭ ହୋଇଯାଇଥିଲା। ବଗିଚାରେ ଢେର ଶୁଖିଲା ପତ୍ର ଜମାହୋଇଥିଲା। ହଲ୍କୁ ଭାବିଲା, ଯାଇକରି ପତ୍ର ଗୋଟାଇବ ଏବଂ ତାକୁ ଜାଳି ନିଆଁ ପୁଇଁବ। ରାତିରେ ସେ ପତର ଗୋଟାଉଥିବାର କିଏ ଦେଖିଲେ ଭାବିବ ଭୂତ। କିଏ ଜାଣେ, କୌଣସି ଜନ୍ତୁ ଯଦି ଲୁଚି ବସିଥିବ; ମାତ୍ର ଏବେ ତ ସେମିତି ବସିହେଉ ନାହିଁ।

ସେ ପାଖରେଥିବା ହରଡ଼ କିଆରିକୁ ଯାଇ କେତୋଟି ଗଛ ଉପାଡ଼ି ଆଣିଲା ଏବଂ ସେଥିରେ ଗୋଟିଏ ଝାଡୁ ତିଆରିକରି ଏବଂ ହାତରେ ଗୋଟିଏ ଜଳନ୍ତା

Digitized by srujanika@gmail.com

ନିଆଁନୁଣ୍ଡା ଧରି ବଗିଚାଆଡ଼େ ଚାଲିଲା । ଝବରା ତାକୁ ଆସୁଥିବାର ଦେଖି ପାଖକୁ ଆସିଲା ଏବଂ ଲାଞ୍ଜ ହଲାଇଲା ।

ହଲ୍‌କୁ କହିଲା, "ଆଉ ତ ସମ୍ଭାଳି ହେଉନାହିଁରେ ଝବରୁ । ଚାଲ୍ ବଗିଚାରୁ ପତର ଗୋଟାଇ ଜାଳିବା । ଦେହ ଟିକିଏ ଉଷୁମ ହୋଇଗଲେ ପୁଣି ଆସି ଶୋଇବା । ଏବେ ତ ଅନେକ ରାତି ଅଛି ।"

ଝବରା ଖାଲି କୁଁ-କୁଁ କରି ନିଜର ସମ୍ମତି ପ୍ରକାଶକଲା । ସେ ଆଗେଆଗେ ବଗିଚାଆଡ଼େ ଚାଲିଲା ।

ବଗିଚାରେ ଗାଢ଼ ଅନ୍ଧାର ଛାଇଯାଇଥାଏ । ସେଇ ଅନ୍ଧାରରେ ନିଷ୍ଠୁର ପବନ ପତ୍ରଗୁଡ଼ାକୁ ଦଳିଚକଟି ମାଡ଼ିଆସୁଥାଏ । ଗଛରୁ ବୁନ୍ଦାବୁନ୍ଦା ହୋଇ କାକର ତଳେ ଝରିପଡୁଥାଏ ।

ହଠାତ୍ ଝଲକାଏ ମେହେନ୍ଦି ଫୁଲର ବାସ୍ନା ଭାସିଆସିଲା ।

ହଲ୍‌କୁ କହିଲା, "କେଡ଼େ ବଢ଼ିଆ ବାସ୍ନା ଆସୁଛି ଝବରୁ । ତୋ ନାକରେ ବି ବାଜୁଥିବ ।"

ଝବରାକୁ ତଳେ ପଡ଼ିଥିବା ଖଣ୍ଡିଏ ହାଡ଼ ମିଳିଯାଇଥିଲା । ସେ ତାକୁ ରେକଟୁଥିଲା ।

ହଲ୍‌କୁ ମାଟି ଉପରେ ନିଆଁନୁଣ୍ଡାଟା ରଖିଦେଲା ଏବଂ ଶୁଖିଲାପତ୍ର ଗୋଟାଇବାରେ ଲାଗିଗଲା । ଅଳ୍ପ ସମୟ ମଧ୍ୟରେ ଢେର କିଛି ପତର ଗଦେଇ ଦେଲା । ହାତ ଥରି ଯାଉଥାଏ । ଖୋଲା ପାଦ ଦିଇଟା ପାଣି ହୋଇଯାଉଥାଏ । ତାହାରି ଭିତରେ ସେ ପାହାଡ଼ ଭଳି ପତର ଜମାଉଥାଏ । ଏଇ ଅଗିରେ ସେ ଶୀତକୁ ଜାଳି ଭସ୍ମ କରିଦେବ ।

କିଛି ସମୟ ପରେ ଅଗି ଜଳିଉଠିଲା । ଗଛ ଉପରେ ଥିବା ପତ୍ରଗୁଡ଼ିକୁ ତାର ଧାସ ଛୁଇଁକରି ଚାଲିଗଲା । ସେଇ ଲହଲହ ଆଲୁଅରେ ବଗିଚାର ବଡ଼ବଡ଼ ଗଛସବୁ ଏମିତି ଦେଖାଯାଉଥାଆନ୍ତି, ସତେ ଯେମିତି ସେମାନେ ବଗିଚାର ଗଭୀର ଅନ୍ଧକାରକୁ ନେଇ ମୁଣ୍ଡ ଉପରେ ରଖି ଦେଇଥାଆନ୍ତି । ଅନ୍ଧକାରର ସେଇ ସୀମାହୀନ ସାଗର ମଧ୍ୟରେ ଏଇ ଆଲୋକ ଯେମିତି ଗୋଟିଏ ଡଙ୍ଗା ଭଳି ଦୋହଲୁଥିଲା, ଦଳିହୋଇ ଯାଉଥିଲା ।

ହଲ୍‌କୁ ଅଗି ପାଖରେ ବସି ନିଆଁ ପୋଉଥିଲା । କିଛି ସମୟ ପରେ ସେ ଦେହରୁ ଚଦରଟା ଖୋଲିଦେଇ ଗୋଟିଏ କଡ଼ରେ ରଖିଦେଲା । ତା ପରେ ଦି'ଗୋଡ଼କୁ ଲମ୍ୱାଇଦେଲା । ସତେ ଯେମିତି ସେ ଶୀତକୁ ଆହ୍ୱାନକରି କହୁଛି, "ଆ', ଏବେ କ'ଣ କରୁଛୁ କର ।" ଶୀତର ଅସୀମ ଶକ୍ତି ଉପରେ ବିଜୟଲାଭ କରି, ନିଜର ଗର୍ବ ସେ ମନଭିତରେ ଲୁଚାଇରଖି ପାରୁନଥିଲା ।

Digitized by srujanika@gmail.com

ସେ ଜବରାକୁ ପଚାରିଲା, "କିରେ ଜବରା, ଆଉ ଶୀତ କରୁଛି ?"

ଜବରା କୁଁ-କୁଁ କରି ସତେ ଯେମିତି କହିଲା, "ଆଉ କାଇଁକି ଶୀତ କରିବ ?"

ପ୍ରଥମରୁ ଯଦି ଏ ବୁଦ୍ଧିଟା ଢୁକିଥାଆନ୍ତା, ତେବେ ଏତେ ଥଣ୍ଡା କାହିଁକି ଭୋଗିଥାଆନ୍ତେ ?"

ଜବରା ଖାଲି ଲାଞ୍ଜ ହଲାଇଲା ।

"ଆଚ୍ଛା ଆସିଲୁ, ଏ ଅଗିକୁ ଡେଇଁ ସେ ପଟକୁ ଯିବା । ଦେଖିବା କିଏ ପାରିବ ? ପୋଡ଼ିହୋଇଯିବୁ ତ ପିଲା, ମୁଁ ଦାୟୀ ହେବିନାହିଁ ।"

ଜବରା ସେଇ ନିଆଁକୁ ଖାଲି କାତର ଆଖିରେ ଚାହିଁ ରହିଲା ।

"ମୁନିକୁ କାଲି ଏକଥା କହିବୁ ନାହିଁ । ସେ ଜାଣିଲେ ଲଢ଼େଇ କରିବ ।"

ଏଇଆ କହି ହଲ୍କୁ ଉଠିଲା ଏବଂ ଅଗିକୁ ଡେଇଁ ଖୁସିରେ ପାର ହୋଇଗଲା । ପାଦରେ ଖାଲି ଟିକିଏ ଯାହା ଧାସ ବାଜିଗଲା; ହେଲେ ସେ କିଛି ନୁହେଁ । ଜବରା ନିଆଁ ଚାରିପାଖରେ ଘୂରି ଆସି ତା ପାଖରେ ଠିଆ ହୋଇଗଲା ।

ହଲ୍କୁ କହିଲା, "ଯା, ଯା, ଇଏ ଠିକ୍ ହେଲାନାହିଁ । ନିଆଁ ଉପରେ ଡେଇଁକରି ଆ ।" ସେ ନିଜେ ପୁଣି ଥରେ କୁଦାମାରି ଏ ପାଖରୁ ସେ ପାଖକୁ ଡେଇଁଗଲା ।

ଚାରି

ପତର ସବୁ ଜଳିଯାଇଥିଲା । ବଗିଚାରେ ପୁଣି ଅନ୍ଧାର ଘୋଟିଗଲା । ପାଉଁଶ ତଳେ ଟିକିଏ ଟିକିଏ ନିଆଁ ଜୁକୁଜୁକୁ ହେଉଥାଏ । ପବନ ବାଜିଲେ ତାହା ଜଳିଉଠୁଥାଏ, ପୁଣି ଲିଭିଯାଉଥାଏ ।

ହଲ୍କୁ ପୁଣି ଚଦର ଘୋଡ଼ିହେଲା ଏବଂ ସେଇ ଉଷୁମ ପାଉଁଶ ପାଖରେ ବସି ଗୁଣୁଗୁଣୁ କରି ଗୀତ ଗାଇବାକୁ ଲାଗିଲା । ତା ଦେହ ଉଷୁମ ହୋଇଯାଇଥିଲା; ହେଲେ ଥଣ୍ଡା ବଢ଼ିବା ସଙ୍ଗେସଙ୍ଗେ ତାକୁ ଆଳସ୍ୟ ମାଡ଼ିବସୁଥିଲା ।

ଜବରା ଜୋରରେ ଭୁକିଭୁକି କ୍ଷେତଆଡ଼କୁ ଦୌଡ଼ିଲା । ହଲ୍କୁକୁ ଜଣାଗଲା ଜନ୍ତୁଦଳେ କିଆରିରେ ପଶିଛନ୍ତି । ବୋଧହୁଏ ଦଳେ ନୀଳଗାଈ ହେବେ । ତାଙ୍କ ଚଲାବୁଲା ଦୌଡ଼ା-ଦୌଡ଼ି ଶବ୍ଦ ପରିଷ୍କାର କାନରେ ବାଜୁଥାଏ । ଏମିତି ବି ଜଣାପଡୁଥାଏ ସେମାନେ ଯେମିତି କିଆରି ଭିତରେ ପଶି ଚରୁଛନ୍ତି । ତାଙ୍କ ଚରିବାର 'ଚର୍-ଚର୍' ଶବ୍ଦ ଶୁଭୁଥାଏ । ସେ ମନେମନେ କହିଲା, "ନାଇଁମ, ଜବରା ଥିଲେ

Digitized by srujanika@gmail.com

କୌଣସି ଜନ୍ତୁ କ୍ଷେତରେ ପଶିପାରିବ ନାହିଁ । ସେ ଦେଖିଲେ ଭିଣିଦେବ । ମୁଁ ବୋଧେ ଭୁଲ୍ ଶୁଣୁଛି । କାଇଁ ! ଏବେ ତ ଆଉ କିଛି ଶୁଭୁନାହିଁ । ମୁଁ ଗୋଟାଏ ଭ୍ରମରେ ପଡ଼ିଯାଇଛି ।''

ସେ ଜୋରରେ ପାଟିକଲା । ଜବରା ସେମିତି ଭୁକୁଥାଏ । ତା ପାଖକୁ ଆସିଲା ନାହିଁ ।

ପୁଣି କ୍ଷେତରେ ଚର୍-ଚର୍ ଶବ୍ଦ । ସେ ନିଜକୁ ଆଉ ଠକିବାକୁ ଚାହିଁଲା ନାହିଁ । ବସିବା ଜାଗାରୁ ଟିକିଏ ହଲିବା ତାକୁ ବିଷଭଳି ଲାଗୁଥାଏ । କେତେ଼ ଆରାମରେ ଟିକିଏ ବସିଥିଲା । ଏଭଳି ଶୀତ କାକରରେ ବିଲକୁ ଯିବା, ପୁଣି ଜନ୍ତୁଙ୍କ ପଛରେ ଧାଇଁବା ଅସହ୍ୟ ମନେହେଉଥାଏ । ସେ ନିଜ ଜାଗାରୁ ଟଳିଲାନାହିଁ ।

ସେ ପୁଣି ଥରେ ଜୋରରେ ପାଟି ଶୁଣାଇଲା, ''ହାସ୍-ହାସ୍-ହାସ୍ ।''

ଜବରା ପୁଣି ଭୁକିଉଠିଲା । ଜନ୍ତୁମାନେ ଫସଲ ଚରିଯାଉଥାଆନ୍ତି । ଫସଲ ପାଚିଯାଇଥିଲା । କେତେ ବଢ଼ିଆ ହୋଇଥିଲା; ହେଲେ ଏଇ ବଦମାସ ଜନ୍ତୁ ସେ ସବୁ ନଷ୍ଟଭ୍ରଷ୍ଟ କରି ଦେଉଥିଲେ ।

ହଲ୍କୁ ଦୃଢ଼ ନିଷ୍ପତ୍ତିକରି ଉଠିଲା ଏବଂ ଦି'ତିନି କଦମ ଚାଲିଲା; ମାତ୍ର ହଠାତ୍ ଏଭଳି ଝଙ୍କାଏ ଥଣ୍ଡା ପବନ ତା ଦେହରେ ଭେଦିଗଲା ଯେ ତାକୁ ବିଛା କାମୁଡ଼ିଦେଲା ଭଳି ଲାଗିଲା । ସେ ଫେରିଆସି ଲିଭିଯାଇଥିବା ନିଆଁ ପାଖରେ ପୁଣି ବସିପଡ଼ିଲା । ପାଉଁଶକୁ କେଞ୍ଚାକେଞ୍ଚି କରି ନିଜର କାଲୁଆ ଦେହକୁ ଉଷୁମେଇବାକୁ ଲାଗିଲା ।

ଜବରା ତେଣେ ତଣ୍ଟି ଫଟାଇ ରଡ଼ୁଥାଏ । ନୀଳଗାଈମାନେ କ୍ଷେତକୁ ସଫା କରି ଯାଉଥାଆନ୍ତି । ଏଣେ ହଲ୍କୁ ଉଷୁମ ପାଉଁଶ ପାଖରେ ଆରାମରେ ବସିରହିଥାଏ । କୋଡ଼ିଆପଣ ତାକୁ ଦଉଡ଼ି ଭଳି ଚାରିଆଡ଼ୁ ବାନ୍ଧି ଦେଇଥାଏ ।

ସେଇ ପାଉଁଶ ପାଖରେ ଉଷୁମ ମାଟିରେ ସେ ଚଦର ଘୋଡ଼େଇ ଶୋଇଗଲା । ସକାଳକୁ ତା ନିଦ ଭାଙ୍ଗିବାବେଳକୁ ଚାରିଆଡ଼େ ଖରା ପଡ଼ିଯାଇଥିଲା ଏବଂ ମୁନ୍ନି ଆସି କହୁଥିଲା, ''ଆଜି କ'ଣ ଶୋଇଥିବ କି ? ତମେ ଆସି ଏଠାରେ ଆରାମରେ ଶୋଇଛ, ତେଣେ ସାରା କ୍ଷେତ ସଫା ।''

ହଲ୍କୁ ଉଠିକରି କହିଲା, ''ତୁ କ'ଣ କ୍ଷେତବାଟେ ଆସିଲୁ କି ?''

ମୁନ୍ନି କହିଲା, ''ହାୟ ହାୟ, ସାରା କ୍ଷେତ ସର୍ବନାଶ ହୋଇଗଲା । ଏମିତି କିଏ ଭଲା ଶୁଏ ? ଏଠି ଆଉ ଚାଳିଆ ତିଆରି କରିବାରେ କି ଲାଭ ହେଲା ?''

ହଲ୍କୁ ଗୋଟାଏ ବାହାନା କରି କହିଲା, ''ମୁଁ ପଛକେ ଏଣେ ମରୁମରୁ

Digitized by srujanika@gmail.com

ବଞ୍ଚିଗଲି, ତୋର ତେଣେ କ୍ଷେତକଥା ପଡ଼ିଛି । ପେଟଟା କାଲି ଏତେ କଷ୍ଟ ଦେଲା ଯେ, ସେ କଷ୍ଟ ମୁଁ କେବଳ ଜାଣେ ।''

ଦୁହେଁ କ୍ଷେତଆଡ଼େ ଚାଲିଲେ । ଦେଖିଲେ, ସାରା କିଆରିଟା ଛାରଖାର ହୋଇଯାଇଛି, ଜବରା ଚାଳିଆ ତଳେ ଚିତ୍‌ହୋଇ ପଡ଼ିଛି, ତା ଦେହରେ ଜୀବନ ନାହିଁ ।

ଦୁହେଁ କ୍ଷେତର ଅବସ୍ଥା ଦେଖୁଥିଲେ । ମୁନ୍ନି ମୁହଁରେ ଦୁଃଖର ଛାୟା; କିନ୍ତୁ ହଲ୍‌କୁ ଖୁସି ଥିଲା ।

ମୁନ୍ନି ଚିନ୍ତିତ ହୋଇ କହିଲା, ''ଏବେ ମଜୁରୀ ଲାଗି କରଜ ସୁଝିବାକୁ ପଡ଼ିବ ।''

ହଲ୍‌କୁ ଖୁସି ମୁହଁରେ କହିଲା, ''ହଉ, ରାତିରେ ତ ଆଉ ଥଣ୍ଡା କାକରରେ ଏଠାରେ ପଡ଼ିବାକୁ ହେବନାହିଁ ।''



Digitized by srujanika@gmail.com

ନିମକ ଦାରୋଗା

ଏକ

ଯେତେବେଳେ ନୂଆକରି ଲବଣ ବିଭାଗ ଖୋଲିଲା ଏବଂ ଈଶ୍ୱରଦତ୍ତ ଜିନିଷଟିକୁ ବ୍ୟବହାର କରିବା ନିଷିଦ୍ଧ* ହୋଇଗଲା, ଲୋକେ ଲୁଚାଛପାରେ ଏହାର ବେପାର କରିବାକୁ ଲାଗିଲେ । ଏହା ଫଳରେ ଅନେକ ପ୍ରକାରର ଜାଲିଆତିର ସୂତ୍ରପାତ ହେଲା । କେହି ଲାଞ୍ଚ ଦେଇ କାମ ହାସଲକଲା ତ କେହି ନିଜର ଚତୁରତାରେ । ଅଫିସରମାନଙ୍କର ପୁଅ-ବାଆର ହୋଇଗଲା । ସମ୍ମାନଜନକ ଅମଲା ଚାକିରି ଛାଡ଼ି ଲୋକେ ଏଇ ବିଭାଗରେ ଚୌକିଦାରୀ କାମ କଲେ । ଏଭଳିକି ଦାରୋଗା ଚାକିରି ପାଇଁ ଓକିଲମାନଙ୍କର ମଧ ପାଟିରୁ ଲାଳ ଗଡ଼ିଲା । ଏ ହେଉଛି ସେଇ ସମୟର କଥା ଯେତେବେଳେ ଇଂରାଜୀପାଠ ଓ ଖ୍ରୀଷ୍ଟଧର୍ମକୁ ଲୋକେ ଗୋଟିଏ ବୋଲି ଭାବୁଥିଲେ । ପାର୍ସୀ ଭାଷାର ସେତେବେଳେ ପ୍ରାଧାନ୍ୟ ଥିଲା । ପ୍ରେମକଥା ଓ ଶୃଙ୍ଗାର ରସାତ୍ମକ କାବ୍ୟ ପଢ଼ି ପାରସୀ ପଣ୍ଡିତମାନେ ସର୍ବୋଚ୍ଚ ପଦରେ ନିଯୁକ୍ତ ହୋଇଯାଉଥିଲେ । ମୁନ୍‌ସୀ ବଂଶୀଧର ମଧ ଜୁଲେଖା[1] ଙ୍କ ବିରହକଥା ଶେଷକରି ସୀରୀ ଏବଂ ଫରହାଦ୍[2] ଙ୍କ ପ୍ରେମ ବୃତ୍ତାନ୍ତକୁ ନଳ-ନୀଳ ଲଢ଼େଇ ଏବଂ ଆମେରିକା ଆବିଷ୍କାରଠାରୁ ଅଧିକ ମହତ୍ୱପୂର୍ଣ୍ଣ ବୋଲି ଭାବି ରୋଜଗାର ଅନ୍ୱେଷଣରେ ବାହାରିଲେ । ତାଙ୍କ ବାପା ଜଣେ ଅଭିଜ୍ଞ ମଣିଷ ଥିଲେ । ସେ ବୁଝାଇଲେ, ''ପୁଅ, ଘରର ଅବସ୍ଥା ତ ଦେଖୁଛୁ, ଋଣ ବୋଝରେ ଆମେ ବୁଡ଼ିଯାଇଥାଏଁ । ଝିଅଗୁଡ଼ାଏ ଅଛନ୍ତି, ସେମାନେ ବଢ଼ିଲାଗଛ ଭଳି କୁଆଡ଼େ ବଢ଼ିଯାଉଛନ୍ତି । ମୁଁ ନଈ-ଅତଡ଼ିର ଗଛଭଳି ଠିଆ ହୋଇଛି । କେତେବେଳେ ଟଳିପଡ଼ିବି, କହିହେବ ନାହିଁ । ତେଣିକି ତୁ ହେବୁ ଘରର

---

* ଏହା ହେଉଛି ସେଇ ସମୟର କାହାଣୀ, ଯେତେବେଳେ ଭାରତରେ ଇଂରେଜ ଶାସନ ଚାଲିଥିଲା ଏବଂ ସେମାନେ ଲୁଣ ଅମଳ ଉପରେ କଟକଣା ଜାରି କରିଦେଇଥିଲେ । ସେଇ ଲବଣ ଆଇନକୁ ଭାଙ୍ଗିବା ନିମନ୍ତେ ମହାତ୍ମାଗାନ୍ଧି ସୁପ୍ରସିଦ୍ଧ ଦାଣ୍ଡିଯାତ୍ରା 1930 ମସିହା ମାର୍ଚ୍ଚ 12 ତାରିଖରେ ଆରମ୍ଭ କରିଥିଲେ ।

1. ଗୋଟିଏ ଉର୍ଦ୍ଦୁ ଉପନ୍ୟାସର ନାୟିକା । 2. ଗୋଟିଏ ପଞ୍ଜାବୀ ଲୋକକଥାର ଲୋକପ୍ରିୟ ଚରିତ୍ର ।

Digitized by srujanika@gmail.com

Digitized by srujanika@gmail.com

ମାଲିକ, ମୁରବି । ଚାକିରିରେ ପଦପଦବୀ ଉପରେ ମୋଟେ ଗୁରୁତ୍ୱ ଦେବୁନାହିଁ । ଏ ହେଉଛି ମହାପୁରୁଷଙ୍କ କବର ଭଳି । ଏହାର ଖାଲି ରକ୍ଷଣାବେକ୍ଷଣ କରିବୁ, ଏହା ଉପରେ ଚଦର ଚଢ଼େଇବୁ । ଏମିତି ଚାକିରି ଖୋଜିବୁ ଯେଉଁଥିରେ ଦି'ପଇସା ଉପୁରି ଆୟ ଥିବ । ମାସିକିଆ ଦରମା ତ ପୁନେଇଁ ଚାନ୍ଦ ଭଳି, ଯିଏ ମାସରେ ଥରେ ଦେଖାଦିଏ ଏବଂ ତା ପରେ ଛିଣ୍ଡିଛିଣ୍ଡି କୁଆଡ଼େ ଅଦୃଶ୍ୟ ହୋଇଯାଏ । ଉପୁରି ଆୟ ହେଉଛି ବହିଆସୁଥିବା ସୁଅ ଭଳି, ଯେଉଁଥିରେ ସବୁଦିନେ ଶୋଷ ମେଣ୍ଟେ । ଦରମା ମଣିଷ ଦିଏ; ସେଥିରେ କିଛି ଉନ୍ନତି ହୁଏନାହିଁ । ଉପୁରି ଆୟ ଭଗବାନ ଦିଅନ୍ତି । ସେଇଥିରେ ହିଁ ତାର ଉନ୍ନତି ହୁଏ । ତୁ ନିଜେ ହେଉଛୁ ବିଦ୍ୱାନ, ତୋତେ କ'ଣ ବୁଝାଇବି ? ଏ ବିଷୟରେ ଢେର ଅକଲ ଦରକାର । ମଣିଷକୁ ଦେଖ୍, ତାର ଆବଶ୍ୟକତାକୁ ଦେଖ୍ ଏବଂ ସୁଯୋଗକୁ ଦେଖ୍ । ତା ପରେ ଯାହା ଠିକ୍ ଭାବିବୁ, କର । ଗରଜଥିବା ଲୋକ ସହିତ କଠୋର ବ୍ୟବହାର କଲେ ଲାଭ ହିଁ ଲାଭ; ହେଲେ ଗରଜ ନଥିବା ଲୋକକୁ ନିଜ କବ୍‌ଜାରେ ପକାଇବା କଷ୍ଟ । ଏଇ କଥାକୁ ହେତୁ ରଖିବା ଉଚିତ । ଏ ହେଉଛି ମୋର ସାରା ଜୀବନର ଅନୁଭୂତି ।''

ଦୁଇ

ଶୀତଦିନ, ରାତି ସମୟ । ନିମକ ସିପାହୀ, ଚୌକିଦାର ନିଶାରେ ଚୁର ଥିଲେ । ମୁନ୍‌ସୀ ବଂଶୀଧର ଏଠାକୁ ଆସିବା ମୋଟେ ଛ' ମାସରୁ ଅଧିକ ହେବନାହିଁ ; କିନ୍ତୁ ଏଇ ଅଳ୍ପଦିନ ମଧ୍ୟରେ ସେ ନିଜର କାର୍ଯ୍ୟଦକ୍ଷତା ଓ ଉତ୍ତମ ଆଚରଣ ବଳରେ ଅଫିସରମାନଙ୍କୁ ଖୁସିକରି ଦେଇଥିଲେ । ଅଫିସରମାନଙ୍କର ତାଙ୍କ ଉପରେ ଅଗାଧ ବିଶ୍ୱାସ । ନିମକି ଦପ୍ତରଠାରୁ ମାଇଲିଏ ପୂର୍ବରେ ଯମୁନା ନଦୀ ବହିଯାଉଛି । ସେଠାରେ ଡଙ୍ଗା ସାହାଯ୍ୟରେ ଗୋଟିଏ ପୋଲ ତିଆରି କରାଯାଇଛି । ଦାରୋଗା ସାହେବ କବାଟ ବନ୍ଦକରି ଆରାମ ନିଦରେ ଶୋଇଯାଇଥିଲେ । ଅକସ୍ମାତ ନିଦ ଭାଙ୍ଗିଯିବାରୁ ନଈକୂଳରେ ଗାଡ଼ିମାନଙ୍କର ଘଡ଼ଘଡ଼ ଶବ୍ଦ ଏବଂ ନାଉରିଆମାନଙ୍କର କୋଳାହଳ ଶୁଣାଗଲା । ସେ ଉଠିକରି ବସିଲେ । ଏତେ ରାତିରେ କାହିଁକି ଗାଡ଼ି ନଦୀ ପାର ହେଉଛନ୍ତି ? କିଛି ଗୋଟାଏ ଗୋଳମାଳ ହୋଇଛି ନିଶ୍ଚୟ । ଏଇ ପ୍ରଶ୍ନ ତାଙ୍କ ମନକୁ ଆନ୍ଦୋଳିତ କଲା । ସେ ପୋଷାକ ପିନ୍ଧିଲେ, ପକେଟରେ ପିସ୍ତଲ ଭର୍ତ୍ତିକଲେ ଏବଂ ମୁହୂର୍ତ୍ତକ ମଧ୍ୟରେ ଘୋଡ଼ା ଦୌଡ଼ାଇ ପୋଲ ଉପରେ ଯାଇ ପହଞ୍ଚିଗଲେ । ସେ ଦେଖିଲେ ଏକ ଲମ୍ବା ଧାଡ଼ି ଗାଡ଼ି ପୋଲ ପାରିହୋଇ ଯାଉଛି । ଧମକ ଦେଇ ପଚାରିଲେ, ''ଏ ସବୁ କାହାର ଗାଡ଼ି ?''

କିଛି ସମୟ ପାଇଁ ଚୁପ୍‌ଚାପ୍ । ଲୋକମାନେ ନିଜନିଜ ଭିତରେ ଫୁସଫାସ ହେଲେ । ସାମନାରେ ଥିବା ଲୋକଟି କହିଲା, ''ପଣ୍ଡିତ ଅଲୋପିଦିନଙ୍କର ।''

''କୋଉ ଅଲୋପିଦିନ ?''

Digitized by srujanika@gmail.com

''ଦାତାଗଞ୍ଜର ।''

ମୁନ୍‌ସୀ ବଂଶୀଧର ଚମକି ପଡ଼ିଲେ । ପଣ୍ଡିତ ଅଲୋପିଦିନ ହେଉଛନ୍ତି ସେ ଅଞ୍ଚଳର ସବୁଠାରୁ ପ୍ରତିଷ୍ଠିତ ଜମିଦାର । ଲକ୍ଷଲକ୍ଷ ଟଙ୍କା ନେଣଦେଣ କରନ୍ତି । ଏ ଅଞ୍ଚଳରେ ଛୋଟରୁ ବଡ଼ ପର୍ଯ୍ୟନ୍ତ ଏମିତି କିଏ ଅଛି, ଯିଏ ତାଙ୍କ ପାଖରେ ଋଣୀ ନୁହେଁ ? ଖୁବ୍ ଲମ୍ବାଚୌଡ଼ା ବେପାର । ଖୁବ୍ ଚାଲାକ ଚତୁର ଲୋକ ଥିଲେ ସିଏ । ଇଂରେଜ ଅଫିସରମାନେ ତାଙ୍କ ଇଲାକାକୁ ଶିକାର କରିବାକୁ ଆସିଲେ ତାଙ୍କରି ଘରେ ଅତିଥି ହୁଅନ୍ତି । ବରଷକ ବାରମାସ ସଦାବ୍ରତ ଚାଲିଥାଏ । ମୁନ୍‌ସୀ ପଚାରିଲେ, ''ଗାଡ଼ିସବୁ କୁଆଡ଼େ ଯିବ ?''

ଉତ୍ତର ମିଳିଲା, ''କାନପୁର ।''

'ଏଥିରେ ସବୁ କଅଣ ଅଛି' ବୋଲି ପଚାରିବାରୁ ସମସ୍ତେ ଚୁପ୍‌ଚାପ୍ । ଦାରୋଗା ସାହେବଙ୍କର ସନ୍ଦେହ ଆହୁରି ଘନୀଭୂତ ହେଲା । କିଛି ସମୟ ପର୍ଯ୍ୟନ୍ତ ଜବାବକୁ ଅପେକ୍ଷାକରି ସେ କଡ଼ା ସ୍ୱରରେ କହିଲେ, ''କ'ଣ ସବୁ ମୂକ ହୋଇଗଲ ଯେ ? ମୁଁ ପଚାରୁଛି, ଏଥିରେ ସବୁ କ'ଣ ଲଦାହୋଇଛି ?''

ଏହାର ମଧ୍ୟ ଯେତେବେଳେ କୌଣସି ଉତ୍ତର ମିଳିଲା ନାହିଁ, ସେ ଘୋଡ଼ାକୁ ଗାଡ଼ିପାଖକୁ ନେଇଯାଇ ଗୋଟିଏ ବସ୍ତାକୁ ତଲାଶ କଲେ । ତାଙ୍କ ସନ୍ଦେହ ଦୂର ହୋଇଗଲା । ଏ ସବୁ ଥିଲା ଲୁଣବସ୍ତା ।

ତିନି

ପଣ୍ଡିତ ଅଲୋପିଦିନ ନିଜର ସୁସଜ୍ଜିତ ଯାନରେ ସବାର ହୋଇ ଅଧାଅଧା ନିଦରେ, ଶୋଇଶୋଇ ଆସୁଥିଲେ । ହଠାତ୍ କେତେକ ଗାଡ଼ିବାଲା ଘାବୁରିକରି ତାଙ୍କୁ ଆସି ଚିଆଁଇଦେଲେ ଏବଂ କହିଲେ, ''ମହାରାଜ, ଦାରୋଗା ଆମ ଗାଡ଼ିସବୁ ଅଟକାଇଛନ୍ତି ଏବଂ ଘାଟରେ ଠିଆହୋଇ ଆପଣଙ୍କୁ ଡାକୁଛନ୍ତି ।''

ପଣ୍ଡିତ ଅଲୋପିଦିନଙ୍କର ଲକ୍ଷ୍ମୀଙ୍କ ଉପରେ ଅଗାଧ ବିଶ୍ୱାସ ଥିଲା । ସେ କହୁଥିଲେ ଯେ ଖାଲି ପୃଥିବୀରେ କଅଣ, ସ୍ୱର୍ଗରେ ମଧ୍ୟ ଲକ୍ଷ୍ମୀ ରାଜତ୍ୱ କରନ୍ତି । ତାଙ୍କର ଏଭଳି କଥା ଯଥାର୍ଥ ଥିଲା । ନ୍ୟାୟ, ନୀତି ସବୁ ଲକ୍ଷ୍ମୀଙ୍କର ଖେଳନା ଅଟେ । ତାକୁ ସେ ଯେମିତି ଚାହିଁବେ, ସେମିତି ନଚାଇବେ । ସେମିତି ଶୋଇଶୋଇ ସେ ଗର୍ବର ସହିତ କହିଲେ ''ଚାଲ, ମୁଁ ଯାଉଛି ।'' ଏଇଆ କହି ପଣ୍ଡିତଜୀ ବଡ଼ ନିଶ୍ଚିନ୍ତ ତାର ସହ ପାନଡବାରୁ ପାନ ଖାଇଲେ । ତା ପରେ ଶାଲ୍ ଖଣ୍ଡେ ଦେହରେ ଘୋଡ଼ାଇ ଦାରୋଗାଙ୍କ ପାଖକୁ ଯାଇ କହିଲେ, ''ବାବୁଜୀ, ଆଶୀର୍ବାଦ କରନ୍ତୁ, ମୋର ଏଭଳି କି ଅପରାଧ ହେଲା ଯେ ଆପଣ ଗାଡ଼ିସବୁ ଅଟକାଇଦେଲେ ? ଏଇ ବ୍ରାହ୍ମଣ ଉପରେ ତ ଆପଣଙ୍କର ଟିକିଏ କୃପାଦୃଷ୍ଟି ରହିବା ଉଚିତ ।''

Digitized by srujanika@gmail.com

ବଂଶୀଧର କଠୋର ସ୍ୱରରେ କହିଲେ, ''ସରକାରୀ ହୁକୁମ ।''

ପଣ୍ଡିତ ଅଲୋପିଦିନ ହସିହସି କହିଲେ, ''ମୁଁ ସରକାରଙ୍କୁ ଜାଣେ ନାହିଁ, କି ତାଙ୍କ ହୁକୁମକୁ ଜାଣେନାହିଁ । ମୋ ସରକାର ତ ଆପଣ । ମୋର ଓ ଆପଣଙ୍କ ଭିତରେ ଏ ତ ଘରକଥା । ମୁଁ କ'ଣ କେବେ ଆପଣଙ୍କ କଥାରୁ ବାହାରିଯିବି ? ଆପଣ ଅଯଥା କାହିଁକି ଏତେ କଷ୍ଟକଲେ ? ଏମିତି କଥା ଯେ ଏ ବାଟରେ ମୁଁ ଯିବି; ଅଥଚ ସ୍ୱୟଂ ଘାଟଦେବତାଙ୍କ ପାଖରେ କିଛି ଭେଟି ଚଢ଼େଇବି ନାହିଁ ? ମୁଁ ନିଜେ ଖାଲି ଆପଣଙ୍କ ସେବା ପାଇଁ ଆସୁଥିଲି ।''

ବଂଶୀଧରଙ୍କ ଉପରେ ଐଶ୍ୱର୍ଯ୍ୟର ମୋହିନୀବଂଶୀର କିଛି ପ୍ରଭାବ ପଡ଼ିଲା ନାହିଁ । ତାଙ୍କଠାରେ ସାଧୁତାର ଏକ ନୂତନ ଉନ୍ମାଦନା ଥିଲା । ସେ କଠୋର ସ୍ୱରରେ କହିଲେ, ''ମୁଁ ସେଭଳି ନିମକ ହାରାମ ନୁହେଁ, ଯିଏ ପଇସା ଆଗରେ ନିଜର ସ୍ୱାଭିମାନକୁ ବିକ୍ରିକରିଦେବ । ଆପଣ ବର୍ତ୍ତମାନ ଅଟକବନ୍ଦୀରେ ରହିଲେ । ଆଇନ ଅନୁସାରେ ଆପଣଙ୍କୁ ଚାଲାଣ କରାଯିବ । ବାସ୍ ଆଉ ଅଧିକ କଥା କହିବାକୁ ମୋର ବେଳ ନାହିଁ । ଜମାଦାର ବଦଲୁ ସିଂହ, ତୁମେ ୟାଙ୍କୁ ହାଜତକୁ ନେଇ ଚାଲ । ମୁଁ ହୁକୁମ ଦେଉଛି ।''

ପଣ୍ଡିତ ଅଲୋପିଦିନ ସ୍ତମ୍ଭୀଭୂତ ହୋଇଗଲେ । ଗାଡ଼ିବାଲାଙ୍କ ଭିତରେ ହଇଚଇ ସୃଷ୍ଟି ହୋଇଗଲା । ପଣ୍ଡିତଙ୍କ ଜୀବନରେ ଏଭଳି କଠୋର ବାକ୍ୟ ଶୁଣିବା ଥିଲା ପ୍ରଥମ ।

ବଦଲୁ ସିଂହ ଆଗେଇ ଆସିଲା; କିନ୍ତୁ ପଣ୍ଡିତଜୀଙ୍କ ପ୍ରତାପ ଆଗରେ ତାର ସାହସ ଖଟିଲା ନାହିଁ ତାଙ୍କ ହାତ ଧରିବାକୁ । ଧନକୁ ଏଭଳି ଅନାଦର କରାଯିବା ପଣ୍ଡିତଜୀ କେବେ ଦେଖି ନଥିଲେ । ସେ ଭାବିଲେ ଏ ବର୍ତ୍ତମାନ ଗୋଟିଏ ଅମାନିଆ ଯୁବକ ଅଛି । ମୋହ-ମାୟା ଜାଲରେ ପଡ଼ିନାହିଁ । ଫୁଲାଫାଙ୍ଗୁଳିଆ ଅଛି, ସଂସାରକୁ ଚିହ୍ନିନାହିଁ । ତେଣୁ ସଂକୋଚ କରୁଛି । ସେ ଖୁବ୍ ବିନୀତ ଭାବରେ କହିଲେ, ''ବାବୁ ସାହେବ, ଏମିତି କରନ୍ତୁ ନାହିଁ । ମୁଁ ଶେଷ ହୋଇଯିବି । ମୋ ଇଜ୍ଜତ ମାଟିରେ ମିଶିଯିବ । ମୋତେ ଅପମାନିତ କରି ଆପଣ କି ଲାଭ ପାଇବେ ? ମୁଁ କ'ଣ ଆପଣଙ୍କ କଥାରୁ କିଛି ବାହାରେ ଅଛି ?''

ବଂଶୀଧର ସେଇଭଳି କଠୋର ସ୍ୱରରେ କହିଲେ, ''ମୁଁ ଏ ସବୁ କିଛି କଥା ଶୁଣିବାକୁ ଚାହେଁ ନାହିଁ ।''

ଅଲୋପିଦିନ ଯେଉଁ କୁଟାଖିଅକୁ ପଥର ଖଣ୍ଡେ ବୋଲି ଭାବୁଥିଲେ, ସେଇଟି ଯେମିତି ପାଦତଳୁ ଖସିଗଲା ଭଳି ଲାଗିଲା । ତାଙ୍କ ଧନସଂପତ୍ତି, ଐଶ୍ୱର୍ଯ୍ୟ ଏବଂ ସ୍ୱାଭିମାନ ଉପରେ ଏକ ପ୍ରଚଣ୍ଡ ଧକ୍କା ଲାଗିଗଲା; ତଥାପି ଧନର ପରିମାଣାତ୍ମକ ଶକ୍ତି ଉପରେ ଏ ପର୍ଯ୍ୟନ୍ତ ତାଙ୍କର ପୂରା ଭରସା ଥିଲା । ସେ ତାଙ୍କ ଗୁମାସ୍ତାକୁ କହିଲେ, ''ଲାଲାଜୀ, ଗୋଟିଏ ହଜାରେ ଟଙ୍କିଆ ନୋଟବିଡ଼ା ବାବୁ ସାହେବଙ୍କ ହାତରେ ଭେଟି ଦିଅ । ସେ ଏବେ ଭୋକିଲା ସିଂହ ଭଳି ହେଉଛନ୍ତି ।''

Digitized by srujanika@gmail.com

ବଂଶୀଧର ଉତ୍ତେଜିତ ହୋଇ କହିଲେ, ''ହଜାରେ କଅଣ, ଲକ୍ଷେ ବି ମୋତେ ସତ୍ୟପଥରୁ ହଟାଇ ପାରିବନାହିଁ।''

ଧର୍ମକୁ ନେଇ ଏଇ ବୁଦ୍ଧିହୀନ ଦୃଢ଼ତା ଏବଂ ଦେବଦୁର୍ଲ୍ଲଭ ତ୍ୟାଗ ମଧ୍ୟରେ ମନ ବହୁତ ଆନ୍ଦୋଳିତ ହେଲା। ଏବେ ଦୁଇଟିଯାକ ଶକ୍ତି ମଧ୍ୟରେ ସଂଗ୍ରାମ ଲାଗିଗଲା । ଧନ କୁଦାମାରି ଆକ୍ରମଣ ଆରମ୍ଭ କରିଦେଲା । ଏକରୁ ପାଞ୍ଚ, ପାଞ୍ଚରୁ ଦଶ, ଦଶରୁ ପନ୍ଦର ଏବଂ ପନ୍ଦରରୁ କୋଡ଼ିଏ ହଜାର ପର୍ଯ୍ୟନ୍ତ ଯଚାଗଲା; କିନ୍ତୁ ଅପର ପକ୍ଷରେ ଧର୍ମ ତାର ଅଲୌକିକ ବୀରତ୍ୱର ସହିତ ଏହି ବହୁସଂଖ୍ୟକ ସୈନ୍ୟଙ୍କ ସମ୍ମୁଖରେ ଏକାକୀ ପର୍ବତ ଭଳି ଅଟଳ ଓ ଅବିଚଳିତ ଭାବେ ଠିଆହୋଇଥିଲା ।

ଅଲୋପିଦିନ ନିରାଶ ହୋଇ କହିଲେ, ''ଏତିକିରୁ ଆଉ ଅଧିକ ଯିବାକୁ ମୋର ସାହସ ନାହିଁ । ଏଣିକି ଆପଣଙ୍କ ଇଚ୍ଛା ।''

ବଂଶୀଧର ନିଜର ଜମାଦାରକୁ ପାଟିକରି ଡାକିଲେ । ବଦଲୁ ସିଂହ ମନେମନେ ଦାରୋଗାକୁ ଗାଳିଦେଇ ପଣ୍ଡିତ ଅଲୋପିଦିନଙ୍କ ଆଡ଼କୁ ଆଗେଇଗଲା । ପଣ୍ଡିତେ ହଡ଼ବଡ଼େଇ ଦୁଇତିନି ପାଦ ପଛକୁ ହଟିଗଲେ । ସେ ଅତି ବିନୀତ ଭାବରେ କହିଲେ, ''ବାବୁ ସାହେବ, ଭଗବାନଙ୍କ ନାଆଁରେ ମୋତେ ଟିକିଏ ଦୟା କରନ୍ତୁ । ମୁଁ ପଚିଶ ହଜାର ଟଙ୍କାରେ ଫଇସଲା କରିବାକୁ ପ୍ରସ୍ତୁତ ଅଛି ।''

''ଅସମ୍ଭବ କଥା ।''

''ତିରିଶ ହଜାର ?''

''କୌଣସିମତେ ନୁହେଁ ।''

''ଚାଳିଶ ହଜାରରେ ହେବନାହିଁ ?''

''ଚାଳିଶ ହଜାରରେ ନୁହେଁ, ଚାଳିଶ ଲକ୍ଷରେ ମଧ୍ୟ ନୁହେଁ । ବଦଲୁ ସିଂହ, ଏଇ ଲୋକଟାକୁ ଏବେ ହାଜତକୁ ନେଇଯାଅ । ମୁଁ ଆଉ ଅଧିକ ଗୋଟିଏ ବି ବାକ୍ୟ ଶୁଣିବାକୁ ଚାହେଁନାହିଁ ।''

ଧର୍ମ, ଧନକୁ ପାଦରେ ଦଳିଦେଲା । ଅଲୋପିଦିନ ଦେଖିଲେ, ଗୋଟାଏ ମୋଟାସୋଟା ଲୋକ ହାତକଡ଼ି ଧରି ତାଙ୍କରି ଆଡ଼କୁ ଆଗେଇ ଆସୁଛି । ସେ ନିରାଶ ଓ କାତର ଦୃଷ୍ଟିରେ ଚାରିଆଡ଼କୁ ଚାହିଁଲେ । ତା ପରେ ମୂର୍ଚ୍ଛାହୋଇ ତଳେ ପଡ଼ିଗଲେ ।

ଚାରି

ଦୁନିଆ ଶୋଇଥିଲା; ହେଲେ ଦୁନିଆର ଜିଭ ଚେଇଁଥିଲା । ସକାଳୁ ସକାଳୁ ଦେଖାଗଲା ଆବାଳବୃଦ୍ଧବନିତା ସମସ୍ତଙ୍କ ତୁଣ୍ଡରେ ସେଇ କଥା । ଯାହାକୁ ଦେଖିବ, ସିଏ ପଣ୍ଡିତଙ୍କ ଏ କାରବାର ଉପରେ ଟିପ୍ପଣୀ ଟିପ୍ପଣୀ କରୁଥିଲା, ନିନ୍ଦା ବର୍ଷଣ କରୁଥିଲା ।

Digitized by srujanika@gmail.com

ମନେହେଉଥିଲା, ସଂସାରରୁ ଯେମିତି ଏବେ ପାପୀର ପାପ ଦୂର ହୋଇଗଲା । ଦୁଧ ନାଆଁରେ ପାଣି ବିକୁଥିବା ଗଉଡ଼, କାଳ୍ପନିକ ଡାଏରୀ ଲେଖୁଥିବା ଅଫିସରବର୍ଗ, ରେଳରେ ବିନା-ଟିକେଟରେ ଯାତ୍ରାକରୁଥିବା ବାବୁମାନେ, ଜାଲ କାଗଜପତ୍ର ତିଆରି କରୁଥିବା ସେଠ ଓ ସାହୁକାରମାନେ, ସମସ୍ତେ ଏଠାରେ ଦେବତାଙ୍କ ଭଳି ଗର୍ଦ୍ଦନ ଫୁଲାଇ ଚାଲୁଥିଲେ । ପରଦିନ ଯେତେବେଳେ ପଣ୍ଡିତ ଅଲୋପିଦିନ ଅଭିଯୁକ୍ତ ହୋଇ କନେଷ୍ଟବଲ ପହରାରେ ହାତକଡ଼ି ପିନ୍ଧି, ହୃଦୟରେ ଗ୍ଲାନି ଓ କ୍ଷୋଭ ଭରି, ଲଜ୍ଜାରେ ମୁଣ୍ଡ ନୁଆଁଇ ଅଦାଲତକୁ ଚାଲିଲେ, ସାରା ସହରରେ ଗୋଟାଏ ହଇଚଇ ସୃଷ୍ଟି ହୋଇଗଲା । ମେଳା ଦେଖିବାରେ ଲୋକଙ୍କର ଏତେ ବ୍ୟଗ୍ରତା ନଥିବ । ଭିଡ଼ ଯୋଗୁଁ ଛାତ ଓ ପାଚେରୀର କିଛି ବିଚାର ନଥିଲା ।

କିନ୍ତୁ ଅଦାଲତରେ ହାଜର ହେବାରେ ଡେରି ଥିଲା । କାରଣ ପଣ୍ଡିତ ଅଲୋପିଦିନ ଏଇ ଘଞ୍ଚଅରଣ୍ୟର ସିଂହ ଥିଲେ । ଅଫିସରମାନେ ଥିଲେ ତାଙ୍କ ଭକ୍ତ, ଅମଲାମାନେ ତାଙ୍କର ସେବକ, ଓକିଲ ମୁକ୍ତାରମାନେ ତାଙ୍କର ଆଜ୍ଞାବହ ଏବଂ ଅର୍ଦ୍ଦଳି, ଚପରାସୀ ତଥା ଚୌକିଦାରମାନେ ତ ବିନା ପଇସାରେ ତାଙ୍କର ଗୋଲାମି କରୁଥିଲେ । ତାଙ୍କୁ ଦେଖିବାକୁ ଚାରିଆଡ୍ରୁ ଲୋକ ଧାଇଁଲେ । ପ୍ରତ୍ୟେକ ଲୋକ ଆଶ୍ଚର୍ଯ୍ୟ ହେଉଥିଲେ । କାରଣଟା ଏଇଆ ନୁହେଁ ଯେ ଅଲୋପିଦିନ ଏଭଳି ବେଆଇନ କାମ କରୁଥିଲେ, ବରଂ ସେ ଆଇନର ପଞ୍ଜା ଭିତରକୁ ଆସିଲେ କେମିତି ? ଏଭଳି ଜଣେ ମନୁଷ୍ୟ, ଯାହା ପାଖରେ ଅସାଧକୁ ସାଧନ କଲାଭଳି ଧନ ଏବଂ ଅନନ୍ୟ ବାକ୍‌ଚାତୁରୀ ଅଛି, ସେ କିଭଳି ଆଇନର ପଞ୍ଜା ଭିତରକୁ ଖସିଗଲେ ? ପ୍ରତ୍ୟେକ ଲୋକ ତାଙ୍କ ପ୍ରତି ସହାନୁଭୂତି ପ୍ରକାଶ କରୁଥିଲେ । ଏହି ଆକ୍ରମଣକୁ ପ୍ରତିହତ କରିବାପାଇଁ ବଡ଼ ତତ୍ପରତାର ସହିତ ଓକିଲମାନଙ୍କର ଏକ ପଲଟଣ ତିଆରି କରାଗଲା । ନ୍ୟାୟର ମଇଦାନରେ ଧର୍ମ ଓ ଧନ ମଧ୍ୟରେ ଲଢ଼େଇ ସୁନିଶ୍ଚିତ ହୋଇଗଲା । ବଂଶୀଧର ଚୁପ୍‌ଚାପ୍ ଠିଆହୋଇଥିଲେ । ତାଙ୍କ ପାଖରେ ସତ୍ୟ ଛଡ଼ା ନା ଆଉ କିଛି ବଳ ଥିଲା, ନା ସ୍ପଷ୍ଟ ଭାଷଣ ଛଡ଼ା ଆଉ କିଛି ଶସ୍ତ୍ର । ସାକ୍ଷୀମାନେ ଥିଲେ; କିନ୍ତୁ ଲୋଭବଶତଃ ସେମାନେ ସମସ୍ତେ ଟଳମଳ ।

ମୁନ୍‌ସୀଙ୍କୁ ଏ ପର୍ଯ୍ୟନ୍ତ ଜଣାପଡୁଥିଲା, ନ୍ୟାୟ ତାଙ୍କରି ସପକ୍ଷରେ ଯିବ । ଏହା ଥିଲା ନ୍ୟାୟ ଦରବାର; କିନ୍ତୁ ସେଠାର କର୍ମଚାରୀମାନଙ୍କୁ ପକ୍ଷପାତିତାର ନିଶା କାବୁକରି ନେଇଥିଲା । ପକ୍ଷପାତିତା ଓ ନ୍ୟାୟ ମଧ୍ୟରେ ମେଳ କେଉଁଠି ଅଛି ? ଯେଉଁଠି ପକ୍ଷପାତିତା ଅଛି, ସେଠାରେ ନ୍ୟାୟର କଳ୍ପନା ମଧ୍ୟ କରାଯାଇ ନପାରେ । ମକଦ୍ଦମା ଖୁବ୍ ଜଲ୍‌ଦି ସମାପ୍ତ ହୋଇଗଲା । ଡେପୁଟୀ ମାଜିଷ୍ଟ୍ରେଟ ତାଙ୍କ ରାୟରେ ଲେଖିଲେ, ''ପଣ୍ଡିତ ଅଲୋପିଦିନଙ୍କ ବିରୋଧରେ ଦିଆଯାଇଥିବା ପ୍ରମାଣ ଭିତ୍ତିହୀନ ଏବଂ ଭ୍ରମାତ୍ମକ । ସେ ଜଣେ ଖୁବ୍ ବିଶିଷ୍ଟ ଲୋକ । ଏକଥା କଳ୍ପନାର ବାହାରେ ଯେ ସାମାନ୍ୟ କିଛି ଲାଭ

Digitized by srujanika@gmail.com

ଆଶାରେ ସେ ଏଭଳି ଦୁଃସାହସ କରିବେ । ଯଦ୍ୟପି ନିମକ ଦାରୋଗା ମୁନ୍‌ସୀ ବଂଶୀଧରଙ୍କର ଏ କ୍ଷେତ୍ରରେ ଅଧିକ ଦୋଷ ନାହିଁ; ତଥାପି ଏହା ଅତ୍ୟନ୍ତ ଦୁଃଖର କଥା ଯେ ତାଙ୍କରି ଉଦ୍ଦଣ୍ଡତା ଏବଂ ବିଚାରହୀନତା କାରଣରୁ ଜଣେ ଉତ୍ତମ ମଣିଷକୁ କଷ୍ଟ ଭୋଗିବାକୁ ପଡ଼ିଲା । ମୁଁ ଖୁସି ଯେ ସେ ନିଜ କର୍ତ୍ତବ୍ୟରେ ସଜାଗ ଓ ସଚେତ ଅଛନ୍ତି; କିନ୍ତୁ ନମକ ଅପେକ୍ଷା ମକଦ୍ଦମା ପ୍ରତି ଥିବା ଅଧିକ କୃତଜ୍ଞତା ତାଙ୍କ ବିବେକ ବୁଦ୍ଧିକୁ ନଷ୍ଟଭ୍ରଷ୍ଟ କରିଦେଇଛି । ଭବିଷ୍ୟତରେ ସେ ସତର୍କ ରହିବା ଉଚିତ ।''

ଓକିଲମାନେ ଏଇ ଫଇସଲା ଶୁଣି ଖୁସିରେ ଉଛୁଳି ପଡ଼ିଲେ । ପଣ୍ଡିତ ଅଲୋପିଦିନ ହସିହସି ବାହାରକୁ ବାହାରି ଆସିଲେ । ବନ୍ଧୁବାନ୍ଧବ ଏବଂ ଆତ୍ମୀୟମାନେ ତାଙ୍କଠାରୁ ବେଶ୍ ଟଙ୍କା ଝଡ଼େଇଲେ । ଉଦାରତାର ସାଗର ଉଛୁଳି ଉଠିଲା । ତାହାରି ଲହଡ଼ିରେ ଅଦାଲତର ଭିତ୍ତି ଦୋହଲିଗଲା । ବଂଶୀଧର ଯେତେବେଳେ ବାହାରକୁ ଆସିଲେ, ଚତୁର୍ଦ୍ଦିଗରୁ ତାଙ୍କ ଉପରେ ବ୍ୟଙ୍ଗବାଣ ବର୍ଷଣ ହେବାକୁ ଲାଗିଲା । ଚପରାସୀମାନେ ମୁଣ୍ଡ ନୁଆଁଇ ସଲାମ କଲେ; କିନ୍ତୁ ସେତେବେଳେ ପଦେପଦେ କଟୁବାକ୍ୟ, ଗୋଟିଏ ଗୋଟିଏ ଇଙ୍ଗିତ ତାଙ୍କ ଗର୍ବାଗ୍ନିକୁ ପ୍ରଜ୍ୱଳିତ କରୁଥିଲା । କ୍ୱଚିତ ସେ ଏଇ ମକଦ୍ଦମାରେ ସଫଳ ହୋଇ ଦର୍ପର ସହିତ ଚାଲିଥାଆନ୍ତେ । ଆଜି ତାଙ୍କୁ ସଂସାରର ଏକ ବିଷାଦଜନକ ଅନୁଭୂତି ହେଲା । ନ୍ୟାୟ ଏବଂ ବିଦ୍‌ବତ୍ତା, ଲମ୍ବାଚୌଡ଼ା ଉପାଧି, ବଡ଼ବଡ଼ ଦାଢ଼ି, ଢିଲା ଚୋଗା, କେହି ଗୋଟିଏ ହେଲେ ପ୍ରକୃତ ଆଦରର ସାମଗ୍ରୀ ନୁହେଁ ।

ବଂଶୀଧର ଧନ ଅପେକ୍ଷା ଶତ୍ରୁତାକୁ ମୂଲେଇ ନେଇଥିଲେ । ତାର ମୂଲ୍ୟଦେବା ଅନିବାର୍ଯ୍ୟ ଥିଲା । ଦୁଃଖରେ ଗୋଟିଏ ସପ୍ତାହ କଟିଛି କି ନାହିଁ, ନିଲମ୍ବନ ଆଦେଶ ଆସି ପହଞ୍ଚିଗଲା । କର୍ତ୍ତବ୍ୟପରାୟଣତାର ଦଣ୍ଡ ମିଳିଗଲା । ସେ ବିଚରା ଭଗ୍ନ ହୃଦୟ, ଶୋକ ଓ ଦୁଃଖରେ ବ୍ୟଥିତ ହୋଇ ଘରକୁ ଚାଲିଗଲେ । ବୁଢ଼ା ମୁନ୍‌ସୀ ତ ପ୍ରଥମରୁ ଚିଡ଼ିଚିଡ଼ି ହେଉଥିଲେ ଯେ ଏ ପିଲାକୁ ସବୁବେଳେ କହୁଥିଲି, ବୁଝାଉଥିଲି; ହେଲେ ସେ କିଛି ବି ମାନିଲାନାହିଁ, ମନମୁଖୀ କାମ କଲା । ମୁଁ ତ ଲୋକମାନଙ୍କର ଅନୁରୋଧ ସମ୍ଭାଳିଲି । ଆଜି ବୁଢ଼ା ବୟସରେ ଘରେ ସାଧୁ ହୋଇ ବସିଛି । ସେଠାରେ ଥିଲା ସେଇ ଶୁଖିଲା ଦରମାଗଣ୍ଡାକ । ମୁଁ ବି ତ ଚାକିରି କରିଥିଲି, କୌଣସି ବଡ଼ ହାକିମ ନଥିଲି; କିନ୍ତୁ କାମ କଲି, ମନ ଖୋଲିକରି କଲି । ତୁମେ ଏବେ ସତ୍ୟବାଦୀ ହେବାକୁ ବାହାରିଛ । ଘରେ ପଛେ ଆଲୁଅ ଜଳିବାକୁ ନ ଥାଉ, ତେଣେ ମସ୍‌ଜିଦରେ ଅବଶ୍ୟ ଦୀପ ଜଳାଇବ । ଏଇ କଥାରେ ଦୁଃଖ ଲାଗୁଛି । ପଢ଼ାଲେଖା ସବୁ ଅକାରଣ ହୋଇଗଲା ।

ଏହାର କିଛିଦିନ ପରେ ଯେତେବେଳେ ମୁନ୍‌ସୀ ବଂଶୀଧର ଏଇଭଳି ଦୁର୍ଦ୍ଦିନରେ ଆସି ଘରେ ପହଞ୍ଚିଲେ, ବୁଢ଼ା ବାପ ଖବର ଶୁଣୁଶୁଣୁ ମୁଣ୍ଡ ପିଟିବାକୁ ଲାଗିଲେ । କହିଲେ,

Digitized by srujanika@gmail.com

''ମନ ହେଉଛି, ତୋର ଓ ମୋର ଦୁଇଜଣଙ୍କର ମୁଣ୍ଡ ଫଟାଇଦେବି ।'' ବହୁ ସମୟ ପର୍ଯ୍ୟନ୍ତ ହାତ ଘଷିଘଷି ଅନୁତାପ କରୁଥିଲେ । କ୍ରୋଧରେ କିଛି କଠୋର ବାକ୍ୟ ଶୁଣାଇଲେ । ସେଠାରୁ ଯଦି ବଂଶୀଧର ଚାଲିଯାଇ ନ ଥାନ୍ତେ, ତେବେ ସେ କ୍ରୋଧ ଆହୁରି ଭୟଙ୍କର ରୂପ ଧାରଣ କରିଥାଆନ୍ତା, ବୁଢ଼ୀମାଆଙ୍କୁ ମଧ ଖୁବ୍ ଦୁଃଖ ଲାଗିଲା । ପୁରୀ ଶ୍ରୀଜଗନ୍ନାଥ ଏବଂ ରାମେଶ୍ୱର ଯାତ୍ରା କରିବାର ଇଚ୍ଛା ମାଟିରେ ମିଶିଗଲା । ସ୍ତ୍ରୀ ତ ବହୁଦିନ ପର୍ଯ୍ୟନ୍ତ ସିଧା ମୁହଁରେ କଥା କହିଲେ ନାହିଁ ।

ଏମିତି ସପ୍ତାହେକାଳ ଚାଲିଗଲା । ସନ୍ଧ୍ୟା ସମୟ । ବୁଢ଼ା ମୁନ୍‌ସୀ ବସି ରାମନାମ ମାଳା ଜପୁଥାଆନ୍ତି । ଏତିକିବେଳେ ତାଙ୍କ ଦୁଆରମୁହଁରେ ଆସି ଏକ ସୁନ୍ଦର ଓ ସୁସଜ୍ଜିତ ଯାନ ଅଟକିଲା । ଶାଗୁଆ ଓ ଗୋଲାପୀ ରଙ୍ଗର ପରଦା, ପଚ୍ଛିମା ବଳଦ ଯୋଡ଼ି, ତାଙ୍କ ବେକରେ ଲାଗିଛି ନୀଳରଙ୍ଗର ଫିତା, ଶିଙ୍ଗରେ ପୁଣି ପିତଳ ଛାଆଣି ହୋଇଛି । କେତୋଟି ଚାକର କାନ୍ଧରେ ଠେଙ୍ଗା ପକାଇ ସାଙ୍ଗରେ ଅଛନ୍ତି । ବୁଢ଼ା ମୁନ୍‌ସୀ ଦେଖିପକାଇ ଆଗପଟକୁ ଦୌଡ଼ିଗଲେ । ଦେଖିଲେ, ପଣ୍ଡିତ ଅଲୋପିଦିନ । ନଇଁକରି ତାଙ୍କୁ ଦଣ୍ଡବତ କଲେ । ବେଶ୍ ଚିକ୍କଣ ଭାଷାରେ କହିଲେ, ''ମୋର ଆଜି ଭାଗ୍ୟ ଉଦୟ ହୋଇଗଲା, ଆପଣଙ୍କ ପାଦ ମୋ ଦୁଆରେ ପଡ଼ିଲା । ଆପଣ ଆମର ପୂଜ୍ୟ ଦେବତା । ଆପଣଙ୍କୁ ମୁଁ କିଭଳି ମୁହଁ ଦେଖାଇବି ? ମୁହଁରେ ତ କାଳି ଲାଗିଯାଇଛି; ହେଲେ କ'ଣ କରିବି ? ପିଲାଟା ତ ହତଭାଗା, କୁଳାଙ୍ଗାର, ନହେଲେ ଆପଣଙ୍କ ପାଖରେ କାହିଁକି ମୁହଁ ଲୁଚାଇବାକୁ ପଡ଼ିଥାଆନ୍ତା ? ଭଗବାନ ବରଂ ନିଃସନ୍ତାନ କରି ରଖିଥାଆନ୍ତେ, ଏଭଳି ପୁଅ ଦେଇ ନଥାନ୍ତେ ।''

ଅଲୋପିଦିନ କହିଲେ, ''ନାଇଁ ଭାଇ, ସେମିତି କଥା କହନ୍ତୁନାହିଁ ।''

ମୁନ୍‌ସୀ ଆଶ୍ଚର୍ଯ୍ୟ ହୋଇ କହିଲେ, ''ଏମିତି ପୁଅକୁ ଆଉ କ'ଣ କହିବି ?''

ଅଲୋପିଦିନ ବାତ୍ସଲ୍ୟପୂର୍ଣ୍ଣ ସ୍ୱରରେ କହିଲେ, ''କୁଳତିଳକ ଏବଂ ପୂର୍ବପୁରୁଷଙ୍କର ନାମ ଉଜ୍ଜ୍ୱଳ କରିବା ଭଳି ସଂସାରରେ ଏଭଳି କେତେଜଣ ମନୁଷ୍ୟ ଅଛନ୍ତି, ଯିଏ ଧର୍ମ ପାଇଁ ନିଜର ସବୁ କିଛି ଅର୍ପଣ କରିପାରିବେ ?''

ପଣ୍ଡିତ ଅଲୋପିଦିନ ବଂଶୀଧରଙ୍କୁ କହିଲେ, ''ଦାରୋଗାଜୀ, ଏହାକୁ ମୋର ଖୁସାମଦ ବୋଲି ଭାବନ୍ତୁ ନାହିଁ । ଖୁସାମଦ କରିବାପାଇଁ ମୋତେ ଏତେ କଷ୍ଟକରି ଆସିବା ଦରକାର ନଥିଲା । ସେଦିନ ରାତିରେ ଆପଣ ଆପଣଙ୍କର ଅଧିକାର ବଳରେ ମୋତେ ହାଜତକୁ ନେଇଥିଲେ । ଆଜି କିନ୍ତୁ ମୁଁ ସ୍ୱଇଚ୍ଛାରେ ଆପଣଙ୍କ ହାଜତକୁ ଆସିଛି । ମୁଁ ହଜାର ହଜାର ଧନୀ, ଅମୀର ଦେଖିଛି । ହଜାର ହଜାର ଉଚ୍ଚ ପଦାଧିକାରୀଙ୍କ ପାଖରେ ମୋର କାମ ପଡ଼ିଛି; କିନ୍ତୁ ଆପଣ ହିଁ ମୋତେ ପରାସ୍ତ କରିଛନ୍ତି । ମୁଁ ସମସ୍ତଙ୍କୁ ମୋର ଓ ମୋ ଧନର ଗୋଲାମ କରି ଛାଡ଼ିଦେଇଛି । ମୋତେ ଆଜ୍ଞା ଦିଅନ୍ତୁ, ମୁଁ ଆପଣଙ୍କ ପାଖରେ କିଛି ପ୍ରାର୍ଥନା କରିବି ।''

Digitized by srujanika@gmail.com

ବଂଶୀଧର ଅଲୋପିଦିନ ଆସୁଥିବାର ଦେଖି ଉଠିଯାଇ ତାଙ୍କୁ ଯଥାଯୋଗ୍ୟ ସମ୍ମାନ ଜଣାଇଲେ; କିନ୍ତୁ ସ୍ୱାଭିମାନର ସହ । ସେ ଭାବିନେଲେ ଯେ ଏ ମହାଶୟ ଆସିଛନ୍ତି ମୋତେ ଲଜ୍ଜିତ କରିବାକୁ, ଅପମାନିତ କରିବାକୁ । ସେ ତ କ୍ଷମା ପ୍ରାର୍ଥନା ପାଇଁ ଚେଷ୍ଟାକଲେ ନାହିଁ ; ବରଂ ପିତାଙ୍କର ଏଭଳି ଖୋସାମଦିଆ କଥା ତାଙ୍କୁ ଅସହ୍ୟ ବୋଧହେଲା । ମାତ୍ର ପଣ୍ଡିତଜୀଙ୍କ କଥା ଶୁଣି ତାଙ୍କ ମନର ମଇଳା ଧୋଇଗଲା । ପଣ୍ଡିତଜୀଙ୍କ ଆଡ଼କୁ ସେ ଉଦାସ ଦୃଷ୍ଟିରେ ଚାହିଁଲେ । ତାଙ୍କଠାରେ ସଦ୍‌ଭାବର ଚିହ୍ନ ଝଲକୁଥିଲା । ଲଜ୍ଜା ସମ୍ମୁଖରେ ଆତ୍ମଗର୍ବ ଏବେ ମୁଣ୍ଡ ନୁଆଁଇ ଦେଲା ।

ସେ ସଂକୁଚିତ ଭାବରେ କହିଲେ, ''ଆପଣ ଯେ ଏଭଳି କଥା କହୁଛନ୍ତି, ଏହା ହେଉଛି ଆପଣଙ୍କର ଉଦାରତା । ମୁଁ ଯାହା କିଛି ଅଶିଷ୍ଟତା କରିଛି ସେଥିପାଇଁ ମୋତେ କ୍ଷମା କରିଦିଅନ୍ତୁ । ମୁଁ ଧର୍ମର ବେଡ଼ିରେ ବାନ୍ଧିହୋଇଥିଲି । ନ ହେଲେ ତ ମୁଁ ଆପଣଙ୍କର ଦାସ । ଯାହା ଆପଣଙ୍କର ଆଜ୍ଞା ହେବ, ତାହା ମୋର ଶିରୋଧାର୍ଯ୍ୟ ।''

ଅଲୋପିଦିନ ବିନୀତ ଭାବରେ କହିଲେ, ''ନଦୀକୂଳରେ ଆପଣ ସେଦିନ ମୋର ପ୍ରାର୍ଥନା ଗ୍ରହଣ କରିନଥିଲେ । ଆଜି କିନ୍ତୁ ଗ୍ରହଣ କରିବାକୁ ପଡ଼ିବ ।''

ବଂଶୀଧର କହିଲେ, ''ମୋର କି ଯୋଗ୍ୟତା ଅଛି ? ତଥାପି ମୋ ଦ୍ୱାରା ଯାହା କିଛି ସେବା ହୋଇପାରିବ, ସେଥିରେ ତ୍ରୁଟି ରହିବନାହିଁ ।''

ଅଲୋପିଦିନ ଗୋଟିଏ ଷ୍ଟାମ୍ପଲଗା କାଗଜ ବାହାରକଲେ ଏବଂ ସେଇଟିକୁ ବଂଶୀଧର ଆଗରେ ରଖିଦେଇ କହିଲେ, ''ଏଇ ପଦବୀକୁ ସ୍ୱୀକାର କରନ୍ତୁ ଏବଂ ଏଥିରେ ଦସ୍ତଖତ କରନ୍ତୁ । ମୁଁ ବ୍ରାହ୍ମଣ, ଯେ ପର୍ଯ୍ୟନ୍ତ ମୋର ଏଇ ଇଚ୍ଛା ଆପଣ ପୂରଣ ନ କରିଛନ୍ତି, ସେ ପର୍ଯ୍ୟନ୍ତ ମୁଁ ଦୁଆରମୁହଁରୁ ଉଠିବିନାହିଁ ।''

ମୁନ୍‌ସୀ ବଂଶୀଧର ସେଇ କାଗଜ ଖଣ୍ଡିକ ପଢ଼ିଲେ ଏବଂ ପଢ଼ିସାରିବା ପରେ ତାଙ୍କ ଆଖି ଛଳଛଳ ହୋଇଉଠିଲା । ପଣ୍ଡିତ ଅଲୋପିଦିନ ତାଙ୍କୁ ନିଜର ସମସ୍ତ ସଂପତ୍ତିର ସ୍ଥାୟୀ ମ୍ୟାନେଜର ନିଯୁକ୍ତ କରିଦେଇଛନ୍ତି । ବର୍ଷକୁ ଛ' ହଜାର ଟଙ୍କା ବେତନ ସହିତ ଖୋରାକ ପୋଷାକ ଖର୍ଚ୍ଚ ଅଲଗା, ସବାରି ପାଇଁ ଘୋଡ଼ା, ରହିବାକୁ ବଙ୍ଗଳା, ଚାକର ପୂଝାରୀ ମାଗଣା । ସେ ଥରଥର କଣ୍ଠରେ କହିଲେ, ''ପଣ୍ଡିତଜୀ, ମୋର ଏତେ ଶକ୍ତି ନାହିଁ ଯେ ଆପଣଙ୍କ ଏଇ ଉଦାରତାର ମୁଁ ପ୍ରଶଂସା କରିପାରିବି । ଏଭଳି ଏକ ଉଚ୍ଚପଦ ପାଇଁ ମୁଁ ଯୋଗ୍ୟ ନୁହେଁ ।''

ଅଲୋପିଦିନ ହସିହସି କହିଲେ, ''ମୋର ତ ଏବେ ଗୋଟିଏ ଅଯୋଗ୍ୟ ମଣିଷର ଆବଶ୍ୟକତା ଅଛି ।''

ବଂଶୀଧର ଗମ୍ଭୀର ଭାବରେ କହିଲେ, ''ମୁଁ ତ ଆପଣଙ୍କ ଦାସ । ଆପଣଙ୍କ ଭଳି ଜଣେ କୀର୍ତ୍ତିମାନ, ସଜ୍ଜନ ପୁରୁଷଙ୍କର ସେବାକରିବା ମୋ ପକ୍ଷେ କମ୍ ସୌଭାଗ୍ୟର କଥା ନୁହେଁ; ହେଲେ ମୋର ସେଭଳି ବିଦ୍ୟା ନାହିଁ କି ବୁଦ୍ଧି ନାହିଁ । ନା ସେଭଳି ସ୍ୱଭାବ

Digitized by srujanika@gmail.com

ଅଛି, ଯାହା ସେଇ ଅଭାବକୁ ପୂରଣ କରିଦେବ । ଏଭଳି ମହାନ କାର୍ଯ୍ୟ ପାଇଁ ଜଣେ ବିଜ୍ଞ, ଅନୁଭବୀ ଲୋକ ଆବଶ୍ୟକ ।''

ଅଲୋପିଦିନ କଲମଦାନିରୁ କଲମ ବାହାର କରି ବଂଶୀଧରଙ୍କ ହାତରେ ଧରାଇଦେଇ କହିଲେ, ''ମୋର ନା ଦରକାର ବିଦ୍ୱତ୍ତା, ନା ଅନୁଭବ, ନା ବିଜ୍ଞତା, ନା କାର୍ଯ୍ୟକୁଶଳତା । ସେ ସବୁପ୍ରକାର ଗୁଣର; ମହତ୍ତ୍ୱର ଢେର ପରିଚୟ ପାଇସାରିଛି । ଏବେ ସୌଭାଗ୍ୟ ଏବଂ ସୁଯୋଗ ମୋତେ ଏଭଳି ରତ୍ନଟିଏ ଦେଇଛି, ଯାହା ଆଗରେ ଯୋଗ୍ୟତା ଓ ବିଦ୍ୱତ୍ତାର ଜ୍ୟୋତି ମଉଳି ଯାଇଛି । ନିଅନ୍ତୁ ଏଇ କଲମ, ଅଧିକ ଭାବିଚିନ୍ତି ହୁଅନ୍ତୁନାହିଁ, ଦସ୍ତଖତ କରିଦିଅନ୍ତୁ । ପରମାତ୍ମାଙ୍କ ପାଖରେ ଏଇ ପ୍ରାର୍ଥନା, ସେ ସବୁବେଳେ ଆପଣଙ୍କୁ ସେଦିନର ସେଇ ନଈକୂଳର ଅନୁଦାର, ଉଦ୍ଦଣ୍ଡ, କଠୋର, ଅଧିକନ୍ତୁ ଧର୍ମନିଷ୍ଠ ଦାରୋଗା କରି ରଖନ୍ତୁ ।''

ବଂଶୀଧରଙ୍କ ଆଖି ଛଳଛଳ ହୋଇଗଲା । ହୃଦୟର ସଂକୁଚିତ ପାତ୍ରରେ ଏତେ ପ୍ରତିଦାନ ସମ୍ଭାଳି ହେଲାନାହିଁ । ପୁଣି ଥରେ ସେ ପଣ୍ଡିତଜୀଙ୍କ ଆଡ଼କୁ ଭକ୍ତି ଓ ଶ୍ରଦ୍ଧାପୂର୍ଣ୍ଣ ଦୃଷ୍ଟିରେ ଚାହିଁଲେ ଏବଂ କମ୍ପିତ ହସ୍ତରେ ମେନେଜେରୀ ପଦରେ ଦସ୍ତଖତ କରିଦେଲେ ।

ପଣ୍ଡିତ ଅଲୋପିଦିନ ଉଦ୍‌ଫୁଲ୍ଲ ହୃଦୟରେ ତାଙ୍କୁ କୁଣ୍ଢାଇ ପକାଇଲେ ।



Digitized by srujanika@gmail.com

Printed at Shivam Offset Press, A-12/1 Naraina Indl. Area, Phase-I, New Delhi-110 028

Digitized by srujanika@gmail.com

ଟ. 40.00 ISBN 81-237-4804-X
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com